# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ନଭେମ୍ବର ୧୩/୨୦୧୯ (୧୬ ପୃଷ୍ଠା + ସାହିତ୍ୟାୟନ) Sambalpur, Wednesday, November 13 / 2019 | ★★

୧୫ଶ ଭାଗ ୩୨୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



## ନିଜର ଆଲର୍ଜି ପରୀକ୍ଷା କରାନ୍ତୁ

**ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ**

ଶୀଘ୍ର ଚିହ୍ନଟ ଦ୍ୱାରା ଚିକିତ୍ସା ସମ୍ଭବ

## ଅଧାରୁ କମ୍ ଦରରେ

**ବଲାଙ୍ଗୀର, ସୋନପୁର, ଭବାନୀପାଟଣା, ସୋହେଲା, ଝାରସୁଗୁଡ଼ା, ରାଉରକେଲା, ସମ୍ବଲପୁର, ବୁର୍ଲାରେ କରାନ୍ତୁ**

ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂର କଲେକ୍ସନ୍ ସେଣ୍ଟର ବଲାଙ୍ଗୀର, ରାଉରକେଲା, ସୋନପୁର, ଭବାନୀପାଟଣା, ସୋହେଲା, ଝାରସୁଗୁଡ଼ା, ମୋଦିପଡ଼ା, ସମ୍ବଲପୁର, ବୁର୍ଲାରେ 15, 16, 17 ଓ 18 ନଭେମ୍ବର ଦିନ ସକାଳ ୨ରୁ ଅପରାହ୍ନ 5 ଘଟିକା ପର୍ଯ୍ୟନ୍ତ **(complete Allergy Test - Food, Skin, Inhalant)** ଆଲର୍ଜି ପରୀକ୍ଷା ଅଧାରୁ କମ୍ ରେଟ୍‌ରେ କରାଯିବ। ଆଲର୍ଜି ଏକ ଏପରି ରୋଗ, ଯାହାକୁ ଶୀଘ୍ର ଚିହ୍ନଟ କରାଗଲେ ତାହାର ଚିକିତ୍ସା ସମ୍ଭବ ହୋଇଥାଏ।

ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି, କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି । ସେ ସୂଚନା ଦେଇଛନ୍ତି ଯେ ଏହି ଟେଷ୍ଟ୍ ଏକ ବିଶେଷ ଧରଣର ମେଶିନ୍ ଦ୍ୱାରା ହୋଇଥାଏ, ଯାହାକି ତାଙ୍କ ଲ୍ୟାବ୍‌ରେ ସ୍ଥାପିତ ଅଟେ ।

## ଆଲର୍ଜି କ'ଣ ଆସନ୍ତୁ ଜାଣିବା

ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ ସେ ମହିଳା ହୁଅନ୍ତୁ କି ପୁରୁଷ, ପ୍ରକୃତିର ବାହ୍ୟ ତତ୍ତ୍ୱଗୁଡ଼ିକୁ ସହନ କରିବାର ବିଶେଷ କ୍ଷମତା ରହିଥାଏ । ତଥାପି ଅନେକ ଥର ଯେବେ ମନୁଷ୍ୟ ଶରୀର ଉପରେ ଦୁଷ୍ପ୍ରଭାବ ପକାଉଥିବା ଏପରି ତତ୍ତ୍ୱଗୁଡ଼ିକ ଶରୀର ମଧ୍ୟକୁ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି, ସେତେବେଳେ ଶରୀରର ଆଭ୍ୟନ୍ତରୀଣ ତତ୍ତ୍ୱ ଚଳଚଞ୍ଚଳ ହୋଇ ସେହି ପ୍ରତିକୂଳ ତତ୍ତ୍ୱଗୁଡ଼ିକର ଶରୀର ଉପରେ ପ୍ରଭାବ ପକାଇବାର ଚେଷ୍ଟାକୁ ପ୍ରତିରୋଧ କରିଥାନ୍ତି । ଏହି ପ୍ରକ୍ରିୟା ଆଲର୍ଜି ଉତ୍ପତ୍ତିର କାରଣ ହୋଇଥାଏ।

## ଆଲର୍ଜିର ଲକ୍ଷଣ

*ଶରୀରରେ କୁଣ୍ଡିଆ *ଚର୍ମ ନାଲି ପଡ଼ିବା
*ନାଲି ଦାନା ଦେଖାଦେବା *ଅଇ ଉଠିବା ଓ ଡାଇରିଆ
*ଶରୀରର ଦାନା ଥିବା ଜାଗା ଫୁଲିଯିବା।
*ଛିଙ୍କ ଆସିବା, ନାକ ବନ୍ଦ ହେବା, ଥଣ୍ଡା ଲାଗି ରହିବା ।
*ଗଳାରେ ପ୍ରବଳ ଜ୍ୱଳନ ଏବଂ ପୀଡ଼ା ହେବା । *ପେଟ ଯନ୍ତ୍ରଣା
*ଚେହେରା, ଓଠ, ଆଖି ଫୁଲିଯିବା *ଖାଇବାରେ ସମସ୍ୟା ।
*ଆଲର୍ଜି ହେବା କାରଣରୁ 'ଏକ୍‌ଜିମା' ନାମକ ରୋଗ ମଧ୍ୟ ହୋଇଯାଇଥାଏ, ଯାହା କାରଣରୁ ଜୋର୍‌ରେ କୁଣ୍ଡେଇ ହେବା ତଥା ସେହି ଜାଗାରୁ ପାଣି ବାହାରିବା ସମସ୍ୟା ଦେଖାଦେଇଥାଏ।
*ଆଲର୍ଜି କାରଣରୁ କେତେକ ବ୍ୟକ୍ତିଙ୍କୁ ଆଜ୍‌ମା ନାମକ ରୋଗ ହୋଇଯାଏ । ଏହି ସ୍ଥିତିରେ ରୋଗୀଙ୍କୁ ଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ, ଫୁସ୍‌ଫୁସ୍ ଫୁଲିଯାଏ ଓ ଜ୍ୱଳନ ହୋଇଥାଏ ।

## 15, 16, 17 ଓ 18 ନଭେମ୍ବର 2019

**ଡା. ଅଂଶୁଳ କ୍ଷେତ୍ରପାଳ (ଏମ୍.ଡି.)** – ଆଲର୍ଜି ରୋଗ ହିଁ ଏମିତି, ଯାହା ରୋଗ ଭଳି ଲାଗେନାହିଁ, କିନ୍ତୁ ଥରେ ଲାଗିଗଲେ ହଇରାଣ କରିଦେଇଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରର ନିଜସ୍ୱ କ୍ଷମତା ରହିଥାଏ ଏବଂ ସେହି ଅନୁଯାୟୀ ସେ ବାହ୍ୟ ବସ୍ତୁଗୁଡ଼ିକ ପ୍ରତି ତାଳମେଳ ରକ୍ଷା କରିପାରିଥାଏ, କିନ୍ତୁ ଏପରି କେତେକ ତତ୍ତ୍ୱ ଅଛି ଯାହା ସହିତ ଶରୀର ତାଳମେଳ ରକ୍ଷା କରିପାରି ନ ଥାଏ । ଏପରି ତତ୍ତ୍ୱଗୁଡ଼ିକୁ ଆଲର୍ଜେଟ୍ କୁହନ୍ତି, ଯାହା ଆଲର୍ଜିର କାରଣରେ ପରିଣତ ହୋଇଥାଏ । ଯଦି ଆପଣଙ୍କୁ ସୁଗନ୍ଧ ପସନ୍ଦ ନୁହେଁ ତେବେ ଆପଣଙ୍କୁ ଫୁଲରୁ ମଧ୍ୟ ଆଲର୍ଜି ହୋଇପାରେ । ଧୂଳି ମାଟି ପସନ୍ଦ ନାହିଁ ତ ଧୂଳି ମାଟି ବି ଆପଣଙ୍କ ଆଲର୍ଜିର କାରଣ ହୋଇଯାଇପାରେ।

**ଡା.ଅନୁପ କୁମାର ମହାଲିକ (ଏମ୍.ଡି.)** – ଆଲର୍ଜି ଚିହ୍ନଟ ଠିକ୍ ସମୟରେ ହୋଇଗଲେ ଏହାର ଚିକିତ୍ସା ସମ୍ଭବ । ସେ କୁହନ୍ତି ଯେ ଏବେ ତ ଏହାକୁ ଚିହ୍ନଟ କରିବା ବହୁତ ସରଳ ହୋଇଯାଇଛି । କେବଳ ଏକ ବ୍ଲଡ୍ ଟେଷ୍ଟରୁ ଜଣାପଡ଼ିଯାଏ ଯେ ଆଲର୍ଜିରେ ପୀଡ଼ିତ ବ୍ୟକ୍ତିଙ୍କୁ କେଉଁ କାରଣରୁ ଆଲର୍ଜି ରହିଛି । ଏହା ଜଣାପଡ଼ିବା ପରେ ଚିକିତ୍ସା ବହୁତ ସହଜ ହୋଇଯାଇଥାଏ । ଏହି ଚିକିତ୍ସା ଅଧୀନରେ ପୀଡ଼ିତ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଔଷଧ ଖାଇବାକୁ ପଡ଼ିଥାଏ, ଯାହାଦ୍ୱାରା ତାଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ସୁଦୃଢ଼ ହୁଏ ଏବଂ ରୋଗୀଙ୍କ ଆଲର୍ଜି ସମସ୍ୟା ମଧ୍ୟ ଠିକ୍ ହୋଇଯାଏ । ଆଲର୍ଜି ରୋଗୀ ଆଦୌ ଖାମଖିଆଲ ମନୋଭାବ ପ୍ରଦର୍ଶନ କରିବା ଉଚିତ ନୁହେଁ । ଏହା ଅତିରିକ୍ତ ହେୟାର୍ ଡାଏରୁ ମଧ୍ୟ ଆଲର୍ଜି ହୋଇଥାଏ । ଋତୁକାଳୀନ ଆଲର୍ଜି ମଧ୍ୟ ଅନେକ ବ୍ୟକ୍ତିଙ୍କୁ କୌଣସି ନିର୍ଦ୍ଦିଷ୍ଟ ଋତୁରେ ହଇରାଣ କରିପାରେ ।

**ଏକ୍ସଟ୍ରା Discount ECHS/ ESI/ CGHS କାର୍ଡଧାରୀଙ୍କ ପାଇଁ**



**ସ୍ୱାସ୍ଥ୍ୟ ଯତ୍ନରେ ଅଗ୍ରଣୀ ପୁରସ୍କାର ଦ୍ୱାରା ଡା. ପ୍ରଶାନ୍ତ ଜେରଥଙ୍କୁ ସମ୍ମାନିତ କରିବା ଅବସରରେ**

**ଶ୍ରୀ ଜେ.ପି. ନଡ୍ଡା** କାର୍ଯ୍ୟକାରୀ ଅଧ୍ୟକ୍ଷ, ଭାରତୀୟ ଜନତା ପାର୍ଟି ଏବଂ ପୂର୍ବତନ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ









NABL ACCREDITED

MC-2666
Jerath Path Labs & Allergy Testing Centre, Jalandhar

**ଆଲର୍ଜି (Allergy) ପରୀକ୍ଷା କରି ପାଆନ୍ତୁ**

## ମାଗଣା (FREE)

**Vitamin B12 & Vitamin D ପରୀକ୍ଷା**

## ଆଲର୍ଜି ହେବାର କାରଣଗୁଡ଼ିକ କ'ଣ

ଆଲର୍ଜି ଆମର ଦୈନିକ ଜୀବନରେ ଭ୍ରମଣ କରିବା ସମୟରେ ଆମର ପାରିପାର୍ଶ୍ୱିକ ପରିବେଶ/ପର୍ଯ୍ୟାବରଣର ଅନେକ କାରଣରୁ ହୋଇପାରେ, ଯେପରି କି ଉଦ୍ଭିଦ, ବୃକ୍ଷ, ଧୂଳି, ମାଟି, ପୋଷାଜନ୍ତୁ, ଔଷଧ ଏବଂ ଖାଇବା ପିଇବା ସାମଗ୍ରୀ ଇତ୍ୟାଦି।

1. ଗୋଟିଏ ପରିବାରର ବିଭିନ୍ନ ସଦସ୍ୟ, ମହିଳା, ପୁରୁଷ, ଶିଶୁ କିମ୍ବା ବୃଦ୍ଧଙ୍କୁ ବିଭିନ୍ନ ବସ୍ତୁ କାରଣରୁ ଆଲର୍ଜି ହୋଇପାରେ ।
2. କେତେକ ବ୍ୟକ୍ତି ଫୁଲ ସଂସ୍ପର୍ଶରେ ଆସିଲେ ଆଲର୍ଜିରେ ପୀଡ଼ିତ ହୋଇପାରନ୍ତି।
3. କ୍ଷୀର, ଦହି, ମାଂସ, ମାଛ ସେବନ କଲେ ମଧ୍ୟ ଆଲର୍ଜି ହୋଇପାରେ।
4. ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରୟୋଗ ଦ୍ୱାରା ମଧ୍ୟ ଆଲର୍ଜି ହୋଇପାରେ।

ଅନେକ ପ୍ରକାରର ଆଲର୍ଜିର ଚିକିତ୍ସା ଔଷଧରୁ ହୋଇପାରେ । ରକ୍ତ ପରୀକ୍ଷା କରିବା ଦ୍ୱାରା ଆଲର୍ଜି କେଉଁ ଧରଣର ଅଟେ, ଏହା ଜଣାପଡ଼ିଯାଏ ଏବଂ ସେହି ଅନୁରୂପ ଔଷଧ ଦିଆଯାଇ ଆଲର୍ଜିର ଚିକିତ୍ସା ସମ୍ଭବ ହୁଏ।

## ରକ୍ତ ପରୀକ୍ଷାରୁ ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

ଆଲର୍ଜି ଏପରି ଏକ ରୋଗ ଯାହାର କାରଣ ସାଧାରଣତଃ ବୁଝାପଡ଼େ ନାହିଁ କିନ୍ତୁ ଏପରି କେତେକ ଲକ୍ଷଣ ରହିଥାଏ ଯାହା ଏହା ସୂଚାଇଦିଏ କି ଆପଣ ଆଲର୍ଜିଗ୍ରସ୍ତ ଅଟନ୍ତି। କେବଳ ଗୋଟିଏ ରକ୍ତପରୀକ୍ଷା ଆପଣଙ୍କ ସମସ୍ୟାର ସମାଧାନ କରିପାରିବ।

## ଆସନ୍ତୁ ଜାଣିବା କିପରି ପାଇବେ ଆଲର୍ଜିରୁ ଉପଶମ

ଉଦାହରଣସ୍ୱରୂପ, କୌଣସି କର୍ମଜୀବୀ ବ୍ୟକ୍ତି ନିଜ ଘରେ ତ ସମ୍ପୂର୍ଣ୍ଣ ଠିକ୍ ରହିଥାନ୍ତି କିନ୍ତୁ ପ୍ରତିଦିନ ସେ ଯେବେ ନିଜ କାର୍ଯ୍ୟାଳୟରେ ପହଞ୍ଚନ୍ତି ତା'ପରେ ହଠାତ୍ ତାଙ୍କୁ ଛିଙ୍କ ଆରମ୍ଭ ହୋଇଯାଇଥାଏ, ଏପରି ସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତି ତ ହଇରାଣ ହୁଅନ୍ତି ହିଁ, କିନ୍ତୁ ଏହି କାରଣରୁ ତାଙ୍କ ସହକର୍ମୀମାନେ ପ୍ରଭାବିତ ହୋଇଥାନ୍ତି । ଏପରି ସ୍ଥିତି ସେହି ବ୍ୟକ୍ତିଙ୍କଠାରେ ହୀନମନ୍ୟତା ସୃଷ୍ଟି କରିଥାଏ । ନିଜର ଏହି ରୋଗକୁ ନେଇ ସେ ଅସହାୟ ଅନୁଭବ କରନ୍ତି, ତା' ସହିତ ସହକର୍ମୀମାନଙ୍କୁ ତାଙ୍କୁ ତାଚ୍ଛଲ୍ୟ କରିବାର ବାହାନା ମଧ୍ୟ ମିଳିଯାଇଥାଏ । ଏପରି ବ୍ୟକ୍ତିଙ୍କୁ ଉକ୍ତ ସ୍ଥିତିରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ନିଜର ରକ୍ତ ଯାଞ୍ଚ କରାଇନେବା ଉଚିତ, ଯାହାଦ୍ୱାରା ତାଙ୍କ ଆଲର୍ଜିର କାରଣ ଜଣାପଡ଼ିଯିବ ଏବଂ ତାଙ୍କର ଚିକିତ୍ସା ସମ୍ଭବ ହୋଇପାରିବ।

ସେହିଭଳି ଏପରି କୌଣସି ବ୍ୟକ୍ତି ଯିଏ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ଏବଂ ଅଳ୍ପଟିକେ ଚଲାବୁଲା କଲେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି ତେବେ ତାଙ୍କୁ ଅନ୍ୟାନ୍ୟ ପରୀକ୍ଷା ସହିତ ନିଜର ଆଲର୍ଜି ମଧ୍ୟ ଟେଷ୍ଟ କରାଇନେବା ଆବଶ୍ୟକ, ଯାହାକି ନିପୁଣ ଡାକ୍ତରଙ୍କ ଦ୍ୱାରା କେବଳ ଗୋଟିଏ ରକ୍ତପରୀକ୍ଷା ପରେ ହିଁ ସହଜରେ ଜଣାପଡ଼ିଯାଇଥାଏ । କାରଣ ଜଣାପଡ଼ିଗଲେ କେତେକ ଔଷଧ ସହାୟତାରେ ସ୍ୱାସ୍ଥ୍ୟରେ ସୁଧାର ଅଣାଯାଇପାରିବ।

**ବିଶ୍ୱପ୍ରସିଦ୍ଧ ଆଧୁନିକ ମେଶିନ୍ ଦ୍ୱାରା ପରୀକ୍ଷା କରାଯାଇଥାଏ**

EUROBlotOne



PHADIA 250




Jerath Path Labs & Allergy Testing Centre

CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar

CORPORATE OFFICE : CHENNAI - 29a ARK Colony (Anantha Ramakrishna Iyyer Colony) Eldams Road, Teynampet

ଟେଷ୍ଟ କରାଇବା ପାଇଁ ଯୋଗାଯୋଗ କରନ୍ତୁ-98759-30831, 98759-30832, 98759-30833

| BALANGIR | BALANGIR | SONEPUR | SOHELA | BURLA | ROURKELA |
|---|---|---|---|---|---|
| 98539-17241 | 78097-15417<br>82497-46824 | 94386-06671 | 98611-97313<br>63709-00205 | 99379-64978 | 98612-26613<br>79782-60207 |
| Sanatan Patho Clinic, Radha Rani Pada Hospital Chowk | Hanuman Pathology, Radha Rani Pada, Near, Govt Hospital | Padhan Patho Lab & Prem Med. Opp. HDFC Bank | J.k Pathology, Po. Sohela, Bargah | DTS Diagnostics, Dhipapara, Dindayal Nagar, PO. Burla | Tarini Poly Clinic S. T. I Chowk Opp. Rourkela Govt Hospital (R.G.H) J.B. Market |

| SAMBALPUR | JHARSUGUDA | BHAWANIPATNA | BHAWANIPATNA | BALANGIR | ROURKELA |
|---|---|---|---|---|---|
| 94386-40540 | 94386-41115 | 82498-28048, 9437188556 | 94372-93631 | 9437135091, 7978389886 | 70083-80167<br>94398-67449 |
| DAPS Diagnostics, Pani Tanki Chowk Near H.Q Hospital Road | DAPS Diagnostic, M.B Road Opp. Andhara Bank | Malaya Pathology, Nr. S.B.I Main Branch | Shree Om Pathology, Old Bus stand, OSRTC Complex | Online Specialty's, Thikadar Pada Chhack | Sai Poly Clinic, C/318, Pandab Complex Koel Nagar, Rourkela |



ଶାହରୁଖଙ୍କ ସହ ରୋମାନ୍ସ କରିବା ଅତି ସହଜ। ଫିଲ୍ମ 'ବୀର୍ ଜରା'ରେ ଆମ ଦୁହିଁଙ୍କ ଯୋଡ଼ି ଖୁବ୍ ଜମିଥିଲା

-ରାଣୀ ମୁଖାର୍ଜୀ,
ବଲିଉଡ୍ ଅଭିନେତ୍ରୀ

# ଜୀବନକୁ ସ୍ପର୍ଶ କରେ ଦୟା

## ବିଶ୍ୱ ଦୟା ଦିବସ

ଦୟା ଜୀବନକୁ ବଦଳାଇଦିଏ। ଏହା ଆନନ୍ଦର ଅଗ୍ରଦୂତ। ଯେଉଁମାନେ ଦୟାର ଅଲୌକିକତା ଅନୁଭବ କରିଛନ୍ତି ସେମାନେ ସବୁବେଳେ ଦୟାଳୁ। ଦୟା ଭାବ ମାନବ ଜୀବନର ଏକ ମୌଳିକ ଅଂଶ। ଏହା ଜାତି, ଧର୍ମ,ସମ୍ପ୍ରଦାୟ, ଲିଙ୍ଗଗତ ପାର୍ଥକ୍ୟ ତଥା ରାଜନୀତିର ବାଦ ବିବାଦକୁ ସହଜରେ ସମାଧାନ କରିପାରେ। ଏଣୁ ଦୟାଳୁ କାର୍ଯ୍ୟ ଦ୍ୱାରା ବିଶ୍ୱକୁ ଏକ ସୁନ୍ଦର ସ୍ଥାନରେ ପରିଣତ କରିବା ଲାଗି ବ୍ୟକ୍ତିଗତ ତଥା ଆନୁଷ୍ଠାନିକ ସ୍ତରରେ ପ୍ରତିବର୍ଷ ୧୩ ନଭେମ୍ବରରେ ପାଳନ କରାଯାଉଛି 'ବିଶ୍ୱ ଦୟା ଦିବସ'। ଦୟା ଉପରେ ବିଶ୍ୱାସ ରଖୁଥିବା ବିଭିନ୍ନ ଦେଶର ସଂଗଠନଗୁଡିକ ଦ୍ୱାରା ୧୯୯୭ରେ ଗଠିତ 'ୱାର୍ଲ୍ଡ କାଇଣ୍ଡନେସ୍ ମୁଭ୍‌ମେଣ୍ଟ' ଦ୍ୱାରା ୧୯୯୮ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ଏହି ସଂଗଠନଗୁଡିକ କୌଣସି ଧାର୍ମିକ କି ରାଜନୈତିକ ମୁଭ୍‌ମେଣ୍ଟ ସହ ଅନୁବନ୍ଧିତ ହୋଇନାହାନ୍ତି। ଏବେ ଏହି ମୁଭ୍‌ମେଣ୍ଟରେ ୨୮ଟି ଦେଶ ଜଡିତ ରହିଛନ୍ତି। ବିଶ୍ୱ ଦୟା ଦିବସ ଲୋକମାନଙ୍କୁ ତଥା ରାଷ୍ଟ୍ରଗୁଡିକୁ ଏକ ଦୟାପୂର୍ଣ୍ଣ ବିଶ୍ୱ ନିର୍ମାଣ କରିବା ପାଇଁ ପ୍ରେରଣା ଯୋଗାଇଥାଏ। ୱାର୍ଲ୍ଡ କାଇଣ୍ଡନେସ୍ ମୁଭ୍‌ମେଣ୍ଟ ଦୟା ଦିବସକୁ ଆଧିକାରିକ ସ୍ତରରେ ସ୍ୱୀକୃତି ହେବା ଲାଗି ଅନୁରୋଧ କରାଯିବା ପରେ ଜାତିସଂଘ ବିଶ୍ୱସ୍ତରରେ ଏହାକୁ ପାଳନ କରାଯିବା ପାଇଁ ଘୋଷଣା କରିଥିଲା। 'ବିଶ୍ୱ ଦୟା ଦିବସ' କାନାଡା, ନାଇଜେରିଆ, ଜାପାନ, ଅଷ୍ଟ୍ରେଲିଆ ଓ ସଂଯୁକ୍ତ ଆରବ ସଂଘ ସମେତ ବିଭିନ୍ନ ଦେଶରେ ଏହା ପାଳନ କରାଯାଉଛି। ୨୦୦୯ରେ ସିଙ୍ଗାପୁର ପ୍ରଥମେ ଏହି ଦିବସ ପାଳନ କରିଥିଲା। ସେହି ବର୍ଷ ଭାରତ ଓ ଇଟାଲୀରେ ଏହା ପାଳନ କରାଯାଇଥିଲା। ୨୦୧୦ରେ 'କାଇଣ୍ଡନେସ୍ ୟୁକେ' ଦ୍ୱାରା ଇଂଲଣ୍ଡରେ ଦୟା ଦିବସ ପାଳନ କରାଯାଇଥିଲା। ଏହାପରେ ପ୍ରତିବର୍ଷ ଲୋକପ୍ରିୟତା ଲାଭ କରିବା ସହ ଏଥିରେ ଅଧିକ ବ୍ୟକ୍ତି, ସ୍କୁଲ୍ , ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟବସାୟୀ ସଂସ୍ଥାର ଯୋଗଦାନ ବୃଦ୍ଧି ପାଇବାରେ ଲାଗିଲା। ଏହି ଦିବସ ଅବସରରେ ଅନେକ ସ୍ଥାନରେ ଲୋକମାନେ ଦୟା କାର୍ଡ ମଧ୍ୟ ବାଣ୍ଟିଥାନ୍ତି। ଏନ୍‌ଜିଓ ରେସ୍କୋଏଣ୍ଟ ଭାରତର ୧୩ଟି ରାଜ୍ୟରେ ୧୭,୦୦୦ ପିଲାଙ୍କୁ ଫୁଡ୍ ବ୍ୟାଙ୍କ ମାଧ୍ୟମରେ ଖାଇବାକୁ ଦେଉଛି। ବିଭିନ୍ନ ଆଶ୍ରୟସ୍ଥଳୀ, ଶିକ୍ଷାନୁଷ୍ଠାନ ତଥା ବସ୍ତିର ଶିଶୁଗୃହକୁ ଏହା ଖାଦ୍ୟ ଯୋଗାଉଛି। ଦୟାର ପରିସରକୁ ବି କ୍ୟାନ୍‌ସର ରୋଗୀଙ୍କ ପାଖକୁ ପହଞ୍ଚାଇଛନ୍ତି ୩୫ବର୍ଷୀୟା ଅଞ୍ଚଳ ଶର୍ମା। କ୍ୟାନ୍‌ସରରୁ ମୁକ୍ତି ପାଇଥିବା ଏହି ବ୍ୟକ୍ତି ଜଣକ ପ୍ରତିଦିନ ୫୦୦ ଅସହାୟ ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ଏହାର ଖର୍ଚ୍ଚ ନିଜେ ବହନ କରୁଛନ୍ତି। ଏହାବାଦ୍ ପୁଖରାଜ ଗତ ୭ ବର୍ଷ ହେବ ସପ୍ତାହରେ ୩ଦିନ ଏଆଇଆଇଏମଏସକୁ ଯାଇ କ୍ୟାନ୍‌ସର ରୋଗୀଙ୍କ ଜୀବନ ସଂଗ୍ରାମର କଥା ଶୁଣୁଛନ୍ତି। ସେମାନଙ୍କୁ କୋଳେଇ ନେଉଛନ୍ତି ଯାହା ଦ୍ୱାରା ସେମାନେ ସୁଖଦ ଅନୁଭବ କରୁଛନ୍ତି। କୁହାଯାଏ ,ଦୟା ଏକାଥରକେ ଜୀବନକୁ ସ୍ପର୍ଶ କରିଥାଏ। ଏଭଳି ସ୍ନେହ ଓ ଭଲପାଇବା ରୋଗୀମାନଙ୍କ ସାମାଜିକ ଓ ମାନସିକ ଯନ୍ତ୍ରଣା ଲାଘବ କରିପାରୁଛି। ଆସନ୍ତୁ ବିଶ୍ୱରେ ଦୟା ପରିବେଶ ଆଣିବା ପାଇଁ ଏହି ଦିବସରେ ଏଭଳି ସବୁ କାର୍ଯ୍ୟ ଆରମ୍ଭ କରିବା। ଘରେ , କାର୍ଯ୍ୟକ୍ଷେତ୍ର,ସ୍କୁଲ ଓ ଆମେ ରହୁଥିବା ଜାଗାରୁ ଖାଦ୍ୟ ସଂଗ୍ରହ କରି ତାହାକୁ ଅସହାୟ ପିଲାମାନଙ୍କୁ ବି ଖୁଆଇ ପାରିବା।



## ମାନସିକ ଚାପ ବଢ଼ାଉଛି କାର୍ଯ୍ୟସ୍ଥଳ

**ନୂଆଦିଲ୍ଲୀ:** ଦୁନିଆରେ ମାନସିକସ୍ତରରେ ଅସୁସ୍ଥ ଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଶାରୀରିକ ସୁସ୍ଥତା ଅପେକ୍ଷା ମାନସିକସ୍ତରରେ ସୁସ୍ଥ ରହିବା ପାଇଁ ସମସ୍ତେ ବିଭିନ୍ନ ଉପାୟ ଆପଣାଉଛନ୍ତି। ଏହି କାରଣ ଯୋଗୁ ଅକ୍ଟୋବରକୁ ମେଣ୍ଟାଲ ହେଲ୍‌ଥ ଆୱାରନେସ୍ ମାସ ଭାବେ ଘୋଷଣା କରିଦିଆଯାଇଛି। ଦୁଶ୍ଚିନ୍ତା କିମ୍ବା ମାନସିକ ଚାପ କେବଳ ବ୍ୟକ୍ତିଗତ ଜୀବନକୁ ନେଇ ଆସି ନ ଥାଏ। କାର୍ଯ୍ୟସ୍ଥଳର ପରିବେଶ, ଅଧିକ କାର୍ଯ୍ୟଭାର, କ୍ଷମତାଠାରୁ ଅଧିକ କାର୍ଯ୍ୟ କରିବା ଓ ସହଯୋଗୀଙ୍କ ସହ ସମ୍ପର୍କ ଆଦି ମାନସିକତା ଉପରେ ପ୍ରଭାବ ପକାଇଥାଏ। ତେଣୁ କାର୍ମସ୍ଥଳୀରେ ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକ ତୁରନ୍ତ ସମାଧାନ କରିଦେବା ଦିଗରେ ଦୃଷ୍ଟି ଦେବା ଆବଶ୍ୟକ। ଡିପାର୍ଟମେଣ୍ଟ ଅଫ୍ ହେଲ୍‌ଥ ରିପୋର୍ଟ ଅନୁସାରେ, ଦୁନିଆର ପ୍ରାୟ ୪୦କୋଟି ଲୋକ କୌଣସି ନା କୌଣସି ମାନସିକ ରୋଗ ବା ସାଇକୋଲୋଜିକାଲ ସମସ୍ୟାରେ ପୀଡ଼ିତ।



## ଫିଲ୍ମରୁ ଦୂରେଇଲେ ଅମିତାଭ୍

### ଅସୁସ୍ଥତା ଲାଗି ଲମ୍ବା ବ୍ରେକ୍ ନେବେ

**ମୁମ୍ବାଇ:** ଯିଏ ବଲିଉଡ୍‌ର ଫ୍ୟାନ୍, ସେ ବିଗ୍ ବି ଅମିତାଭ୍ ବଚ୍ଚନ୍‌ଙ୍କ ଫ୍ୟାନ୍ ହୋଇଥିବ ନିଶ୍ଚୟ। ଏଣୁ ଆମ ସମସ୍ତଙ୍କ ପାଇଁ ଏକ ଦୁଃଖ ଖବର। ଦଶନ୍ଧି ଦଶନ୍ଧି ଧରି ନିଜ ଅଭିନୟ ଆଉ ବ୍ୟକ୍ତିତ୍ୱ ମାଧ୍ୟମରେ ଦର୍ଶକଙ୍କ ହୃଦୟରେ ଘର କରିଥିବା ଅମିତାଭ୍ ଏବେ ଆଉ ଫିଲ୍ମ କରିବେ ନାହିଁ। ଅସୁସ୍ଥତା କାରଣରୁ ସେ ଲମ୍ବା ବ୍ରେକ୍‌ରେ ରହି ବିଶ୍ରାମ କରିବେ। ବର୍ତ୍ତମାନ ସେ ହସ୍ପିଟାଲରେ ଚିକିତ୍ସାରତ। ଏନେଇ ନିକଟରେ ଖୋଦ୍ ଅମିତାଭ୍ ନିଜ ଅଫିସିଆଲ୍ ଟୁଇଟର ହ୍ୟାଣ୍ଡେଲ୍‌ରେ ଫଟୋ ଶେୟାର କରି ଫ୍ୟାନ୍‌ମାନଙ୍କୁ ଜଣାଇଥିଲେ। ଏହା ଜାଣିବା ପରେ ଫ୍ୟାନ୍‌ମାନେ ଅମିତାଭ୍‌ଙ୍କ ଦୀର୍ଘାୟୁ ସହ ଆଶୁ ଆରୋଗ୍ୟ କାମନା କରୁଛନ୍ତି। ଏକ ଜାତୀୟ ଗଣମାଧ୍ୟମ ଅନୁଯାୟୀ, ୧୯୭୮ ମସିହାର ଫିଲ୍ମ 'ଡନ୍'ର ଶୁଟିଂ ସମୟରେ ଅମିତାଭ୍‌ଙ୍କୁ ଆଘାତ ଲାଗିଥିଲା। ସମୟକ୍ରମେ ବୟସାଧିକ୍ୟରେ ଏବେ ତାହା ଯନ୍ତ୍ରଣା ଦେଉଛି। ଏପରି କି ସେ ଠିକ୍‌ଭାବେ ଚଲାବୁଲା କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଅମିତାଭ୍ ଏବେ ଶାରୀରିକଭାବେ ଅତି ଦୁର୍ବଳ ହୋଇପଡ଼ିଛନ୍ତି। ତାଙ୍କୁ ପୂର୍ବାବସ୍ଥାକୁ ଫେରିବାକୁ ଯଥାସମ୍ଭବ ଆରାମ କରିବା ଆବଶ୍ୟକ। ଏଣୁ ଡାକ୍ତରଙ୍କ ପରାମର୍ଶରେ ସେ ଦୀର୍ଘ ସମୟ ପାଇଁ ଫିଲ୍ମରୁ ବ୍ରେକ୍ ନେଇ ଆରାମ୍ କରିବେ। ତେବେ ଅମିତାଭ୍ ନିଜ ଅପକମିଂ ଫିଲ୍ମ 'ଝୁଣ୍ଡ'ର ଶୁଟିଂ କିନ୍ତୁ ପୂରା କରିବେ। ଫିଲ୍ମଟି ଡିସେମ୍ବରରେ ରିଲିଜ୍ ହେବ। ହେଲେ ଏହା ପରେ ସେ ଲମ୍ବା ବ୍ରେକ୍ ନେବେ। ଏପରି କି ପୂର୍ବରୁ ସାଇନ୍ କରିଥିବା ଫିଲ୍ମଗୁଡ଼ିକରେ ମଧ୍ୟ ସେ କାମ କରିବେନାହିଁ। ଅନ୍ୟପକ୍ଷରେ ପତ୍ନୀ ଜୟା ବଚ୍ଚନ୍, ପୁଅ ଅଭିଷେକ୍ ଓ ଝିଅ ଶ୍ୱେତା ମଧ୍ୟ ଅମିତାଭ୍‌ଙ୍କୁ ଡାକ୍ତରଙ୍କ ପରାମର୍ଶକୁ ଗମ୍ଭୀରତାର ସହ ପାଳନ କରିବାକୁ କହିଛନ୍ତି। ଏଣୁ ସବୁ ଦିଗକୁ ବିଚାର କରି ପରିଶ୍ରମୀ ବିଗ୍ ବି ଅମିତାଭ୍ ବଚ୍ଚନ୍ ଏବେ ଲମ୍ବା ବ୍ରେକ୍ ନେଇ ଶରୀରକୁ ସୁସ୍ଥ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯଦିଓ ବିଗ୍ ବି'ଙ୍କୁ ଦୀର୍ଘ ସମୟ ପାଇଁ ପରଦାରେ ଦେଖିବାକୁ ନ ମିଳୁ ହେଲେ ସେ ଯଥାଶୀଘ୍ର ସୁସ୍ଥ ହୋଇଯାନ୍ତୁ, ଏହା ହିଁ କାମନା।



## ସମ୍ପର୍କ ନଷ୍ଟ କରେ ବଦଭ୍ୟାସ

**ନୂଆଦିଲ୍ଲୀ:** ସଫଳ ବୈବାହିକ ଜୀବନ ପାଇଁ ନିର୍ଦ୍ଦିଷ୍ଟ ମନ୍ତ୍ର ନ ଥିଲେ ବି କେତେକ ଜରୁରୀ କଥା ଉପରେ ଧ୍ୟାନ ଦେବାକୁ ପଡିଥାଏ। ଅନେକ ସମୟରେ ଦମ୍ପତିଙ୍କ ବଦଭ୍ୟାସ ସମ୍ପର୍କ ନଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଏକ ଗବେଷଣାରୁ ଜଣାପଡିଛି। ଏଥିପ୍ରତି ସଚେତନ ରହିଲେ ଏକ ଦୀର୍ଘ, ଶୃଙ୍ଖଳିତ ତଥା ସଫଳ ଦାମ୍ପତ୍ୟ ଜୀବନ ଗଢିଉଠିଥାଏ। ସେହି ବଦଭ୍ୟାସଗୁଡିକ ମଧ୍ୟରୁ ଗୋଟିଏ ହେଲା ପ୍ରାଥମିକ ପର୍ଯ୍ୟାୟରେ ଅସୁବିଧା ସମ୍ପର୍କରେ ପରସ୍ପର ସହ ଆଲୋଚନା ନ କରି ଏଥିରୁ ଦୂରେଇ ରହିବାକୁ ଚେଷ୍ଟା କରିବା। ଏହା ଦ୍ୱାରା ସମସ୍ୟା ସମାଧାନ ହେବା ପରିବର୍ତ୍ତେ ବଡ ହେବାରେ ଲାଗିଥାଏ। ସେହିପରି ନୂଆ ଝଗଡାରେ ପୁରୁଣା ବିବାଦକୁ ଟାଣି ଜଣେ ଅନ୍ୟ ଜଣଙ୍କର ଦୋଷ ଦୁର୍ବଳତା ବାହାର କରିବା ଦ୍ୱାରା ପରସ୍ପର ପ୍ରତି ତିକ୍ତତା ବଢିଥାଏ। ତେଣୁ ଏପରି ଅଭ୍ୟାସରୁ ନିଜେ ଦୂରେଇ ରହିବା ସହ ସାଥୀଙ୍କୁ ମଧ୍ୟ ପରାମର୍ଶ ଦେବା ଉଚିତ। କଳିଝଗଡା ବେଳେ ରାଗ ମନରେ ସ୍ୱାମୀ କିମ୍ବା ସ୍ତ୍ରୀ ପରସ୍ପର ବିରୋଧରେ ଅନ୍ୟମାନଙ୍କ ଆଗରେ ଗପିବା ଦ୍ୱାରା ମଧ୍ୟ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ। ଏହା ଦ୍ୱାରା ଜଣେ ନିଜକୁ ଠିକ୍ ପ୍ରମାଣିତ କରିବାକୁ ଯାଇ ସଂଯମତା ହରାଇ ଏଣୁତେଣୁ ଗପିବା ଫଳରେ ସମ୍ପର୍କରେ ବିଶ୍ୱସନୀୟତା ହ୍ରାସ ପାଇଥାଏ। ନିଜର ପୁରୁଣା କିମ୍ବା ପୂର୍ବତନ ପ୍ରେମିକା/ପ୍ରେମିକଙ୍କ ସହ ନିଜ ଜୀବନ ସାଥୀଙ୍କୁ ତୁଳନା କରିବା ଦ୍ୱାରା ମଧ୍ୟ ସମ୍ପର୍କ ଖରାପ ଦିଗକୁ ଗତି କରିଥାଏ। ତେଣୁ ଝଗଡାବେଳେ କେବେ ନିଜ ପାର୍ଟନରଙ୍କୁ ଅନ୍ୟ ସହ ତୁଳନା କରିବା ଉଚିତ ନୁହେଁ। ସ୍ତ୍ରୀ କିମ୍ବା ସ୍ୱାମୀ ପରସ୍ପରର ପସନ୍ଦକୁ ସମ୍ମାନ ନ ଦେବା ଦ୍ୱାରା ମଧ୍ୟ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥାଏ। ଏହାକୁ କେନ୍ଦ୍ର କରି କଳିଝଗଡା ହେବାର ପରିସ୍ଥିତି ଉପୁଜିଥାଏ। ତେଣୁ ପରସ୍ପରର ପସନ୍ଦ ନାପସନ୍ଦ ପ୍ରତି ମଧ୍ୟ ଉଭୟ ପକ୍ଷ ଦୃଷ୍ଟି ଦେବା ଉଚିତ।



## ମହଙ୍ଗା ପଡ଼ିଲା 'ଘୋଷ୍ଟ ପ୍ରାଙ୍କ୍'

### ଜେଲ ଗଲେ ୭ ଯୁବକ

**ବେଙ୍ଗାଲୁରୁ:** ବର୍ତ୍ତମାନ ୟୁ-ଟ୍ୟୁବ୍, ଟିକ୍‌ଟକ୍, ଲାଇକ୍, ଭିଗୋ ଭିଡିଓ ଭଳି ବିଭିନ୍ନ ସୋସିଆଲ ମିଡିଆରେ ପରିହାସପୂର୍ଣ୍ଣ, କୌତୂହଳପୂର୍ଣ୍ଣ ଭିଡିଓ ଛାଡ଼ିବାର ନିଶା ଅନେକଙ୍କୁ ଘାରିଛି। ହେଲେ ଭୂତକୁ ନେଇ ଏକ ପରିହାସପୂର୍ଣ୍ଣ (ଘୋଷ୍ଟ ପ୍ରାଙ୍କ୍) ଭିଡିଓ ପାଇଁ ୭ଜଣଙ୍କୁ ଜେଲ ଯିବାକୁ ପଡ଼ିଛି। ସେମାନେ ସୋମବାର ରାତିରେ ରକ୍ତ ଜୁଡୁବୁଡୁ ଧଳା ପୋଷାକ ପିନ୍ଧି ଏବଂ ଭୂତ ଭଳି ବେଶ କରି ବେଙ୍ଗାଲୁରୁର ଏକ ସଡ଼କରେ ଅନେକଙ୍କୁ ଭୟଭୀତ କରିଥିଲେ। ଏପରି କି ଲୋକେ ଭୟଭୀତ ହେବାର ଦୃଶ୍ୟକୁ ରେକର୍ଡ କରାଉଥିଲେ। ଜଣେ ରିକ୍ସାଚାଳକଙ୍କ ଅଭିଯୋଗ କ୍ରମେ ସେମାନଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ସେମାନଙ୍କ ବୟସ ୨୦ ବର୍ଷ ମଧ୍ୟରେ ହୋଇଥିବାବେଳେ ସେମାନେ ୟୁ-ଟ୍ୟୁବ୍ ଚ୍ୟାନେଲ 'କୁକି ପିଡିଆ' ପାଇଁ ଏଭଳି ପ୍ରାଙ୍କ ଭିଡିଓ ପ୍ରସ୍ତୁତ କରିଥିଲେ। ସେମାନେ ଗିରଫ ହେବା ପରେ ଉକ୍ତ 'ଘୋଷ୍ଟ ପ୍ରାଙ୍କ' ଭିଡିଓ ଭାଇରାଲ ହୋଇଥିଲା। ସେଥିରେ ଦେଖିବାକୁ ମିଳିଥିଲା ଯେ, ଯୁବକମାନେ ଭୂତ ବେଶରେ ରାସ୍ତାରେ ଯାଉଥିବା ରିକ୍ସାଚାଳକ ଓ ବାଇକଚାଳକଙ୍କ ନିକଟକୁ ଦୌଡ଼ି ଆସି ଭୟଭୀତ କରୁଥିଲେ। ସେହିପରି ଯଶବନ୍ତପୁର ଅଞ୍ଚଳର ଏକ ଫୁଟ୍‌ପାଥରେ ଶୋଇଥିବା ଜଣେ ବ୍ୟକ୍ତିଙ୍କୁ ଉଠାଇ ସେମାନେ ଭୟଭୀତ କରିଥିବା ଦୃଶ୍ୟ ଉକ୍ତ ଭିଡିଓରୁ ଦେଖିବାକୁ ମିଳିଛି। ଅଭିଯୁକ୍ତମାନେ ହେଲେ ଶାନ୍ ମଲିକ, ନିଭାଦ୍, ସାମୁଏଲ ମହମ୍ମଦ, ମହମ୍ମଦ ଆଖ୍ୟୁବ୍, ସକିବ୍, ସୟଦ ନାବିଲ୍ ଓ ୟୁସୁଫ୍ ଅହମ୍ମଦ। ଲୋକଙ୍କୁ ଅନୁଚିତ ଉପାୟରେ ଅବରୋଧ କରିବା, ଅପମାନ ଦେବା ଭଳି କାର୍ଯ୍ୟ ପାଇଁ ସେମାନଙ୍କୁ ଗିରଫ କରାଯାଇଥିବା ବରିଷ୍ଠ ପୋଲିସ ଅଧିକାରୀ ଶଶିକୁମାର କହିଛନ୍ତି।



## ଗଛରୁ ପଣସ ତୋଳୁଛି ହାତୀ

**ବେଙ୍ଗାଲୁରୁ:** ସମ୍ପ୍ରତି ସୋସିଆଲ୍ ମିଡ଼ିଆରେ ଗଛରୁ ପଣସ ତୋଳି ଖାଉଥିବା ଏକ ହାତୀର ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ଜଣେ ଆଇଏଫ୍‌ଏସ୍ ଅଫିସର ପ୍ରବୀଣ କାସ୍‌ୱାନ ଟୁଇଟରରେ ଶେୟାର କରିଛନ୍ତି। ସେ କହିଛନ୍ତି ପାଚିଲା ପଣସ ବାସ୍ନା ହାତୀଙ୍କୁ ଆକର୍ଷିତ କରିଥାଏ। ତେଣୁ ସେମାନେ ଏହାକୁ ଖାଇବାକୁ ଆସିଥାନ୍ତି। ଭିଡ଼ିଓଟି କର୍ନାଟକର ନାଗରାହୋଲ୍ ବାଘ ସଂରକ୍ଷଣ ଯୋଜନା ନିକଟରେ ଥିବା କୋଡ଼ାଗୁ ଅଞ୍ଚଳର ବୋଲି କୁହାଯାଉଛି। ଏଠାରେ ବହୁଳ ଭାବେ କଫି ଚାଷ ହୋଇଥାଏ। ହାତୀ ଗଛରୁ ପଣସ ତୋଳି ଖାଇବା ଏଠାରେ ଦେଖିବାକୁ ମିଳିଥାଏ। ଇତିମଧ୍ୟରେ ଏହି ଭିଡ଼ିଓକୁ ହଜାରେରୁ ଅଧିକ ଥର ଶେୟାର କରାଯାଇଛି।





## ଦିଶାଙ୍କ ନୂଆ ଦାମୀ କାର୍

**ମୁମ୍ବାଇ:** ବି-ଟାଉନ୍ ସେଲିବ୍ରିଟିଙ୍କ କାର୍ ସଉକ ବିଷୟରେ ସମସ୍ତେ ଜାଣନ୍ତି। ତେବେ ଏଥିରୁ ବାଦ୍ ଯାଇନାହାନ୍ତି ଦିଶା ପଟାନୀ। ତାଙ୍କର ମଧ୍ୟ ଟ୍ରେଣ୍ଡି କାର୍ ସଉକ ରହିଛି। ନିକଟରେ ଦିଶା ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଏକ ଫଟୋ ଶେୟାର କରିଥିଲେ। ଫଟୋରେ ଲାଟେଷ୍ଟ ମଡେଲର 'ରେଞ୍ଜ୍ ରୋଭର୍' କାର୍ ସହ ତାଙ୍କୁ ଦେଖିବାକୁ ମିଳିଥିଲା। ଏହି କାର୍‌ଟି ଚଲାଇବା ଏକ ମଜାଦାର ଅନୁଭୂତି ବୋଲି କ୍ୟାପଶନ୍‌ରେ ଲେଖି ସେ ଫଟୋଟି ଶେୟାର କରିଥିଲେ। ଏହାପରେ ସୋସିଆଲ୍ ମିଡିଆରେ କାର୍‌ଟିର ରେଜିଷ୍ଟ୍ରେଶନ୍ କପି ଭାଇରାଲ ହେବାରେ ଲାଗିଲା, ଯେଉଁଥିରେ କାର୍ ମାଲିକଙ୍କ ନାଁ ଦିଶା ପଟାନୀ ଲେଖାଥିବା ଦେଖିବାକୁ ମିଳିଛି। ଏହା ଯଦି ସତ, ଏବେ ଦିଶା ଏହି ଦାମୀ କାର୍‌ର ମାଲିକାଣୀ। ଏହି 'ରେଞ୍ଜ୍ ରୋଭର୍'ର ଲାଟେଷ୍ଟ ମଡେଲ୍ ଏଚ୍‌ଏସ୍‌ଇ ପେଟ୍ରୋଲ୍ ଭେରିଏଣ୍ଟ କାର୍। ଏହାର ଶୋ-ରୁମ୍ ମୂଲ୍ୟ ୧.୮୦କୋଟି ରହିଛି। ତେବେ ଦିଶା ବଲିଉଡ୍‌ର ପ୍ରଥମ ସେଲିବ୍ରିଟି ନୁହନ୍ତି, ଯାହାଙ୍କ ପାଖରେ ଏସ୍‌ୟୁଭି ଅଛି। କ୍ୟାଟ୍ରିନା କୈଫ୍, ଅଲ୍ଲୁ ଅର୍ଜୁନ, ଅମିତାଭ୍ ବଚ୍ଚନ, ସଞ୍ଜୟ ଦତ୍ତ, ଶାହରୁଖ ଖାନ୍, ସଲ୍‌ମାନ ଖାନ୍, ଆଲିଆ ଭଟ୍ଟଙ୍କ ନିକଟରେ ମଧ୍ୟ 'ରେଞ୍ଜ୍ ରୋଭର୍' ର ଭିନ୍ନ ଭିନ୍ନ ମଡେଲ ରହିଛି। ଅନ୍ୟପକ୍ଷରେ ଦିଶା ଆଗକୁ ଅନିଲ କପୁର ଓ ଆଦିତ୍ୟ ରାୟ କପୁରଙ୍କ ସହ ଫିଲ୍ମ 'ମଲଙ୍ଗ୍'ରେ ନଜରକୁ ଆସିବେ। ଏହାସହ ତାଙ୍କୁ ପୁଣିଥରେ ସଲ୍‌ମାନଙ୍କ ସହ ଫିଲ୍ମ 'ରାଧେ: ୟୋର୍ ମୋଷ୍ଟ ୱାଣ୍ଟେଡ୍ ଭାଇ'ରେ ମଧ୍ୟ ଦେଖିବାକୁ ମିଳିବ।



ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ନଭେମ୍ବର ୧୩/୨୦୧୯ | Sambalpur, Wednesday, November 13 / 2019 | ପୃଷ୍ଠା-୧



**ଭିନ୍ନ ଢଙ୍ଗରେ ପିତାଙ୍କୁ ଜାହ୍ନବୀଙ୍କ ଜନ୍ମଦିନ ଶୁଭେଚ୍ଛା**

ବଲିଉଡ୍ ନିର୍ଦ୍ଦେଶକ ବୋନି କପୁରଙ୍କ ଜନ୍ମଦିନରେ ଝିଅ ଜାହ୍ନବୀ କପୁର ଇନଷ୍ଟାଗ୍ରାମରେ ବାପାଙ୍କର କିଛି ପୁରୁଣା ଫଟୋ ଶେୟାର କରି ଭିନ୍ନ ଢଙ୍ଗରେ ଶୁଭେଚ୍ଛା ଜଣାଇଛନ୍ତି ।

**୦୩ | ୧୨**

**ଦୀପକ ଚହରଙ୍କ ପ୍ରଭାବୀ ବୋଲିଂ**

ଦୀପକ ଚହର ପ୍ରଭାବୀ ବୋଲିଂ ଜାରି ରଖି ସୟଦ ମୁସ୍ତାକ ଅଲୀ ଟ୍ରଫି ଟି୨୦ ଟୁର୍ନାମେଣ୍ଟ ବିଦର୍ଭ ବିପକ୍ଷ ମ୍ୟାଚରେ ୪ ଉଇକେଟ ଅକ୍ତିଆର କରିଛନ୍ତି।



## ଡଙ୍ଗା ଭସାଇବା ବେଳେ ନଦୀରେ ବୁଡ଼ି ୨ ମୃତ

ରାୟଗଡ଼ା ଅଫିସ ,୧୨।୧୧: ରାୟଗଡ଼ା ଜିଲାରେ ମଙ୍ଗଳବାର ଡଙ୍ଗା ଭସାଇବା ବେଳେ ଗୋଡ଼ ଖସିଯିବାରୁ ନଦୀରେ ବୁଡ଼ି ୨ ଜଣଙ୍କର ମୃତ୍ୟୁ ହୋଇଛି। ମୃତ ୨ ଜଣ ହେଲେ ମୁନିଗୁଡ଼ା ଅଞ୍ଚଳର ସୁମନ ବେହେରା (୧୭) ଓ ଗୁମୁଡ଼ାର ସନ୍ତୋଷ ଜେନା । ୟୁଜିଏମ୍ଆଇଟି ଛାତ୍ର ସୁମନ ୩ ସାଙ୍ଗ ଶ୍ୟାମ ସୁନ୍ଦର ସାହୁ, ଶୈଳେଶ ମାଣ୍ଡାରି, ନବଦ୍ୱୀପ ପାଲାକାଙ୍କ ସହ ମିଶି ଝୁଲାପୋଲ ନିକଟ ନାଗାବଳୀ ନଦୀକୁ ଡ଼ଙ୍ଗା ଭସାଇବାକୁ ଯାଇଥିଲେ । ଡଙ୍ଗା ଭସାଉଥିବା ବେଳେ ଶ୍ୟାମସୁନ୍ଦରଙ୍କ ଗୋଡ଼ ଖସିଯାଇଥିଲା। ସାଙ୍ଗକୁ ବଞ୍ଚାଇବାକୁ ଯାଇ ସୁମନ ପାଣି ଭିତରକୁ ଯାଇଥିଲେ। ହେଲେ ଶ୍ୟାମସୁନ୍ଦର କୌଣସିମତେ କୂଳକୁ ଆସି ଯାଇଥିବା ବେଳେ ସୁମନ ଭାସିଯାଇଥିଲେ। ଖବରପାଇ ପୋଲିସ ଏବଂ ଅଗ୍ନିଶ୍ରମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଅନ୍ୟପଟେ ସୁମନଙ୍କ ପରିବାର ଲୋକେ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ଥାନାରେ ଏତଲା ଦେଇଛନ୍ତି। ଉକ୍ତ ୪ ଛାତ୍ର ରାତି ୪ଟାରେ କଲେଜ ପାଚେରି ଡ଼େଇଁ ଡ଼ଙ୍ଗା ଭସାଇବାକୁ ଯାଇଥିବା ଜଣାଯାଇଛି। ସେହିପରି ଗୁଣପୁର ଗୁମୁଡ଼ାରେ ବଂଶଧାରା ନଦୀରେ ବୁଡ଼ି ଆଉ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଗୁମୁଡ଼ା ଗୋପାଳପୁରର ସନ୍ତୋଷ ଜେନା। ସନ୍ତୋଷ ବଡ଼ି ଭୋରରୁ ପରିବାର ଲୋକଙ୍କ ସହ ଡ଼ଙ୍ଗା ଭସାଇବାକୁ ବଂଶଧାରା ନଦୀକୁ ଯାଇଥିଲେ। ନଦୀରେ ଗାଧୋଇବା ସମୟରେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ବହୁ ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର କଟକ ବାଲିଯାତ୍ରା ପଡ଼ିଆ ନିକଟ ମହାନଦୀରେ ଡଙ୍ଗା ଭସାଯାଉଛି। **(ଫଟୋ-ରାଜକିଶୋର ମହାନ୍ତି)**

# ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ

## ରାଜ୍ୟପାଳଙ୍କ ସୁପାରିସକୁ ରାଷ୍ଟ୍ରପତିଙ୍କ ମୋହର

ନୂଆଦିଲ୍ଲୀ/ମୁମ୍ବାଇ,୧୨।୧୧ (ପି.ଟି./ଆଇଏଏନ୍ଏସ୍)

ଯାହା ଆଶଙ୍କା କରାଯାଉଥିଲା ଶେଷରେ ତାହା ହିଁ ହେଲା। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ଆସିବାର ୨୦ ଦିନ ପରେ ମଧ କୌଣସି ଦଳ ବା ମେଣ୍ଟ ସରକାର ଗଠନରେ ସଫଳ ହୋଇ ନ ପାରିବାରୁ ଅଚଳାବସ୍ଥା ଜାରି ରହିଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଛି। ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କ ସୁପାରିସକ୍ରମେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସମ୍ବିଧାନର ୩୫୬(୧) ଅନୁସାରେ ରାଷ୍ଟ୍ରପତି ଶାସନ ଜାରି କରିଛନ୍ତି। ପ୍ରଥମେ ସବୁଠୁ ବଡ଼ ଦଳ ଭାଜପା, ପରେ ଦ୍ୱିତୀୟ ବୃହତ୍ତମ ଦଳ ଶିବସେନା ଓ ଶେଷରେ ତିନି ନମ୍ବରରେ ଥିବା ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍ସିପି)କୁ ସରକାର ଗଠନ ପାଇଁ ରାଜ୍ୟପାଳ ଆମନ୍ତ୍ରଣ କରିଥିଲେ। ଭାଜପା ସରକାର ଗଠନ ପାଇଁ ସଂଖ୍ୟାବଳ ଅଭାବ ଯୋଗୁ ନିଜ ଅସାମର୍ଥ୍ୟ ପ୍ରକାଶ କରିଥିଲା। ଶିବସେନା ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏନ୍ସିପି ଏବଂ କଂଗ୍ରେସର ସମର୍ଥନପତ୍ର ଯୋଗାଡ଼ କରିପାରିଲା ନାହିଁ। ଏବଂ ଶରଦ ପାୱାରଙ୍କ ଏନ୍ସିପି ସରକାର ଗଠନ ଦିଗରେ ଅଗ୍ରସର ହେବା ପାଇଁ ଶିବସେନା ଓ କଂଗ୍ରେସ ସହ ଆଲୋଚନା ଚଳାଇଥିଲା। ଏଥିଲାଗି ସଂଖ୍ୟାବଳର ପ୍ରମାଣ ପାଇଁ ମଙ୍ଗଳବାର ରାତି ୮ଟା ୩୦ ମିନିଟ ଥିଲା ଶେଷ ସମୟ।

ମୁମ୍ବାଇରେ ତିନି ଦଳ ଏନ୍ସିପି, କଂଗ୍ରେସ ଓ ଶିବସେନା ଏଥିପାଇଁ ଚଳାଇଥିଲେ ଶେଷ କସରତ। ସେପଟେ ଦିଲ୍ଲୀରେ ଅପରାହ୍ଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିଲା ଅନୁଷ୍ଠିତ କ୍ୟାବିନେଟ କମିଟି ବୈଠକ। ମହାରାଷ୍ଟ୍ରରେ ଅଚଳାବସ୍ଥା ନେଇ ବୈଠକରେ ଆଲୋଚନା ପରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ପାଇଁ ସୁପାରିସ କରିବାକୁ କ୍ୟାବିନେଟ ନିଷ୍ପତ୍ତି ନେଲା। ଏହା ପୂର୍ବରୁ ରାଜ୍ୟପାଳ

**■ ରାଜ୍ୟପାଳଙ୍କ ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟ ଗଲା ଶିବସେନା**



**■ ଏନ୍ସିପିକୁ ମଙ୍ଗଳବାର ରାତି ୮ଟା ୩୦ ଯାଏ ସମୟ ମିଳିଥିଲା**

**■ ରାଜ୍ୟପାଳଙ୍କ ସୁପାରିସକୁ କେନ୍ଦ୍ର କରିଥିଲା ଅନୁମୋଦନ**

କୋଶିୟାରୀ କେନ୍ଦ୍ର ସରକାରଙ୍କୁ ରାଷ୍ଟ୍ରପତି ଶାସନ ଜାରି ପାଇଁ ସୁପାରିସ କରିଥିଲେ। ସରକାର ଗଢ଼ାଯିବା ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଇଛି। ହେଲେ ସମ୍ବିଧାନ ଅନୁସାରେ ସ୍ଥିର ସରକାର ଗଠନ କରାଯାଇ ପାରିବ ନାହିଁ ବୋଲି ରାଜ୍ୟପାଳ ସ୍ପଷ୍ଟଭାବେ ଜାଣିବାକୁ ପାଇବା ପରେ ରିପୋର୍ଟ ପ୍ରଦାନ କରିଥିବା ରାଜଭବନ ପକ୍ଷରୁ ଟୁଇଟ୍ କରାଯାଇଛି। କେନ୍ଦ୍ର ସରକାର ପଠାଇଥିବା ସୁପାରିସ ପତ୍ରରେ ରାଷ୍ଟ୍ରପତି କୋବିନ୍ଦ ସନ୍ଧ୍ୟାରେ ସ୍ୱାକ୍ଷର କରିଛନ୍ତି। ଏଥିସହ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି ହୋଇଛି। ବିଧାନସଭା ନିଲମ୍ବିତ ହୋଇ ରହିବ ବୋଲି ରାଷ୍ଟ୍ରପତି ଭବନ ସୂତ୍ରରୁ ଜାରି ଘୋଷଣାପତ୍ରରେ ସ୍ପଷ୍ଟ କରାଯାଇଛି।

ମିଳିଥିବା ସୂଚନାନୁସାରେ ଶିବସେନା ସରକାର ଗଢ଼ିବା ଲାଗି ଆବଶ୍ୟକ ସମର୍ଥନ ଯୋଗାଡ଼ ନେଇ ପତ୍ର ରାଜ୍ୟପାଳଙ୍କୁ ସୋମବାର ରାତିରେ ଦେଇ ନ ପାରି ୪୮ ଘଣ୍ଟା ସମୟ ମାଗିଥିଲା। ହେଲେ ରାଜ୍ୟପାଳ ଅଧିକ ସମୟ ଦେବାକୁ ମନା କରିଦେଇଥିଲେ। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଶିବସେନା ☞ପୃଷ୍ଠା-୨

### ଗ୍ରାମାଞ୍ଚଳରେ ବହୁତଳ କୋଠା ନିର୍ମାଣ ପାଇଁ କଟକଣା

# ପ୍ଲାନ୍ ଅନୁମୋଦନ ଜରୁରୀ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

ସହରତଳି ଅଞ୍ଚଳ କିମ୍ବା ଗ୍ରାମାଞ୍ଚଳରେ ମନଇଚ୍ଛା ବହୁତଳ କୋଠା, ବାସଗୃହ ପ୍ରକଳ୍ପ କିମ୍ବା ବ୍ୟବସାୟିକ ଗୃହ ନିର୍ମାଣ କରିହେବ ନାହିଁ। ଏଥିପାଇଁ ସହର ଯୋଜନା(ଟାଉନ ପ୍ଲାନିଂ) ନିର୍ଦ୍ଦେଶକଙ୍କ ଠାରୁ ଅନୁମତି ନେବାକୁ ପଡ଼ିବ। ଯଦି ଗ୍ରାମାଞ୍ଚଳରେ କୌଣସି ଆବାସିକ କିମ୍ବା ବ୍ୟବସାୟିକ ଗୃହ ନିର୍ମାଣ ପ୍ରକଳ୍ପ ୫୦୦ ବର୍ଗମିଟର କିମ୍ବା ୩ ମହଲା କିମ୍ବା ଲେ ଆଉଟ ଏରିଆ ୧.୦୦ ଏକରରୁ ଊର୍ଦ୍ଧ୍ୱ ହୋଇଥିବ ତେବେ ଏଥିପାଇଁ ଘର ନିର୍ମାଣ ପୂର୍ବରୁ ପ୍ଲାନ ଅନୁମୋଦନ କରିବା ବାଧ୍ୟତାମୂଳକ କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଗୃହ ନିର୍ମାଣ କରିବା ପୂର୍ବରୁ ପ୍ରଥମେ ସମ୍ପୃକ୍ତ ପଞ୍ଚାୟତ ସମିତିକୁ ପ୍ଲାନ ଅନୁମୋଦନ ପାଇଁ ଆବେଦନ କରିବାକୁ ହେବ। ପଞ୍ଚାୟତ ସମିତି ଏହାକୁ ଜିଲା ଟାଉନ ପ୍ଲାନିଂ ୟୁନିଟ୍କୁ ପଠାଇବ। ଟାଉନ ପ୍ଲାନିଂ ନିର୍ଦ୍ଦେଶଙ୍କଠାରୁ ଅନୁମତି ନେଇ ଟାଉନ ପ୍ଲାନିଂ ୟୁନିଟ୍ ପ୍ଲାନ ଅନୁମୋଦନ କରିବ।

ଗ୍ରାମାଞ୍ଚଳରେ ଗଢ଼ିଉଠୁଥିବା ଆପାର୍ଟମେଣ୍ଟ, ବହୁତଳ କୋଠା ଏବଂ ବ୍ୟବସାୟିକ ଗୃହକୁ ବ୍ୟବସ୍ଥିତ କରିବାକୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଯଦି କୌଣସି କୋଠାବାଡ଼ି ବିନା ପ୍ଲାନ ଅନୁମୋଦନରେ ନିର୍ମାଣ କରାଯାଇଛି ସେଗୁଡ଼ିକ ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡ ରେଗୁଲେଶନ୍ସ ନିୟମ ଅନୁଯାୟୀ ଜରିମାନା ଦେଇ ଗୃହକୁ ନିୟମିତ (ରେଗୁଲାରାଇଜ) କରିପାରିବେ। ଓଡ଼ିଶା ସ୍ପେଶାଲ ପ୍ଲାନିଂ ଅଥରିଟିଜ୍ ଆଣ୍ଡ ରିଜିଓନାଲ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟସ କମନ ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡ ରୁଲ୍ସ-୨୦୧୭ ଗ୍ରାମାଞ୍ଚଳରେ ଆପାର୍ଟମେଣ୍ଟ କିମ୍ବା ବାସଗୃହ ପ୍ରକଳ୍ପ କିମ୍ବା ବ୍ୟବସାୟିକ ପ୍ରକଳ୍ପ ନିର୍ମାଣ ପାଇଁ ଲାଗୁହେବ। କଟକ, ଭୁବନେଶ୍ୱର ଭଳି ରାଜ୍ୟର ବଡ଼ ବଡ଼ ସହରତଳି ଅଞ୍ଚଳରେ ବେଆଇନ ଭାବେ ବହୁ ନଭଶ୍ଚୁମ୍ବୀ ଅଟ୍ଟାଳିକା ଗଢ଼ିଉଠୁଛି। ସେଗୁଡ଼ିକ ଅବ୍ୟବସ୍ଥିତ ଢଙ୍ଗରେ ନିର୍ମାଣ ହେବା ସହ ସ୍ୱେରେଜ, ଡ୍ରେନେଜ ପାଇଁ କୌଣସି ବ୍ୟବସ୍ଥା ହେଉନାହିଁ। ବର୍ଷା ଦିନରେ ସେସବୁ ଅଞ୍ଚଳ ଜଳମଗ୍ନ ହୋଇ ରହୁଛି। ଯଦି କୌଣସି ସଂସ୍ଥା କିମ୍ବା ବ୍ୟକ୍ତିବିଶେଷ ଲେ ଆଉଟ ପ୍ଲାନ ଅନୁମୋଦନ ନ କରି ଘର ନିର୍ମାଣ କରିବେ ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ ଚେତାବନୀ ଦିଆଯାଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ଗ୍ରାମାଞ୍ଚଳରେ ଗଢ଼ିଉଠୁଥିବା ଆପାର୍ଟମେଣ୍ଟ, ବାସଗୃହ ପ୍ରକଳ୍ପ, ବ୍ୟବସାୟିକ ଗୃହ ନିର୍ମାଣକୁ ବ୍ୟବସ୍ଥିତ କରିବା ପାଇଁ ଏହି ନୂତନ ରୁଲ୍ କାର୍ଯ୍ୟକାରୀ କରାଯାଇଛି। ସହରତଳି ଅଞ୍ଚଳରେ ଅବ୍ୟବସ୍ଥିତ ଭାବେ ବହୁ ସଂଖ୍ୟାରେ ଆପାର୍ଟମେଣ୍ଟ ବିନା ଅନୁମୋଦନରେ ଗଢ଼ିଉଠୁଛି। ଏହାଦ୍ୱାରା ଅନେକ ସମସ୍ୟା ସୃଷ୍ଟି ହେଉଛି। ଗୃହ ନିର୍ମାଣ କରାଯାଉଥିଲେ ମଧ ବର୍ଜ୍ୟ ଜଳ ଓ ବର୍ଷା ଜଳ ନିଷ୍କାସନ ପାଇଁ କୌଣସି ସ୍ୱେରେଜ କିମ୍ବା ଡ୍ରେନ ବ୍ୟବସ୍ଥା କରାଯାଉ ନାହିଁ। ଗ୍ରାମାଞ୍ଚଳ ପାଇଁ ପ୍ଲାନ ଅନୁମୋଦନ ନେବା ବାଧ୍ୟତାମୂଳକ କରାଯାଇଛି, ଯଦ୍ୱାରା ସ୍ୱେରେଜ, ଡ୍ରେନେଜ ବ୍ୟବସ୍ଥାକୁ ବ୍ୟବସ୍ଥିତ ଢଙ୍ଗରେ କରିହେବ ବୋଲି ସେ କହିଛନ୍ତି।



**■ ସହରତଳି ଅଞ୍ଚଳ ପାଇଁ ବି ଲାଗୁ**

**■ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ**

### ■ଜଗା-କାଳିଆ ଅସ୍ତ୍ରୋପଚାର

# 'ଲିମ୍କା ବୁକ୍'ରେ ସ୍ଥାନ ପାଇଲା

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆଙ୍କଠାରେ ହୋଇଥିବା ଅସ୍ତ୍ରୋପଚାର ଲିମ୍କା ବୁକ୍ ଅଫ୍ ରେକର୍ଡ୍ସର ୨୦୨୦ ସଂସ୍କରଣ ପାଇଁ ସ୍ଥାନ ପାଇଛି। ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ରଙ୍କ ନେତୃତ୍ୱରେ ୨୦୧୭ରେ ନୂଆଦିଲ୍ଲୀସ୍ଥିତ ଏମ୍ସଠାରେ ଏହି ବିରଳ ଅସ୍ତ୍ରୋପଚାର ସଫଳତାର ସହ କରାଯାଇଥିଲା। ଦୁଇଟି ପର୍ଯ୍ୟାୟରେ ଏହି ଜଟିଳ ଅସ୍ତ୍ରୋପଚାର ହୋଇଥିଲା। ପ୍ରଥମ ଅସ୍ତ୍ରୋପଚାର ୨୦୧୭ ଅଗଷ୍ଟ ୨୮ ଓ ଦ୍ୱିତୀୟ ଅସ୍ତ୍ରୋପଚାର ସେହି ବର୍ଷ ଅକ୍ଟୋବର ୨୫ରେ କରାଯାଇଥିଲା। ମଙ୍ଗଳବାର ସୋଆଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡା. ମହାପାତ୍ର କହିଛନ୍ତି ଯେ, ଏହି ଅସ୍ତ୍ରୋପଚାର୍ ଯଦିଓ ଖୁବ୍ ଜଟିଳ ଏବଂ ଆହ୍ୱାନପୂର୍ଣ୍ଣ ଥିଲା, ତେବେ ଏହା ଭାରତର ପ୍ରଥମ ସଫଳ ଯୋଡ଼ାମୁଣ୍ଡ



(କ୍ରାନିଓପାଗସ୍) ସର୍ଜରି। ନୂଆଦିଲ୍ଲୀର ଏମ୍ସଠାରେ ଥିବା ସମସ୍ତ ଆବଶ୍ୟକ ସୁବିଧା ଏବଂ ବିଶେଷଜ୍ଞମାନଙ୍କ ସହଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଲା। ସହଯୋଗୀ ପ୍ରଫେସର ଦୀପକ କୁମାର ଗୁପ୍ତା ଏବଂ ଅନେକ ସଂଖ୍ୟକ ଡାକ୍ତର ଓ କର୍ମଚାରୀମାନଙ୍କ କଠିନ ପରିଶ୍ରମ ଯୋଗୁ ଦୁଇ ଯୋଡ଼ାମୁଣ୍ଡ ଶିଶୁଙ୍କୁ ଅଲଗା କରାଯାଇପାରିଲା ବୋଲି ସେ କହିଛନ୍ତି।

ଏହି ଅସ୍ତ୍ରୋପଚାର ନେଇ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କାଳିଆର ମସ୍ତିଷ୍କରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

କାଗଜ ଓ କଦଳୀ ପଟୁଆ

**ଆଜିର ମନ୍ତବ୍ୟ**

“ ଆତଙ୍କବାଦ ନିରୋଧୀ ସହଯୋଗକୁ ସୁଦୃଢ଼ କରିବା ଉପରେ ବ୍ରିକ୍ସ ସମ୍ମିଳନୀ ଗୁରୁତ୍ୱ ଦେବ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

**କିଛି ତଥ୍ୟ**

ଚଳିତ ବର୍ଷ ଅକ୍ଟୋବରରେ ଦେଶ ମଧ୍ୟରୁ ଜେମ୍ସ ଏବଂ ଜୁଏଲେରି ରପ୍ତାନି ୫.୪୯% ହ୍ରାସ ଘଟି ୨୪,୫୪୩ କୋଟି ଟଙ୍କା ରହିଛି।

**- ଜିଜେଇପିସି**

### ■ ମାଟିଆଗୁଣ୍ଡି ପୋକ ଫସଲ ଉଜାଡ଼ିଲା

# ଧାନ କ୍ଷେତରେ ନିଆଁ ଲଗାଇଲେ ଚାଷୀ

କର୍ଲାମୁଣ୍ଡା, ୧୨।୧୧ (ଡି.ଏନ୍.ଏ.)

ବର୍ଷକର ଧାନ ଅମଳ ହେବା ପୂର୍ବରୁ ଲାଗିଲା ରୋଗ ପୋକ। ବିପିଏଚ୍ ରୋଗ ଲାଗି ପ୍ରାୟ ୧ ଏକର ସ୍ୱର୍ଣ୍ଣ ଧାନ ଚାଷ ସମ୍ପୂର୍ଣ୍ଣ ଉଜୁଡିଗଲା। ଏକାଧିକବାର କୀଟନାଶକ ସିଞ୍ଚନ କରିଥିଲେ ମଧ ତାହା କାମରେ ଆସିଲାନି। ଶେଷରେ ନିରୂପାୟ ହୋଇ ଚାଷୀ ନିଜ କ୍ଷେତରେ ନିଆଁ ଲଗାଇଦେଲେ। କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତ କଣ୍ଡରେଇ ଗ୍ରାମରେ ଏଭଳି ଘଟଣା ଘଟିଛି । ଏହି ଗ୍ରାମର ଖଗେଶ୍ୱର ଭୋଇଙ୍କ ମାତ୍ର ୨ ଏକର ଚାଷ ଜମି ରହିଛି। ସ୍ତ୍ରୀ ଓ ଦୁଇ ସନ୍ତାନଙ୍କୁ ନେଇ ତାଙ୍କ ପରିବାର ପାଇଁ ଏହି ଚାଷ ଜମି ବର୍ଷକର ଆହାର ଯୋଗାଇଥାଏ। ଗରିବ ପରିବାର ଖଗେଶ୍ୱର ଧାର କରଜ କରି ୨ ଏକର ଜମିରେ ଧାନ ଚାଷ କରିଥିଲେ। କିନ୍ତୁ ସ୍ୱର୍ଣ୍ଣଧାନ କରିଥିବା ପ୍ରାୟ ୧ ଏକର ଜମିରେ ଗତ କିଛି ଦିନ ତଳେ ମାଟିଆଗୁଣ୍ଡି ପୋକ ବ୍ୟାପି ଲାଗିଲା। ଗ୍ରାମବାସୀ ତଥା କୃଷି ବିଭାଗ ପରାମର୍ଶରେ କୀଟନାଶକ ସିଞ୍ଚନ କରିଥିଲେ। ବାରମ୍ବାର ସିଞ୍ଚନ ପରେ ବି ରୋଗ ନିୟନ୍ତ୍ରଣ ହେବା ବଦଳରେ ବ୍ୟାପକ ରୂପ ନେଲା। ପରେ ନିରୂପାୟ ଖଗେଶ୍ୱର ୧ ଏକର ଜମିରେ ନିଆଁ ଲଗାଇ ଦେଇଥିବା କହିଛନ୍ତି। ଏ ନେଇ ଭାରପ୍ରାପ୍ତ ତହସିଲଦାର ସର୍ବେଶ୍ୱର ଜାଲଙ୍କୁ ପଚାରିବାରୁ ଆପଣଙ୍କ ଜରିଆରେ ହିଁ ଏହି ଖବର ଶୁଣିବାକୁ ପାଇଲି। ଘଟଣାସ୍ଥଳକୁ ଯୋରାଡବ୍ରା ଆର୍ଆଇ ଯାଇ ତଦନ୍ତ କରିବେ ବୋଲି କହିଥିଲେ। ଅନ୍ୟପଟେ ଏହି ବ୍ଲକର ଯୋରାଡବ୍ରା ଓ ସାପଲହରା ପଞ୍ଚାୟତର ବିଭିନ୍ନ ଗାଁରେ ମାଟିଆଗୁଣ୍ଡି ପୋକ ଯୋଗୁ ଧାନଚାଷ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। ଏହି କ୍ଷୁଦ୍ରଚାଷୀଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ କର୍ଲାମୁଣ୍ଡା କୃଷକ କଲ୍ୟାଣ ମଞ୍ଚ ଦାବି କରିଛି।



ଚାଷ ଜମିରେ ଚାଷୀ ନିଆଁ ଲଗାଇଦେଇଛନ୍ତି।

# ଆଜିଠୁ ବିଧାନସଭା ଶୀତ ଅଧିବେଶନ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

ଷୋଡଶ ବିଧାନସଭାର ଦ୍ୱିତୀୟ ତଥା ଶୀତ ଅଧିବେଶନ ବୁଧବାରଠାରୁ ଆରମ୍ଭ ହେଉଛି। ଏହା ଡିସେମ୍ବର ୧୯ ଯାଏ ଚାଲିବ। ଏଥିରେ ମୋଟ ୩୦ଟି କାର୍ଯ୍ୟ ଦିବସ ରହିଛି। ସେଥିରୁ ୨୫ଟି ସରକାରୀ ଓ ୫ଟି ବେସରକାରୀ କାର୍ଯ୍ୟ ଦିବସ । ପ୍ରଥମ ଦିବସରେ ବିଧାନସଭାର ଅନୁମୋଦନ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ଆଗତ କରାଯିବ। ନଭେମ୍ବର ୨୦ରୁ ୨୨ ଯାଏ ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବ। ୨୩ ଓ ୨୪ ତାରିଖ ଦୁଇଦିନ ବିଧାନସଭା ବନ୍ଦ ରହିବ। ୨୫ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ଗୃହରେ ଅନୁମୋଦନ ଲାଭ କରିବ।

ଏହି ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ମଧ ଆଗତ ହେବାର କାର୍ଯ୍ୟକ୍ରମ ରହିଛି। ପୌର ନିର୍ବାଚନ ପାଇଁ ସ୍ଥାନ ସଂରକ୍ଷଣ ସଂଶୋଧନ ବିଲ୍ ବିଧାନସଭାରେ ଆଗତ ହେବ ବୋଲି ଜଣାପଡ଼ିଛି। ପ୍ରଥମ ଦିବସ ହୋଇଥିବାରୁ ବିଧାନସଭା ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବ। ତେବେ ପ୍ରଥମ ଥର ଲାଗି ବିଧାନସଭାର ସମସ୍ତ କାର୍ଯ୍ୟାବଳୀ କାଗଜବିହୀନ (ପେପର ଲେସ୍) କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ବିଧାୟକମାନେ ସେମାନଙ୍କ ପ୍ରଶ୍ନ ଏବଂ ଉତ୍ତର ମୋବାଇଲ ଆପ ଜରିଆରେ ପାଇପାରିବେ। ଆଗାମୀ ଦିନରେ ରାଜ୍ୟରେ ଜାତୀୟ ଇ-ବିଧାନ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହାଛଡ଼ା ବିଧାନସଭା ପରିସରକୁ ୱାଇଫାଇ କରିବାକୁ ଯୋଜନା କରାଯାଇଛି ବୋଲି ବାଚସ୍ପତି କହିଛନ୍ତି।

ବିଧାନସଭା ଆରମ୍ଭ ହେଉଥିଲେ ମଧ ଭାଜପା କିମ୍ବା ବିଜେଡି ମଙ୍ଗଳବାର ବିଧାୟକ ଦଳ ବୈଠକ ଡାକିନାହାନ୍ତି। ୧୩ ତାରିଖ ସକାଳ ୧୦ଟାରେ ବିଜେଡି ଓ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ହାତରେ ଅନେକ ପ୍ରସଙ୍ଗ ରହିଛି। ନାରୀ ସୁରକ୍ଷାଠାରୁ ଆରମ୍ଭକରି ପିସି କାରବାର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି, ଆଇନଶୃଙ୍ଖଳା, ବାତ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ, ପାନୀୟ ଜଳ, ଚାଷୀ ସମସ୍ୟା ଭଳି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ଯୋଜନା କରିଛନ୍ତି। ମଙ୍ଗଳବାର ଅପରାହ୍ନରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ସରକାରଙ୍କ କାର୍ଯ୍ୟକ୍ରମକୁ ବିରୋଧ କରାଯାଉଥିବା ସମସ୍ତ ପ୍ରସଙ୍ଗ ସହିତ ୫-ଟି କାର୍ଯ୍ୟକ୍ରମକୁ ମଧ ବିଧାନସଭାରେ ଉଠାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ଭାଜପା ଓ କଂଗ୍ରେସ ରାସ୍ତାକୁ ଓହ୍ଲାଇଥିଲେ। ଏହି ପ୍ରସଙ୍ଗକୁ ନେଇ ଭାଜପା ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛି। ଏଥିସହିତ ଚାଷୀ, ବେକାରି ସମସ୍ୟା, ଆଇନଶୃଙ୍ଖଳା ପରିସ୍ଥିତିକୁ ମଧ ବିଧାନସଭାରେ ଭାଜପା ଉଠାଇବା ନେଇ ସୂଚନା ମିଳିଛି।

**■ ଆଗତ ହେବ ଅତିରିକ୍ତ ବଜେଟ**

**■ ବିଧାନସଭା କାର୍ଯ୍ୟାବଳୀ ହେବ ପେପର ଲେସ୍**

**■ ନାରୀ ସୁରକ୍ଷା, ପିସି କାରବାର, ଚାଷୀ, ବେକାରି ସମସ୍ୟାକୁ ନେଇ ସରକାରଙ୍କୁ ଘେରିବେ ବିରୋଧୀ**



ବୁଧବାର ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ମଙ୍ଗଳବାର ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରୁଛନ୍ତି ଡିଜିପି ବିଜୟ କୁମାର ଶର୍ମା, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ।

Vencobb Fresh Chicken — Taste the difference!

12.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 74 | 124 | 134 |
| DKL | 75 | 126 | 136 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 76 | 127 | 137 |
| BHM | 76 | 127 | 137 |

*Conditions Apply

Issued in the Interest of Consumers



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................



ଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## 'ଲିମ୍କା ବୁକ୍'ରେ ...

ଏମ୍ସର ଭେନ୍ ବ୍ୟାଙ୍କରୁ ଭେନ୍(ଶିରା) ଆଣି ସଂଯୋଗ କରିବା। ଏହି ଦୁଇ ଶିଶୁଙ୍କ ଯୋଡ଼ାମୁଣ୍ଡରେ ମାତ୍ର ଗୋଟିଏ ଭେନ୍ହିଁ ରହିଥିଲା। ତେଣୁ ଏହି ପ୍ରକ୍ରିୟା ସାରା ପୃଥିବୀରେ ପ୍ରଥମ ବୋଲି ସେ କହିଛନ୍ତି। ଜଗା-କାଳିଆ ଏମ୍ସରେ ଭର୍ତ୍ତି ହେବା ସମୟରେ ପ୍ରାଥମିକ ଆକଳନରୁ ଏହି ଦୁଇ ଶିଶୁ ଅସ୍ତ୍ରୋପଚାର ପ୍ରକ୍ରିୟାକୁ ସହ୍ୟ କରିପାରିବେ କି ନାହିଁ ତାହା ଚିନ୍ତାର କାରଣ ଥିଲା। ତେବେ ୨୦୧୭ ଜୁଲାଇ ୨୬ରେ ଦୀର୍ଘ ୧୨ଘଣ୍ଟା ଧରି ଦୁଇ ଶିଶୁଙ୍କୁ ନିଶ୍ଚେତନ କରି ସମସ୍ତ ପରୀକ୍ଷା ନିରୀକ୍ଷା କରାଯିବା ପରେ ଅସ୍ତ୍ରୋପଚାର କରାଯିବାର ନିଷ୍ପତ୍ତି ନିଆଗଲା ବୋଲି ଡା. ମହାପାତ୍ର କହିଛନ୍ତି। ଜଗା-କାଳିଆଙ୍କ ଅସ୍ତ୍ରୋପଚାର୍ କରିବା ଲାଗି ଗଠିତ ଟିମ୍ ନ୍ୟୁୟର୍କର ବ୍ରୋନକ୍ସସ୍ଥିତ ଆଲବର୍ଟ ଆଇନ୍ଷ୍ଟାଇନ୍ କଲେଜ ଅଫ୍ ମେଡ଼ିସିନ୍ର ପ୍ରଖ୍ୟାତ ଶିଶୁରୋଗ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଜେମ୍ସ ଟି ଗୁଡ୍ରିକଙ୍କ ପରାମର୍ଶ ନେଇଥିଲା। କାରଣ ଏ କ୍ଷେତ୍ରରେ ପ୍ରଫେସର ଗୁଡ୍ରିକ ବିଶ୍ୱର ସବୁଠାରୁ ବଡ଼ ବିଶେଷଜ୍ଞ ଏବଂ ସେ ପୂର୍ବରୁ ଏଭଳି ଦୁଇଟି ଅସ୍ତ୍ରୋପଚାର ମଧ୍ୟ କରିସାରିଛନ୍ତି ବୋଲି ଡା. ମହାପାତ୍ର କହିଛନ୍ତି। ଏଭଳି ଅସ୍ତ୍ରୋପଚାରର ସଫଳତା ହାର ଖୁବ୍କମ୍ ରହିଥିବାବେଳେ ଗତ ୩୩ ବର୍ଷ ମଧ୍ୟରେ ବିଶ୍ୱରେ ଏଭଳି ମାତ୍ର ୧୨ରୁ ୧୩ଟି ସର୍ଜରି କରାଯାଇଥିବା ସେ କହିଛନ୍ତି। ଜଗା-କାଳିଆ ଏମ୍ସରେ ଦୁଇବର୍ଷ ରହିବା ପରେ ଓଡ଼ିଶା ଫେରିଛନ୍ତି। ଯଦିଓ ସେମାନେ ସୁସ୍ଥ ଅଛନ୍ତି, କିନ୍ତୁ କାଳିଆ ଶରୀରରେ ଉନ୍ନତି ଟିକେ ମନ୍ଥର ଗତିରେ ହେଉଛି। ତେଣୁ ଆହୁରି ଦୁଇ ତିନିବର୍ଷ ଅପେକ୍ଷା କରିବାକୁ ପଡ଼ିବ ବୋଲି ଡା. ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଅସ୍ତ୍ରୋପଚାର କରିବା ସମୟରେ ଡା. ମହାପାତ୍ର ଦିଲ୍ଲୀ ଏମ୍ସର ନ୍ୟୁରୋସର୍ଜରି ବିଭାଗ ମୁଖ୍ୟଭାବେ ଦାୟିତ୍ୱରେ ଥିଲେ।

## ପ୍ରଥମ ପୃଷ୍ଠାରୁ...

## ମହାରାଷ୍ଟ୍ରରେ ରାଷ୍ଟ୍ରପତି ...

ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଭାଜପାକୁ ସଂଖ୍ୟାବଳର ପ୍ରମାଣ ପାଇଁ ଦୁଇଦିନ ଦିଆଯାଇଥିବାବେଳେ ଶିବସେନାକୁ କାହିଁକି ଦିଆଗଲା ନାହିଁ ବୋଲି ପ୍ରଶ୍ନ ଉଠାଇ ଉଦ୍ଧବ ଠାକ୍ରେଙ୍କ ନେତୃତ୍ୱାଧୀନ ଦଳ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ୍ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଛନ୍ତି। ସେହିପରି ଏନ୍ସିପିକୁ ମଧ୍ୟ ମଙ୍ଗଳବାର ରାତି ୮ଟା ୩୦ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ହେଲେ ଏନ୍ସିପି ରାଜ୍ୟପାଳଙ୍କ ସହ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଆଲୋଚନା କରି ଅଧିକ ସମୟ ମାଗିଥିଲା। ଇତିମଧ୍ୟରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସକାଳେ ଏନ୍ସିପି ମୁଖ୍ୟ ପାୱାରଙ୍କ ସହ ସରକାର ଗଠନ ନେଇ ଫୋନ୍ରେ ଆଲୋଚନା କରିଥିଲେ। ଏଥିସହ ପାୱାରଙ୍କୁ ଭେଟିବା ପାଇଁ ଦଳର ବରିଷ୍ଠ ନେତା ମଲିକାର୍ଜୁନ ଖାର୍ଗେ, ଅହମଦ ପଟେଲ ଏବଂ କେ.ସି. ବେଣୁଗୋପଳଙ୍କୁ ଦିଲ୍ଲୀରୁ ମୁମ୍ବାଇ ପଠାଇଥିଲେ। ସେହିପରି ଦିଲ୍ଲୀ ଯାଇ ସୋନିଆଙ୍କୁ ଭେଟିବା ପାଇଁ ଶରଦ ପାୱାରଙ୍କୁ କୁହାଯାଇଥିବା ତାଙ୍କ ପୁତୁରା ଅଜିତ୍ ପାୱାର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମୁମ୍ବାଇରେ ଏନ୍ସିପି ବିଧାୟକମାନଙ୍କ ବୈଠକ ଚାଲିଥିବା ଦର୍ଶାଇ ପାୱାର ଦିଲ୍ଲୀ ଯିବାକୁ ମନା କରିଦେଇଥିଲେ। କଂଗ୍ରେସ ବିଧାୟକମାନେ ଶିବସେନା ସହିତ ମିଶି ସରକାର ଗଠନ ସପକ୍ଷରେ ଥିଲେ। କିନ୍ତୁ ସୋନିଆ ଏକ ବିରୋଧୀ ବିଚାରଧାରାର ଦଳ ସହ ହାତ ମିଳାଇବାକୁ ବିଶେଷ ଆଗ୍ରହ ପ୍ରକାଶ କରୁ ନ ଥିଲେ। ସେହିପରି ଭାଜପା ସହ ୩୦ ବର୍ଷ ମେଣ୍ଟ କରିଥିବା ଶିବସେନାର ବିଚ୍ଛେଦ ସ୍ଥାୟୀ ହୋଇ ନ ପାରେ ବୋଲି ଅନ୍ୟ ବରିଷ୍ଠ ନେତାମାନେ ମନେକରୁଥିଲେ। ତେଣୁ ଶିବସେନା ନେତୃତ୍ୱରେ କିମ୍ବା ଏହି ଦଳକୁ ନେଇ ଏନ୍ସିପି ନେତୃତ୍ୱରେ ସରକାରକୁ କଂଗ୍ରେସର ସମର୍ଥନ ଘୋଷଣା ବିଳମ୍ବିତ ହୋଇଥିବା କୁହାଯାଉଛି। ଏହା ପୂର୍ବରୁ ସୋମବାର ଶିବସେନା କେନ୍ଦ୍ର କ୍ୟାବିନେଟରୁ ଓହରିଯାଇଥିଲା। ଶିବସେନାର ଜଣେ ମାତ୍ର ମନ୍ତ୍ରୀ ଅରବିନ୍ଦ ସାୱନ୍ତ ମୋଦିଙ୍କ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ଏପରି ସମୟରେ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଛି। ଏକ ସ୍ଥିର ସରକାର ଗଠନ ପାଇଁ ସ୍ଥିତି ସୃଷ୍ଟି ହେଲେ ୬ ମାସ ମଧ୍ୟରେ ରାଷ୍ଟ୍ରପତି ଶାସନକୁ ଉଠାଇ ଦିଆଯାଇପାରେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାର ନିର୍ବାଚନ ଅକ୍ଟୋବର ୨୧ରେ ହୋଇଥିବାବେଳେ ୨୪ ତାରିଖରେ ଏହାର ଫଳାଫଳ ଆସିଥିଲା। ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୧୪୫ ହୋଇଥିବାବେଳେ ଭାଜପାକୁ ୧୦୫ ଆସନରେ ସଫଳତା ମିଳିଥିଲା। ଏହାର ସହଯୋଗୀ ଶିବସେନା ୫୬ ଆସନ ଦଖଲ କରିଥିଲା। ବିରୋଧୀ ଏନ୍ସିପି ୫୪ ଓ କଂଗ୍ରେସ ୪୪ ଆସନ ଅକ୍ତିଆର କରିବାରେ ସକ୍ଷମ ହୋଇଥିଲେ। ଶିବସେନା ୫୦:୫୦ ସୂତ୍ରରେ ସରକାର ଗଠନ ପାଇଁ ଭାଜପା ନିକଟରେ ଅଡ଼ିବସିଥିଲା। ହେଲେ ଭାଜପା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ମନାକରି ଦେଇଥିଲା। ଘୋଡ଼ାବେପାର ଭୟରେ ଶିବସେନା ତା'ର ସମସ୍ତ ବିଧାୟକଙ୍କୁ ବାନ୍ଦ୍ରାର ଏକ ହୋଟେଲରେ ରଖିଥିବାବେଳେ କଂଗ୍ରେସର ୪୪ ବିଧାୟକଙ୍କୁ ଗୋଆ ପ୍ରକରଣର ପୁନରାବୃତ୍ତିକୁ ଏଡ଼ାଇବା ଲାଗି ରାଜସ୍ଥାନ ରାଜଧାନୀ ଜୟପୁରକୁ ପଠାଇଦିଆଯାଇଛି। ଶେଷରେ କ୍ଷମତା ଭାଗବଣ୍ଟା ଦୁଇ ସହଯୋଗୀଙ୍କ ତିନି ଦଶନ୍ଧିର ସମ୍ପର୍କକୁ ଛିନ୍ନ କରିଛି। ବିରୋଧୀ ଏନ୍ସିପି-କଂଗ୍ରେସ ମେଣ୍ଟକୁ ଧରି ଶିବସେନାର ସରକାର ଗଠନ ଉଦ୍ୟମ ଫସର ଫାଟିଛି। ଏନ୍ସିପିର ମଧ୍ୟ ସ୍ୱପ୍ନ ଦେଖିବା ପୂର୍ବରୁ ରାତି ପାହିଯାଇଛି ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

### ମେଷ



ଆଜି ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ଖୁସି ହେବେ। ମଧ୍ୟାହ୍ନରେ ଘର ଅପେକ୍ଷା ବାହାର ଲୋକମାନଙ୍କ ସକାଶେ ବିଶେଷ ସମୟ ଦେଇପାରନ୍ତି। କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବା ବଦଳରେ ଆକସ୍ମିକ ସମସ୍ୟା ହେତୁ ହଠାତ୍ ଅଟକି ରହିଯିବାର ଆଶଙ୍କା ରହିଛି। ଗୃହକୁ ଧାତୁ, ଅଳଙ୍କାରାଦି ମୂଲ୍ୟବାନ ଜିନିଷ ଆଣିପାରନ୍ତି।

### ବୃଷ



ଆଜିର ଦିନଟିରେ ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। କଠିନ ଶ୍ରମ ଓ ଭ୍ରମଣଜନିତ କ୍ଲାନ୍ତି ଅନୁଭବ କରିପାରନ୍ତି। ବ୍ୟବସାୟ, କଚେରି ମାମଲା ଓ ପରିବହନ କ୍ଷେତ୍ରରେ ଝଗଡ଼ା ଲାଗିପାରେ। ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡିପାରେ।

### ମିଥୁନ



ପାରିବାରିକ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ପ୍ରଶାସନ, ପ୍ରେସ୍ ଓ ପବ୍ଲିକେଶନ, ଗବେଷଣା କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ଈର୍ଷାପରାୟଣ ବ୍ୟକ୍ତିମାନେ ବିଭିନ୍ନ ପ୍ରକାରର ଅପପ୍ରଚାର କରିପାରନ୍ତି। ବାଣିଜ୍ୟ, ପରିବହନ, ସଭାସମିତି, ଆଲୋଚନା ଓ ବନ୍ଧୁମିଳନର ସୁଯୋଗ ପାଇବେ।

### କର୍କଟ



କେତେକ ଅତୀତ ସ୍ମୃତିଚାରଣ ମାନସିକ ଅସ୍ଥିରତାର କାରଣ ହୋଇପାରେ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ନୂତନ ବନ୍ଧୁତା ସ୍ଥାପନ କରିବା ଦିଗରେ ଆଜି ଦିନଟି ସ୍ମରଣୀୟ ହୋଇରହିବ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ଆଇନ, ଅଦାଲତ, ପ୍ରଶାସନ ତଥା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

### ସିଂହ



ସ୍ୱାସ୍ଥ୍ୟ ପ୍ରାୟତଃ ନିୟନ୍ତ୍ରଣାଧୀନ ରହିଲେ ମଧ୍ୟ ସାମୟିକ ମାନସିକ ସ୍ତରରେ ଅଶାନ୍ତି ରହିପାରନ୍ତି। ବାଣିଜ୍ୟ, ଯାତ୍ରା ପ୍ରଭୃତି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ। ପାରିପାର୍ଶ୍ୱିକ ପରିସ୍ଥିତି ଆପଣଙ୍କୁ କେତେକାଂଶରେ ଅସ୍ୱାଭାବିକ କରିପାରେ। କଳା, ସାହିତ୍ୟ, ପରିବହନ,ବ୍ୟବସାୟ ଓ ପ୍ରଶାସନିକ ସ୍ତରରେ ଆଶାନୁଯାୟୀ ଫଳ ପାଇବେ।

### କନ୍ୟା



ଆଜିର କାମଗୁଡିକ ବହୁତ ବିଳମ୍ବରେ ସମ୍ପନ୍ନ ହେବା କାରଣରୁ ମନଟା ଭଲ ରହିବ ନାହିଁ। ଅର୍ଥନୈତିକ ସ୍ଥିତି, ପାରିବାରିକ ପରିସ୍ଥିତି ପୂର୍ବପରି ବଳବତ୍ତର ରହିବ। ସାଙ୍ଗଠନିକ କାମ, ରାଜନୀତି ଓ ସଭାସମିତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। କ୍ରୀଡା, ଚଳଚ୍ଚିତ୍ର ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

### ତୁଳା



ଆଜି ଅର୍ଥଲାଭ, ବନ୍ଧୁମିଳନ, ନୂତନ କର୍ମାରମ୍ଭ ପାଇଁ ସୁଯୋଗ ପାଇବେ। ପାରସ୍ପରିକ ସହୃଦୟତା କାରଣରୁ ପାରିବାରିକ ଜୀବନ ମଧ୍ୟ ପ୍ରୀତିପ୍ରଦ ରହିବ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମକୁ ସମ୍ପନ୍ନ କରିବାରେ କୌଣସି ଅସୁବିଧା ହେବନାହିଁ। ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା ପାଇଁ ଦିନଟି ଅନୁକୂଳ ରହିବ।

### ବିଛା



ସନ୍ତାନଙ୍କ ସମସ୍ୟାର ଚିନ୍ତା, ସମ୍ପର୍କ ବଢ଼ାଇବାର ଅଭିଳାଷ, ଅନ୍ୟକୁ ମନେଇ କାମ କରିବାର ପ୍ରବୃତ୍ତି ଜାଗ୍ରତ ହେବ। ମୁହଁରେ ପ୍ରଶଂସା କରୁଥିବା ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷ ସାହାଯ୍ୟ ରହିବ।

### ଧନୁ



ପରିବାର ଓ କର୍ମକ୍ଷେତ୍ର ପାଇଁ ଅନୁକୂଳ ପ୍ରଭାବ ସୃଷ୍ଟି ହେବ। ଯାନ୍ତ୍ରିକ ଜିନଷ କ୍ରୟ କରିପାରନ୍ତି। ମାତ୍ର ବ୍ୟୟାଧିପ ସମ୍ପର୍କରୁ ବହୁତ ଖର୍ଚ୍ଚାନ୍ତ ହୋଇ କାମଟିକୁ ହାସଲ କରିବାକୁ ପଡିବ। ସମ୍ପର୍କୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା କାମରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟିର ସୂଚନା ମଧ୍ୟ ରହିଛି। ପ୍ରତିବେଶୀଙ୍କ ସହ ଭଲ ସମ୍ପର୍କ ସାହାଯ୍ୟକାରୀ ହେବ।

### ମକର



ବନ୍ଧୁ ମାଧ୍ୟମରେ ଅର୍ଥ, ଗୃହୋପଯୋଗୀ ଜମିଜମା କାରବାର ସହ ସରକାରୀ ସ୍ତରରେ ସ୍ଥଗିତ କାଗଜପତ୍ରକୁ ତ୍ୱରାନ୍ୱିତ କରିପାରିବେ। ରାଜନୀତି, ସଙ୍ଗଠନ କିମ୍ବା ଆନୁଷ୍ଠାନିକ କାମ, ଆଇନ ଅଦାଲତ, ପ୍ରଶାସନ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା କ୍ଷେତ୍ର ମନ୍ଦ ହେବନି।

### କୁମ୍ଭ



ଆର୍ଥିକ ଉନ୍ନତି, ବନ୍ଧୁଙ୍କ ଆଦର, ନୂତନ କର୍ମାରମ୍ଭ ଓ ମାନସିକ ସ୍ଥିରତା ପ୍ରଦାନ କରିବ। ମନେ ମନେ ଯାହା ଭାବୁଛନ୍ତି ତାହା କେତେକାଂଶରେ ପ୍ରାପ୍ତିର ସମ୍ଭାବନା ରହିଛି। ସମୟର ପ୍ରତିକୂଳତା ଲାଗିରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିରୋଧକୁ ସାମ୍ନା କରି କାର୍ଯ୍ୟ ହାସଲ କରିପାରିବେ। କୌଣସି କ୍ଷେତ୍ରରେ ମଧ୍ୟ ଆପଣ ପଛକୁ ହଟିବେ ନାହିଁ।

### ମୀନ



ବିବାଦୀୟ ଚିନ୍ତାଧାରା ସୃଷ୍ଟି କରିପାରନ୍ତି। କର୍ମଜଞ୍ଜାଳର ତୀବ୍ରତା ବୃଦ୍ଧି ପାଇ ଆପଣଙ୍କୁ ବିଶ୍ରାମହୀନ କାମରେ ନିଯୁକ୍ତ କରିବ। ପରିବାର ସକାଶେ ଆକସ୍ମିକ ଭାବରେ ବହୁତ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ପରିସ୍ଥିତିବଶତଃ ଅପ୍ରିୟସତ୍ୟ ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

ଆଜି ମାର୍ଗଶିର କୃଷ୍ଣପକ୍ଷ ପ୍ରତିପଦା ବୁଧବାର, ନଭେମ୍ବର ୧୩ ତାରିଖ, ରାଶି/ନକ୍ଷତ୍ର- କୃତ୍ତିକା/ବୃଷ, କର୍କଟ ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୨୭ମି. ଗତେ ଘ୮।୧୧ମି. ମଧ୍ୟେ, ଘ୧୦।୨୫ମି. ଗତେ ଘ୧୨।୩୮ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୪୩ମି. ଗତେ ଘ୭।୨୭ମି. ମଧ୍ୟେ, ଘ୧।୨୨ମି. ଗତେ ଘ୩।୩୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୧।୩୧ମି. ଗତେ ଘ୧୨।୫୪ମି. ମଧ୍ୟେ ରାହୁକାଳ।

# classifieds Everyday

0674-2580101, 2549302




### BRIDE WANTED

Deserving Khandayat groom B.Tech + M.Tech (IIT) working as a Manager. (Caste-no-bar). Contact: 9861022750. D-68165

SC (Pana) boy 1984/ B.Tech, Nationalised Bank Manager "VAISHNABI" 9238578590. D-68509

Age- 38, work in Private sector OBC caste, Rasi 7/3- 8144732934. D-15197

Brahmin Divorced 38/5'8", Bhubaneswar, searching Bride, (Odisha), 8338083380, 8480611745. D-68176

Son Age 30 B.Tech, MBA, IIT Khargpur working in Mumbai Consultant Pwc India, Caste Brahmin, 7008986003. D-15201

Son Age 32 MBBS, SCB, MD in SCB Medical College, working in AIIMS BBSR, 7008986005. D-15203

ସବୁ ଜାତିର ବରପାତ୍ର ପାଇଁ ଘରୋଇ କିମ୍ବା ଚାକିରିଆ କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68214

ଭଦ୍ରକର ଜଣେ ବଣିଆ MBA-M.Com Accounts & Finance ଦିଲ୍ଲୀରେ ଚାକିରି କରୁଥିବା ପାତ୍ର ପାଇଁ ପାତ୍ରୀ ଆବଶ୍ୟକ। ଉପଯୁକ୍ତ ପାତ୍ରୀ ପାଇଁ କୌଣସି ପ୍ରତିବନ୍ଧକ ନାହିଁ। Bharat Matrimony ID- Y1102051 Contact: 9780008808, 9338612003. D-15156

Match required for Brahmin Boy 33/ 5'10"/ M.Com+ICWAI/ BBSR/ Rasi- 24/11. Mob: 7008672773. D-67506

Now Matrimonial ads. only on Wednesday & Sunday Book 1 Get 1 FREE

### GROOM WANTED

Beautiful Patara girl 1991, B-Tech, Software Engineer MNC Bangalore, 9090605880. D-15195

Girl Age 29, MSC OUAT BBSR Working in Deputy Manager Govt Bank Caste-no-bar, 8144589551. D-15202

Bhubaneswarରେ ଚାକିରି କରୁଥିବା Age 34 ଅବିବାହିତା ତେଲି ଝିଅଙ୍କ ପାଇଁ Any caste ଘରଜ୍ୱାଇଁ ଦରକାର। 7381366103. D-67917

ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି Bengali ଜାତିର ବରପାତ୍ର ଆବଶ୍ୟକ। "AKANKSHYAGROUP" 7978736177. D-68213

Wanted suitable service groom age within 40-43 for beautiful Karan girl MA, 5'3", family staying Bhubaneswar. (Caste-no-bar) 8249969649. D-15136




### SALE

Toyota Fortuner, WagonR-2015 (Dec), Lancer, Elentra for sale. 7381091234, 9861194627. D-68418




### SALE

6000 sqft. CDA land at Mahanadivihar, Cuttack, Mobile- 9437177313, 8917242678. D-15157

ଭୁବନେଶ୍ୱର ଜଟଣୀଗେଟ୍ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

**Plot sale near AIIMS Hospital, Bhubaneswar yellow zone 30' Road- 8280037688.** D-68425

213 Decimal Gharabari Sthitiban plot, yellow zone on 60sqft road for sale. Contact: 9338342502 (No Brokers). D-68167

ଭୁବନେଶ୍ୱର ବାଲିଅନ୍ତାରେ **Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829.** D-68427

3 Acres bagayat farm @ Dadhimachagadia (boundary wall, Borewells, Out house, Electricity) & 2 Acres at Sakhigopal for sale, Call: 9338342502. D-68168

**Gharabari plot for sale at Amanapada, near Anantapur, Phulnakhara. Contact: 9438826479, 9776581412.** D-68022

3BHK flat, Unit-9, Road No.-8, Bhubaneswar for sale. 8658599408. D-68306

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

**2400sqft GA plot immediately sale at Bharatpur (Sum Hospital) Bhubaneswar, only buyer directly contact Deepak- 9937329999.** D-68025

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68166

ଭୁବନେଶ୍ୱର New Railwaystation 30ft Road ଥାଇ sqft. 480/-, Ragistration, Conversion, Mutation free. 6371406921, 9439690111. D-68505

**3800sqft GA plot immediately sale at Surya nagar, Bhubaneswar, only buyer directly contact Deepak- 9937329999.** D-68024

**Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850.** D-68413

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68169

**ଭୁବନେଶ୍ୱର ନୂଆଗାଁରେ Yellowzone ଘରବାରି ପ୍ଲଟ୍ 1200sqft. @2300/- ବିକ୍ରିହେବ- 9861082584.** D-68417

**ଭୁବନେଶ୍ୱର ପିତାପଲ୍ଲି Biswas +2 Science College backsideରେ Yellowzone ପ୍ଲଟ୍ ମିଳୁଅଛି। 8594954102.** D-68419

(Schedule Caste) 19 ଗୁଣ୍ଠ ଜମି ଭିଙ୍ଗାରପୁର ହଂସପାଳଠାରେ ବିକ୍ରିହେବ। 9937816565, 9937568585. D-68170

**100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320.** D-68426

ସ୍ଥିତିବାନ ବାସପୋଯୋଗୀ ଜମି 60ft ପିଚୁରାସ୍ତାକୁ ଲାଗି ବିକ୍ରିହେବ। 9937816565, 9937568585. D-68171

**Gharabari 5ft boundarywall complete plot sale Chhatabar bypass roadside 3k.m. from 2nd infosys 6000sqft. 36,00,000/- (3side simplex) 9861281504.** D-68423




3store building for rent cum sale 1/2/3BHK available for family, bachelor Dhauli, Bhubaneswar. 9337730923. D-15091




Rejuvenate and ayurvedic full body massage by smart therapist. 9114402304. D-68145

Ayurvedic full body massage ladies/ gents smart experts therapist: 8480939300. D-66994

Refresh your mind and soul with best therapy at Orchid Salon/Spa. 9937287222. D-66998

Ayurvedic full body massage ladies & gents smart therapist, 9040900385. D-68701

Full body herbal massage with refreshment expert therapist. 7381239385, 06742540855. D-68172

Experience full body massage with us (expert). Call: 7377048581, 06742597822. D-68173

Herbal full body massage by smart / expert therapist. Contact: 8338067247. D-68174

Summer special mesmerizing offer expert therapeutic refreshing massage appointment. 9668374480. D-68175

Ayurvedic full body massage ladies & gents smart therapist, 9668814589. D-68702

Kajal Ayurvedic massage club fully relaxed by smart lady, home service available- 9937637219. D-67000

### LOST

I Mrs. Gitarani Swain, W/o Late Bikram Keshari Swain Address- G/E-17, VSS Nagar, Bhubaneswar, has lost my sale deed bearing ID No- 739/ 1979 Sabak Khata No- 679, plot no- 448, Area AC 0.08 Decimal, out of AC- 188 decimal, another Sabak Khata No- 676, Plot No- 449, Area ac 0.02 decimal out of 0.22 decimal. Hence, I will not be responsible for any misuse of my document. D-15204

### AFFIDAVIT

ଏତଦ୍ଦ୍ୱାରା ମୁଁ ସ୍ମୃତି ରଞ୍ଜନା ପାଲ, ପି: ରବି ଚନ୍ଦ୍ର ପାଲ, ସା/ପୋ/ଥାନା: ବାଲିଗୁଡ଼ା, ଜିଲ୍ଲା: କନ୍ଧମାଳ ସତ୍ୟପାଠ ମାଧ୍ୟମରେ ଘୋଷଣା କରୁଛି ଯେ, ମୋର ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ରରେ Palo ଅଛି, କିନ୍ତୁ ତାହା ବାସ୍ତବରେ Pal ଅଟେ। ମୋର ଭୋଟ ପରିଚୟ ପତ୍ର, ଆଧାରକାର୍ଡ଼, ପ୍ୟାନ୍କାର୍ଡ଼ରେ Pal ଅଛି। ଏଣୁ ମୁଁ ସମସ୍ତ ସରକାରୀ ଓ ବେସରକାରୀ କାଗଜ ପତ୍ରରେ Smruti Ranjana Pal ଭାବେ ପରିଗଣିତ ହେବି। D- 15199

ଏତଦ୍ଦ୍ୱାରା ମୁଁ ଧ୍ରୀତୀ ରଞ୍ଜନା ପାଲ, ପି: ରବି ଚନ୍ଦ୍ର ପାଲ, ସା/ପୋ/ଥାନା: ବାଲିଗୁଡ଼ା, ଜିଲ୍ଲା: କନ୍ଧମାଳ ସତ୍ୟପାଠ ମାଧ୍ୟମରେ ଘୋଷଣା କରୁଛି ଯେ, ମୋର ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ରରେ Palo ଅଛି, କିନ୍ତୁ ତାହା ବାସ୍ତବରେ Pal ଅଟେ। ମୋର ଭୋଟ ପରିଚୟ ପତ୍ର, ଆଧାରକାର୍ଡ଼ ଓ ପ୍ୟାନ୍କାର୍ଡ଼ରେ Pal ଅଛି। ଏଣୁ ମୁଁ ସମସ୍ତ ସରକାରୀ ଓ ବେସରକାରୀ କାଗଜ ପତ୍ରରେ Dhriti Ranjana Pal ଭାବେ ପରିଗଣିତ ହେବି। D-15200

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ,
ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ।
- ଭଗବଦ୍ ଗୀତା



ଛାଡ଼ଖାଇ




ଐତିହାସିକ କଟକ ବାଲିଯାତ୍ରା ଉଦ୍‌ଘାଟିତ

# ‘ଇଣ୍ଡୋନେସିଆ କ୍ୟାଲେଣ୍ଡରରେ ରହିବ ବାଲିଯାତ୍ରା’

**କଟକ ଅଫିସ, ୧୨।୧୧**

ଓଡ଼ିଶା ହେଉଛି ଇଣ୍ଡୋନେସିଆବାସୀଙ୍କ ଦ୍ୱିତୀୟ ଘର। ଓଡ଼ିଶା ସହିତ ଆମର ସମ୍ପର୍କ ଅତି ନିବିଡ଼। ବାଣିଜ୍ୟିକ, ଆଧାତ୍ମିକ କ୍ଷେତ୍ରରେ ଓଡ଼ିଶା ସହିତ ଇଣ୍ଡୋନେସିଆର ଅନେକ ସାମଞ୍ଜସ୍ୟ ରହିଛି। ଇଣ୍ଡୋନେସିଆ କ୍ୟାଲେଣ୍ଡରରେ ସ୍ଥାନ ପାଇବ କଟକ ବାଲିଯାତ୍ରା। ଇଣ୍ଡୋନେସିଆର ବିଭିନ୍ନ ପର୍ବପର୍ବାଣି ସହିତ ବାଲିଯାତ୍ରାକୁ ଯୋଗ କରାଯିବ। ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଦିନକୁ ବାଲିଯାତ୍ରା ଭାବେ ଉଲ୍ଲେଖ କରାଯିବ ବୋଲି ଘୋଷଣା କରିଛନ୍ତି ଇଣ୍ଡୋନେସିଆର ରାଷ୍ଟ୍ରଦୂତ ସିଦ୍ଧାର୍ଥୋ ରେଜା ସୂର୍ଯ୍ୟୋଦିପୁରୋ। ମଙ୍ଗଳବାର ସନ୍ଧ୍ୟାରେ ଐତିହାସିକ କଟକ ବାଲିଯାତ୍ରାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସିଦ୍ଧାର୍ଥୋ ଯୋଗଦେଇ ଓଡ଼ିଶା-ଇଣ୍ଡୋନେସିଆ ସମ୍ପର୍କକୁ ବର୍ଣ୍ଣନା କରିବା ସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ସ୍ମରଣ କରିଥିଲେ। ବିଜୁ ପଟ୍ଟନାୟକଙ୍କୁ ସେ ହିରୋ ଅଫ ଇଣ୍ଡୋନେସିଆ କହିବା ସହିତ ୧୯୯୫ରେ ଇଣ୍ଡୋନେସିଆ ପକ୍ଷରୁ ବିଜୁଙ୍କୁ ମିଳିଥିବା ଭୂମିପୁତ୍ର ଉପାଧି କଥାକୁ ସେ ମନେପକାଇଥିଲେ। ତେଣୁ ଭବିଷ୍ୟତକୁ ଆଖିଆଗରେ ରଖି ଭାରତ, ଓଡ଼ିଶା ଓ ଇଣ୍ଡୋନେସିଆ ମଧ୍ୟରେ ନୌବାଣିଜ୍ୟ ସମ୍ପର୍କକୁ ମଜଭୁତ କରିବା ପାଇଁ ସେ ବିଭିନ୍ନ ପ୍ରସ୍ତାବ ରଖିଥିଲେ।



ବାଲିଯାତ୍ରାର ପ୍ରଥମ ଦିନରେ ଗହଳି।

ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଯୋଗଦେଇ ଜଗତୀକରଣର ପ୍ରଭାବ ଯୋଗୁ ବ୍ୟବସାୟିକ କ୍ଷେତ୍ରରେ ଦେଖାଦେଇଥିବା ପରିବର୍ତ୍ତନ ସମ୍ପର୍କରେ ସେ ଭାଷଣ ଦେଇଥିଲେ। ଆମେ ସାଧବ ପୁଅଙ୍କୁ ମନେପକାଉଛେ, କିନ୍ତୁ ବର୍ତ୍ତମାନର ଯୁବକ ବ୍ୟବସାୟ ପାଇଁ ମନବଳାଉ ନ ଥିବା ବାଚସ୍ପତି କହିଥିଲେ। ସେହିପରି ମନ୍ତ୍ରୀ ପ୍ରତାପ ଜେନା କହିଥିଲେ, ଚଳିତବର୍ଷ ରାଜ୍ୟ ସରକାର ବାଲିଯାତ୍ରାକୁ ୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି। ଯାହା ପ୍ରଥମ ଥର। ବାଲିଯାତ୍ରା ଏବେ ରାଜ୍ୟସ୍ତରୀୟ ମାନ୍ୟତା ପାଇଛି। ଏହାକୁ ରାଷ୍ଟ୍ରୀୟ ସ୍ତରରେ ଏକ ଜାତୀୟ ମେଳାର ମାନ୍ୟତା ଦେବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ବାଲିଯାତ୍ରାକୁ ନୂଆ ରୂପରେଖ ଦେବା ପାଇଁ ମଧ ସରକାରୀ ସ୍ତରରେ ଯୋଜନା କରାଯାଉଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, ଦେଶର ଅର୍ଥନୀତିରେ ଏବେ ଲଘୁଚାପ ସୃଷ୍ଟି ହୋଇଛି। ରୋଜଗାର ପନ୍ଥା ମରିଯାଉଛି। ଏଭଳି ଲଘୁଚାପରୁ ବର୍ତ୍ତିବା ପାଇଁ ମେଳା ମହୋତ୍ସବ ଏକ ପ୍ରମୁଖ ମାଧ୍ୟମ। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ପାରାଦୀପ ବନ୍ଦର ପ୍ରସଙ୍ଗକୁ ଉଦ୍ଧାର କରି ନୌବାଣିଜ୍ୟ ପରମ୍ପରା ଉପରେ କହିଥିଲେ। ଅତୀତରେ ପାରାଦୀପ ବନ୍ଦରକୁ ନେଇ ଅନେକ ଷଡଯନ୍ତ୍ର ହୋଇଥିବା ମହତାବ କହିଥିଲେ। ମାତ୍ର ପାରାଦୀପ ଆଜି ଦେଶର ଦ୍ୱିତୀୟ ବନ୍ଦରର ମାନ୍ୟତା ପାଇଛି। ଭାଇଜାଗ୍ ପରେ ପାରାଦୀପର ନାଁ ଉଠୁଛି। ମହତାବ କହିଥିଲେ, କଳିଙ୍ଗର ନୌବାଣିଜ୍ୟ ଯେବେଠାରୁ ଆରମ୍ଭ ହୋଇଛି ସେବେଠୁ ବାଲିଯାତ୍ରା ଚାଲିଛି। ମୁଖ୍ୟତଃ ଦେଶର ପୂର୍ବ ଉପକୂଳରେ ନୌବାଣିଜ୍ୟ ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ଓ ପରିବେଶ ଉପଲବ୍ଧ ଅଛି। ପଡୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡ ଓଡ଼ିଶା ବନ୍ଦର ଉପରେ ନିର୍ଭର କରି ବାଣିଜ୍ୟ କରିବେ। ଏଭଳି ସ୍ଥିତିରେ ବାଣିଜ୍ୟିକ କାରବାର ପାଇଁ ଇଣ୍ଡୋନେସିଆ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବାଲିଯାତ୍ରାକୁ ଆନ୍ତର୍ଜାତୀୟ ବିପଣୀ ମେଳା କରିବା ପାଇଁ ଏକ ଏମ୍‌ଓୟୁ ହେବା ଆବଶ୍ୟକ ବୋଲି ଏମ୍‌ପି କହିଥିଲେ।

ଉତ୍ସବରେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରମୋଦ କୁମାର ମଲ୍ଲିକ, ଦେବୀ ରଞ୍ଜନ ତ୍ରିପାଠୀ, ଚନ୍ଦ୍ରସାରଥି ବେହେରା, ମହମ୍ମଦ ମୋକିମ, ସୌଭିକ ବିଶ୍ୱାଳ, ପ୍ରଶାନ୍ତ ବେହେରାଙ୍କ ସମେତ ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକ ଓ କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ କୁମାର ସାମଲ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ବାଲି ସରକାରଙ୍କ ସଂସ୍କୃତି ବିଭାଗ ମୁଖ୍ୟ ମୁଦାନା ବାଲି ସହିତ ଓଡ଼ିଶାର ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବାଲିଯାତ୍ରା ସ୍ମରଣିକା ଉନ୍ମୋଚିତ ହୋଇଥିଲା। କଟକ ସଦର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର ଧନ୍ୟବାଦ ଦେଇଥିଲେ। ତେବେ ବିଧାୟକ ମୋକିମଙ୍କ ଅନୁରୋଧକ୍ରମେ ମୁଖ୍ୟ ଅତିଥି ପାତ୍ର ବାଲିଯାତ୍ରାକୁ ୮ ଦିନ ପରିବର୍ତ୍ତେ ୧୦ ଦିନ କରିବାକୁ ଘୋଷଣା କରିଥିଲେ। ମଞ୍ଚରେ ଉପସ୍ଥିତ ସମସ୍ତ ବକ୍ତା ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦେବା ଉପରେ ଗୁରୁତ୍ୱ ଦେଇଥିଲେ।




KOSHAL ANM & GNM TRAINING SCHOOL
Permitted by: Health & Family Welfare Deptt. Govt. of Odisha
Affiliated by: Indian Nursing Council, New Delhi & Odisha Nursing Council, Bhubaneswar
ADMISSION OPEN
A.N.M. Duration 2 Years
Eligibility: +2 in any Stream or its equivalent
Age: 17 to 30 Years
G.N.M. Duration 3 Years
Eligibility: +2 Arts, Science & Commerce
Age: Both Male & Female
Students of 17 to 30 years
Clinical Training at: District Head Quarters Hospital, SBP, VIMSAR, Burla
At./Po: Naxapali, Dhanupali, Sambalpur- 768005 (Odisha).
Phone: (0663) 2546997, Mob:8763429502, 9938569414


# ରତ୍ନସିଂହାସନରେ ମହାପ୍ରଭୁଙ୍କ ସୁନାବେଶ

## ■ ଦର୍ଶନ କଲେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**ପୁରୀ ଅଫିସ,୧୨।୧୧**

ଶେଷ ହେଲା ଧର୍ମମାସ କାର୍ତ୍ତିକ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ମଙ୍ଗଳବାର ରତ୍ନସିଂହାସନରେ ବିରାଜିତ ମହାପ୍ରଭୁଙ୍କ ସୁନାବେଶ ତଥା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଛି। ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରିଛନ୍ତି। ଅବକାଶ ନୀତି ପରେ ଦାରୁଦିଅଁଙ୍କ ସୁନାବେଶ ହୋଇଥିଲା। ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନ ଅଳଙ୍କାର ଓ ପାଟ ବସ୍ତ୍ରରେ ଠାକୁରଙ୍କୁ ରାଜରାଜେଶ୍ୱର ବେଶରେ ଭୂଷିତ କରିଥିଲେ। ଏହି ବେଶରେ ଶ୍ରୀବିଗ୍ରହ ବହୁବିଧ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ସୁବର୍ଣ୍ଣ ଶ୍ରୀଭୁଜ, ଶ୍ରୀପୟର, କାନ, କଦମ୍ବମାଳି, ହରିଡ଼ା କଦମ୍ବମାଳି, ବାହାଡ଼ା ମାଳି, ତାବିଜ ମାଳି, ବାଘ ନଖିମାଳି, ସେବତୀ ମାଳି, ହଳମୂଷଳ, ଚକ୍ର, ତ୍ରିଶାଖା, ଅଳକା, ଶ୍ରୀମୁଖ ପଦ୍ମ, ରୁପା ଶଙ୍ଖ, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ,



ତିଳକ (ଚିତା), ଘାଘଡ଼ା ମାଳି, କୁଣ୍ଡଳ ଓ ତଡ଼ଗୀ ଲାଗି ହୋଇଥିଲେ। ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭା ପାଉଥିଲା। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ସୂଚନାଥାଉ କି, ବର୍ଷକ ମଧ୍ୟରେ ମହାପ୍ରଭୁଙ୍କର ୫ଥର ସୁନାବେଶ ଅନୁଷ୍ଠିତ ହୋଇଥାଏ। ତନ୍ମଧ୍ୟରୁ କାର୍ତ୍ତିକ ପୂର୍ଣ୍ଣିମାରେ ହେଉଥିବା ସୁନାବେଶ ଅନ୍ୟତମ। ସେହିପରି ଆଷାଢ ଶୁକ୍ଳପକ୍ଷ ଏକାଦଶୀ ଦିନ ରଥ ଉପରେ ସୁନାବେଶ ହେଉଥିବାବେଳେ ଆଶ୍ୱିନ ଶୁକ୍ଳ ଦଶମୀ, ପୌଷ ପୂର୍ଣ୍ଣିମା ଏବଂ ଦୋଳ ପୂର୍ଣ୍ଣିମାରେ ଠାକୁର ରତ୍ନସିଂହାସନରେ ସୁନାବେଶ ହୋଇଥାଆନ୍ତି।

# ଆଜି ସନ୍ଧ୍ୟା ସୁଦ୍ଧା ସମସ୍ତଙ୍କୁ ବିଦ୍ୟୁତ୍ ସେବା ଲକ୍ଷ୍ୟ

**ବୁଲ୍‌ବୁଲ୍ ପରବର୍ତ୍ତୀ ପୁନରୁଦ୍ଧାର**

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ବାତ୍ୟା ବୁଲ୍‌ବୁଲ୍ ଦ୍ୱାରା ପ୍ରାୟ ୧୬ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ପ୍ରଭାବିତ ହୋଇଥିଲେ। ବାତ୍ୟା କମିବାର ଦିନକ ମଧ୍ୟରେ ପ୍ରାୟ ୧୫ ଲକ୍ଷ ଉପଭୋକ୍ତାଙ୍କୁ ପୂର୍ବବତ ସୁବିଧା ଯୋଗାଇ ଦିଆଯାଇଥିଲା। ବଳକା ୧ ଲକ୍ଷଙ୍କ ମଧ୍ୟରୁ ୮୦,୦୦୦ଙ୍କୁ ମଙ୍ଗଳବାର ସୁଦ୍ଧା ବିଦ୍ୟୁତ୍ ସୁବିଧା ଯୋଗାଇ ଦିଆଯାଇଛି। ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲାର ଉପଭୋକ୍ତାମାନେ ହିଁ ବୁଲ୍‌ବୁଲ୍ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ଉପରୋକ୍ତ ସ୍ଥାନରେ ସେବା ଯୋଗାଉଥିବା ସେସୁ ଏବଂ ନେସ୍କୋ ଅଧିକାରୀମାନଙ୍କ ସହଯୋଗ କାରଣରୁ ପୁନରୁଦ୍ଧାର କାର୍ଯ୍ୟ ଦ୍ରୁତ ଗତିରେ ହୋଇପାରିଥିବା କୁହାଯାଇଛି। ବୁଲ୍‌ବୁଲ୍ ପରେ ପ୍ରାୟ ୨୦,୦୦୦ ଉପଭୋକ୍ତା ବିଦ୍ୟୁତ୍ ଶକ୍ତିରୁ ବଞ୍ଚିତ ହୋଇଥିଲେ। ହେଲେ ବୁଧବାର ସନ୍ଧ୍ୟା ସୁଦ୍ଧା ଏହି ଉପଭୋକ୍ତାଙ୍କୁ ପୂର୍ବପରି ବିଦ୍ୟୁତ ଯୋଗାଇ ଦିଆଯିବ ବୋଲି ଆଶା କରାଯାଉଛି। ଏମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ଉପଭୋକ୍ତା ରହିଛନ୍ତି।



## ଜିଲା ଚିଠି
### କଟକ

# ଘରଭଙ୍ଗା

**କେ**ଉଁ ବେଳାରେ ଫନୀ ବାତ୍ୟା କଟକ ଆସିଥିଲା କେଜାଣି, କେବଳ ଘର ଭାଙ୍ଗିଲାନି ବରଂ ଅନେକ ଘରଭଙ୍ଗାଙ୍କୁ ସୃଷ୍ଟି କରିଦେଇଗଲା। ଫଳରେ ଏବେ ଯାଏ ଘରଭଙ୍ଗା ଓ ଭଙ୍ଗାଳିଙ୍କୁ ନେଇ ଜିଲାରେ ଅଧିକ ଜୋରରେ ତୁମ୍ଫିତୋଫାନ ଚାଲିଛି। ଫନୀ ଘରଭଙ୍ଗା ସହାୟତାକୁ ନେଇ ଦୈନିକ ଜିଲାର ବିଭିନ୍ନ ବ୍ଲକରୁ ଗଦାଗଦା ଅଭିଯୋଗ ଜିଲାପାଳଙ୍କ ନିକଟକୁ ଆସୁଛି। କେଉଁଠି କୋଠାଘର ବାଲାଙ୍କୁ ଫନୀ ସହାୟତା ମିଳିଛି ତ କେଉଁଠି ସ୍ୱାମୀଠାରୁ ସ୍ତ୍ରୀଙ୍କୁ ଅଲଗା କରି ସହାୟତା ଦିଆଯାଇଛି। ସେହିପରି କେଉଁଠି ବାପଠାରୁ ପୁଅକୁ ଓ ଆଉ କେଉଁଠି ଭାଇଠାରୁ ଭାଇକୁ ଅଲଗା କରାଯାଇଛି। ଫନୀ କୁଆଡେ ଏମାନଙ୍କ ଘର ଭାଙ୍ଗି ନ ଥିବାବେଳେ ସରକାରୀ କର୍ମଚାରୀ ଏମାନଙ୍କ ଘରକୁ ଦୁଇଭାଗ କରିଦେଇଛନ୍ତି। ତେଣୁ ଫନୀଠାରୁ ଏମାନେ ଅଧିକ ଭୟଙ୍କର ବୋଲି ଜିଲାବ୍ୟାପୀ ଆଲୋଚନା ହେଉଛି। ମୁଖ୍ୟତଃ ଏଭଳି ଘର ଭାଙ୍ଗିବା କାର୍ଯ୍ୟରେ ଜିଲାରେ କାର୍ଯ୍ୟରତ କେତେଜଣ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ ଭୂମିକା ସର୍ବାଗ୍ରେ ରହିଛି। ଫନୀ ପରେ କିଭଳି ସର୍ଭେ କରିଥିଲେ କେଜାଣି ସେମାନେ ସୁପାରିସ କରିଥିବା ସହାୟତାକୁ ନେଇ ଏବେ ଜିଲାରେ ବଡ଼ ଅଡୁଆ ପରିସ୍ଥିତି ଉପୁଜିଛି। ଜିଲାର ଯେକୌଣସି ଗ୍ରାମାଞ୍ଚଳକୁ ଯିବା ମାତ୍ରେ ସବୁଠି ଫନୀ ଘରଭଙ୍ଗା ଓ ଘର ଭଙ୍ଗାଳିଙ୍କୁ ନେଇ ଆଲୋଚନା ପର୍ଯ୍ୟାଲୋଚନା। ସବୁଠୁ ମଜାଦାର କଥା ହେଉଛି ଘରଭଙ୍ଗା ସୁପାରିସ କରିଦେଇ ଅଧିକାଂଶ ଆର୍‌ଆଇ ଅନ୍ୟ ସର୍କଲକୁ ବଦଳି ହୋଇଛନ୍ତି। ଫଳରେ ପ୍ରକୃତରେ ଫନୀ କ୍ଷତିଗ୍ରସ୍ତମାନେ ସେମାନଙ୍କ ନାଁ ତାଲିକାରେ ନ ଥିବା ଜାଣି ଆର୍‌ଆଇ ଅଫିସକୁ ଗଲାବେଳକୁ ନୂଆ ବାବୁ ବାହାରି ଆସୁଛନ୍ତି। ସେ ସମୟରେ ମୁଁ ନ ଥିଲି। ଯେଉଁବାବୁ ତୁମ ସର୍ଭେ କରିଥିଲେ ସେ ଏଠୁ ବଦଳି ହୋଇ ପଳାଇଲେଣି ବୋଲି ଉତ୍ତର ମିଳୁଛି। ଆର୍‌ଆଇ ଅଫିସରୁ ନିରାଶ ହୋଇ ଫେରୁଥିବା ଲୋକେ ଏଥିପାଇଁ ସିଧାସଳଖ ସ୍ଥାନୀୟ ନେତା (ସରପଞ୍ଚ, ସମିତି ସଭ୍ୟ)ଙ୍କୁ ଦାୟୀ କରିବା ସହିତ ଆବଶ୍ୟକ ପଡ଼ିଲେ ସ୍ଥାନୀୟ ବିଧାୟକଙ୍କୁ ମଧ୍ୟ ଗାଳିଦେବାକୁ ପଛାଉନାହାନ୍ତି। ଗୋଟିଏପଟେ ଜିଲାରେ ଆବାସ ଯୋଜନାକୁ ନେଇ ଜୋରଦାର ଖୋଳତାଡ଼ ଚାଲିଛି। ଅନେକ ଅଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରେ ଫାଇଦା ହାତେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଆବାସ ଦୁର୍ନୀତି ଖୋଳତାଡ଼ରୁ ନେତାମାନଙ୍କ ସମ୍ପୃକ୍ତି ବାହାରି ସାରିଲାଣି। ବଡ଼ମ୍ବା ଓ ମାହାଙ୍ଗାରେ କେତେଜଣ ନେତାଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଏତଲା ଦିଆଯିବା ପରେ ମାମଲା ରୁଜୁ ହୋଇଛି। ଏବେ ସେଥିରେ ଫନୀ ଘରଭଙ୍ଗା ଓ ଭଙ୍ଗାଳିଙ୍କୁ ନେଇ ଆଉ ଏକ ବିବାଦ ଉପୁଜିଛି, ଯାହା ପ୍ରଶାସନ ସମେତ ନେତାଙ୍କୁ ମଧ୍ୟ ଅଡୁଆରେ ପକାଇଛି। ଫନୀ ସହାୟତା ପାଇଥିବା ଲୋକଙ୍କ ବାବଦରେ ଯଦି ପ୍ରଶାସନ ଆଉ ଏକ ସର୍ଭେ କରେ ତେବେ ଘର ଭଙ୍ଗାଳି ଏହି ହିତାଧିକାରୀମାନଙ୍କଠାରୁ କେତେ ପରିମାଣର ସହାୟତା ନେବା ପରେ ସେମାନଙ୍କୁ ସହାୟତା ଯୋଗାଇଛନ୍ତି ତାହା ଧରାପଡ଼ିଯିବ ବୋଲି ଆଲୋଚନା ହେଉଛି।

**– ନିର୍ମଳ ପଣ୍ଡା**

# ଆଜି ବନକଲାଗି: ୪ଘଣ୍ଟା ଦର୍ଶନ ବନ୍ଦ

**ପୁରୀ ଅଫିସ,୧୨।୧୧:** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ନ ପ୍ରାୟ ୪ଟାରୁ ରାତି ୮ଟା ୪ ଘଣ୍ଟା ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ନାହିଁ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ବନ୍ଦ ହେବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ।

# ଭିନ୍ନ ଢଙ୍ଗରେ ପିତାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଲେ ଜାହ୍ନବୀ

**ମୁମ୍ବାଇ:** ବଲିଉଡ୍ ନିର୍ଦ୍ଦେଶକ ବୋନି କପୁର ୬୪ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ଜନ୍ମଦିନ ଖୁସିକୁ ଦ୍ୱିଗୁଣିତ କରିଛନ୍ତି ବଲିଉଡ୍ ନାୟିକା ତଥା ବୋନିଙ୍କ ଝିଅ ଜାହ୍ନବୀ କପୁର। ଭିନ୍ନ ଢଙ୍ଗରେ ସେ ପିତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଜାହ୍ନବୀ କହିଛନ୍ତି ସେ ସବୁବେଳେ ଏନର୍ଜି ତାଙ୍କ ପିତା ବୋନିଙ୍କଠାରୁ ହିଁ ପାଇଥାଆନ୍ତି। ଏହା ବ୍ୟତୀତ ସେ ଜଣେ ‘ବେଷ୍ଟ ମ୍ୟାନ’ବୋଲି ମଧ ଜାହ୍ନବୀ ଉଲ୍ଲେଖ କରିଛନ୍ତି। ଇନଷ୍ଟାଗ୍ରାମରେ ସେ ବୋନିଙ୍କର କିଛି ପୁରୁଣା ଫଟୋ ଶେୟାର କରି ପିତାଙ୍କୁ ୱିସ୍ କରିଛନ୍ତି। ଜାହ୍ନବୀଙ୍କ ହୃଦୟସ୍ପର୍ଶୀ ପୋଷ୍ଟ ସାଙ୍ଗକୁ ଯେତେବେଳେ ବୋନି ପ୍ରଥମେ ଚାଲିବା ଆରମ୍ଭ କରିଥିଲେ ସେମିତି ଏକ ଫଟୋ ସେ ଶେୟାର କରିଛନ୍ତି। ଦୁନିଆର ସବୁ ଖୁସି ତାଙ୍କୁ ମିଳୁ ବୋଲି ଝିଅ ଜାହ୍ନବୀ କାମନା କରିଛନ୍ତି। ଆଗକୁ ଯାଇ ଜଣେ ଅଭିନେତ୍ରୀ ଭାବେ ସେ ତାଙ୍କ ପିତାଙ୍କ ପାଇଁ ଗର୍ବ ଓ ଗୌରବ ଆଣିଦେବେ ବୋଲି ମଧ ଲେଖିଛନ୍ତି।






ପ୍ରତ୍ୟେକ କଥାର ସମୟ ଓ ସୀମା ରହିଛି। ଦୀର୍ଘ ଦିନ ଧରି ପାଳିତ ହେଉଥିବା ପ୍ରଥା ସବୁ, ସେହି ସମୟ ପାଇଁ ଅତ୍ୟନ୍ତ ଉପଯୋଗୀ ଥିଲେ। ଏପରି କି ପ୍ରତୀକ ପୂଜାର ପ୍ରଥା ବା ବହୁଭର୍ତ୍ତୃତ୍ୱ ପ୍ରଥା ମଧ୍ୟ। ଆମ୍ଭେମାନେ ଅତୀତରେ ଉପଯୋଗିତାକୁ ଅସ୍ୱୀକାର କରିବା ନାହିଁ। କିନ୍ତୁ ବର୍ତ୍ତମାନର ଓ ଭବିଷ୍ୟତର ଉପଯୋଗିତାକୁ ଆମେ ଅଧିକ ଗୁରୁତ୍ୱ ଦେବା ଉଚିତ। –ଶ୍ରୀଅରବିନ୍ଦ

# କାଗଜ ଓ କଦଳୀ ପଟୁଆ

ଓଡ଼ିଶାର ନୌବାଣିଜ୍ୟ ପରମ୍ପରାର ଐତିହ୍ୟ ବହନ କରୁଛି ବାଲିଯାତ୍ରା। କାର୍ତ୍ତିକ ପୂର୍ଣ୍ଣମୀରେ ନଦୀ ଓ ପୁଷ୍କରିଣୀରେ ଡଙ୍ଗା ଭସାଇ ଅତୀତର ସ୍ମୃତିକୁ ମନେପକାଯାଉଛି। ପୂର୍ବରୁ ଥର୍ମୋକୁଲ ନିର୍ମିତ ଡଙ୍ଗା ବହୁଳ ଭାବେ ଭସାଯାଉଥିଲା। ପ୍ଲାଷ୍ଟିକ୍ ଓ ଥର୍ମୋକୁଲ ବ୍ୟବହାର ଉପରେ ରୋକ ଲଗାଯାଇଥିବାରୁ କାଗଜ ନିର୍ମିତ ଓ କଦଳୀ ପଟୁଆରେ ତିଆରି ଡଙ୍ଗା ଏଥର ବହୁ ପରିମାଣରେ ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, କାଗଜ ଓ କଦଳୀ ପଟୁଆରେ ତିଆରି ଡଙ୍ଗା ମାଟିରେ ମିଶିଯାଇଥାଏ । ତେଣୁ ଏହାର ବିକ୍ରି ବୃଦ୍ଧି ପାଇବା ପରିବେଶ ସୁରକ୍ଷା ଦିଗରେ ନିଶ୍ଚିତ ଭାବେ ଏକ ସକାରାତ୍ମକ ସନ୍ଦେଶ ଦେଉଛି। ଏହା ସ୍ୱାଗତଯୋଗ୍ୟ ଯେ, ସାଧାରଣ ନାଗରିକ ସ୍ୱଇଚ୍ଛାରେ ପରିବର୍ତ୍ତନ ଆଣିବାକୁ ଚିନ୍ତା କଲେଣି। ଏଥିରୁ ପ୍ରମାଣ ମିଳୁଛି, ସଚେତନତା ହେଉଛି ପରିବର୍ତ୍ତନର ଏକମାତ୍ର ସଫଳ ଉପାୟ।

ଆଜି ବିଭିନ୍ନ ପ୍ରକାରର ପ୍ରଦୂଷଣ ଯୋଗୁ ଲୋକେ ଘୋର ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦିଲ୍ଲୀରେ ବାୟୁର ମାନ ଅତ୍ୟନ୍ତ ଖରାପ ସ୍ଥିତିକୁ ଚାଲିଆସି ଜନଜୀବନକୁ କିଭଳି ପ୍ରଭାବିତ କରିଦେଇଛି ତାହା ସମସ୍ତେ ଜାଣିଛନ୍ତି। ଦେଶର ପ୍ରାୟ ସବୁ ନଦୀ ଏବେ ପ୍ରଦୂଷିତ। କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ଭୂପୃଷ୍ଠରେ ବ୍ୟାପକ ଭାବେ ବ୍ୟବହୃତ ପ୍ଲାଷ୍ଟିକ୍ ପଦାର୍ଥ ସହିତ ଚାଷଜମିରେ ବ୍ୟବହୃତ ରାସାୟନିକ ଦ୍ରବ୍ୟ ସମୁଦ୍ର, ନଦୀ ଏବଂ ଭୂତଳ ଜଳକୁ ଦୂଷିତ କରିଦେଉଛି। ଫଳରେ ଜଳଚର ଜୀବଙ୍କ ପ୍ରତି ଏହି ପଦାର୍ଥ ବିପଦ ଭାବେ ଉଭା ହୋଇଛି। ବୈଜ୍ଞାନିକଙ୍କ ମତରେ ପଲିଥିନ୍ ବା ପ୍ଲାଷ୍ଟିକ୍ ମାଟିରେ ନ ମିଶି ୫୦୦ ବର୍ଷ ଯାଏ ପୃଥିବୀପୃଷ୍ଠରେ ପଡ଼ି ରହିଥାଏ। ସ୍ଥିତି ଏଭଳି ଉପୁଜିଛି ଯେ ଗୋରୁ ଓ ତିମି ଭଳି ପ୍ରାଣୀ ଏହାକୁ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ଭାରତରେ ପ୍ଲାଷ୍ଟିକ୍‌କୁ ଉପଯୁକ୍ତ ରିସାଇକ୍ଲିଂ ବା ପୁନଃ ବ୍ୟବହାର ଉପଯୋଗୀ କରାଯାଇପାରୁ ନ ଥିବାରୁ ତାହା ଚିନ୍ତାର କାରଣ ପାଲଟିଛି। ଏହାର ବ୍ୟବହାର ଉପରେ ସରକାରୀ ସ୍ତରରେ ନିଷେଧାଜ୍ଞା ଜାରି କରାଯାଇଥିବାରୁ ଲୋକେ ସଚେତନ ହେବା ଆରମ୍ଭ କଲେଣି। କେତେକେ ଭୟରେ ପଲିଥିନ୍ ଧରୁନାହାନ୍ତି। ଜରିମାନା ଡରରେ ପ୍ଲାଷ୍ଟିକ୍ ବର୍ଜନ କରୁଥିବା ବ୍ୟକ୍ତି ଲୁଚାଛପାରେ ସୁଯୋଗ ପାଇଲେ ତାହାର ଉପଯୋଗ କରିପାରେ। ସବୁଠାରୁ ବଡ଼ କଥା ହେଲା, ଲୋକେ ଏବେ କେତେକାଂଶରେ ଏହାର ଭୟଙ୍କର ରୂପକୁ ଅନୁଭବ କରି ସଚେତନ ହେବାକୁ ଆରମ୍ଭ କଲେଣି। କଟକଣା, ଜରିମାନା ଓ ଭୟ ସାମାଜିକ ପରିବର୍ତ୍ତନ ଆଣିପାରେ। ତାହାଠାରୁ କାହିଁ କେତେ ଗୁଣରେ ବିବେକାନୁମୋଦିତ ପଦକ୍ଷେପ ଫରକ ଦେଖାଇଥାଏ। ଓଡ଼ିଶାର ଐତିହାସିକ କଟକ ବାଲିଯାତ୍ରା ୧୨ ନଭେମ୍ବରରୁ ଆରମ୍ଭ ହୋଇଯାଇଛି। ଏଥିସହିତ ରାଜ୍ୟର ପୁରପଲ୍ଲୀରେ ଥିବା ନଦୀ ଓ ପୋଖରୀରେ ଲୋକେ ଡଙ୍ଗା ଭସାଇ ପରମ୍ପରାକୁ ବଜାୟ ରଖିଛନ୍ତି। ତେବେ ବିଗତ ବର୍ଷ ଅପେକ୍ଷା ଏଥର ଲୋକେ ଅଧିକ ପରିମାଣରେ କାଗଜ ଓ କଦଳୀ ପଟୁଆରେ ତିଆରି ଡଙ୍ଗା ଭସାଇଥିବାରୁ ସେମାନଙ୍କ ମଧ୍ୟରେ ପରିବେଶ ସଚେତନତା ବଢ଼ିଛି ବୋଲି କୁହାଯାଇପାରେ। ଆଗରୁ ଡଙ୍ଗାରେ ଥର୍ମୋକୁଲ ଯେଭଳି ପର୍ଯ୍ୟାପ୍ତ ଭାବରେ ବ୍ୟବହାର କରାଯାଉଥିଲା, ତାହାର ପରିମାଣ ହ୍ରାସ ପାଇବା ନଦୀ ଜଳ ପାଇଁ ଶୁଭଙ୍କର। ଅନୁରୂପ ଭାବେ ଗଣେଶ, ଦୁର୍ଗା, କାଳୀ ମୂର୍ତ୍ତିରେ ବିଷାକ୍ତ ରଙ୍ଗ ଓ ରାସାୟନିକ ପଦାର୍ଥ ବ୍ୟବହାର କରାଯାଉଛି। ତାହାକୁ ବେଖାତିର ମନୋଭାବ ପୋଷଣ କରି ନଦୀ, ପୋଖରୀ ଏବଂ ଅନ୍ୟ ଜଳାଶୟରେ ବିସର୍ଜନ କରାଯାଉଥିଲା। ସେଗୁଡ଼ିକ ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି ହେଲାଣି। କୃତ୍ରିମ ପୋଖରୀ କରାଯାଇ ମୂର୍ତ୍ତିଗୁଡ଼ିକୁ ବିସର୍ଜନ କରିବାର ପ୍ରୟାସ ଆରମ୍ଭ ହେଲାଣି। ତାହା ସମ୍ପୂର୍ଣ୍ଣ ସମାଧାନ ନୁହେଁ। ମୂର୍ତ୍ତିର ଆକାର କ୍ଷୁଦ୍ର କରିବା ସହ ସେଥିରେ ଯଦି କୌଣସି ବିଷାକ୍ତ ପଦାର୍ଥ ବ୍ୟବହାର କରା ନ ଯାଆନ୍ତା, ତାହା ଅଧିକ ଗ୍ରହଣୀୟ ହୋଇପାରନ୍ତା। ଏମିତି ଦେଖିଲେ ରାଜ୍ୟର ଅନେକ ଅଞ୍ଚଳରେ ବିଶୁଦ୍ଧ ପାନୀୟଜଳ ମିଳୁନାହିଁ। ଏହି ପରିପ୍ରେକ୍ଷୀରେ ପ୍ଲାଷ୍ଟିକ୍ ବର୍ଜନ ପ୍ରତି ଲୋକଙ୍କ ମଧ୍ୟରେ ସକାରାତ୍ମକ ଚିନ୍ତା ଜନ୍ମିବା ଉତ୍ସାହପ୍ରଦ।

ସରକାର ଚାପ ପ୍ରୟୋଗ କରି କୌଣସି ବିଷୟରେ ପରିବର୍ତ୍ତନ ଆଣିପାରନ୍ତି। ମାତ୍ର ନାଗରିକ ନିଜେ ସାମାଜିକ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କଲେ, ତାହାର ପ୍ରଭାବ ସୁଦୂରପ୍ରସାରୀ ହୋଇଥାଏ। ଏଠାରେ ଆମେରିକା ସମେତ ଅନେକ ପାଶ୍ଚାତ୍ୟ ରାଷ୍ଟ୍ରର ଉଦାହରଣ ଦିଆଯାଇପାରେ। ସେଠାରେ ସରକାର ସହ ସାଧାରଣ ନାଗରିକର ସେଭଳି ନେଣଦେଣ ନ ଥାଏ। ଆଇନଶୃଙ୍ଖଳା, ନ୍ୟାୟ ଓ ବାସ୍ତବ ସରକାରୀ କାର୍ଯ୍ୟ ବ୍ୟତୀତ ନାଗରିକମାନେ ଦୈନନ୍ଦିନ ଜୀବନରେ ବ୍ୟବସ୍ଥାର ସାହାଯ୍ୟ ଲୋଡ଼ି ନ ଥାଆନ୍ତି। ସେମାନେ ନିଜେ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ପାଲଟିଥାଆନ୍ତି। ସେହି ଦୃଷ୍ଟିରୁ ଦେଖିଲେ, ଓଡ଼ିଶାରେ ପ୍ଲାଷ୍ଟିକ ଓ ଥର୍ମୋକୁଲ ବର୍ଜନ କରି କାର୍ତ୍ତିକ ପୂର୍ଣ୍ଣମାରେ ଯେଉଁମାନେ କାଗଜ ଓ କଦଳୀ ପଟୁଆରେ ନିର୍ମିତ ଡଙ୍ଗା ଭସାଇଛନ୍ତି, ସେମାନଙ୍କ ଭିତରେ ନିଶ୍ଚୟ ପରିବର୍ତ୍ତନ ଆସିଲା ଭଳି ମନେହେଉଛି। ପୃଥିବୀ ଇତିହାସରେ ପ୍ରସ୍ତର ଯୁଗ, ଲୌହ ଯୁଗ ଓ କାଂସ୍ୟ ଯୁଗ ଥିଲା। ସେହିଭଳି ଭାବେ ବୈଜ୍ଞାନିକମାନେ କହୁଛନ୍ତି, ଆମର ଏହି ଯୁଗ ପ୍ଲାଷ୍ଟିକ୍ ଯୁଗ ଭାବେ ଇତିହାସରେ ଲିପିବଦ୍ଧ ହୋଇ ରହିଯିବ।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ନଭେମ୍ବର ୧୯୯୪**

- ଶିକ୍ଷାନୁଷ୍ଠାନ ଓ ସରକାରୀ ଚାକିରି କ୍ଷେତ୍ରରେ ତଫସିଲଭୁକ୍ତ ଜାତି/ଉପଜାତି ଓ ଅନ୍ୟ ପଛୁଆବର୍ଗ ସକାଶେ ଶତକଡା ୫୦ ଭାଗ ସ୍ଥାନ ସଂରକ୍ଷଣ ନୀତିକୁ କର୍ନାଟକ ପାଇଁ କୋହଳ କରିବାକୁ ରାଜ୍ୟ ସରକାର ସୁପ୍ରିମକୋର୍ଟ ନିକଟରେ ଆବେଦନ କରିଛନ୍ତି।
- ସୋମାଲିଆର ଦକ୍ଷିଣାଞ୍ଚଳରେ ଭୟଙ୍କର ବନ୍ୟା ଆସିବା ଫଳରେ ୧୦୦ ଜଣଙ୍କ ପ୍ରାଣହାନି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | A | 0 | | | | | | | B | D | 3 |
| | | E | 3 | | 8 | | | 7 | | | | 6 | | |
| 1 | | 9 | | 7 | 4 | | 6 | | 5 | | | | | |
| | 8 | 0 | 5 | | | 3 | 2 | | | | B | | | A |
| | | | | | | 5 | 4 | | 2 | | | | | 7 |
| | | | | | | | | | | | | 1 | | |
| | B | | C | | 7 | | | | | | | 9 | 0 | |
| | | 5 | | E | | | 1 | | A | 4 | C | | | |
| | | | | 5 | | 7 | | | | B | D | 4 | | |
| 3 | C | | | | 1 | | 0 | | | | E | | | |
| | | | 9 | C | | | | | | | | D | | 1 |
| C | 3 | | B | | | | | 9 | 6 | | | | 2 | |
| | 5 | 8 | | | | 6 | | 4 | 9 | | | 0 | | C |
| | | | | | D | | 7 | C | | 2 | | | | |
| 7 | | 4 | | 8 | | | | A | 1 | | | | E | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | C | A | B | 4 | 0 | 2 | 6 | 3 | 7 | 9 | D | 5 | E | 8 |
| 5 | 3 | 0 | A | 8 | 2 | B | 4 | C | E | 1 | 6 | D | 7 | 9 |
| B | 8 | E | D | 7 | 9 | 1 | 5 | A | 0 | 2 | 3 | 6 | C | 4 |
| D | 9 | 2 | 5 | E | 6 | 8 | 0 | 7 | 4 | B | C | 3 | 1 | A |
| 7 | 4 | 6 | 1 | 3 | C | D | 9 | E | A | 8 | 5 | 0 | 2 | B |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

ଗତକାଲିର ଉତ୍ତର

# ବିଚାରପତି ନିଯୁକ୍ତି ଓ କଲେଜିୟମ୍



ସୁରେନ୍ଦ୍ର କୁମାର ମିଶ୍ର

ବର୍ତ୍ତମାନ ବିଚାରପତି ନିଯୁକ୍ତି ପ୍ରକ୍ରିୟା ଉପରେ ଅନେକ ଆଲୋଚନା ବିଭିନ୍ନ ସ୍ତରରେ ହେଉଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏ ପ୍ରସଙ୍ଗକୁ ନେଇ ଅଚଳାବସ୍ଥା ସୃଷ୍ଟି ହେବା ଓ ଉଚ୍ଚ ନ୍ୟାୟାଳୟର ସମସ୍ତ ବିଚାରପତି ଓ ଓକିଲ ସଂଘ ପରସ୍ପର ମୁହାଁମୁହିଁ ହେବା ପରି ଏକ ଦୁର୍ଭାଗ୍ୟଜନକ ଘଟଣା ସର୍ବସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ତେବେ ପ୍ରଶ୍ନ ଉଠୁଛି ବିଚାରପତି ଚୟନ ଓ ନିଯୁକ୍ତି ପଦ୍ଧତିରେ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି କି? ଯଦି ନୁହେଁ, ତେବେ ଏହା ପଛରେ ରହିଥିବା କାରଣ କ'ଣ?

ଭାରତୀୟ ସମ୍ବିଧାନରେ ଧାରା ୧୨୪, ୨୧୭ ଓ ୨୨୨ ଅନୁଯାୟୀ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଓ ପ୍ରତ୍ୟେକ ରାଜ୍ୟରେ ଥିବା ଉଚ୍ଚ ନ୍ୟାୟାଳୟରେ ବିଚାରପତିମାନଙ୍କର ନିଯୁକ୍ତି ଓ ବଦଳି ନିମନ୍ତେ ବ୍ୟବସ୍ଥା ଅଛି। ବିଚାରପତିମାନଙ୍କ ନିଯୁକ୍ତି ଓ ବଦଳି ଆଦିର ନିଷ୍ପତ୍ତି ସଂସଦୀୟ ବ୍ୟବସ୍ଥାର ମୁଖିଆ ଓ ନ୍ୟାୟପାଳିକାର ମୁଖ୍ୟଙ୍କ ମଧ୍ୟରେ ବିଚାରବିମର୍ଶ ହେଲା ପରେ ସହମତି ଭିତ୍ତିରେ ହୋଇଥାଏ ଓ ଏହା ଉପରେ ଭାରତର ରାଷ୍ଟ୍ରପତି ସ୍ୱୀକୃତିର ମୋହର ଦେଇଥାନ୍ତି। ଆଗରୁ ଏହି ପଦ୍ଧତିକୁ ଅନୁସରଣ କରି ବିଚାରପତିଙ୍କର ଚୟନ ଓ ନିଯୁକ୍ତି ବେଶ୍ ସୁରୁଖୁରୁରେ ହେଉଥିଲା।

କିନ୍ତୁ ସ୍ୱାଧୀନ ଭାରତର ଇତିହାସରେ ଜରୁରିକାଳୀନ ପରିସ୍ଥିତି ଘୋଷଣା ପରି ଏକ କଳଙ୍କମୟ ଅଧ୍ୟାୟ ତାହାର ଛାପ ନ୍ୟାୟପାଳିକା ଉପରେ ଏପରି ପକାଇଲା ଯେ ନ୍ୟାୟପାଳିକା ତାହାର ନିରପେକ୍ଷତା ରକ୍ଷା କରିବାରେ ଅସମର୍ଥ ହେଲା। ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ କାର୍ଯ୍ୟପାଳିକାର ମାତ୍ରାଧିକ ହସ୍ତକ୍ଷେପ ଦେଖାଗଲା। ଧୀରେ ଧୀରେ ନ୍ୟାୟପାଳିକା ତା'ର ଗରିମା ହରାଇବାକୁ ଲାଗିଥିବା ବେଳେ ୧୯୯୩ ମସିହାରେ ଗୋଟିଏ ମାମଲାର ବିଚାର କରି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ନିଜ ରାୟ ମାଧ୍ୟମରେ ବିଚାରପତି ଚୟନ, ନିଯୁକ୍ତି ଓ ବଦଳି ଆଦି ନିମନ୍ତେ ଏକ ନୂତନ ପଦ୍ଧତିର ମୂଳଦୁଆ ପକାଇଲେ। ଏହି ପଦ୍ଧତିକୁ କଲେଜିୟମ୍ କୁହାଗଲା, ଯାହା ଅନୁସାରେ ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ତାଙ୍କର ଦୁଇ ବରିଷ୍ଠ ସହଯୋଗୀ ବିଚାରପତିଙ୍କୁ ନେଇ ବିଚାରପତି ଚୟନ, ନିଯୁକ୍ତି ଓ ବଦଳି ଆଦି କରାଯିବା ପାଇଁ ନିଷ୍ପତ୍ତି ହେଲା ଓ ରାଷ୍ଟ୍ରପତିଙ୍କ ସ୍ୱୀକୃତି ନାମକୁମାତ୍ର ଲୋଡ଼ାଗଲା। ୧୯୯୮ରେ ତତ୍କାଳୀନ ରାଷ୍ଟ୍ରପତି କେ.ଆର୍. ନାରାୟଣନ୍ ଏହି କଲେଜିୟମ୍ ବ୍ୟବସ୍ଥା ସଂକ୍ରାନ୍ତ କେତେକ ଆଇନଗତ ପ୍ରଶ୍ନକୁ ନିଜର ସାମ୍ବିଧାନିକ କ୍ଷମତା ବଳରେ ସର୍ବୋଚ୍ଚ ନ୍ୟାୟାଳୟ ସାମ୍ନାରେ ଉତ୍ଥାପନ କରିଥିଲେ ଏବଂ ନ୍ୟାୟାଳୟ ଏହା ଉପରେ ନିଜର ମତାମତ ରଖି ନିଜ ଦ୍ୱାରା ସୃଷ୍ଟ କଲେଜିୟମ୍ ବ୍ୟବସ୍ଥା ଅନୁଯାୟୀ ବିଚାରପତି ଚୟନ, ନିଯୁକ୍ତି ଓ ବଦଳି ଆଦିର କ୍ଷମତା ନିଜ ପାଖରେ ରଖିଲେ।

ଏତେସବୁ ପରିବର୍ତ୍ତନ ଭିତରେ ନିରପେକ୍ଷ ନ୍ୟାୟପାଳିକା କିନ୍ତୁ ତାହାର ହୃତଗୌରବ ଆଉ ଫେରାଇ ଆଣିପାରିନି। କାର୍ଯ୍ୟପାଳିକାର ହସ୍ତକ୍ଷେପ ଓ ସ୍ୱେଚ୍ଛାଚାରିତାରୁ ନିଜକୁ ରକ୍ଷା କରିବାର ଚେଷ୍ଟା ଭିତରେ ଧୀରେ ଧୀରେ ନ୍ୟାୟପାଳିକାରେ ସ୍ୱେଚ୍ଛାଚାରିତା ପରି ଭୟଙ୍କର ରୋଗ ପ୍ରବେଶ କଲା। ବିଚାରପତି ଚୟନ ଓ ନିଯୁକ୍ତି ଆଦି ଭଳି ନିଷ୍ପତ୍ତିରେ ପରିବାରବାଦ, ପକ୍ଷପାତିତା ଓ ପ୍ରିୟାପ୍ରୀତି ତୋଷଣ ପରି ଦାଗର ଚିହ୍ନ ଦିଶିଲା। ଯେଉଁ ନ୍ୟାୟପାଳିକାର ବିଚାରପତିମାନେ ସମାଜରୁ ଦୁର୍ନୀତିର ମୂଳୋତ୍ପାଟନ କରି ଦୁର୍ନୀତିଗ୍ରସ୍ତମାନଙ୍କୁ ଦଣ୍ଡଦେବାର କ୍ଷମତାପ୍ରାପ୍ତ, ସେମାନଙ୍କ ମଧ୍ୟରୁ କେହି କେହି ଦୁର୍ନୀତିରୁ ନିଜକୁ ଦୂରେଇ ନ ପାରି ପ୍ରତ୍ୟକ୍ଷ ବା ପରୋକ୍ଷରେ ସେଥିରେ ସଂଶ୍ଳିଷ୍ଟ ହୋଇପଡିଲେ। ଧୀରେ ଧୀରେ ଲୋକମତ ନ୍ୟାୟପାଳିକା ଓ ବିଚାରପତିମାନଙ୍କ ସାଧୁତା ଉପରେ ପ୍ରଶ୍ନବାଚୀ ଲଗାଇଲା।

ଜାନୁୟାରୀ ୨୦୧୩ରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ କଲେଜିୟମ୍ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ କୌଣସି ଚେଷ୍ଟା ଗ୍ରହଣୀୟ ନୁହେଁ ବୋଲି ମତ ରଖିଲେ। ୨୦୧୩ରେ ସଂସଦରେ National Judicial Appointments Commission (NJAC)ର ବ୍ୟବସ୍ଥା ସର୍ବସମ୍ମତିକ୍ରମେ ଅଣାଗଲା ଏବଂ ସମ୍ବିଧାନର ୧୨୦ତମ ସଂଶୋଧନ ବିଲ୍, ୨୦୧୩ ଅନୁଯାୟୀ ସମ୍ବିଧାନର ଧାରା ୧୨୪(୨) ଓ ୨୧୭(୧)ରେ ପରିବର୍ତ୍ତନ କରାଗଲା। ଏହି ବ୍ୟବସ୍ଥା ଦ୍ୱାରା ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି, ତାଙ୍କର ଦୁଇଜଣ ବରିଷ୍ଠ ସହଯୋଗୀ ବିଚାରପତି, କେନ୍ଦ୍ର ସରକାରଙ୍କ ଆଇନ ମନ୍ତ୍ରୀ ଓ ଦୁଇଜଣ ସମାଜର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଦ୍ୱାରା ବିଚାରପତି ଚୟନ ହେବା ପରେ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦିତ ହୋଇ ବିଚାରପତି ନିଯୁକ୍ତି ହେବାର ବ୍ୟବସ୍ଥା କରାଗଲା। ହେଲେ ଏହି ବ୍ୟବସ୍ଥାକୁ ସର୍ବୋଚ୍ଚ ବିଚାରାଳୟ ୧୬ ଅକ୍ଟୋବର ୨୦୧୫ରେ ଅବୈଧ ଘୋଷଣା କରିବା ସଙ୍ଗେ ସଙ୍ଗେ କଲେଜିୟମ୍ ପଦ୍ଧତିକୁ ପୂର୍ବବତ୍ ଚାଲୁରଖିଲେ। କେବଳ ଗୋଟିଏ ନୂଆ ଦିଗ ସେଥିରେ ଯୋଡ଼ିଦେଲେ, ଯାହାକୁ Memorandum of Procedure (MOP) ବୋଲି କୁହାଗଲା। ଏହି MOP ଅନୁସାରେ କିଛି ପ୍ରସଙ୍ଗରେ ନ୍ୟାୟପାଳିକାର କଲେଜିୟମ୍ ଓ ସରକାରଙ୍କ ମଧ୍ୟରେ ଏକ ବୁଝାମଣାର ବ୍ୟବସ୍ଥା ରହିଲା ଓ ତାହାକୁ ଉଭୟ ଅନୁସରଣ କରିବା ପାଇଁ ପ୍ରତିବଦ୍ଧତା ରହିଲା।

ଏହି ପରିପ୍ରେକ୍ଷୀରେ ଓଡ଼ିଶା ହାଇକୋର୍ଟ କଲେଜିୟମ୍‌ର ୨୦୧୮ ଓ ୨୦୧୯ରେ ବିଚାରପତି ନିଯୁକ୍ତି ପାଇଁ ଚୟନ ହୋଇଥିବା ପ୍ରାର୍ଥୀଙ୍କ ବିଷୟ ବିଚାରକୁ ନେବା ଆବଶ୍ୟକ। ୨୦୧୮ରେ ଓଡ଼ିଶା ହାଇକୋର୍ଟର କଲେଜିୟମ୍ ୧୨ଜଣ ପ୍ରାର୍ଥୀଙ୍କ ନାମ ମନୋନୀତ କରି ସୁପ୍ରିମକୋର୍ଟର କଲେଜିୟମ୍ ପାଖକୁ ପଠାଇଲେ। ସେଥିମଧ୍ୟରୁ ୮ ଜଣ ଥିଲେ ଓକିଲ ଓ ୪ଜଣ ବିଚାର ବିଭାଗର ଅଫିସର। କଲେଜିୟମ୍ ଓ ସରକାରଙ୍କ ବୁଝାମଣା ଅନୁଯାୟୀ ଓକିଲମାନଙ୍କର ବୟସ, ଆୟ ଇତ୍ୟାଦିର ସୀମା ଧାର୍ଯ୍ୟ ହୋଇଛି। ଯେଉଁ ଓକିଲମାନଙ୍କ ନାମ ଓଡ଼ିଶା ହାଇକୋର୍ଟର କଲେଜିୟମ୍ ସୁପାରିସ କରିଥିଲେ, ସେମାନଙ୍କର ଆୟ ଉପରୋକ୍ତ ସୀମାଠାରୁ କମ୍ ଥିବା ହେତୁ ସୁପ୍ରିମ୍‌କୋର୍ଟର କଲେଜିୟମ୍ ସେମାନଙ୍କ ସୁପାରିସକୁ ଅଗ୍ରାହ୍ୟ କରିଥିଲେ। ସେହିପରି ଯେଉଁ ୪ଜଣ ଜିଲା ଜଜ୍ ପାହ୍ୟାର ଅଫିସରଙ୍କ ନାମ ଓଡ଼ିଶା ହାଇକୋର୍ଟର କଲେଜିୟମ୍ ସୁପାରିସ କରିଥିଲେ ତନ୍ମଧ୍ୟରୁ ୩ ଜଣଙ୍କର ସମ୍ବିଧାନର ଧାରା ୨୧୭(୨) ଅନୁସାରେ ୧୦ ବର୍ଷର ଚାକିରି ଅବଧି ପୂରଣ ହୋଇ ନ ଥିବାରୁ ସେମାନଙ୍କ ନାମ ମଧ୍ୟ ସୁପ୍ରିମ୍‌କୋର୍ଟ କଲେଜିୟମ୍ ଦ୍ୱାରା ଅଗ୍ରାହ୍ୟ ହେଲା ଓ ମାତ୍ର ଜଣେ ହାଇକୋର୍ଟ ଜଜ୍ ହିସାବରେ ୨୦୧୫ରୁ ଖାଲିଥିବା ଜଜ୍ ପଦରେ ନିଯୁକ୍ତି ପାଇଲେ। ତେବେ ପ୍ରଶ୍ନ ଉଠେ, ଯଦି ୨୦୧୮ରେ ୩ ଜଣ ଅଫିସର ସମ୍ବିଧାନ ଅନୁଯାୟୀ ହାଇକୋର୍ଟ ଜଜ୍ ପଦ ପାଇଁ ଯୋଗ୍ୟତା ହାସଲ କରିପାରି ନ ଥିଲେ, ତେବେ ସେମାନଙ୍କ ନାମ ୨୦୧୫ରୁ ୨୦୧୮ ଭିତରେ ଖାଲି ପଡ଼ିଥିବା ଜଜ୍ ପଦ ପାଇଁ କିପରି ଓ କାହିଁକି ସୁପାରିସ କରାଯାଇଥିଲା? ଓଡ଼ିଶା ହାଇକୋର୍ଟ କଲେଜିୟମ୍‌ର ବିଚାରପତିମାନେ କ'ଣ ସମ୍ବିଧାନର ଏହି ବ୍ୟବସ୍ଥା ତଥା MOPରେ ରହିଥିବା ବ୍ୟବସ୍ଥା ଜାଣି ନ ଥିଲେ?

ବର୍ତ୍ତମାନ ପୁଣି ୨୦୧୯ରେ ଓଡ଼ିଶା ହାଇକୋର୍ଟ କଲେଜିୟମ୍ ୮ଜଣ ଓକିଲ ଓ ୪ଜଣ ଜିଲା ଜଜ୍‌ଙ୍କ ନାମକୁ ଜଜ୍ ପଦ ପାଇଁ ସୁପାରିସ କରି ସୁପ୍ରିମ୍‌କୋର୍ଟ କଲେଜିୟମ୍‌କୁ ପଠାଇଲେ। ୮ଜଣ ଓକିଲଙ୍କ ମଧ୍ୟରୁ ଜଣେ ଓଡ଼ିଶା ହାଇକୋର୍ଟରେ କାର୍ଯ୍ୟରତ ନୁହନ୍ତି ବୋଲି ଓକିଲ ସଂଘ ତରଫରୁ ପ୍ରତିବାଦ କରାଯାଇଥିଲା। କିନ୍ତୁ ସେହି ପ୍ରାର୍ଥୀଙ୍କୁ ସୁପ୍ରିମ୍‌କୋର୍ଟ କଲେଜିୟମ୍ ଚୟନ କରି ଓଡ଼ିଶା ହାଇକୋର୍ଟରେ କାର୍ଯ୍ୟରତ ୬ଜଣ ଓକିଲଙ୍କ ନାମ ଫେରାଇ ଦେଇଥିବା ବେଳେ ମାତ୍ର ଜଣଙ୍କର ନାମ ବିଚାରାଧୀନ ରଖିଛନ୍ତି। ସେହିପରି ବିଚାରବିଭାଗର ଯେଉଁ ୪ଜଣ ଅଫିସରଙ୍କ ନାମ ଓଡ଼ିଶା ହାଇକୋର୍ଟ କଲେଜିୟମ୍ ସୁପାରିସ କରିଥିଲେ ସେମାନଙ୍କ ମଧ୍ୟରେ ୨୦୧୮ ମସିହାର ଅକୃତକାର୍ଯ୍ୟ ତଥା ସମ୍ବିଧାନ ଅନୁଯାୟୀ ଅଯୋଗ୍ୟ ଥିବା ୩ଜଣ ପ୍ରାର୍ଥୀଙ୍କ ନାମ ସାମିଲ ଥିଲା। ୨୦୧୯ରେ ୪ଜଣ ବିଚାର ବିଭାଗ ଅଫିସରଙ୍କ ମଧ୍ୟରୁ ଜଣେ ଅଫିସରଙ୍କ ନାମ ସୁପ୍ରିମ୍‌କୋର୍ଟ କଲେଜିୟମ୍ ଗ୍ରହଣ କଲେ। ଶୁଣାଯାଏ ଏହି ଯୋଗ୍ୟ ବିବେଚିତ ପ୍ରାର୍ଥୀ (ଜିଲା ଜଜ୍) ୨୦୧୮ ଡିସେମ୍ବରରେ ଚାକିରିରେ ୧୦ ବର୍ଷ ପୂରଣ କରିଛନ୍ତି। ତେବେ ଯେଉଁ ଜଜ୍ ପଦବୀଗୁଡ଼ିକ ୨୦୧୮ ଡିସେମ୍ବର ପୂର୍ବରୁ ପୂରଣ ନ ହୋଇ ଖାଲିପଡ଼ିଛି, ସେହି ପଦବୀ ପୂରଣ ପାଇଁ ଏହି ଜିଲା ଜଜ୍ କିପରି ଯୋଗ୍ୟ ବିବେଚିତ ହେଲେ? ଏତେଦିନ ଧରି ଜଜ୍ ପଦବୀ ଖାଲି ପଡ଼ିଲା ଓ ବିଚାର ବିଭାଗର ଅନେକ ଜିଲାଜଜ୍ ଏସବୁ ପଦବୀ ପାଇଁ ଯୋଗ୍ୟ ଥିଲାବେଳେ ସେମାନଙ୍କ ନାମ କାହିଁକି ସୁପାରିସ କରାଯାଇ ନ ଥିଲା? ଇତିମଧ୍ୟରେ ସେପରି ଅଫିସରଙ୍କ ମଧ୍ୟରୁ କିଛି ଅବସର ନେଲେଣି ଓ କିଛି ଏବେ ମଧ୍ୟ କାର୍ଯ୍ୟରତ।

ସର୍ବୋଚ୍ଚ ନ୍ୟାୟାଳୟ ଓ ଓଡ଼ିଶା ହାଇକୋର୍ଟର କଲେଜିୟମ୍ ସାମ୍ବିଧାନିକ ବ୍ୟବସ୍ଥା ଓ MOP ନିୟମ ନିଶ୍ଚୟ ଜାଣିଛନ୍ତି। ସେମାନେ ବିଚାରକରି ଯୋଗ୍ୟ ପ୍ରାର୍ଥୀ ଚୟନ କରିବାର କ୍ଷମତା ମଧ୍ୟ ରଖିଛନ୍ତି। ତେବେ ୨୦୧୮ ଓ ୨୦୧୯ରେ ସୁପାରିସ ହୋଇଥିବା ସମୁଦାୟ ୨୪ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ କାହିଁକି ମାତ୍ର ୩ ଜଣଙ୍କୁ ଯୋଗ୍ୟ ଘୋଷଣା କରାଗଲା? ତେଣୁ ପ୍ରଶ୍ନ ଉଠେ ଏପରି ଘଟଣା ଘଟିବାର କାରଣ କ'ଣ ନ୍ୟାୟପାଳିକାରେ ସ୍ୱଚ୍ଛତାର ଅଭାବ?

ମୋ ବିଚାରରେ ସର୍ବସାଧାରଣଙ୍କ ମନରେ ନ୍ୟାୟପାଳିକା ପ୍ରତି ଆସ୍ଥା ଓ ବିଶ୍ୱାସ ଜନ୍ମାଇବା ପାଇଁ ବର୍ତ୍ତମାନ ନ୍ୟାୟପାଳିକାର ଦୁଇ ଅଙ୍ଗ ଯଥା ବିଚାରପତି ଓ ଓକିଲଙ୍କ ମଧ୍ୟରେ ଲଢ଼େଇ ମନୋଭାବ ନ ରହୁ ବରଂ ଏକ ସମାଧାନର ସୂତ୍ର ନେଇ ଉଭୟେ ଜନସାଧାରଣଙ୍କ ମନରେ ନ୍ୟାୟପାଳିକା ପ୍ରତି ସମ୍ମାନ ଓ ବିଶ୍ୱାସ ସୃଷ୍ଟି କରିବାର ମାର୍ଗ ଖୋଜନ୍ତୁ।

ଆଇନଜୀବୀ, କାଠଗଡ଼ା, ଢେଙ୍କାନାଳ,
ମୋ–୯୯୩୭୧୩୧୦୯୭

# ଦିଲ୍ଲୀ ପ୍ରଦୂଷଣ ଓ ପ୍ରତିକାର



ଭରତ ଝୁନ୍‌ଝୁନ୍‌ୱାଲା

କ୍ଷେତରେ ନଡ଼ା ନ ପୋଡ଼ିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ କୁଇଣ୍ଟାଲ ପ୍ରତି ୧୦୦ ଟଙ୍କା ବା କିଲୋପ୍ରତି ୧ ଟଙ୍କା ପ୍ରୋତ୍ସାହନ ରାଶି କୃଷକମାନଙ୍କୁ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ। ଅତୀତରେ ନଡ଼ା ପୋଡିବା ଦ୍ୱାରା ଦିଲ୍ଲୀର ବାୟୁ ପ୍ରଦୂଷଣ ବୃଦ୍ଧି ପାଇଥିଲା ଓ ଏବେ ବି ବୃଦ୍ଧିପାଉଛି ବୋଲି କୁହାଯାଉଛି। କିନ୍ତୁ ଏହା ମୁଖ୍ୟ କାରଣ ନୁହେଁ। ବିଶ୍ୱର ସବୁଠାରୁ ପ୍ରଦୂଷିତ ୧୦ଟି ସହର ମଧ୍ୟରେ ରହିଛି ଦିଲ୍ଲୀ ଓ କୋଲକାତା। କିନ୍ତୁ ଦିଲ୍ଲୀ ଭଳି କୋଲକାତା ନଡ଼ାପୋଡ଼ା ଯୋଗୁ ଉପୁଜୁଥିବା ପ୍ରଦୂଷଣ ସମସ୍ୟାର ସମ୍ମୁଖୀନ ହେଉନାହିଁ। ଯେଉଁ ସମୟରେ ନଡ଼ା ପୋଡାଯାଉ ନାହିଁ ସେତେବେଳେ ବି ଦିଲ୍ଲୀର ବାୟୁ ଭଲ ରହୁ ନ ଥିବା ଲକ୍ଷ୍ୟ କରାଯାଉଛି। ତେଣୁ ନଡ଼ା ପୋଡାଯିବା ସମୟରେ ବାୟୁ ପ୍ରଦୂଷଣ ବେଶି ରହିବା ସ୍ୱାଭାବିକ।

ଦିଲ୍ଲୀର ବାୟୁ ପ୍ରଦୂଷଣ ପାଇଁ ଟ୍ରାଫିକ୍, ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ନଡ଼ା ପୋଡିବା ଏହି ତିନୋଟି କାରଣ ହିଁ ଦାୟୀ। ଟ୍ରାଫିକ୍ ଯୋଗୁ ହେଉଥିବା ପ୍ରଦୂଷଣକୁ ରୋକିବା ଲାଗି ଅନେକ ଉପାୟ ରହିଛି। ପ୍ରଥମେ ନିର୍ଗମନ ମାନକକୁ କଡାକଡି କରାଯିବା ଉଚିତ। ଘରୋଇ କାର ବ୍ୟବହାର ମଧ୍ୟ କମାଇବା ଦରକାର। ଏହା କରିବାକୁ ହେଲେ ସର୍ବସାଧାରଣ ଯାତାୟାତରେ ଯଥେଷ୍ଟ ପୁଞ୍ଜି ଖଟାଇବାକୁ ପଡିବ। ଅଧିକ ବସ୍ ଚଳାଚଳ ଉପରେ ଗୁରୁତ୍ୱ ଦେଇ ଏହାକୁ ଅଧିକ କ୍ରିୟାଶୀଳ କରାଯିବା ଆବଶ୍ୟକ। ମେଟ୍ରୋ ଏ ଦିଗରେ ଖୁବ୍ ଭଲ କାମ କରିଛି ଓ ଏଥିପାଇଁ ଆହୁରି ଅନେକ ନୂଆ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇପାରେ। ଆମେରିକାର ଜାତୀୟ ରାଜପଥରେ ସ୍ୱତନ୍ତ୍ର ଭାବେ 'ହାଇ ଅକୁପାନ୍ସି ଭେହିକିଲ' ଲେନ୍ ରହିଛି ଯେଉଁଠି କମ୍ ଭିଡ଼ ରହେ। ଅତିକମ୍‌ରେ କେବଳ ତିନିଜଣ ବ୍ୟକ୍ତିଙ୍କୁ ନେଉଥିବା କାର୍ ଏହି ଲେନ୍‌ରେ ଯାଇପାରିବ। ଠିକ୍ ଏହି ସିଷ୍ଟମ୍‌ରେ ଦିଲ୍ଲୀ ରାସ୍ତାରେ ଅତି କମ୍‌ରେ ତିନିଜଣଙ୍କୁ ନେଉଥିବା କାର୍‌କୁ ଚାଲିବା ଲାଗି ଅନୁମତି ଦେବା ଉଚିତ। ଦିଲ୍ଲୀ ଚାରି ପାଖରେ ଥିବା ତାପଜ ବିଦ୍ୟୁତ୍ କେନ୍ଦ୍ର ଯୋଗୁ ବି ବାୟୁ ପ୍ରଦୂଷଣ ବଢୁଛି। ନିକଟରେ ସରକାର ତାପଜ ବିଦ୍ୟୁତ୍ କେନ୍ଦ୍ର ପାଇଁ ରହିଥିବା ପ୍ରଦୂଷଣ ନିୟମକୁ କୋହଳ କରିଦେବା ଦ୍ୱାରା ଏହା ବୃଦ୍ଧି ପାଉଛି। ଏହି ନିୟମକୁ କଡାକଡି କରାଯିବା ଉଚିତ। ସରକାର ମଧ୍ୟ ତାପଜ ବିଦ୍ୟୁତ୍ କେନ୍ଦ୍ର ସମ୍ପର୍କରେ ସରକାରଙ୍କ ଦୃଷ୍ଟିକୋଣ ଉପରେ ପୁନର୍ବିଚାର କରିବା ଦରକାର। ବିଦ୍ୟୁତ୍ ଶକ୍ତି ପାଇଁ କୋଇଲା ଆଧାରିତ ତାପଜ ବିଦ୍ୟୁତ୍, ଜଳ ବିଦ୍ୟୁତ୍, ଆଣବିକ ଏବଂ ସୌରଶକ୍ତି ଭଳି ଉତ୍ସ ରହିଛି। ଏହି ଚାରିଟି ମଧ୍ୟରୁ ତାପଜ ବିଦ୍ୟୁତ୍ ସବୁଠୁ ଅଧିକ ବାୟୁ ପ୍ରଦୂଷଣକାରୀ। ଏହା ବାୟୁ ପ୍ରଦୂଷଣ କରିବା ସହ ବିଶ୍ୱତାପମାତ୍ରା ବୃଦ୍ଧି ମଧ୍ୟ କରୁଛି, ଯାହା ମାନବ ସମାଜ ଲାଗି ବିପଦର କାରଣ ହେଉଛି। ଏହା ଜଳ ବିଦ୍ୟୁତ୍‌ଠାରୁ ସାମାନ୍ୟ କ୍ଷତିକାରକ। ଜଳଭଣ୍ଡାରକୁ ଗଛପତ୍ର ତଥା ଜୀବ ଅଂଶ ବିଶେଷ ଭାସି ଆସି ଏହାର ପୃଷ୍ଠରେ ଜମି ରହେ। ପରେ ଜଳଭଣ୍ଡାରର ନିମ୍ନାଂଶରେ ଥିବା ଅମ୍ଳଜାନକୁ ଏହା ଶୋଷିବାରେ ଲାଗେ ଓ ବିଘଟନ ପ୍ରକ୍ରିୟାରେ ପଚିଶଢ଼ିଯାଏ। ସେଥିରୁ ମିଥେନ ଗ୍ୟାସ୍ ନିର୍ଗତ ହୁଏ। ଏହି ଗ୍ୟାସ୍ ଅଙ୍ଗାରକାମ୍ଳଠାରୁ ୨୦ ଗୁଣ କ୍ଷତିକାରକ। ଏହା ତୁଳନାରେ ଜନବସତିଠାରୁ ଦୂରରେ ତଥା ଜଳ ନିର୍ବହନ ରହିତ ଆଣବିକ ଶକ୍ତିକେନ୍ଦ୍ର ପରିବେଶ ପାଇଁ ଭଲ। ସୌରଶକ୍ତି ପରିବେଶ ପାଇଁ ସବୁଠାରୁ ଭଲ। ଏଣୁ ସବୁ ତାପଜ ଓ ଜଳ ବିଦ୍ୟୁତ୍ କେନ୍ଦ୍ର ବନ୍ଦ କରି ସୌର ଓ ଆଣବିକ ପ୍ଲାଣ୍ଟ ଆଡକୁ ମୁହାଁଇବା ଆବଶ୍ୟକ।

ଏହାପରେ ନଡ଼ା ପୋଡିବା ପ୍ରଦୂଷଣର ତୃତୀୟ କାରଣ। ଏହା ବର୍ଷରେ ଥରେ ପ୍ରାୟ ଦଶଦିନ ପାଇଁ ହୋଇଥାଏ। ନଡା ଭାରି ଦରକାରୀ। ଏହା କାଗଜ ତିଆରିରେ ଲାଗିଥାଏ। ଏହାକୁ ବିଦ୍ୟୁତ୍ ଶକ୍ତି ପାଇଁ ଇନ୍ଧନ ଭାବେ ବି ବ୍ୟବହାର କରାଯାଇପାରିବ। ଏଥିରୁ ଖତ ମଧ୍ୟ ମିଳିବ। ସମସ୍ୟା ହେଉଛି ଏହାର ପରିମାଣ। ନଡ଼ାକୁ ଠୁଳ କରି ବିଡା ବାନ୍ଧିବା ଓ ପରିବହନ ଖର୍ଚ୍ଚ ଅଧିକ। ଏହାକୁ କାଗଜକଳ ଗେଟ୍ ପାଖରେ ପହଞ୍ଚାଇବା ପାଇଁ ମୂଲ୍ୟ ୫ରୁ ୧୦ ଟଙ୍କା ରହୁଛି। ଏହି ଦରରେ ଚାଷୀ ଏହାକୁ କାରଖାନା ପାଖରେ ପହଞ୍ଚାଇ ପାରିବେ ନାହିଁ। ଏଣୁ ସେମାନେ ତାହାକୁ ପୋଡି ଦେଉଛନ୍ତି। ଅନ୍ୟପକ୍ଷରେ ଶୀତଦିନିଆ ଚାଷ ପାଇଁ ଏହାକୁ ଜମିରୁ ତରବରିଆ ଭାବେ ସଫା କରିବା ଦରକାର ପଡୁଛି। ଉଚ୍ଚତମ ନ୍ୟାୟାଳୟ ନଡ଼ାକୁ ନ ପୋଡିବା ଲାଗି କୃଷକମାନଙ୍କୁ କିଲୋ ପ୍ରତି ୧ ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇଦେବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଡା ବାନ୍ଧି ଠୁଳ କରିବା ପାଇଁ ବି ଏତିକି ଅର୍ଥ ଯଥେଷ୍ଟ ନୁହେଁ। ଯେହେତୁ ବୁଣାବୁଣି ଜୋରସୋରରେ ଚାଲିଥାଏ ସେଥିପାଇଁ କୃଷକଙ୍କ ପାଖରେ ଏହି କାମ କରିବା ପାଇଁ ସମୟ, ଶ୍ରମ ଓ ଶ୍ରମିକଙ୍କର ଅଭାବ ଥାଏ। ସରକାରଙ୍କ ପାଖରେ ଏହି ସମସ୍ୟାର ସମାଧାନ ପାଇଁ ଏକ ବିକଳ୍ପ ରହିଛି। ସରକାର ନଡ଼ା ବିଡ଼ା କିଣି ତାହାକୁ ପେପର ଫ୍ୟାକ୍ଟ୍ରିକୁ ନିଲାମ କରିପାରିବେ। ଏହାଦ୍ୱାରା ବ୍ୟବସାୟୀମାନେ ଯେମିତି ଗାଁ ଗାଁ ବୁଲି ଶସ୍ୟ କିଣୁଛନ୍ତି ଠିକ୍ ସେମିତି ଠିକାଦାରମାନେ ଦେଶର ସବୁଆଡୁ ଶ୍ରମିକ ଯୋଗାଡ଼କରି ନଡ଼ା ବିଡ଼ା ସଂଗ୍ରହ କରିପାରିବେ। ଏହି ଉପାୟରେ ବାୟୁ ପ୍ରଦୂଷଣ ରୋକାଯିବା ସହ ପ୍ରାକୃତିକ ବାୟୋମାସ୍ ସଂରକ୍ଷଣ ମଧ୍ୟ ହୋଇପାରିବ। ମୁଁ ନିଶ୍ଚିତ ଯେ, ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବାର ଲାଭ ଉପରସୂଚିତ ଗୋଟି ଗୋଟି କରି ଗ୍ରହଣ କରାଯାଇଥିବା ସମସ୍ତ ପଦକ୍ଷେପର ମୂଲ୍ୟଠାରୁ ଯଥେଷ୍ଟ ଅଧିକ। ଯଦି ସରକାର ଏହା କରିବାକୁ ରାଜି ତେବେ ଆମର ସବୁ ସହରର ବାୟୁ ପ୍ରଦୂଷଣମୁକ୍ତ ହୋଇପାରିବ।

Email: bharatjj@gmail.com

## ଏଇ ଭାରତରେ

ହିନ୍ଦୁ ଧର୍ମରେ ମୃତ୍ୟୁ ପରେ ଶ୍ରାଦ୍ଧ ଦିଆଯିବାର ପରମ୍ପରା ରହିଥିବାବେଳେ ଗୁଜରାଟର ଏକ ଗାଁରେ ମୃତ୍ୟୁ ପୂର୍ବରୁ ତିନି ଜଣ ବୃଦ୍ଧଙ୍କୁ ଶ୍ରାଦ୍ଧ ଦେବା ଘଟଣା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି ଘଟଣା ଘଟିଛି ମୋରବି ଜିଲା ଗୋରଖିଜଡିଆ ଗାଁରେ। ବୃଦ୍ଧମାନଙ୍କ ଶେଷଇଚ୍ଛା ପୂରଣ କରିବା ପାଇଁ ସନ୍ତାନମାନେ ଏମିତି ଏକ ଅଜବ ପରମ୍ପରା ଆପଣାଇଛନ୍ତି। ଗୋଟିଏ ପରିବାରର ତିନିଜଣ ବୃଦ୍ଧଙ୍କ ମଧ୍ୟରୁ ଗଙ୍ଗାରାମ ଭାଇ ମନଜୀ ଭାଇଗୋରିଆଙ୍କ ବୟସ ୧୦୦ ବର୍ଷ। ସେ ଏବେ ବି ସୁସ୍ଥ ଅଛନ୍ତି। ତାଙ୍କ ପରେ ଜୀବରାଜ ଭାଇ ମନଜୀ ଭାଇ ଗୋରିଆଙ୍କୁ ୯୮ ବର୍ଷ ହୋଇଥିବା ବେଳେ ବଜିବେନ ଜୀବରାଜ ଭାଇ ଗୋରିଆଙ୍କ ବୟସ ୯୭। ଧୁମ୍‌ଧାମରେ ଏମାନଙ୍କ ଶ୍ରାଦ୍ଧ କ୍ରିୟା ସମାପନ କରାଯିବା ପରେ ମୃତ୍ୟୁ ଭୋଜ ମଧ୍ୟ ଦିଆଯାଇଛି। ଏହାପରେ ତିନି ବୃଦ୍ଧଙ୍କୁ ଫୁଲମାଳ ପିନ୍ଧାଇ ବାଜାବଜାଇ ଶୋଭାଯାତ୍ରାରେ ନିଆଯାଇଥିଲା। ଶୋଭାଯାତ୍ରାରେ ଗାଁ ଲୋକେ ବି ଭାଗ ନେଇଥିଲେ। ଶୋଭାଯାତ୍ରାରେ ପରିବାରର ପୁଅ, ବୋହୂ, ଝିଅ, ଭଉଣୀ ସମସ୍ତେ ବାଦ୍ୟର ତାଳେ ତାଳେ ଗର୍‌ବା ନୃତ୍ୟ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାବେଳେ ଭଜନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ସବୁଠୁ ବୟସ୍କ ବୃଦ୍ଧ ଗଙ୍ଗାରାମ ଏଠାକାର ପୂର୍ବତନ ବିଧାୟକ ଗୋକଳଦାସ ପରମାରଙ୍କ ସହ ବହୁ ଜନକଲ୍ୟାଣ କାର୍ଯ୍ୟ କରିଥିବାରୁ ସେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଚିରନ୍ତନୀ

ଗୋପେ ଉଠୁଥିଲା ଯେ ସ୍ୱନ ଲହରୀ
ଆଜି ଶୁଭେ ସେ ଧ୍ୱନି ଭୁବନ ଭରି,
ନବ ନବ ଛନ୍ଦେ ସେ ଉଠଇ ବାଜି
ନବ ନବ ସ୍ପନ୍ଦନ ରଚଇ ଆଜି!
(ବଂଶୀ ଧ୍ୱନି)

ମାନବ ଜୀବନ ଲଭିଅଛୁ ଯେବେ ଦି'ଦିନ ପାଇଁ
ତେବେ କିପାଁ କରୁ ବିରସ ବଦନ କହ ତ ଭାଇ!
ମରଣ ଆଗରୁ କି ଡର କହ ତ ମରିବା ଡରି
ଯେତେ ଦିନ ତୋର ଜୀବନ ସଉଦା ଯାଇନି ସରି?
(ଜୀବନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅସତ୍ୟ ନା ଅର୍ଦ୍ଧସତ୍ୟ

ମହାଶୟ,

କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ରିପୋର୍ଟରେ ଦର୍ଶାଯାଇଛି ଯେ, ଗ୍ରାମୀଣ ଓଡ଼ିଶାରେ ଏବେ ଶତପ୍ରତିଶତ ଘରେ ପାଇଖାନା ତିଆରି ହୋଇଛି ଏବଂ ବାହାରେ କେହି ମଳତ୍ୟାଗ କରୁନାହାନ୍ତି। ଗତ ୫ ବର୍ଷରେ ଓଡ଼ିଶାର ଗ୍ରାମାଞ୍ଚଳରେ ୬୬ ଲକ୍ଷ ୮୩ ହଜାର ୧୪୮ଟି ବ୍ୟକ୍ତିଗତ ଘରୋଇ ପାଇଖାନା ତିଆରି ହୋଇଛି। ଓଡ଼ିଶା ସରକାରଙ୍କ ରିପୋର୍ଟକୁ ଭିତ୍ତିକରି କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହି ରିପୋର୍ଟର ସତ୍ୟତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ପ୍ରକୃତ କଥାଟି ହେଉଛି ଯେ ପ୍ରତି ଘରେ ପାଇଖାନା ତିଆରି ହୋଇଥିବା କଥାରେ ସତ୍ୟତା ଥାଇପାରେ। ମାତ୍ର ଗ୍ରାମାଞ୍ଚଳରେ ଅର୍ଦ୍ଧାଧିକ ଲୋକ ପାଇଖାନା ବ୍ୟବହାର କରୁନାହାନ୍ତି। ଏମାନେ ବାହାରେ ମଳତ୍ୟାଗ କରୁଛନ୍ତି। ପାଇଖାନାଗୁଡ଼ିକ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି। ଏଣୁ ଏହି ରିପୋର୍ଟ ଅସତ୍ୟ କିମ୍ବା ଅର୍ଦ୍ଧସତ୍ୟ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ନିରାମୟରେ ସବୁ ଔଷଧ ମିଳୁ

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା 'ନିରାମୟ' କେନ୍ଦ୍ରରୁ ମାଗଣା ଔଷଧ କମ୍ ମୂଲ୍ୟର ଉପଲବ୍ଧ ହେଉଛି। କିନ୍ତୁ ଦାମିକା ଔଷଧ କିଣିବାକୁ କୁହାଯାଉଛି। ତେଣୁ ନିରାମୟ କେନ୍ଦ୍ରଗୁଡ଼ିକରେ ସବୁ ଔଷଧ ମିଳୁ। ଅନ୍ୟ କମ୍ପାନୀର ଦାମିକା ଔଷଧ କିଣିବାକୁ ଗରିବ ଲୋକମାନେ ବାଧ ନ ହୁଅନ୍ତୁ। ଏଥିପ୍ରତି ସ୍ୱାସ୍ଥ୍ୟବିଭାଗ ଏବଂ ମନ୍ତ୍ରୀ ଦୃଷ୍ଟି ଦେବା ଆବଶ୍ୟକ। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଔଷଧ ତାଲିକା ଟଙ୍ଗାଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

■ ନୂତନ ଖାଉଟି ସୁରକ୍ଷା ଆଇନକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି

# 'ରାଜ୍ୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ନିୟମାବଳୀ କର'

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

ଖାଉଟି ସୁରକ୍ଷା ଆଇନ ୧୯୮୬ ବଦଳରେ କେନ୍ଦ୍ର ସରକାର ନୂତନ ଖାଦ୍ୟ ସୁରକ୍ଷା ଆଇନ-୨୦୧୯ ପ୍ରଣୟନ କରିଛନ୍ତି। ଏହି ଆଇନ କାର୍ଯ୍ୟକାରୀ କରିବାକୁ ଆବଶ୍ୟକୀୟ ନିୟମାବଳୀ ପ୍ରସ୍ତୁତ କରାଯାଉଥିବା ପରିପ୍ରେକ୍ଷୀରେ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖିବା ଆବଶ୍ୟକ। ଏଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ପ୍ରସ୍ତାବକୁ ନିୟମାବଳୀରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ୍‌ଙ୍କୁ ଚିଠି ଲେଖିଛନ୍ତି।

କେନ୍ଦ୍ରମନ୍ତ୍ରୀ ପାଶ୍ୱାନଙ୍କୁ ଲେଖିଥିବା ଚିଠିରେ ମନ୍ତ୍ରୀ ସ୍ୱାଇଁ ଉଲ୍ଲେଖ କରିଛନ୍ତି ଯେ, ନୂତନ ଆଇନ ଅନୁଯାୟୀ କେନ୍ଦ୍ରୀୟ ଖାଉଟି ସୁରକ୍ଷା ପରିଷଦରେ ରାଜ୍ୟ ସରକାରଙ୍କ ଖାଉଟି କଲ୍ୟାଣ ବିଭାଗ ସଚିବଙ୍କୁ ସଭ୍ୟ ହିସାବରେ ଅନ୍ତର୍ଭୁକ୍ତ କରାଯାଉ। ଆଇନର ଧାରା ୨୯ ଅନୁଯାୟୀ ଜିଲା ଖାଉଟି ବିବାଦ ସମାଧାନ ଆୟୋଗରେ ସଭାପତି ଓ ସଭ୍ୟମାନଙ୍କ ଇସ୍ତଫା ଗ୍ରହଣ ଏବଂ ଅପସାରଣ କ୍ଷମତା ରାଜ୍ୟ ହାତରେ ନ୍ୟସ୍ତ କରାଯିବାର ଆବଶ୍ୟକତା ଅଛି। ସେହିପରି ଧାରା ୩୦ ଅନୁଯାୟୀ ଜିଲା ଆୟୋଗ ସଭାପତି ଓ ସଦସ୍ୟମାନଙ୍କ ଦରମା, ଭତ୍ତା ଆଦି ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଅଭିଯୋଗ ଦାଖଲ କରିବା ସମୟରେ ଖାଉଟି ନଗଦ କିମ୍ବା ଇଲେକ୍‌ଟ୍ରୋନିକ୍ ଫର୍ମାଟ୍‌ରେ ଦାଖଲ କରିଥିବା ଦେୟଗୁଡ଼ିକ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ହେଡ୍‌ସ ଅଫ୍ ଆକାଉଣ୍ଟରେ ଦାଖଲ ହେବ। ଏହି ଅର୍ଥରାଶିକୁ ରାଜ୍ୟ ଖାଉଟି କଲ୍ୟାଣ ପାଣ୍ଠିରେ ଜମା ରଖାଯିବ। ଖାଉଟି ବିବାଦ ସମାଧାନ ଆୟୋଗଙ୍କ ଇସ୍ତଫା ଗ୍ରହଣ କିମ୍ବା ଅପସାରଣ କ୍ଷମତା ରାଜ୍ୟ ସରକାରଙ୍କ ନିକଟରେ ନ୍ୟସ୍ତ କରିବା ଦରକାର। ସେହିପରି ରାଜ୍ୟ କମିଶନର ସଭାପତି ଓ ସଭ୍ୟମାନଙ୍କ ଦରମା ଓ ଭତ୍ତା ଆଦି ଖର୍ଚ୍ଚ କେନ୍ଦ୍ର ସରକାରଙ୍କ ଦ୍ୱାରା ବହନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଖାଉଟି ମଧ୍ୟସ୍ଥତା ସେଲ୍ ରାଜ୍ୟ ସରକାରଙ୍କ ଦ୍ୱାରା ସୁପାରିସକ୍ରମେ କରାଯାଉ। ଇ-କମର୍ସ ଓ ସିଧାସଳଖ ବିକ୍ରି ବ୍ୟବସ୍ଥାରେ ଅନୈତିକ ବ୍ୟବସାୟ ରୋକିବା ଓ ଖାଉଟିମାନଙ୍କ ସ୍ୱାର୍ଥରକ୍ଷା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମୁଚିତ ପଦକ୍ଷେପ ନେବା ଆବଶ୍ୟକ। କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ କୌଣସି ଖାଉଟି ବିବାଦ ସମ୍ପର୍କରେ ସିଧାସଳଖ ଜିଲାପାଳଙ୍କଠାରୁ ରିପୋର୍ଟ ତଲବ କରିବା ବ୍ୟବସ୍ଥା ରହିଛି। କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷଙ୍କ ମୁଖ୍ୟାଳୟ ନୂଆଦିଲ୍ଲୀଠାରେ ରହିବାର ବ୍ୟବସ୍ଥା ରହିଛି ମାତ୍ର ଓଡ଼ିଶା ସହିତ ସମସ୍ତ ରାଜ୍ୟଗୁଡ଼ିକରେ ଏହାର ଆଞ୍ଚଳିକ କର୍ଯ୍ୟାଳୟ ଖୋଲାଯାଉ। କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ ରାଜ୍ୟ କିମ୍ବା ଜିଲା କମିଶନର ଖାଉଟି ମାମଲାରେ ସିଧାସଳଖ ହସ୍ତକ୍ଷେପ କରିବାର କ୍ଷମତା ରହିଥିବାବେଳେ ଏଥିରେ ପରିବର୍ତ୍ତନ କରାଯିବାର ଆବଶ୍ୟକତା ରହିଛି। ନିର୍ଦ୍ଦିଷ୍ଟ ମାମଲା ସମ୍ପର୍କରେ ପ୍ରଥମେ ରାଜ୍ୟ ସରକାରଙ୍କ ମତାମତ ନେବା ପାଇଁ କୁହାଯାଇଛି। ନୂତନ ଆଇନରେ ଜିଲା ତଥା ରାଜ୍ୟ ଖାଉଟି କମିଶନରେ ସଭାପତି ଓ ସଦସ୍ୟମାନଙ୍କର ନିଯୁକ୍ତି ସମ୍ପର୍କରେ ଚୟନ, ନିଯୁକ୍ତି ସର୍ତ୍ତାବଳୀ, ନିଯୁକ୍ତି ଅବଧି, ଇସ୍ତଫା, ଅପସାରଣ ଆଦି କ୍ଷମତା କେନ୍ଦ୍ର ସରକାରଙ୍କ ନିକଟରେ ଥିବାବେଳେ ଏହାକୁ ପରିବର୍ତ୍ତନ କରି ବର୍ତ୍ତମାନ ପ୍ରଚଳିତ ବ୍ୟବସ୍ଥା କାଏମ ରଖିବା ଦରକାର। ଜିଲା ଓ ରାଜ୍ୟ ଆୟୋଗର ସଭାପତି ଓ ସଦସ୍ୟମାନଙ୍କ ଦରମା ଓ ଭତ୍ତା ଆଦି ଖର୍ଚ୍ଚ ବ୍ୟତୀତ ଏହାର ପରିଚାଳନାଗତ ଖର୍ଚ୍ଚର ୭୫ପ୍ରତିଶତ କେନ୍ଦ୍ର ସରକାରଙ୍କ ଦ୍ୱାରା ବହନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏତଦ୍‌ବ୍ୟତୀତ ମହିଳାମାନଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ଦେବା ଦିଗରେ ଆୟୋଗରେ ଜଣେ ମହିଳା ସଦସ୍ୟା ରଖିବା ପାଇଁ ବାଧ୍ୟତାମୂଳକ ବୋଲି ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟମାବଳୀ ଚୂଡ଼ାନ୍ତ କରିବା ପୂର୍ବରୁ ସମସ୍ତ ରାଜ୍ୟ ସରକାରଙ୍କ ସହିତ ଏ ସଂକ୍ରାନ୍ତରେ ବିସ୍ତୃତ ବିଚାର ଆଲୋଚନା କରିବାକୁ ମନ୍ତ୍ରୀ ସ୍ୱାଇଁ ଚିଠିରେ ଉଲ୍ଲେଖ କରିଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଉତ୍କଳିକା ମିଶ୍ର



ଗୋପୀନାଥ ସା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜି ବିଜେଡି ବିଧାୟକ ଦଳ ବୈଠକ

ବିଧାନସଭା ଶୀତ ଅଧିବେଶନ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ): ଓଡ଼ିଶା ବିଧାନସଭାର ଶୀତ ଅଧିବେଶନ ବୁଧବାରଠାରୁ ଆରମ୍ଭ ହେବ। ଚଳିତ ଆର୍ଥିକବର୍ଷ ପାଇଁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଅତିରିକ୍ତ ବଜେଟ ଆଣିବାକୁ ଯାଉଛନ୍ତି। ଏହି ବଜେଟର ଆକାର ପ୍ରାୟ ୮୩୦୦ କୋଟି ଟଙ୍କା ରହିଥିବା ଜଣାପଡ଼ିଛି। ସାଧାରଣ ନିର୍ବାଚନ ପରେ ଏହା ଦ୍ୱିତୀୟ ଅଧିବେଶନ। ପୂର୍ବାପେକ୍ଷା ବିରୋଧୀ ଦଳ ଭାଜପାର ସଂଖ୍ୟା ବୃଦ୍ଧି ପାଇଛି। ସଂଖ୍ୟା ଦୃଷ୍ଟିରୁ କମ୍ ହୋଇଥିଲେ ମଧ କଂଗ୍ରେସ ଗୃହ ଭିତରେ ପ୍ରଭାବୀ ପ୍ରଦର୍ଶନ କରୁଛି। ତେଣୁ ବିରୋଧୀଙ୍କ କିପରି ସଫଳ ମୁକାବିଲା କରାଯିବ, ସେ ନେଇ ପୂର୍ବାହ୍ନ ୧୦ଟାରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ବିଧାୟକ ଦଳ ନେତା ନବୀନ ପଟ୍ଟନାୟକ ଏହାର ଅଧକ୍ଷତା କରିବେ। ନିକଟରେ ଯାଜପୁର ଜିଲା ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ହୋଇଥିଲା। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଉଭୟ ଭାଜପା ଏବଂ କଂଗ୍ରେସ ବିଧାନସଭାରେ ଉଠାଇବେ। ଭାଜପା ଏହି ପ୍ରସଙ୍ଗରେ ବିଧାନସଭା ଚଳାଇଦେବ ନାହିଁ ବୋଲି ପୂର୍ବରୁ କହିସାରିଛି। କଂଗ୍ରେସ ମଧ ଏହାକୁ ଆୟୁଧ କରି ଶାସକ ଦଳକୁ ଘେରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି। ତେଣୁ ଏହି ପ୍ରସଙ୍ଗକୁ ବିଜେଡି କିପରି ମୁକାବିଲା କରିପାରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ।

ଗୁରୁନାନକ ଜୟନ୍ତୀରେ ବାଚସ୍ପତି

## ସମ୍ପ୍ରତି ନାନକଙ୍କ ଅମୃତବାଣୀର ପ୍ରାସଙ୍ଗିକତା ରହିଛି

ଭୁବନେଶ୍ୱର,୧୨।୧୧(ବ୍ୟୁରୋ): ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ପଞ୍ଜାବର ସୁଲତାନପୁର ଲୋଧିଠାରେ ଗୁରୁନାନକଙ୍କ ୫୫୦ତମ ଜୟନ୍ତୀ (ପ୍ରକାଶ ପର୍ବ)ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଏହି ଉପଲକ୍ଷେ ଐତିହାସିକ ବେର୍‌ସାହିବ୍ ଗୁରୁଦ୍ୱାରଠାରେ ଆୟୋଜିତ ସଭାରେ ଯୋଗଦେଇ ଡ. ପାତ୍ର କହିଥିଲେ ଯେ, ଗୁରୁନାନକ ଦେବ ସୁଲତାନପୁର ଲୋଧିଠାରେ ୧୪ ବର୍ଷ ବିତାଇଥିଲେ। ସେ ପ୍ରତ୍ୟହ ପବିତ୍ର କାଲିବେନ୍ ନଦୀରେ ସ୍ନାନ କରି ବେର୍ ଗଛମୂଳରେ ଧ୍ୟାନ କରୁଥିଲେ। ପ୍ରଥମ ସ୍ନାନ ପରେ ତାଙ୍କର ଦିବ୍ୟଜ୍ଞାନ ପ୍ରାପ୍ତି ହୋଇଥିଲା। ସେହିପରି ଗୁରୁନାନକଙ୍କ ମତରେ କେବଳ ଜଣେ ଈଶ୍ୱର ଅଛନ୍ତି ଓ ସେ ହେଉଛନ୍ତି ସତ୍ୟ ବୋଲି ବାଚସ୍ପତି କହିଥିଲେ। ସେ ପ୍ରଥମ ଶିଖ୍‌ଗୁରୁଙ୍କର ଜୟନ୍ତୀରେ ଯୋଗଦେଇ ନିଜକୁ ଗର୍ବିତ ମନେ କରୁଥିବା ସୂର୍ଯ୍ୟପାତ୍ର କହିଛନ୍ତି। ସମ୍ପ୍ରତି ନାନକଙ୍କ ଅମୃତବାଣୀର ପ୍ରସଙ୍ଗିକତା ରହିଥିବା ବାଚସ୍ପତି ମତ ରଖିଥିଲେ। ଏହି ଅବସରରେ ହରିୟାଣାର ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧ କମିଟିର ଅଧକ୍ଷ ଗୋବିନ୍ଦ ସିଂହ ଲଙ୍ଗ୍‌ୱାଲ୍ ଓ ପୂର୍ବତନ ଅଧକ୍ଷା ବିବି ଜାଗିର୍ କୌର୍‌ଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ସେହି ଉତ୍ସବରେ ଯୋଗ ଦେଇଥିଲେ।

■ ଦୋକାନରୁ ୮୩ ଲକ୍ଷ ହଡ଼ପ ଘଟଣା

## ମୁଖ୍ୟ ଅଭିଯୁକ୍ତ ଗିରଫ

ତିହିଡ଼ି,୧୨।୧୧(ଡି.ଏନ୍.ଏ.): ଭଦ୍ରକ ଜିଲା ତିହିଡ଼ି ବଜାରରେ ଥିବା ଏକ ଦୋକାନର ମାଲିକଙ୍କୁ ଠକି ୨ଜଣ କର୍ମଚାରୀ ୮୩ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗର ତଦନ୍ତ କରି ପୋଲିସ ପୂର୍ବରୁ ଜଣେ କର୍ମଚାରୀଙ୍କୁ ଗିରଫ କରିଥିଲା। ଏବେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଅନ୍ୟତମ କର୍ମଚାରୀ ଭାଟପଡ଼ା ଗ୍ରାମର ଦିଲୀପ ନାୟକଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପୂର୍ବରୁ ଦିଲୀପଙ୍କ ସ୍ତ୍ରୀଙ୍କୁ ପୋଲିସ ଗିରଫ କରିଥିଲା। ପୋଲିସ ସୂଚନା ଅନୁଯାୟୀ ସ୍ଥାନୀୟ ଚେତନ ଟ୍ରେଡର୍ସର ମାଲିକ ବିବେକାନନ୍ଦ ନାୟକ ଗତ ଜୁଲାଇ ୨୮ ତାରିଖରେ ଅର୍ଥ ହଡପ ଘଟଣା ନେଇ ଅଭିଯୋଗ କରିଥିଲେ। ପୋଲିସ ଏକ ମକଦ୍ଦମା (ନଂ.୩୩୨/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିବା ପରେ ଦୋକାନ କର୍ମଚାରୀ ପ୍ରିୟରଞ୍ଜନ ବିଶ୍ୱାଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ୩ଦିନ ରିମାଣ୍ଡରେ ଆଣି ଅଧିକ ପଚରା ଉଚୁରା କରାଯିବାରୁ ଅନେକ ରହସ୍ୟ ପଦାକୁ ଆସିଥିଲା।

## ବ୍ୟାଙ୍କରୁ ଲୁଟ୍ ଉଦ୍ୟମ

ବାସୁଦେବପୁର, ୧୨।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବେତଡ଼ା ବଜାରସ୍ଥିତ କାନାରା ବ୍ୟାଙ୍କରୁ ରବିବାର ରାତିରେ ଲୁଟ୍ ଉଦ୍ୟମ ହୋଇଥିବା ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଚୋରମାନେ ବ୍ୟାଙ୍କର ସାଇଡ୍ ଝରକା ତାଡ଼ି ଭିତରେ ପ୍ରବେଶ କରି ଚୋରି ଉଦ୍ୟମ କରିଥିଲେ ମଧ ଟଙ୍କା କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇ ପାରି ନ ଥିବା ଜଣାପଡ଼ିଛି। ସୋମବାର ବ୍ୟାଙ୍କ ମ୍ୟାନେଜର ନୀଳାମ୍ବର ମାଝୀଙ୍କ ଏନେଇ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

■ ଗାଁସାଥୀଙ୍କ ଗଣଧାରଣା ଅବ୍ୟାହତ

## ଆଉ ଏକ ବଡ଼ ଆନ୍ଦୋଳନର ପ୍ରସ୍ତୁତି

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ଶାଖା ତରଫରୁ ଗତ ୪ ତାରିଖରୁ ଲୋୟର ପିଏମ୍‌ଜିଠାରେ ଅହୋରାତ୍ର ଗଣଧାରଣା ଅବ୍ୟାହତ ରହିଛି। ସ୍ଥାୟୀ ନିଯୁକ୍ତି, ମାସିକ ୬ ହଜାରରୁ ଊର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରଦାନ, ପଞ୍ଚାୟତିରାଜ ବିଭାଗ ଚିଠି ନଂ-୧୭୧୩୭କୁ ସମ୍ପୂର୍ଣ୍ଣ ବାତିଲ, କାର୍ଯ୍ୟ ପାଉ ନ ଥିବା ଗାଁସାଥୀ (ମେଟ୍)ଙ୍କୁ କ୍ଷତିପୂରଣ ଦେବା ଲାଗି ସ୍ୱତନ୍ତ୍ର କର୍ପସ ପାଣ୍ଠି ଗଠନ ଓ ୩ଟି ଗାଁସାଥୀ (ମେଟ୍) ବିରୋଧୀ ଚିଠିର ଆବଶ୍ୟକୀୟ ପରିବର୍ତ୍ତନ ଆଦି ୫ ଦାବି ନେଇ ଧାରଣା ଚାଲିଛି। ଧାରଣାସ୍ଥଳରେ ମଙ୍ଗଳବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାରା ଓଡ଼ିଶାର ଗାଁସାଥୀ (ମେଟ୍) ସଂଘର ରାଜ୍ୟ, ଜିଲା ଓ ବ୍ଲକ କମିଟି ସଭ୍ୟସଭ୍ୟାମାନେ ଆସନ୍ତା ୧୮ ତାରିଖ ସକାଳ ୯ଟାରେ ଧାରଣାସ୍ଥଳରେ ଏକତ୍ରିତ ହେବାକୁ ରାଜ୍ୟ ସଂଘ ଆହ୍ୱାନ ଦେଇଛି। ସେଠାରେ ପୁନର୍ବାର ନଭେମ୍ବର ଶେଷ ସୁଦ୍ଧା ଏକ ବିଶାଳ ରାଲିର ଆୟୋଜନ କରାଯାଇ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଗାଁସାଥୀ ସଙ୍ଗଠକ ସୁଶାନ୍ତ ସେଠୀ, କୁଳମଣି ମେଣ୍ଟା, ସୌଭାଗ୍ୟ ମିଶ୍ର, କୃଷ୍ଣ କୁରାମୀ, ଶଙ୍କର୍ଷଣ ପଲାଇଙ୍କ ସମତେ ୫ଶହରୁ ଊର୍ଦ୍ଧ୍ୱ ଗାଁସାଥୀ ସଙ୍ଗଠକ ଉପସ୍ଥିତ ଥିଲେ।

## ଜମି ବିବାଦରୁ ଦମ୍ପତିଙ୍କୁ ହତ୍ୟା

ବାରିପଦା ଅଫିସ,୧୨।୧୧

**ସମ୍ପର୍କୀୟ ପୁତୁରା ସମେତ ୩ ଅଟକ**

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ଶଙ୍ଖଭଙ୍ଗା ପଞ୍ଚାୟତର ଫୁଲଝରଣ ଗ୍ରାମରେ ଜମିବାଡ଼ି ବିବାଦରୁ ଏକ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ମାମଲା (ନଂ.୧୩୧/୧୯) ରୁଜୁ କରି ମୃତକଙ୍କ ସମ୍ପର୍କୀୟ ପୁତୁରା ଓ ତାଙ୍କର ଦୁଇ ଜଣ ସାଙ୍ଗଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପୋଲିସ ସୂଚନା ଅନୁଯାୟୀ, ଫୁଲଝରଣ ଗ୍ରାମର ସୁରାଇ ଟୁଡୁ ଓ ତାଙ୍କ ସ୍ତ୍ରୀ ଲେଗାଇଙ୍କୁ ହତ୍ୟା କରାଯାଇଛି। ସୋମବାର ଏହି ଦମ୍ପତିଙ୍କ ମୃତଦେହ ଭିନ୍ନ ଭିନ୍ନ ସ୍ଥାନରୁ ପୋଲିସ ଉଦ୍ଧାର କରିଥିଲା। ସୁରାଇଙ୍କ ମୃତଦେହ ଗାଁ ନିକଟସ୍ଥ ଜଙ୍ଗଲରେ ପଡ଼ି ରହିଥିବା ବେଳେ ଲେଗାଇଙ୍କ ମୃତଦେହ ସ୍ଥାନୀୟ ଏକ ପରିତ୍ୟକ୍ତ କୂଅରୁ ମିଳିଥିଲା। ଉଭୟଙ୍କୁ କେହି ଧାରୁଆ ଅସ୍ତ୍ରରେ ଅତି ନୃଶଂସ ଭାବେ ହତ୍ୟା କରିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଜମିଜମା ବିବାଦରୁ ଏହି ଦମ୍ପତିଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି।

## ନାବାଳିକାଙ୍କୁ ଗଣ ବଳାତ୍କାର, ୨ ଅଟକ

ଚାନ୍ଦବାଲି,୧୨।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ଧାମରା ଥାନା ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଘରେ ଏକୁଟିଆ ଶୋଇଥିବା ଜଣେ ନାବାଳିକାଙ୍କୁ କେତେକ ଦୁର୍ବୃତ୍ତ ଉଠାଇ ନେଇ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ସେମାନେ ନାବାଳିକାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଆଣି ଘରେ ଛାଡି ପଳାଇ ଯାଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ପୀଡିତାଙ୍କ ବାପା ଧାମରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୩/୨୦୧୯) ରୁଜୁ କରି ତଦନ୍ତ ଚଳାଇଛି। ଏହାମଧରେ ୨ଜଣ ଅଭିଯୁକ୍ତଙ୍କ ପୋଲିସ ଅଟକ ରଖି ପଚରାଉଚୁରା କରୁଛି । ପୀଡିତାଙ୍କୁ ଡାକ୍ତରୀ ମାଇନା କରାଯାଇଛି ବୋଲି ଥାନା ଅଧିକାରୀ ଶ୍ରୀକାନ୍ତ ପତି ସୂଚନା ଦେଇଛନ୍ତି। ଏସଡିପିଓ ଉମାଶଙ୍କର ମହାରଣା ମଙ୍ଗଳବାର ଧାମରା ଗସ୍ତରେ ଆସି ଘଟଣାର ତଦନ୍ତ କରି ଫେରିଛନ୍ତି।

## ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ୨ ମୃତ

ସୋରଡା,୧୨।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସୋରଡା ଥାନା ନୂଆଗଡ ଗ୍ରାମ ଖଡାଳସାହିରେ ମଙ୍ଗଳବାର ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୨ ଜଣଙ୍କ ମୃତ୍ୟୁ ହୋଇଛି। ୫ଜଣ ଗୁରୁତର ଆହତ ହୋଇ ସୋରଡା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ଉକ୍ତ ସାହିର ମନୋଜ ନାୟକ (୨୬) ଓ ପୁନିଆ ନାୟକ (୬୦)। ମନୋଜଙ୍କ ବାପା ବିନ୍ଦୁ, ମା' ଗେଲି, ଜେଜେବାପା ଉଲା, ଜେଜେ ମା' ଇନ୍ଦୁ, ଭାଇ ସୌଦାଗର ଗୁରୁତର ଆହତ ହୋଇଛନ୍ତି। ସୋରଡା ମେଡିକାଲରେ ସେମାନଙ୍କ ଚିକିତ୍ସା ଚାଲିଛି। ପୋଲିସ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇଛି। ମୃତ ମନୋଜଙ୍କ ଭାଇ ସୌଦାଗରଙ୍କ ଏତଲା ପ୍ରକାରେ ନଂ.୧୯୧/୧୯ ଓ ମୃତ ପୁନିଆଙ୍କ ପୁଅ ଗାଣ୍ଡୁଙ୍କ ଏତଲା ଆଧାରରେ ନଂ.୧୯୨/୧୯ରେ ମାମଲା ରୁଜୁ ହୋଇଛି। ପୋଲିସ ପୁନିଆଙ୍କ ପକ୍ଷରୁ ଗାଣ୍ଡୁ ନାୟକ, ଟୁଙ୍ଗୁରୁ ନାୟକ, ବାବୁଲି ନାୟକଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ଛତ୍ରପୁରରୁ ସାଇଣ୍ଟିଫିକ୍ ଟିମ୍ ନୂଆଗଡରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଗାଁରେ ପୋଲିସ ଫୋର୍ସ ମୁତୟନ ହୋଇଛି।

ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ସୂଚନା ପ୍ରକାରେ, ମନୋଜ ଚେନ୍ନାଇରେ ରହି କାମ କରନ୍ତି। ୨ମାସ ତଳେ ସେ ଗାଁକୁ ଆସିଥିଲେ। ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କକୁ ପୁନିଆଙ୍କ ପରିବାର ବିରୋଧ କରୁଥିଲେ। ମଙ୍ଗଳବାର ପୁନିଆଙ୍କ ପୁତୁରା ଏପରି କାର୍ଯ୍ୟରୁ ନିବୃତ୍ତ ରହିବାକୁ ମନୋଜଙ୍କୁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ପରେ ୨ ପରିବାର ମାରଣାସ୍ତ୍ର ଧରି ପରସ୍ପରକୁ ଆକ୍ରମଣ କରିଥିଲେ। ପୋଲିସ ଘଟଣାସ୍ଥଳରୁ ବହୁ ମାରଣାସ୍ତ୍ର ଜବତ କରିଛି।

## ଚାକିରି ପ୍ରଲୋଭନ ଦେଖାଇ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର

ସଜନାଗଡ଼, ୧୨।୧୧(ଡି.ଏନ.ଏ.)

ଚାକିରି ପ୍ରଲୋଭନ ଦେଖାଇ ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ଆଦିବାସୀ ବିଧବାଙ୍କୁ ଗଣବଳାତ୍କାର କରାଯାଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତା ପୀଡିତାଙ୍କ ସହ ଅନ୍ୟ ମହିଳାମାନେ ଏକାଠି ହୋଇ ଲିଖିତ ଅଭିଯୋଗ କରିବା ପରେ ମାମଲା (ନଂ. ୨୮୮/୧୯) ରୁଜୁ କରାଯାଇଛି। ପୀଡ଼ିତାଙ୍କୁ ଡାକ୍ତରୀମାଇନା କରାଯାଇଥିବା ସବ୍‌ଇନ୍ସପେକ୍ଟର ଗଣେଶ ତ୍ରିପାଠୀ ସୂଚନ ଦେଇଛନ୍ତି।

ଗତ ୬ ତାରିଖ ସନ୍ଧ୍ୟାରେ ଖନ୍ତାପଡ଼ା ଥାନା ରାମନଗର ଗ୍ରାମର ବାପୁନୁ ସିଂ (୧୯) ଉକ୍ତ ମହିଳାଙ୍କ ଘରେ ପହଞ୍ଚି ଏକ ଚିଙ୍ଗୁଡ଼ି କମ୍ପାନୀରେ ଚାକିରି କରାଇଦେବାକୁ ପ୍ରସ୍ତାବ ଦେଇଥିଲେ। ମହିଳାଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେ ବାପୁନୁଙ୍କ ପ୍ରସ୍ତାବରେ ରାଜି ହୋଇଥିଲେ। ରାତି ପ୍ରାୟ ୧୦ଟା ବେଳେ ବାପୁନୁ ଉକ୍ତ ଅଞ୍ଚଳର ତପନ ସିଂ (୨୫) ଓ କୁନ୍ତା ସିଂ (୩୨) ନାମକ ଦୁଇ ଯୁବକଙ୍କ ସହିତ ମହିଳାଙ୍କ ପରିଚୟ କରାଇ ଚାକିରି ସମ୍ପର୍କରେ ଆଲୋଚନା କରିଥିଲେ। ମହିଳା ଜଣକ ତପନ ଓ କୁନ୍ତାଙ୍କ ସହ ଏକ ମୋଟରସାଇକେଲ ଯୋଗେ ଯାଇଥିଲେ। ଗଡ଼ଭଙ୍ଗପଦା ପୋଖରୀଠାରେ ଯୁବକଦ୍ୱୟ ମହିଳାଙ୍କୁ ଗାଡ଼ିରୁ ଓହ୍ଲାଇ ସେଠାରେ ବଳାତ୍କାର କରିଥିଲେ। ମହିଳା ଜଣକ ଯେତେ କାକୁତିମିନତି ହୋଇଥିଲେ ମଧ ସେମାନେ ତାଙ୍କୁ ଛାଡ଼ି ନ ଥିଲେ। ଏହି ଘଟଣା ବାହାରେ ପ୍ରକାଶ କଲେ ଜୀବନରୁ ମାରିଦେବା ପାଇଁ ମଧ ସେମାନେ ଧମକ ଦେଇଥିଲେ। କୌଶଳକ୍ରମେ ମହିଳାଜଣକ ସେମାନଙ୍କ କବଳରୁ ଖସି ଆସି ରାତିରେ ଘରେ ପହଞ୍ଚିଥିଲେ। ଏହା ପରଦିନ ସେ ଗ୍ରାମସଭାରେ ତାଙ୍କ ପ୍ରତି ହୋଇଥିବା ବଳାତ୍କାର ବିଷୟରେ ପ୍ରକାଶ କରିଥିଲେ। ଗ୍ରାମସଭା ତରଫରୁ ଉଭୟ ଯୁବକଙ୍କୁ ଡକାଯାଇଥିଲା। କିନ୍ତୁ ସେମାନେ ନ ଆସିବାରୁ ମହିଳାଜଣକ ନୀଳଗିରି ଥାନାର ଆଶ୍ରୟ ନେଇଛନ୍ତି।

## ଯୁବକଙ୍କ ସହ ବଟି ମୂଲଚାଲର ଭିଡିଓ ଭାଇରାଲ

■ ରାତାରାତି ବଦଳିଲେ ବଡ଼ସାହି ଥାନା ଅଧିକାରୀ

ବାରିପଦା ଅଫିସ/ବଡ଼ସାହି,୧୨।୧୧(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧିକାରୀ ବିଶ୍ୱଜ କୁମାର ରାଉତରାୟଙ୍କୁ ସୋମବାର ରାତିରେ ବଦଳି କରାଯାଇଛି। ତାଙ୍କୁ ଜିଲା ପୋଲିସ ମୁଖ୍ୟାଳୟରେ ଅବସ୍ଥାପିତ କରାଯାଇଛି। ତାଙ୍କ ସ୍ଥାନରେ ସବ-ଇନ୍ସପେକ୍ଟର ମଞ୍ଜୁଲତା ଧଡ଼ାଙ୍କୁ ଥାନା ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମଦାସ ସୂଚନା ଦେଇଛନ୍ତି। ଆଡମିନ୍‌ଷ୍ଟ୍ରେଟିଭ ଗ୍ରାଉଣ୍ଡରେ ତାଙ୍କ ବଦଳି କରାଯାଇଥିବା ଦର୍ଶାଯାଇଛି। ତେବେ ବିଭାଗୀୟ ଚିଠି ବଦଳରେ ଡିଆଇଜିର ଭିଏଚଏଫରେ ଏହି ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

ଗତ ଅଗଷ୍ଟ ପହିଲାରେ ରାଉତରାୟଙ୍କୁ ଜିଲା ପୋଲିସ ମୁଖ୍ୟାଳୟରୁ ବଡ଼ସାହି ଥାନା ଅଧିକାରୀ ଭାବେ ବଦଳି କରାଯାଇଥିଲା। ୩ ମାସ ମଧ୍ୟରେ ଜଣେ ଥାନା ଅଧିକାରୀଙ୍କ ହଠାତ୍ ବଦଳି କରାଯିବା ନେଇ ସ୍ଥାନୀୟ ଅଞ୍ଚଳ ସମେତ ଜିଲା ପୋଲିସ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ଥାନା ଅଧିକାରୀ ରାଉତରାୟ ଓ ବୈଶିଙ୍ଗା ଅଞ୍ଚଳର ଜଣେ ଯୁବକଙ୍କ ମଧ୍ୟରେ ହେଉଥିବା ମୂଲଚାଲର ଏକ ୧୪ ମିନିଟ ୧୪ ସେକେଣ୍ଡର ଭିଡିଓ ମଙ୍ଗଳବାର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଭିଡିଓ ଏସ୍‌ପିଙ୍କ ହସ୍ତଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଆଲୋଚନା ହେଉଛି। ଭିଡିଓରେ ଯୁବକ ଜଣକ ଇନ୍ସପେକ୍ଟର ରାଉତରାୟଙ୍କ ସହିତ ଟଙ୍କା ମୂଲଚାଲ କରୁଛନ୍ତି। ଦଶହରାରେ ଥାନାର ପୂଜା ସହିତ ସମସ୍ତ ଷ୍ଟାଫଙ୍କ ପାଇଁ ନୂଆ ଡ୍ରେସ ଅଣାଯିବ। ଏଥିପାଇଁ ବହୁତ ଖର୍ଚ୍ଚ ହେବ। ଏଣୁ ଅଧିକା ଟଙ୍କା ଦେବାକୁ ଇନ୍ସପେକ୍ଟର ଦାବି କରୁଛନ୍ତି। ସେହିପରି ରାଜସ୍ୱ ବିଭାଗର ଅଧିକାରୀଙ୍କ ସହିତ ମଧ ସଲାସୁତୁରା କରିବା ପାଇଁ ସଂପୃକ୍ତ ଯୁବକ ଇନ୍ସପେକ୍ଟର ରାଉତରାୟଙ୍କୁ କହୁଛନ୍ତି। ଘଟଣା ସମ୍ପର୍କରେ ଇନ୍ସପେକ୍ଟର ରାଉତରାୟଙ୍କୁ ପଚାରିବାରୁ କିଛିଦିନ ତଳେ ଏହି ଯୁବକ ବେଆଇନ ଭାବେ ମୋରମ ଚାଲାଣ କରୁଥିବାବେଳେ ତାଙ୍କର ୫ଟି ଗାଡ଼ିକୁ ପୋଲିସ ଅଟକ ରଖିଥିଲା। ସେ ଜାଣିଶୁଣି ଥାନାକୁ ଆସି ସମ୍ପର୍କ ସୃଷ୍ଟିକରିବା ସହ ଭିଡିଓ କରି ତାଙ୍କୁ ଫସାଇବାକୁ ଉଦ୍ୟମ କରିଛନ୍ତି ବୋଲି କହିଛନ୍ତି।



ଇନ୍ସପେକ୍ଟର ବିଶ୍ୱଜ କୁମାର ରାଉତରାୟ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

■ମହାନଗର ନିଗମ ପକ୍ଷରୁ ସଫେଇ ଅଭିଯାନ, ଜିଲା ସଦର ଡାକ୍ତରଖାନା, ସକାଳ ୮ଟା ।

■ଚାଷୀ ସଂଗଠନର ୨୪ ଘଣ୍ଟିଆ ରିଲେ ଅନଶନ, ଜିଲାପାଳ ଅଫିସ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ସାଢ଼େ ୧୦ଟା ।

■କବି ମାୟାଧର ମାନସିଂହଙ୍କ ଜୟନ୍ତୀ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସନ୍ଧ୍ୟା ସାଢ଼େ ୬ଟା।

■ସମ୍ବର୍ଦ୍ଧନା ସମାରୋହ, ଫାଟକ ସ୍ଥିତ ମେହେର ଆସୋସିଏସନ୍ ସଭା କକ୍ଷ, ରାତି ୭ଟା ।

**ବରଗଡ଼**

■ଜିଲାସ୍ତରୀୟ ପାରା ସ୍ପୋର୍ଟ୍ସ ପାଇଁ ମଶାଲ ଯାତ୍ରା, ସମଲେଶ୍ୱରୀ ମନ୍ଦିର, ସକାଳ ୭ଟା।


**LEGAL NOTICE**

To,
All the Concern,
Sir/Madam,
You had given your vehicle at M/s UTKAL AUTOMOBILES LTD. for repair, and the detail of your Repair Order is as mentioned below:

| Sl. No. | Registered Owners Name | Model | Vehicle Regd. No. | R.O. Date |
|---|---|---|---|---|
| Vehicles at Hyundai workshop, Pahal: HYUNDAI | | | | |
| 1 | Mr. GIRIJA SANKAR DAS | EON | OR-02BV 3321 | 21.11.2011 |
| 2 | Mr. PRAKASH CHANDRA DAS | XCENT | OD-05Q 8694 | 30.01.2017 |
| 3 | Mrs. PARVATI GAWN | Santro | OR-02AP 3068 | 19.08.2007 |
| 4 | M/s. RSD DEALMARK PVT | VERNA | WB-02AA 6900 | 24.04.2017 |
| 5 | Mr. SUVANKAR ASIRWAD | XCENT | OD-02X 9934 | 07.05.2017 |
| 6 | Mr. SHIRSENDU CHATTERJEE | I10 | HR-06V 9282 | 17.02.2017 |
| 7 | Mr. GOLEKH SWAIN | I10 | OD-02AM 0325 | 07.08.2017 |
| 8 | Mr. DEBASHIS BEHERA | VERNA | OD-02AA 2375 | 30.12.2018 |
| 9 | Mr. SAIKH SUBANI | I10 | AP-27AN 3939 | 13.01.2017 |

Even though you have been notified by our legal advisor to take back your vehicle by settling the dues of the company but till today you have not turned up. So the company is constrained to publish that we are not going to be held responsible in any manner if anything happens to your above mentioned vehicle.
From:
UTKAL AUTOMOBILES LTD.
(an authorized dealer of Hyundai vehicles)
UTKAL Plot No. 517, NH-16, Pahal, Nakhara, Bhubaneswar – 752101



**ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ଼**

ବିଜ୍ଞାପନ ସଂଖ୍ୟା.3687/ସଇରାତ ତା.04.11.19

**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଶେରଗଡ଼ ତହସିଲରେ ଥିବା ଗୋବିନ୍ଦପୁର ଏବଂ ଲକ୍ଷ୍ମୀନୃସିଂହପୁର ସଇରାତ ଉତ୍ସଗୁଡ଼ିକୁ ଆଗାମୀ ୨(ଦୁଇ) ବର୍ଷ ନିମନ୍ତେ ୨୦୧୯-୨୦୨୦ରୁ ୨୦୨୦-୨୧ ପର୍ଯ୍ୟନ୍ତ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ଲିଜନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।

ଏହି ସଇରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସଇରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ୍ ନଂ., ରକବା ଏବଂ ଦରଖାସ୍ତ ଗ୍ରହଣର ସମୟସୀମା ଇତ୍ୟାଦିର ସୂଚନା ଗଞ୍ଜାମ ଜିଲ୍ଲା ୱେବ୍‌ସାଇଟ୍ 'http://ganjam.nic.in'ରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲଦାରଙ୍କ କାର୍ଯ୍ୟାଳୟ ସହ ତା୨୦।୧୧।୨୦୧୯ରିଖଠାରୁ ତା୨୭।୧୧।୨୦୧୯ରିଖ ମଧ୍ୟରେ ସରକାରୀ କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି।

ସ୍ୱା./- ତହସିଲଦାର, ଶେରଗଡ଼



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ



### ଶ୍ରୀ ଶ୍ରୀ ରାଧାକୃଷ୍ଣ ଜୀଉଙ୍କ ଶରତୋତ୍ସବ ଉଦ୍‌ଯାପିତ

**ରେଢ଼ାଖୋଲ,୧୨।୧୧(ଡି.ଏନ.ଏ.)** ରେଢ଼ାଖୋଲ କଳିନ୍ଦରସ୍ଥିତ ରାଧାକୃଷ୍ଣ ଜୀଉଙ୍କ ଶରତୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରେଢ଼ାଖୋଲର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ରାଧାକୃଷ୍ଣ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଶରତୋତ୍ସବରେ ଗତ ଗୁରୁବାର ନାମ ସଂକୀର୍ତ୍ତନ କରି କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ମହିଳା ପାଲା, ପ୍ରବଚନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଦ୍ରକର ମହିଳା ପାଲା ସସ୍ମିତା ରାଉତ ଏବଂ ସାଥି ପରିବେଶଣ କରିଥିଲେ। ପୁରୀ କରମଳ ଆଶ୍ରମରୁ ଆସିଥିବା ବିକ୍ରମ ରଣା ରାଧାକୃଷ୍ଣଙ୍କ ମିଳନ ଓ ବାଲ୍ୟ ଲୀଳା ସମ୍ପର୍କରେ ପ୍ରବଚନ ଦେଇଥିଲେ। ଜଗବନ୍ଧୁ ପ୍ରଧାନ ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସଂସଦ ସଭାପତି ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ସମ୍ପାଦକ ବେଣୁଧର ବିଶ୍ୱାଳ, ବଶିଷ୍ଟ ମହାନ୍ତି, ନାରାୟଣ ମହାରଣା, କାଉନସିଲର ଲକ୍ଷ୍ମଣ ପ୍ରଧାନ, ରାଧେଶ୍ୟାମ ପ୍ରଧାନ, ତରୁଣ ମହାନ୍ତି, ଗୁଣନିଧି ଦୀପଙ୍କ ସମେତ ସଂସଦ ବହୁ ସଭ୍ୟା ସଭ୍ୟ ଶରତୋତ୍ସବରେ ସହଯୋଗ କରିଥିଲେ।

■ ମା'ଖାଡେଶ୍ୱରୀ କୃଷକ ସଙ୍ଗଠନ ସାଧାରଣ ବୈଠକ

# ନୂତନ ଧାନ କିଣା ନୀତିକୁ ଚାଷୀଙ୍କ ବିରୋଧ

**ଧମା,୧୨।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ଧମାର ମା' ଖାଡେଶ୍ୱରୀ କୃଷକ ସଙ୍ଗଠନର ବାର୍ଷିକ ସାଧାରଣ ସଭା ତଥା ୨୦୧୯-୨୦ ଖରିଫ ଧାନ ସଂଗ୍ରହ ନୀତି ଆଲୋଚନା ନେଇ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ପଡିଆରେ ଆୟୋଜିତ ବୈଠକରେ ସଙ୍ଗଠନ ସଭାପତି ଦିଲୀପ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଗତବର୍ଷ ହିସାବ ଆଲୋଚନା କରାଯାଇଥିଲା। ପରେ ଚଳିତବର୍ଷ ଧାନ କିଣା ପାଇଁ ସରକାର କରିଥିବା ଟୋକନ ବ୍ୟବସ୍ଥା ଏବଂ ଚାଷୀ ଜଣ ପିଛା ଦିନକୁ ୭୫ କୁଇଣ୍ଟାଲ ଧାନ ବିକ୍ରି କରିବା ନେଇ କରାଯାଇଥିବା ନୂତନ ନିୟମକୁ ଚାଷୀମାନେ ବିରୋଧ କରିଥିଲେ। ପ୍ରଥମତଃ ଧମା ପ୍ୟାକ୍ସର କୌଣସି ଗୋଦାମ ନ ଥିବା ତଥା କୌଣସି ଭିତ୍ତିଭୂମି ନ ଥିବାରୁ ଏଠାରେ ଧାନ ଜମା କରି ବିକ୍ରୟ କରାଯିବା ଅସମ୍ଭବ। ଦ୍ୱିତୀୟତଃ ଧମା, ଦେଓଗାଁ ଓ ଡକରା ତିନୋଟି ପଞ୍ଚାୟତର ୭୫୦ଜଣ ଚାଷୀ ଧାନ ବିକ୍ରି ପାଇଁ ରେଜିଷ୍ଟ୍ରେସନ କରିଥିବା ବେଳେ ଟୋକନ ବ୍ୟବସ୍ଥାରେ ଧାନ ବିକା ବର୍ଷତମାମ କଲେ ଶେଷ ହୋଇ ପାରିବ ନାହିଁ ବୋଲି ଚାଷୀମାନେ କହିଥିଲେ। ତେଣୁ ଗତବର୍ଷ ଭଳି ଧାନ କିଣାନୀତି ଅବଲମ୍ବନ କରା ନ ଗଲେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷେ ସ୍ଥାନୀୟ ପାଟପାଲିଠାରେ ଆରଏମସି ଜରିଆରେ ଏକ ମାର୍କେଟ ୟାର୍ଡ ନିର୍ମାଣ କାର୍ଯ୍ୟ ୨ ବର୍ଷ ତଳେ ଆରମ୍ଭ ହୋଇଥିଲା। ତହିଁର କେବଳ ବାଉଣ୍ଡରୀ କରାଯାଇ କାମ ବନ୍ଦ କରି ଠିକାଦାରଙ୍କ ଦେଖା ମିଳୁ ନ ଥିବା ତଥା କାମ ଅସମ୍ପୂର୍ଣ୍ଣ ହୋଇ ପଡିଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଆଲୋଚନାରେ ଧମା ପେକ୍ସ ସମ୍ପାଦକ ସରୋଜ ଦାଶ ଯୋଗଦେଇ ଆଗାମୀ ୧୫ ତାରିଖରେ ଧାନକ୍ରୟ ଖୋଲାଯିବା ସାଙ୍ଗକୁ ଛୁଟି ଦିନ ବ୍ୟତିତ ସପ୍ତାହକୁ ସୋମବାରରୁ ଶନିବାର ପର୍ଯ୍ୟନ୍ତ ଧାନକ୍ରୟ କରାଯିବ ପାଇଁ ସୂଚନା ମିଳିଥିବା ଜଣାଇଥିଲେ । ବୈଠକରେ ଚାଷୀ ଗିରିଗୋବର୍ଦ୍ଧନ ପଣ୍ଡା, ଗଙ୍ଗାଧର ମହାପାତ୍ର, ଚକ୍ରଧର ପୂଜାରୀ, ସୁବାଷ ପାଣିଗ୍ରାହୀ, ନିର୍ମଳ ଷଡଙ୍ଗୀ, ବିଜୟ ଚୌଧୁରୀ, ବିକାଶ ଅଗ୍ରୱା, ଦୟାନିଧି ରାୟ, ଡମ୍ବରୁଧର ମେହେର, ସରୋଜ ସେଠ, ସୀତାରାମ ଦାସ ପ୍ରମଖ ଯୋଗଦେଇଥିବା ବେଳେ ସମ୍ପାଦକ ଭକ୍ତବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ ।



କୃଷକ ସଙ୍ଗଠନର ସାଧାରଣ ବୈଠକ ।

# ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ

**କୁଚିଣ୍ଡା,୧୨।୧୧(ଡି.ଏନ.ଏ.)**

ଗତ ୧୦ ତାରିଖଠାରୁ ସଇଡା-କୁଣ୍ଡାପୋଷୀ ଡଙ୍ଗାଘାଟର ପ୍ରସସ୍ତ ବାଲୁକା ସ୍ତୁପ ଉପରେ ଚାଲିଥିବା ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ବାଲିଯାତ୍ରା ମହୋତ୍ସବ ପାଇଁ ଅଞ୍ଚଳର ବହୁ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ସାହାଯ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ରୀତିନୀତି ଅନୁଯାୟୀ ପୂଜାପାଠ, ଯଜ୍ଞ ଆଦି କାର୍ଯ୍ୟ ହୋଇ ସକାଳ ୭ ଘଟିକାରେ ପୂର୍ଣ୍ଣାହୁତି କରାଯାଇଥିଲା। କମିଟି କାର୍ଯ୍ୟକର୍ତ୍ତାଙ୍କ ପ୍ରଚେଷ୍ଟାରେ ପୁରୀ, କୋଣାର୍କର ଝିଅ ପାଲା, ପଦ୍ମିନୀ ଦୋରାଙ୍କ ମେଲୋଡି ସାଙ୍ଗକୁ ଛୋଟବଡ କଳାକାରମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହାକୁ ଦେଖିବାକୁ ଅଞ୍ଚଳର ଶହ ଶହ ଲୋକଙ୍କ ରୁଣ୍ଡ ହୋଇଥିଲେ। ଅନ୍ୟବର୍ଷ ତୁଳନାରେ ଏବର୍ଷ ବାଲିଯାତ୍ରା ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯାଇଥିଲା। ନଦୀ ଗର୍ଭର ପାଣି ଉପରେ ଭାସମାନ ପେଣ୍ଡାଲ ଉପରେ ନୃତ୍ୟ ପ୍ରତିଯୋଗିତା ବେଶ ଆକର୍ଷଣୀୟ ହୋଇଥିଲା । ଅନୁଷ୍ଠିତ ସମସ୍ତ କାର୍ଯ୍ୟକୁ କମିଟି ସଭାପତି ବିଜୁ ସାହୁ, ସମ୍ପାଦକ ବିଶ୍ୱନାଥ କଣ୍ଡେରାଙ୍କ ସହ ପୁଲସ୍ତି ପାତ୍ର, ଦିବ୍ୟରାଜ ବାରିକ, ଲମ୍ବୋଦର ସାହୁଙ୍କ ସମେତ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସମ୍ପାଦନା କରିଥିଲେ ।



ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତରେ ପାଲା ପରିବେଷଣ କରାଯାଉଛି।

# ନୂଆଗାଁରେ ବାଲିଯାତ୍ରା ସମ୍ପନ୍ନ

**ଧମା,୧୨।୧୧(ଡି.ଏନ.ଏ.)**

ମାନେଶ୍ୱର ବ୍ଲକ ଧମା ପଞ୍ଚାୟତ ନୂଆଗାଁ ଗ୍ରାମରେ ବହୁ ବର୍ଷରୁ ଚାଲି ଆସିଥିବା ଭାଇଚାରାର ପ୍ରତିକ ବାଲିଯାତ୍ରା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ସୋମବାର ପୂର୍ବାହ୍ନ ୯ଟାରେ ନିକଟସ୍ଥ ଧୂଳିଯୋରରୁ ଗ୍ରାମ୍ୟଦାଣ୍ଡକୁ ୫୧ ମହିଳାଙ୍କ ଦ୍ୱାରା କଳସ ଯାତ୍ରା କରାଯାଇଥିଲା। ପରେ ଗ୍ରାମ୍ୟ ଦାଣ୍ଡରେ ଆରମ୍ଭ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞରେ ପଣ୍ଡିତ ଜଗଦିଶ ଦାସ ପୌରୋହିତ୍ୟ କରିଥିବା ବେଳେ କର୍ତ୍ତା ଭାବେ ଦେବାଶିଷ ମାଝି ଓ ସହଧର୍ମଣୀ ଯୋଗଦେଇ ଯଜ୍ଞ କାର୍ଯ୍ୟ ସମ୍ପାଦକ କରିଥିଲେ। ମଙ୍ଗଳବାର ଅପରାହ୍ନରେ ଗ୍ରାମ୍ୟ ମନ୍ଦିରରୁ ରାଧାକୃଷ୍ଣଙ୍କ ମନ୍ଦିର ନିକଟସ୍ଥ ଧୂଳିଯୋରକୁ ନେଇ ସେଠାରେ କର୍ତ୍ତା ସୁବାଷ ଚନ୍ଦ୍ର ହୋତାଙ୍କ ଜରିଆରେ ପୂଜାର୍ଚ୍ଚନା କରାଯିବା ସହ ମହିଳା ଓ ପୁରୁଷ ସଂକୀର୍ତ୍ତନ୍ୟ ଦଳଙ୍କ ମେଳରେ ଗ୍ରାମବାସୀଙ୍କ ସହ ପୂଜାର୍ଚ୍ଚନା ପରେ ଗ୍ରାମରେ ଦେବଦେବୀଙ୍କ ପ୍ରତିମୂର୍ତ୍ତି ପରିକ୍ରମା ପରେ ପୁଣି ମନ୍ଦିରରେ ଅବସ୍ଥାପିତ କରାଯାଇଥିଲା। ଏହି ଅବସରରେ ନାମଯଜ୍ଞରେ ଅଇଁଲାପାଲି ଓ ବଉଁଶସରାର ମହିଳା ସଂକୀର୍ତ୍ତନ୍ୟ ଦଳ ତଥା ବରଗଡର ବଡପିପଲିପାଲି ଓ ସୋନପୁରର ରେଶମ ପୁରୁଷ ସଂକିର୍ତ୍ତନ୍ୟ ଦଳ ପକ୍ଷରୁ କୀର୍ତ୍ତନ୍ୟ ପରିବେଷଣ କରାଯାଇଥିଲା। ଅପରାହ୍ନରେ ଭକ୍ତମାନଙ୍କ ପାଇଁ କରାଯାଇଥିବା ଅନ୍ନ ପ୍ରସାଦକୁ ଭଗବାନ ପୁରୋହିତ, ବଳରାମ ବେହେରା, ନିଳାମ୍ବର ମାଝି ପରିଚାଳନା କରିଥିବା ବେଳେ ନାମଯଜ୍ଞ ଓ ବାଲିଯାତ୍ରାରେ ରାଜାରାମ ମିଶ୍ର, ବିନୋଦ ବେହେରା, ସୀତାରାମ ମିଶ୍ର, କୃଷ୍ଣଚନ୍ଦ୍ର ତରିଆ ପ୍ରମୁଖ ଏବଂ ସମସ୍ତ ଯୁବଗୋଷ୍ଠୀ ସହଯୋଗ କରିଥିଲେ। ବୁଧବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଜେପୁର ତାନିମୁଣ୍ଡାର ସୈରେନ୍ଦ୍ରୀ ଜାଲ ଓ ସାଥି ତଥା ବରପାଲି ବୀରମାଲର ସ୍ନେହଲତା ଦାସ ଓ ସାଥି ମହିଳା ସଂକୀର୍ତ୍ତନ୍ୟ ଦଳଙ୍କ କିର୍ତ୍ତନ୍ୟ ବୈଠକି ହେବ ବୋଲି ସଦସ୍ୟ ଲୋକନାଥ ମିଶ୍ର କହିଛନ୍ତି।



ଧୂଳିଜୋର କୂଳରେ ବାଲିଯାତ୍ରାରେ ମହିଳା ସଂକୀର୍ତ୍ତନ୍ୟ ଦଳ କାର୍ଯ୍ୟକ୍ରମ ।

# କାର୍ତ୍ତିକ ପୂର୍ଣ୍ଣମୀ, ବୋଇତ ବନ୍ଦାଣ ଉତ୍ସବ

**ଧମା,୧୨।୧୧(ଡି.ଏନ.ଏ.)**

ବିଶ୍ୱ ପ୍ରସିଦ୍ଧ ଶୈବପୀଠ ହୁମାର ବିମଳେଶ୍ୱର ବକ୍ରମନ୍ଦିର ପୀଠରେ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ କୁଡୋମାଛ ଓ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଭୋର ୪ଟା ବେଳେ ମନ୍ଦିର ମୁଖ୍ୟ ପୂଜକ ଗଜିନ୍ଦ୍ର ପୂଜାରୀ ଏବଂ ଟ୍ରଷ୍ଟ ଦିଲୀପ ପୂଜାରୀ ଉଚନ୍ଦନ ଗଣେଷ, ଚନ୍ଦ୍ରଶେଖର, ବିମଳେଶ୍ୱର, ପାର୍ବତୀ, ଭୁବନେଶ୍ୱରୀ ଏବଂ ନାଗ ଦେବତାଙ୍କୁ ପାରମ୍ପାରିକ ବିମାନରେ ବସାଇ ମହାନଦୀ କୂଳ ମଚ୍ଛିନ୍ଦ୍ର ଘାଟକୁ ଶୋଭାଯାତ୍ରା ମାଧ୍ୟମରେ ଅଣାଯାଇଥିଲା। କୂଳରେ ସମସ୍ତ ଦେବଦେବତାଙ୍କୁ କ୍ଷୀରି, ଖେଚୁଡି, କାକରାପିଡା, ଲିଆ ଓ ଫଳମୂଳ ଭୋଗ ଲଗାଇ ପୂଜାର୍ଚ୍ଚନା ପରେ ମହାନଦୀ ଗର୍ଭରେ ଥିବା କୁଡୋମାଛଙ୍କୁ ତାଙ୍କର ବିଭିନ୍ନ ନାମ ଯଥା ବଡରାଗୁ, ସାନରାଗୁ, ବଡବାଙ୍କିଡି, ସାନବାଙ୍କିଡି, ଗୁନାପିନ୍ଧି, ସୁନାପିନ୍ଧି, ବଡକଲିଆ, ସାନକଲିଆ, ଆସ ହୋ ବାରଦାମ କୁଡୋମାଛ.... ଝିଲେ ଝାଙ୍କଡେ ପାହାଡେ ପର୍ବତେ ଯିଏ ଯାହିଁ ଅଛ... ଡାକି ହାକି ଆନ ହୋ ଭୈରୋନାଥ.... ସମ୍ବୋଧନ କରି ବେହେରା ଶରତ ଚନ୍ଦ୍ର ବେହେରା, ରବିନ୍ଦ୍ର ବେହେରା ଓ କୁଞ୍ଜବନ ବେହେରା ପ୍ରମୁଖ କୁଡୋ ମାଛଙ୍କୁ ମହାନଦୀ ଗର୍ଭରେ ଭୋଗ ଦେଇ ଆବାହନ କରିଥିଲେ। ସେବାୟତ ଭବାନୀ ପୂଜାରୀ, ନରସିଂହା ପୂଜାରୀ, ସଦାନନ୍ଦ ପୂଜାରୀ, ଦେବାନନ୍ଦ, ଅଶୋକ, ଦୋଳଗୋବିନ୍ଦ ଓ ଗୋପାଳ ପ୍ରମୁଖ ପରେ ଭଗବାନଙ୍କୁ ମନ୍ଦିର ମଧ୍ୟକୁ ନେଇ ଅବସ୍ଥାପିତ କରିବାପରେ ସକାଳ ସାଢ଼େ ୬ଟାରେ ଭକ୍ତଙ୍କ ଦର୍ଶନ ପାଇଁ ଦ୍ୱାର ଉନ୍ମୁକ୍ତ କରାଯାଇଥିଲା। ବୋଇତ ବନ୍ଦାଣ ଉତ୍ସବ ପାଳନ ପାଇଁ ମଚ୍ଛିନ୍ଦ୍ର ଘାଟ କୂଳରେ ଭକ୍ତମାନେ ଛୋଟବଡ, କାଗଜ ଡଙ୍ଗା ରଙ୍ଗ ବେରଙ୍ଗ ବୋଇତ ନେଇ ଆସି ତାକୁ ଭସାଇବା ସହ ଓଡିଆ ଜାତିର ପରମ୍ପରା ପାଳନ କରିଥିଲେ।



ବିମାନରେ ଦେବଦେବୀଙ୍କୁ ମଚ୍ଛିନ୍ଦ୍ର ଘାଟରୁ ଅଣାଯାଉଛି ।

# ବାଦିବାହାଲ ଚର୍ଚ୍ଚରେ ଶିଶୁ ସମ୍ମିଳନୀ

**ଜମନକିରା,୧୨।୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଟିକିଲିପଡ଼ା ପଞ୍ଚାୟତ ବାଦିବାହାଲସ୍ଥିତ ସାଧୁ ଫ୍ରାନ୍ସିସ ଚର୍ଚ୍ଚରେ ଶିଶୁମାନଙ୍କୁ ନେଇ ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ସଂଘ ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଦେବଗଡ଼, ଗୁଡୁରାପଡ଼ା, ମଝାପଡ଼ା, ଅମଲିଖମନ, କାଲିଝରନ ଓ ପାରିସରୁ ମୋଟ ୫୦୨ ଜଣ ବାଳିକାବାଳକ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡିନ୍ ଫାଦର ପାଲୋମାଥୁ ଏବଂ ଫାଦର ସଞ୍ଜୟ ଯୋଗଦେଇ ଶିଶୁମାନଙ୍କୁ ଯୀଶୁଙ୍କ ଜୀବନୀ ଉପରେ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ବାଦିବାହାଲ ସାଧୁ ଫ୍ରାନ୍ସିସ୍ ଚର୍ଚ୍ଚର ଫାଦର ପ୍ରକାଶ ପରିଚାଳନା କରିଥିବା ବେଳେ ଫାଦର ସଞ୍ଜୟ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଧର୍ମପ୍ରାନ୍ତ ଧର୍ମାଧ୍ୟକ୍ଷ ରେଭେରେଣ୍ଟ ନିରଞ୍ଜନ ସୁଆଲସିଂ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଯୀଶୁଙ୍କ ସ୍ମୃତିଚାରଣ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ଼ ମହାବିଦ୍ୟାଳୟ ଇଂଲିଶ ଅଧ୍ୟାପକ ପ୍ରମୋଦ ଡୁଙ୍ଗଡୁଙ୍ଗ୍ ଯୋଗଦେଇଥିଲେ। ଏଥିରେ ବେଥାନୀ କନ୍‌ଭେଣ୍ଟର ସିଷ୍ଟରମାନେ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କଦ୍ୱାରା ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଡିସ୍‌କସ ଥ୍ରୋ, ଫୁଟବଲ, ଭଲିବଲ, ଚିତ୍ରାଙ୍କନ, ସଙ୍ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।



ଶିଶୁ ସମ୍ମିନଳୀ କାର୍ଯ୍ୟକ୍ରମରେ ଅତିଥିଙ୍କୁ ସ୍ୱାଗତ କରାଯାଉଛି।

■ କାର୍ତ୍ତିକ ପୂର୍ଣ୍ଣିମାରେ ସହସ୍ରାଧିକ ଭକ୍ତଙ୍କ ସମାଗମ

# ଘଣ୍ଟେଶ୍ୱରୀ ପୀଠ ଚଳଚଞ୍ଚଳ

**ଚିପିଲିମା,୧୨।୧୧(ଡି.ଏନ.ଏ.)**

ଚିପିଲିମା (ବଗବିରା)ସ୍ଥିତ ଘଣ୍ଟେଶ୍ୱରୀ ପୀଠରେ କାର୍ତ୍ତିକ ମାସ ପୂର୍ଣ୍ଣିମାରେ ସହଶ୍ରାଧିକ ଭକ୍ତଙ୍କ ସମାଗମ ହୋଇଛି। ସହଶ୍ରାଧିକ ଭକ୍ତଙ୍କ ସମାଗମ ଯୋଗୁ ପୀଠ ଦିନତମାମ ଚଳଚଞ୍ଚଳ ହୋଇଥିଲା। ଏହି ଅବସରରେ ପୀଠରେ ପ୍ରଭାତରୁ ନୀତିପୂଜା ହୋଇଥିଲା। ମନ୍ଦିର ପ୍ରାଙ୍ଗଣରେ ବିଧିମୁତାବକ ଚଣ୍ଡିହବନ, ଆଳତି, ପୁଷ୍ପାଞ୍ଜଳି ଆଦି ହୋଇଥିଲା। ସମସ୍ତ ପୂଜାକୁ ପଣ୍ଡିତ ରାହାସ ବିହାରୀ ପଣ୍ଡା ପରିଚାଳନା କରିଥିଲେ। ସହଶ୍ରାଧିକ ଭକ୍ତଙ୍କ ସମାଗମ ତଥା ଘଣ୍ଟେଶ୍ୱରୀ ଘଣ୍ଟି ଶବ୍ଦରେ ପୀଠାଞ୍ଚଳ ମୁଖରୀତ ହୋଇଥିଲା। ମା'ଙ୍କ ପୂଜା କାର୍ଯ୍ୟରେ ବରିଷ୍ଠ ପୂଜକ ନୃପରାଜ ନାଏକଙ୍କ ତତ୍ତ୍ୱାବଧାନରେ ପୂଜକ ବିକ୍ରମ ନାଏକ, ରାଧେଶ୍ୟାମ ମାଝି, ଗୋପିନାଥ ନାଏକ, ସରୋଜ ପାତ୍ର, ଗୋବିନ୍ଦ ନାଏକ, ରାଜା ନାଏକ, ନିବାସ ନାଏକ ପ୍ରମୁଖ ସହଯୋଗ କରିଥିଲେ। ମନ୍ଦିର ପରିସରରେ ଟ୍ରଷ୍ଟି ସଞ୍ଜୟ ପୂଜାରୀଙ୍କ ତତ୍ତ୍ୱାବଧାନରେ ଟ୍ରଷ୍ଟ ସଦସ୍ୟମାନେ ସହଯୋଗ କରିଥିଲେ। ପ୍ରକାଶ ଥାଉକି, ଚିପିଲିମା ପାୱାର ହାଉସରୁ ଘଣ୍ଟେଶ୍ୱରୀକୁ ଦୁଇଟି ଅଣଓସାରିଆ



ଘଣ୍ଟେଶ୍ୱରୀ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଛି ।

**ପର୍ଯ୍ୟଟକ, ଭକ୍ତ ହଟହଟା**

ଲୌହ ପୋଲ ଦେଇ ଯିବାକୁ ହେଉଥିବା ବେଳେ ସେଥି ମଧ୍ୟରୁ ପାହାଡ ପଟକୁ ଗୋଟିଏ ପୋଲ ଗତବର୍ଷ ବର୍ଷା ପାଣିର ଗଭୀର ସ୍ରୋତରେ ଭାଙ୍ଗି ଯାଇଛି। ଅଦ୍ୟାବଧି ଉକ୍ତ ଲୌହ ପୋଲ ମରାମତି ହୋଇ ନ ଥିବା ବେଳେ ପର୍ଯ୍ୟଟକ ତଥା ଭକ୍ତମାନଙ୍କୁ ଗୋଟିଏ ପୋଲ ଦେଇ ଯିବାକୁ ପଡୁଛି। ଫଳରେ ସହଶ୍ରା ଭକ୍ତ ଏବଂ ପର୍ଯ୍ୟଟକଙ୍କ ସମାଗମରେ ଗୋଟିଏ ଅଣଓସାରିଆ ବିପଦ ସଙ୍କୁଳ ପୋଲ ଦେଇ ଲୋକଙ୍କୁ ଯିବା ଆସିବାକୁ ପଡୁଥିବାରୁ ହଇରାଣ ହେବାକୁ ପଡୁଥିବା ଅଭିଯୋଗ ହେଉଛି। ଭିଡକୁ ଦୃଷ୍ଟିରେ ରଖି ଟ୍ରଷ୍ଟ ପକ୍ଷରୁ ପୂର୍ବରୁ ସ୍ୱେଚ୍ଛାସେବୀ, ପୋଲିସ ମୁତୟନ ହେଉଥିବା ବେଳେ ଏଥର କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ଅନେକ ପର୍ଯ୍ୟଟକଙ୍କ ତଥା ସ୍ଥାନୀୟ ସଚେତନ ନାଗରିକମାନଙ୍କ ଅସନ୍ତୋଷ ଦେଖାଦେଇଥିଲା। ଦୂରଦୂରାନ୍ତରରୁ ଆସିଥିବା ଅନେକ ବରିଷ୍ଠ ନାଗରିକମାନେ ବିପଦ ସଙ୍କୁଳ ପୋଲ ଉପରେ ଭିଡକୁ ଦେଖି ଫେରି ଯାଇଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଚିପିଲିମା ପାୱାର ହାଉସ କର୍ତ୍ତୃପକ୍ଷଙ୍କ ଅଧୀନରେ ଅଣଓସାରିଆ ପୋଲ ଥିବା ବେଳେ ପର୍ଯ୍ୟଟକ ଭକ୍ତଙ୍କ ଗମନାଗମନ ସମସ୍ୟାକୁ ଦୃଷ୍ଟିରେ ରଖି ଭଙ୍ଗା ପୋଲକୁ ତୁରନ୍ତ ମରାମତି କରିବାକୁ ଦାବି ହେଉଛି ।



ବେଇମାନୀ ହେଉଛି ସମସ୍ତ ପାପର ଜନନୀ।

-ଶିରିଡ଼ି ସାଇବାବା



## ସଂକ୍ଷେପରେ

### ସମାବର୍ତ୍ତନ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ସ୍ୱର୍ଣ୍ଣ ପଦକ ପାଇବେ ୪୯ ଛାତ୍ରୀଛାତ୍ର**

ସମ୍ବଲପୁର,୧୨।୧୧(ବ୍ୟୁରୋ) ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ହେବାକୁ ଥିବା ସମାବର୍ତ୍ତନ ଉତ୍ସବ ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଦୀପକ କୁମାର ବେହେରା ଅଧକ୍ଷତା କରିଥିଲେ । ମୋଟ ୧୯ଟି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ନଭେମ୍ବର ୨୯ ତାରିଖ ସମାବର୍ତ୍ତନ ଉତ୍ସବ ହେବା ନେଇ ବିଷଦ ଆଲୋଚନା କରାଯାଇଥିଲା । ମୋଟ ୪୯ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ଦେବାକୁ ସ୍ଥିର ହୋଇଛି । ସମନ୍ୱିତ ବିଏଡ ଏମଏଡ ଛାତ୍ରୀଛାତ୍ରଙ୍କ ରହିଥିବା ସମସ୍ୟା ଉପରେ ଶିଘ୍ର ସରକାରଙ୍କ ପାଖକୁ ସମାଧାନ କରାଯିବାକୁ ଚିଠି କରାଯିବ ବୋଲି ସ୍ଥିର କରାଯାଇଥିଲା । ୩ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ଚୁକ୍ତି ଭିତ୍ତିକ ଭାବେ ନିଯୁକ୍ତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ପରିସଂଖ୍ୟାନ ବିଭାଗ ସହକାରୀ ପ୍ରଫେସର ସୁଧୀର ସାହୁ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ନେଇ ହାଇକୋର୍ଟରେ ଯେଉଁ ପିଟିସନ କରିଛନ୍ତି ଆଇନଗତ ପରାମର୍ଶ ନେବାକୁ ସ୍ଥିର କରାଯାଇଥିଲା। ବୈଠକ ବାହାରେ ତୃତୀୟ ଶ୍ରେଣୀ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ନୂତନ ସର୍କୁଲାର କେବଳ ଆଉଟସୋରସିଂ କର୍ମଚାରୀଙ୍କ ପାଇଁ ହୋଇଛି । ହେଲେ ଚୁକ୍ତି ଭିତ୍ତିକ କର୍ମଚାରୀଙ୍କ ଉପରେ ଏହା ଲାଗୁ କରାଯାଇଛି । ଫଳରେ ଦରମା ବୃଦ୍ଧି, ସ୍ୱାସ୍ଥ୍ୟବୀମାକୁ ବନ୍ଦ ହୋଇ ଯାଇଛି। ଏହାକୁ ନେଇ ଅଭିଯୋଗ କରିବାକୁ ସିଣ୍ଡିକେଟ ବୈଠକକୁ କର୍ମଚାରୀମାନେ ଯାଇଥିଲେ ହେଲେ ପୋଲିସ ଅଟକାଇ ରଖିଥିଲା।

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ବ୍ରଜରାଜନଗର, ୧୨।୧୧ (ଡି.ଏନ.ଏ):** ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ୯ ନମ୍ବର ଖଣି ଗେଟ୍ ସମ୍ମୁଖରେ ସୋମବାର ଏକ ଅଜଣା ଗାଡ଼ି ଧକ୍କାରେ ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ସା' ପଡ଼ାର ମନୋଜ ଖଟୁଆ(୨୫)ଙ୍କ ମୃତ୍ୟୁ ଘଟିଛି। ମନୋଜ ନିଜ ବାଇକ ଓଡି ୨୩ ଏଫ- ୧୬୭୪ରେ ରାତ୍ରି ସାଢ଼େ ୧୦ଟା ସମୟରେ ବେଲପାହାଡ଼ ପଟୁ ନିଜ ଘର ଅଭିମୁଖେ ଆସୁଥିଲେ। ଏହି ସମୟରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ତାଙ୍କୁ ପ୍ରଥମେ ଝାରସୁଗୁଡ଼ା ଡାକ୍ତରଖାନା ଓ ପରେ ବୁର୍ଲା ନେବା ବେଳେ ବାଟରେ ମୃତ୍ୟୁ ଘଟିଥିଲା।

## ଗୁରୁନାନକଙ୍କ ଜୟନ୍ତୀ ଅବସରରେ ଶୋଭାଯାତ୍ରା

# ଭାଇଚାରାର ବାର୍ତ୍ତା ଦେଲା ଦୁଇ ଧର୍ମର ସମ୍ପର୍କ

**ସମ୍ବଲପୁର, ୧୨।୧୧ (ବ୍ୟୁରୋ)**

ଗୁରୁନାନକଙ୍କ ୫୫୦ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଛି। ପରମ୍ପରା ଓ ରୀତିନୀତି ଅନୁସାରେ ବିଭିନ୍ନ ଗୁରୁଦ୍ୱାରାରେ ପ୍ରାର୍ଥନା ଏବଂ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ଲଙ୍ଗର ସେବା କରାଯାଇଥିଲା। ଅପରାହ୍ନରେ ଶିଖ୍ ଧର୍ମାବଲମ୍ବୀମାନେ ପାଞ୍ଚଗୋଛିଆ ନିକଟସ୍ଥ ଗୁରୁଦ୍ୱାରାଠାରୁ ଶୋଭାଯାତ୍ରାରେ ବାହାରି ଥିଲେ। ଅଇଁଠାପାଲି ଛକ, ଅଇଁଠାପାଲି ତଳିଛକ, ଏସଆରଆଇଟି କଲୋନୀ ଛକ, ଜଗନ୍ନାଥ କଲୋନୀ ଛକ, ବୁଢ଼ାରଜା, ଫାଟକ, ଗଙ୍ଗାଧର ମେହେର କଲେଜ ଛକ, ମୁଦିପଡା ପାଣିଟାଙ୍କି ଛକ ପରିକ୍ରମା କରି ଗୁରୁଦ୍ୱାରାଠାରେ ପହଞ୍ଚିଥିଲା । ଶିଖ୍ ଧର୍ମର ଗ୍ରନ୍ଥ ସାହେବକୁ ସୁସଜ୍ଜିତ ରଥରେ ଆରୁଢ଼ କରାଯାଇଥିଲା। ରଥ ସମ୍ମୁଖରେ ପଞ୍ଚପ୍ୟାରା ସାମିଲ ଥିଲେ। ପଞ୍ଚପ୍ୟାରା ସମ୍ମୁଖରେ ଭକ୍ତମାନେ ପାଣି ସିଞ୍ଚନ କରି ରାସ୍ତା ସଫା କରିଥିଲେ। ମହିଳା ଓ ପୁରୁଷ ଭକ୍ତମାନେ ଭଜନ ଗାନ କରି ଶୋଭାଯାତ୍ରାରେ ସାମିଲ ଥିଲେ । ରଙ୍ଗୀନ ଆତସବାଜିରେ ଶୋଭାଯାତ୍ରା ପଥ ପ୍ରକମ୍ପିତ ହୋଇଥିଲା । ଇସଲାମ ଧର୍ମାବଲମ୍ବୀମାନେ ବିଭିନ୍ନ ଛକଠାରେ ଶୋଭାଯାତ୍ରାକୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରସ୍ପର ମଧ୍ୟରେ ଗୁରୁନାନକ ଜୟନ୍ତୀ ଶୁଭେଚ୍ଛା ଜଣାଇଥିଲେ । ଏଥିସହ ସମସ୍ତ ଭକ୍ତମାନଙ୍କୁ ଚା, ସରବତ, ପାଣି ବଣ୍ଟନ କରାଯାଇଥିଲା। ଏହି ପରମ୍ପରା ସମ୍ବଲପୁରରେ ଭାଇଚାରାର ପ୍ରତୀକ ସୃଷ୍ଟି କରିବା ସହ ପ୍ରେମର ବାର୍ତ୍ତା ଦେଇଛି।





ମଙ୍ଗଳବାର ସମ୍ବଲପୁରରେ ଗୁରୁନାନକ ଜୟନ୍ତୀରେ ଅଇଁଠାପାଲି ଛକଠାରେ ଇସଲାମ ଧର୍ମବଲମ୍ବୀମାନେ ଧ୍ୱଜା ଧାରଣ କରିଥିବା ବ୍ୟକ୍ତିଙ୍କୁ ଫୁଲମାଳ ପିନ୍ଧାଇ ସ୍ୱାଗତ କରୁଛନ୍ତି ।



ମଙ୍ଗଳବାର ସମ୍ବଲପୁରରେ ଗୁରୁନାନକ ଜୟନ୍ତୀ ଶୋଭାଯାତ୍ରାରେ ଜଣେ ବାଳିକା ଦୁଃଶାହସିକ କୌଶଳ ପ୍ରଦର୍ଶନ କରୁଛନ୍ତି ।



ସମ୍ବଲପୁରରେ ଗୁରୁନାନକ ଜୟନ୍ତୀ ଶୋଭାଯାତ୍ରାରେ ପଞ୍ଚପ୍ୟାରା ।



ମଙ୍ଗଳବାର ସମ୍ବଲପୁରରେ ଗୁରୁନାନକ ଜୟନ୍ତୀ ଶୋଭାଯାତ୍ରାରେ ଭକ୍ତମାନେ କୀର୍ତ୍ତନ ପରିବେଷଣ କରୁଛନ୍ତି ।



ମଙ୍ଗଳବାର ସମ୍ବଲପୁରରେ ଗୁରୁନାନକ ଜୟନ୍ତୀ ଶୋଭାଯାତ୍ରାରେ ମହିଳାମାନେ ସାମିଲ୍ ହୋଇଛନ୍ତି।

## ସମ୍ବଲପୁରରେ ଖାଦ୍ୟ ଏଟିଏମ୍ ସ୍ଥାପିତ

**ସମ୍ବଲପୁର,୧୨।୧୧(ବ୍ୟୁରୋ)**

ସମ୍ବଲପୁର ସଦର ଡାକ୍ତରଖାନା ନିଟକରେ ମଙ୍ଗଳବାର ଏକ ଖାଦ୍ୟ ଏଟିଏମ୍ ସ୍ଥାପିତ ହୋଇଛି। ମହାନଗନ ନିଗମ ଓ ଏକ ସାମାଜିକ ଅନୁଷ୍ଠାନ ପକ୍ଷରୁ ଏହା ଖୋଲା ଯାଇଛି। ଏଡିଏମ୍ ଲିଙ୍ଗରାଜ ପଣ୍ଡା ଏହାକୁ ଶୁଭାରମ୍ଭ କରିଥିଲେ । ଏକ ବଡ ଫ୍ରିଜର ରହିଛି । ଯେ କେହି ମଧ୍ୟ ଏହି ଫ୍ରିଜରରେ ଖାଦ୍ୟ ରଖି ପାରିବେ। ଆହାର ଯୋଜନା ହେଉ କି ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟରେ କେହି ବଳକା ଖାଦ୍ୟ ଆଣି ଏଠାରେ ରଖି ପାରିବେ। ହଲେ ଏବେ ପ୍ରଥମ କରି ପ୍ୟାକେଟ ଖାଦ୍ୟ ସଂଗ୍ରହ କରାଯିବ। ଗଚ୍ଛିତ ଥିବା ଖାଦ୍ୟ ମାଗଣାରେ ଭୋକିଲା ଲୋକଙ୍କୁ ଦିଆଯିବ । ଆଗାମି ଦିନରେ ଜନଗହଳିପୂର୍ଣ୍ଣ ସ୍ଥାନରେ ଆଉ ୨ଟି କାଉଣ୍ଟର ଖୋଲାଯିବ । ମହାନଗର ନିଗମ ପକ୍ଷରୁ ନିୟମତି ଖାଦ୍ୟର ମାନ ଯାଞ୍ଚ କରାଯିବ ବୋଲି ମହାନଗର ନିଗମ ଅଫିସର ଶୁଭଙ୍କର ମହାନ୍ତି କହିଛନ୍ତି ।



ସମ୍ବଲପୁରରେ ଖାଦ୍ୟ ଏଟିଏମ୍‌କୁ ଶୁଭାରମ୍ଭ କରାଯାଉଛି।



୫୫ କେଜିର କେକ୍ ତିଆରି କରାଯାଇଛି ।

## ଗୁରୁ ନାନକଙ୍କ ଜୟନ୍ତୀରେ ୫୫ କେଜିର କେକ୍

**ସମ୍ବଲପୁର, ୧୨।୧୧ (ବ୍ୟୁରୋ)**

ଗୁରୁ ନାନକଙ୍କ ୫୫୦ ତମ ଜନ୍ମ ଜୟନ୍ତୀ ତିଥିରେ ୫୫ କେଜିର କେକ୍ ତିଆରି କରାଯାଇଛି । ହୋଟେଲ ଶିଲା ଟାୱାର ନିର୍ଦ୍ଦେଶକ ଯଶବୀର ସିଂ ହୁରାଙ୍କ ତତ୍ତ୍ୱାବଧାନରେ ୫୫ କେଜିର କେକ୍ ତିଆରି କରାଯାଇ ମୁଦିପଡା ଗୁରୁଦ୍ୱାରାକୁ ପ୍ରଦାନ କରାଯାଇଥିଲା । କେକ୍ କଟାଯାଇ ଲଙ୍ଗର୍‌ରେ ଭକ୍ତମାନଙ୍କୁ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ, ବାଦାମ କ୍ରଞ୍ଚରେ ନିର୍ମିତ ଏହି କେକର ମୂଲ୍ୟ ୬୬ ହଜାର ଟଙ୍କା।

## ଡଙ୍ଗା ଭସାଇ ଅତୀତକୁ ମନେ ପକାଇଲେ

**ସମ୍ବଲପୁର, ୧୨।୧୧ (ବ୍ୟୁରୋ)**

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ସମ୍ବଲପୁର ମହାନଦୀ ଅଯୋଧ୍ୟା ସରବୋରଠାରେ ଭକ୍ତମାନେ ବୁଡ ପକାଇ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ କରିଛନ୍ତି । ବୁଡ ପକାଇବା ପରେ ଶୁକ୍ଳ ଲୁଗା ପରିଧାନ କରି ତୁଳସୀ ବୃକ୍ଷକୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ଏହାପରେ କାଗଜ ଓ ପତ୍ର ଡଙ୍ଗାକୁ ପୂଜାର୍ଚ୍ଚନା କରିଥିଲେ । ଡଙ୍ଗା ଭିତରେ ଅରୁଆ ଚାଉଳ, ଦୁବ ଓ ଟଙ୍କା ରଖି ପାଣିରେ ଭସାଇଥିଲେ। ଆତସବାଜିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ଏଥିସହ ମହାନଦୀ ବାଲିବନ୍ଧା, ଝାଡୁଆପଡା, ନନ୍ଦପଡା, ସଡକ ଘାଟ, ମେସିନ ଘାଟ ଓ ବିଭିନ୍ନ ପୋଖରୀ ଗୁଡିକରେ ଭକ୍ତମାନେ ଡଙ୍ଗା ଭସାଇଥିଲେ । ସେହିପରି ବିଭିନ୍ନ ପଡାରେ ନାମଯଜ୍ଞ ହୋଇଥିଲା । ମନ୍ଦିରରେ ଭକ୍ତଙ୍କ ଭିଡ ଲାଗି ରହିଥିଲା । ଭକ୍ତମାନେ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ ।



ମଙ୍ଗଳବାର ସମ୍ବଲପୁର ମହାନଦୀ ଅଯୋଧ୍ୟା ସରବୋରରେ ଭାଇ ଭଉଣୀ କାଗଜ ଡଙ୍ଗା ଭସାଉଛନ୍ତି।

## ବ୍ରହ୍ମପୁରା ଠାକୁରଙ୍କ ରାଜରାଜେଶ୍ୱର ବେଶ

### ମନ୍ଦିରରେ ନୂତନ ଧ୍ୱଜା ରୋହଣ



**ସମ୍ବଲପୁର, ୧୨।୧୧ (ବ୍ୟୁରୋ)**

କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଝାଡୁଆପଡା ବ୍ରହ୍ମପୁରା ଠାକୁର ମଙ୍ଗଳବାର ରାଜରାଜେଶ୍ୱର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ପ୍ରାତଃ ସାଢ଼େ ୩ଟାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ୪ଟାରେ ଭକ୍ତମାନେ ଠାକୁରଙ୍କୁ ରାଜରାଜେଶ୍ୱର ବେଶରେ ଦର୍ଶନ କରିଥିଲେ । ଏହି ବେଶ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ରହିଥିଲା । ସହରର ବିଭିନ୍ନ ଅଞ୍ଚଳରୁ ଭକ୍ତଙ୍କ ସମାଗମ ହୋଇଥିଲା । ପଣ୍ଡିତ ସନ୍ତୋଷ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ପଣ୍ଡିତ ଗୋପାଳ ପଣ୍ଡା, ସହଯୋଗ କରିଥିଲେ । ସେହିପରି ବ୍ରହ୍ମପୁରା ଟ୍ରଷ୍ଟ ବୋର୍ଡ କମିଟିର ସଭ୍ୟମାନେ ଠାକୁରଙ୍କ ବେଶ କରିଥିଲେ । ପୂର୍ବାହ୍ନ ୧୧ଟାରେ ପରମ୍ପରାନୁସାରେ ଝାଡୁଆପଡା ନିବାସୀ ରାଜରାମ ସୁପକାରଙ୍କ ବାସଭବନରୁ ଧ୍ୱଜା ଆସିଥିଲା । ଏହାପରେ ମନ୍ଦିରରେ ନୂତନ ଧ୍ୱଜା ରୋହଣ କରାଯାଇଥିଲା। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳିରେ ଉଛୁଳିଥିଲା ମନ୍ଦିର ପରିସର । ସଞ୍ଜୀବ ପାଢ଼ୀ, ସୁଧାଂଶୁ ବାବୁ, ପ୍ରାଣରଞ୍ଜନ ପଣ୍ଡା ଓ ସୀତାରାମ ସୁପକାର ଠାକୁରଙ୍କ ବେଶ କରିଥିଲେ । ମଧ୍ୟାହ୍ନରେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି ହୋଇଥିଲା ।

## ଫଟୋରେ ଖବର





ସମ୍ବଲପୁର ଟାଉନ ହାଇସ୍କୁଲ ପୁରାତନ ଛାତ୍ରଙ୍କ ପକ୍ଷରୁ ଆଇନଜୀବୀ ତଥା ସାମାଜିକ କର୍ମୀ ବେଦବ୍ୟାସ ସାଥୁଆଙ୍କ ବିୟୋଗରେ ମଙ୍ଗଳବାର ଚିତ୍ରଗୁପ୍ତ କଲ୍ୟାଣ ସଭାକକ୍ଷରେ ଅନୁଷ୍ଠିତ ଶୋକସଭାରେ ଯୋଗଦେଇଥିବା ପ୍ରତିନିଧିମାନେ (ବାମ)। ସିଙ୍ଗାପୁରରେ ନିର୍ବାଚିତ ହୋଇଥିବା ଓଡିଆ ସୋସାଇଟିର କର୍ମକର୍ତ୍ତା।



“ସାମାଜିକ ଅସମାନତାକୁ ଦୂରକରିବା ପାଇଁ ଲୋକେ ଗୁରୁ ନାନକଙ୍କ ଶିକ୍ଷାକୁ ଅନୁସରଣ କରିବା ଉଚିତ।
-ରାମନାଥ କୋବିନ୍ଦ,
ରାଷ୍ଟ୍ରପତି

## ସଂକ୍ଷେପରେ

### କଶ୍ମୀରରେ ପୁଣି ରେଳସେବା ଆରମ୍ଭ

**ଶ୍ରୀନଗର, ୧୨।୧୧(ପି.ଟି.):** ଜମ୍ମୁ-କଶ୍ମୀର ପରିସ୍ଥିତିରେ ସୁଧାର ଆସିପାରିଛି। ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ ସୁରକ୍ଷା ଦୃଷ୍ଟିରୁ ବନ୍ଦ ରହିଥିବା ରେଳସେବା ୩ ମାସ ପରେ ମଙ୍ଗଳବାରଠାରୁ ପୁଣି ଆରମ୍ଭ ହୋଇଛି। ବାରାମୁଲ୍ଲା ଓ ଶ୍ରୀନଗର ମଧ୍ୟରେ ରେଳ ଚଳାଚଳ କରିଛି। ଖୁବ୍‌ଶୀଘ୍ର ଶ୍ରୀନଗର-ବନିହାଲ୍ ରେଳଲାଇନ ଦେଇ ଟ୍ରେନ ଚଳାଚଳ ସ୍ୱାଭାବିକ ହେବ ବୋଲି ରେଲୱେ ଅଧିକାରୀ ପ୍ରକାଶ କରିଛନ୍ତି। ରେଲୱେ ଟ୍ରାକ୍‌ର ସୁରକ୍ଷା ଯାଞ୍ଚ କରାଯିବା ପରେ ରେଳ ଚଳାଚଳ କରିବ ବୋଲି ସେ ମତ ଦେଇଛନ୍ତି। ଉପତ୍ୟକାର କେତେକ ସ୍ଥାନରେ ମିନିବସ୍ ସେବା ମଧ୍ୟ ଆରମ୍ଭ କରାଯାଇଛି। ବୟ୍‌ୱାରା-ବଟମାଲୁ ରୁଟ୍‌ରେ ସହର ଦେଇ କେତେକ ମିନିବସ୍ ଯାତାୟାତ କରୁଥିବା ନଜରକୁ ଆସିଛି। କାର୍ ଓ ଅଟୋରିକ୍ସା ଚଳାଚଳ କରିଛି। ପ୍ରକାଶଥାଉ କି, ଗତ ଅଗଷ୍ଟ ୫ରୁ ଟ୍ରେନ ଚଳାଚଳ ଏଠାରେ ବନ୍ଦ ରହିଥିଲା।

### ଜାଭ୍‌ଡ଼େକରଙ୍କୁ ଅତିରିକ୍ତ ଦାୟିତ୍ୱ



**ନୂଆଦିଲ୍ଲୀ, ୧୨।୧୧(ପି.ଟି.):** ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ କହିବା ଅନୁଯାୟୀ କେନ୍ଦ୍ରମନ୍ତ୍ରୀ ଥିବା ଶିବସେନା ଏମ୍‌ପି ଅରବିନ୍ଦ ସାୱନ୍ତଙ୍କ ଇସ୍ତଫାପତ୍ର ଗ୍ରହଣ କରିନେଇଛନ୍ତି। ସାୱନ୍ତଙ୍କ ଇସ୍ତଫା ଗୃହୀତ ହେବା ପରେ ତାଙ୍କ ସ୍ଥାନରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭ୍‌ଡ଼େକରଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ତାଙ୍କ ମନ୍ତ୍ରଣାଳୟ ସହ ଜାଭ୍‌ଡ଼େକର ଭାରିଶିଳ୍ପ ଓ ପବ୍ଲିକ ଏଣ୍ଟରପ୍ରାଇଜେସ୍ ବିଭାଗର ଦାୟିତ୍ୱ ତୁଲାଇବେ ବୋଲି ରାଷ୍ଟ୍ରପତିଭବନ ମୁଖପାତ୍ର ପ୍ରକାଶ କରିଛନ୍ତି।

### ‘ସାମ୍ବିଧାନିକ ପ୍ରକ୍ରିୟାକୁ ଉପହାସ କରିଛନ୍ତି ରାଜ୍ୟପାଳ’



**ନୂଆଦିଲ୍ଲୀ,୧୨।୧୧(ପି.ଟି.):** ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି ପାଇଁ ସୁପାରିସ କରି ସାମ୍ବିଧାନିକ ପ୍ରକ୍ରିୟାକୁ ଉପହାସ କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ମଙ୍ଗଳବାର ସମାଲୋଚନା କରାଯାଇଛି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ରାଜ୍ୟପାଳ ଭାଜପା, ଶିବସେନା ଏବଂ ଏନ୍‌ସିପିକୁ ସରକାର ଗଠନ ଲାଗି ମନଇଚ୍ଛା ସମୟ ଦେଇଛନ୍ତି। ଏହା ଲଜ୍ଜାଜନକ, ଅସାଧୁ ଓ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ। ରାଜ୍ୟପାଳ କୋଶିୟାରୀ ଗଣତନ୍ତ୍ରକୁ ଗଭୀର କ୍ଷତି ପହଞ୍ଚାଇଥିବା ସୁର୍ଜେୱାଲା କହିଛନ୍ତି।

## [ଇତିହାସର ଆଇନାରେ]

### ନଭେମ୍ବର ୧୩ର ପ୍ରମୁଖ ଘଟଣା

୧୯୯୫ ନଭେମ୍ବର ୧୩ରେ ଆମେରିକା ଦ୍ୱାରା ପରିଚାଳିତ ରିୟାଧ୍‌ସ୍ଥିତ ସାଉଦି ଆରବିଆନ୍ ନ୍ୟାଶନାଲ ଗାର୍ଡ ଟ୍ରେନିଂ ସେଣ୍ଟର୍ ନିକଟରେ ଟ୍ରକ୍ ବୋମା ବିସ୍ଫୋରଣ କରାଯାଇଥିଲା। ଏଥିରେ ୫ ଆମେରିକାନ୍ ଓ ୨ ଭାରତୀୟ ପ୍ରାଣ ହରାଇଥିଲେ। ଇସ୍‌ଲାମିକ୍ ମୁଭ୍‌ମେଣ୍ଟ ଫର୍ ଚେଞ୍ଜ୍ ନାମକ ଏକ ଆତଙ୍କବାଦୀ ସଙ୍ଗଠନ ଏହି ବିସ୍ଫୋରଣ ଲାଗି ନିଜକୁ ଦାୟୀ କରିଥିଲା।

୨୦୧୫ ନଭେମ୍ବର ୧୩ରେ ପ୍ୟାରିସ୍‌ରେ ସଂଘବଦ୍ଧ ଆକ୍ରମଣ କରାଯାଇ ୧୩୦ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା। ଆଖିବୁଜା ଗୁଳିମାଡ଼ରେ ୩୬୮ ଜଣ ଆହତ ହୋଇଥିଲେ। ୭ ଆକ୍ରମଣକାରୀ କେତେକଙ୍କୁ ବନ୍ଧକ ରଖି ବିସ୍ଫୋରଣ ମଧ୍ୟ କରିଥିଲେ। ୮୦ ଜଣ ଗୁରୁତର ହୋଇଥିଲେ। ଅପରେଶନ ପରେ ୭ ଆକ୍ରମଣକାରୀ ନିପାତ୍ ହୋଇଥିଲେ।



ଗୁରୁ ନାନକ ଦେବଙ୍କ ୫୫୦ତମ ଜୟନ୍ତୀ ପାଳନ ଅବସରରେ ଅମୃତସରର ସ୍ୱର୍ଣ୍ଣମନ୍ଦିରରେ ଶ୍ରଦ୍ଧାଳୁମାନେ ମହମବତି ଜଳାଉଛନ୍ତି।



୨୫ତମ କୋଲକାତା ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ଅବସରରେ କୋଲକାତାର ନନ୍ଦନରେ ଏକ ହାତଟଣା ରିକ୍ସା ଉପରେ ବସିଛନ୍ତି କୁର୍ଦ୍ଦିଶ ନିର୍ଦ୍ଦେଶକ ଏର୍ସିନ ସେଲିକ୍।

## ରାଷ୍ଟ୍ରପତି ଶାସନ ଲାଗୁ ହେବା ସତ୍ତ୍ୱେ

# ସରକାର ଗଠନ ଉଦ୍ୟମ ଜାରି

**ମୁମ୍ବାଇ,୧୨।୧୧(ଆଇଏଏନ୍‌ଏସ୍)**

ମହାରାଷ୍ଟ୍ରରେ ମଙ୍ଗଳବାର ରାଷ୍ଟ୍ରପତି ଶାସନ ଜାରି କରାଯିବା ପରେ ସବୁ ରାଜନୈତିକ ଦଳ ବିସ୍ମିତ ହେବା ସତ୍ତ୍ୱେ ସରକାର ଗଠନ ପ୍ରକ୍ରିୟାରୁ ଓହରିନାହାନ୍ତି। ରାଜ୍ୟପାଳ ଭଗତ ସିଂ କୋଶିୟାରୀ ସନ୍ତୁଷ୍ଟ ହେବା ଭଳି ଭିନ୍ନ ଭିନ୍ନ ରାଜନୈତିକ ସମୀକରଣ ସୃଷ୍ଟିକରି ସରକାର ଗଢ଼ିବା ପାଇଁ ଶିବସେନା, ଏନ୍‌ସିପି ଏବଂ କଂଗ୍ରେସ ପକ୍ଷରୁ ଉଦ୍ୟମ ଚାଲିଥିବାବେଳେ ଏକକ ସଂଖ୍ୟାଗରିଷ୍ଠ ଦଳ ଭାଜପା ମଧ୍ୟ ଏଥିରୁ ପଛରେ ପଡ଼ିନାହିଁ। ଏହାକୁ ନେଇ ମହାରାଷ୍ଟ୍ରରେ ଛକାପଞ୍ଝା ଚାଲିଥିବାବେଳେ ଦିଲ୍ଲୀ ରାଜନୀତି ମଧ୍ୟ ସରଗରମ ହୋଇଛି। ରାଜନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ମହାରାଷ୍ଟ୍ରର ୫୯ ବର୍ଷର ଇତିହାସରେ ଏହାକୁ ମିଶାଇ ୩ ଥର ରାଷ୍ଟ୍ରପତି ଶାସନ ଜାରି ହୋଇଛି। ଏହା ପୂର୍ବରୁ ୧୯୮୦ ଫେବୃୟାରୀରୁ ଜୁନ୍ ମଧ୍ୟରେ ୧୧୨ ଦିନ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା। ସେହିପରି ୨୦୧୪ ସେପ୍ଟେମ୍ବର-ଅକ୍ଟୋବରରେ ୩୩ ଦିନ କେନ୍ଦ୍ରୀୟ ଶାସନ ଅଧୀନରେ ରହିଥିଲା ଏହି ରାଜ୍ୟ। ଅକ୍ଟୋବର ୨୧ରେ ନିର୍ବାଚନ ଫଳ ୨୪ ତାରିଖରେ ଆସିବା ପରେ ରାଜନୈତିକ ସଙ୍କଟକୁ ନେଇ ଜାରି ସଦ୍ୟ ରାଷ୍ଟ୍ରପତି ଶାସନ ସବୁଠୁ ବଡ଼ ଦଳ ଭାଜପା ପାଇଁ ଆଶ୍ୱସ୍ତି ଆଣିଦେଇଥିବାବେଳେ ଏନ୍‌ସିପି, କଂଗ୍ରେସ ଓ ଶିବସେନା ମଧ୍ୟ ପରସ୍ପର ପାଇଁ ଗ୍ରହଣଯୋଗ୍ୟ ହେବା ଭଳି ବୁଝାମଣା କରିବାକୁ ସମୟ ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କହିଛନ୍ତି, ରାଜ୍ୟପାଳଙ୍କୁ ଆମେ ୪୮ ଘଣ୍ଟା ମାଗିଥିଲୁ। କିନ୍ତୁ ସେ ରାଷ୍ଟ୍ରପତି ଶାସନ ଜାରି କରି ୬ ମାସ ସମୟ ଦେଇଛନ୍ତି। ଯଦି ଜମ୍ମୁ-କଶ୍ମୀରରେ ମେହବୁବା ମୁଫ୍‌ତିଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ସହ ମିଶି ଭାଜପା ସରକାର ଗଠନ କରିପାରୁଛି ତେବେ ଆମେ କାହିଁକି ଏନସିପି-କଂଗ୍ରେସ ସହ ମିଶି ନ ପାରିବୁ। ହିନ୍ଦୁତ୍ୱର ମାନେ କେବଳ ରାମମନ୍ଦିର ନିର୍ମାଣ ନୁହେଁ। ସାଧାରଣ ସର୍ବନିମ୍ନ କାର୍ଯ୍ୟସୂଚୀ କାର୍ଯ୍ୟକାରୀ କରିବା ଆବଶ୍ୟକତା ରହିଛି, ଯାହା ଉପରେ ଆମେ କାମ କରୁଛୁ ବୋଲି ଉଦ୍ଧବ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଶିବସେନାର ମହାରାଷ୍ଟ୍ରର ଜନାଦେଶକୁ ଅସମ୍ମାନ କରିଛି ବୋଲି ବରିଷ୍ଠ ଭାଜପା ନେତା ସୁଧୀର ମୁଙ୍ଗନ୍ତିୱାର ସମାଲୋଚନା କରିଛନ୍ତି। ଭାଜପା ନେତା ନାରାୟଣ ରାଣେ କହିଛନ୍ତି, ଶିବସେନା, ଏନ୍‌ସିପି ଓ କଂଗ୍ରେସ ସରକାର ଗଢ଼ିପାରିବେ ନାହିଁ। ଭାଜପା ସରକାର ଗଠନ ପାଇଁ ଉଦ୍ୟମ କରିବ ଓ ସଫଳ ହେବ। ଏନ୍‌ସିପି ନେତାମାନେ ମଧ୍ୟ ସରକାର ଗଠନ ପାଇଁ ଉଦ୍ୟମ ଚଳାଇଛନ୍ତି। ଏନ୍‌ସିପି ଥରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ସରକାର ଗଢ଼ିବା ପରେ ଶପଥ ଗ୍ରହଣ କରାଯିବ ବୋଲି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର କହିଛନ୍ତି। ତେବେ ତାଙ୍କ ଦାଦା ତଥା ଦଳର ମୁଖ୍ୟ ଶରଦ ପାୱାର ତରବରିଆ ଭାବେ ପଦକ୍ଷେପ ନିଆଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ଆଇନ ବିଶେଷଜ୍ଞଙ୍କ ମତରେ ନବନିର୍ବାଚିତ ବିଧାୟକମାନେ ଜଣେ ପ୍ରୋଟେମ୍ ସ୍ପିକର (କାମଚଳା ବାଚସ୍ପତି, ଯାହାଙ୍କୁ ରାଜ୍ୟପାଳ ନିଯୁକ୍ତ କରିଥାନ୍ତି)ଙ୍କ ଦ୍ୱାରା ଶପଥ ନେଇ ନ ଥିବାରୁ ରାଜ୍ୟରେ ବିଧାନସଭାର ଅସ୍ତିତ୍ୱ ନାହିଁ। ତେଣୁ ରାଷ୍ଟ୍ରପତି ଶାସନ ଚାଲିଥିବା ଅବଧି ମଧ୍ୟରେ ଏହାକୁ ନିଲମ୍ବନ ଅବସ୍ଥାରେ ରଖାଯିବାର ପ୍ରଶ୍ନ ଉଠୁନାହିଁ। ଗୃହ ଗଠିତ ହୋଇ ନ ଥିବାରୁ ଅନ୍ୟ ପଦକ୍ଷେପଗୁଡ଼ିକ କିପରି ପ୍ରଭାବକୁ ଆସିପାରିବ। କୌଣସି ଦଳ ବା ମେଣ୍ଟ ରାଜ୍ୟପାଳଙ୍କ ନିକଟରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ସରକାର ଗଠନ ପାଇଁ ତାଙ୍କୁ ବୁଝାଇବା ପରେ ହିଁ ଯାହା ହେବା କଥା ହେବ ବୋଲି ଜଣେ ବିଶ୍ଳେଷକ କହିଛନ୍ତି।



ମୁମ୍ବାଇରେ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିବା ଅବସରରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର(ମଝି)ଙ୍କ ସହ ବରିଷ୍ଠ କଂଗ୍ରେସ ନେତା ଅହମଦ ପଟେଲ ଓ ମଲ୍ଲିକାର୍ଜୁନ ଖାର୍ଗେ।

### ମହାରାଷ୍ଟ୍ରରେ ଛକାପଞ୍ଝା

- ସାଧାରଣ ସର୍ବନିମ୍ନ କାର୍ଯ୍ୟସୂଚୀ ଉପରେ କାମ ଚାଲିଛି: ଉଦ୍ଧବ
- ଶିବସେନା-ଏନ୍‌ସିପି-କଂଗ୍ରେସ ପାରିବେ ନାହିଁ, ଭାଜପା ହିଁ ସରକାର ଗଢ଼ିବ: ନାରାୟଣ ରାଣେ
- ତରବର ହୋଇ ସରକାର ଗଠନ କରିବୁ ନାହିଁ: ପାୱାର

# ଶିବସେନା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

**ନୂଆଦିଲ୍ଲୀ,୧୨।୧୧(ପି.ଟି.)**

ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଶିବସେନାକୁ ସରକାର ଗଠନ ପାଇଁ ଅଧିକ ସମୟ ନ ଦେବା ନିଷ୍ପତ୍ତିକୁ ଦଳ ଚ୍ୟାଲେଞ୍ଜ କରିଛି। ଏହା ବିରୋଧରେ ଶିବସେନା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ପିଟିଶନର ଜରୁରୀ ଶୁଣାଣି ପାଇଁ ଅନୁରୋଧ କରିଛି। ଶିବସେନା ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ କପିଲ ସିବଲ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟପାଳ ଏକତରଫା ଭାବେ ଓ ମନ୍ଦ ଉଦ୍ଦେଶ୍ୟ ରଖି ଶିବସେନାକୁ ଅଧିକ ୩ ଦିନ ସମୟ ଦେଇନାହାନ୍ତି। ସେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଏପରି କରିଛନ୍ତି। ଏହା ସମ୍ବିଧାନର ଅନୁଚ୍ଛେଦ ୧୪ ଓ ୨୧ର ଉଲ୍ଲଂଘନ।

# ଇନ୍‌ଫୋସିସ୍ ସିଇଓଙ୍କ ବିରୋଧରେ ଅଭିଯୋଗ

### ବ୍ୟକ୍ତିଗତ ଗସ୍ତ ଲାଗି ୨୨ ଲକ୍ଷ ଖର୍ଚ୍ଚ କରିଛନ୍ତି

**ବେଙ୍ଗାଲୁରୁ, ୧୨।୧୧(ପି.ଟି.):**

ଗ୍ଲୋବାଲ ସଫ୍ଟୱେର୍ ମେଜର ଇନ୍‌ଫୋସିସ୍ ଲିମିଟେଡ୍‌ର ସମସ୍ୟା ବଢ଼ିବାରେ ଲାଗିଛି। ପ୍ରଥମ ହ୍ୱିସିଲ୍‌ବ୍ଲୋୟରଙ୍କ ଅଭିଯୋଗ ଗତ ଅକ୍ଟୋବର ମାସରେ ସାର୍ବଜନୀନ ହେବା ପରେ ଏବେ ଦ୍ୱିତୀୟ ହ୍ୱିସିଲବ୍ଲୋୟରଙ୍କ ଅଭିଯୋଗ ଆସିଛି। ହ୍ୱିସିଲ୍‌ବ୍ଲୋୟର କମ୍ପାନୀର ଅର୍ଥ ବିଭାଗରେ କାର୍ଯ୍ୟ କରୁଥିବାବେଳେ ଚାକିରି ଚାଲିଯିବା ଭୟରେ ନାମ ପ୍ରକାଶ କରିନାହାନ୍ତି। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ସଲିଲ୍ ପାରେଖ୍ କମ୍ପାନୀ ଆଦର୍ଶୀତିନିୟମକୁ ଭୁଲିଯାଇଛନ୍ତି। ୧୮ ମାସ ଚାକିରି ମଧ୍ୟରେ ସେ ମୁମ୍ବାଇରୁ କମ୍ପାନୀକୁ ଯିବାଆସିବା କରୁଛନ୍ତି। ପାରେଖ୍‌ଙ୍କ ବ୍ୟକ୍ତିଗତ ବିମାନ ଭଡ଼ା ୨୨ ଲକ୍ଷରେ ପହଞ୍ଚିଥିବା ସେ ଅଭିଯୋଗ କରିଛନ୍ତି। କମ୍ପାନୀ ଆଇନରେ ସିଇଓ ବେଙ୍ଗାଲୁରୁ ଅଧୀନ ହେବା ଦରକାର ବୋଲି କୁହାଯାଇଥିବାବେଳେ ଇନ୍‌ଫୋସିସ୍ ବୋର୍ଡ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ସମସ୍ତ କର୍ମଚାରୀଙ୍କ ଯିବାଆସିବା ଖର୍ଚ୍ଚ କମ୍ପାନୀ ବହନ କରୁଛି। ହେଲେ ମାସକୁ ମୁମ୍ବାଇରୁ ବେଙ୍ଗାଲୁରୁ ଅତିକମ୍‌ରେ ୨ ଥର ଯିବାଆସିବା ଦ୍ୱାରା ଖର୍ଚ୍ଚ ବଢୁଛି। ଇନ୍‌ଫୋସିସ୍ ଅଧ୍ୟକ୍ଷ ନନ୍ଦନ ନିଲେକାନିଙ୍କ ଅବଗତ ଲାଗି ସେ ଏଭଳି ଅଭିଯୋଗ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା କହିଛନ୍ତି। ଜଣେ ଶେୟାର୍‌ହୋଲ୍ଡର ଓ କର୍ମଚାରୀ ହିସାବରେ କମ୍ପାନୀକୁ ଅବଗତ କରାଇବା ମୋ କର୍ତ୍ତବ୍ୟ ଓ ଏନେଇ କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ହ୍ୱିସିଲ୍‌ବ୍ଲୋୟର କହିଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ଆବଶ୍ୟକ** “ଡିମାଣ୍ଡ ମସଲା” ଏବଂ “ଡିମାଣ୍ଡ ବଜାର” କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ/ପଞ୍ଚାୟତ ସ୍ତରୀୟ ଉଭୟ ପୁରୁଷ/ମହିଳା Stockist, Distributor, Business Development Manager, Sales Officer ଆବଶ୍ୟକ। ଦରମା: ଟ. ୧୦,୦୦୦/- ରୁ ଟ.୨୦,୦୦୦/- + ବୋନସ୍। ଶିକ୍ଷାଗତ ଯୋଗ୍ୟତା: ମ୍ୟାଟ୍ରିକ୍ ପାସ୍/ଫେଲ୍, +୨, +୩, BCA, BBA, MBA ତଦୁର୍ଦ୍ଧ୍ୱ।
9938826988, 7064545450, 8338055696

**REQUIRED**
For Bhubaneswar Office Civil Engineer Lady, Front Office Smart Lady, Marketing Gents & Lady, Accounts Lady, PA Lady must Graduate / BTech / BBA/MBA, Office Asst. Manager
Call : 06742973254, 9090732020, 9238482524

**REQUIREMENTS**
A Leading Construction Firm Requires
# ACCOUNTANT
# CIVIL ENGINEER
# MARKETING MANAGER
Experience of Marketing for Construction of Duplex, Simplex As Well As Govt. Project
CALL : 9777251369

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଦର୍ଶ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-.
Contact: 9938676412

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**WANTED** The followings for our Office around Cuttack.
- OFFICE ASSISTANT (Computer Knowledge)
- FIELD SUPERVISORS (For Steel Industries)
CONTACT:-
9437496020, 9437021279

See Career Appointment on every Wednesday & Saturday

AISECT
**RECRUITMENT OF VOCATIONAL TRAINER - AGRICULTURE**
Applications are invited from eligible candidates for Vocational Trainers in Agriculture sector under CSS-VSHSE in Odisha having following eligibilities in contractual position on monthly honorarium of **Rs.15050/-**
1. **Qualification:** (i) Post Graduate / Graduate in Agriculture / Horticulture or 02 Years Diploma in Agriculture Science / Horticulture Science with one year of Experience in Agriculture Sector. Preference will be given to the candidates having higher qualification.
2. **Age:18-37** years as on **01.01.2019**
3. Candidate should have domicile of Odisha and must read & write Odia.
Kindly apply on our website:
https://www.aisect.org/vocational_training.html
Last date for application: 15.11.19

**OFFICE OF THE COLLECTOR & DISTRICT MAGISTRATE, RAYAGADA**
(ST & SC DEVELOPMENT SECTION)
No.3333 / 2019 Dated: 11.11.2019
**ADVERTISEMENT**
Applications are invited in prescribed proforma from intending candidates for filling up the following categories of vacant posts in the High Schools / Girls High Schools under ST & SC Development Department of Rayagada District on Contractual Basis. In selecting the candidates for the following posts, first preference shall be given to the eligible candidates from Rayagada District. In case of non availability of suitable candidates from Rayagada District applications of the candidates from other Districts will be considered. The detail advertisement, eligibility criteria, educational qualification, service condition, process of selection, vacancy list, duties and responsibility of the post and prescribed application form can be downloaded from the District website : www.rayagada.nic.in. The applications should reach to Collectorate,Rayagada(Welfare Section)(Office of the District Welfare Officer,Rayagada) on or before 30.11.2019 upto 5.30 P.M through registered post/Speed Post only.

| Sl. No. | Category of post | Category wise Vacancy Position | | | | | | | | | |
|---|---|---|---|---|---|---|---|---|---|---|---|
| | | UR | UR (W) | SEBC | SEBC (W) | ST | ST (W) | SC | SC (W) | Total | PH Reservation |
| 01 | TGT (Science) PCM | 2 | 0 | 0 | 0 | 0 | 0 | 0 | 0 | 02 | |
| 02 | TGT (Science) CBZ | 2 | 0 | 0 | 0 | 2 | 1 | 0 | 0 | 05 | |
| 03 | I.A CT | 2 | 1 | 1 | 0 | 0 | 0 | 2 | 0 | 6 | |
| 04 | I.SC CT | 0 | 0 | 0 | 0 | 2 | 0 | 2 | 0 | 04 | |
| 05 | Sanskrit | 0 | 0 | 1 | 0 | 1 | 0 | 0 | 0 | 02 | |
| 06 | Hindi | 1 | 0 | 0 | 0 | 1 | 0 | 1 | 0 | 03 | |
| 07 | PET | 4 | 1 | 0 | 0 | 2 | 1 | 3 | 1 | 12 | |
| Total | | 11 | 2 | 2 | 0 | 8 | 2 | 8 | 1 | 34 | |

Sd./-
COLLECTOR, RAYAGADA

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ପାଗ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ଶୁଖିଲା ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୬ | ୧୯.୧ |
| ଚାନ୍ଦବାଲି | ୩୦.୦ | ୨୧.୯ |
| କଟକ | ୩୧.୪ | ୧୮.୮ |
| ପାରାଦ୍ୱୀପ | ୩୦.୧ | ୨୩.୧ |
| ଭୁବନେଶ୍ୱର | ୩୧.୬ | ୧୯.୬ |
| ଗୋପାଳପୁର | ୩୩.୦ | ୨୧.୦ |
| ପୁରୀ | ୩୧.୦ | ୨୧.୮ |
| ଅନୁଗୋଳ | ୩୧.୧ | ୧୫.୦ |
| ବାରିପଦା | ୨୯.୦ | ୧୯.୬ |
| ଝାରସୁଗୁଡ଼ା | ୨୯.୬ | ୧୫.୮ |
| କେନ୍ଦୁଝର | ୨୮.୭ | ୧୫.୭ |
| ସମ୍ବଲପୁର | ୩୦.୮ | ୧୬.୪ |
| ସୁନ୍ଦରଗଡ଼ | ୨୬.୫ | ୧୨.୦ |
| ହୀରାକୁଦ | ୩୦.୫ | ୧୮.୫ |
| ତାଳଚେର | ୩୨.୨ | ୧୯.୨ |
| ଭବାନୀପାଟଣା | ୨୯.୫ | ୧୬.୩ |
| ବଲାଙ୍ଗୀର | ୩୦.୨ | ୧୭.୫ |
| କୋରାପୁଟ | ୨୯.୦ | ୧୪.୬ |
| ଫୁଲବାଣୀ | ୨୯.୦ | -- |
| ଟିଟିଲାଗଡ଼ | ୩୦.୦ | ୧୪.୧ |
| ମାଲକାନଗିରି | ୩୦.୦ | -- |
| ସୋନପୁର | -- | ୧୬.୮ |
| ଦାରିଙ୍ଗିବାଡ଼ି | ୨୬.୦ | ୧୧.୦ |

ଡିଗ୍ରୀ ସେଲ୍‌ସିୟସ୍



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



# ଜାଲ୍ ସାର୍ଟିଫିକେଟ୍‌ରେ ଡାକ୍ତର

■ ୩ବର୍ଷ ହେଲା ସରକାରୀ ଡାକ୍ତରଖାନାରେ ନିଯୁକ୍ତି ପାଇଥିଲେ

■ ଧରିତ୍ରୀରେ ଖବର ପ୍ରକାଶ ପରେ ତତ୍ପରତା



ସୁନ୍ଦରଗଡ,୧୨।୧୧ (ଡି.ଏନ୍.ଏ.)

ଜାଲ ସାର୍ଟିଫିକେଟ ଦେଇ ଜଣେ ବ୍ୟକ୍ତି ଗତ ୩ବର୍ଷ ଧରି ସରକାରୀ ଡାକ୍ତର ଭାବେ ଚାକିରି ପାଇ ରୋଗୀସେବା କରୁଥିଲେ । ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ଧରିତ୍ରୀରେ ଏକ ରିପୋର୍ଟ ସେପ୍ଟେମ୍ବର ୨୭ ତାରିଖରେ ପ୍ରକାଶ ପାଇଥିଲା। ଏବେ ସୂଚନା ଅଧିକାର ଆଇନ ବଳରେ ସେହି ଡାକ୍ତରଙ୍କ ଜାଲ୍ ସାର୍ଟିଫିକେଟ୍ ତଥ୍ୟ ପଦାକୁ ଆସିଛି। ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ଡା.ପଦ୍ମନାଭ ମୁଖୀ ବାରୁଆ ନାମକ ଏହି ନକଲି ଡାକ୍ତରଙ୍କୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି ।

ଜାଲ ସାର୍ଟିଫିକେଟରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ନୂଆଗାଁ ଅଞ୍ଚଳବାସୀଙ୍କ ତରଫରୁ ସୁନ୍ଦରଗଡ଼ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ଡାକ୍ତରୀ ସାର୍ଟିଫିକେଟ ଜାଲ୍ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି । ୨୦୧୬ ରେ ଏହି ଡାକ୍ତରଙ୍କୁ ନିଯୁକ୍ତି ପ୍ରଦାନ ବେଳେ ସାର୍ଟିଫିକେଟଗୁଡ଼ିକୁ ଠିକ ଭାବେ ଯାଞ୍ଚ କରା ନ ଯାଇ କିଭଳି ତାଙ୍କୁ ନିଯୁକ୍ତି ଦିଆ ଯାଇଥିଲା ସେ ନେଇ ସ୍ୱାସ୍ଥ୍ୟ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଭିଯୋଗ ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତରଫରୁ ସମ୍ପୃକ୍ତ ଡାକ୍ତରଙ୍କ ଡାକ୍ତରୀ ଶିକ୍ଷା ସାର୍ଟିଫିକେଟର ବୈଧତା ସମ୍ପର୍କରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖାଯାଇଛି । ଏଥିସହିତ ସମ୍ପୃକ୍ତ ଡାକ୍ତର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜରୁ ଡାକ୍ତରୀ ପାସ୍ ପରେ ଓଡ଼ିଶା ମେଡିକାଲ କାଉନସିଲରେ ନାମ ପଞ୍ଜୀକରଣ ନ କରି କିଭଳି ବିହାର ମେଡିକାଲ କାଉନସିଲରେ ନାମ ପଞ୍ଜୀକରଣ କଲେ ତାହା ସନ୍ଦେହ ଘେରରେ ରହିଛି। ଏଥିସହିତ ଅଲ ଇଣ୍ଡିଆ ମେଡିକାଲ କାଉନସିଲରେ ତାଙ୍କ ନାମ ପଞ୍ଜୀକରଣ ହୋଇଛି କି ନାହିଁ ସେ ସମ୍ପର୍କରେ ଜାଣିବା ପାଇଁ ଚିଠି ଲେଖା ଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର ପ୍ରକାଶ କରିଛନ୍ତି। ଡା. ପଦ୍ମନାଭ ମୁଖୀ ବାରୁଆ ନାମଧାରୀ କୌଣସି ଛାତ୍ର ୨୦୦୨ ମସିହା ଫାଇନାଲ କିମ୍ବା ସପ୍ଲିମେଣ୍ଟାରୀ ଏମ୍‌ବିବିଏସ୍ ପରୀକ୍ଷା ଦେଇ ନ ଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡିଛି । ଏହି ଘଟଣା ଜଣାପଡିବା ପରେ ସମ୍ପୃକ୍ତ ଡାକ୍ତର ଛୁଟିରେ ଥିବାରୁ ତାଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ସଂକ୍ଷେପରେ



### ବାମରାରେ ପଲ୍ୟୁଶନ ଯାଞ୍ଚ କେନ୍ଦ୍ର ଉଦ୍‌ଘାଟିତ

ବାମରା,୧୨।୧୧(ଡି.ଏନ୍.ଏ.): ନୂତନ ମୋଟର ଯାନ ନିୟମ ଲାଗୁ ହେବା ସହିତ ଟ୍ରାଫିକ ନିୟମ ଉଲଂଘନକାରୀଙ୍କୁ ମୋଟା ଅଙ୍କର ଜରିମାନା ଦେବାର ବ୍ୟବସ୍ଥା କରାଯାଇଛି। ଏପରି କି ଯାନବାହନର ସମସ୍ତ କାଗଜପତ୍ର ସହ ପ୍ରଦୂଷଣ ସାର୍ଟିଫିକେଟ ନ ଥିଲେ ମଧ ଜରିମାନା ଦେବାକୁ ପଡୁଛି। ଅନ୍ୟପକ୍ଷେ ବାମରା ଅଞ୍ଚଳରେ ପ୍ରଦୂଷଣ ଯାଞ୍ଚ କେନ୍ଦ୍ର ନ ଥିବାରୁ ଲୋକଙ୍କୁ ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡା ଯାଇ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। ଏଭଳିସ୍ଥିତିରେ ବାମରାରେ ଏକ ପଲ୍ୟୁଶନ ଯାଞ୍ଚ କେନ୍ଦ୍ର ଖୋଲିବା ଦ୍ୱାରା ଲୋକେ ଆଶ୍ୱସ୍ତ ହୋଇଛନ୍ତି। ମଙ୍ଗଳବାର ଗଡ଼ପୋଷ ଛକଠାରେ ବାମରା ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧରେ ସତ୍ୟଜିତ ସରାଫ, ବିଷ୍ଣୁ ଅଗ୍ରୱାଲ, ସୁରଜ ନାୟକ, ସନ୍ତୋଷିନୀ କିଶାନ ଓ ପ୍ରମୋଦ ଦୀକ୍ଷିତ ମଧ ଉକ୍ତ ଉଦଘାଟନୀ ଉତ୍ସବରେ ଉପସ୍ଥିତ ରହିଥିଲେ ।

### ଟ୍ରକ-ବାଇକ୍ ଧକ୍କା: ୪ ଆହତ

ପଡ଼ିଆବାହାଲ,୧୨।୧୧(ଡି.ଏନ୍.ଏ.): ୫୩ ନମ୍ବର ଜାତୀୟ ରାଜପଥ ପଧାନପାଲି ଶିବ ମନ୍ଦିର ନିକଟରେ ମଙ୍ଗଳବାର ଏକ ଟ୍ରକ-ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ଜଣେ ନାବାଳିକାଙ୍କ ସହ ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ରୁପେଶ ବେସନ(୨୦), ନିରୁପମା ଦେହୁରୀ(୨୨), ଭାରତି ଭୁସାଗର(୨୯) ଓ ନାବାଳିକା ଗାର୍ଗି ବେସନ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପଡ଼ିଆବାହାଲ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସଦର ଡାକ୍ତରଖାନାକୁ ପଠାଯାଇଥିବା ଜଣାପଡିଛି। ଖବର ପାଇ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

■ ମାରୱାଡିପଡା ଘାଟରେ ଦେବ ଦୀପାବଳିରେ ୫୧୦୦ ଦୀପ ପ୍ରଜ୍ୱଳନ

# ଉଦ୍ଦେଶ୍ୟ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା



ମଙ୍ଗଳବାର ସମ୍ବଲପୁର ମାରୱାଡି ପଡା ଘାଟରେ ୫୧୦୦ ଦୀପ ପ୍ରଜ୍ୱଳନ କରାଯାଇଛି ।

ସମ୍ବଲପୁର, ୧୨।୧୧ (ବ୍ୟୁରୋ)

ମଙ୍ଗଳବାର ରାତିରେ ମାରୱାଡି ପଡା ଘାଟରେ ଦେବ ଦୀପାବଳୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସହରର ବିଭିନ୍ନ ଅଞ୍ଚଳର ଭକ୍ତମାନେ ଏକତ୍ରିତ ହୋଇ ୫୧୦୦ ଦୀପ ପ୍ରଜ୍ୱଳନ କରିଥିଲେ । ବିଶ୍ୱରେ ଶାନ୍ତି ଓ ସ୍ୱଚ୍ଛତା ବାର୍ତ୍ତା ନେଇ ଏହି ଦୀପ ପ୍ରଜ୍ୱଳନ କରାଯାଇଥିଲା । ପଣ୍ଡିତ ସିର୍ଦ୍ଧାନ୍ତ, ଡ. ପ୍ରମୋଦ କୁମାର ରଥ, ଧର୍ମେନ୍ଦ୍ର ସିଂ, ଶ୍ୟାମ ପାଣ୍ଡେ, ଡା. ଅବଦେଶ ତିୱାରୀ, ରାଜକୁମାର କେଡିଆ, ରବି ମିଶ୍ର, ଶଙ୍କର ପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଜଗନ୍ନାଥ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ

ବାମରା, ୧୨।୧୧ (ଡି.ଏନ.ଏ.)

ବମରା ବ୍ଲକ ସଦର ମହୁକୁମା ଗୋବିନ୍ଦପୁରସ୍ଥିତ ଜଗନ୍ନାଥ ମନ୍ଦିରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ପାରମ୍ପରିକ ରୀତିନୀତିରେ ମନ୍ଦିର ପୂଜକ ଅଜୟ ପୂଜାରୀ ପୂଜାର୍ଚ୍ଚନା କରିଥିଲେ। ସୁବ୍ରତ ମିଶ୍ର ତାଙ୍କୁ ସହଯୋଗ କରିଥିଲେ। ପୂଜାର୍ଚ୍ଚନା ପରେ ମନ୍ଦିର ପରିସରରେ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ, ଓଡ଼ିଶା ପଶ୍ଚିମ ପ୍ରାନ୍ତ ପକ୍ଷରୁ ଆଧାତ୍ମିକ ମାର୍ଗଦର୍ଶନ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଭାଗ ସଭାପତି ମହେନ୍ଦ୍ର ଚୌଧୁରୀଙ୍କ ଆବାହକତ୍ୱରେ ବୌଦ୍ଧ ଜିଲାରୁ ହେମନ୍ତ ମେହେର ମୁଖ୍ୟ ପ୍ରବଚକ ଭାବେ ଯୋଗଦେଇ ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ମାର୍ଗଦର୍ଶନ କରିଥିଲେ। ଏଥିରେ ଲମ୍ବୋଦର ପୃଷେଠ, ସଚିଦା ନନ୍ଦ, ସୁବାସ ଗୁରୁ, ନବୀନ ପଟେଲ, ତୁଲା ବାବା, ପଶ୍ଚିମ ଓଡ଼ିଶା ରାଷ୍ଟ୍ରୀୟ ମହିଳା ସମ୍ପାଦିକା ପଦ୍ମିନୀ ଭୋଇ, ଦିନବନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ବୌଦ୍ଧ ଜିଲା ତେଲିବନ୍ଧର ବ୍ୟାସ ଜିତେନ୍ଦ୍ରୀୟ ହୋତାଙ୍କ ନେତୃତ୍ୱରେ ବାବୁଲି ପଣ୍ଡା, ଦୁର୍ଯ୍ୟୋଧନ ପାଣ୍ଡେ, ସୁଦାମ ହୋତା, ବିଶ୍ୱନାଥ ମେହେର ପ୍ରମୁଖ ରାମଚରିତ ମାନସ କଥା ସଂଗୀତ ମାଧ୍ୟମରେ ପରିବେଷଣ କରିଥିଲେ। ରାତ୍ରି ୧୦ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ସଗରାର କୃଷ୍ଣ ଗୁରୁ ଭଜନ ପରିବେଷଣ କରାଯାଇଥିଲା। ଗୁରୁ ସୁବାସ ଚନ୍ଦ୍ର ଲୁହାରଙ୍କ ତତ୍ତ୍ୱାବଧାନରେ ଉତ୍ତମ ବାଗ, ପୁରୁଷୋତ୍ତମ ବାଘ, ସବିତା ଛତ୍ରିଆ, ସୁରେନ୍ଦ୍ର କିଷାନଙ୍କ ସହ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଏଥିରେ ଭାଗ ନେଇଥିଲେ। ମନ୍ଦିର ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଅନ୍ନଭୋଗ ଓ ପ୍ରସାଦ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

# ରେଙ୍ଗାଲି ମିନି ଷ୍ଟାଡିୟମ: ଏସ୍‌ଆର୍‌ଟି କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

ରେଙ୍ଗାଲି,୧୨।୧୧(ଡି.ଏନ୍.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ମିନି ଷ୍ଟାଡିୟମଠାରେ ଏସ୍‌ଆର୍‌ଟି କ୍ରିକେଟ କ୍ଲବ ପକ୍ଷରୁ ୪ଦିନିଆ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ଓସିଏର ଭାଇସ୍ ପ୍ରେସିଡେଣ୍ଟ ତଥା ସମ୍ବଲପୁର ଆଥଲେଟିକ ଫୋରମର ଜେନେରାଲ ସେକ୍ରେଟାରି ଦୁଲାଲ ଚନ୍ଦ୍ର ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ଓସିଏର ଜଏଣ୍ଟ ସେକ୍ରେଟାରି ମେହେତାବ ଖାନ, ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ, ଝାରସୁଗୁଡ଼ା ବିଜେଡି ମାଇନୋରିଟି ସେଲ୍ ସଭାପତି ଜାହିଦ କୁରେସି, ଝାରସୁଗୁଡ଼ା କାଉନସିଲ ମେମ୍ବର ସୁବ୍ରତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେଇଥିବା ଜଣାପଡିଛି। ୧୫ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

# ଶେସୁଆଁତଳ ଛକରେ ସ୍ୱାସ୍ଥ୍ୟ ଶିବିର



ମଙ୍ଗଳବାର ମାନେଶ୍ୱର ବ୍ଲକ ଶେସୁଆଁତଳ ଛକରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

ସମ୍ବଲପୁର, ୧୨।୧୧ (ବ୍ୟୁରୋ)

ଜନସେବୀ ଡା. ଭୁବନେଶ୍ୱରୀ ପ୍ରସାଦ ମିଶ୍ର ସ୍ମୃତି କମିଟି ପକ୍ଷରୁ ମଙ୍ଗଳବାର ମାନେଶ୍ୱର ବ୍ଲକ ଶେସୁଆଁତଳ ଛକରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଡା. ରବିନାରାୟଣ ଗୁରୁ, ଡା. ଅରୁଣ ଡାଲମିଆଁ, ଡା. ଶ୍ୱେତାଙ୍କ ମିଶ୍ର, ଡା. ତନୁଜରଞ୍ଜନ ମିଶ୍ର ଯୋଗଦେଇ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଭିକମପୁର, ପରମାଣପୁର, କୁକୁଡାପାଲି, ତବଲା ପଞ୍ଚାୟତର ୫ଶହ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ପ୍ରଦାନ କରିଥିଲେ । ସ୍ମୃତି କମିଟି ସମ୍ପାଦକ ପ୍ରଫୁଲ୍ଲ ହୋତା, ସହସମ୍ପାଦକ ଚକ୍ରଧର ମିଶ୍ର, କୋଷାଧ୍ୟକ୍ଷ ଉଦ୍ଧବ ଚରଣ ମହାପାତ୍ର, ସୁରେଖା ତନସନା, ଡଲି ସୁନାନୀ, ଲିଲାମୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀଙ୍କ ଜୟନ୍ତୀ ସମାରୋହ

ସମ୍ବଲପୁର, ୧୨।୧୧ (ବ୍ୟୁରୋ)




ରାଜବୈଦ୍ୟ ଗୋପୀନାଥ ଷଡଙ୍ଗୀଙ୍କ ୩୯୩ ତମ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ ।

ରାଜବୈଦ୍ୟ ଗୋପୀନାଥ ଷଡଙ୍ଗୀଙ୍କ ୩୯୩ ତମ ଜୟନ୍ତୀ ସମାରୋହ ମଙ୍ଗଳବାର ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସଭ୍ୟ ସଚୀବ ରଘୁନାଥ ମିଶ୍ର, ପ୍ରଫେସର ମୀନକେତନ ପୁରୋହିତ ଓ ଡ. ସହଦେବ ରଥ ବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପାଲା ଗାୟକ ସର୍ଜନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜବୈଦ୍ୟ ଗୋପୀନାଥ ଷଡଙ୍ଗୀ ସ୍ମୃତି ସମିତି ସମ୍ପାଦକ ଜନ୍ମେଜୟ ବାବୁ ସୂଚନା ପ୍ରଦାନ କରିଥିଲେ । ସେହିପରି ସଭାପତି ଗୋପୀନାଥ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାତିରେ ଦଧିବାମନ ମନ୍ଦିର ପରିସରରେ ପାଲା ପରିବେଷିତ ହୋଇଥିଲା।

# କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

ଦେବଗଡ଼,୧୨।୧୧(ଡି.ଏନ.ଏ)

ଦେବଗଡ ଜିଲା ତିଲେଇବଣି ବ୍ଲକ କଲଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଲଣ୍ଡା ଗ୍ରାମରେ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କଲ୍ୟାଣ ମଣ୍ଡପ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥିଭାବେ ଯୋଗଦେଇ ସମ୍ବଲପୁର ଏମପି ନିତେଶ ଗଙ୍ଗଦେବ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏମପିଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ଯଯାତି ବିଶ୍ୱାଳ, ମୁନୀନ୍ଦ୍ର ଗଡନାୟକ, କ୍ଷେତ୍ରବାସୀ ପ୍ରଧାନଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗଙ୍ଗଦେବ ଦେବଗଡ ବିଧାୟକ ଥିବା ସମୟରେ ଉକ୍ତ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ତାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୩ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ।



କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ଅବସରରେ ଅନ୍ୟମାନଙ୍କ ସହ ଏମପି ନିତେଶ ଗଙ୍ଗଦେବ।

# ଧୁମଧାମରେ ପାଳିତ ହେଲା କାର୍ତ୍ତିକ ପୂର୍ଣ୍ଣିମା



ଗୋହିରୀବନ୍ଧରେ ଡଙ୍ଗା ଭସାଯାଉଛି।

ଦେବଗଡ଼,୧୨।୧୧(ଡି.ଏନ.ଏ.)

ଦେବଗଡ ସହର ସମେତ ଜିଲାର ବିଭିନ୍ନ ଦେପୀଠରେ କାର୍ତ୍ତିକ ପୂର୍ଣ୍ଣିମା ମଙ୍ଗଳବାର ଧୁମଧାମରେ ପାଳିତ ହୋଇଯାଇଛି । ପୌରାଞ୍ଚଳସ୍ଥିତ ମୋହିନୀପୁର ଗ୍ରାମ ନିକଟ ଝାଡେଶ୍ୱର ମନ୍ଦିର, ଗୋକର୍ଣ୍ଣେଶ୍ୱର, ଗୋପାଳଜୀଉ ମନ୍ଦିର, ପ୍ରଧାନପାଟର ଚମ୍ପକେଶ୍ୱର ମନ୍ଦିର, ଶାସନସାହି ଗୋକର୍ଣ୍ଣେଶ୍ୱର ମନ୍ଦିରରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ଝାଡେଶ୍ୱର ମନ୍ଦିରରେ ଦର୍ଶନାର୍ଥୀଙ୍କ ଲମ୍ବା ଲାଇନ ଲାଗିଥିଲା । ସକାଳୁ ଶତାଧିକ ସଂଖ୍ୟାରେ ଜନସାଧାରଣ ସ୍ଥାନୀୟ ଗୋହିରୀବନ୍ଧ, ଶନିକଟା, କଚେରୀବନ୍ଧ, ବାଳିଆପିଟା ନାଳ ପରି ଜଳାଶୟରେ ବୋଇତ ବନ୍ଦାଣ କରିଥିଲେ ।

■ ୧୬ବର୍ଷରୁ କମ୍ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ

# ରେଙ୍ଗାଲବାହାଲ ଚାମ୍ପିୟନ

ଦେବଗଡ,୧୨।୧୧(ଡ଼ି.ଏନ.ଏ.)

ଜିଲାସ୍ତରୀୟ ୧୬ବର୍ଷରୁ କମ୍ ବାଳକମାନଙ୍କ ମଧ୍ୟରେ ଏକଦିବସୀୟ ଫୁଟବଲ ଟର୍ନାମେଣ୍ଟ କାର୍ତ୍ତିକ ପୂର୍ଣ୍ଣୀମା ଅବସରରେ ନଳବନ୍ଧ ଖେଳ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ନଳବନ୍ଧ ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ନଳବନ୍ଧ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ନବକିଶୋର ବେହେରା, ଟିକେଶ୍ୱର ଧଳ, ବିଭୁତି ସାହୁ, ତୁଷାରକାନ୍ତ ଧଳ, କ୍ଲବ ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ମ୍ୟାଚ୍ ଜରିଚାକୁଣ୍ଡାପାଳ ଓ ଜଗାସାହି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ ଜରିଚାକୁଣ୍ଡାପାଳ ବିଜୟୀ ହୋଇଥିଲା । ଉଦ୍‌ଯାପନୀ ମ୍ୟାଚ ରେଙ୍ଗାଲବାହଲ ଓ ଜରିଚାକୁଣ୍ଡାପାଳ ମଧ୍ୟରେ ହୋଇଥିଲା। ଏଥିରେ ରେଙ୍ଗାଲବାହାଲ ଦଳ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥିଭାବେ ଯୁବ ଆଇନଜୀବୀ ଟିକେଶ୍ୱର ଧଳ, ସମ୍ମାନୀତ ଅତିଥି କାଉଁଶିବାହଲ ସମିତି ସଭ୍ୟ ନବକିଶୋର ବେହେରା,ବିଭୂତିଭୁଷଣ ସାହୁ, ତୁଷାରକାନ୍ତ ଧଳ ପ୍ରମୁଖ ଯୋଗ ଦେଇ ବିଜୟୀ ରେଙ୍ଗାଲବାହାଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ଖେଳକୁ ବିକ୍ରମ ପରିଡ଼ା, ଅଭିମନ୍ୟୁ ବେହେରା, ପବିତ୍ର କିସାନ, ମଙ୍ଗୁଲୁ ବେହେରା, ବକୁଳ ବେହେରା ଓ ସୁଦାମ ବେହେରା ପରିଚାଳନା କରିଥିଲେ । କ୍ଲବର ସଭାପତି ସୁବ୍ରତ କୁମାର ସାହୁ, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ତପନ ବେହେରା, ନନ୍ଦ ବେହେରା, ପବିତ୍ର କିସାନ, ଅଭମନ୍ୟୁ ବେହେରା, ବବୁଲ କିସାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।



ଅତିଥିଙ୍କ ସହ ଖେଳାଳିମାନେ ।

# ଦୁଇ ଟ୍ରେନ ମଧ୍ୟରେ ମୁହାଁମୁହିଁ ଧକ୍କା: ୧୬ ମୃତ

ଢାକା, ୧୨।୧୧(ପି.ଟି.)

ବାଂଲାଦେଶର ବ୍ରାହ୍ମଣବାଡ଼ିଆ ଜିଲାରେ ମଙ୍ଗଳବାର ଦୁଇଟି ଟ୍ରେନ ମଧ୍ୟରେ ମୁହାଁମୁହିଁ ଧକ୍କାହେବା ଫଳରେ ୧୬ଜଣ ଯାତ୍ରୀଙ୍କ ପ୍ରାଣହାନି ଘଟିଛି। ଚିଟାଗଙ୍ଗ ଅଭିମୁଖେ ଯାଉଥିବା ଉଦୟନ୍ ଏକ୍ସପ୍ରେସ ମୋଣ୍ଡୋଭାଗ ରେଲଷ୍ଟେଶନ ନିକଟରେ ଟ୍ରାକ୍ ପରିବର୍ତ୍ତନ କରିବା ପରେ ବିପରୀତ ଦିଗରୁ ଢାକା ଅଭିମୁଖେ ଆସୁଥିବା ତୁର୍ନା ନିଶିତା ସହ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ କରାଯାଇଥିବାବେଳେ ଆହତ ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଧିକାଂଶ ଯାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ମୃତ୍ୟୁସଂଖ୍ୟା ବୃଦ୍ଧିପାଇପାରେ ବୋଲି ଆଶଙ୍କା କରାଯାଉଛି। ରେଳମନ୍ତ୍ରୀ ନୁରୁଲ୍ ଇସ୍‌ଲାମ ସୁଜନ୍ ଓ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜଣାପଡ଼ିଛି। ଦୁର୍ଘଟଣାସ୍ଥଳରେ ୧୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ କୁହାଯାଇଛି। ତୁର୍ନା ନିଶିତା ଟ୍ରେନ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ରେଲୱେ ପକ୍ଷରୁ ସସ୍‌ପେଣ୍ଡ କରାଯାଇଛି। ଦୁର୍ଘଟଣାର ତଦନ୍ତ ଲାଗି ୪ ଭିନ୍ନ କମିଟି ଗଠନ କରାଯାଇଛି। ବାଂଲାଦେଶ ରାଷ୍ଟ୍ରପତି ଅବ୍‌ଦୁଲ ହମିଦ୍, ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଏନେଇ ଦୁଃଖପ୍ରକାଶ କରିଛନ୍ତି।

## ଚିନାବାଦାମରେ ରାଇଜୋବିୟମ୍ କଲ୍ଚର



କିସମ : ଦେବୀ, ଜେଏଲ୍-୨୪, ଟିଏଜି-୨୪, ଟିଜି-୩୮ ବି, ଟିଜି-୩୭ ଏ, କାଦିରି-୩ ।
-ହେକ୍ଟର ପ୍ରତି ୧୨୫ କି.ଗ୍ରା. (ମଞ୍ଜି) ବିହନକୁ ବିଶୋଧନ କରି ରାଇଜୋବିୟମ୍ କଲ୍ଚର ୨୫୦ ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ ।

## ଅଧିକ ମାଂସ ଓ ଅଣ୍ଡା ଲାଗି...

-ଗାଁଗହଳିରେ ଅଧିକ ମାଂସ ଓ ଅଣ୍ଡାପାଇଁ ବନରାଜା, ଗ୍ରାମପ୍ରିୟ ଓ ପଲ୍ଲୀରାଜା ପ୍ରଜାତିର କୁକୁଡ଼ା ପାଳନ କରିପାରିବେ ।
-ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କେ.ଜି. ହୋଇଥାଏ ।
-ଗ୍ରାମପ୍ରିୟ ବର୍ଷକୁ ୧୫୦-୧୬୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ ।
-ପଲ୍ଲୀରାଜା ଏକ ରଙ୍ଗୀନ୍ ପ୍ରଜାତିର କୁକୁଡ଼ା । ଏହା ବର୍ଷକୁ ୨୦୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ ।
-ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ରୋଗ ଓ ବସନ୍ତ ରୋଗର ଟୀକା ଦିଅନ୍ତୁ ।



## ସୋରିଷରେ ମୂଳସାର

ଜଳସେଚିତ ଜମିରେ ବରୁଣ, କ୍ରାନ୍ତି, ପୁଷା ବାହାର, ପୁଷା ଜୟକିଷାନ୍, ପିଟି ୫୦୭, ଅନୁରାଧା, ପାର୍ବତୀ ଓ ସୁଶ୍ରୀ ଆଦି କିସମକୁ ହେକ୍ଟର ପ୍ରତି ୧୦ କି.ଗ୍ରା. ମଞ୍ଜିକୁ ବିଶୋଧନ କରି ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ଧାଡ଼ିବୁଣା କରନ୍ତୁ । ବୁଣିବା ପୂର୍ବରୁ ମୂଳସାର ଭାବରେ ହେକ୍ଟର ପ୍ରତି ୨୫:୨୫:୨୫ କି.ଗ୍ରା. ଯବକ୍ଷାରଜାନ:ଫସ୍‌ଫରସ୍:ପଟାସ୍ ପ୍ରୟୋଗ କରନ୍ତୁ । ଏହାର ୩ ସପ୍ତାହ ପରେ ୨୫ କି.ଗ୍ରା. ଯବକ୍ଷାରଜାନ ଧାଡ଼ି ମଝିରେ ପ୍ରୟୋଗ କରି କୋଡ଼ାଖୁସା କରନ୍ତୁ ।



# ବାତ୍ୟା ପ୍ରଭାବିତ ଅଞ୍ଚଳର ଚାଷୀଙ୍କ ପାଇଁ...

ନିକଟରେ ସଂଘଠିତ ବାତ୍ୟା 'ବୁଲ୍‌ବୁଲ୍' ଓ ଏହି ସମୟର ବର୍ଷା ଯୋଗୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ମୟୂରଭଞ୍ଜ ଜିଲାରେ ଧାନ ଓ ଅନ୍ୟାନ୍ୟ ଫସଲ ପ୍ରଭାବିତ ହୋଇଛି। ଏହି ଅଞ୍ଚଳରେ ଚାଷୀଭାଇମାନେ ନିମ୍ନରେ ସୂଚୀତ ଆପତକାଳୀନ ଫସଲ ଯୋଜନା ଗ୍ରହଣ କରିପାରିବେ :



-ପାଚି ଯାଇଥିବା ମଧ୍ୟମ କିସମ ଧାନକୁ ତୁରନ୍ତ କାଟିନେଇ ପାଣି ନିଡ଼ିବା ପରେ ଟାଣ ଖରାରେ ଶୁଖାଇ ଶୀଘ୍ର ଅମଳ କରନ୍ତୁ।
-ବିଳମ୍ବ କିସମ ଧାନ ଜମିରୁ ବଳକା ପାଣି ବାହାରି ଯିବା ପାଇଁ ତୁରନ୍ତ ବ୍ୟବସ୍ଥା କରନ୍ତୁ।
-ପଡ଼ିଯାଇଥିବା ପନିପରିବା ଗଛର ମୂଳକୁ ମାଟି ଦେଇ ଠିଆ କରାନ୍ତୁ।
-ପନିପରିବା ନର୍ସରିରୁ ଅତ୍ୟଧିକ ଜଳ ନିଷ୍କାସନ ଲାଗି ଯଥାଶୀଘ୍ର ବ୍ୟବସ୍ଥା କରନ୍ତୁ।
-ସଂପୂର୍ଣ୍ଣ ଭାବେ ପନିପରିବା ଫସଲ ନଷ୍ଟ ହୋଇଯାଇଥିଲେ ଜମିରେ ପାଗ ଆସିଲା ପରେ ପୁଣି ଜମି ପ୍ରସ୍ତୁତ କରି ସଅଳ କିସମ ଶୀତଦିନିଆ ତଥା ଅନ୍ୟାନ୍ୟ ପନିପରିବା ଫସଲ ଲଗାଇବା ବ୍ୟବସ୍ଥା କରନ୍ତୁ।
-ଏହି ସବୁ ଅଞ୍ଚଳରେ ଫଳ ବଗିଚାରୁ ମଧ୍ୟ ପାଣି କାଟି ବାହାର କରିଦିଅନ୍ତୁ।
-ବାତ୍ୟା ପରେ ଭାଙ୍ଗି ପଡ଼ିଥିବା କଦଳୀ ଗଛଗୁଡ଼ିକୁ କାଟି ବାହାର କରି ଦିଅନ୍ତୁ। କଦଳୀ ବଗିଚାରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ଓ ବଗିଚାକୁ ପରିଷ୍କାର ରଖନ୍ତୁ।
-ବର୍ଷା ପରେ ଅଧିକ ବତର ଥିବା ଜମିରେ ଆଳୁ ବିହନ ଲଗାଇଲେ ଶଡ଼ି ଯିବାର ଆଶଙ୍କା ରହିଛି। ତେଣୁ ମାଟି ଶୁଖିବା ପରେ ଉପଯୁକ୍ତ ବତରରେ ଗୁଣ୍ଡ ଚାଷ କରି ଗଜା ଆଳୁ ମଞ୍ଜିକୁ ବିଶୋଧନ କରି ଲଗାନ୍ତୁ।
-ପାଣି ଛାଡ଼ିଗଲା ପରେ ଧାନ, ପନିପରିବା ଓ ଡାଲିଜାତୀୟ ଫସଲରେ କେତେକ ରୋଗ ପୋକ ଲାଗିବାର ଆଶଙ୍କା ରହିଛି। ତେଣୁ ଏହି ସମ୍ଭାବ୍ୟ ରୋଗ ପୋକ ସମସ୍ୟା ଓ ଏହାର ପରିଚାଳନା ସମ୍ପର୍କରେ ସୂଚନା ଦିଆଯାଉଛି।

**ଧାନ- କେଣ୍ଡାକଟା ପୋକ:** ବର୍ଷା ଛାଡ଼ି ଖରା ପାଗ ହୋଇଗଲା ପରେ କେଣ୍ଡାକଟା ପୋକ ଲାଗିବାର ଆଶଙ୍କା ରହିଛି। ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ୫୦% + ସାଇପରମେଥ୍ରିନ୍ ୫% ଇ.ସି. ୪୦୦ ମି.ଲି. କିମ୍ବା ପ୍ରୋଫେନୋଫସ୍ ୫୦% ଇ.ସି. ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ଅପରାହ୍ନରେ ସିଞ୍ଚନ କରନ୍ତୁ।

**ଗନ୍ଧିପୋକ:** ବର୍ଷା ପରେ କମ୍ ଉତ୍ତାପ ରହିଲେ ଗନ୍ଧି ପୋକ ଲାଗି ପାରନ୍ତି। ଏହାର ନିରାକରଣ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ୧୦ କି.ଗ୍ରା. କିମ୍ବା ମାଲାଥିଅନ୍ ୫୦% ଇ.ସି. ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସକାଳ ସମୟରେ ସିଞ୍ଚନ କରନ୍ତୁ।

**ବେକ ମହିଷା / କେଣ୍ଡା ମହିଷା:** ଧାନ ଫସଲରେ ବର୍ଷା ଛାଡ଼ିଗଲା ପରେ ବେକ ମହିଷା / କେଣ୍ଡା ମହିଷା ରୋଗ ଦେଖାଦେବାର ଆଶଙ୍କା ରହିଛି। ଏହାର ନିରାକରଣ ପାଇଁ ଏକର ପ୍ରତି ଟ୍ରାଇସାଇକ୍ଲାଜୋଲ୍ ୭୫% ଡବ୍ଲୁ.ପି. ୧୨୦ ଗ୍ରାମ୍ କିମ୍ବା କାସୁଗାମାଇସିନ୍ ୩% ଏସ୍.ଏଲ୍. ୪୦୦ ମି.ଲି. କିମ୍ବା ହେକ୍ସାକୋନାଜୋଲ୍ ୫% ଇ.ସି. ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ପତ୍ରାଚ୍ଛାଦ ଶଢ଼ାରୋଗ :** ଏହି ରୋଗ ଦେଖାଗଲେ ଧାନ ଗଛ ବେକ ପଚି ଚିପି ହୋଇଯାଏ। ଫଳରେ କେଣ୍ଡା ଶଢ଼ିଯାଇ ବାହାରିପାରେ ନାହିଁ। ନିୟନ୍ତ୍ରଣ ଲାଗି ଏକର ପ୍ରତି କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ୩୦୦ ଗ୍ରାମ୍ କିମ୍ବା ଆଇପ୍ରୋଡିୟନ୍ ୨୫% + କାର୍ବେଣ୍ଡାଜିମ୍ ୨୫% ଡବ୍ଲୁ.ପି. ୫୦୦ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୨୫% ଇ.ସି. ୨୦୦ ମି.ଲି. ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।





**ପନିପରିବା ଓ ଡାଲିଜାତୀୟ ଫସଲ**

**ଜଉପୋକ :** ପନିପରିବା ଓ ଡାଲିଜାତୀୟ ଫସଲରେ ଜଉପୋକ ଲାଗିବାର ଆଶଙ୍କା ରହିଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୬୦ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କିମ୍ବା ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ.ଡି.ଜି. ୪୦ ଗ୍ରାମ୍ କିମ୍ବା ଏସିଟାମିପ୍ରିଡ୍ ୨୦% ଏସ୍.ପି. ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ପାଉଁଶିଆ ରୋଗ :** ବର୍ଷା ଛାଡ଼ିଗଲା ପରେ ମୁଗ, ବିରି, ହରଡ଼, ବରଗୁଡ଼ି ଆଦି ଫସଲରେ ପାଉଁଶିଆ ରୋଗ ଲାଗିବାର ଆଶଙ୍କା ରହିଛି। ନିରାକରଣ ଲାଗି ଏକର ପ୍ରତି ସଲ୍‌ଫର୍ ୮୦% ଡବ୍ଲୁ.ଜି. ୫୦୦ ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ୨୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଝାଉଁଳା ରୋଗ :** ବର୍ଷା ପରେ ପନିପରିବା ଫସଲରେ ଝାଉଁଳା ରୋଗ ଲାଗିବାର ଆଶଙ୍କା ଥିବାରୁ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ + ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଫସଲର ମୂଳ ଭାଗକୁ ସିଞ୍ଚନ କରନ୍ତୁ। ଅଧିକ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର, କୃଷି ସଂପ୍ରସାରଣ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ।

-ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର

## ଲାଖଚାଷ



ଲାଖ କୀଟ ନାମକ କ୍ଷୁଦ୍ରକୀଟ ସେମାନଙ୍କ ଦେହରୁ ଅଠାପରି ଏକ ପଦାର୍ଥ ବାହାର କରନ୍ତି। ସେହି ଅଠାକୁ ଲାଖ କୁହାଯାଏ। ଗେଣ୍ଡା ଯେପରି ନିଜ ସୁରକ୍ଷା ପାଇଁ ଖୋଳଟିଏ ତିଆରି କରିଥାଏ ଲାଖକୀଟ ସେହିପରି ନିଜ ପାଇଁ ସୁରକ୍ଷା କବଚଟିଏ ଗଢ଼ିବା ଉଦ୍ଦେଶ୍ୟରେ ଦେହରୁ ଏକପ୍ରକାର ରସ କ୍ଷରଣ କରାଇଥାଏ। ସେହି ରସ ବା ଅଠାଳିଆ ପଦାର୍ଥ ଶୁଖି ଶକ୍ତ ହୋଇଗଲେ ଲାଖରେ ପରିଣତ ହୁଏ। ଆମ ରାଜ୍ୟର କୃଷି ଜଳବାୟୁ ଲାଖ ଚାଷ ପାଇଁ ଅନୁକୂଳ। ଏହା କେଉଁଝର, ମୟୂରଭଞ୍ଜ, ସମ୍ବଲପୁର, ସୁନ୍ଦରଗଡ, ନବରଙ୍ଗପୁର, କୋରାପୁଟ ଏବଂ ବାଲେଶ୍ୱର ଜିଲାରେ ବନବାସୀମାନେ ଚାଷ କରନ୍ତି। ସମଗ୍ର ଭାରତବର୍ଷରେ ଲାଖ ଚାଷରେ ଓଡ଼ିଶା ସପ୍ତମ ସ୍ଥାନରେ ଅଛି।

ଆମ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଔଷଧ ବଟିକା, ଖାଦ୍ୟ ପଦାର୍ଥ, ପନିପରିବା, ଫଳ ସାମଗ୍ରୀର ବାହ୍ୟ ଆବରଣ ନିମନ୍ତେ ବହୁ ମାତ୍ରାରେ ଲାଖ ବ୍ୟବହୃତ ହୋଇଥାଏ। ଏହାକୁ ଜୋତା, ଘରର ଚଟାଣ ଓ ମଟରଯାନ ଆଦିକୁ ଚିକ୍କଣ ଏବଂ ଚକ୍‌ଚକ୍ କରିବା ପାଇଁ ବ୍ୟବହାର କରାଯାଏ। ଏଥିରୁ ରଙ୍ଗ, ବାର୍ଣ୍ଣିସ୍, ଅଳତା ତିଆରି ହୁଏ। ସୁଗନ୍ଧି, ସାମ୍ପୁ, ଚମଡା, ରବର, ବୈଦ୍ୟୁତିକ ଉପକରଣ, ବିଭିନ୍ନ ପ୍ରକାର ଗହଣା, ସୌଖୀନ ତଥା ଆଳଙ୍କାରିକ ପଦାର୍ଥରେ ଲାଖର ବ୍ୟବହାର ଥିବାରୁ ଏହାର ଚାହିଦା ଅନ୍ତର୍ଜାତୀୟ ବଜାରରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

**ଲାଖର ପ୍ରକାର ଭେଦ:**
ଲାଖକୀଟ କେତେକ ନିର୍ଦ୍ଦିଷ୍ଟ ଗଛର କଅଁଳିଆ ଡାଳର ରସ ଶୋଷି ଖାଇ ଥାଆନ୍ତି। ଏହାକୁ ପୋଷକ ବା ଆଶ୍ରୟ ବୃକ୍ଷ କହନ୍ତି। ଭାରତବର୍ଷରେ ସାଧାରଣତଃ ଦୁଇ ପ୍ରକାରର ଲାଖ ଫସଲ ଦେଖିବାକୁ ମିଳେ। ପ୍ରଥମଟି ରଙ୍ଗିଣୀ ଓ ଦ୍ୱିତୀୟଟି କୁସୁମୀ। କୁସୁମୀ ଲାଖ ଅଧିକ ଓଜନିଆ ଓ ଏହାର ଦାମ୍ ମଧ୍ୟ ଅଧିକ।

**ରଙ୍ଗିଣୀ କିସମ:** ରଙ୍ଗିଣୀ କିସମ ଲାଖକୀଟ ପଳାଶ, ବରକୋଳି, ଆକାଶିଆ, ଭାଲିଆ, ବାବୁଲ, ଖଇର ଆଦି ଗଛରେ ଚାଷ କରାଯାଏ। ବର୍ଷକୁ ଦୁଇଥର ଏହି କିସମରେ ଲାଖଚାଷ କରାଯାଇଥାଏ। ଏହାକୁ କାର୍ତ୍ତିକି ଓ ବୈଶାଖୀ ଚାଷ ହିସାବରେ ନାମିତ କରାଯାଇଛି। ଅମଳ ମାସର ନାମ ଅନୁସାରେ ଫସଲର ନାମକରଣ କରାଯାଇଛି।

**କୁସୁମୀ କିସମ:** କୁସୁମୀ କିସମର ଲାଖକୀଟ କୁସୁମ, ବରକୋଳି, ସେମିଆଲତା ଆଦି ଗଛରେ ବଢ଼ିଥାଆନ୍ତି। ଏହାକୁ ମଧ୍ୟ ବର୍ଷରେ ଦୁଇଥର ଚାଷ କରାଯାଏ। ପ୍ରଥମଟି ଅଘାନୀ ଓ ଦ୍ୱିତୀୟଟି ଜେଠୁଇ।

**ଲାଖଚାଷ ପଦ୍ଧତି**

**ଶାଖା ସଂସ୍କାର (କାଟ୍-ଛାଟ୍):** ପୋଷକ ବୃକ୍ଷର କଅଁଳ ଡାଳର ରସକୁ ଲାଖକୀଟ ଶୋଷଣ କରିଥାଆନ୍ତି। ତେଣୁ ତା'ର ବଞ୍ଚିବା ପାଇଁ ଦରକାର ହୁଏ କଅଁଳ ତଥା ରସାଳ ଶାଖା ପ୍ରଶାଖା। ପୋଷକ ଗଛରେ ସବୁବେଳେ ଏହି ଭଳି କଅଁଳ ଡାଳ ଆବଶ୍ୟକ ପରିମାଣରେ ମିଳେ ନାହିଁ। ତେଣୁ ଲାଖଚାଷୀ ପୋଷକ ଗଛର ଡାଳମାନ କିଛି ପରିମାଣରେ କାଟି ଦିଅନ୍ତି । ଫଳରେ ନୂଆକରି ଶାଖାପ୍ରଶାଖା କଅଁଳି ଉଠେ । ଏହି ପ୍ରକ୍ରିୟାକୁ ଶାଖା ସଂସ୍କାର କହନ୍ତି । ବୁଢ଼ା ଆଙ୍ଗୁଠିଠାରୁ ମୋଟା ଅର୍ଥାତ ୨.୫ସେ.ମିରୁ ଅଧିକ ମୋଟା ଡାଳ କଟାଯାଏ ନାହିଁ । କାରଣ ସେଥିରୁ ବେଶି ପରିମାଣରେ ରସାଳ ତଥା ହୃଷ୍ଟପୁଷ୍ଟ ଗଜା ବାହାରେ ନାହିଁ । ୧.୨୫ ସେ.ମି.ରୁ ୨.୫ ସେ.ମି. ମୋଟେଇର ଡାଳମାନ କଟାଯାଏ ।

**କୀଟ ସଞ୍ଚରଣ:** ପରିପକ୍ୱ ମାଈକୀଟରୁ ସୃଷ୍ଟି ହେଉଥିବା ଶିଶୁକୀଟଗୁଡ଼ିକ ପୋଷକ ବୃକ୍ଷର ଡାଳ ଉପରେ ସଞ୍ଚାର ହେବା ପ୍ରକ୍ରିୟାକୁ କୀଟ ସଞ୍ଚରଣ କୁହନ୍ତି । ବିହନ ଛାଡିବା ବା କୀଟ ସଞ୍ଚରଣ ସମୟ ଗଛ/ଫସଲ ଅନୁଯାୟୀ ଭିନ୍ନଭିନ୍ନ ହୋଇଥାଏ, ଯାହା ଲାଖ ଫସଲ ଓ ପ୍ରକାର ଭେଦରେ ବର୍ଣ୍ଣନା କରାଯାଇଛି । ବିହନ ଲାଖ ପଲ୍ଲବିତ ଡାଳରେ ବିଡାକରି ବନ୍ଧାଯାଏ ଯେପରି କି ପ୍ରତି ବିଡାରେ ୩-୫ ଖଣ୍ଡ କଟା ବିହନ (ଯାହାର ଓଜନ ପ୍ରାୟ ୨୦୦ ଗ୍ରାମ) ବାନ୍ଧି ଦିଆଯାଏ । ଶିଶୁକୀଟ ବାହାରିବା ପରେ ରହିଯାଇଥିବା ଲାଖ ଖଣ୍ଡକୁ ଫୁଙ୍କି କୁହନ୍ତି ଏବଂ ଗଛରୁ ଶୀଘ୍ର ବାହାର କରିବା ଆବଶ୍ୟକ (ସଞ୍ଚରଣଠାରୁ ୩ ସପ୍ତାହ ମଧ୍ୟରେ)।

| ଗଛ | ବିହନ ଲାଖର ପରିମାଣ |
|---|---|
| ପଳାଶ | ୦.୫-୧.୦ କେଜି |
| ବରକୋଳି | ୧.୦-୨.୦ କେଜି |
| ଖଇର | ୧.୦-୨.୦ କେଜି |
| କୁସୁମ | ୫.୦-୧୦.୦ କେଜି |

(କ୍ରମଶଃ..)

*-ଗୟାଧର ଶିଅଳ (ବନବିଜ୍ଞାନୀ, ଓୟୁଏଟି, ଭୁବନେଶ୍ୱର, ମୋ: ୯୪୩୭୦୩୧୨୦୯)*
*-ଉମାଶଙ୍କର ନାୟକ (ବରିଷ୍ଠ ବୈଜ୍ଞାନିକ, ଓୟୁଏଟି, ଭୁବନେଶ୍ୱର)*



## ପିଆଜ ଲଗାଇବା ପୂର୍ବରୁ

ତଳିଗୁଡିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପର ବେଳା ଓପାଡି ଲଗାନ୍ତୁ। ଶୀତଦିନରେ ୮-୧୦ସପ୍ତାହର ଚାରା ଲଗାନ୍ତୁ। ଛୋଟତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରହେ ଓ ବଡ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରି ପଡେ। ଜମିକୁ ଭଲଭାବରେ ୪-୫ଥର ଚାଷ କରି ମାଟି ଗୁଣ୍ଡ କରି ଦିଅନ୍ତୁ। ପାଣି ମଡେଇବାର ସୁବିଧା ଦେଖି ୨ ମିଟର ଓସାରର ଛୋଟଛୋଟ ପଟାଳି କରି ଖତସାର ଦେଇ ଜମି ସମତୁଲ କରି ଦିଅନ୍ତୁ। ପଟାଳି ପ୍ରସ୍ତୁତି ସମୟରେ ଏକର ପ୍ରତି ୧୦କି.ଗ୍ରା କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଉଇ ବା କଟା ପୋକ ହେବେ ନାହିଁ। ଧାଡିକୁ ଧାଡି ୧୫ସେ.ମି ଓ ଗଛକୁ ଗଛ ୧୦ସେ.ମି ବ୍ୟବଧାନରେ ଚାରା ଲଗାନ୍ତୁ। ଏକର ପ୍ରତି ୮-୧୨ ଟନ ଶଢ଼ା ଗୋବରଖତ ଗୁଣ୍ଡ ତଳି ଲଗେଇବାର ଏକ ସପ୍ତାହ ପୂର୍ବରୁ ଜମିରେ ପକାଇ ଭଲଭାବେ ମାଟିରେ ମିଶେଇ ଦିଅନ୍ତୁ। ପିଆଜ ଚାଷ ଲାଗି ଏକର ପ୍ରତି ୪୮କି.ଗ୍ରା. ଯବକ୍ଷାରଜାନ, ୨୪କି.ଗ୍ରା. ଫସଫରସ ଓ ୨୪କି.ଗ୍ରା. ପଟାସ ସାର ଆବଶ୍ୟକ। ଅଧା ଯବକ୍ଷାରଜାନ, ସମୁଦାୟ ଫସଫରସ ଓ ଅଧା ପଟାସ ସାରକୁ ମୂଳସାର ରୂପେ ତଳି ରୋଇବାର ଦୁଇଦିନ ଆଗରୁ ମାଟିରେ ମିଶେଇ ଦିଅନ୍ତୁ।



## ଆଳୁରେ ହୁଡ଼ା ଦେଉଥିଲେ

ବର୍ତ୍ତମାନ ଆଳୁ ଲଗାଇବାର ପ୍ରକୃଷ୍ଟ ସମୟ। ଏହି ସମୟରେ ଆଳୁ ଲଗାଇଲେ ଭଲ ଅମଳ ମିଳିଥାଏ କାରଣ ଆଳୁ ଫଳିବା ଓ ବଢ଼ିବା ପାଇଁ ଉପଯୁକ୍ତ ପାଗ ମିଳିଥାଏ। ଏକ ଏକର ଜମିରେ ଆଳୁ ଲଗାଇବା ଲାଗି ୬-୮କୁଇଣ୍ଟାଲ ସଂଗ୍ରହ କରି ଅନ୍ଧାରରେ ୭ଦିନ ଚଟାଣରେ ରଖି ଦିଅନ୍ତୁ। ପରେ ଲଗାଇବା ପୂର୍ବରୁ ବିହନକୁ ୧୦ଲିଟର ପାଣିରେ ୨୦ଗ୍ରାମ୍ ମାଙ୍କୋଜେବ୍ ସହିତ ଏକ ଗ୍ରାମ୍ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ ମିଶାଇ ଦ୍ରବଣ ପ୍ରସ୍ତୁତ କରି ୩୦ମିନିଟ୍ ଭିଜାଇ ଛାଇରେ ଶୁଖାଇ ଦିଅନ୍ତୁ।



-ଜମି ପ୍ରସ୍ତୁତି ବେଳେ ସାଧାରଣ ଜମି ପାଇଁ ଏକର ପ୍ରତି ୮ଟନ୍ କମ୍ପୋଷ୍ଟ ଓ ନଈ ବାଲିରେ ୧୦ଟନ୍ କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ସାଧାରଣ ଜମି ପାଇଁ ଅନୁମୋଦିତ ସାର ଯଥା- ୬୦-୩୦-୪୦ଯବକ୍ଷାରଜାନ ଫସଫରସ ଓ ପଟାସ ଏବଂ ନଈ ବାଲିରେ ୯୦-୪୫-୬୦ଯବକ୍ଷାରଜାନ ଫସଫରସ ଓ ପଟାସ ପ୍ରୟୋଗ କରନ୍ତୁ। ଆଳୁ ଲଗାଇବା ବେଳେ ସବୁତକ ଫସଫରସ ଓ ପଟାସ ଏବଂ ଅଧା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ତା' ସହିତ ଏକର ପ୍ରତି ୫ କିଗ୍ରା ବ୍ଲିଚିଙ୍ଗ ପାଉଡର ଓ ୪କି.ଗ୍ରା ଫୋରେଟ୍ ପ୍ରୟୋଗ କଲେ ପ୍ରାଥମିକ ଅବସ୍ଥାରେ ପୋକ ଝାଉଁଳା, ଯାଦୁରା ରୋଗ ଦମନ ହୋଇଥାଏ।

## ସଂକ୍ଷେପରେ

### ସରକାରଙ୍କ ସହଯୋଗ ଲୋଡ଼ିଲା ଭୋଡାଫୋନ

**ନୂଆଦିଲ୍ଲୀ,୧୨-୧୧:** ବିଭିନ୍ନ ବୈଧାନିକ ଦେୟ ବାବଦକୁ ପ୍ରାୟ ୯୦ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ଟେଲିକମ୍ କମ୍ପାନୀଙ୍କୁ ସୁପ୍ରିମକୋର୍ଟ ନିକଟରେ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ପ୍ରମୁଖ ଟେଲିକମ୍ କମ୍ପାନୀ ଭୋଡାଫୋନର ସିଇଓ ନିକ୍ ରିଡ୍ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ସରକାର ଏହି ଦେୟ ପ୍ରଦାନ ଲାଗି କମ୍ପାନୀଙ୍କୁ ବାଧକଲେ ଏହା ପରିଚାଳନାରେ ଅସୁବିଧା ସୃଷ୍ଟି କରିବ। ଏହା ହେଲେ ଭାରତରେ ଭୋଡାଫୋନର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଆସିପାରେ ବୋଲି କମ୍ପାନୀ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଭାରତୀୟ ଟେଲିକମ ଶିଳ୍ପରେ ବହୁତ ଚାର୍ଜ ଏବଂ ଟିକସ ଲାଗୁ ହେଉଥିବାରୁ ଏହା ଶିଳ୍ପ ଲାଗି ବାଧକ ସାଜିଥିବା ସେ ମତ ରଖିଛନ୍ତି। ଏଭଳି ବିଭିନ୍ନ କାରଣ ଲାଗି ଭାରତରେ ଟେଲିକମ୍ ଶିଳ୍ପ ଅପରେଟରଙ୍କ ସ୍ଥିତି ଅତ୍ୟନ୍ତ ଖରାପ ହୋଇଥିବା ସେ ପ୍ରକାଶ କରିଛନ୍ତି। ସେହିଭଳି ସରକାରଙ୍କ କଠୋର ନିୟମକୁ ନେଇ ସେ ଉଦବେଗ ପ୍ରକାଶ କରିଛନ୍ତି। ଭୋଡାଫୋନ ଆଇଡିଆଇକୁ ବିଭିନ୍ନ ଦେୟ ବାବଦରେ ୪୦ ହଜାର କୋଟି ଦେବାକୁ ସରକାର କହିଛନ୍ତି। ଏହାକୁ ନେଇ ସୁପ୍ରିମକୋର୍ଟରେ ମାମଲା ହୋଇଥିବା ବେଳେ ସରକାରଙ୍କ ପକ୍ଷରେ ରାୟ ଆସିଛି। ନିକଟରେ ଭୋଡାଫୋନ କହିଥିଲା ଯେ ଏହା ଭାରତ ବଜାରରେ ନିବେଶ ଜାରି ରଖିବ। ହେଲେ ଏଥିଲାଗି ସରକାରଙ୍କ ସହଯୋଗର ଆବଶ୍ୟକତା ରହିଛି। ସରକାର ଟେଲିକମ୍ କମ୍ପାନୀଗୁଡିକ ଲାଗି ବିଭିନ୍ନ ପ୍ରୋତ୍ସାହନ ପଦକ୍ଷେପ ଏବଂ ରିହାତି ବ୍ୟବସ୍ଥା ଆଣିବା ଉପରେ ସେ ମତ ରଖିଛନ୍ତି।

### ପ୍ରିମିୟମ ଟୁହ୍ୱିଲର୍ସ ବାଣିଜ୍ୟ ଲାଗି ହୋଣ୍ଡାର ଯୋଜନା

**ନୂଆଦିଲ୍ଲୀ,୧୨-୧୧:** ପ୍ରିମିୟମ ମୋଟର ସାଇକେଲ ବ୍ୟବସାୟ ଲାଗି ହୋଣ୍ଡା ବିଗ୍ୱିଙ୍ଗ ସ୍ଥାପନ କରିବାର ମାତ୍ର ୬ ମାସ ମଧ୍ୟରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଭବିଷ୍ୟତ ଅଭିବୃଦ୍ଧି ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ହୋଣ୍ଡା ପକ୍ଷରୁ ବର୍ତ୍ତମାନ ପ୍ରିମିୟମ ବର୍ଗରେ ୭ ମୋଟର ସାଇକେଲ ବଜାରରେ ଉପଲବ୍ଧ ହେଉଛି। ଏହାକୁ କମ୍ପାନୀ ୧୩ରେ ପହଞ୍ଚାଇବାକୁ ଯୋଜନା ରଖିଛି। ଏହି ପଦକ୍ଷେପ ଅନ୍ତର୍ଗତ କମ୍ପାନୀ ଭାରତ ବଜାର ଲାଗି ଆଉ ୫ ମଡେଲ ଲଞ୍ଚ କରିବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ଉପଲବ୍ଧ ଥିବା ବାଇକଗୁଡିକ ୩୦୦ରୁ ୧୮୦୦ ସିସି ମଧ୍ୟରେ ରହିଛି। ମେକ୍ ଇନ ଇଣ୍ଡିଆ ଫର ଦି ୱାର୍ଲଡ ଉପରେ ଏହା ଧ୍ୟାନ ରଖିଛି। ସେହିଭଳି ପ୍ରିମିୟମ ବାଇକ କାରବାର କୁ ୭୫ ସହରକୁ ନେବାକୁ କମ୍ପାନୀ ଯୋଜନା ରଖିଛି। ସମ୍ପ୍ରସାରଣ ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ବିକ୍ରି ଏବଂ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ କହିଛନ୍ତି।



> ସରକାର ଦେଶ ମଧ୍ୟରେ ୧୦ ହଜାର କୃଷି ଉତ୍ପାଦକ ଅନୁଷ୍ଠାନ ସ୍ଥାପନ କରିବାକୁ ଯୋଜନା ରଖିଛନ୍ତି। ରାଜ୍ୟସ୍ତରରେ ଇ-ନାମ୍‌କୁ ପ୍ରୋତ୍ସାହନ ଜରୁରୀ।
> – ନିର୍ମଳା ସୀତାରାମନ, ଅର୍ଥ ମନ୍ତ୍ରୀ



> ଅନ୍‌ଲାଇନ ପ୍ଲାଟଫର୍ମରେ କେତେକ ରିଟେଲର ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଅତି କମ୍ ମୂଲ୍ୟରେ ସାମଗ୍ରୀ ବିକ୍ରି କରୁଛନ୍ତି। ଏହାଦ୍ୱାରା ଦେଶର ଲକ୍ଷଲକ୍ଷ ଖୁଚୁରା ବ୍ୟବସାୟୀ ପ୍ରଭାବିତ ହେଉଛନ୍ତି।
> – ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ

# ୪.୨%କୁ ଖସିପାରେ ଜିଡିପି

**ନୂଆଦିଲ୍ଲୀ,୧୨-୧୧**

### ଏସ୍‌ବିଆଇ ରିସର୍ଚ୍ଚର ପୂର୍ବାନୁମାନ

- ୨୦୧୯-୨୦ରେ ଅଭିବୃଦ୍ଧି ୫% ରହିବା ଅନୁମାନ
- ୨୦୨୦-୨୧ରେ ୬.୨% ଛୁଇଁପାରେ
- ବିଭିନ୍ନ କ୍ଷେତ୍ରର ଆର୍ଥିକ କାର୍ଯ୍ୟକଳାପ ହ୍ରାସ
- ସୁଧହାର ହ୍ରାସ କରିପାରେ ରିଜର୍ଭ ବ୍ୟାଙ୍କ




ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ୪.୨%କୁ ହ୍ରାସ ଘଟିପାରେ। ଅଟୋମୋବାଇଲ କ୍ଷେତ୍ରରେ ବିକ୍ରି ହ୍ରାସ, ଏୟାର ଟ୍ରାଫିକ ମନ୍ଥରତା, ପ୍ରମୁଖ ଶିଳ୍ପ କ୍ଷେତ୍ର ଅଭିବୃଦ୍ଧିରେ ହ୍ରାସ ଏବଂ ଭିତ୍ତିଭୂମି କ୍ଷେତ୍ରରେ ନିବେଶ କମିବା ଯୋଗୁ ଦେଶର ଆର୍ଥିକ କାର୍ଯ୍ୟକଳାପ ହ୍ରାସ ହେଉଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଅର୍ଥନୈତିକ ଗବେଷଣା ବିଭାଗର ଇକୋରାପ୍ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାରର ଅଭିବୃଦ୍ଧି ହାର ଖସିବା ନେଇ ଏହି ରିପୋର୍ଟରେ ସୂଚନା ଦିଆଯାଇଛି। ଦେଶର ଅଭିବୃଦ୍ଧି ହାର ୬.୧% ରହିବ ବୋଲି ଏସ୍‌ବିଆଇ ପୂର୍ବରୁ ପୂର୍ବାନୁମାନ କରିଥିଲା ମାତ୍ର ଏହାକୁ ବର୍ତ୍ତମାନ ପରିବର୍ତ୍ତନ କରାଯାଇଛି। ୨୦୨୦ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ୫%କୁ ଖସିବା ନେଇ ଏହା ପୂର୍ବାନୁମାନ କରିଛି।

ସେହିଭଳି ୨୦୨୦-୨୧ରେ ଦେଶର ଅର୍ଥ ବ୍ୟବସ୍ଥାରେ ସୁଧାର ଆସିବା ସହ ଏହା ୬.୨% ଛୁଇଁବା ସମ୍ଭାବନା ରହିଥିବା ରିପୋର୍ଟରେ କୁହାଯାଇଛି। ସେହିଭଳି ରିଜର୍ଭ ବ୍ୟାଙ୍କ ଡିସେମ୍ବରରେ ଏହାର ମୁଦ୍ରାନୀତି ସମୀକ୍ଷା ବେଳେ ସୁଧହାର ହ୍ରାସ କରିପାରେ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଗତ ମାସରେ ରିଜର୍ଭ ବ୍ୟାଙ୍କ ଏହାର ରେପୋକୁ ଲଗାତାର ଭାବେ ୫ଥର ଲାଗି ହ୍ରାସ କରିବା ସହ ୨୫ ବେସିସ୍ ପଏଣ୍ଟ କମାଇଥିଲା। ଡିସେମ୍ବର ୫ରେ ରିଜର୍ଭ ବ୍ୟାଙ୍କ ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କରିବ। ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଦେଶର ଅଭିବୃଦ୍ଧି ପୂର୍ବାନୁମାନକୁ ଏହା ୬.୯%ରୁ ୬.୧%କୁ କମାଇଥିବା ଜଣାପଡିଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ୫%କୁ ଖସିଥିବାରୁ ଏହାକୁ ନେଇ ବଜାର ବିଶେଷଜ୍ଞ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ବର୍ତ୍ତମାନ ଦେଶର ସାମଗ୍ରିକ ଚାହିଦାରେ ବୃଦ୍ଧି ଏବଂ ବିତ୍ତୀୟ ନୀତି ଉପରେ ସରକାର କିଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି ତାକୁ ବଜାର ବିଶେଷଜ୍ଞମାନେ ନଜରରେ ରଖିଛନ୍ତି। ସେହିଭଳି ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ଦିଗରେ ସରକାରଙ୍କ ଯୋଜନା ଉପରେ ନଜର ରହିଛି। ଏଦିଗରେ ସରକାର ଶୀଘ୍ର ସ୍ପଷ୍ଟ କଲେ ଏହା ବଜାର ଉପରେ ସକାରାତ୍ମକ ପ୍ରଭାବ ଆଣିବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଏହାବାଦ ଟେଲିକମ୍, ଶକ୍ତି ଏବଂ ଏନ୍‌ବିଏଫ୍‌ସି କ୍ଷେତ୍ରର ସମସ୍ୟାକୁ ଧ୍ୟାନରେ ରଖାଯିବା ନେଇ ରିପୋର୍ଟରେ କୁହାଯାଇଛି।

### ଜୁଲାଇ-ସେପ୍ଟେମ୍ବର ଜିଡିପି ନମ୍ବର ଗୁରୁତ୍ୱପୂର୍ଣ୍ଣ

ନଭେମ୍ବର ୨୯ରେ ଜିଡିପି ତଥ୍ୟ ସମ୍ପର୍କରେ ଘୋଷଣା ହେବ। ଭାରତର ଜିଡିପି ୬ ବର୍ଷର ସବୁଠାରୁ ନିମ୍ନ ସ୍ତରରେ ଥିବାରୁ ଏହି ଘୋଷଣା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସିଙ୍ଗାପୁର ଭିତ୍ତିକ ଡିବିଏସ୍ ବ୍ୟାଙ୍କ ଏହାର ରିପୋର୍ଟରେ ଉଲ୍ଲେଖ କରିଛି। ଜିଡିପି ଅଭିବୃଦ୍ଧି ଆଶାନୁରୂପକ ନ ହେଲେ ଏହାର ପ୍ରଭାବ ବଜାର ଉପରେ ପଡିବ। ଫଳରେ ଟଙ୍କା ମୂଲ୍ୟ ପ୍ରଭାବିତ ହେବା ସହ ଡଲାର ଶକ୍ତିଶାଳୀ ହେବ। ଗତ ୨ ମାସ ହେବ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୭୦.୧ରୁ ୭୧.୫ ଟଙ୍କା ସ୍ତରରେ ରହିଛି। ଜିଡିପି ନମ୍ବର ଠିକ ନ ହେଲେ ଏହା ବଢିପାରେ ବୋଲି ଡିବିଏସ୍ ପ୍ରକାଶ କରିଛି। ସେପ୍ଟେମ୍ବରରେ ଦେଶର ଶିଳ୍ପ ଉତ୍ପାଦନ ୪.୩% ଖସିଛି। ଅଗଷ୍ଟରେ ଏଥିରେ ୧.୪% ହ୍ରାସ ଘଟିଥିବା ନିକଟରେ ରିପୋର୍ଟ ସାମ୍ନାକୁ ଆସିଛି। ଏହି ସମୟରେ କ୍ୟାପିଟାଲ ଗୁଡସ, କଞ୍ଜ୍ୟୁମର ଡ୍ୟୁରେବଲ୍ସ, ଭିତ୍ତିଭୂମି ଏବଂ ନିର୍ମାଣ କ୍ଷେତ୍ର କାର୍ଯ୍ୟକଳାପ ଗଭୀର ଭାବେ ପ୍ରଭାବିତ ହୋଇଛି। କ୍ୟାପିଟାଲ ଗୁଡ୍‌ସ କ୍ଷେତ୍ରରେ ୪.୭% ହ୍ରାସ ଘଟିଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସ ଜିଡିପି ଅଭିବୃଦ୍ଧି ୫%କୁ ଖସିବ ବୋଲି ଏହା ଆକଳନ କରିଛି।

### ୬% ସ୍ତରରେ ଋଣ ଅଭିବୃଦ୍ଧି

ଘରୋଇ ବଜାରର ଋଣ ଅଭିବୃଦ୍ଧି ଏବେ ପ୍ରଭାବିତ ସ୍ତରରେ ରହିଛି। ଜୁଲାଇ-ସେପ୍ଟେମ୍ବରରେ ଏହା ୬%କୁ ଖସିଯିବ ବୋଲି ଫାଇନାନ୍‌ସିଆଲ ସର୍ଭିସ କମ୍ପାନୀ କ୍ରେଡିଟ୍ ସୁଇସ କହିଛି। ବିମୁଦ୍ରୀକରଣ ସମୟରେ ଋଣ ଅଭିବୃଦ୍ଧି ଏହି ସ୍ତରରେ ରହିଥିବା ଏହା ସୂଚନା ଦେଇଛି। ଏହାବାଦ ଏନ୍‌ବିଏଫ୍‌ସି ଋଣ ପ୍ରଦାନ ହାର -୩୬% ଏବଂ ବ୍ୟାଙ୍କଗୁଡିକର ଋଣ ପ୍ରଦାନ ହାର ୮% ରହିଛି। ପ୍ରଥମ ତ୍ରୈମାସରେ ଘରୋଇ ବ୍ୟାଙ୍କଗୁଡିକର ଋଣ ଅଭିବୃଦ୍ଧି ୨୨ରୁ ୧୪%କୁ ଖସିଛି। ଏହି ସମୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଋଣ ଅଭିବୃଦ୍ଧି ୮%ରୁ ୫%କୁ ଖସିଛି ବୋଲି କ୍ରେଡିଟ ସୁଇସ ଏହାର ରିପୋର୍ଟରେ ଉଲ୍ଲେଖ କରିଛି।




## ରେନୋ ପକ୍ଷରୁ ୧୦,୦୦୦ତମ ଟ୍ରାଇବର ପ୍ରଦାନ

**ମୁମ୍ବାଇ,୧୨-୧୧**

ରେନୋ ଇଣ୍ଡିଆ ପକ୍ଷରୁ ନୂଆ କରି ଆସିଥିବା ଟ୍ରାଇବର ମଡେଲର ୧୦,୦୦୦ତମ ଯାନ ଗ୍ରାହକଙ୍କୁ ହସ୍ତାନ୍ତର କରାଯାଇଛି। କମ୍ପାନୀ ୨ ମାସ ମଧ୍ୟରେ ଏହି ଯାନଗୁଡିକୁ ପ୍ରଦାନ କରିଛି। ମୁମ୍ବାଇର ଡିଲରଶିପ ବେଞ୍ଚମାର୍କ ମୋଟର୍ସଠାରେ ଯାନଟିକୁ ଡେଲିଭରି କରାଯାଇଛି। ଏହି ଯାନଟିର ବହୁଳ ଚାହିଦାକୁ ଧ୍ୟାନରେ ରଖି ଅପେକ୍ଷା ଅବଧିର ପରିଚାଳନା କରାଯାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ମାନ୍ଦାବସ୍ଥା ସତ୍ତ୍ୱେ ଏଭଳି ବିକ୍ରି ସଫଳତା ହାସଲ କରିଥିବା କହିଛି। ଅକ୍ଟୋବର ୨୦୧୯ରେ କମ୍ପାନୀ ୧୧,୫୧୬ଟି କାର ବିକ୍ରି କରିଛି। ଗତ ବର୍ଷ ତୁଳନାରେ ଏଥିରେ ୬୩% ଅଭିବୃଦ୍ଧି ହୋଇଛି। ଯାନଟିରେ ଗ୍ରାହକ ଆକର୍ଷଣୀୟ ଡିଜାଇନ, ସ୍ପେଶିୟସ୍ ଏବଂ ମଡ୍ୟୁଲାର ଭଳି ଅନ୍ୟାନ୍ୟ ପ୍ରମୁଖ ଫିଚର ଲାଭ କରିପାରିବେ। ୪ ମିଟର ମଧ୍ୟରେ ୭ ଜଣ ଲୋକ ଏଥିରେ ସହଜରେ ବସି ପାରିବେ। ୧୦,୦୦୦ କାର୍ ଡେଲିଭରି କରି ଅତ୍ୟନ୍ତ ଖୁସି ବୋଲି ରେନୋ ଇଣ୍ଡିଆ ଅପରେସନ୍ସର ସିଇଓ ଭେଙ୍କଟରାମ ମାମିଲା ପାଲ୍ଲେ କହିଛନ୍ତି।

## ଗ୍ରୀନ୍ ଚିଲିଜ୍‌ର ଛାଡ଼ଖାଇ ଅଫର

**ଭୁବନେଶ୍ୱର,୧୨-୧୧**




ପ୍ରମୁଖ ଫାଷ୍ଟଫୁଡ ଚେନ୍ ଗ୍ରୀନ ଚିଲିଜ ପକ୍ଷରୁ ଛାଡଖାଇକୁ ଏହାର ଗ୍ରାହକଙ୍କ ସହ ପାଳନ କରାଯାଉଛି। ଏହି ଅବସରରେ ଗ୍ରାହକଙ୍କୁ ଗ୍ରୀନ ଚିଲିଜ ବିଭିନ୍ନ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଗ୍ରାହକ ଏହି ସମୟରେ ଗୋଟିଏ ପ୍ଲେଟ ଚିକେନ ବିରିୟାନି କିଣି ଆଉ ଗୋଟିଏ ଚିକେନ ବିରିୟାନି କେବଳ ୯୯ ଟଙ୍କାରେ ପାଇପାରିବେ। ଷ୍ଟୋରରେ ଗ୍ରାହକଙ୍କ ଲାଗି କମ୍ବୋ ଅଫର ପ୍ରଦାନ କରାଯାଉଛି। ଏହା ଉଭୟ ଭେଜ୍ ଏବଂ ନନ୍ ଭେଜ୍ ବର୍ଗରେ ନିୟମିତ ଏବଂ ପ୍ରିୟ ଗ୍ରାହକଙ୍କ ଲାଗି ଉପଲବ୍ଧ ରହିଥିବା ଗ୍ରୀନଚିଲିଜ ପକ୍ଷରୁ କୁହାଯାଇଛି। ସିଙ୍ଗଲ, କପଲ ଏବଂ ପରିବାରବର୍ଗଙ୍କ ଚାହିଦାକୁ ଧ୍ୟାନରେ ରଖି ସମସ୍ତଙ୍କୁ ସୁହାଇଲା ଭଳି ସ୍ୱତନ୍ତ୍ର ଭୋଜନ ବ୍ୟବସ୍ଥା ସୁଲଭ ମୂଲ୍ୟରେ କରାଯାଇଛି। ଭୁବନେଶ୍ୱରର ଲୁଇସ ରୋଡ, ଡମଣା ଛକ, ଇନଫୋସିଟି ରୋଡ, କଟକର ସିଡିଏ, ଭଦ୍ରକ, ବେଦାନ୍ତ ଏବଂ ଝାରସୁଗୁଡା ଭଳି ସ୍ଥାନଗୁଡିକରେ ଅବସ୍ଥିତ ଷ୍ଟୋରରେ ଅଫର ଉପଲବ୍ଧ ହେବ।

# ଉତ୍ତର ପୂର୍ବ ଭାରତରେ ପ୍ରଥମ ଲିଭର ଟ୍ରାନ୍ସପ୍ଲାଣ୍ଟ

**ଗୁଆହାଟୀ,୧୨-୧୧**



ହାଇଦ୍ରାବାଦ ଭିତ୍ତିକ ଯଶୋଦା ହସ୍ପିଟାଲ ଏବଂ ଡାଉନ୍‌ଟାଉନ ହସ୍ପିଟାଲ ଗୁଆହାଟୀର ମିଳିତ ସହଯୋଗରେ ଉତ୍ତର ପୂର୍ବ ଭାରତରେ ସଫଳତାର ସହ ପ୍ରଥମ ଲିଭର ପ୍ରତ୍ୟାରୋପଣ କରାଯାଇଛି। ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଏହି ଅବସରରେ ଡାକ୍ତରୀ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ଜୟଦେବ ଦାସଙ୍କଠାରେ ପ୍ରଥମେ ଏଭଳି ଚିକିତ୍ସା କରାଯାଇଥିବା ଜଣାପଡିଛି। ଉତ୍ତରପୂର୍ବ ଭାରତର ସ୍ୱାସ୍ଥ୍ୟ ଚିକିତ୍ସା କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ବୋଲି ସୋନୱାଲ ମତ ରଖିଛନ୍ତି। ୫୬ ବର୍ଷୀୟ ଜୟଦେବ କ୍ରୋନିକ ଲିଭର ଡିଜିଜ(ସିଏଲ୍‌ଡି) ଯୋଗୁ ବିଭିନ୍ନ ସମସ୍ୟା ସାମ୍ନା କରୁଥିଲେ। ତାଙ୍କ ୪୪ ବର୍ଷୀୟ ସ୍ତ୍ରୀ ରଞ୍ଜୁ ତାଙ୍କୁ ଲିଭର ଦାନ କରିଥିବା ଜଣାପଡିଛି। ଡାକ୍ତରୀ ଟିମ୍‌ରେ ଯଶୋଦା ହସ୍ପିଟାଲର ଡ. ପି.ବାଲଚନ୍ଦ୍ରନ ମେନନ ଏବଂ ଡ. ପ୍ରାଞ୍ଜଳ ଡେକାଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

FINANCE

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି। ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BUSINESS

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା ୬୦ ହଜାର + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8826558929

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କଂପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ। ଚାକିରି + ୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ବୁଧବାର, ୧୩ ନଭେମ୍ବର, ୨୦୧୯



"ଦିବାରାତ୍ର ଟେଷ୍ଟରେ ଗୋଲାପୀ ବଲ୍‌କୁ ସାମ୍ନା କରିବା ବେଳେ ବୋଲରଙ୍କ ସିମ୍ ଓ ସୁଇଙ୍ଗ୍ ମୁଭମେଣ୍ଟ ଉପରେ ଧ୍ୟାନଦେବାକୁ ପଡ଼ିବ ।

–ଅଜିଙ୍କ୍ୟ ରାହାନେ, ଭାରତୀୟ କ୍ରିକେଟର



"ଭାରତ–ବାଂଲାଦେଶ ଦିବାରାତ୍ର ଟେଷ୍ଟରେ ବ୍ୟବହାର ହେବାକୁ ଥିବା ଗୋଲାପୀ ବଲ୍ ସନ୍ଧ୍ୟା ସମୟର ସ୍ୱଳ୍ପାଲୋକରେ ସମସ୍ୟା ସୃଷ୍ଟି କରିପାରେ ।

–ଚେତେଶ୍ୱର ପୂଜାରା, ଭାରତୀୟ ବ୍ୟାଟ୍ସମ୍ୟାନ



## ସଂକ୍ଷେପରେ

### ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍ ଶୀର୍ଷ ସ୍ଥାନ ବଜାୟ ରଖିଲେ କୋହଲି, ବୁମ୍‌ରା

**ଦୁବାଇ, ୧୨।୧୧ (ପି.ଟି.):** ଭାରତୀୟ ଅଧିନାୟକ ବିରାଟ କୋହଲି ଏବଂ ଇଞ୍ଜୁରି ପାଇଁ ବର୍ତ୍ତମାନ ଖେଳୁ ନ ଥିବା ଯଶପ୍ରୀତ୍ ବୁମ୍‌ରା ସଦ୍ୟ ପ୍ରକାଶିତ ଆଇସିସି ଦିନିକିଆ ବ୍ୟାଟ୍ସମ୍ୟାନ ଓ ବୋଲର ର୍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। କୋହଲି ୮୯୫ ରେଟିଂ ପଏଣ୍ଟ ସହ ବ୍ୟାଟ୍ସମ୍ୟାନ ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ତାଙ୍କ ଡେପୁଟି ରୋହିତ ଶର୍ମା(୮୩୪) ଦ୍ୱିତୀୟ ସ୍ଥାନରେ ଅଛନ୍ତି। ରୋହିତ ଚଳିତ ବର୍ଷ ସମସ୍ତ ତିନୋଟି ଫର୍ମାଟରେ ଭଲ ପ୍ରଦର୍ଶନ କରିଆସୁଛନ୍ତି। ପିଠିର ନିମ୍ନ ଭାଗରେ ଯନ୍ତ୍ରଣା ପାଇଁ ଏବେ ଚିକିତ୍ସିତ ହେଉଥିବା ବୁମ୍‌ରା ୭୯୭ ରେଟିଂ ପଏଣ୍ଟ ସହ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ତାଙ୍କ ପଛକୁ ରହିଛନ୍ତି ନ୍ୟୁଜିଲାଣ୍ଡ ପେସ୍ ବୋଲର ଟ୍ରେଣ୍ଟ ବୋଲ୍ଟ (୭୪୦)। ଅନ୍ୟପକ୍ଷରେ ପ୍ରଥମ ୧୦ ଅଲରାଉଣ୍ଡରଙ୍କ ମଧ୍ୟରେ ହାର୍ଦ୍ଦିକ ପାଣ୍ଡ୍ୟା ଏକମାତ୍ର ଭାରତୀୟ ଭାବେ ସ୍ଥାନ ପାଇଛନ୍ତି। ସେ ୨୪୬ ରେଟିଂ ପଏଣ୍ଟ ସହ ୧୦ ନମ୍ବର ସ୍ଥାନରେ ଅଛନ୍ତି। ଇଂଲଣ୍ଡର ବିଶ୍ୱକପ୍ ହିରୋ ବେନ୍ ଷ୍ଟୋକ୍ସ ୩୧୯ ରେଟିଂ ପଏଣ୍ଟ ସହ ତାଲିକାର ଶୀର୍ଷରେ ରହିଛନ୍ତି। ତାଙ୍କ ପଛକୁ ରହିଛନ୍ତି ଆଫଗାନିସ୍ତାନର ମହମ୍ମଦ ନବି। ଭାରତ ଏହାର ପରବର୍ତ୍ତୀ ଅନ୍ତର୍ଜାତୀୟ ଦିନିକିଆ ସିରିଜ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳିବ। ଏହି ସିରିଜ ଅନ୍ତର୍ଗତ ପ୍ରଥମ ମ୍ୟାଚ ଡିସେମ୍ବର ୧୫ରେ ଚେନ୍ନାଇରେ ଖେଳାଯିବ।

### ଗୋଲକିପିଂ, ଡ୍ରାଗ୍‌ଫ୍ଲିକ୍ କ୍ୟାମ୍ପ

**ଚେନ୍ନାଇ, ୧୨।୧୧(ପି.ଟି.):** ହକି ୟୁନିଟ ଅଫ୍ ତାମିଲନାଡୁ ପକ୍ଷରୁ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ମଙ୍ଗଳବାରଠାରୁ ୩ ଦିନିଆ ଗୋଲକିପିଂ ଏବଂ ଡ୍ରାଗ୍‌ଫ୍ଲିକ୍ କ୍ୟାମ୍ପ ଆରମ୍ଭ ହୋଇଛି। ଭାରତୀୟ ହକି ଦଳର ତାରକା ଗୋଲକିପର ପି.ଆର. ଶ୍ରୀଜେଶ ଓ ଡ୍ରାଗ୍ ଫ୍ଲିକର ରୂପିନ୍ଦରପାଲ୍ ସିଂ ତାମିଲନାଡୁର ବିଭିନ୍ନ ଜିଲାରୁ ଆସିଥିବା ହକି ପ୍ରତିଭାଙ୍କ ସହ ଭାବ ବିନିମୟ କରିବା ସହ କୋଚିଂ ଦେଇଥିଲେ। କ୍ୟାମ୍ପରେ ୪୦ ଗୋଲକିପରଙ୍କ ସହ ୧୦୦ରୁ ଊର୍ଦ୍ଧ୍ୱ ଖେଳାଳି ଯୋଗ ଦେଇଥିଲେ। ଏହା ମଧ୍ୟରେ ସବ୍‌ଜୁନିୟର, ଜୁନିୟର ଖେଳାଳି ସାମିଲ ଥିଲେ।

### ମୟଙ୍କଙ୍କ ହ୍ୟାଟ୍ରିକ

**ବିଶାଖାପାଟନମ, ୧୨।୧୧:** ସୟଦ ମୁସ୍ତାକ ଅଲି ଟି୨୦ ପ୍ରତିଯୋଗିତାରେ ମଙ୍ଗଳବାର ଉତ୍ତରାଖଣ୍ଡର ମୟଙ୍କ ମିଶ୍ର ହ୍ୟାଟ୍ରିକ୍ ଉଇକେଟ୍ ସଫଳତା ପାଇଛନ୍ତି। ଗୋଆ ଓ ଉତ୍ତରାଖଣ୍ଡ ମଧ୍ୟରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ମୟଙ୍କ ହ୍ୟାଟ୍ରିକ୍ ଉଇକେଟ୍ ନେଇଥିଲେ। ଉତ୍ତରାଖଣ୍ଡର ବାମହାତୀ ସ୍ପିନର ମୟଙ୍କ ଗୋଆ ଇନିଂସର ୩ୟ ଓଭରରେ ଆଦିତ୍ୟ କୌଶିକ, ଅମିତ୍ ବର୍ମା ଓ ସୂର୍ଯ୍ୟଶ ପ୍ରଭୁଦେଶାଇଙ୍କୁ ଆଉଟ୍ କରି ଉଇକେଟ୍ ନେଇ ହ୍ୟାଟ୍ରିକ ଲାଭ କରିଥିଲେ। ଏହି ମ୍ୟାଚ୍‌ରେ ଉତ୍ତରାଖଣ୍ଡ ୮ ଉଇକେଟ୍‌ରେ ବିଜୟ ଲାଭ କରିଥିଲା।

# ପିଙ୍କ୍ ବଲ୍‌ରେ ଭାରତୀୟ ଦଳର ଅଭ୍ୟାସ





ମଙ୍ଗଳବାର ନେଟ୍ସ ସେସନ ଅବସରରେ ବିରାଟ କୋହଲି ଓ ଚେତେଶ୍ୱର ପୂଜାରା। ବୋଲିଂ ମୁଦ୍ରାରେ ଇଶାନ୍ତ ଶର୍ମା।

**ଇନ୍ଦୋର, ୧୨।୧୧(ପି.ଟି.)**

ଭାରତ ଓ ବାଂଲାଦେଶ ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ଏଠାରେ ଗୁରୁବାରଠାରୁ ଆରମ୍ଭ ହେବ। ଏହାପରେ କଲିକତାର ଇଡେନ ଗାର୍ଡେନରେ ଦ୍ୱିତୀୟ ଟେଷ୍ଟ ୨୨ ତାରିଖରୁ ଖେଳାଯିବ। କୋଲକାତାରେ ଭାରତ ପ୍ରଥମଥର ପାଇଁ ଦିବାରାତ୍ର ଟେଷ୍ଟ ଖେଳିବାକୁ ଯାଉଥିବାରୁ ଏଠାରେ ଉଭୟ ପିଙ୍କ୍ ଏବଂ ରେଡ୍ ବଲ୍‌ରେ ଅଭ୍ୟାସ କରିଛି। ନେଟ୍ସ ସେସନରେ ପ୍ରଥମେ ଅଧିନାୟକ ବିରାଟ କୋହଲି ପିଙ୍କ୍ ବଲ୍‌ରେ ପ୍ରାକ୍ଟିସ କରି ଅଭିଜ୍ଞତା ହାସଲ କରିଛନ୍ତି। ପରେ ଅନ୍ୟ ଖେଳାଳିମାନେ ମଧ୍ୟ ତାହା କରିଛନ୍ତି।

ଭାରତୀୟ ଦଳ ଫ୍ଲଡ୍ ଲାଇଟ୍‌ରେ ନେଟ୍ସ କରିନାହିଁ। ଦିନରେ ପାରମ୍ପରିକ ରେଡ୍ ବଲ୍ ଅଭ୍ୟାସ ସେସନରେ ସେମାନେ ଏସଜି ପିଙ୍କ୍ ବଲ୍ ଥ୍ରୋ କରି ଅଭ୍ୟାସ କରିଛନ୍ତି। ଭାରତୀୟ ଦଳର ଅଭ୍ୟାସ ପାଇଁ ଗ୍ରାଉଣ୍ଡରେ ତିନୋଟି ନେଟ୍ ଲଗାଯାଇଛି। ଗୋଟିଏ ଦ୍ରୁତ ବୋଲରଙ୍କ ପାଇଁ, ଗୋଟିଏ ସ୍ପିନରଙ୍କ ପାଇଁ ଏବଂ ଆଉ ଗୋଟିଏ ଥ୍ରୋ କରିବା ପାଇଁ। ଟିମ୍ ମ୍ୟାନେଜମେଣ୍ଟର ଅନୁରୋଧକ୍ରମେ ଥ୍ରୋଡାଉନ୍ ନେଟ୍‌କୁ ପଡ଼ିଆର ଅନ୍ୟ ଏକ ଦିଗରେ ଲଗା ଯାଇଛି। ସେଠାରେ ସ୍ୱତନ୍ତ୍ର ପ୍ରାକ୍ଟିସ ଟର୍ଫ ଏବଂ କଳା ସାଇଟ୍–ସ୍କ୍ରିନ୍ ଲଗାଯାଇଛି। ଥ୍ରୋଡାଉନ୍ ସ୍ପେଶାଲିଷ୍ଟ ରାଘବେନ୍ଦ୍ର ଓ ଶ୍ରୀଲଙ୍କାର ନୁଆନ ସେନାଭିରତ୍ନେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତୀୟ ଦଳର ନେଟ୍ସ ସେସନ ଅନୁଷ୍ଠିତ ହୋଇଛି। ଅଧିନାୟକ ବିରାଟ ଡିଫେନ୍ସିଭ୍ ଶଟ୍ ଖେଳିବାରେ ମନୋନିବେଶ କରିଥିଲେ ଏବଂ ପିଙ୍କ୍ ବଲ୍‌କୁ ସହଜରେ ଖେଳିଥିଲେ। ଯୁବ ରିଜର୍ଭ ଓପନର ଶୁବମନ ଗିଲ୍ ବାଉନ୍ସ ବଲ୍‌କୁ ହିଟ୍ କରିଥିଲେ। ପ୍ରଥମ ଟେଷ୍ଟ ପୂର୍ବରୁ ଭାରତ ଟ୍ରେନିଂ ପାଇଁ ମାତ୍ର ୨ ଦିନ ସମୟ ପାଇଛି। ହାତରେ ଅଧିକ ସମୟ ନ ଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନସିଏ)ରେ ରାହୁଲ ଦ୍ରାବିଡ଼ଙ୍କ ତତ୍ତ୍ୱାବଧାନରେ ଅଜିଙ୍କ୍ୟ ରାହାନେ, ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା ଓ ମହମ୍ମଦ ସାମିଙ୍କ ପରି ଟେଷ୍ଟ ସ୍ପେଶାଲିଷ୍ଟଙ୍କ ପାଇଁ ଲାଇଟ୍‌ରେ ନେଟ୍ସର ବ୍ୟବସ୍ଥା କରାଯାଇଛି।

### ନେଟ୍ସରେ ଭୁବନେଶ୍ୱର

ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି ଓ ସାଇଡ୍ ଷ୍ଟ୍ରେନ୍‌ରୁ ସୁସ୍ଥ ହୋଇଥିବା ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଭାରତୀୟ ଦଳର ସ୍କିଲ୍ ସେସନରେ ଯୋଗଦେଇ ନିଜକୁ ପରୀକ୍ଷା କରିଛନ୍ତି। ଭୁବନେଶ୍ୱର ଏବେ ରିହାବିଲିଟେଶନର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ତେଣୁ ସେ କେତେ ପରିମାଣରେ ସୁସ୍ଥ ହୋଇଛନ୍ତି ତାହା ଟିମ୍ ମ୍ୟାନେଜମେଣ୍ଟ ମଧ୍ୟ ପରୀକ୍ଷା କରିଛି। ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ଦିନିକିଆ କ୍ରିକେଟ ସିରିଜ ଅବସରରେ ଭୁବନେଶ୍ୱର ଆହତ ହୋଇଥିଲେ। ଏହାପରେ ସେ ଏନସିଏରେ ରିହାବିଲିଟେଶନ ପ୍ରୋଗ୍ରାମରେ ସାମିଲ ହୋଇଥିଲେ। ''ଭୁବି ସ୍କିଲ୍ ସେସନରେ ଭାଗ ନେବାକୁ ଏଠାକୁ ଆସିଛନ୍ତି। ସେ କେତେ ଫିଟ୍ ହୋଇଛନ୍ତି ତାହା ଟିମ୍ ମ୍ୟାନେଜମେଣ୍ଟ ଦେଖିବାକୁ ଚାହୁଁଛି'' ବୋଲି ଦଳୀୟ ସୂତ୍ରରୁ ପ୍ରକାଶ କରାଯାଇଛି। ଭୁବନେଶ୍ୱର ପ୍ରଥମେ ଫିଲ୍ଡିଂ କୋଚ୍ ଆର. ଶ୍ରୀଧରଙ୍କ ସହିତ କିଛି ସମୟ ଆଲୋଚନା କରିବାପରେ ନେଟ୍ସରେ କିଛି ସମୟ ପାଇଁ ଯୋଗ ଦେଇଥିଲେ। ସେ ଫୁଲ୍ ରନ୍–ଅପ୍‌ରେ କିଛି ବଲ୍ ପକାଇଥିଲେ ହେଁ ପୂରା ଫିଟ୍ ନ ଥିବା ଜଣା ପଡ଼ିଥିଲା। ଯଶପ୍ରୀତ ବୁମ୍‌ରାଙ୍କ ଉପରୁ କାର୍ଯ୍ୟଭାର ହ୍ରାସ କରିବା ପାଇଁ ମ୍ୟାନେଜମେଣ୍ଟ ଭୁବନେଶ୍ୱରଙ୍କ ଉପରେ ନଜର ରଖିଛି। ତେବେ ସେ ପୂରା ଫିଟ୍ ହେବାପରେ ଯାହାକିଛି ନିଷ୍ପତ୍ତି ନିଆଯାଇପାରିବ। ଭୁବନେଶ୍ୱରଙ୍କୁ ଫିଟ୍ କରାଇବା ପାଇଁ ଫିଜିଓ ନୀତୀନ ପଟେଲ ଓ ଟ୍ରେନର ନିକ୍ ୱେବ୍‌ଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରହିବ।

## ଶେନ ୱାଟ୍‌ଶନ ଏସିଏ ସଭାପତି



**ମେଲବୋର୍ନ,୧୨।୧୧:** ପୂର୍ବତନ ଅଷ୍ଟ୍ରେଲିଆନ ଅଲରାଉଣ୍ଡର ଶେନ ୱାଟଶନ ଅଷ୍ଟ୍ରେଲିଆନ୍ କ୍ରିକେଟର୍ସ ଆସୋସିଏଶନ (ଏସିଏ)ର ସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ସିଡ୍‌ନୀଠାରେ ଅନୁଷ୍ଠିତ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ତାଙ୍କୁ ନିଯୁକ୍ତ କରାଯାଇଛି। ୱାଟଶନ ଏବେ ୧୦ ଜଣିଆ ବୋର୍ଡର ସଦସ୍ୟ ଅଛନ୍ତି। ଏହି ଆସୋସିଏଶନରେ ଆହୁରି ୩ ନୂଆ ନିଯୁକ୍ତ ହୋଇଛି। ଅଷ୍ଟ୍ରେଲିଆନ ଖେଳାଳି ପ୍ୟାଟ କମିନ୍ସ, କ୍ରିଷ୍ଟିନ ବିମ୍ସ ଓ ପୂର୍ବତନ କ୍ରିକେଟର ଲିସା ଷ୍ଟାଲେକର ନିଯୁକ୍ତି ପାଇଛନ୍ତି। ଏସିଏ ସଭାପତି ହେବା ମୋ ପାଇଁ ସମ୍ମାନର ବିଷୟ। ପୂର୍ବରୁ ଏହି ପଦରେ ଥିବା ବ୍ୟକ୍ତିମାନଙ୍କ ସ୍ଥାନ ମୋତେ ନେବାକୁ ପଡ଼ିବ। କ୍ରିକେଟର ଉନ୍ନତି ଦିଗରେ କାର୍ଯ୍ୟ କରିବା ଲାଗି ମୁଁ ଉତ୍ସାହିତ ଥିବା ୱାଟଶନ କହିଛନ୍ତି।

# ଦୀପକଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି

**ଥିରୁଭାନନ୍ତପୁରମ,୧୨।୧୧**



୨୭ ବର୍ଷୀୟ ଭାରତୀୟ ମଧ୍ୟଗତିର ବୋଲର ଦୀପକ ଚହର ୩ ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ହ୍ୟାଟ୍ରିକ ଉଇକେଟ ହାସଲ କରିବାରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି। ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟରେ ମଙ୍ଗଳବାର ବିଦର୍ଭ ବିପକ୍ଷ ମ୍ୟାଚ୍‌ରେ ରାଜସ୍ଥାନର ଏହି ଉଦୀୟମାନ ବୋଲର ଗୋଟିଏ ଓଭରରେ ୪ ଉଇକେଟ୍ ନେଇଥିଲେ। ଏପରିକି ସେ ଏକ ହ୍ୟାଟ୍ରିକ ସୃଷ୍ଟି କରିଥିଲେ ମଧ୍ୟ ୱାଇଡ୍ ବଲ୍ ଯୋଗୁ ପୁଣି ହ୍ୟାଟ୍ରିକ ଉଇକେଟ ସଫଳତା ପାଇପାରି ନାହାନ୍ତି। ପ୍ରଭାବୀ ବୋଲିଂ ସତ୍ତ୍ୱେ ଦୀପକ କିନ୍ତୁ ତାଙ୍କ ଟିମ୍‌କୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଏହି ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ରାଜସ୍ଥାନ ୧ ରନରେ ପରାସ୍ତ ହୋଇଥିଲା।

ସ୍ଥାନୀୟ ଗ୍ରୀନଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଗ୍ରୁପ୍–ବି'ର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବିଦର୍ଭ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। କିନ୍ତୁ ମ୍ୟାଚ୍ ମଝିରେ ବର୍ଷା ହେବାରୁ ଏହାକୁ ୧୩ ଓଭର ବିଶିଷ୍ଟ କରାଯାଇଥିଲା। ଅଧିନାୟକ ଚହରଙ୍କ ବୋଲିଂକୁ ସାମ୍ନା କରି ନ ପାରି ବିଦର୍ଭ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ହରାଇ ୯୯ ରନ କରିଥିଲା। ଅନ୍ତର୍ଜାତୀୟ ଟି୨୦ରେ ଦେଶର ପ୍ରଥମ ପୁରୁଷ ଖେଳାଳି ଭାବେ ହ୍ୟାଟ୍ରିକ ନେଇଥିବା ଚହର ୩ ଓଭରରେ ୧୮ ରନ୍ ବ୍ୟୟ କରି ୪ ଉଇକେଟ ହାତେଇଛନ୍ତି। ଏହି ୪ଟି ଯାକ ଉଇକେଟ୍ ସେ ଗୋଟିଏ ଓଭରରେ ନେଇଥିଲେ। ବିଦର୍ଭ ଇନିଂସର ଅନ୍ତିମ ତଥା ୧୩ତମ ଓଭର ବୋଲିଂ କରିଥିବା ଦୀପକ ପ୍ରଥମ ବଲରେ ରୂପେଲ ରାଠୋର (୩ ରନ)ଙ୍କୁ ଭାଇ ରାହୁଲ ଚହରଙ୍କ ହାତରେ କ୍ୟାଚ୍ କରାଇନେଇଥିଲେ। ଏହାପରେ ଓଭର ଅନ୍ତିମ ୩ଟି ବଲରେ ସେ ଯଥାକ୍ରମେ ଦର୍ଶନ ନାଲକାଣ୍ଡେ (୦), ଶ୍ରୀକାନ୍ତ ୱାଗ (୧୩) ଓ ଅକ୍ଷୟ ୱାଦ (୦)ଙ୍କୁ ଆଉଟ୍ କରିଥିଲେ। କିନ୍ତୁ ଦର୍ଶନଙ୍କ ଉଇକେଟ୍ ନେବାପରେ ସେ ଏକ ୱାଇଡ୍ ବଲ୍ ପକାଇଥିଲେ। ଫଳରେ ନିୟମ ଅନୁଯାୟୀ ଲଗାତର ୩ଟି ବଲରେ ଉଇକେଟ୍ ନେଇପାରି ନ ଥିବାରୁ ଏହା ହ୍ୟାଟ୍ରିକ ଭାବେ ଗଣାଯାଇ ନାହିଁ।

ଏହାପରେ ଭିଜେଡି ମେଥଡରେ ରାଜସ୍ଥାନ ସମ୍ମୁଖରେ ୧୦୭ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଜବାବରେ ରାଜସ୍ଥାନ ଓପନର୍ ମନିନ୍ଦର ସିଂ (୪୪ ରନ, ୧୭ ବଲ, ୬ ଛକା)ଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ୮ ଉଇକେଟ୍ ହରାଇ ୧୦୫ ରନ କରିବାକୁ ସମର୍ଥ ହୋଇଥିଲା। ଉଲ୍ଲେଖଥାଉ କି, ଗତ ରବିବାର ବାଂଲାଦେଶ ବିପକ୍ଷ ଅନ୍ତିମ ତଥା ତୃତୀୟ ଟି୨୦ରେ ସେ ମାତ୍ର ୭ ରନ୍ ଦେଇ ୬ ଉଇକେଟ ନେଇ ବିଶ୍ୱରେକର୍ଡ ଅଧିକାରୀ ହୋଇଥିଲେ। ଏଥିରେ ତାଙ୍କର ହ୍ୟାଟ୍ରିକ ମଧ୍ୟ ରହିଥିଲା। ଦୀପକଙ୍କ ଏହି ମାରାତ୍ମକ ସ୍ପେଲ ଯୋଗୁ ଭାରତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨–୧ ବ୍ୟବଧାନରେ ଜିତି ନେଇଥିଲା।

## ମନୀଷଙ୍କ ଚୌକା, ଛକା ଭରା ଶତୀକାୟ ଇନିଂସ

**ବିଜୟନଗରମ୍,୧୨।୧୧:** ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟରେ ମଙ୍ଗଳବାର ସର୍ଭିସେସ ଓ କର୍ନାଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ମନୀଷ ପାଣ୍ଡେ କେବଳ ବାଉଣ୍ଡ୍ରିରେ ହିଁ ଶତକ କରିଛନ୍ତି। ମାତ୍ର ୫୪ ବଲର ସମ୍ମୁଖୀନ ହୋଇଥିବା କର୍ନାଟକ ଦଳର ଅଧିନାୟକ ଅପରାଜିତ ୧୨୯ ରନ୍ କରିଥିଲେ। ତାଙ୍କ ବିସ୍ଫୋରକ ଇନିଂସରେ ୧୨ ଚୌକା ଓ ୧୦ ଛକା ସାମିଲ ଥିଲା। କେବଳ ଚୌକା ଓ ଛକାକୁ ମିଶାଇଲେ ସେ ମାତ୍ର ୨୨ ବଲରେ ୧୦୮ ରନ୍ କରିଥିଲେ। ଟି୨୦ ଫର୍ମାଟରେ ଏଭଳି ଶତକ କରିବାର ଘଟଣା ଖୁବକମ୍ ଦେଖିବାକୁ ମିଳେ। ଏହା ପାଣ୍ଡେଙ୍କ ଦ୍ୱିତୀୟ ଟି୨୦ ଶତକ। ତାଙ୍କର ଏଭଳି ଇନିଂସ ଯୋଗୁ କର୍ନାଟକ ଦଳ ୮୦ ରନ୍‌ରେ ସର୍ଭିସେସକୁ ହରାଇ ଦେଇଛି। କର୍ନାଟକ ଧାର୍ଯ୍ୟ ୨୦ ଓଭରରେ ୩ ଉଇକେଟ ହରାଇ ୨୫୦ ରନ୍ କରିଥିଲା। ଜବାବରେ ସର୍ଭିସେସ ଶେ ପର୍ଯ୍ୟନ୍ତ ବ୍ୟାଟିଂ କରି ୭ ଉଇକେଟ କ୍ଷତିରେ ୧୭୦ ରନ୍ କରିବାକୁ ସକ୍ଷମ ହୋଇଥିଲା।

## ଗଳି କ୍ରିକେଟ୍ ଖେଳିଲେ କୋହଲି



ପିଲାଙ୍କ ଗହଣରେ ବିରାଟ କୋହଲି।

**ଇନ୍ଦୋର, ୧୨।୧୧:** ଭ୍ରମଣକାରୀ ବାଂଲାଦେଶ ଓ ଭାରତ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଗୁରୁବାରଠାରୁ ସ୍ଥାନୀୟ ହୋଲ୍‌କର କ୍ରିକେଟ୍ ଷ୍ଟାଡିୟମରେ ଆରମ୍ଭ ହେବ। ତେବେ ଏଥିପୂର୍ବରୁ ଭାରତୀୟ ଅଧିନାୟକ ବିରାଟ କୋହଲି ଛୋଟ ପିଲାଙ୍କ ସହ ଗଳି କ୍ରିକେଟ୍ ଖେଳୁଥିବାର ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓରେ କୋହଲି ଇନ୍ଦୋରର ଏକ ରେସିଡେନ୍ସ କମ୍ପ୍ଲେକ୍ସ ବାହାରେ ଛୋଟ ପିଲାଙ୍କ ସହିତ କ୍ରିକେଟ୍ ଖେଳୁଛନ୍ତି। ଜିନ୍ସ ଓ ଟି–ଶାର୍ଟ ପରିଧାନ କରି କୋହଲି ସ୍କୋୟାର କଟ୍, ଅଫ୍ ସାଇଡ୍ ଓ ଷ୍ଟେପ୍ ଆଉଟ୍ କରି ବୋଲର ମୁଣ୍ଡ ଉପରେ ଶଟ୍ ମାରୁଥିବା ଦେଖାଯାଇଛି। ଏହାପରେ କୋହଲି ବ୍ୟାଟ୍ ଧରି ଦୌଡ଼ିଥିବାବେଳେ ପିଲାମାନେ ମଧ୍ୟ ତାଙ୍କ ପଛରେ ପଶ୍ଚାତଧାବନ କରିଥିଲେ। ତେବେ ଏହା ଏକ ବିଜ୍ଞାପନର ଶୁଟିଂ ରହିଥିଲା ବୋଲି ଜଣାପଡ଼ିଛି। ଯେଉଁଥିରେ କୋହଲି ଓ କିଛି ଛୋଟପିଲା ଅଂଶଗ୍ରହଣ କରିଥିଲେ। ପ୍ରକାଶଯୋଗ୍ୟ, ବାଂଲାଦେଶ ବିପକ୍ଷ ସୀମିତ ଓଭର ସିରିଜରୁ କୋହଲିଙ୍କୁ ବିଶ୍ରାମ ଦିଆଯାଇଥିଲା। ଟେଷ୍ଟ ସିରିଜ ପାଇଁ ସେ ଉପଲବ୍ଧ ରହିବେ।

# ମା'ଙ୍କ ବିୟୋଗ ସତ୍ତ୍ୱେ ଫେରିଲେନି ନସୀମ

**ପର୍ଥ, ୧୨।୧୧**



ପାକିସ୍ତାନ ଯୁବ ଦ୍ରୁତ ବୋଲର ନସୀମ ଶାହ।

ଅଷ୍ଟ୍ରେଲିଆ ଗସ୍ତରେ ଥିବା ପାକିସ୍ତାନର ଦଳର ଯୁବ ଦ୍ରୁତ ବୋଲର ନସୀମ ଶାହଙ୍କ ପାଇଁ ମଙ୍ଗଳବାର ବେଶ୍ ଦୁଃଖଦାୟକ ସମୟ ରହିଥିଲା। ସୋମବାର ବିଳମ୍ବିତ ରାତିରେ ମା'ଙ୍କ ବିୟୋଗ ଘଟିଥିବା ଖବର ନସୀମ ଜାଣିବାକୁ ପାଇଥିଲେ। ତେବେ ଜିଓ ନ୍ୟୁଜ୍ ରିପୋର୍ଟ ମୁତାବକ 'ଦୂରତା ଓ ସମୟସାପେକ୍ଷ' ଲାଗି ୧୬ ବର୍ଷୀୟ ନସୀମ ପାକିସ୍ତାନ ନ ଫେରି ଅଷ୍ଟ୍ରେଲିଆରେ ଜାତୀୟ ଦଳ ସହ ରହିବାକୁ ନିଷ୍ପତ୍ତି ନେଇଥିଲେ। ପାକିସ୍ତାନରେ ଅବସ୍ଥାପିତ ଥିବା ପରିବାର ସଦସ୍ୟଙ୍କ ସହ କଥାବର୍ତ୍ତା ପରେ ଶାହ ଏହି ଦୃଢ଼ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ପାକିସ୍ତାନ ଓ ଅଷ୍ଟ୍ରେଲିଆ–ଏ ଦଳ ମଧ୍ୟରେ ଚାଲିଥିବା ୨ ଦିନିଆ ଅଭ୍ୟାସ ମ୍ୟାଚ୍‌ର ଅନ୍ତିମ ତଥା ଦ୍ୱିତୀୟ ଦିବସରେ ମଙ୍ଗଳବାର ସମସ୍ତ ଖେଳାଳି ହାତରେ କଳାପଟି ବାନ୍ଧି ଖେଳିଥିଲେ। ଏହି ଡାହାଣହାତୀ ଦ୍ରୁତ ବୋଲର ଅଭ୍ୟାସ ମ୍ୟାଚ୍‌ରେ ଖେଳୁଥିଲେ ମଧ୍ୟ ପାକିସ୍ତାନ ପ୍ରଥମ ଇନିଂସରେ ବ୍ୟାଟିଂ କରିବାକୁ ଆସି ନ ଥିଲେ। ସେହିଭଳି ଅଷ୍ଟ୍ରେଲିଆ–ଏ ଇନିଂସରେ ମଧ୍ୟ ବୋଲିଂ କରିବାକୁ ସେ ପଡ଼ିଆକୁ ଓହ୍ଲାଇ ନ ଥିଲେ। ଏହି ଅଭ୍ୟାସ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଆସନ୍ତା ୨୧ରୁ ବ୍ରିସବେନରେ ଆରମ୍ଭ ହେବ।

## ଦୁର୍ବଳତା ଓ ସାମର୍ଥ୍ୟ

**ଗୌତମ ଗମ୍ଭୀର**

ଡିସେମ୍ବର ୧ତାରିଖରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ବସିବ। ଏଥିରେ ଯେପରି ନବ ନିର୍ବାଚିତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇପାରିବ ତାହାର ଉପାୟ ବାହାର କରିବା ଲାଗି ଆଲୋଚନା ହେବ। ବୈଠକ ପାଇଁ ପ୍ରସ୍ତୁତ କରାଯାଇଥିବା ଏଜେଣ୍ଡାରେ ଏହା ଅନ୍ୟତମ ପ୍ରମୁଖ ପ୍ରସଙ୍ଗ ଭାବେ ପ୍ରକାଶ ପାଇଛି। ଏହା ଦ୍ୱାରା ଆର୍.ଏମ୍. ଲୋଧା କମିଟି ସଂସ୍କାର ପ୍ରତି ବିଦ୍ରୁପ ଭଳି ହେବ। ହେଲେ ପୁଣି କୋର୍ଟକୁ ଯିବା ପରିସ୍ଥିତି ସୃଷ୍ଟି ହେବ ନାହିଁ ବୋଲି ମୋର ବିଶ୍ୱାସ। ବ୍ୟକ୍ତିଗତ ଭାବେ କହିବାକୁ ଗଲେ କର୍ମକର୍ତ୍ତାଙ୍କ ଲାଗି କୁଲିଂ ଅଫ୍ ପିରିୟଡ ବ୍ୟବସ୍ଥାକୁ ନାପସନ୍ଦ କରେ। ଏକଥା ମୁଁ ଅତୀତରେ କହିଛି। ଭାରତୀୟ କ୍ରିକେଟକୁ ଆଗେଇନେବାକୁ ସୌରଭ ଗାଙ୍ଗୁଲିଙ୍କ ଭଳି ଚରିତ୍ରର ଆବଶ୍ୟକତା ରହିଛି। ସେ ଏଭଳି ଜଣେ ବ୍ୟକ୍ତି ଯିଏକି ନିଜର ସାମର୍ଥ୍ୟ ଅପେକ୍ଷା ଦୋଷ ଦୁର୍ବଳତା ସମ୍ପର୍କରେ ଅଧିକ ସଚେତନ। ଏହାକୁ ନେଇ କିପରି କାର୍ଯ୍ୟସାଧନ କରିହେବ ତାହାର ସୂତ୍ର ଜଣା। କିନ୍ତୁ ଲୋଧା ସଂସ୍କାର ଅନୁସାରେ ଦାଦା ୧୦ମାସ ପର୍ଯ୍ୟନ୍ତ ବିସିସିଆଇ ସଭାପତି ପଦବୀରେ ରହିପାରିବେ। ତାଙ୍କ ପ୍ରସ୍ଥାନ ପରେ ଖେଳର ପାଇଁ ଉନ୍ନତି ପାଇଁ ସେ ନେଇଥିବା ପଦକ୍ଷେପ ସମ୍ପୂର୍ଣ୍ଣ ତଥା ସୁଚାରୁ ରୂପେ କାର୍ଯ୍ୟକାରୀ ହୋଇପାରିବ କି ନା ସନ୍ଦେହ।

ନିଜର ଦୁର୍ବଳତା ଓ ସାମର୍ଥ୍ୟ କଥା ଉଠିଲେ ମୋ ମନରେ ଦୀପକ ଚହରଙ୍କ କଥା ଆସୁଛି। ନାଗପୁରରେ ଅନୁଷ୍ଠିତ ଗତ ଟି୨୦ ଗେମ୍‌ରେ ଦୀପକ ଚମତ୍କାରେ ବୋଲିଂ କରିଥିଲେ। ଏହାର କାରଣ ସେ ବ୍ୟାଟ୍ସମ୍ୟାନଙ୍କ ଦୁର୍ବଳତା ଠଉରେଇ ପାରିଥିଲେ। ସେ ଅତି ଶୀଘ୍ର ପରିସ୍ଥିତିକୁ ନେଇ ତାଙ୍କ ଗେମ୍ ପ୍ଲାନ ବଦଳାଇ ପାରିଥିଲେ। ସୁଇଙ୍ଗ ପାଇଁ ସେ ଫୁଲ୍ ଅଫ୍ ଲେନ୍ଥ ପରିବର୍ତ୍ତେ ବ୍ୟାକ୍ ଅଫ୍ ଲେନ୍ଥ ଓ କିମ୍ବା ଶର୍ଟ ବୋଲିଂ କରିଥିଲେ। ବୃହତ୍‌କାୟ ଭିସିଏ ଗ୍ରାଉଣ୍ଡକୁ ନଜରରେ ରଖି ସେ ବୋଲିଂ କରିଥିଲେ। ଏଥିରେ ସେ ସଫଳ ମଧ୍ୟ ହୋଇଥିଲେ। ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିଥିବା ବାଂଲାଦେଶକୁ ହୁଏତ ଏହାର ପରବର୍ତ୍ତୀ ଦୁଇଟି ମ୍ୟାଚରେ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି, କିନ୍ତୁ ସେମାନେ ଲଢୁଆ ପ୍ରଦର୍ଶନ ଦ୍ୱାରା ସେମାନଙ୍କ ସମର୍ଥକମାନଙ୍କୁ ହତାଶ କରିନାହାନ୍ତି। ଭାରତ ଭଳି ଶକ୍ତିଶାଳୀ ଦଳକୁ ସେମାନେ ଟକ୍କର ଦେଇଛନ୍ତି। ଟେଷ୍ଟ ସିରିଜ ମଧ୍ୟ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ମୋର ଆଶା। ସେମାନେ ଶକିବ ଅଲ ହସନଙ୍କୁ ପୁଣି ମିସ୍ କରିବେ। ଏକ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସରେ ଏହି କ୍ୱାଲିଟି ହାମହାତୀ ଅଫ୍ ସ୍ପିନର ବିଶେଷ ଭୂମିକା ଗ୍ରହଣ କରିଥାନ୍ତି। ଶକିବଙ୍କ ବ୍ୟାଟିଂ ସାମର୍ଥ୍ୟ ମଧ୍ୟ ରହିଛି। ଇନ୍ଦୋରର ପିଚ୍ ବ୍ୟାଟିଂ ପାଇଁ ଭଲ। ମାତ୍ର ଛୋଟ ବାଉଣ୍ଡ୍ରି ବିଶିଷ୍ଟ କ୍ରିକେଟ ପଡ଼ିଆକୁ ମୁଁ ପସନ୍ଦ କରି ନ ଥାଏ ଅବଶ୍ୟ ଏଥିରେ ଅଧିକ ଛକା ଦର୍ଶକମାନଙ୍କୁ ଏହା ଆମୋଦିତ କରିଥାଏ। ଇନ୍ଦୋରର ପିଚ୍ ଲକ୍ଷଣ ଯାହା କହୁଛି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଋଦ୍ଧିମାନ ଶାହଙ୍କୁ ଜଣେ ଅଲରାଉଣ୍ଡର ଭାବେ ଦଳରେ ନେବା ଉଚିତ୍। ତାଙ୍କୁ ବ୍ୟାଟିଂ ଅର୍ଡରରେ ନିଆଗଲେ ଭଲ। ଏହା ଏକ ସିରିଜ ହୋଇଥିବାରୁ ଅନ୍ୟ ଜଣେ ଖେଳାଳିଙ୍କ ସ୍ଥାନରେ ସୁଯୋଗ ଦେଇ ତାଙ୍କ ଦକ୍ଷତାକୁ ପରଖି ନେଇହେବ।

*(ଗେମ୍‌ପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)*





“ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଭିଡିଓ ଆସିଷ୍ଟାଣ୍ଟ ରେଫରି (ଭିଏଆର୍) ନିଷ୍ପତ୍ତି ବିବାଦୀୟ ପରିସ୍ଥିତି ସୃଷ୍ଟି କରୁଥିବାରୁ ଏଥିରେ ସୁଧାର ଆଣିବା ଉଚିତ ।

–ଜର୍ଜେନ କ୍ଲୋପ୍, ଲିଭରପୁଲ ଫୁଟ୍‌ବଲ ଟିମ୍ କୋଚ୍



“ମ୍ୟାଚରେ କେବଳ ଗୋଲ ଦେବା ସୁଯୋଗ ସୃଷ୍ଟି କରିବା ଯଥେଷ୍ଟ ନୁହେଁ, ଏଥିରୁ ଯଥା ସମ୍ଭବ ଅଧିକ ସ୍କୋର କରିବା ଆବଶ୍ୟକ ।

–ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଅଧିନାୟକ

## ସଂକ୍ଷେପରେ

### ଜାପାନ ପାରାବ୍ୟାଡ୍‌ମିଣ୍ଟନରେ ଭାଗନେବେ ପ୍ରମୋଦ



**ଭୁବନେଶ୍ୱର, ୧୨।୧୧(କ୍ରୀଡ଼ା ପ୍ରତିନିଧି):** ଜାପାନ ପାରାବ୍ୟାଡ୍‌ମିଣ୍ଟନ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଚଳିତମାସ ୧୩ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ଜାପାନର ଟୋକିଓସ୍ଥିତ ୨୦୨୦ ପାରାଅଲିମ୍ପିକ୍ ଗେମ୍ ପାଇଁ ଉଦ୍ଦିଷ୍ଟ ଷ୍ଟାଡିୟମରେ ଆୟୋଜିତ ହେବ। ଏଥିରେ ବିଶ୍ୱର ୧୯୨ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ପାଇଁ ୧୫ ପ୍ରତିଯୋଗୀ ମନୋନୀତ ହୋଇଥିବାବେଳେ ଓଡ଼ିଶାରୁ ଏକମାତ୍ର ପ୍ରମୋଦ ଭଗତ ଭାଗନେବେ। ଏଥିପାଇଁ ପ୍ରମୋଦ ମଙ୍ଗଳବାର ଟୋକିଓରେ ପହଞ୍ଚି ଯାଇଛନ୍ତି। ‘‘ଆସନ୍ତା ବର୍ଷ ପାରାଅଲିମ୍ପିକ ଗେମ୍ସ ଟୋକିଓରେ ଅନୁଷ୍ଠିତ ହେବ। ତେଣୁ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଜାପାନ ପାରାବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆଗାମୀ ବଡ଼ ଟୁର୍ନାମେଣ୍ଟ ପାଇଁ ଭଲ ପ୍ରସ୍ତୁତି ହୋଇପାରିବ। ସମାନ ଭେନ୍ୟୁରେ ପାରାଅଲିମ୍ପିକ୍ସ ହେବାକୁ ଥିବାରୁ ୨୦୨୦ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଏହି ଟୁର୍ନାମେଣ୍ଟ ସହାୟକ ହେବ’’ ବୋଲି ପ୍ରମୋଦ ପ୍ରକାଶ କରିଛନ୍ତି।

### ଏସିଆନ ୟୁଥ୍ ବକ୍ସିଂ: କ୍ୱାର୍ଟର ଫାଇନାଲରେ ୨ ଭାରତୀୟ

**ଉଲାନବାତର (ମଙ୍ଗୋଲିଆ), ୧୨।୧୧ (ପି.ଟି.):** ଏଠାରେ ଚାଲିଥିବା ଏସିଆନ୍ ୟୁଥ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ୨ ଭାରତୀୟ ବକ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ହେଲେ ଅଙ୍କିତ ନରୱାଲ (୬୦ କିଗ୍ରା) ଓ ଅମନ (+୯୧ କିଗ୍ରା)। ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ଅମନ ୫-୦ରେ ଉଜବେକିସ୍ତାନ ବକ୍ସର ମଖମୁଡୋଭ ମିମୁଖସିନଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅଙ୍କିତ ୩-୨ରେ ଘରୋଇ ପ୍ରତିଯୋଗୀ ତୁଲାଗୋ ଓୟୁନବାତରଙ୍କୁ ମାତ୍ ଦେଇ ଅନ୍ତିମ-୮ରେ ପ୍ରବେଶ କରିଛନ୍ତି। ତେବେ ଅନ୍ୟତମ ଯୁବ ଭାରତୀୟ ବକ୍ସର ମୋହିତ୍ ୭୫କିଗ୍ରା ବର୍ଗରେ ୨-୩ରେ କାଜାଖସ୍ତାନର ବେକଟ୍ସଙ୍କ ନିକଟରୁ ହାରି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅପରପକ୍ଷରେ ମହିଳା ବର୍ଗରେ ଦୁଇ ଭାରତୀୟ ବକ୍ସର କୋମଲପ୍ରୀତ୍ କୌର (+୮୧ କିଗ୍ରା) ଓ ସୁଷମା (୮୧ କିଗ୍ରା) ସିଧାସଳଖ ସେମିଫାଇନାଲରେ ପ୍ରବେଶ କରି ଦେଶ ପାଇଁ ୨ଟି ପଦକ ନିଶ୍ଚିତ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୬ ଦେଶର ମୋଟ୍ ୧୮୦ ବକ୍ସର ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ୧୧୩ ପୁରୁଷ ଓ ୬୭ ମହିଳା ବକ୍ସର ରହିଛନ୍ତି।

# ରୋମାଞ୍ଚକ ମ୍ୟାଚ୍‌ରେ ହାରିଲା ଓଡ଼ିଶା

**ସୟଦ ମୁସ୍ତାକ ଅଲ୍ଲୀ ଟି୨୦**

କଟକ ଅଫିସ,୧୨।୧୧

ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ଏକ ରୋମାଞ୍ଚକର ମ୍ୟାଚ୍‌ରେ ଓଡ଼ିଶା ପରାସ୍ତ ହୋଇଛି। ସୁରଟର ଲାଲଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ମଙ୍ଗଳବାର ଆୟୋଜିତ ମ୍ୟାଚରେ ଓଡ଼ିଶା ୩ ରନରେ ଜମ୍ମୁ-କଶ୍ମୀରଠାରୁ ହାରିଯାଇଛି। ଅନ୍ତିମ ଓଭରରେ ଓଡ଼ିଶାକୁ ବିଜୟୀ ହେବା ନିମନ୍ତେ ୧୨ରନ ଆବଶ୍ୟକ ଥିବା ବେଳେ ଦଳ ୮ରନ କରିବାକୁ ସକ୍ଷମ ହୋଇଥିଲା। ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ସୂର୍ଯ୍ୟକାନ୍ତ ପ୍ରଧାନ ଓ ଅଙ୍କିତ ଯାଦବ ମ୍ୟାଚ୍ ବିଜୟୀ ଇନିଂସ ଖେଳିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଓଡ଼ିଶା ପକ୍ଷରୁ ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୫୧ରନ କରିଥିଲେ। ଆସନ୍ତା ୧୪ରେ ସୌରାଷ୍ଟ୍ର ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।

ଜମ୍ମୁ-କଶ୍ମୀର ଅଧିନାୟକ ପରଭେଜ ରସୁଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଓପନର ଶୁଭମ ଖଜୁରିଆ ୧୩ରନରେ ଅଙ୍କିତ ଯାଦବଙ୍କ ଦ୍ୱାରା ଆଉଟ ହେବା ପରେ ଜତିନ ସତୀଶ ଓ ଶୁଭମ ସିଂ ପ୍ରଥମ ଉଇକେଟ ଯୋଡ଼ିରେ ୮୭ରନ ସଂଗ୍ରହ କରିଥିଲେ। ଏହି ଭାଗୀଦାରି ଓଡ଼ିଶା ଦଳ ଉପରେ ଭାରି ପଡ଼ିଥିଲା। ଜତିନ ୫୮ବଲରୁ ୬୯ରନରେ ଅଧିନାୟକ ଗୋବିନ୍ଦ ପୋଦାରଙ୍କ ଦ୍ୱାରା ରନଆଉଟ ହେବା ପରେ ଶୁଭମ ଓ ଅବଦୁଲ ସାମଦଙ୍କ ଅନ୍ତିମ ଓଭରଗୁଡ଼ିକରେ ଆକ୍ରମଣାତ୍ମକ ଇନିଂସ ଖେଳିଥିଲେ। ଶୁଭମ ୩୯ବଲରୁ ୪୮ ଓ ଅବଦୁଲ ୧୦ବଲରୁ ୨୯ରନ କରିଥିଲେ। ଦଳ ୨ ଉଇକେଟ ବିନିମୟରେ ୧୬୪ରନ କରିଥିଲା। ପ୍ରାରମ୍ଭରୁ ଓଡ଼ିଶା ଚମତ୍କାର ବ୍ୟାଟିଂ କରିଥିବାରୁ ୧୬୫ରନର ବିଜୟ ଲକ୍ଷ୍ୟ ହାସଲ ସହଜସାଧ୍ୟ ମନେ ହେଉଥିଲା। ପ୍ରଥମ ଉଇକେଟରେ ଦଳ ୨୯ରନ ସଂଗ୍ରହ କରିଥିଲା। ଅଧିନାୟକ ଗୋବିନ୍ଦ ୧୦ରନରେ ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ଓଡ଼ିଶା ୭୨ରନ ସଂଗ୍ରହ କରିଥିଲା। ଶୁଭ୍ରାଂଶୁ ସେନାପତି ଓ ସନ୍ଦୀପ ପଟ୍ଟନାୟକ ଏହି ଭାଗୀଦାରି ସୃଷ୍ଟି କରିବା ସହ ୧୩ତମ ଓଭରରେ ଦଳୀୟ ସ୍କୋରକୁ ୧୦୦ଅତିକ୍ରମ କରାଇଥିଲେ। ୨୭ବଲରୁ ୩ ଛକା ଓ ଗୋଟିଏ ଚୌକା ବଳରେ ୩୮ରନ କରିଥିବା ଶୁଭ୍ରାଂଶୁ ବଡ ଶଟ ଖେଳିବାକୁ ଯାଇ ଆବିଦ ମୁସ୍ତାକଙ୍କ ବଲରେ ବାଉଣ୍ଡରି କଡ଼ରେ କ୍ୟାଚ୍ ଆଉଟ ହୋଇଥିଲେ। ପରେ ସନ୍ଦୀପ ୫୧ରନରେ ପ୍ୟାଭିଲିୟନ ଫେରିଥିଲେ। ମଧ୍ୟକ୍ରମରେ କ୍ରିଜକୁ ଆସିଥିବା ଅରବିନ୍ଦ ସିଂ ୨ ଓ ଅଭିଷେକ ରାଉତ ୪ରନରେ ଆଉଟ ହେବା ଫଳରେ ଓଡ଼ିଶା ବିଜୟ ଲକ୍ଷ୍ୟଠାରୁ ପଛରେ ପଡ଼ିଯିବାର ଆଶଙ୍କା ସୃଷ୍ଟି ହୋଇଥିଲା। ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟ ୨ଟି ଛକା ସହାୟତାରେ ୨୪ରନ କରିଥିଲେ। ଦଳ ୧୪୨ରନରେ ୬ଟି ଉଇକେଟ ହରାଇଥିଲା। ନିମ୍ନକ୍ରମରେ ଅଙ୍କିତ ଓ ସୂର୍ଯ୍ୟକାନ୍ତ ଦଳକୁ ବିଜୟୀ କରାଇବାକୁ ପ୍ରୟାସ କରିଥିଲେ। ଅନ୍ତିମ ଓଭରରେ ବିଜୟ ପାଇଁ ୧୨ରନ ଆବଶ୍ୟକ ଥିଲା । ବୋଲର ଆକ୍ୱିବ ନବିଙ୍କ ଦ୍ୱିତୀୟ ବଲରେ ସୂର୍ଯ୍ୟକାନ୍ତ ଏକ ଛକା ମାରିଥିଲେ। ମାତ୍ର ଏହାର ପରବର୍ତ୍ତୀ ବଲରେ ସେ ଆଉଟ ହେବା ଓଡ଼ିଶା ପାଇଁ ମହଙ୍ଗା ପଡ଼ିଥିଲା। ୩ ବଲରୁ ଗୋଟିଏ ଚୌକା ଓ ଗୋଟିଏ ଛକା ବଳରେ ସୂର୍ଯ୍ୟକାନ୍ତ ୧୦ରନ କରିଥିଲେ। ବିଜୟ ପାଇଁ ଓଡ଼ିଶାକୁ ଅନ୍ତିମ ବଲରେ ଦଳକୁ ୫ରନ ଆବଶ୍ୟକ ଥିଲା। ଆକ୍ୱିବ ଏକ ୱାଇଡ ପକାଇଥିଲେ। ପରେ ବିଜୟ ପାଇଁ ୪ରନ ଥିବା ବେଳେ ଶେଷ ବଲ ଡଟ୍ ହୋଇଥିଲା। ୮ ବଲରୁ ଗୋଟିଏ ଛକା ୨ ଚୌକା ବଳରେ ଅଙ୍କିତ ୧୮ରନରେ ଅପରାଜିତ ଥିଲେ। ଦେବବ୍ରତ ପ୍ରଧାନ ୧ରନରେ ଅପରାଜିତ ଥିଲେ। ଜମ୍ମୁ-କଶ୍ମୀର ପକ୍ଷରୁ ଉମର ମୀର, ଆକ୍ୱିବ ନବି, ଆବିଦ ଅହମ୍ମଦ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ ।

**ପଛରେ ପଡ଼ିଲେ ପ୍ରବୀଣ**

ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଥିଲା। ଫଳରେ ଅଭିଜ୍ଞ ଅଲରାଉଣ୍ଡର ସୂର୍ଯ୍ୟକାନ୍ତ, ଅଙ୍କିତ ଯାଦବ ଓ ଦେବବ୍ରତ ପ୍ରଧାନଙ୍କୁ ବ୍ୟାଟିଂ ପାଇଁ ପଠାଯାଇଥିଲା। ହେଲେ ଉଇକେଟ କିପର ପ୍ରବୀଣ ଲୋହାଙ୍କୁ ବ୍ୟାଟିଂ ସୁଯୋଗ ଦିଆଯାଇ ନ ଥିଲା। ପ୍ରବୀଣଙ୍କ ଉପରେ ଦଳର ଭରସା ପାଇ ନ ଥିଲା ବୋଲି ଓସିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

# ଟପ୍-୧୦ରେ ସାଇ ପ୍ରଣୀଥ



**ବିଶ୍ୱ ବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଙ୍ଗ୍**

ନୂଆଦିଲ୍ଲୀ, ୧୨।୧୧(ପି.ଟି.)

ମଙ୍ଗଳବାର ପ୍ରକାଶିତ ବିଶ୍ୱ ବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଙ୍ଗ୍‌ର ପୁରୁଷ ସିଙ୍ଗଲ୍ସ ଟପ୍-୧୦ରେ ସ୍ଥାନ ପାଇଛନ୍ତି ଭାରତର ବି. ସାଇ ପ୍ରଣୀଥ। ସେ ପୂର୍ବ ର୍‍ୟାଙ୍କିଙ୍ଗ୍‌ଠାରୁ ଗୋଟିଏ ପାହାଚ ଉପରକୁ ଉଠି ୧୦ମ ସ୍ଥାନ ଅଧିକାର କରିଛନ୍ତି। ତେବେ କିଡାମ୍ବି ଶ୍ରୀକାନ୍ତ ୩ଟି ସ୍ଥାନ ତଳକୁ ଖସି ୧୩ରେ ପହଞ୍ଚିଛନ୍ତି। ଗତ ଅଗଷ୍ଟରେ ଅନୁଷ୍ଠିତ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ପ୍ରଣୀଥ୍ ବ୍ରୋଞ୍ଜ ପଦକ ପାଇଥିଲେ। ଅନ୍ୟତମ ଭାରତୀୟ ସମୀର ବର୍ମା ଗୋଟିଏ ପାଦ ଉପରକୁ ଉଠି ୧୬ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଜାପାନର କେନ୍‌ତୋ ମୋମୋତା ଏହି ତାଲିକାର ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ମହିଳା ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ୍‌ରେ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ଯଥାକ୍ରମେ ୬ଷ୍ଠ ଓ ୯ମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ପୁରୁଷ ଡବଲ୍ସରେ ସ୍ୱସ୍ତିକ ସାଇରାଜ ରାନ୍‌କିରେଡ୍ଡୀ ଓ ଚିରାଗ ସେଟ୍ଟି ୭ମ ସ୍ଥାନକୁ ଉଠିଛନ୍ତି। ସେମାନେ ପୂର୍ବ ର୍‍ୟାଙ୍କିଙ୍ଗ୍‌ରେ ୯ମ ସ୍ଥାନରେ ଥିଲେ। ଏହି ଭାରତୀୟ ଯୋଡ଼ି ନିକଟ ଅତୀତରେ ଭଲ ପ୍ରଦର୍ଶନ କରି ତା’ର ପୁରସ୍କାର ପାଇଛନ୍ତି। ଗତ ଅକ୍ଟୋବରରେ ଆୟୋଜିତ ଫ୍ରେଞ୍ଚ୍ ଓପନ ବ୍ୟାଡ୍‌ମିଣ୍ଟନର ଫାଇନାଲରେ ପ୍ରବେଶ କରିଥିବାବେଳେ ନିକଟରେ ଅନୁଷ୍ଠିତ ଚାଇନା ଓପନରେ ସେମିଫାଇନାଲରେ ପରାଜିତ ହୋଇଥିଲେ।

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋ

# ଉତ୍କଳକୁ ସର୍ବଭାରତୀୟ ଯୋଗ୍ୟତା

**ଭୁବନେଶ୍ୱର, ୧୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ପଶ୍ଚିମବଙ୍ଗର କଲ୍ୟାଣୀଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଖୋ-ଖୋ ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ଫଳରେ ଦଳ ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଖୋ-ଖୋ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟତା ହାସଲ କରିଛି। ଲିଗ୍ ମ୍ୟାଚରେ ଉତ୍କଳ ବିଶ୍ୱବିଦ୍ୟାଳୟ ଭିବିଏସ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟକୁ ୧ ଇନିଂସ ୧ ପଏଣ୍ଟରେ ହରାଇ ଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟ ଓ ଆୟୋଜକ କଲ୍ୟାଣୀ ବିଶ୍ୱବିଦ୍ୟାଳୟଠାରୁ ଯଥାକ୍ରମେ ୫ ଓ ୩ ପଏଣ୍ଟ ରେ ପରାସ୍ତ ହୋଇ ତୃତୀୟ ସ୍ଥାନ ଲାଭ କରିଛି। ପୂର୍ବରୁ ଏକ ଗ୍ରୁପ ଫାଇନାଲ ମ୍ୟାଚରେ ଉତ୍କଳ ପଶ୍ଚିମବଙ୍ଗର ବିଦ୍ୟାସାଗର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟତା ଲାଭ କରିଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରିଥିବା ଖେଳାଳି ମାନେ ହେଲେ ସସ୍ମିତା ନାଥଶର୍ମା, ରୂପାଲୀ ସୂତାର, ଶ୍ରଦ୍ଧାଞ୍ଜଳି ସାହୁ, ତୃପ୍ତିମୟୀ ସେନାପତି, ଜୟଶ୍ରୀ ବଳ, ଅନୁରାଧା ରଣା, ମଧୁସ୍ମିତା ଓଝା, ପ୍ରତିମା ମଲିକ, ରଶ୍ମିତା ଭୋଇ, ସୋନିଆ ସ୍ୱାଇଁ, ପିଙ୍କି ସ୍ୱାଇଁ , ରୂପାଲୀ ପ୍ରଧାନ। ମ୍ୟାନେଜର: ରବି ନାରାୟଣ ପ୍ରଧାନ, କୋଚ୍: ଚିନ୍ତାମଣି ପ୍ରଧାନ, ସହକାରୀ କୋଚ :ସସ୍ମିତା ଓଝା। ଏହି ସଫଳତା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର କୁମାର ପଟ୍ଟନାୟକ, କୁଳସଚିବ ଦୟାନିଧି ନାୟକ ଓ କ୍ରୀଡା ପରିଷଦର ନିର୍ଦ୍ଦେଶକ ପ୍ରଫେସର ମହେଶ୍ୱର ସାହୁ ମହିଳା ଖୋ-ଖୋ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ଅତିଥିଙ୍କ ଗହଣରେ ଟ୍ରଫି ସହ ଉତ୍କଳ ବିଶ୍ୱବିଦ୍ୟାଳୟର ଖେଳାଳିମାନେ।




କୋଲକାତାରେ ଅନୁଷ୍ଠିତ ସର୍ବଭାରତୀୟ ବେଟନ୍ କପ୍ ହକି ଟୁର୍ନାମେଣ୍ଟ ଚାମ୍ପିୟନ ଇଣ୍ଡିଆନ ଅଏଲ ଦଳ ଟ୍ରଫି ସହ।

## ଆନ୍ତଃଜିଲା ଭଲିବଲ ୨୩ରୁ

**ଭୁବନେଶ୍ୱର, ୧୨।୧୧ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ତତ୍ତ୍ୱାବଧାନରେ ୬୮ତମ ଆନ୍ତଃଜିଲା ସିନିୟର ଭଲିବଲ ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ) ଚଳିତମାସ ୨୩ରୁ ୨୬ ପର୍ଯ୍ୟନ୍ତ ପାରାଦୀପଠାରେ ଅନୁଷ୍ଠିତ ହେବ। ପାରାଦୀପ ପୋର୍ଟ ଟ୍ରଷ୍ଟସ୍ଥିତ ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ହେବାକୁଥିବା ଏହି ପ୍ରତିଯୋଗିତାରେ ଆସୋସିଏଶନ ସହ ଅନୁବନ୍ଧିତ ଜିଲା, ୟୁନିଟ ଓ ଆସୋସିଏଶନର ଦଳଗୁଡ଼ିକ ଭାଗନେବ। ଆଗ୍ରହୀ ଦଳଗୁଡ଼ିକ ଆସନ୍ତା ୧୬ ତାରିଖ ମଧ୍ୟରେ ଓଭିଏ ସମ୍ପାଦକ ଡ. ଗଗନେନ୍ଦୁ ଦାଶଙ୍କ ନିକଟକୁ ଏଣ୍ଟ୍ରି ପଠାଇବା ପାଇଁ କୁହା ଯାଇଛି। ଏହାପରେ ସେମାନେ ଆବଶ୍ୟକ କାଗଜପତ୍ର ସହ ଆୟୋଜକ କମିଟି ସମ୍ପାଦକ ବବୁଲ ସିକ୍‌ଦାରଙ୍କ ନିକଟରେ ୨୩ ତାରିଖରେ ରିପୋର୍ଟ କରିବା ଆବଶ୍ୟକ ବୋଲି ପ୍ରକାଶ କରାଯାଇଛି।

# ୱେଷ୍ଟଇଣ୍ଡିଜର କ୍ଲିନ୍ ସୁଇପ୍

**ଲକ୍ଷ୍ନୌ, ୧୨।୧୧:** ସୋମବାର ଏଠାରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜ ୫ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଆଫଗାନିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୫୦ ରନ ବିଜୟ ଲକ୍ଷ୍ୟର ପିଛା କରି ୱେଷ୍ଟଇଣ୍ଡିଜ ଶାଇ ହୋପ୍‌ଙ୍କ ଶତକ ସହାୟତାରେ ୪୮.୫ ଓଭରରେ ୫ ଉଇକେଟ ହରାଇ ୨୫୩ ରନ ସଂଗ୍ରହ କରି ନେଇଥିଲା। ଏଥିସହ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜକୁ କ୍ଲିନ୍ ସୁଇପ୍ କରିଛି ୱେଷ୍ଟଇଣ୍ଡିଜ। ହୋପ୍ ମ୍ୟାନ ଅଫ ଦି ମ୍ୟାଚ ଏବଂ ରଷ୍ଟନ ଚେଜ୍ ପ୍ଲେୟର ଅଫ ଦି ସିରିଜ ହୋଇଛନ୍ତି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ୫୦ ଓଭରରେ ୭ ଉଇକେଟ ହରାଇ ୨୪୯ ରନ କରିଥିଲା। ଅସଗର ଆଫଗାନ ସର୍ବାଧିକ ୮୬, ହଜ୍ରାତୁଲ୍ଲା ଜାଜାଇ ୫୦ ଓ ମହମ୍ମଦ ନବି ୫୦* ରନ ସ୍କୋର କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ କେମୋ ପଲ୍ ସର୍ବାଧିକ ୩ଟି ଓ ଅଲଜାରି ଜୋସେଫ ୨ଟି ଉଇକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ହୋପ୍ (୧୦୯ରନ, ୧୪୫ ବଲ, ୮ ଚୌକା, ୩ ଛକା)ଙ୍କ ଶତକ ଏବଂ ଚେଜ୍‌ଙ୍କ ଅପରାଜିତ ୪୨ ରନ ସହାୟତାରେ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ବ୍ରେଣ୍ଡନ କିଙ୍ଗ୍ ୩୯ ଓ ଅଧିନାୟକ କେରନ ପୋଲାର୍ଡ ୩୨ ରନ କରିଥିଲେ। ଆଫଗାନିସ୍ତାନ ବୋଲରଙ୍କ ମଧ୍ୟରୁ ମୁଜିବ ଉର୍ ରହମାନ ସର୍ବାଧିକ ୨ଟି ଉଇକେଟ ପାଇଥିଲେ।

**ପୋଲାର୍ଡଙ୍କ ଚାଲାକି**

ୱେଷ୍ଟଇଣ୍ଡିଜ ଦଳର ଅଧିନାୟକ କିରନ ପୋଲାର୍ଡ ଏଠାରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ନିଜ ଚାଲାକିର ନମୁନା ଦେଖାଇଛନ୍ତି। ଆଫଗାନିସ୍ତାନ ଇନିଂସର ୨୫ତମ ଓଭରରେ ନୋ ବଲ ଦେବା ପରେ ଅମ୍ପାୟରଙ୍କୁ ବାଧ୍ୟ ହୋଇ ନିଷ୍ପତ୍ତି ପରିବର୍ତ୍ତନ କରିବାକୁ ପଡ଼ିଥିଲା। ୨୫ତମ ଓଭରର ପ୍ରଥମ ବଲ ପକାଇବାବେଳେ ପୋଲାର୍ଡ ଧାର୍ଯ୍ୟ ସୀମା ଅତିକ୍ରମ କରି ଯାଇଥିଲେ। ଫଳରେ ଅମ୍ପାୟର ନୋ ବଲ ଡାକି ଥିଲେ। କିନ୍ତୁ ଏହା ଶୁଣିବା ପରେ ପୋଲାର୍ଡ ବଲ ପକାଇ ନ ଥିଲେ। ଏଥିଯୋଗୁ ଅମ୍ପାୟର ବଲକୁ ଡେଡ୍ ବଲ ଘୋଷଣା କରିଥିଲା। ଏହି ଘଟଣା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। ପୋଲାର୍ଡ ୫ ଓଭର ବୋଲିଂ କରି ୨୦ ରନ୍ ଦେଇ ଉଇକେଟ ଶୂନ୍ୟ ରହିଥିଲେ। କିନ୍ତୁ ବ୍ୟାଟିଂରେ ୨୬ ବଲରେ ୩୨ ରନ୍ କରିଥିଲେ।

# ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ପାଇଁ ପ୍ରସ୍ତୁତି ଆରମ୍ଭ

କଟକ ଅଫିସ,୧୨।୧୧

- ବାରବାଟୀରେ ଫ୍ଲଡ୍‌ଲାଇଟ୍ ମରାମତି
- ଗ୍ୟାଲେରି ଅନୁଧ୍ୟାନ କଲା ସରକାରୀ ଏଜେନ୍ସି




ଡିସେମ୍ବର ୨୨ରେ ହେବାକୁ ଥିବା ଭାରତ-ୱେଷ୍ଟଇଣ୍ଡିଜ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ପୂର୍ବରୁ ଷ୍ଟାଡିୟମର ନବକଳେବର ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କର୍ତ୍ତୃପକ୍ଷ ତତ୍ପର ହୋଇଛନ୍ତି। ଭାଙ୍ଗିରୁଜି ଯାଇଥିବା ଷ୍ଟାଡିୟମର ଫ୍ଲଡଲାଇଟ୍ ଗୁଡ଼ିକ ମରାମତି ଆରମ୍ଭ ହୋଇଛି। ସୋମବାର ସନ୍ଧ୍ୟାରେ ଫ୍ଲଡଲାଇଟ୍ ବଲ୍ବ ପହଞ୍ଚିଛି। ଅନ୍ୟପକ୍ଷରେ ଗ୍ୟାଲେରି ନଂ-୭ର ମରାମତି କରିବାକୁ ଏକ ସରକାରୀ ଏଜେନ୍ସି ମଙ୍ଗଳବାର ଅନୁଧ୍ୟାନ କରି ଫେରିଛି। ଗୁରୁବାର ଆଉ ଏକ ଏକ ସରକାରୀ ଏଜେନ୍ସି ଏହି ଗ୍ୟାଲେରି ଅନୁଧ୍ୟାନ କରିବାକୁ ଆସିବ ବୋଲି ଜଣାପଡ଼ିଛି। ଏଣୁ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ଆଶା ଦୃଢ଼ୀଭୂତ ହୋଇଛି।

ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ରାଜ୍ୟର ଏହି ଅନ୍ତର୍ଜାତୀୟ ଷ୍ଟାଡିୟମ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଗତ ମେ ମାସରେ ଏହି କ୍ଷୟକ୍ଷତି ହୋଇଥିଲେ ହେଁ ଏପର୍ଯ୍ୟନ୍ତ ମରାମତି କାମ ଆଗେଇ ପାରି ନ ଥିଲା। ଝଡ଼ ପ୍ରଭାବରେ ଷ୍ଟାଡିୟମର ୮ଟି ଯାକ ଫ୍ଲଡଲାଇଟ୍ ଖୁଣ୍ଟର ବଲବ୍‌ଗୁଡ଼ିକ ଭାଙ୍ଗିରୁଜି ଯାଇଥିଲା। ପ୍ରତ୍ୟେକ ଖୁଣ୍ଟରେ ୪୮ଟି ଲେଖାଏ ବଲ୍ବ ଥିବା ବେଳେ ୭ନଂ ଖୁଣ୍ଟ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଏହାଛଡ଼ା କର୍ପୋରେଟ ବକ୍ସ, ମିଡ଼ିଆ ଗ୍ୟାଲେରି, ଗ୍ୟାଲେରି ନଂ-୭ ଓ ୫ ମଧ୍ୟ ଏହି କ୍ଷୟକ୍ଷତିରେ ଯୋଡ଼ି ହୋଇଥିଲା । ପୂର୍ବତନ କିମ୍ବଦନ୍ତୀ କ୍ରିକେଟ ଖେଳାଳିଙ୍କ କମ୍ପାନୀ ଦେବ ମସ୍କୋ ଫ୍ଲଡ ଲାଇଟ ମରାମତି କରିବାକୁ ରାଜି ହେବା ସହ ୨ଥର ଆସି କ୍ଷୟକ୍ଷତି ଆକଳନ କରି ଫେରିଛି । ଏବେ ପ୍ରାୟ ଏକ କୋଟି ଟଙ୍କା ବ୍ୟୟରେ ଫ୍ଲଡଲାଇଟ ଆସିଛି। କିଛି କର୍ମଚାରୀ ପ୍ରାରମ୍ଭିକ ପର୍ଯ୍ୟାୟରେ ଫ୍ଲଡଲାଇଟ ମରାମତି ଆରମ୍ଭ କରିଛନ୍ତି। ଖୁବଶୀଘ୍ର ଦେବ ମସ୍କୋର ଟେକ୍ନିକାଲ ଅଧିକାରୀମାନେ ବାରବାଟୀରେ ପହଞ୍ଚିବେ। ଅତିବେଶିରେ ଆଉ ୨୦ଦିନରେ ଷ୍ଟାଡିୟମର ଫ୍ଲଡଲାଇଟ ସମସ୍ୟା ଦୂର ହେବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଏତଦବ୍ୟତୀତ ଗ୍ୟାଲେରି ନଂ-୭ର ଅବସ୍ଥା ବିପଦଜ୍ଜନକ ରହିଛି। କିଛି ଦିନ ବ୍ୟବଧାନରେ ଏହି ଗ୍ୟାଲେରିରୁ ପ୍ଲାଷ୍ଟର ଖଣ୍ଡ ଖସୁଛି। ଯାହା ଫଳରେ ଏହି ଗ୍ୟାଲେରିକୁ ଏବେ ଜାଲ ଘେରରେ ରଖାଯାଇଛି । ମଙ୍ଗଳବାର ଏକ ସରକାରୀ ଏଜେନ୍ସି ମରାମତି କରିବା ନିମନ୍ତେ ଅନୁଧ୍ୟାନ କରିବାକୁ ଆସିଥିଲା। ଆକଳନ ଶେଷ କରି ଏହି ଏଜେନ୍ସି ଫେରିଛି । ମ୍ୟାଚ୍ ପୂର୍ବରୁ ଷ୍ଟାଡିୟମ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିବ ବୋଲି ଆଶା କରାଯାଉଛି । ଓସିଏ ସମ୍ପାଦକ ସଞ୍ଜୟ ବେହେରା ଏ ସମ୍ପର୍କରେ କୁହନ୍ତି, ସମସ୍ତ କାର୍ଯ୍ୟ ଖୁବଶୀଘ୍ର ଶେଷ କରିବାକୁ ଆମେ ପ୍ରସ୍ତୁତ ହେଉଛୁ । କେବଳ ଅର୍ଥ ସମସ୍ୟା ସାମ୍ନାରେ ରହୁଛି। ତଥାପି ଅନ୍ତର୍ଜାତୀୟ ମ୍ୟାଚ୍ ପୂର୍ବରୁ ଷ୍ଟାଡିୟମର ସମସ୍ତ ସମସ୍ୟା ଦୂର ହୋଇଥିବ ବୋଲି ସମ୍ପାଦକ ବେହେରା କହିଛନ୍ତି ।


## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଶକୁନ୍ତଳା ମହାନ୍ତି**
ଧାମରା, ଭଦ୍ରକ
ଆବିର୍ଭାବ: ୦୧।୦୮।୧୯୬୭
ତିରୋଧାନ: ୧୩।୧୧।୨୦୧୪
ମା’, ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ସର୍ବଦା ଆମ ପାଇଁ ଅବିସ୍ମରଣୀୟ।
**ଶୋକସନ୍ତପ୍ତ:**
ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୧୩୫

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ସୁବୋଧ କୁମାର ଦତ୍ତ**
୧୩୧, ସତ୍ୟନଗର, ଭୁବନେଶ୍ୱର
ଆବିର୍ଭାବ: ୦୬।୦୨।୧୯୨୮
ତିରୋଧାନ: ୨୭।୧୧।୨୦୦୪
ଆପଣଙ୍କ ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମ ସମସ୍ତଙ୍କର ପ୍ରେରଣାର ଉତ୍ସ ହୋଇ ସଦା ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।
**ଶ୍ରଦ୍ଧାଞ୍ଜଳି ସହ:**
ଆପଣଙ୍କ ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ।
ଧ-୧୫୧୩୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କରୁଣାକର ସାହୁ**
ଦୋଳପଦୀ, ବନ୍ତ, ଭଦ୍ରକ
ଆବିର୍ଭାବ: ୦୭।୦୧।୧୯୩୬
ତିରୋଧାନ: ୧୩।୧୧।୨୦୧୮
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ। ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାବାହୁଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
କନ୍ୟା, ପୁତ୍ର, ପୁତ୍ରବଧୂ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୫୧୯୬

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ପ୍ରେମାନନ୍ଦ


ସଂଗ୍ରାମ


ନିମାଇଁ


ରାଜେନ୍ଦ୍ର


ଦୁଷ୍ମନ୍ତ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ବଲାଙ୍ଗୀରରେ ବିଶ୍ୱର ସର୍ବୋଚ୍ଚ ବାଲୁକା କଳା ସ୍ଥାପନ ଯୋଜନା

**ବଲାଙ୍ଗୀର ଅଫିସ, ୧୨।୧୧**

ବଲାଙ୍ଗୀର ଜିଲା ତୁଷରା ତହସିଲ ଅନ୍ତର୍ଗତ ପେଣ୍ଡିମୁଣ୍ଡା ନିକଟ ତେଲନଦୀ କୂଳରେ ବିଶ୍ୱର ସର୍ବୋଚ୍ଚ ବାଲୁକା କଳା ନିର୍ମାଣ କରାଯିବାର ଯୋଜନା କରାଯାଇଛି । ବଲାଙ୍ଗୀର ଜିଲାର ବାଲୁକା ଶିଳ୍ପୀ ଓମ୍‌ପ୍ରକାଶ ସାହୁଙ୍କ ନେତୃତ୍ୱରେ ଓଡିଶାର ବିଭିନ୍ନ ଜିଲାର ୧୦ଜଣ ବାଲୁକା ଶିଳ୍ପୀ ଏହି ପ୍ରକଳ୍ପରେ ସାମିଲ ହେବେ । ଏହି ପ୍ରକଳ୍ପ ସମ୍ପର୍କରେ ବାଲୁକା ଶିଳ୍ପୀ ସାହୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ, ବଲାଙ୍ଗୀର ଏମପି ସଙ୍ଗୀତା କୁମାରୀ ସିଂଦେଓ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କୁ ଲିଖିତ ଅବଗତ କରିବା ପରେ ଏହି ଯୋଜନା ସମ୍ପର୍କରେ ଜଣାପଡିଛି। ବିଶ୍ୱର ସର୍ବୋଚ୍ଚ ବାଲୁକା କଳା ନିଜ ଜିଲାରେ ନିର୍ମାଣ କରି ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ ଯୋଜନା କରିଥିବା ଶିଳ୍ପୀ ସାହୁ କହିଛନ୍ତି । ଏହି ଯୋଜନା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କୁ ଦିଲ୍ଲୀରେ ଭେଟି ସାହୁ ଆଲୋଚନା କରିଥିବା ଜଣାଇଛନ୍ତି । ଇଣ୍ଡିଆନ୍ ହେରିଟେଜ୍ ନାମକ ଏହି ବାଲୁକା କଳାର ଉଚ୍ଚତା ୬୫ ଫୁଟ୍‌ରୁ ଅଧିକ ଉଚ୍ଚ ହେବ ବୋଲି ସୂଚନା ଦେଇଛନ୍ତି। ୨୦୧୯ ମସିହାରେ ଜର୍ମାନୀରେ ବିଶ୍ୱର ସର୍ବୋଚ୍ଚ ବାଲୁକା କଳା ନିର୍ମାଣ କରାଯାଇଛି। ଏହାର ଉଚ୍ଚତା ୫୮ ଫୁଟ୍ ରହିଥିବାବେଳେ ଏହା ଗିନିଜ୍ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛି । ଏହାପୂର୍ବରୁ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ୨୦୧୭ ମସିହାରେ ପୁରୀ ବେଳାଭୂମିରେ ୪୮ ଫୁଟ୍ ଉଚ୍ଚର ବାଲୁକା କଳା ତିଆରି ରେକର୍ଡ କରିଥିଲେ । ଉକ୍ତ ରେକର୍ଡକୁ ଜର୍ମାନୀର ବାଲୁକା ଶିଳ୍ପୀମାନେ ଭଙ୍ଗ କରିଛନ୍ତି । ଏବେ ଓମ୍‌ପ୍ରକାଶ ସାହୁ ଉକ୍ତ ରେକର୍ଡକୁ ଭଙ୍ଗ କରି ୬୫ ଫୁଟ୍ ଉଚ୍ଚ ବାଲୁକା କଳା ଇଣ୍ଡିଆନ୍ ହେରିଟେଜ ଯୋଜନା କରିଛନ୍ତି । ଉକ୍ତ ବାଲୁକା କଳା ପାଇଁ ୨୨ ଲକ୍ଷ ୨୫ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ସେ ସୂଚନା ଦେଇଛନ୍ତି । ଇଣ୍ଡିଆନ୍ ହେରିଟେଜ୍ ନାମକ ଉକ୍ତ ବାଲୁକା କଳାରେ ପ୍ରାଚୀନ ଭାରତୀୟ ଐତିହ୍ୟ ଷ୍ଟାଚ୍ୟୁ ଅଫ୍ ୟୁନିଟି, କୁତ୍‌ବ ମୀନାର, ତାଜମହଲ, କୋଣାର୍କ ମନ୍ଦିର, ପୁରୀ ଶ୍ରୀମନ୍ଦିର, ଧଉଳି ଶାନ୍ତିସ୍ତୁପ, ଲାଲକିଲ୍ଲା, ପଶ୍ଚିମ ଓଡିଶାର ସାଂସ୍କୃତିକ ବିଭବ, ଭାରତୀୟ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିକୃତି ସ୍ଥାନ ପାଇବ ବୋଲି ସେ ସୂଚନା ଦେଇଛନ୍ତି । ଆସନ୍ତା ଡିସେମ୍ବର ୨୦ରୁ ପେଣ୍ଡିମୁଣ୍ଡାଠାରେ ଏହି ପ୍ରକଳ୍ପ ଆରମ୍ଭ କରିବା ଯୋଜନା ରଖିଛନ୍ତି । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ଏକ ମାସ ସମୟ ଲାଗିବ ଓ ଏହା ଜାନୁୟାରୀ ୨୦୨୦ ମସିହାରେ ପ୍ରଦର୍ଶିତ ହେବ ବୋଲି ସାହୁ ସୂଚନା ଦେଇଛନ୍ତି । ବିଶ୍ୱର ସର୍ବୋଚ୍ଚ ବାଲୁକା କଳା ପ୍ରକଳ୍ପ ନିର୍ମାଣ ଯୋଜନା କରିଥିବା ଶିଳ୍ପୀ ସାହୁ ଏହି ପ୍ରକଳ୍ପ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡିଛନ୍ତି।



ବିଶ୍ୱର ସର୍ବୋଚ୍ଚ ବାଲୁକା କଳାର ପ୍ରସ୍ତାବିତ ପ୍ରକଳ୍ପ ଇଣ୍ଡିଆନ୍ ହେରିଟେଜ୍।




### ପେଟ୍‌ରୋଗ୍‌ରେ ଆକ୍ରାନ୍ତ ବସନ୍ତ

# ଚିକିତ୍ସା ଲାଗି ଟଙ୍କା ଅଭାବ

- ଦୁଇଥର ଅପରେଶନ ପରେ ବି କିଛି ଲାଭ ନାଇଁ
- ଚିକିତ୍ସାରେ ଲକ୍ଷାଧିକ ଟଙ୍କା ସାରି ସରବ୍‌ସୁଆଁତ
- ୪ ପରାନୀ କୁଟୁମ୍ କୁଷ୍‌ବାର ଚିନ୍‌ତା ଘାରୁଛେ

**ଲୋଇସିଂହା, ୧୨।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢ଼ୀପଦର ପଁଚେତ୍ ସଦର ଗାଁର ବସନ୍ତ ବାରିକ(୩୭)। ସେ ପେଟ୍ ବେମାରିର ଚିକିତ୍ସାରେ ଲକ୍ଷାଧିକ୍ ଟଁକା ଖରଚ୍ କରି ସରବ୍‌ସୁଆଁତ ହେଇଛନ୍। ହେଲେ ଦିହିପା ଠିକ୍ ନାଇଁ ରହିବାର ଲାଗି କୁଲିମଜୁରି ବି କରିଯାଇ ନାଇଁପାରବାର। ଏନ୍‌ତାଥି ୪ ପରାନୀ କୁଟୁମ ପୁଷ୍‌ବାର ତାକର ଲାଗି ଭିଡ଼ ହେଇଯାଉଛେ। ବସନ୍ତକୁଁ ଜିଲା ରେଡକ୍ରସ ଆର ମୁଖ୍ୟମନ୍ତ୍ରୀ ରିଲିଫ ପାଁଠିରୁ ସାହାଯ୍ ଯୁଗେଇ ଦେବାକେ ଦାବି ହେଉଛେ।

ସୂଚନା ହିସାବେ ବୁଢ଼ୀପଦର ହରିଜନ ପଡ଼ାର କଳାବତୀ ବାରିକ ଆର ସ୍ୱର୍ଗତ ଚମରା ବାରିକଙ୍କର ପୁଓ ବସନ୍ତ। ୩ ଭାଇର ଭିତରେ ସେ ମଝିଆଁ। ମାଏକିନା ବାସନ୍ତୀ, ପୁଓ ସାହିଲ(୫) ଆର ଦୁଇ ଝି' ସନ୍ଧ୍ୟା(୧୧), ସୌମ୍ୟା(୧)କୁଁ ନେଇ ତାକର ସଁସାର। ମାଟ୍ରିକ ପାସ କରିଥିବାର ବସନ୍ତ କୁଲିମଜୁରି କରି କୁଟୁମ ପୁଷୁଥିଲେ। ହେଲେ ବାରବାର ତାକର ପେଟ୍ ବଥାବାର ସଂଗେ ଅସୁସ୍‌ତିଆ ହେଇ ଚାଲବୁଲ ନାଇଁ କରିପାରୁଥାଇ। ପରୀକ୍ଷା ନିରୀକ୍ଷା ଉତାରୁ ଜନାପଡ଼ଲା ଯେ, ତାକର ପାନ୍‌କ୍ରିଜରେ ପାଏନ୍ ଜମୁଥିଲା। ୨୦୧୫ରେ ଦେଢ଼ ଲାଖ୍ ଟଁକା ଖରଚ୍ କରି ରାଞ୍ଚିଥି ଅପରେଶନ କରିଥିଲେ। ହେଲେ ଅପରେଶନ ସଫଲ ନାଇଁ ହେଲା। ୪ ବଛର ଉତାରୁ ଫେନ୍ ସେ ସମାନ ଦଶା ଭୁଗ୍‌ବାକେ ପଡ଼ଲା। ଏନ୍‌ତାଥି ସେ ଆନ୍ଧ୍ର ପ୍ରଦେଶର ଭେଲୋର ସିଏମ୍‌ସି ଡାକ୍‌ତରଖାନାରେ ଫେନ୍ ଘାଏ ଅପରେଶନ କରେଇଥିଲେ। ବସନ୍ତ ସେଠାନେ ଦୁଇମାସ ତକ୍ ଚିକିତ୍ସା କରାଲେ। ହେଲେ ଏହେଦେ ଫେନ୍ ଘାଏ ତାକର ଦିହିପା ବିଗ୍‌ଡ଼ି ଯାଇଛେ। ଇଆଡ଼େ ଚିକିତ୍ସାରେ ଲକ୍ଷାଧିକ୍ ଟଁକା ଖରଚ୍ କରି ସରବ୍‌ସୁଆଁତ ହେଇଥିବାର ବସନ୍ତ କେନ୍‌ଥେଇ ୪ ପରାନୀ କୁଟୁମ ପୁଷ୍‌ବାର ସଂଗେ ଚିକିତ୍ସା କରାବେ ସେ ଚିନ୍‌ତାରେ ଘାରି ହେଉଛନ୍। ଜିଲା ସୁଆସ୍‌ତିଅ ବିଭାଗ ଆର ଜିଲାପାଳ ଇ ଦିଗେ ଦୁରୁଷ୍‌ଟି ଦେଲେ ମୁଇଁ ଆର ମୋର ପରିବାର ଇ ବିପତିରୁ ମୁକ୍‌ଲି ପାରତୁଁ ବଲି ବସନ୍ତ କହିଛନ୍।


ପେଟ୍ ରୋଗରେ ଆକ୍ରାଁତ ବସନ୍ତ ବାରିକ।

### ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ଦୁର୍ବ୍ୟବହାର ଘଟଣା

# ତଦନ୍ତ କଲେ ପାଟଣାଗଡ ଏସ୍‌ଡିପିଓ

**ଖପ୍ରାଖୋଲ, ୧୨।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହାଙ୍କୁ ସୋମବାର ନିଜ କାର୍ଯ୍ୟାଳୟରେ ଥିବାବେଳେ ଦୁର୍ବ୍ୟବହାର କରାଯାଇଥିବା ନେଇ ଖପ୍ରାଖୋଲ ଥାନାରେ ଅଭିଯୋଗ ହୋଇଥିଲା । ହରିଶଙ୍କର ସ୍ୱାଗତ ଗେଟ ନିର୍ମାଣ କାମକୁ ନେଇ ଦୁର୍ବ୍ୟବହାର, ଗାଳିଗୁଲଜ୍ ସହ ଜାତିଆଣ ଆକ୍ଷେପ କରାଯାଇଥିବା ନେଇ ଅଧ୍ୟକ୍ଷା ବରିହାଙ୍କ ଅଭିଯୋଗ ପରେ ଥାନାରେ ଧାରା ୩(୧) ଅନୁସୂଚୀତ ଜାତି ଜନଜାତି ନିର୍ଯାତନା ନିରୋଧ ଆଇନ ସହିତ ବିଭିନ୍ନ ଦଫାରେ ଏକ ମାମଲା (ନଂ. ୨୦୯/୧୯) କଳାକାହ୍ନୁ ବାରିକ, ପଞ୍ଚୁଦେବ ସାହୁ, ତାପସ ରଞ୍ଜନ ବେହେରା, ସୁଶୀଲ ପଧାନ ଓ ରମେଶ ପଧାନ ନାଁରେ ରୁଜୁ ହୋଇଥିଲା। ଏହି ଘଟଣାର ତଦନ୍ତ ପାଟଣାଗଡ ଏସଡିପିଓ ସୁରେଶ ଚନ୍ଦ୍ର ନାଏକ ମଙ୍ଗଳବାର ଆରମ୍ଭ କରିଛନ୍ତି। ଖପ୍ରାଖୋଲ ଥାନାରେ ପହଞ୍ଚି ଅଧ୍ୟକ୍ଷାଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ସେହିପରି ଘଟଣାସ୍ଥଳରେ ଉପସ୍ଥିତ କେତେକଙ୍କୁ ମଧ୍ୟ ସେ ପଚରାଉଚରା କରିଛନ୍ତି। ସେହିପରି ଖପ୍ରାଖୋଲ ସମିତି ସଭ୍ୟ କଳାକାହ୍ନୁ ବାରିକ ପଞ୍ଚାୟତ ସମିତି ଅଧ୍ୟକ୍ଷା ବରିହାଙ୍କ ସମେତ ଅନ୍ୟ ମାନଙ୍କ ନାଁମରେ କରିଥିବା ମାମଲା ସମ୍ପର୍କରେ ମଧ୍ୟ ଖପ୍ରାଖୋଲ ଆଇଆଇସି ଜ୍ୟୋତିରଞ୍ଜନ ପତି ତଦନ୍ତ ଆରମ୍ଭ କରିଛନ୍ତି। ସେହିପରି ପରମା ସୁନା ନାମକ ଜଣେ ବ୍ୟକ୍ତି ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ସ୍ୱାମୀ ରଘୁନାଥ ବରିହ, ରବି ସାହୁ, ହେମସାଗର ସାହୁ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିବା ମାମଲାର ତଦନ୍ତ ମଧ୍ୟ ଏସ୍‌ଡିପିଓ କରୁଥିବା ଜଣାଯାଇଛି। ଏ ନେଇ ଏସ୍‌ଡିପିଓ ନାଏକଙ୍କୁ ପଚାରିବାରୁ ଖପ୍ରାଖୋଲ ଥାନାରେ ହୋଇଥିବା ୨ଟି ମାମଲାର ତଦନ୍ତ ଭାର ନିଜେ ନେଇ ତାହାର ଅନୁସନ୍ଧାନ ଆରମ୍ଭ କରିଛି ବୋଲି କହିଛନ୍ତି।

# ଦୁଇ ବାର୍‌ହା ଛୁଆ ଉଦ୍ଧାର

**ଖପ୍ରାଖୋଲ, ୧୨।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କପସିପାଲି ଗାଁ ନିକଟରୁ ଜଙ୍ଗଲ ବିଭାଗ ମଙ୍ଗଳବାର ୨ଟି ବାର୍‌ହା ଛୁଆ ଉଦ୍ଧାର କରିଥିଲା। ଉଦ୍ଧାର ପରେ ବାର୍‌ହା ଛୁଆଙ୍କୁ ଖପ୍ରାଖୋଲ ରେଞ୍ଜ ଅଫିସକୁ ନିଆଯାଇଥିଲା। ସେଠାରେ ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଗନ୍ଧମାର୍ଦ୍ଦନ ପାହାଡରେ ସନ୍ଧ୍ୟାରେ ଛାଡି ଦିଆଯାଇଥିବା ଧଣ୍ଡାମୁଣ୍ଡା ବନପାଳ ପିଙ୍କୁ ଭୋଇ ପ୍ରକାଶ କରଛନ୍ତି। ଉଦ୍ଧାର ସମୟରେ ବନରକ୍ଷୀ ବିନୋଦ ବିହାରୀ ଧରୁଆ, ସୁନ୍ଦର କାଲସାଏ, ଡିଇଓ ଯଶୋବନ୍ତ ସାହୁଙ୍କ ସହ ସ୍କାଡର କର୍ମଚାରୀ ଉପସ୍ଥିତ ଥିଲେ । ଉଦ୍ଧାର ବାର୍‌ହା ଛୁଆଙ୍କ ବୟସ ପ୍ରାୟ ୪ ମାସ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ସେମାନେ କପସିପାଲି ନିକଟକୁ କେମିତି ଆସିଲେ ବନ ବିଭାଗ ତାର ତଦନ୍ତ କରୁଛି।


ଉଦ୍ଧାର ହୋଇଥିବା ବାର୍‌ହା ଛୁଆ।

# ଅଜଣା ଜନ୍ତୁ ଆକ୍ରମଣରେ ୨୫ମେଣ୍ଢା ମୃତ

**ଅମରପାଲି, ୧୨।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଅନ୍ତର୍ଗତ କୁମୁରସିଂହା ଗ୍ରାମରେ ସୋମବାର ରାତି ପ୍ରାୟ ୧ଟାରୁ ୨ଟା ମଧ୍ୟରେ ଅଜଣା ଜନ୍ତୁ ଆକ୍ରମଣରେ ୨୫ଟି ମେଣ୍ଢାଙ୍କର ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ୮ ମେଣ୍ଢା ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ସୂଚନାମତେ କୁମୁରସିଂହା ଗ୍ରାମରୁ ଟିକିଏ ଦୂରରେ ଗ୍ରାମର କପିଳ ମହାକୁର ଗୁହାଳ କରି ସେଠାରେ ପ୍ରାୟ ୫୨ଟି ମେଣ୍ଢା ପାଳନ କରିଥିଲେ। ଗତ ରାତିରେ କୌଣସି ବନ୍ୟଜନ୍ତୁ ଆସି ଗୁହାଳରେ ଥିବା ମେଣ୍ଢାପଲଙ୍କୁ ଆକ୍ରମଣ କରିଥିଲା। କାର୍ତ୍ତିକ ଚତୁର୍ଦ୍ଦଶୀ ଥିବାରୁ ଗାଁରେ ଡାକବାଜି ଯନ୍ତ୍ର ବାଜୁଥିଲା। ଫଳରେ ଆକ୍ରମଣ ସମୟରେ ମେଣ୍ଢାମାନଙ୍କର ଶବ୍ଦ ଶୁଭାଯାଇ ନଥିଲା। ଏପରିକି ମେଣ୍ଢା ଗୁହାଳ ପାଖରେ କୌଣସି ବ୍ୟକ୍ତି ମଧ୍ୟ ଜଗୁ ନ ଥିଲେ । ଏହାର ସୁଯୋଗ ନେଇ ପ୍ରାୟ ୫ଟି ମେଣ୍ଢାଙ୍କୁ ଆକ୍ରମଣ କରିଥିଲା ବନ୍ୟଜନ୍ତୁ। ଆକ୍ରମଣ ପରେ ଜନ୍ତୁଟି ୧୪ ମେଣ୍ଢାଙ୍କୁ ଖାଇ ଦେଇଥିବା ଅନୁମାନ କରାଯାଇଛି। ଅନ୍ୟ ୧୧ ମେଣ୍ଢାଙ୍କ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ କରାଯାଇଛି। ଆକ୍ରମଣରେ ଗୁରୁତର ହୋଇଥିବା ୮ ମେଣ୍ଢାଙ୍କୁ ଚିକିତ୍ସା କରାଯାଇଥିବା ବୀରମହାରାଜପୁର ଭିଏସ୍ ଡା. ସୁବ୍ରତ ପୁରୋହିତ ପ୍ରକାଶ କରିଛନ୍ତି । ମାତ୍ର କପିଳଙ୍କ ଅଭିଯୋଗ ମତେ ତାଙ୍କର ୫୨ଟି ମେଣ୍ଢାରୁ ୨୫ ମେଣ୍ଢାଙ୍କ ମୃତ୍ୟୁ ହୋଇଛି । କପିଳ ମେଣ୍ଢା ପାଳନ କରି ଏଥିରେ ପରିବାର ଚଳାଉଥିଲେ। ମୃତ ମେଣ୍ଢାଙ୍କର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ। ତେଣୁ ତାଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି। ଏ ନେଇ ସୋନପୁର ଡିଏଫ୍‌ଓ ସୁଶାନ୍ତ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଲେ ଯେ, ବନ ବିଭାଗ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। କୌଣସି ବନ୍ୟଜନ୍ତୁ ଆକ୍ରମଣ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ୧୧ ମୃତ ମେଣ୍ଢାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଛୁ। ବିଭାଗ ପକ୍ଷରୁ ଯଥାଶୀଘ୍ର କ୍ଷତିପୂରଣ ଯୋଗାଇ ଦିଆଯିବ । ମଙ୍ଗଳବାର ରାତିରେ ବନ ବିଭାଗ ଉକ୍ତ ଅଞ୍ଚଳରେ ଗଛ ଉପରେ ଲୁଚି କେଉଁ ଜନ୍ତୁ ଆସୁଛି ଅନୁଧ୍ୟାନ କରିବ। ବୁଧବାର ଏହି ଅଞ୍ଚଳରେ କ୍ୟାମେରା ଲଗାଇ ଅନୁଧ୍ୟାନ କରାଯିବାର ଯୋଜନା ରହିଛି ।


କୁମୁରସିଂହା ଗ୍ରାମରେ ଅଜଣା ଜନ୍ତୁ ଆକ୍ରମଣରେ ମୃତ ମେଣ୍ଢା ।

# ମିକ୍ସର ମେଶିନ୍ ଦୁର୍ଘଟଣାଗ୍ରସ୍ତ, ଡ୍ରାଇଭର ମୃତ

**ଲେଫ୍ରିପଡ଼ା,୧୨।୧୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଦର୍ଲିପାଲି ଏନ୍‌ଟିପିସିର ଆସ୍‌ପଣ୍ଡ ନିର୍ମାଣରେ ନିୟୋଜିତ ଠିକାସଂସ୍ଥାର ଏକ ମିକ୍ସଚର୍ ମେଶିନ୍ ତିଲେଇମାଲ ବୁଲାଣି ଛକରେ ଓଲଟି ପଡିଥିଲା। ଫଳରେ ଡ୍ରାଇଭର ଶେଖ୍ ଆଜାଜୁଲ୍ ମେଶିନ ତଳେ ତଳେ ଚାପି ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଏବଂ କମ୍ପାନୀର କର୍ମଚାରୀ ତାଙ୍କୁ ଦୀର୍ଘ ୩ ଘଣ୍ଟା ପରିଶ୍ରମ କରି ମେଶିନ୍ ତଳୁ ଉଦ୍ଧାର କରି ଚିକିତ୍ସା ପାଇଁ ସୁନ୍ଦରଗଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭଷ୍ଟା ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହିତ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପଠାଇଛି।

### ରାଜ୍ୟସ୍ତରୀୟ ନୌଚାଳନା ପ୍ରତିଯୋଗିତା

# ସୁବର୍ଣ୍ଣପୁରର ଅଭି-କିଶୋର ଯୋଡ଼ି ପ୍ରଥମ

**ସୋନପୁର,୧୨।୧୧(ନି.ପ୍ର.)**

କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ପ୍ରତିବର୍ଷ ପରି ଚଳିତ ବର୍ଷ ସୋନପୁର ସହର ନିକଟସ୍ଥ ମହାନଦୀର ଲଙ୍କେଶ୍ୱରୀ ଗଣ୍ଡ ନିକଟରେ ରାଜ୍ୟସ୍ତରୀୟ ନୌକାଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୪୮ଟି ଦଳ ଭାଗ ନେଇଥିଲେ। ଗୋଟିଏ ଡଙ୍ଗାରେ ଦୁଇଜଣ ଲେଖାଏ ପ୍ରତିଯୋଗୀ ରହିଥିଲେ। ଭାଗବତ ପାଠାଗାର ତେନ୍ତୁଳିଘାଟ ପକ୍ଷରୁ ମଙ୍ଗଳବାର ଅପରାହ୍ନ ଅଢେଇଟାରୁ ସାଢେ ୪ଟା ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତା ବେଶ ଚିତ୍ତାକର୍ଷକ ହୋଇଥିଲା । ଏଥିରେ ସୋନପୁର ତେନ୍ତୁଳିଘାଟର ଅଭି ବେହେରା ଓ କିଶୋର ନାଏକ ପ୍ରଥମ, ସମ୍ବଲପୁର ସହର ଦଳେଇପଡାର ବିଶ୍ୱନାଥ ଦଣ୍ଡସେନା ଓ ବିକାଶ ସାହୁ ଦ୍ୱିତୀୟ ଏବଂ ବରଗଡ ଜିଲା ଗଣ୍ଡତୁରୁମର ସଦାନନ୍ଦ ପାଣ୍ଡେ ଓ ମହେନ୍ଦ୍ର ବାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଉତ୍ସବରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶାର ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ତଥା ଦୀର୍ଘ ୫୬ବର୍ଷ ଧରି ମହାନଦୀରେ ପାରମ୍ପରିକ ନୌକାଚାଳନା ପ୍ରତିଯୋଗିତା ଆୟୋଜନ କରି ଆସୁଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଗାନ୍ଧୀବାଦୀ ଫୋରମର ଡ. ରୀନା ରାଉତରାୟ, ବରିଷ୍ଠ ଆଇନଜୀବୀ ବିଥିକା ମହାନ୍ତି, ଅଭିମନ୍ୟୁ କୁଶଳ, କଇରୁ ସ୍ୱାଇଁ, ପ୍ରକାଶ ସାହୁ, ଶ୍ରୀବତ୍ସ ମଲ୍ଲିକ, ଓଡ଼ିଶା ଅଣଗେଜେଟେଡ କର୍ମଚାରୀ ସଂଘର ରାଜ୍ୟ ସଭାପତି ଜ୍ୟୋତିରଞ୍ଜନ ପଟ୍ଟନାୟକ, ପୁରୁଷୋତ୍ତମ ପାଣିଗ୍ରାହୀ ଓ ଚକ୍ରାୟୁଧ ନାଏକ ଅତିଥିଭାବେ ଯୋଗ ଦେଇଥିଲେ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଭାବରେ ଯଥାକ୍ରମେ ୫ ହଜାର, ୨ ହଜାର ଓ ଦେଢ ହଜାର ଟଙ୍କା ପ୍ରଦାନ କରା ଯାଇଥିଲା। ଓଡ଼ିଶାର ସମ୍ବଲପୁର, ବରଗଡ, ବୌଦ୍ଧ, ବଲାଙ୍ଗୀର ଓ ଅନୁଗୋଳ ଜିଲାର ପ୍ରତିଯୋଗୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।


ମଙ୍ଗଳବାର ମହାନଦୀରେ ନୌଚାଳନା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



"ବେଇମାନୀ ହେଉଛି ସମସ୍ତ ପାପର ଜନନୀ।
-ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଚାରିଶମ୍ଭୁରେ ଶ୍ରଦ୍ଧାଳୁଙ୍କ ଭିଡ଼

ଜହ୍ନାପଙ୍କ,୧୨।୧୧(ଡି.ଏନ.ଏ.): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଧୀନ ଐତିହାସିକ ଚାରିଶମ୍ଭୁ(ଗନ୍ଧରାଡି) ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଏଠାରେ ଅଷ୍ଟମ ଶତାବ୍ଦୀରେ ନିର୍ମିତ ସିଦ୍ଧେଶ୍ୱର ଓ ବିଷ୍ଣୁଙ୍କ ଯୁଗ୍ମ ମନ୍ଦିର ଅବସ୍ଥାପିତ ରହିଛି। ସକାଳୁ ପୂଜକ ନୀତିକାନ୍ତି ସମ୍ପନ୍ନ କରି ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲିଥିଲେ। ପରେ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଭିଡକୁ ନିୟନ୍ତ୍ରଣ କରିବା ପାଇଁ ଧାଡିରେ ଦର୍ଶନ ବ୍ୟବସ୍ଥା କରାଯାଇଥିଲା । ଟ୍ରାଫିକ ନିୟନ୍ତ୍ରଣ ପାଇଁ ଚାରିଶମ୍ଭୁ ଯୁବକ ସଂଘ ଏବଂ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରଶାନ୍ତ ମଲ୍ଲିକ ଏହାର ନେତୃତ୍ୱ ନେଇଥିଲେ। ପଡ଼ୋଶୀ ସୋନପୁର, ଫୁଲବାଣୀ, ବଲାଙ୍ଗୀର, ସମ୍ବଲପୁର, ଅନୁଗୋଳ ଜିଲାର ଭକ୍ତଙ୍କ ଭିଡ ଲାଗି ରହିଥିଲା।

### କାର୍ତ୍ତିକ ପୂର୍ଣ୍ଣମୀରେ ଡ୍ୟାନ୍ସ ପ୍ରତିଯୋଗିତା

ମୁରିବାହାଲ, ୧୨।୧୧ (ଡି.ଏନ.ଏ.): ମୁରିବାହାଲ ବସ୍ତି ଗଣେଷ ପୂଜା କମିଟି ତରଫରୁ କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ଡ୍ୟାନ୍ସ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ମୁରିବାହାଲ ସାମ୍ବାଦିକ ସଂଘର ଉପସଭାପତି ନିମାଇଁଚରଣ ବଘାର ଓ ସମ୍ମାନୀତ ଅତିଥି ଶ୍ରୀପତି ଷାଣ୍ଡ, ସାମାଜିକ କର୍ମୀ ସୁଦାମଚରଣ ବଘାର ଯୋଗଦେଇଥିଲେ। ବିଚାରକଭାବେ ପ୍ରକାଶ କୁମାର ରାଉତ, ସୁଦର୍ଶନ ଦୀପ ଓ ଲିଲୁ ମୋହନ ପଧାନ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗୀତାରେ ୨୦ଜଣ ଅଂଶଗ୍ରହଣ କରିଥିଲେ। ବଙ୍ଗୋମୁଣ୍ଡାର ଡିଏମଏକ୍ସ ଡ୍ୟାନ୍ସ ଗ୍ରୁପ ପ୍ରଥମ, ୫୪୩୨୧ ଗ୍ରୁପ ମୁରିବାହାଲ ଦ୍ୱିତୀୟ ଓ ଗମ୍ଭେରଖୋଲା ଡ୍ୟାନ୍ସ ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମକୁ କମିଟିର ସଭାପତି ସୁବାଷ ଚନ୍ଦ୍ର ବଘାର, ସମ୍ପାଦକ ବିଶ୍ୱବିହାରୀ ଯୋଶୀ, କୋଷାଧକ୍ଷ ଭୀମ ପ୍ରଧାନୀ, ପିକୁନ ପଧାନ, ସୁଶାନ୍ତ ଭୋଇ, ଅର୍ଜୁନ ପଧାନୀ, ନିଲୁ କର୍ମ, ରାଜେଶ ପଧାନ ପ୍ରମୁଖ ସହଯୋଗ କରିଥିଲେ। ଲିଲୁ ମୋହନ ପଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

### ଯାତ୍ରୀ ପ୍ରତୀକ୍ଷାଳୟ ପାଇଁ କ୍ଷେତ୍ର ପରିଦର୍ଶନ

ଲୋଇସିଂହା,୧୨।୧୧(ଡି.ଏନ.ଏ): ବଲାଙ୍ଗୀର ଜିଲା ସାଲେଭଟା ବସ୍‌ଷ୍ଟାଣ୍ଡ ନିକଟରେ ୨ଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯିବ। ଏଥିପାଇଁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମଙ୍ଗଳବାର କ୍ଷେତ୍ର ପରିଦର୍ଶନ କରିଥିଲେ। ସେ ଦୁଇଟି ସ୍ଥାନ ଚିହ୍ନଟ କରିଥିବା ଜଣାପଡିଛି। ସୂଚନାମତେ, ସାଲେଭଟାରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ଏନ୍‌ଏଚ୍ ଡିଭିଜନ ପକ୍ଷରୁ ଚୂଡ଼ାନ୍ତ ହୋଇଯାଇଛି। ଏଥିପାଇଁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଶ୍ରୀପତି ଧରୁଆ ଉପଯୁକ୍ତ ଜାଗା ଚିହ୍ନଟ ପାଇଁ ଏନଏଚ ଡିଭିଜନ ପକ୍ଷରୁ ଅନୁରୋଧ ପତ୍ର ଦିଆଯାଇଥିଲା ।

■ ଜାରିଂ ବାଲିଯାତ୍ରା

# ମନମୋହିଲା ଲୋକକଳା ସଞ୍ଚାର

ବିଜେପୁର,୧୨।୧୧(ଡି.ଏନ.ଏ.): ବରଗଡ଼ ଜିଲା ବିଜେପୁର ବ୍ଲକ ଜାରିଂ ରାହାସଯାତ୍ରାର ଷଷ୍ଠ ଦିବସ ତଥା କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବାଲିଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୋରରରୁ ସ୍ଥାନୀୟ ମହାଦେବ ମନ୍ଦିର ଓ ବିରାଟ ମଠରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଠାକୁରଙ୍କ ଦର୍ଶନ ପାଇଁ ଦର୍ଶକଙ୍କ ଗହଳି ଲାଗିରହିଥିଲା। ଏପରି କି ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମିନାବଜାର ମଜା ନେଇଥିଲେ। ଏହି ଅବସରରେ ବାଲିଯାତ୍ରା ପଡ଼ିଆରେ ଲୋକକଳା ସଞ୍ଚାର ପରିବେଷ ହୋଇଥିଲା। ଏଥିରେ ଇଚ୍ଛାପାଲିର ଗୋପେଶ ବେହେରା, ବାଗମୁଣ୍ଡାର ପଞ୍ଚୁ ପଧାନ, ଝାରସୁଗୁଡ଼ା ଜିଲା ରେମତାର ନିରଞ୍ଜନ ବିଶ୍ୱାଳ ପ୍ରମୁଖ ସଞ୍ଚାର



କଳାକାରମାନେ ସଞ୍ଚାର ପରିବେଷଣ କରୁଛନ୍ତି।

ପରିବେଷଣ କରିଥିଲେ । ସନ୍ଧ୍ୟାରେ ଲୋକ ମହୋତ୍ସବ ମଣ୍ଡପରେ କନ୍ଧାଗାଡର କଳାକାରମାନେ ଲୋକବାଦ୍ୟ ଦାଣ୍ଡିଆ ପରିବେଷଣ କରିଥିଲେ। ସେହିପରି ରବିବାର ସନ୍ଧ୍ୟାରେ । ବିନିକା ବ୍ଲକର ପ୍ରାକ୍ତନ ଗୋଷ୍ଠୀ ପଦ୍ମପୁର ସଂଗୀତ ସମିତି, ବରଗଡ କଳାଜୀବୀ, ମହୁଲପାଲିର ଭାରତୀ ନୃତ୍ୟ କଳାପରିଷଦର କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ । ବିନିକା ବ୍ଲକର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ସୂର୍ଯ୍ୟଭାନୁ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଖୁଣ୍ଟିଗୋରାରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ

ଘଣ୍ଟାପଡ଼ା,୧୨।୧୧(ଡି.ଏନ.ଏ.): କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ସଦର ସତସଙ୍ଗ ମଣ୍ଡପରେ ଏକଦିବସୀୟ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କାର୍ତ୍ତିକେଶ୍ୱର ବେହେରା ଓ ତାଙ୍କ ସ୍ତ୍ରୀ କୁମୁଦିନୀ ବେହେରା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଲକ୍ଷ୍ମଣ ମିଶ୍ର ବ୍ୟାସ ଏବଂ ପ୍ରବଚକ ଭାବେ ରୁଦ୍ର ହେର୍ଣ୍ଣା, ଚମ୍ପେଶ୍ୱର ପାଣିଗ୍ରାହୀ ଓ କଳ୍ପତରୁ ଆଚାର୍ଯ୍ୟ ଯୋଗଦେଇ ଶ୍ରଦ୍ଧାଳୁମାନଙ୍କୁ ଶ୍ରୀହରି କଥାମୃତ ପ୍ରବଚତ ଦେଇଥିଲେ। କମିଟି ସଭାପତି ଜଗଦୀଶ ପଧାନ, ଉପସଭାପତି କାର୍ତ୍ତିକେଶ୍ୱର ବେହେରା, ସମ୍ପାଦକ ଯୁଗଲାଲ ଧରୁଆ, ସଦସ୍ୟ ଦେବାଧି ମଲିକ, ବିପିନ ପଧାନ, ସୁନାଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଦେବାଧି ମଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମନ୍ଦରଧର ବେହେରା ଧନ୍ୟବାଦ ଦେଇଥିଲେ। ଏଥିରେ ଗୋଛାଗୋରା, ଦିଗୁନମାଲ, ଲଣ୍ଡାବାହାଲ, ଉଡେର, ବଲାଙ୍ଗୀଯୋର, ଢେକଲମୁଣ୍ଡା, ବରପଦର, ଦେଉଲି, ପିଟାବାହାଲ, ମସିଣାଗୋରା ଓ କର୍ଣ୍ଣବେଡା ଗ୍ରାମର ଭାଗବତ ଟୁଙ୍ଗିର ଠାକୁର ଅଂଶଗ୍ରହଣ କରିଥିଲେ। ମସିଣାଗୋରା ସତସଙ୍ଗ କମିଟି ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ସତ୍‌ସଙ୍ଗ ପ୍ରେମୀ ଯୋଗ ଦେଇଥିଲେ।



ଖୁଣ୍ଟିଗୋରାରେ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ପୂଜାର୍ଚ୍ଚନା କରାଯାଉଛି।

## ମନମୁଣ୍ଡାରେ ସୁନ୍ଦରାକାଣ୍ଡ ପାରାୟଣ ପାଠ, ବୋଇତ ଭସାଣ

ମନମୁଣ୍ଡା,୧୨।୧୧(ଡି.ଏନ୍.ଏ.): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ସୁବର୍ଣ୍ଣମେରୁ ମନ୍ଦିର ଏବଂ ଦୁର୍ଗା ମନ୍ଦିରରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ବ୍ୟାସ ଭାବେ ମନମୁଣ୍ଡା ବଡରାହାଯୋର ଗ୍ରାମର ସପ୍ତମ ଶ୍ରେଣୀ ଛାତ୍ରୀ ଭାଗ୍ୟଶ୍ରୀ ପାଣିଗ୍ରାହୀ ସୁନ୍ଦରାକାଣ୍ଡ ପାରାୟଣ ଗାନ କରିଥିଲେ। ପାରାୟଣ ଶୁଣିବା ନେଇ ଶ୍ରର୍ଦ୍ଧାଳୁଙ୍କ ସମାଗମ ହୋଇଥିଲା । ମନ୍ଦିର ପୂଜକ କୁନା ମିଶ୍ର, ମନ୍ଦିର କମିଟି ସଭ୍ୟା ଶୋଭାଗିନୀ ଷଡଙ୍ଗୀ, ସଭ୍ୟ ପରେଶ କୁମାର ଷଡଙ୍ଗୀ, ରାଜା ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ



ଛାତ୍ରୀ ଭାଗ୍ୟଶ୍ରୀ ପାଣିଗ୍ରାହୀ ସୁନ୍ଦରାକାଣ୍ଡ ପାରାୟଣ ଗାନ କରୁଛନ୍ତି।

କରିଥିଲେ। ଏପରି କି ପୂର୍ଣ୍ଣିମା ଅବସରରେ ତେଲନଦୀ ଘାଟରେ ମଙ୍ଗଳବାର ଭୋରୁ ମହିଳାମାନେ ବୁଡ ପକାଇ ପଞ୍ଚୁକ ଡଙ୍ଗା ଭସାଇଥିଲେ।

### ଜହ୍ନାପଙ୍କରେ ରାମାୟଣ ପାରାୟଣ

ଜହ୍ନାପଙ୍କ,୧୨।୧୧(ଡି.ଏନ୍.ଏ.) ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ନାମ ମଣ୍ଡପଠାରେ କାର୍ତ୍ତିକ ଚତୁର୍ଦ୍ଦଶୀ ଉପଲକ୍ଷେ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ବ୍ୟାସ ଭାବେ ପପୁନ ମହାପାତ୍ର ରାମାୟଣ କଥା ମୃତ ଗାନ କରିଥିଲେ । ମହିଳାମାନେ ଉଜାଗର ରହି କଥାମୃତ ଶୁଣି ଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

## କାର୍ତ୍ତିକ ପୂର୍ଣ୍ଣିମାରେ ରୁଦ୍ରାଭିଷେକ

ବାଉଁଶୁଣୀ,୧୨।୧୧(ଡି.ଏନ.ଏ.): ବୌଦ୍ଧ ବ୍ଲକ ଅନ୍ତର୍ଗତ ମନୁପାଲି ପଞ୍ଚାୟତ ଅଧୀନ ମହୁଲିଝାଟିଠାରେ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କପିଳେଶ୍ୱର ବାବାଙ୍କ ରୁଦ୍ରାଭିଷେକ ଏବଂ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ରାମୟଣ ପାରାୟଣର ବ୍ୟାସ ଭାବେ ଆଶିଷ କୁମାର ଦାସ ରହିଥିଲେ । ମନ୍ଦିର ପରିଚାଳନା କମିଟି ଏବଂ ଅଞ୍ଚଳବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ମନ୍ଦିର କମିଟିକୁ ଅଞ୍ଚଳବାସୀ ଦାନ ଆକାରରେ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାପଡିଛି। ଦେଖାଦେଇଛି। କପିଳେଶ୍ୱର ବାବାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା। ଅନ୍ୟପକ୍ଷେ ରୁଦ୍ରାଭିଷେକ ଏବଂ ରାମାୟଣ ପାରାୟଣ ପାଇଁ ମହିଳାମାନଙ୍କ କଳସ ଶୋଭାଯାତ୍ରା ହୋଇଥିଲା।



ରୁଦ୍ରାଭିଷେକ ଏବଂ ରାମାୟଣ ପାରାୟଣ ଅବସରରେ ବାହାରିଥିବା କଳସ ଶୋଭାଯାତ୍ରା।

# ବୌଦ୍ଧରୁ ଜବରଦଖଲ ଉଚ୍ଛେଦ ଦାବି

■ ଭଡ଼ାରେ ଚାଲିଛି ବିଭିନ୍ନ ସରକାର କାର୍ଯ୍ୟାଳୟ
■ ଜବରଦଖଲ ସମସ୍ୟା ଜିଲା ପ୍ରଶାସନ ମୁଣ୍ଡବ୍ୟଥାର କାରଣ
■ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ଜାଗା ପ୍ରଦାନ କରାଯାଉ

ବୌଦ୍ଧ,୧୨।୧୧(ସ୍ୱ.ପ୍ର.): ବୌଦ୍ଧର ବିକାଶରେ ଜବରଦଖଲ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ସହରରେ ସରକାରୀ ଜମିର ଅଭାବ ରହିଥିବା ବେଳେ ପ୍ରଶାସନ ପକ୍ଷରୁ ସମସ୍ତ କାର୍ଯ୍ୟାଳୟ ପାଇଁ ଆବଶ୍ୟକୀୟ ଜମି ଯୋଗାଇ ଦିଆଯାଇ ପାରୁନାହିଁ। ଫଳରେ ଜିଲାର ବହୁ କାର୍ଯ୍ୟାଳୟ ଭଡାଘରେ ଚାଲିଛି। ରାଜନୈତିକ ସୁରକ୍ଷାରେ ଲୋକେ ବେଆଇନଭାବେ ସରକାରୀ ଜମିକୁ ଜବରଦଖଲ କରି ରଖୁଥିବା ବେଳେ ପ୍ରଶାସନ ଜବରଦଖଲକାରୀଙ୍କ ଉପରେ ଲଗାମ ଲଗାଇବାରେ ବିଫଳ ହୋଇଛି। ଜବରଦଖଲକାରୀଙ୍କ ମଧ୍ୟରେ ଗରୀବ ଜନସାଧାରଣଙ୍କ ସହ ଚାକିରିଆ ମଧ ରହିଥିବା ଜଣାପଡିଛି। ଅନ୍ୟପକ୍ଷେ ଅନେକ ଜମି ଦୁର୍ନୀତି ଫାଇଲର ତଦନ୍ତ ପ୍ରଶାସନ ପାଖରେ ପଡିରହିଛି। ସହରରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାବେଳେ ଗରିବଲୋକଙ୍କୁ ନାଲି ଆଖି ଦେଖାଇ ଜବରଦଖଲ ହଟାଉଥିବା ପ୍ରଶାସନ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ହଟାଇବାରେ ବିଫଳ ହୋଇଛି। ଏହାବ୍ୟତୀତ ଜାଗା ମିଶନ ନାମରେ ବୌଦ୍ଧ ଏନ୍‌ଏସି ପକ୍ଷରୁ ପଟ୍ଟା ପ୍ରଦାନ ଆରମ୍ଭ ହୋଇଥିବା ବେଳେ ପଟ୍ଟାଦାରମାନେ ସତ୍ୟପାଠ ଦାଖଲ କରୁଥିବା ସତ୍ତ୍ୱେ କବଜାରେ ରଖିଥିବା ଅତିରିକ୍ତ ଜମିକୁ ମଧ୍ୟ ନିଜ ଦଖଲ ରଖିଥିବା ଜଣାପଡିଛି। ଜବରଦଖଲ ସମସ୍ୟା ଯୋଗୁ ବୌଦ୍ଧରେ ଟାଉନ ପ୍ଲାନିଂ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଜଣାଯାଇଛି। ଫୁଲବାଣୀ ଟାଉନପ୍ଲାନିଂ ଅଧିକାରୀଙ୍କ ଅଧୀନରେ ବୌଦ୍ଧ ସହରର ଆଖପାଖ ୫ କି.ମି. ଅଞ୍ଚଳକୁ ନେଇ ଯୋଜନା ପ୍ରସ୍ତୁତ କରାଯାଉଥିବା ବେଳେ ସହରର ଜବରଦଖଲ ସମସ୍ୟା ଜିଲା ପ୍ରଶାସନ ପାଇଁ ମୁଣ୍ଡବ୍ୟଥା ସୃଷ୍ଟି କରିଛି। ଅନ୍ୟପକ୍ଷେ ମୁଖ୍ୟ ଚିକିତ୍ସାଳୟ ପାଇଁ ସହରରେ ସ୍ଥାନାଭାବ ଯୋଗୁ ଠିକ୍ ଭାବେ ଭିତ୍ତିଭୂମି ନିର୍ମାଣ ହୋଇପାରୁ ନ ଥିବା ବେଳେ ଜେଲ ପରିସରକୁ ସ୍ଥାନାନ୍ତର ନେଇ ପ୍ରସ୍ତୁତି ଚାଲିଛି। ଅନ୍ୟପକ୍ଷେ ଜଲେକୁ ସହରଠାରୁ ୬କି.ମି. ଦୂର ସ୍ଥାନାନ୍ତର କରାଯିବ ବୋଲି ଜଣାପଡିଛି। ସେହିପରି ବୌଦ୍ଧରେ ବସ୍ ଷ୍ଟାଣ୍ଡ, ଟ୍ୟାକ୍ସି ଷ୍ଟାଣ୍ଡ, ଦୈନିକ ବଜାର ପାଇଁ ସ୍ଥାନାଭାବ ଯୋଗୁ ସହରବାସୀଙ୍କ ପାଇଁ ଏହା ବଡ ସମସ୍ୟା ଦେଖାଦେଇଛି। ଏନେଇ ଜିଲା ପ୍ରଶାସନ ବୌଦ୍ଧ ସହରକୁ ଜବରଦଖଲମୁକ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ଜାଗା ମିଶନ ଜରିଆରେ ପଟ୍ଟା ପ୍ରଦାନ କରାଯିବା ସହିତ ଅନ୍ୟ ସରକାରୀ ଜମିକୁ ପୁନରୁଦ୍ଧାର କରି ସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନ ପାଇଁ ଜମି ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## କୁକେଡିରାରେ ବାଲିଯାତ୍ରା

ଜାମଟିକ୍ରା,୧୨।୧୧ (ଡି.ଏନ.ଏ.) ଅତାବିରା ବ୍ଲକ ଅନ୍ତର୍ଗତ କୁକେଡିରା ଗ୍ରାମରେ ମଙ୍ଗଳବାର ବାଲିଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନାବକେଳୀ ଏବଂ କୃଷ୍ଣଙ୍କ ରାସାଲିଳା ଅଭିନିତ ହୋଇଥିଲା । ଏଥିରେ ୧୬ଜଣ ଝିଅ ଗୋପୀ ବେଶ କୃଷ୍ଣଙ୍କ ସହ ନାବକେଳୀ ଅଭିନୟ କରିଥିଲେ । ସନ୍ଧ୍ୟାରେ କୃଷ୍ଣଗୁରୁ ଭଗବାନ ପାର୍ଟି ନାଟକ, ସୋହେଲା କୋଶଳ ଦଣ୍ଡନୃତ୍ୟ ପରିବେଷଣ ହୋଇଥିଲା। ବାଲିଯାତ୍ରା ଉତ୍ସବରେ ଅଭିନେତ୍ରୀ ଶ୍ରଦ୍ଧା ପାଣିଗ୍ରାହୀଙ୍କ ସହ ହାସ୍ୟ ଅଭିନେତା ଯୋଗଦେଇଥିଲେ। ଗୁଡିପାଲି ଓ କୁକେଡିରା ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ବାଲିଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳର ଦର୍ଶକଙ୍କ ଭିଡ ଜମିଥିଲା । କିର୍ତ୍ତନ, ଝାଞ୍ଜରେ ପୂଜାସ୍ଥଳୀ ପ୍ରକମ୍ପିତ ହୋଇଥିଲା।

■ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

# ଭତା, ଶ୍ରମିକ କାର୍ଡ ବାଁଟ୍‌ଲେ ମନ୍ତ୍ରୀ

ବିଜେପୁର, ୧୨।୧୧(ଡି.ଏନ୍.ଏ.) ବରଗଡ଼ ଜିଲା ବିଜେପୁର ବ୍ଲକ ପରିସରରେ ସୋମବାର ପରଶାସନ ତରଫୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଲିତ ହେଇଯାଇଛେ। ଇ ଉଧେ କାୟ୍‌କରମରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତି ସିଂ ଯୋଗଦେଇ ବୁଢ଼ାବୁଢ଼ି, ଭିନ୍ନକ୍ଷମ, ବିଧବା ମହିଲାଙ୍କୁ ଭତା, ଶ୍ରମିକମାନଙ୍କୁ ଶ୍ରମିକ କାର୍ଡ ଆର ଭୂମିହୀନଙ୍କୁ ଜମି ପଟ୍ଟା ବାଁଟିଥିଲେ। ଇ କାୟ୍‌କରମରେ ତହସିଲଦାର ପଦ୍ମନାଭ ସାମନ୍ତରାୟ ଅଧକ୍ଷତା କରିଥିଲେ। ଉନିଆମାନକର ଭିତରେ ବିଧାୟିକା ରୀତା ସାହୁ, ବ୍ଲକ ଅଧକ୍ଷା ମାନିନୀ ଭୋଇ, ଅତିରିକ୍ତ ତହସିଲଦାର ନାରାୟଣ ସାହୁ, ସିଡିପିଓ ଚନ୍ଦ୍ରା ସାହୁ ପମୁଖ ମଞ୍ଚାସୀନ ଥିଲେ। ମଧୁବାବୁ ପେନସନ ଯୋଜନାରେ ୧୪୬୫, ଇନ୍ଦିରାଗାନ୍ଧୀରେ ୧୯୦, ବିଜେପୁର ଏନ୍‌ଏସିରେ ୫୨ ଝନ୍‌କୁ ନୂତନ ହିସାବେ ଗୁଟେ ମାସର ଭତା ଟଁକା ଦିଆଯାଇଥିଲା। ସେନ୍‌ତା ୭ଶହ ଝନ୍‌କୁ ଶ୍ରମିକ କାର୍ଡ ଆର ୧୭ ଝନ୍ ଭୂମିହୀନଙ୍କୁ ଜମିପଟ୍ଟା ଦିଆଯାଇଥିଲା। ଟୁହିଲାମାଲର କୃଷ୍ଣଚନ୍ଦ୍ର ହରିପାଲଙ୍କୁ ମନ୍ତ୍ରୀ ସିଂ ଟ୍ରାଇସାଇକେଲ ଦେଇଥିଲେ। କାୟ୍‌କରମ ଶେଷେ ଏସ୍‌ଇଓ ପାଣ୍ଡବ ନନ୍ଦ ଧଏନବାଦ ଦେଇଥିଲେ।



ମନ୍ତ୍ରୀ ସିଂ ଝନେ ଭିନ୍ନକ୍ଷମକୁଁ ଟ୍ରାଇସାଇକେଲ ଦେଉଚନ୍।

# କୋଡିବାହାଲ ଗ୍ରାମରେ ଜଳନ୍ଧର ବଧ ନାଟକ ମଞ୍ଚସ୍ଥ

ଘଣ୍ଟାପଡା,୧୨।୧୧(ଡି.ଏନ.ଏ.): କନ୍ଧମାଳ ବ୍ଲକ କୋଡିବାହାଲ ଗ୍ରାମର ମା' ମାହେଶ୍ୱରୀ ଯୁବକ ସଂଘ ପକ୍ଷରୁ ୫ଦିନ ଧରି ଅନୁଷ୍ଠିତ ହୋଇଥିବା ମା' ବୃନ୍ଦାବତୀ ପୂଜନ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଶ୍ରୀକାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୂଜାରେ ଗୋପାଳ ଭୋଇ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ଅବସରରେ ସୋମବାର ଜଳନ୍ଧର ବଧ ନାଟକ ମଞ୍ଚସ୍ଥ ହୋଇଥିଲା । ନାଟ୍ୟକାର ତଥା ଗୁରୁ କାହ୍ନୁଚରଣ ରାଉତ ନାଟ୍ୟ ନିର୍ଦ୍ଦେଶନା ଦେଇଥିବା ବେଳେ କୋଡିବାହାଲ ଗ୍ରାମର କଳାକାରମାନେ ବିଭିନ୍ନ ଭୂମିକାର ନାଟ୍ୟାଭିନୟ କରିଥିଲେ। କଳାକାରମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ନରସିଂହ ଗୁରାଣ୍ଡି, କାର୍ତ୍ତିକ କର୍ଣ୍ଣ, ଚୈତନ୍ୟ ଖମାରୀ, ବିଜୟ ପଧାନ, ବିଜୟ ମେଣ୍ଡିଲି, ନବୀନ ମେଣ୍ଡିଲି ଓ ଦାମୋଦର ଭୋଇ ପ୍ରମୁଖ ସହଯୋଗ କରିଥିଲେ ।



ଜଳନ୍ଧର ବଧ ନାଟକର ଏକ ଦୃଶ୍ୟ।



ବେଇମାନୀ ହେଉଛି ସମସ୍ତ ପାପର ଜନନୀ।
-ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଅଲେଖ ମହିମା ବାବାଙ୍କ ମୌନବ୍ରତ ସମ୍ପନ୍ନ

ବରପାଲି,୧୨।୧୧(ଡି.ଏନ୍.ଏ.)- ବରପାଲି ବ୍ଲକ କନବାର ପଞ୍ଚାୟତ ସାହୁଟିକ୍ରା ଅଲେଖ ମହିମା ଆଶ୍ରମ ପରିସରରେ ବିଶ୍ୱଶାନ୍ତି କଲ୍ୟାଣ ପାଇଁ ବାବା ପାଣ୍ଡବ ଦାସଙ୍କ ମୌନବ୍ରତ ମଙ୍ଗଳବାର ସମ୍ପନ୍ନ ହୋଇଛି। ପବିତ୍ର ରାସପୂର୍ଣ୍ଣିମା ଅବସରରେ ମହିମା ଆଶ୍ରମ କମିଟି ପକ୍ଷରୁ ପୂଜାର୍ଚ୍ଚନା ସହ ହୋମଯଜ୍ଞ କରାଯାଇ ବିଶ୍ୱର କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥିଲା। ଅନ୍ୟପକ୍ଷେ ରାସପୂର୍ଣ୍ଣିମା ଉତ୍ସବ ଦୀର୍ଘ ୪୭ବର୍ଷ ଧରି ଆଶ୍ରମରେ ହୋଇ ଆସୁଥିବାବେଳେ ଭକ୍ତଙ୍କ ଜନସମାଗମ ହୋଇଥିଲା।



### ପ୍ରଧାନପାଲିରେ ସଫେଇ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୧୨।୧୧- ବରଗଡ଼ ବ୍ଲକ ଅଧୀନ ପ୍ରଧାନପାଲି ଗ୍ରାମର ବୀଣାପାଣି ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ସେବାଶ୍ରମ ସ୍କୁଲରେ ସଫେଇ କାର୍ଯ୍ୟ ହୋଇଥିଲା। ଏଥିରେ ସଭାନେତ୍ରୀ ସୌଦାମିନୀ ପ୍ରଧାନ, ସମ୍ପାଦିକା ପୁଷ୍ପାଞ୍ଜଳି ଭୋଇ ନେତୃତ୍ୱ ନେଇଥିଲେ। ଗୋଷ୍ଠୀର ସଭ୍ୟା ଚନ୍ଦ୍ରାବତୀ ଭୋଇ, ଗୌରୀ କଠାର, କୁମୁଦିନୀ ଖମାରୀ, ଲୀନା ଭୋଇ, ସଂଯୁକ୍ତା ସେଠ, ରାଧା ଖମାରୀ, କ୍ଷୀରେଶ୍ୱରୀ ପ୍ରଧାନ, ସୁରେଶ୍ୱରୀ ପୁରୋହିତ, ରାଜେଶ ଭୋଇ, ଅନନ୍ତବ୍ରତ ସେଠ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ନୃସିଂହନାଥରେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ

ପାଇକମାଲ,୧୨।୧୧(ଡି.ଏନ.ଏ.): ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ନୃସିଂହନାଥଠାରେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହିଳାମାନେ ମାସର ଶେଷ ୫ ଦିନ ପଞ୍ଚୁକ ବୁଡ ପକାଇ ଠାକୁରଙ୍କୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। କାର୍ତ୍ତିକ ପୂର୍ଣ୍ଣିମାରେ ଭୋର ୪ଟାରୁ ହଜାର ହଜାର ଶ୍ରଦ୍ଧାଳୁ ପବିତ୍ର ଝରଣାରେ ସ୍ନାନ ଜଗତର କଲ୍ୟାଣ ତଥା ପରିବାରର ସୁଖ ଶାନ୍ତି ପାଇଁ ଡଙ୍ଗା ଭସାଇଥିଲେ। ନୃସିଂହନାଥ କଳାପରିଷଦ ଆନୁକୂଲ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ଭଜନ ସମାରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର କଳାକାରମାନେ ଯୋଗଦେଇ ଭଜନ ପରିବେଷଣ କରିଥିଲେ। ଏହି ଅବସରେ ଏନ୍‌କେପି ପକ୍ଷରୁ ଏନ୍‌କେପି ଭିଜୁଏଲ ଆର୍ଟ ନାମରେ ଏକ ୟୁଟ୍ୟୁବ ଚ୍ୟାନେଲକୁ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏପରି କି ହେଲମେଟ ବେପାର ଏକ ଟେଲିଫିଲ୍ମ ପ୍ରଦର୍ଶନ କରାଯାଇଥିଲା। ଉତ୍ସବରେ ଚିତ୍ତରଞ୍ଜନ ସରାପ, ବିଜୟ ପ୍ରଧାନ, ପ୍ରେମସାଗର ଫୌଜଦାର, ତ୍ରିଲୋଚନ ମେହେର, ବିକାଶ ସାହୁ, ବିଟୁ ଭାଇ ପ୍ରମୁଖ ଯୋଗ ଦେଇଥିଲେ। କଣ୍ଠଶିଳ୍ପୀ ମୀନା, ମନ୍ଦାକିନୀ, ଲିସା, ସ୍ନେହା, ଗାୟତ୍ରୀ, ପୀତବାସଙ୍କ ସଙ୍ଗୀତ ପରିବେଷଣ ସାଙ୍ଗକୁ ସମ୍ବଲପୁରୀ ଭଜନ ସମସ୍ତଙ୍କ ମନ ମୋହିଥିଲା।

■ ତେଜିଲା ଚାଷୀ ଆନ୍ଦୋଳନ

# ମଣ୍ଡି ଭିତରେ ଧାନ ପୂରାଇଲେ ଚାଷୀ

ବରଗଡ଼ ଅଫିସ/ ଅତାବିରା,୧୨।୧୧ (ଡି.ଏନ୍.ଏ.)

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଜୋର୍ ଧରିଛି ମଣ୍ଡି ଖୋଲି ନ ଥିବା ଯୋଗୁ ଅମଳ ଧାନ କ୍ଷେତ, ଖଳା ଖୋଲା ଆକାଶତଳେ ପଡିରହିଛି । ମଣ୍ଡି ଖୋଲିବାରେ ବିଳମ୍ବ କରାଯିବାରୁ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏପରି କି ଅସନ୍ତୋଷ ଆନ୍ଦୋଳନ ମୋଡ଼ ନେଇଛି। ମଙ୍ଗଳବାର ଜିଲାର ଅତାବିରାରେ ଏଭଳି ପରିସ୍ଥିତି ଉପୁଜିଥିଲା । ମଣ୍ଡି ଖୋଲା ନ ଯିବାରୁ ଚାଷୀମାନେ ଫାଟକ ଖୋଲି ମଣ୍ଡିରେ ଧାନ ପୂରାଇବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

ଗତମାସ ୩୧ତାରିଖରେ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ ହୋଇଥିଲା । ବୈଠକରେ ନଭେମ୍ବର ୧୦ତାରିଖ ଜିଲାରେ ଧାନ ସଂଗ୍ରହ ପାଇଁ ୧୬୯ଟି ମଣ୍ଡି ଖୋଲାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେଥିମଧ୍ୟରୁ ଅତାବିରା ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ଅଧୀନରେ ୫୧, ବରଗଡ଼ ଆରଏମ୍‌ସି ଅଧୀନରେ ୫୮ ଏବଂ ପଦ୍ମପୁର ଆର୍‌ଏମ୍‌ସି ଅଧୀନରେ ୬୦ଟି ମଣ୍ଡି ରହିଛି । ହେଲେ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲାଯାଇ ନାହିଁ। ଅନ୍ୟପକ୍ଷେ ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ନିଷ୍ପତ୍ତିକୁ ବଦଳାଇ ମଣ୍ଡି ଖୋଲିବାକୁ ଆଗକୁ ୫ଦିନ ବଢ଼ାଇ ଆସନ୍ତା ୧୫ତାରିଖ ନିର୍ଦ୍ଧାରିତ କରାଯାଇଛି।



ଫାଟକ ଖୋଲି ଚାଷୀମାନେ ଧାନ ବୋଝେଇ ଟ୍ରାକ୍ଟର ଅତାବିରା ମଣ୍ଡି ଭିତରକୁ ନେଉଛନ୍ତି ।

ମଣ୍ଡି ଖୋଲି ନ ଥିବା ସୁଯୋଗ ନେଇ ମଧ୍ୟସ୍ଥ(ବେପାରୀ)ଙ୍କ ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟ(କୁଇଣ୍ଟାଲ ପ୍ରତି ସାଧାରଣ ଧାନ ୧୭୫୦, ଗ୍ରେଡ୍-ଏ ଧାନ ୧୭୭୦ ଟଙ୍କା) ପରିବର୍ତ୍ତେ ସେଥିରୁ ଶହେ, ଦୁଇ ଶହ ଟଙ୍କା କମ୍ ଦରରେ ଧାନ କିଣାଯାଇ ବିଭିନ୍ନ ରାଇସ୍ ମିଲକୁ ଯାଉଥିବା ଅଭିଯୋଗ ହେଉଛି। ଗୋଟିଏ ପଟେ ଚାଷୀଙ୍କ ଅମଳ ଧାନ କ୍ଷେତ, ଖଳା, ଖୋଲା ଆକାଶତଳେ ପଡ଼ିଥିବା ସତ୍ତ୍ୱେ ମଣ୍ଡି ଖୋଲାଯାଇ ନ ଥିବାବେଳେ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ କମ୍ ଦରରେ ଧାନ କିଣାଯାଇ ରାଇସ୍ ମିଲକୁ ଯାଉଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ହେଉ ନାହିଁ । ଫଳରେ ଏଭଳି ଅଭାବି ବିକ୍ରି ପରିସ୍ଥିତି ଯୋଗୁ ଚାଷୀ ଆନ୍ଦୋଳନ ମୁହାଁ ହେଉଥିବା ପରିଲକ୍ଷିତ ହେଉଛି ।

ଏହି କ୍ରମରେ ଚାଷୀମାନେ ମଙ୍ଗଳବାର ଅତାବିରା ମଣ୍ଡିକୁ ବିକ୍ରି ପାଇଁ ଧାନ ଆଣିଥିଲେ । ମଣ୍ଡି କର୍ତ୍ତୃପକ୍ଷଙ୍କୁ ଫାଟକ ଖୋଲିବାକୁ ଅନୁରୋଧ କରିଥିଲେ । ହେଲେ ଉପସ୍ଥିତ ବିଭାଗୀୟ କର୍ତ୍ତୃପକ୍ଷ ଆସନ୍ତା ୧୫ତାରିଖରୁ ମଣ୍ଡି ଖୋଲିବ ଏବଂ ଯେଉଁ ଚାଷୀ ଟୋକନ ପାଇଥିବେ ତାଙ୍କ ଧାନ କ୍ରମାନ୍ୱୟରେ ସଂଗ୍ରହ କରାଯିବ ବୋଲି କହିଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରି କି ଚାଷୀମାନେ ଫାଟକ ଖୋଲି ମଣ୍ଡି ଭିତରକୁ ଧାନ ପୂରାଇଥିଲେ। ଅନ୍ୟବର୍ଷ ତୁଳନାରେ ଚଳିତ ବର୍ଷ ମଣ୍ଡି ଖୋଲିବା ବିଳମ୍ବ ହୋଇଥିବା ଯୋଗୁ ଆଗକୁ ଚାଷୀ ଆନ୍ଦୋଳନ ବ୍ୟାପକ ରୂପ ନେବା ଆଶଙ୍କା ପ୍ରକାଶ ପାଇଛି । ଏହାକୁ ଆଖି ଆଗରେ ରଖି ଧାନ କିଣାବିକା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ତୁରନ୍ତ ମଣ୍ଡି ଖୋଲିବାର ଆବଶ୍ୟକତା ରହିଛି ବୋଲି ଚାଷୀ ମହଲରେ ଦାବି ହୋଇଛି । ପ୍ରକାଶଥାଉକି, ଗତ କିଛିଦିନ ତଳେ ଅତାବିରା ଅଞ୍ଚଳର ଚାଷୀ ପ୍ରତିନିଧିମାନେ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇ ଟୋକନ ବ୍ୟବସ୍ଥାକୁ ଉଚ୍ଛେଦ ସହିତ ୧୦ତାରିଖରୁ ମଣ୍ଡି ଖୋଲିବାକୁ ଦାବି କରିଥିଲେ।



ଗୁରୁନାନକଙ୍କ ପ୍ରକାଶ ପର୍ବ ପାଳନରେ କୀର୍ତ୍ତନ ପରିବେଷଣ କରାଯାଉଛି।

## ଗୁରୁନାନକଙ୍କ ପ୍ରକାଶ ପର୍ବ ସମାରୋହ

ବରଗଡ଼ ଅଫିସ୍,୧୨।୧୧

ବରଗଡ଼ ସହର ଗୁରୁଦ୍ୱାରାରେ ମଙ୍ଗଳବାର ଶିଖଧର୍ମର ଗୁରୁ ଶ୍ରୀ ଗୁରୁନାନକ ଦେବଜୀ ମହାରାଜଙ୍କ ୫୫୦ତମ ପ୍ରକାଶ ପର୍ବ(ଜନ୍ମ ଜୟନ୍ତୀ) ସମାରୋହରେ ପାଳିତ ହୋଇଯାଇଛି । ଛତିଶଗଡ଼ ବିଲାସପୁରର ଅମନଦୀପ ସିଂ ଓ ସାଥୀ କାର୍ଯ୍ୟକ୍ରମରେ ଯୋଗଦେଇ ସଂକୀର୍ତ୍ତନ ଗାନ କରିଥିଲେ । ସଂକୀର୍ତ୍ତନ ପରେ ପ୍ରସାଦ ବଣ୍ଟନ କରାଯାଇଥିଲା । କମିଟିର ସଭାପତି ସର୍ଦ୍ଦାର ବଳବନ୍ତ ସିଂ, ସମ୍ପାଦକ ପ୍ରୀତମ ସିଂ, ଉପସଭାପତି ଗୋଲାପ ଚାନ୍ଦ ପୋପ୍ତାନୀ, ଅମରଜୀତ ସିଂ ଚୈନେ, ବଳସେବ ସିଂ, ବଳବୀର ସିଂ, ଇନ୍ଦରଜିତ୍ ସିଂ, ଇନ୍ଦରପାଲ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଗତ ଅକ୍ଟୋବର ୨ତାରିଖ ଛତିଶଗଡ଼ରୁ ବରଗଡ଼ ପହଞ୍ଚିଥିବା ଐତିହାସିକ ଯାତ୍ରାକୁ ସ୍ୱାଗତ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଅନୁରୂପ ଭାବେ ୧୩ଟି ଅଖଣ୍ଡ ପାଠ ଶେଷ କରିଥିବା ବ୍ୟକ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ବାଲିଯାତ୍ରା

ଭେଡ଼େନ,୧୨।୧୧(ଡି.ଏନ୍.ଏ.): ବରଗଡ଼ ଜିଲା ଭେଡ଼େନ ବ୍ଲକର ବିଭିନ୍ନ ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ଅପରାହ୍ନରେ ବାଲିଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭେଡ଼େନ ସିଦ୍ଧେଶ୍ୱର ମହାଦେବ ମନ୍ଦିରରୁ ନାଗ ପ୍ରତିମାକୁ ଶୋଭାଯାତ୍ରାରେ ଦନ୍ତାନଦୀ କୂଳକୁ ନିଆଯାଇ ସେଠାରେ ଲିଙ୍ଗ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା। ଶୋଭାଯାତ୍ରାରେ କୁମ୍ଭାରୀର ଘୁମୁରା ଦଳ ଏବଂ ତାଳଗାଁର ସମ୍ପ୍ରଦା ଦଳ ଭାଗନେଇଥିଲେ। ସେହିପରି ତାଲମେଣ୍ଡା ଦନ୍ତା ନଦୀକୂଳରେ ରେମଣ୍ଡର ଦନ୍ତାନଦୀ କୂଳରେ, ଅଛାଣ୍ଡପାଲିର ଜୀରା ନଦୀ କୂଳରେ, ଜାଣ୍ଡୋଲ, ବରଗାଁ କର୍ମିଗୋଠ ଏବଂ ଧୁବେନପାଲିର ଜୀରାନଦୀ କୂଳରେ, ମରହାପାଲି ନାଳ କୂଳରେ ତଥା ଚିଚିଣ୍ଡା ଗ୍ରାମର ମେଳଣ ପଡ଼ିଆରେ ବାଲିଯାତ୍ରା ପାରମ୍ପରିକ ଉତ୍ସାହର ସହ ପାଳିତ ହୋଇଛି। ଯାତ୍ରାରେ ସଂକୀର୍ତ୍ତନ୍ୟ, ସମ୍ପ୍ରଦା, କୃଷ୍ଣଗୁରୁ ଆଦି ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ



ଭେଡ଼େନ ସିଦ୍ଧେଶ୍ୱର ମହାଦେବ ମନ୍ଦିରର ନାଗପ୍ରତିମକୁ ଶୋଭାଯାତ୍ରାରେ ନିଆଯାଉଛି।

## ବସେକେଲା ବାଲିଯାତ୍ରା: ମୁକ୍ତମଞ୍ଚ ରାମଲୀଳା ଉଦ୍‌ଘାଟିତ

### ସୀତା ଚୋରୀ, ବାଳି ବଧ ମଞ୍ଚସ୍ଥ

ଭେଡ଼େନ,୧୨।୧୧(ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ବସେକେଲା ଯାତ୍ରା ପଡ଼ିଆରେ ବସେକେଲା, ଗୁରୁପାଲି ଏବଂ କଟାପାଲି ଗ୍ରାମର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ବାଲିଯାତ୍ରା ଅବସରରେ ମୁକ୍ତମଞ୍ଚ ରାବଣ ରାଜ ତଥା ରାମଲୀଳା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭେଡେନ ଆମ୍ବା କମିଟି ଅଧକ୍ଷ ହରିଶଙ୍କର ବେହେରା, ଯାତ୍ରା କମିଟି ସଦସ୍ୟ ସୁବଳ ପ୍ରଧାନ, ଭଗବାନ ସେଠଙ୍କ ସମେତ ଅନ୍ୟ ସଦସ୍ୟଗଣ ଉପସ୍ଥିତ ଥିଲେ। ଚିଚିଣ୍ଡା ଗ୍ରାମର ଅଭିନେତା ଝସକେତନ



ପ୍ରଧାନ ରାବଣ ଭୂମିକାରେ ଅଭିନୟ କରୁଥିବା ବେଳେ ଅନ୍ୟାନ୍ୟ ଭୂମିକାରେ ରାଜେନ୍ଦ୍ର ବାଗ, ରୁଦ୍ର ନାରାୟଣ ମେହେର, ସଂକୀର୍ତ୍ତନ୍ୟ ପଧାନ, ଅଲେଖ ବୁଢ଼େକ, ଘନଶ୍ୟାମ ପ୍ରଧାନ, ଟିଙ୍କୁ ମେହେର ପ୍ରମୁଖ ଅଭିନୟ କରୁଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସୀତା ଚୋରି ଏବଂ ବାଳି ବଧ ମଞ୍ଚସ୍ଥ ହୋଇଥିଲା। ଲୋକ ଏହାର ଭରପୁର ମଜା ନେଇଥିଲେ। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଯାତ୍ରା ଚାଲିବ।

## ଜଳନ୍ଧର ଦରବାରେ ପୁସ୍ତକ ଉନ୍ମୋଚିତ

### ଖୁଣ୍ଟପାଲି ବାଲିଯାତ୍ରା ମହୋତ୍ସବ

ବରଗଡ଼ ଅଫିସ୍,୧୨।୧୧

ବରଗଡ଼ ବ୍ଲକ ଅଧୀନ ଖୁଣ୍ଟପାଲି ବାଲିଯାତ୍ରା ମହୋତ୍ସବ ଉତ୍ସାହ ଉଦ୍ଦୀପନା ସହିତ ଚାଲିଛି। ଏହି ଅବସରରେ ଆୟୋଜିତ ଜଳନ୍ଧର ଦରବାରରେ ସୋମବାର ଏକ ପୁସ୍ତକ ଖୁଣ୍ଟପାଲି ବାଲିଯାତ୍ରା ଉନ୍ମୋଚିତ ହୋଇଛି । ଅଧ୍ୟାପକ ଗୋପାଳକୃଷ୍ଣ ମିଶ୍ରଙ୍କ ରଚିତ ଏହି ପୁସ୍ତକକୁ ସ୍ଥାନୀୟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ, ଯୁବନେତା ଉମେଶ ପଣ୍ଡା, ଜଳନ୍ଧର ମହାରାଜ ଭୁବନେଶ୍ୱର ପ୍ରଧାନ, ପୂର୍ବତନ ସରପଞ୍ଚ ଦୁର୍ବାଦଳ ମେହେର, ଜଗନ୍ନାଥ ଦାସ, ନରୋତ୍ତମ କୁମ୍ଭାର ପ୍ରମୁଖ ଉନ୍ମୋଚନ କରିଥିଲେ। ସାରସ୍ୱତ ଉପହାର ପାଇଁ ଖୁଣ୍ଟପାଲି ବାଲିଯାତ୍ରା



ଖୁଣ୍ଟପାଲି ବାଲିଯାତ୍ରା ଜଳନ୍ଧର ଦରବାରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ମହୋତ୍ସବ କମିଟି ପକ୍ଷରୁ ସଭାପତି ରୋହିତ କୁମ୍ଭାର, ସମ୍ପାଦକ ଅଶ୍ୱିନୀ ପାତ୍ର, କୋଷାଧ୍ୟକ୍ଷ ବେଲାଲ ମେହେର ପ୍ରମୁଖ ପୁସ୍ତକର ଲେଖକ ମିଶ୍ରଙ୍କୁ ମାନପତ୍ର, ଉପଢ଼ୌକନ ଏବଂ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜଳନ୍ଧର ମହାରାଜ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

### ସୁପ୍ରିୟା ସ୍ମାରକୀ ଫୁଟବଲ
## ଅଇଁଠାପାଲି, କଳାପାଣି ବିଜୟୀ

ବରଗଡ଼ ଅଫିସ୍,୧୨।୧୧

ବରଗଡ଼ ଲେଙ୍ଗୁମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଅଇଁଠାପାଲି ଓ କଳାପାଣି ପ୍ରତିପକ୍ଷ ଦଳଗୁଡ଼ିକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଅଇଁଠାପାଲି ଓ ବରଡ଼ୋଲ ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ଏଥିରେ ଅଇଁଠାପାଲି ୩-୨ ଗୋଲରେ ବିଜୟୀ ହୋଇଥିଲା । ଅଇଁଠାପାଲିର ବୁଲୁ ଭୋଇ ୨ଟି, ଜୀବର୍ଦ୍ଧନ ଭୋଇ ଗୋଟିଏ ଗୋଲ ସ୍କୋର କରିଥିବା ବେଳେ ପ୍ରତିପକ୍ଷ ଦଳର ସରୋଜ କୁଜୁର ଓ ରାଜୁ ବେହେରା ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । ସେହିପରି କଳାପାଣି ଓ ବିକାଶ ରେସିଡେନ୍ସିଆଲ ସ୍କୁଲ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ଏଥିରେ କଳାପାଣି ୧-୦ ଗୋଲରେ ବିଜୟୀ ହୋଇଥିଲା। କଳାପାଣିର ବିମଳ ପ୍ରଧାନ ଗୋଟିଏ ଗୋଲ ସ୍କୋର କରିଥିବା ବେଳେ ପ୍ରତିପକ୍ଷ ଦଳର ଖେଳାଳିମାନେ ଗୋଲ ସ୍କୋର କରି ପାରି ନ ଥିଲେ । ଗୋପାଳ ନାଏକ, ଉମେଶ ଭୋଇ, ଶୁଭମ ପାତ୍ର, ରଞ୍ଜୁ ଛତ୍ରିଆ, ପ୍ରଶାନ୍ତ ବେହେରା, ନିରଞ୍ଜନ ମହାକୁର, ମନୋଜ ଭୂୟାଁ, ବିଶିକେଶନ ପ୍ରଧାନ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ ।

## ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ବରଗଡ଼ ଅଫିସ୍,୧୨।୧୧

ବରଗଡ଼ରେ ସୋମବାରଠାରୁ ଜାପାନୀଜ ଏନ୍‌ସେଫାଲାଇଟିସ୍ ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ବରଗଡ଼ ସହରର ୱାର୍ଡ଼ନଂ-୧୮ ଭିଏସ୍‌ଏସ ନଗର(ବାନ୍ଧୁଟିକ୍ରା)ସ୍ଥିତ ଜନ କଲ୍ୟାଣ ସଂଘ କ୍ଲବରେ ଆୟୋଜିତ ଟିକାକରଣ ଶିବିରକୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ(ସିଡ଼ିଏମଓ) ଡା. ପୁଷ୍ପାଂଶୁ ସାହୁ, ଏଡ଼ିଏମ୍‌ଓ ଡା. ତହସିଲ ସାହୁ, ଡା. ଶ୍ରୀମନ୍ତ ସାହୁ, ଡା. ଦିବ୍ୟକିଶୋର ପତିଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀଙ୍କ ସହ ଜନ କଲ୍ୟାଣ ଯୁବକ ସଂଘର ସନ୍ତୋଷ ଦାଶ, ଦେବରାଜ ସାହୁ, ମନୋଜ ବେହେରା ପ୍ରମୁଖ ସହଯୋଗ କରିଥିଲେ ।



ଶିବିରରେ ଜଣେ ଶିଶୁଙ୍କୁ ଟିକା ଦିଆଯାଉଛି ।

ଯାଦବ ସମାଜର ସମାବେଶ

## ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ

ଭେଡ଼େନ,୧୨।୧୧(ଡି.ଏନ୍.ଏ.):

ବରଗଡ଼ ଜିଲା ଭେଡ଼େନସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିର ପରିସରରେ ମଙ୍ଗଳବାର ଭେଡ଼େନ ବ୍ଲକ ଯାଦବ ସମାଜର ସାଧାରଣ ସଭା ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା ଏବଂ ଜଳାଭିଷେକ ହୋଇଥିଲା। ବ୍ଲକ ଯାଦବ ସମାଜ ସଭାପତି ସୁରୁବାବୁ ବରଗର୍ତ୍ତିଙ୍କ ସଭାପତିତ୍ୱ ତଥା ସୋମନାଥ ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ବରଗଡ଼ ଜିଲା କାର୍ଯ୍ୟକାରୀ ସଭାପତି ଖାଡ଼ିଆ ବରଗର୍ତ୍ତି, ଭେଡ଼େନ ବିଡ଼ିଓ ମୂରଲୀଧର ନାୟକ, ସୋନପୁର ଜିଲା ସଭାପତି ତପନ ଯୁଆଡ଼ି, ପୂର୍ବତନ ସଭାପତି ଡ଼ୋଲମଣି ମାହାର, ବ୍ଲକ ସଭାପତି ମନବୋଧ ଭୋଇ, ବନମାଳୀ ଚନ୍ଦନ, ଧ୍ରୁବଚରଣ ହାତି, ଜଗଦୀଶ ବଘାର, ଶତ୍ରୁଘ୍ନ ବରଗର୍ତ୍ତି, ସୁବାସ ହଂସ, ଶିତଲ ମହାକୁର, ସୁବାସ ଭୋଇ, ବୃନ୍ଦାବନ ଦୀପ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଯାଦବ ସମାଜର କୃତୀ ଡାକ୍ତରୀ ଛାତ୍ରୀ ଦୀପାଞ୍ଜଳୀ କଠାର, ମୁନି ଭୋଇ, ସଂକ୍ରୀଡ଼ା ସମିତିସଭ୍ୟା ଗୀତାଞ୍ଜଳି ଭୋଇ, ଥୁଆପାଲିର ସାମାଜିକ କର୍ମୀ ଫଗୁନୁ ଯୁଆଡ଼ି, ଆଇନଜୀବୀ ଲିପ୍‌ସିତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦାନନ୍ଦ ଗରିଆ ସମାବେଶର ଉଦ୍ଦେଶ୍ୟ ଜ୍ଞାପନ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ରସାନନ୍ଦ ଥପା ଧନ୍ୟବାଦ ଅର୍ପଣ କରିଥିଲେ। ଆକାଶବାଣୀ କଳାକାର କୀର୍ତ୍ତ ବରଗର୍ତ୍ତି ଏବଂ ସାଥୀ ଅଲେଖ ସାହୁ, ନୃସିଂହ ରଥ, ଓକିଲ ସାହୁ ଏବଂ ସୁଦାମ ମେହେର ପ୍ରମୁଖ ଭଜନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଭେଡ଼େନ ବ୍ଲକର ସମସ୍ତ ଯାଦବ ସଦସ୍ୟ ସହଯୋଗ କରିଥିଲେ।



ଭେଡ଼େନ ଯାଦବ ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ।

## କ୍ଷତିପୂରଣ ଦାବି, ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୧୨।୧୧

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଚକଡ଼ା ରୋଗପୋକ(ମାଟିଆଗୁଣ୍ଡି) ଉପଦ୍ରବ ଯୋଗୁ ଧାନ ଫସଲ ନଷ୍ଟ ହୋଇଛି । ଏ ନେଇ ଚାଷୀ ଚିନ୍ତାରେ ପଡିଛି। ଜିଲାର ଭେଡ଼େନ ବ୍ଲକ ଅନ୍ତର୍ଗତ ବକଟୀ ଗ୍ରାମରେ ଚକଡ଼ା ପୋକ ଲାଗି ଫସଲକ୍ଷତି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ନେଇ ଗ୍ରାମର ଏକ ଚାଷୀ ପ୍ରତିନିଧି ଦଳ ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଚକଡ଼ା ରୋଗପୋକ ଯୋଗୁ ଗ୍ରାମର ଧାନ ଫସଲ ଉଜୁଡ଼ି ଯାଇଥିବା ବଳେ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି । ସ୍ମାରକପତ୍ର ପ୍ରଦାନ ବେଳେ ଗ୍ରାମର ବହୁ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା



## ସଂକ୍ଷେପରେ

### ଭତ୍ତା ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

ଟିଟିଲାଗଡ, ୧୨।୧୧ (ଡି.ଏନ.ଏ): ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ଗତ ସୋମବାର ଟିଟିଲାଗଡ଼ ଉପଜିଲାପାଳଙ୍କ ସଭାଗୃହରେ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗ ଗୁଡ଼ିକୁ ଶୁଣିଥିଲେ। ତନ୍ମଧ୍ୟରୁ ଟିଟିଲାଗଡ ସରପଞ୍ଚ ସଂଘ ତରଫରୁ ଭିନ୍ନକ୍ଷମ, ବିଧବା, ବୃଦ୍ଧାବୃଦ୍ଧଙ୍କ ଭତ୍ତା ପାଇଁ ଦାବି ହୋଇଥିଲା । ଏହି ପରିପ୍ରେକ୍ଷୀରେ ଜିଲାପାଳ ଡାକୁଆ ଟିଟିଲାଗଡ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ୫ଟି ବ୍ଲକରେ ସାମାଜିକ ସୁରକ୍ଷା ଭତ୍ତା ପାଇଁ ଯୋଗ୍ୟ ହିତାଧିକାରୀ ଅଛନ୍ତି ତାହା ଆକଳନ କରି ଆସନ୍ତା ୨୫ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ ଟିଟିଲାଗଡ ଉପଖଣ୍ଡର ସମସ୍ତ ୫ଟି ବ୍ଲକର ଏହି ସ୍କିମ୍ ମାଧ୍ୟମରେ ଭତ୍ତା ପାଉଥିବା ସମସ୍ତ ହିତାଧିକାରୀଙ୍କୁ ଆସନ୍ତା ୨୧ ତାରିଖ ମଧ୍ୟରେ ଆଧାର ସଂଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶନାମା ଜାରି ହେବା ପରେ ସରପଞ୍ଚ ସଂଘ ତରଫରୁ ଜିଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ପାତାଳି ଶ୍ରୀକ୍ଷେତ୍ର ଉତ୍ସବମୁଖର

ରାସ ପୂର୍ଣ୍ଣମା

ଉଲୁଣ୍ଡା, ୧୨।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର ରାସ ପୂର୍ଣ୍ଣମୀ ଅବସରରେ ଉତ୍ସବ ମୁଖର ହୋଇ ଉଠିଥିଲା। ବିଶେଷ କରି ପଞ୍ଚକଠାରୁ ଶ୍ରୀଜଗନ୍ନାଥଙ୍କ ରାଇ ଦାମୋଦର ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ପରମ୍ପରା କ୍ରମେ ପୀଠ ପୂଜକ ଗୁଣାକର ପଣ୍ଡା ଓ ଚିତ୍ତରଞ୍ଜନ ପାଢୀଙ୍କ ପ୍ରତ୍ୟହ ଦ୍ୱାରା ଫିଟା, ମଙ୍ଗଳ ଆଳତୀ, ଖେଚୁଡି ଭୋଗ, ବଡସିଂହାର ବେଶ କରିଥିଲେ। ଚତୁର୍ଦ୍ଦଶୀ ରାତିରେ ବିଭିନ୍ନ ସ୍ଥାନରୁ ଶତାଧିକ ଶ୍ରଦ୍ଧାଳୁ ପାତାଳି କ୍ଷେତ୍ରରେ ଉଜାଗର ରହି ସକାଳୁ ସ୍ଥାନୀୟ ମେଣ୍ଡଲିମୁଣ୍ଡାଠାରେ ବୋଇତ ବନ୍ଦାଣ କରିଥିଲେ। ପରେ ସେମାନେ ଛଲିଆ ପାହାଡସ୍ଥିତ ଚତୁର୍ଦ୍ଧାମୂର୍ତ୍ତୀଙ୍କ ଦର୍ଶନ ସହ ଜଗନ୍ନାଥଙ୍କ ସ୍ତୋତ୍ରମ ଗାନ କରିବା ସହ ବିଭିନ୍ନ ଗୁମ୍ଫା ବୁଲୁ ଦେଖିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଏବଂ ପାତାଳି ସେନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଟ୍ରଷ୍ଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ସମେତ ଜାନକୀରାମ ଦେହେରୀ, ଜଗଦୀଶ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ମେଟାକାନୀ ପୀଠ ମଧ୍ୟ ଶ୍ରଦ୍ଧାଳୁଙ୍କ ଦ୍ୱାରା ଚଳଚଞ୍ଚଳ ହୋଇ ଉଠିଥିଲା। ଶ୍ରଦ୍ଧାଳୁ ମା'ଙ୍କୁ ଧର୍ଶନ କରିବା ସହ ପ୍ରାକୃତିକ ପରିବେଶ ଉପଭୋଗ କରିଥିଲେ।



ରାସପୂର୍ଣ୍ଣମୀରେ କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ରକୁ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡି ଲାଗିଛି।

# ତ୍ରିବେଣୀ ସଙ୍ଗମ ଆରତିରେ ସ୍ୱଚ୍ଛତାର ବାର୍ତ୍ତା

ସୋନପୁର,୧୨।୧୧(ନି.ପ୍ର.)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୁବର୍ଣ୍ଣପୁରର ପ୍ରାଚୀନ ଶୈବପୀଠ ରାମେଶ୍ୱର ତ୍ରିବେଣୀ ସଙ୍ଗମ ତଥା ସ୍ୱର୍ଣ୍ଣ ପ୍ରୟାଗଠାରେ ୬ଷ୍ଠ ବର୍ଷ ତ୍ରିବେଣୀ ସଙ୍ଗମ ଆରତୀ ମହାସମାରୋହରେ ପାଳନ ହୋଇଯାଇଛି। ଏଥିପାଇଁ ମୁଖ୍ୟ ଆୟୋଜକ ଶ୍ୟାମା ଓଁ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷି ବିଭାଗର ଅତିରିକ୍ତ ସଚିବ ଡ. ଦୁର୍ବାଦଳ ମେହେର, ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଓଡିଶା ଗାନ୍ଧୀବାଦୀ ଫୋରମର ଅଧକ୍ଷା ଡ. ରୀନା ରାଉତରାୟ, ବରହମପୁରର ସାଧୁ ରାମ ଶଙ୍କର ଶତପଥୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଆରତୀ ଅବସରରେ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। ସହରବାସୀ, ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆଧ୍ୟାତ୍ମିକତା, ମହାନଦୀ ଓ ତେଲନଦୀ ସହିତ ଅନ୍ୟାନ୍ୟ ନଦୀଗୁଡିକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ଜନସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ସାହିତ୍ୟ, ସଂସ୍କୃତି ପ୍ରତି ବିଶେଷ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଭୁବନେଶ୍ୱରର କମଳିନୀ ଦେବୀ, ବଲାଙ୍ଗୀରର ମମତା ସ୍ୱାଇଁ ଓ ସୋନପୁରର ଇନ୍ଦୁମତି ପୁରୋହିତଙ୍କୁ ସୁବର୍ଣ୍ଣଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂଜକ ଶିବ ନାରାୟଣ ପୂଜାରୀ, ଗଣେଷ ଦାଶ, ବାସୁଦେବ ଶତପଥୀ ଓ ସଚ୍ଚିଦାନନ୍ଦ ଦଶ ଆରତୀ କରିଥିଲେ। ଆରତିରାଣୀ ହୋତା ଓ ଦିଲ୍ଲୀପ କୁମାର ପଣ୍ଡା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ପୁଷ୍ପକ ରାୟ ଓ ସାଥି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ କବି ଆର୍ତ୍ତତ୍ରାଣ ବାବୁଙ୍କ ଲିଖିତ କବିତା ସଙ୍କଳନ ମୋ ମାଟି ମୋ ବୈକୁଣ୍ଠକୁ ଅତିଥି ବୃନ୍ଦ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ନାଟ୍ୟଶ୍ରୀ ଗଦାଧର ବାରିକ, ଶ୍ରୀବତ୍ସ ମଲ୍ଲିକ, ଅଭିମନ୍ୟୁ କୁଶଳ, ବେଣୁଧର ପ୍ରଧାନ, ରଶ୍ମିରଞ୍ଜନ ମିଶ୍ର, ପଦ୍ମଲୋଚନ ମହଲା, ମନୋଜ ବାରିକ୍ ପ୍ରମୁଖ ସହଯୋଗ କରିଥିଲେ ।

### ମମତା, କମଳିନୀ, ଇନ୍ଦୁମତୀଙ୍କୁ ସୁବର୍ଣ୍ଣଗୌରବ ସମ୍ମାନ



ସୁବର୍ଣ୍ଣପୁରର ରାମେଶ୍ୱର ସଙ୍ଗମ ସ୍ଥଳୀରେ ଆରତି କରାଯାଉଛି ।



ବାଳିକା ବାଳକ ଭୋଜନ କରୁଛନ୍ତି ।

# କାର୍ତ୍ତିକ ପୂର୍ଣ୍ଣିମାରେ ବାଳକ ଭୋଜନ କାର୍ଯ୍ୟକ୍ରମ

ସୋନପୁର,୧୨।୧୧(ନି.ପ୍ର.)

କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସହରର ଭାଗବତ ପାଠାଗାର ତେନ୍ତୁଳିଘାଟ ପକ୍ଷରୁ ମଙ୍ଗଳବାର ଦିବସ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ୫୬ ତମ ବାଳକ ଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୬ ହଜାରରୁ ଊର୍ଦ୍ଧ୍ୱ ବାଳିକା ବାଳକ ମଧ୍ୟାହ୍ନଭୋଜନ କରିଥିଲେ। ପାଠାଗାରର କର୍ମକର୍ତ୍ତା ଓ ସ୍ଥାନୀୟ ଅଧିବାସୀ ବାଳିକା ବାଳକଙ୍କ ପାଦ ଧୋଇଦେଇ ପ୍ରସାଦ ସେବନର ବ୍ୟବସ୍ଥା କରାଇଥିଲେ। ରାମଜୀ ମଠ ପୁରୀର ବଂଶୀଧର ଦାସଜୀ ମହାରାଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସକାଳେ ପାଠାଗାର ପକ୍ଷରୁ ମହାନଦୀ କୂଳରେ ମଙ୍ଗଳ ଆରତୀ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ପୁରୁଷୋତ୍ତମ ପାଣିଗ୍ରାହୀ, ଚକ୍ରାୟୁଧ ନାଏକ, ଅଭିମନ୍ୟୁ କୁଶଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।ପାଠାଗାରରସଭାପତି ଶଙ୍ଖନିଧି ରାୟଗୁରୁ, ସମ୍ପାଦକ ପବିତ୍ର ସାହୁ, ନନ୍ଦକିଶୋର ତ୍ରିପାଠୀ, ମାର୍କଣ୍ଡ ତରିଆ, ସୁଶାନ୍ତ ନାଏକ, ଟିଙ୍କୁନୁ ବୁଡେକ, ଗଙ୍ଗାଧର ମହାରଣା, ହିମାଂଶୁ ନାଏକ, ବଳରାମ ମଲ୍ଲିକ, ସୂର୍ଯ୍ୟନାରାୟଣ ବେହେରା, ମାନଭଞ୍ଜନ ସେଠୀ ଓ ବୈଦ୍ୟନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# ସୁବର୍ଣ୍ଣପୁରରେ ୫୧୧୫ତମ ନିମ୍ବାର୍କ ଜୟନ୍ତୀ ପାଳିତ

ସୋନପୁର,୧୨।୧୧(ନି.ପ୍ର.)

୫୧୧୫ତମ ନିମ୍ବାର୍କ ଜୟନ୍ତୀ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ଏକ ଧାର୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୂରଦୂରାନ୍ତରୁ ୨୫ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ରାମଜୀ ମଠ ପୁରୀର ମହନ୍ତ ବଂଶୀଧର ଦାଶଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହନ୍ତ ବଂଶୀଧର ଦାଶ ପ୍ରବଚନ ପ୍ରଦାନ ପୂର୍ବକ ଭକ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହି ଅବସରରେ ସମାଜର ମଙ୍ଗଳ ପାଇଁ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆନନ୍ଦ ପୂଝାରୀ, କେନ୍ଦ୍ର ସମ୍ପାଦକ ଲକ୍ଷ୍ମଣ ପାଣ୍ଡିଆଙ୍କ ସମେତ ମହୋତ୍ସବ ପରିଚାଳନା କମିଟିର ସଭାପତି ଶ୍ରୀବତ୍ସ ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଶିବ ନାରାୟଣ ପୂଝାରୀ, ସମ୍ପାଦକ ବ୍ରଜଗୋପାଳ ପୂଝାରୀ, ରାଧେଶ୍ୟାମ ପୁରୋହିତ, କୋଷାଧ୍ୟକ୍ଷ ସନ୍ତୋଷ ମହାପାତ୍ର, ଅଶୋକ ପୂଝାରୀ, ଉପଦେଷ୍ଟା ଦାମୋଦର ନାଏକ, ଗୋପାଳ ପ୍ରଧାନ, ବଳରାମ ମହାପାତ୍ର, ଭୀଷ୍ମ ମୁନି, ଗୋପାଳ ନେଗୀ, ଲକ୍ଷ୍ମୀନାରାୟଣ ପୂଝାରୀ, ସୂର୍ଯ୍ୟନାରାୟଣ ପୁରୋହିତ, ରାମନାରାୟଣ ମହାପାତ୍ର, ଦେବେନ୍ଦ୍ର ଦାଶ ଓ ସଚ୍ଚିଦାନନ୍ଦ ଦାଶ ପ୍ରମୁଖଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଭକ୍ତଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା ।




ରାମଜୀ ମଠର ମହନ୍ତ ବଂଶୀଧର ଦାଶ ମହାରାଜ ପ୍ରବଚନ ପ୍ରଦାନ କରୁଛନ୍ତି ।

# ବିଷକ୍ରିୟାରେ ଜଣେ ମୃତ

ବରଗଡ଼ ଅଫିସ୍,୧୨।୧୧

ବରଗଡ଼ ଜିଲା ସୋହେଲା ଥାନା ଅନ୍ତର୍ଗତ ସରକଣ୍ଡା ଗ୍ରାମର ପୀତବାସ ଭୁଏ ଓରଫ ଟିଟୋଙ୍କ ବିଷକ୍ରିୟାରେ ମଙ୍ଗଳବାର ମୃତ୍ୟୁ ଘଟିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଏନେଇ ସୋହେଲା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି ।



କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସୋନପୁର ସହର ନିକଟସ୍ଥ ମହାନଦୀର ଲଙ୍କେଶ୍ୱରୀ ଗଣ୍ଡ ନିକଟରେ ମଙ୍ଗଳବାର ଆୟୋଜିତ ରାଜ୍ୟସ୍ତରୀୟ ନୌକାଚାଳନା ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଅଭି ବେହେରା ଓ କିଶୋର ନାଏକଙ୍କୁ ପୁରସ୍କୃତ କରାଯାଉଛି।

# ପାତ୍ରପାଲିରେ ବିଶ୍ୱାସ କାର୍ଯ୍ୟକ୍ରମ

ଉଲୁଣ୍ଡା, ୧୨।୧୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଚଢେଇପଙ୍କ ପଞ୍ଚାୟତ ଅନ୍ତର୍ଗତ ପାତ୍ରପାଲି ଗ୍ରାମରେ ଗାଁ କଲ୍ୟାଣ ସମିତି ଆନୁକୂଲ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଗୃହୀତ ବିଶ୍ୱାସ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ଶମ୍ଭୁରାଜ କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଳ ଓ ପରିମଳ ବିଭାଗର ବିଆରସି ପ୍ରଦୀପ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖୋଲାରେ ମଳତ୍ୟାଗ ନକରିବା, ଗ୍ରାମକୁ ସଫାସୁତୁରା ରଖିବା, ପାଇଖାନା ବ୍ୟବହାର କରିବା ଆଦି ଉପରେ ସଚେତନ କରିଥିଲେ। ଏହାସହିତ ସମସ୍ତେ ସଚେତନ ହେଲେ ଗ୍ରାମକୁ ମଳମୁକ୍ତ କରାଯାଇ ପାରିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଏଚ୍‌ଜି ମହିଳା, ଅଙ୍ଗନୱାଡି କର୍ମୀଙ୍କ ସମେତ ଗ୍ରାମବାସୀ ଯୋଗଦେଇଥିଲେ। ଏହି ଅବସରରେ ଲୋକମାନଙ୍କୁ ସଚେତନ କରିବା ପାଇଁ ଉକ୍ତ ପ୍ରସଙ୍ଗ ଉପରେ ବିଭିନ୍ନ ପ୍ରଶ୍ନ କରାଯାଇଥିଲା। ଏଥିରେ ଗ୍ରାମର ପଦ୍ମନାଭ ପାତ୍ର, ବଭୀଷଣ ପାତ୍ର, ପଲେଶ୍ୱର ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ପୁଷ୍ପାଞ୍ଜଳି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଯୁବମହାସଂଘର ପ୍ରତିଷ୍ଠା ଦିବସ

# ସମାଜ ଗଠନରେ ଯୁବଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଉଲୁଣ୍ଡା, ୧୨।୧୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଯୁବ ମହାସଂଘର ତୃତୀୟ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରମୋଦ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଆଇଆଇସି ବିଧୁ ଭୂଷଣ ପୁଟା ମୁଖ୍ୟ ଅତିଥି, ବକ୍ତାଭାବେ ସେବାନିବୃତ ଶିକ୍ଷକ ଯୋଗେନ୍ଦ୍ର ପ୍ରସାଦ ପଣ୍ଡା ଯୋଗଦେଇ ସାମ୍ପ୍ରତିକ ସମୟରେ ସମାଜ ଗଠନ ପାଇଁ ଯୁବଗୋଷ୍ଠୀଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ।

ସମ୍ମାନୀତ ଅତିଥିଭାବେ ଅଗ୍ନିଶମ ବିଭାଗ ଆଇଆଇସି ଭରତଲାଲ ଏକ୍କା, ଉଲୁଣ୍ଡା ବ୍ଲକ ସହକାରୀ ଯନ୍ତ୍ରୀ ଗିରିଜା ଶଙ୍କର ସାହୁ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଅତିଥିଗଣଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କଲା ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଶ୍ୱଜିତ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସଂଘ ସମ୍ପାଦକ ତଥାଗତ ମହାକୁରଙ୍କ ତତ୍ତ୍ୱାବଧାନ କ୍ରମେ ସିଣ୍ଡୋଲ ପଞ୍ଚାୟତର ଦକ୍ଷିଣିପାଲି, ମାଟୁପାଲି ଓ ଜାଉଁରାଭଉଁରା ପଞ୍ଚାୟତର ଗାଛାପର, ରାଧାନଗର, ଦିପପାଲି, ଢେଲେଇ, ହାତିପାହୁଲ, ବ୍ରାହ୍ମିଣୀପାଲି, ବଘାରମୁଣ୍ଡା ଏବଂ ଏସ.ପତ୍ରାପାଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରାୟ ୯୦ଜଣ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ତେବେ ଆଜି ଯୁବମହାସଂଘରେ ସିଣ୍ଡୋଲର ୟୁଥ କ୍ଲବ, ମାଟିଖାଇର ରାମଜୀ କ୍ଲବ, କାଦୋଦରର ଉମାଦେବୀ କ୍ଲବର ସଦସ୍ୟମାନେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସ ସାହୁ, ଇନ୍ଦ୍ରମଣି ପଧାନ, ସୁଶିଲ ଥାଟି, ଅସିମ ତ୍ରିପାଠୀ, ଜଗମୋହନ ପଟନାଏକ, କାର୍ତ୍ତିକ ପୁରୋହିତଙ୍କ ସମେତ ବହୁ ସଦସ୍ୟ ଏବଂ ବୀରମହାରାଜପୁରର ଯୁବ ମହାସଂଘର ସଦସ୍ୟମାନେ ଯୋଗଦେଇଥିଲେ। ଶେଷରେ ମହେଶ ରଞ୍ଜନ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।




ଯୁବ ମହାସଂଘର ତୃତୀୟ ପ୍ରତିଷ୍ଠା ଦିବସ ସଭାରେ ମଞ୍ଚାସୀନ ଅତିଥିମାନେ।

ମା'ମଙ୍ଗଳା ଫୁଟବଲ ଟୁର୍ଣ୍ଣାମେଣ୍ଟ

# ରୟାଲ ସ୍ପୋର୍ଟିଂ ସୋନପୁର ଚାମ୍ପିୟନ

ଉଲୁଣ୍ଡା, ୧୨।୧୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମା' ମଙ୍ଗଳା ଫୁଟବଲ କ୍ଲବ ତୁରିପଡା ଲସ୍ତଲା ପକ୍ଷରୁ ମଙ୍ଗଳବାର ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଫାଇନାଲ ଖେଳରେ ରୟାଲ ସ୍ପୋର୍ଟିଂ ସୋନପୁର ଦଳ ବଡମାଲକୁ ଟ୍ରାଇବ୍ରେକର ୩–୨ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ସନତ କୁମାର ସେଠୀ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଉଲୁଣ୍ଡା ଦଳ ପୋଡକିରାକୁ ୧–୦, ସୋନପୁର ଦଳ ଲିମ୍ବପାଲିକୁ ୧–୦, ବଡମାଲ ଦଳ ନାକଡେଇଁକୁ ୨–୦ ଏବଂ ରକ୍ସା ଦଳ ଲସ୍ତଲାକୁ ୬–୫ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଖେଳାଯାଇଥିବା ପ୍ରଥମ ସେମିରେ ସୋନପୁର ଦଳ ଉଲୁଣ୍ଡାକୁ ୧–୦ ଗୋଲରେ ଏବଂ ଦ୍ୱିତୀୟ ସେମିରେ ବଡମାଲ ଦଳ ରକ୍ସାକୁ ୩–୦ ଗୋଲରେ ପରାସ୍ତ କରି ଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଖେଳ ସବୁକୁ ପ୍ରଶାନ୍ତ କୁମାର ସେଠୀ, ସୁଦାମ ଜଗଦଲା, ପ୍ରଶାନ୍ତ ଷାଣ୍ଢ ଓ ସିଦ୍ଧାର୍ଥ ପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜକ ସଭାପତି ହରିହର ନାଏକଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଚନ୍ଦନ ନାଏକଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦୀପାଞ୍ଜଳି ସେଠୀ, ବ୍ଲକ କ୍ରୀଡା ସଂଯୋଜକ ଉରୁକ୍ରମ ପାଣ୍ଡିଆ ଏବଂ ୱାର୍ଡସଭ୍ୟ ସନ୍ତୋଷ ନାଏକ ପ୍ରମୁଖ ଯୋଗଦେଇ ବିଜୟୀ ରୟାଲ ସ୍ପୋର୍ଟିଂ ସୋନପୁର ଦଳକୁ ଟ୍ରଫିସହ ୩ ହଜାର ଏବଂ ଉପବିଜେତା ବଡମାଲ ଦଳକୁ ଟ୍ରଫି ସହ ନଗଦ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ଅୟୋଜନରେ ଅନୁଷ୍ଠାନର ମିଲୁ ନାଏକ, ଦେବାଶିଷ ନାଏକ, ରଞ୍ଜନ ଭୋଇ, ନାରାୟଣ ନାଏକ, ସୁଦର୍ଶନ ନାଏକ ଓ ପୁରୁଷୋତ୍ତମ ନାଏକ ପ୍ରମୁଖ ସହଯୋଗ କରିଥିଲେ।



ଫାଇନାଲ ମ୍ୟାଚ ଖେଳିଥିବା ସୋନପୁର ଓ ବଡମାଲ ଦଳର ଖେଳାଳିମାନେ।

**ସଂକ୍ଷେପରେ**

## ସିଙ୍ଘଝର ଆନ୍ତଃରାଜ୍ୟ ବୁଢ଼ାରଜା କ୍ରିକେଟ ଟୁର୍ନାମେଣ୍ଟ କମିଟି ଚୟନ

**ସିନାପାଲି,୧୨।୧୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ ସିଙ୍ଘଝରଠାରେ ଆୟୋଜିତ ଆନ୍ତଃରାଜ୍ୟ ବୁଢ଼ାରଜା କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କାଇଁ ଗତ ମଙ୍ଗଳବାର କମିଟି ଗଠନ କରାଯିବା ସହ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂତନ କମିଟି ସଭାପତି ଭାବେ ଯିଶୁରାମ ବୈଠାରୁ, ସମ୍ପାଦକ ଭାବେ ଦେବେନ୍ଦ୍ର ନାରାୟଣ କସ୍ୟପ, କୋଷାଧକ୍ଷ ବଲୁ ଖାନ, ଉପସଭାପତି ସନତ ବୈଠାରୁ, ସାଧାରଣ ସମ୍ପାଦକ ଘନଶ୍ୟାମ ନିଆଲ ପ୍ରମୁଖ ନୂତନ କମିଟିରେ ସ୍ଥାନ ପାଇଛନ୍ତି। ଟୁର୍ନାମେଣ୍ଟ ଆସନ୍ତା ଡିସେମ୍ବର ପହିଲାରୁ ଆରମ୍ଭ ହେବ ବୋଲି କମିଟି ନିଷ୍ପତ୍ତି ନେଇଛି। ଆନ୍ତଃରାଜ୍ୟ ବୁଢ଼ାରଜା କ୍ରିକେଟ ଟୁର୍ନାମେଣ୍ଟ ପ୍ରତିବର୍ଷ ଆୟୋଜନ କରାଯାଇ ସିନାପାଲି ଅଞ୍ଚଳରେ ଏକ ଚର୍ଚ୍ଚିତ ପ୍ରତିଯୋଗିତା ଭାବେ ଜଣାଶୁଣା। ଏଠାକୁ ବିଭିନ୍ନ ରାଜ୍ୟରୁ ଖେଳାଳିମାନେ ଆସି ଖେଳ ପ୍ରଦର୍ଶନ କରିଥାନ୍ତି। ଚଳିତବର୍ଷ ମଧ୍ୟ ବହୁ ରାଜ୍ୟରୁ ଦଳ ଗୁଡିକ ଅଂଶଗ୍ରହଣ କରିବାକୁ ନେଇ ସ୍ଥିରି ହୋଇଛି ବୋଲି କମିଟି ସୂତ୍ରରୁ ଜଣାପଡ଼ିଛି।

**ଡିସେମ୍ବରରୁ ଆରମ୍ଭ ହେବ ଟୁର୍ନାମେଣ୍ଟ**


ନିଃରସ ଲାଗୁଛି ରାଜୀବ ଉଦ୍ୟାନ।


ପ୍ରସିଦ୍ଧ ଯୋଗେଶ୍ୱର ମନ୍ଦିର।

■ ପତୋରା ରାଜୀବ ଉଦ୍ୟାନ ଖାଁ ଖାଁ

# ଶୈବ ପୀଠ, ରାଜୀବ ଉଦ୍ୟାନ ଉନ୍ନତି ହେଉନି

**ନୂଆପଡା ଅଫିସ,୧୨।୧୧**

- ସରକାରୀ ଅଧିକାରୀଙ୍କ ଦେଖାନାହିଁ
- ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଉଛି

ପଶ୍ଚିମ ଓଡିଶାର ପ୍ରସିଦ୍ଧ ଶୈବପୀଠ ପତୋରାରେ ରହିଥିବା ରାଜୀବ ଉଦ୍ୟାନ ଦିନେ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା। ହେଲେ ବିଭାଗୀୟ ଅଧିକାରୀମାନଙ୍କ ଅଣଦେଖା ଯୋଗୁ ଏହା ଧୀରେ ଧୀରେ ନିଃରସ ହୋଇପଡୁଥିବା ଦେଖାଯାଇଛି।

ପ୍ରତିବର୍ଷ ନଭେମ୍ବର ମାସ ଆରମ୍ଭ ହେବାଠାରୁ ଫେବୃୟାରୀ ମାସ ଶେଷ ଯାଏଁ ହଜାର ହଜାର ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥାଏ। ମନ୍ଦିର ଚାରିପଟେ ଜଙ୍ଗଲ ଏବଂ ନିକଟରେ ଥିବା ଉଦ୍ୟାନ ସମସ୍ତଙ୍କ ମନୋରଞ୍ଜନର କେନ୍ଦ୍ରବିନ୍ଦୁ ହୋଇଥାଏ। ତେବେ ପ୍ରଥମେ ଦର୍ଶକମାନେ ପତୋରା ଶୈବ ପୀଠ, ଯୋଗେଶ୍ୱର ମନ୍ଦିରରେ ଦେବ ଦର୍ଶନ ସାରି ରାଜୀବ ଉଦ୍ୟାନକୁ ପରିଭ୍ରମଣ କରି ଫେରିଥାନ୍ତି। ଏମିତିକି ଜଙ୍ଗଲର ଚାରିପଟେ ଭୋଜିଭାତ କରିଥାନ୍ତି। ହେଲେ ମନ୍ଦିର ଉନ୍ନତିକରଣ ହେଉକି ଉଦ୍ୟାନର ବିକାଶ ସକାଶେ ସେଭଳି କୌଣସି ଅନୁଦାନ ଆସୁ ନ ଥିବାରୁ ଯଥାପୂର୍ବଂ ତଥା ପର ହୋଇ ରହିଛି। ଏଠାକୁ ପରିଦର୍ଶନରେ ଆସିଥିବା ଜଣେ ପର୍ଯ୍ୟଟକ ହେମଦାସ ସାରଥୀଙ୍କ କହିବାନୁଯାୟୀ ଏହି ମନ୍ଦିରର ଏକ ମହାତ୍ମ୍ୟ ରହିଛି। ତାକୁ ଦୃଷ୍ଟିରେ ରଖି ଆମେ ପ୍ରତିବର୍ଷ ଏଠାକୁ ଆସିଥାଉ। ଦେଶର ଅନ୍ୟାନ୍ୟ ସ୍ଥାନ ଅପେକ୍ଷା ଏହାର ଉନ୍ନତି ସକାଶେ ସେତେଟା ଧ୍ୟାନ ଦିଆଯାଉ ନ ଥିବା ପରିଲକ୍ଷିତ ହେଉଥିବା ପ୍ରକାଶ କରିଛନ୍ତି। ଏହିଭଳି ପ୍ରିୟା ମେହାଟା ଜଣେ ପଶ୍ଚିମବଙ୍ଗର ପର୍ଯ୍ୟଟକ ଏଠିକାର ମନୋରମ ଦୃଶ୍ୟରାଜିକୁ ଦେଖି ବିମୋହିତ ହୋଇଥିଲେ। ଏଭଳି ଦୃଶ୍ୟ ସେ କେବେ ଦେଖିନାହନ୍ତି। ମନ୍ଦିର ଚାରିପଟେ ଜଙ୍ଗଲ, ପାଣିର ଭଣ୍ଡାର ସାଙ୍ଗକୁ ପ୍ରସସ୍ତ ଉଦ୍ୟାନ ରହିଛି। ଏହାର ବିକାଶ ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ତେବେ ରାଜ୍ୟବ ଉଦ୍ୟାନ ଏକ ଐତିହାସିକ ଉଦ୍ୟାନ। ଏଠାକୁ ପ୍ରତ୍ୟହ ରାଜ୍ୟ ବାହାରୁ ଲୋକ ଆସୁଛନ୍ତି। ହେଲେ ଥରେ ଆସି ଦେଖି ଯିବା ପରେ ମୁହଁ ମୋଡି ଚାଲିଯାଉଛନ୍ତି। ଫଳରେ ପର୍ଯ୍ୟଟକ ସଂଖ୍ୟା ହ୍ରାସ ପାଉଛି। ପର୍ଯ୍ୟଟକ ପିଛା ମାତ୍ର ୫ ଟଙ୍କା ସଂଗ୍ରହ କରାଯାଉଛି। ସେଥିରେ ଶ୍ରମିକମାନଙ୍କୁ ପ୍ରାପ୍ୟ ଦେଇ ଉନ୍ନତିକରଣ ଚିନ୍ତା କରାଯାଉଛି। ଜିଲାପାଳଙ୍କ ସହ ବଡ ପଦାଧିକାରୀମାନେ ମଧ୍ୟ ବୁଲି ଯାଉଛନ୍ତି। ହେଲେ ଉନ୍ନତିକରଣ ପାଇଁ କାହାରି ଚିନ୍ତା ନ ଥିବା ଜଣେ କର୍ମଚାରୀ କହିଛନ୍ତି। ସେ ଯାଏ ହେଉ ଏହି ଉଦ୍ୟାନ ନୂଆପଡା ଜିଲା ପାଇଁ ଏକ ପ୍ରାକୃତିକ ସମ୍ପତ୍ତି। ଏହାର ବିକାଶରେ ଜିଲାର ପ୍ରଗତି ଏବଂ ମର୍ଯ୍ୟାଦା ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଛି।

## ମଦରଟେରେସା ସଙ୍ଗଠନର ଭିନ୍ନକ୍ଷମଙ୍କୁ ତାଲିମ

**ନୂଆପଡା ଅଫିସ/କୋମନା, ୧୨।୧୧(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ଗ୍ରାମପଞ୍ଚାୟତ ରେଙ୍ଗ ଗାଁରେ ମଦର ଟେରେସା ସର୍ଭିସିଂ ସେଣ୍ଟର(ସଙ୍ଗଠନ) ପକ୍ଷରୁ ଭିନ୍ନକ୍ଷମମାନଙ୍କୁ ନେଇ ବିଭିନ୍ନ ପ୍ରକାର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନ ସମ୍ପାଦକ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ପ୍ରିୟ ସଙ୍ଗଠନର ଟଙ୍କଧର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧିମାନେ ଯୋଗଦେଇଥିଲେ। ଏଥିରେ ରେଙ୍ଗ ସମେତ ଆଖପାଖ ଗାଁର ବହୁ ସଂଖ୍ୟାରେ ଭିନ୍ନକ୍ଷମ ଯୋଗଦେଇଥିଲେ। ଭିନ୍ନକ୍ଷମମାନଙ୍କ ସକାଶେ ଆସୁଥିବା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ବିଷୟରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। ବିଭିନ୍ନ କୁଟୀର ଶୀଳ୍ପରୁ ଜୀବନ ଜୀବିକା ସକାଶେ ନିଜର ଦକ୍ଷତାକୁ ବ୍ୟବହାର କରିପାରିବେ ସେ ଉପରେ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଫକୀର ଚନ୍ଦ୍ର ରାଉତ, ଥବିର ଶବର, ତରଙ୍ଗ ରାଉତ ପ୍ରମୁଖ ସହଯୋଗ କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଭିନ୍ନକ୍ଷମମାନେ।

# ଜିଲାରୁ ଅବାଧ ଗୋରୁଚାଲାଣ, ପ୍ରଶାସନ ନୀରବ

**ଭବାନୀପାଟଣା,୧୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ବେଧଡକ ଭାବରେ ଗୋରୁ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଜିଲାରୁ ବିଶାଖାପାଟଣା ଯାଏ ଚେର ଲମ୍ବିଥିବା ବେଳେ ପ୍ରଶାସନ ନିରବଦ୍ରଷ୍ଟା ହେବା ଘଟଣା ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନା ଅନୁସାରେ, କଳାହାଣ୍ଡି ଜିଲାର ରିଷିଡା, ବାଲିପଡା, ଜୁନାଗଡ, ହାବସପୁର, ଧର୍ମଗଡ, ଗୋଲାମୁଣ୍ଡା, ମୁଖିଗୁଡା, ଉତ୍କେଲା ସମେତ ବିଭିନ୍ନ ସାପ୍ତାହିକ ଗୋରୁ ବଜାରରୁ ଶହ ଶହ ଗୋରୁ ବିକ୍ରି ହୋଇଥାଏ। ବିଭିନ୍ନ ଗୋରୁ ଦଲାଲମାନେ ଏହି ସାପ୍ତାହିକ ହାଟରୁ କ୍ରୟ କରି ସେମାନଙ୍କୁ ବିଶାଖାପାଟଣା ଚାଲାଣ କରିଥାନ୍ତି। ଆର୍‌ଏମ୍‌ସି ରସିଦରେ ଅବାଧରେ ଜିଲା ପରେ ଜିଲା ପାର ହୋଇଥାନ୍ତି। ଗୋରୁମାନଙ୍କୁ ଧରି ଦିନ ଦିନ ଧରି ସଡକ ପଥରେ ପାଦଚଲାରେ ସେମାନଙ୍କୁ ନେଇଥାନ୍ତି। ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇଥିବା ଦଲାଲମାନେ ପୂର୍ବରୁ ଅଗ୍ରୀମ ଆଣି ବଢା ଦରରେ ବିକ୍ରି କରିଥାନ୍ତି। ଗୋଟିଏ ଗୋଷ୍ଠୀ କଳାହାଣ୍ଡି ଜିଲାରୁ ନବରଙ୍ଗପୁର ଦେଇ ଛତିଶଗଡ ଓ ଆନ୍ଧ୍ରପ୍ରଦେଶକୁ ଗୋରୁ ଚାଲାଣ କରିଥାନ୍ତି। ସେହିଭଳି ଅନ୍ୟ ଏକ ଗୋଷ୍ଠୀ କଳାହାଣ୍ଡି ଜିଲାରୁ ରାୟଗଡା ଜିଲା ଅତିକ୍ରମ କରି ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ଚାଲାଣ କରିଥାନ୍ତି। ଏହା ଦ୍ୱାରା ମୋଟା ରକମର ଅର୍ଥ ମୁନାଫା କରୁଥିବା ଦେଖିବାକୁ ମିଳିଥାଏ। ଗୋରୁ କ୍ରୟ କରୁଥିବା ଦଲାଲମାନେ ଗୋରୁଙ୍କୁ ଚଲାଇ ନେବା ପାଇଁ ପ୍ରାୟ ୧୨୦୦ ରୁ ୧୫୦୦ ଟଙ୍କା ମଜୁରି ନେଇଥାନ୍ତି। ଦିନ ବେଳେ ବିଶ୍ରାମ ନେଉଥିବା ବେଳେ ରାତିସାରା ଗୋରୁଙ୍କୁ ଚଲାଇ ଚଲାଇ ନେଇଥାନ୍ତି। ବାଟରେ ପୋଲିସ ଓ ସ୍ଥାନୀୟ ଲୋକଙ୍କ ଗୁଣ୍ଡାରାଜକୁ ଦମନ ପାଇଁ ନେଣଦେଣ ହୋଇଥାଏ। ବିଭିନ୍ନ ସ୍ଥାନରେ ଚାନ୍ଦା ଦେଇ ଅବାଧରେ ଗୋରୁ ଚାଲାଣ ହୋଇଥାଏ। ଜିଲା ପ୍ରଶାସନଠାରୁ ଆରମ୍ଭ କରି ପୋଲିସ ଓ ସ୍ଥାନୀୟ ଟାଉଟରମାନଙ୍କ ଜ୍ଞାତ ସାରରେ ଏହି ଅବାଧ କାରବାର ଚାଲୁଥିଲେ ମଧ୍ୟ ପ୍ରଶାସନ ଚୁପ ପଡିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭିନ୍ନ ରାଜନୈତିକ ଦଳମାନେ ଏ ନେଇ ଅବଗତ ଥିଲେ ମଧ୍ୟ କୌଣସି ସ୍ୱର ଉତ୍ତୋଳନ କରୁ ନ ଥିବା ନେଇ ସାଧାରଣରେ ଭ୍ରୁକୁଞ୍ଚନ ଦେଖାଦେଇଛି। ଆର୍‌ଏମସି ମାଧ୍ୟମରେ ଗୋରୁହାଟରୁ ବ୍ୟାପକ ରାଜସ୍ୱ ସଂଗ୍ରହ ହେଉଥିଲେ ମଧ୍ୟ ବିକ୍ରି ହେବା ପରେ ଗୋରୁ ଚାଲାଣ ହେଉଥିବା ନେଇ ପ୍ରଶାସନ ନିରବତା ନେଇ ଉଦବେଗ ପ୍ରକାଶ ପାଇଛି। ବିଭିନ୍ନ ସମୟରେ ଗୋରୁ ଚାଲାଣକାରୀମାନେ ଯୁବଗୋଷ୍ଠୀମାନଙ୍କ ଦ୍ୱାରା ହଲାପଟା ହେଉଥିବା ଦେଖାଯାଇଥାଏ। ପୋଲିସ ଥାନାକୁ ଗଲା ପରେ ଏହି ମାମଲା ରଫାଦଫା ହେଉଥିବା ନଜରକୁ ଆସିଥାଏ। ସମସ୍ତଙ୍କ ସୁରକ୍ଷା ବଳରେ ବେଧଡକ ଭାବରେ ଗୋରୁ ଚାଲାଣ ଚାଲିଛି। ଏ ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବା ନେଇ କ୍ଷୋଭ ପ୍ରକାଶ ପାଇଛି।

## ୧୨୫ ଦିନର ପଦଯାତ୍ରା ପରେ ବଡ଼ଗାଁରେ ପହଞ୍ଚିଲେ ସତ୍ୟବ୍ରତ

**ବଡଗାଁ, ୧୨।୧୧ (ଡି.ଏନ.ଏ.)**

ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟ, ମହାନଦୀ ଜଳ ସମସ୍ୟାର ସମାଧାନ ଓ ପୋଲାଭରମ ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବା ଦାବିରେ ଜୁଲାଇ ୧୦ ତାରିଖଠାରୁ ଯାଜପୁର ଜିଲା ବଡଚଣା ବ୍ଲକରୁ ପଦଯାତ୍ରା ଆରମ୍ଭ କରିଥିବା ଜନ ସଚେତନତା ମଞ୍ଚର ଆବାହକ ସତ୍ୟବ୍ରତ ଦାସ ବଡଗାଁରେ ପହଞ୍ଚିଛନ୍ତି। ଏଠାରେ ପହଞ୍ଚିବା ପରେ ବ୍ଲକ ଅଫିସ ସମ୍ମୁଖରେ ତାଙ୍କୁ ବଡଗାଁର ପୂର୍ବତନ ସମିତି ସଭ୍ୟ ସୁରେନ ବାଗେ, ଶହୀଦ ଜୟହୀନ୍ଦ କ୍ଲବ ଓ ଷ୍ଟାଡିୟମ ଟିମ୍‌ର ଖେଳାଳି ଦୀପକ ବାଗେ, ବିଜୟ ଖଡିଆ, ସଞ୍ଜୀବ ସାମାଦ, ଜିତେନ ଖଡିଆ, ସାଗର ସାମାଦ ପ୍ରମୁଖ ଫଲତୋଡା ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ସେ ବିଡିଓ କ୍ଷେମାନିଧି ଭୋଇଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ସୁଚନାଯୋଗ୍ୟ, ସତ୍ୟବ୍ରତ ବର୍ତ୍ତମାନ ସୁଦ୍ଧା ୨୪୫୦ କିଲୋମିଟର ଅତିକ୍ରମ କରି ବଡଗାଁରେ ପହଞ୍ଚିଛନ୍ତି।

## ଜୟନ୍ତପୁରଠାରେ କଂଗ୍ରେସର ସମୀକ୍ଷା ବୈଠକ

**ପର୍ଲା,୧୨।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ନିର୍ବାଚନ ମଣ୍ଡଳୀ ଜୟନ୍ତପୁର ଗ୍ରାମଠାରେ କଂଗ୍ରେସର ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଗଡ ମଣ୍ଡଳର ଅନେକ କର୍ମକର୍ତ୍ତାଙ୍କ ସହ ଦଣ୍ଡପାଟ ଅଞ୍ଚଳ କର୍ମୀ ଓ ଜନସାଧାରଣ ଉପସ୍ଥିତ ରହିଥିଲେ। ଗତ ନିର୍ବାଚନ ବେଳେ ଦଣ୍ଡପାଟ ଅଞ୍ଚଳରୁ କଂଗ୍ରେସର ସର୍ବନିମ୍ନ ଭୋଟ ପାଇବା ଓ ତୃତୀୟ ସ୍ଥାନରେ ରହିଥିବା କାରଣ ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା। ଅନେକ କର୍ମୀ ନିଜ ଗ୍ରାମ ତଥା ପଞ୍ଚାୟତ ଭିତରେ ନିର୍ବାଚନ ବେଳେ ଉପୁଜିଥିବା ସମସ୍ୟା ଉପସ୍ଥାପନ କରିଥିଲେ। ଗତ ୫ଟି ନିର୍ବାଚନ ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡେ କଂଗ୍ରେସ ଦିନକୁ ଦିନ ଲୋକଙ୍କ ପାଖରୁ ଦୁରେଇ ଯାଉଥିବା ବିଷୟ ଘୋର ଉଦ୍‌ବେଗ ବିଷୟ ବୋଲି ଅନେକ କର୍ମୀ ମତ ଦେଇଥିଲେ। ସୂଚନା ଯେ, ନିର୍ବାଚନ ବେଳେ ଦଣ୍ଡପାଟ ଅଞ୍ଚଳ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ପ୍ରାୟ ଅଞ୍ଚଳବାସୀ ଏକ ତରଫା ଭାବେ ଗୋଟିଏ ଦଳକୁ ଚୟନ କରିବା ଅନେକ ପ୍ରମାଣିତ ହୋଇଆସୁଛି। ଗତ ନିର୍ବାଚନ ବେଳକୁ ଅଞ୍ଚଳର ଯୁବ ନେତା ଦିଗାମ୍ବର ଦୁରିଆଙ୍କୁ କଂଗ୍ରେସ ପ୍ରାର୍ଥୀ କରାଇ ଦଣ୍ଡପାଟ ଅଞ୍ଚଳର ଭୋଟ ପାଇବା ଆଶା କରାଯାଇଥିଲେ ହେଁ ଆଶା ରୁପ ଭୋଟ ମିଳି ନ ଥିବା ଏକ ଦୁର୍ଭାଗ୍ୟ ବୋଲି ବିଶିଷ୍ଟ ବ୍ୟକ୍ତି ଭକ୍ତରାମ ମେହେର, କରୁଣା ବାଗ, ତ୍ରିଲୋଚନ ବାଗ ପ୍ରମୁଖ କ୍ଷୁବ୍ଧ ହୋଇଥିଲେ। ଗତ ନିର୍ବାଚନ କଂଗ୍ରେସ ପ୍ରାର୍ଥୀ ଦିଗାମ୍ବର ଦୁରିଆ କର୍ମକର୍ତ୍ତାମାନଙ୍କୁ ନିରାଶ ନ ହୋଇ ଏବେ ଠୁ ଲୋକଙ୍କ ପାଖକୁ ପହଞ୍ଚି ତାଙ୍କ ଦୁଃଖସୁଖ ସମସ୍ୟାରେ ଯୋଡି ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ସମୀକ୍ଷକ ସନ୍ତୋଷ ପାଢୀଙ୍କ ସହ ତୁଳସୀରାମ ଗୋପାଲ, ପଦ୍ମନାଭ ମେହେର, ବଳରାମ ପୂଜାରୀ, ପଦ୍ମନ ବେମାଳ, ହେରାମ୍ବ ସେନାପତି, ଉମ୍ବରୁ ଗୋପାଳ, ତ୍ରିଲୋଚନ ମହାନନ୍ଦ, ତ୍ରିନାଥ ମଶ୍ର, ବିଭୁତି ବାଗ, ଦେବେନ୍ଦ୍ର ସାଗର, ଦିଲୀପ ଦୁରିଆ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନାନକ ଜୟନ୍ତୀ ଉପଲକ୍ଷେ ଧାର୍ମିକ ଶୋଭାଯାତ୍ରା

**ଭବାନୀପାଟଣା,୧୨।୧୧(ଡି.ଏନ.ଏ.)**

ଶିଖ୍ ଧର୍ମ ଗୁରୁ ନାନକଙ୍କ ଜୟନ୍ତୀ ଉପଲକ୍ଷେ ଭବାନୀପାଟଣା ଗୁରୁଦ୍ୱାରା ସିଂହ ଶୋଭା ପକ୍ଷରୁ ଏକ ଧାର୍ମିକ ଶୋଭାଯାତ୍ରା ଗତ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୁରୁଦ୍ୱାରା ସିଂହ ସଭାର ସଭାପତି ମଲକିତ୍ ସିଂହ, ସମ୍ପାଦକ ସ୍ୱରଣ ସିଂହ ଓ ଯୁଗ୍ମ ସମ୍ପାଦକ ସୁଖଜେନ ସିଂହଙ୍କ ନେତୃତ୍ୱରେ ଏକ ସଜିତ ରଥରେ ଗୁରୁଗ୍ରନ୍ଥ ସାହେବକୁ ରଖି ଶୋଭାଯାତ୍ରା ଗୁରୁଦ୍ୱାରାଠାରୁ ବାହରି ସହର ପରିକ୍ରମା କରିଥିଲା। ଶିଖ୍‌ଗୁରୁ ଗୋବିନ୍ଦ ସିଂହଙ୍କ ଆହ୍ୱାନକ୍ରମେ ଦେଶକୁ ଅତ୍ୟାଚାରରୁ ରକ୍ଷା କରିବା, ଦେଶ ଓ ଜାତି ପାଇଁ ୫ ଜଣ ଶହୀଦ୍ ହେବାକୁ ଆଗେଇ ଆସିବା ପାଇଁ କହିଥିଲେ। ଏହି ୫ ଜଣଙ୍କ ମଧ୍ୟରେ ଓଡିଶାର ହିମ୍ମତ ରାୟ ଶହୀଦ୍ ହେବା ପାଇଁ ଆଗେଇ ଆସିଥିଲେ। ଦେଶର ବିଭିନ୍ନ ଅଞ୍ଚଳରୁ ଶହୀଦ୍ ହେବା ପାଇଁ ଆଗେଇ ଆସିଥିବା ଏହି ୫ ଜଣଙ୍କୁ ଗୁରୁ ଗୋବିନ୍ଦ ସିଂହ ଅମୃତ ପାନ କରାଇଥିଲେ। ସେହିଦିନଠାରୁ ୫ ପ୍ୟାରେ ଖାଲସା ଆୟୋଜିତ ହୋଇଆସୁଛି। ଏହି ଧାର୍ମିକ ଶୋଭାଯାତ୍ରାକୁ ସହରର ବିଭିନ୍ନ ସ୍ଥାନରେ ପର୍ଶୁରାମ ସେନା, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ବିଶ୍ୱହିନ୍ଦୁ ପରିଷଦ, ମସଜିଦ କମିଟି ଓ ସିନ୍ଧି ସମାଜ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସହ ଜଳ ପାନ ବ୍ୟବସ୍ଥା କରାଯାଇଥିଲା। ଶୋଭାଯାତ୍ରାରେ ଶିଖ ଧର୍ମର ଶତାଧିକ ଯୁବକ ପାରମ୍ପରିକ ବେଶରେ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା ଦିନ ଗୁରୁନାନକଙ୍କ ଜନ୍ମ ଦିବସ ଉପଲକ୍ଷେ ଗୁରୁଦ୍ୱାରାଠାରେ ଭଜନ କୀର୍ତ୍ତନ ଆୟୋଜନ ସହ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଲଙ୍ଗର୍ ବ୍ୟବସ୍ଥା କରାଯାଇଥିଲା ବୋଲି ଗୁରୁଦ୍ୱାରା ସିଂହ ଶୋଭାର ସଭାପତି ମଲକିତ୍ ସିଂହ ପ୍ରକାଶ କରିଛନ୍ତି।

## ଧରିତ୍ରୀ ପ୍ରଭାବ: ରାସ୍ତା ପାର୍ଶ୍ୱ ବୃକ୍ଷରୋପଣ କାର୍ଯ୍ୟରେ ଲାଗିଲା ସୂଚନା ଫଳକ

**ଲେଫ୍ରିପଡା,୧୨।୧୧(ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ଉଜ୍ୱଳପୁର ରେଞ୍ଜରେ ଉଜ୍ୱଳପୁରଠାରୁ ସର୍ଗିପାଲି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ପାର୍ଶ୍ୱରେ ୨୦୧୮-୧୯ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବନ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଇଛି। ଏଥିରେ ୬ ଲକ୍ଷ ୧୩ ହଜାର ୨୩୪ ଟଙ୍କା ମଞ୍ଜୁରି ହୋଇଥିବା ବେଳେ ୪ଲକ୍ଷ ୬୮ହଜାର ଟଙ୍କା ଖର୍ଚ୍ଚ ବିନିମୟରେ ବୃକ୍ଷରୋପଣ କରାଯାଇ ଖର୍ଚ୍ଚ ହୋଇଛି। ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ଏବଂ କାର୍ଯ୍ୟ ଆରମ୍ଭରୁ ଜନସାଧାରଣଙ୍କ ସୂଚନା ନିମନ୍ତେ ସୂଚନା ଫଳକ ଦିଆଯାଇ ନ ଥିବା ସମ୍ପର୍କରେ 'ଧରିତ୍ରୀ'ରେ ଗତ ନଭେମ୍ବର ୯ ତାରିଖ ଖବର ପ୍ରକାଶ ପାଇଥିଲା। ଏହାପରେ ବିଭାଗ ପକ୍ଷରୁ ତରବରିଆ ଭାବେ ସୂଚନା ଫଳକ ତିଆରି କରି କାର୍ଯ୍ୟର ସୂଚନା ପ୍ରଦାନ କରାଯାଇଛି।

## ୩ ଶିଶୁଙ୍କ ସମେତ ୭ ଦାଦନ ଉଦ୍ଧାର, ଦଲାଲ ଗିରଫ


ଉଦ୍ଧାର ଦାଦନ ଶ୍ରମିକମାନେ।

**ସିନାପାଲି,୧୨।୧୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଥାନା ଗଣ୍ଡାବାହାଲି ନିକଟରେ ପୋଲିସ ଚଢାଉ କରି ୭ ଜଣ ଦାଦନ ଶ୍ରମିକଙ୍କ ସହ ୩ ଜଣ ଶିଶୁଙ୍କୁ ସୋମବାର ବିଳମ୍ବିତ ରାତିରେ ଉଦ୍ଧାର କରିଛି। ଏଥିସହ ୨ ଜଣ ଦାଦନ ଦଲାଲଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଦାଦନ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରି ନୂଆପଡା ଜିଲା ଶ୍ରମିକ ଅଧିକାରୀଙ୍କୁ ଜଣାଇଥିଲେ। ମଙ୍ଗଳବାର ସକାଳୁ ଶ୍ରମ ବିଭାଗ ଗ୍ରାମୀଣ ଶ୍ରମିକ ନିରୀକ୍ଷକ ଗୌରହରି ତାଣ୍ଡି ଥାନାରେ ପହଞ୍ଚି ତଦନ୍ତ କରି ସମସ୍ତଙ୍କୁ ଘରକୁ ପଠାଇ ଦେଇଥିବା ସିନାପାଲି ଆଇଆଇସି ଜ୍ୟୋତିରନ ଗୌଡ ସୂଚନା ଦେଇଛନ୍ତି। ସୋମବାର ସିନାପାଲି ଥାନା ସରଧାପୁର ଗ୍ରାମର ଶ୍ରମିକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ବାହାରିଥିଲେ। ବିଳମ୍ବିତ ରାତ୍ରିରେ ଏକ ଯାତ୍ରୀବାହୀ ବସରେ ଯିବାର ସ୍ଥିର ହୋଇଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସିନାପାଲି ଥାନାଧିକାରୀ ଜ୍ୟୋତିରଞ୍ଜନ ଗୌଡଙ୍କ ନେତୃତ୍ୱରେ ଏକ ଟିମ ବିଳମ୍ବିତ ରାତ୍ରିରେ ଗଣ୍ଡାବାହାଲିଠାରେ ଚଢାଉ କରି ଦାଦନ ଦଲାଲଙ୍କ ସମେତ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ଶ୍ରମିକମାନେ ହେଲେ ସିନାପାଲି ଥାନା ଅନ୍ତର୍ଗତ ସରଧାପୁର ଗ୍ରାମର ରୋହିତ ଗହୀର (୨୭), ପ୍ରମିଳ ଗହୀର (୨୪), ରଘୁ ଗହୀର (୨୨), ପୂର୍ଣ୍ଣମୀ ଗହୀର (୨୦), ତୁଳେ ଗହୀର (୬୦) ଓ ତିଲେଇମାଲ ଗ୍ରାମର ସୁଗ୍ରୀବ ତେଜି (୨୦), ପୁଷ୍ପାଳି ତେଜି (୨୦) ଏବଂ ତିନି ଶିଶୁ ଭାରତୀ ଗହୀର (୭), ରିଆ ଗହୀର (୩) ଓ ଯୁଗେନ୍ଦ୍ର ଗହୀର (୧) । ସେମାନେ ଏକ ବସ୍ ଯୋଗେ କଣ୍ଟାବାଞ୍ଜିକୁ ଯାଇ ସେଠାରୁ ଟ୍ରେନ୍‌ରେ ଯିବାର ବ୍ୟବସ୍ଥା ଥିବା କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୨୬୩/୧୯) ରୁଜୁ କରି ଦଲାଲଙ୍କୁ କୋର୍ଟ ଚାଲାଣ କରାଯାଇଛି।

■ ମଣ୍ଡି ଖୋଲିବାରେ ବିଳମ୍ବ, ଦଲାଲ ସକ୍ରୀୟ

# କମ୍ ଦରରେ ଧାନ ବିକ୍ରି କରୁଛନ୍ତି ଚାଷୀ

**ଭବାନୀପାଟଣା,୧୨।୧୧(ଡି.ଏନ.ଏ.)**

**କଳାହାଣ୍ଡି ଜିଲା**
- ଛତିଶଗଡକୁ ଚାଲାଣ କରୁଥିବା ଅଭିଯୋଗ

କଳାହାଣ୍ଡି ଜିଲାରେ ନଭେମ୍ବର ୧ରୁ ମଣ୍ଡି ଖୋଲିବା ନେଇ ଜିଲା ପ୍ରଶାସନ ଘୋଷଣା କରିଥିଲା। କିନ୍ତୁ ପରେ ଏହାକୁ ନଭେମ୍ବର ୧୫ ଯାଏ ଘୁଞ୍ଚାଇ ଦିଆଯାଇଛି। ଏବେ ଜିଲାରେ ମଣ୍ଡି ଖୋଲିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଧର୍ମଗଡ ଉପଖଣ୍ଡ ଅଞ୍ଚଳରେ ଧାନ ଅମଳ ପ୍ରାୟ ୪୦ ପ୍ରତିଶତ ସରିବାକୁ ବସିଲାଣି। ଅଥଚ ମଣ୍ଡି ଖୋଲିବା ନେଇ ବର୍ତ୍ତମାନ ସୁଦ୍ଧା କୌଣସି ଠୋସ ସୂଚନା ମିଳୁନାହିଁ। ସରକାରୀ ଘୋଷଣା ମୁତାବକ ୧ରେ ମଣ୍ଡି ଖୋଲା ଯିବାର ଥିଲା। କିନ୍ତୁ ମଣ୍ଡି ଖୋଲିବା ପୂର୍ବରୁ ଯେଉଁ ସବୁ ଆନୁସଙ୍ଗିକ ବ୍ୟବସ୍ଥା କରାଯିବା କଥା ତାହା ହୋଇ ପାରୁନାହିଁ। ମୁଖ୍ୟତଃ ମିଲର୍ସ ଟ୍ୟାଗିଂ ହୋଇ ନ ଥିବାରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇ ପାରୁ ନ ଥିବା ଜଣାପଡିଛି। ମିଲର୍ସ ଓ ଜିଲା ପ୍ରଶାସନ ମଧ୍ୟରେ ଟଣାଓଟରା ଜାରି ରହିଛି। ଜିଲାରେ ମଣ୍ଡି ଖୋଲିବାର ବିଳମ୍ବ ଯୋଗୁ ଏବେ ଧାନ ଦଲାଲମାନେ ସକ୍ରୀୟ ହୋଇ ଉଠିଛନ୍ତି। କମ୍ ଦରରେ ଧାନ କିଣିବା ଆରମ୍ଭ କରିଦେଇଛନ୍ତି। କୁଇଣ୍ଟାଲ ପ୍ରତି ୧୧୦୦ ଶହ ଟଙ୍କାରୁ ୧୨୦୦ ଟଙ୍କା ମଧ୍ୟରେ ଧାନ କିଣୁଥିବା ଦେଖାଯାଉଛି। ଗାଁ ରୁ ଗାଁ ଚାଷୀଙ୍କ ଖଳାକୁ ଯାଇ ଏମାନେ ଧାନ ସଂଗ୍ରହ କରୁଛନ୍ତି। ମୁଖ୍ୟତଃ ନାମକୁ ମାତ୍ରା ଚାଷୀ, କ୍ଷୁଦ୍ରଚାଷୀ ଓ ଭାଗଚାଷୀମାନେ ଦଲାଲଙ୍କୁ ନିଜର କଷ୍ଟ ଉପାର୍ଜିତ ଫସଲ ବିକ୍ରିକରିବାକୁ ବାଧ୍ୟ ହେଉଛନ୍ତି। ଦଲାଲମାନେ ଧାନ କ୍ରୟ କରି ପଡୋଶୀ ଛତିଶଗଡ ରାଜ୍ୟକୁ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଦଲାଲମାନେ ଧର୍ମଗଡରୁ ପର୍ଲା ଧଅଁରପୁର ଦେଇ ଛତିଶଗଡର ଝାକରପଡା ଏବଂ କୋକସରା-କୁଲେରଗୁଡା-ଗୋଟୋମୁଣ୍ଡା, ପାଇକପଡା ଦେଇ ଛତିଶଗଡକୁ ପ୍ରବେଶ କରି ଧାନ ବିକ୍ରି କରୁଛନ୍ତି। ସେହିପରି ଅନ୍ୟ ଏକ ରାସ୍ତା ଧର୍ମଗଡ-ଛିଲିପା-ସନ୍ଧିକୁଲିହାରୀ ଦେଇ ମଧ୍ୟ ଧାନ ଚାଲାଣ ହେଉଛି। ଓଡିଶାରେ ଧାନ କୁଇଣ୍ଟାଲ ସରକାରୀ ଦର ୧୮ ଶହ ରହୁଥିବା ବେଳେ ଛତିଶଗଡରେ ଏହା ୨୫ ଶହ ଟଙ୍କା ରହିଛି। ଏହାର ଫାଇଦା ପାଇବା ପାଇଁ ସେଠାକାର ବେପାରୀଙ୍କ ସହାୟତାରେ ଧାନ ଚୋରା ଚାଲାଣ ହେଉଛି। ଯଦିଓ ଚାଷୀ ତାର ଧାନକୁ ଯେଉଁଠାରେ ମଧ୍ୟ ବିକ୍ରି କରିପାରିବାର ନିୟମ ରହିଛି, କିନ୍ତୁ ଏଠାରେ ଚାଷୀ ତାର କଷ୍ଟ ଉପାର୍ଜିତ ଫସଲକୁ ନିଜେ ବିକ୍ରି କରି ନ ପାରି ଦଲାଲଙ୍କ ହାତକୁ ଟେକି ଦେଉଥିବାରୁ ସବୁ ମୁନାଫା ଦଲାଲଙ୍କ ହାତକୁ ଯାଉଛି। ତୁରନ୍ତ କଳାହାଣ୍ଡି ଜିଲା ପ୍ରଶାସନ ଏହା ଉପରେ ଅଂକୁଶ ନ ଲଗାଇଲେ ଚାଷୀ ଅଭାବୀ ବିକ୍ରିର ଶିକାର ହେବା ସହ ଆର୍ଥିକ କ୍ଷତିର ସାମ୍ନା କରିବେ ବୋଲି ଆଶଙ୍କା କରାଯାଉଛି। ଧାନ ମଣ୍ଡିକୁ ଠିକ ସମୟରେ ଖୋଲିବା ନେଇ ପ୍ରଶାସନ ପକ୍ଷରୁ ଅଦ୍ୟାବଧି ଉଦ୍ୟମ ନ ହେବା ନେଇ ଚାଷୀ ସଙ୍ଗଠନ ମଧ୍ୟ ଅସନ୍ତୋଷ ପ୍ରକାଶ କରିଚନ୍ତି। ମିଲର୍ସଙ୍କ ସହ ତୁରନ୍ତ ଚୁକ୍ତି କରାଯାଇ ଧାନ କିଣା ଆରମ୍ଭ କରିବାକୁ ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

## ସଂକ୍ଷେପରେ



### ହନୁମାନ, ଶନିଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ରିଷିଡା,୧୨।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା ରିଷିଡା ବନ୍ଧପଡାସ୍ଥିତ ଅଶ୍ୱତ୍ଥ ବୃକ୍ଷମୂଳରେ ସୋମବାର ହନୁମାନ ଓ ଶନି ବିଗ୍ରହଙ୍କ ପ୍ରତିଷ୍ଠା ଉତ୍ସବ ସମାପନ ହୋଇଛି। ଏଥିରେ କର୍ତ୍ତା ଭାବେ ଅଶୋକ କୁମାର ତ୍ରିପାଠୀ ଓ ତ ବିଷ୍ଣୁପ୍ରିୟା ତ୍ରିପାଠୀ ଦାୟୀତ୍ୱ ସମ୍ପାଦନ କରିଥିଲେ। ପୂଜକ ରୁଦ୍ରଦେବ ଦାଶ କାର୍ଯ୍ୟ ପରିଚାଳନା କରିଥିବା ବେଳେ ହନୁମାନ ଭକ୍ତ ସୁଶାନ୍ତ ପାତ୍ର ବିଗ୍ରହ ପ୍ରଦାନ କରିଛନ୍ତି ।

### କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କମ୍ବଳ ବଣ୍ଟନ

ଜୁନାଗଡ,୧୨।୧୧(ସ୍ୱ.ପ୍ର.) ଜୁନାଗଡ ସହର ତଥା ଗ୍ରାମାଞ୍ଚଳର ବଡ ଧୁମଧାମରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ବିଭିନ୍ନ ଗ୍ରାମ ଓ ସହରର ବିଭିନ୍ନ ପଡାରେ ଏକ ମାସ ଧରି ପାରାୟଣ ଓ ପୁରାଣ ପାଠ ଚାଲିଥିଲା। ବଣିଜରାରେ ରାହାସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବଡ ଓଷା ଅବସରରେ ବିଭିନ୍ନ ମଣ୍ଡପରେ ବ୍ରତୀମାନେ ପୂଜା କରିବା ସହିତ ରାତ୍ରୀ ତମାମ ଉଜାଗର ରହି ବ୍ରତ ପାଳିଥିଲେ। ଜୁନାଗଡ ସହରର ଗୋଡିପଡା ଓ ହିଙ୍ଗିଲିବାହିଲିଠାରେ ପୌରାଣିକ ନାଟକ ମଞ୍ଚସ୍ଥ ହୋଇଥିଲା। ମଙ୍ଗଳବାର ଭୋରରୁ ଲୋକେ ବିଭିନ୍ନ ଜଳାଶୟ ଓ ହାତୀ ନଦୀରେ ବୁଡ ପକାଇଥିଲେ। ଏହି ଅବସରରେ ଉତ୍କଳମଣୀ ସେବା ସଂସ୍ଥା ପକ୍ଷରୁ ହାତୀନଦୀ କୂଳ, ଲଙ୍କେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ଓ ପୋତାମହାଦେବ ମନ୍ଦିର ସମ୍ମୁଖରେ ଗରୀବ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରିଥିଲେ।

### ରାସ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟ ପ୍ରହର ନାମଯଜ୍ଞ



ପଲମ,୧୨।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଗିଗିନା ପଞ୍ଚାୟତସ୍ଥିତ ଗିଗିନା ତ୍ରିନାଥ ମନ୍ଦିର ପରିଚାଳନା କମିଟି ଦ୍ୱାରା ୧୦ ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଅଷ୍ଟ ପ୍ରହର ନାମଯଜ୍ଞ ଗିଗିନା ରାସ୍ତାପଡା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞରେ ୬ଟି ସଂକୀର୍ତ୍ତନ୍ୟ ଦଳ ଯୋଗଦାନ ଦେଇ ନାମଗାନ ଆରମ୍ଭ କରିଥିଲେ। ପୂଜା କାର୍ଯ୍ୟ ସମ୍ପାଦନ କରିବା ପାଇଁ କର୍ତ୍ତା ଭାବେ ସନ୍ତୋଷ ପଧାନ ଓ ତାଙ୍କ ସହଧର୍ମିଣୀ ପୂଜା କାର୍ଯ୍ୟ ତୁଲାଇଥିଲେ । ପୂଜକ ଭାବେ ଦୟାନିଧି ବିଶି ଓ ଜପକ ଭବାରେ କୃଷ୍ଣଚନ୍ଦ୍ର ବେହେରା ରହିଥିବା ବେଳେ ପାଚକ ଭାବେ ଗୋପବନ୍ଧୁ ବେହେରା ପ୍ରତ୍ୟେକ ପୂଜା କାର୍ଯ୍ୟ ରିତୀନିତୀମତେ ସମ୍ପାଦନ କରିଥିଲେ। ସମସ୍ତ ଭକ୍ତମାନଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

## ■ କାୟାକଳ୍ପ ପୁରସ୍କାର ଦୌଡ଼ରେ ଲାଞ୍ଜିଗଡ଼ରୋଡ଼ ସ୍ୱାସ୍ଥ୍ୟକେନ୍ଦ୍ର

# ଜିଲା ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ଦଳର ପରିଦର୍ଶନ

ଲାଞ୍ଜିଗଡ଼,୧୨।୧୧(ଡି.ଏନ.ଏ.)




ଲାଞ୍ଜିଗଡ଼ରୋଡ଼ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧି ଦଳ।

ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ରୋଗୀସେବା, ପାରିପାର୍ଶ୍ୱିକ ପରିସ୍ଥିତି, ସ୍ୱଚ୍ଛତା ତଥା ପରିଷ୍କାର ପରିଚ୍ଛନ୍ନତା, ସଂକ୍ରମଣ ରହିତ ଉପକରଣ ବ୍ୟବହାର ଆଦିକୁ ନେଇ ବିଭାଗ ପକ୍ଷରୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୂଲ୍ୟାୟନ କରି କାୟାକଳ୍ପ ପୁରସ୍କାର ଦିଆଯାଇଥାଏ। କେନ୍ଦ୍ର, ରାଜ୍ୟ ତଥା ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏକ ମାପଦଣ୍ଡ ପ୍ରସ୍ତୁତ କରାଯାଇ କାୟାକଳ୍ପ ପୁରସ୍କାର ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକୁ ଚୟନ କରାଯାଉଥିବା ବେଳେ ପ୍ରଥମ ଥର ପାଇଁ ଏହି ପୁରସ୍କାର ଦୌଡରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡରୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସାମିଲ ହୋଇଛି।

ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ପ୍ରତିନିଧି ଦଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଏହାର ବିଭିନ୍ନ ଦିଗ ଉପରେ ମୂଲ୍ୟାୟନ କରି ଫେରିଯାଇଛନ୍ତି। ପ୍ରତିନିଧି ଦଳରେ ଅବସରପ୍ରାପ୍ତ ସିଡିଏମ୍ଓ ଡା. ସୁଶୀଲ କୁମାର ରଥ, ହସ୍ପିଟାଲ ମ୍ୟାନେଜର ଡା. ଶ୍ରୀରାମ ମହାନ୍ତି, ଗାଁ କଲ୍ୟାଣ ସମିତି ଜିଲା ସଂଯୋଜିକା ରୀତା ନାଏକ ପ୍ରମୁଖ ସାମିଲ ଥିଲେ। ସେମାନେ ଲାଞ୍ଜିଗଡ଼ରୋଡ଼ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ସପକ୍ଷରେ ଅନୁକୂଳ ମତପୋଷଣ କରିଥିବା ଜଣାପଡିଛି। ପ୍ରତିନିଧି ଦଳଙ୍କ ଗସ୍ତବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଡା. ରାଜେଶ ମହାରଣା, ଫାର୍ମାସିଷ୍ଟ ରବୀନ୍ଦ୍ର କୁମାର ସାହୁ, ଏଏନ୍ଏମ୍ କ୍ଷିତିସୂତା ମେହେର, ଲଳିତ ପଧାନଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରତିନିଧି ଦଳକୁ ଏଏନ୍ଏମ୍ ତଥା ଆଶା କର୍ମୀମାନେ ସ୍ୱାଗତ ଜଣାଇଥିଲେ। ପ୍ରତିନିଧି ଦଳ ମୂଲ୍ୟାୟନ କରି ଫେରିଯିବା ପରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିବା ଆଶା ଉଜ୍ଜୀବିତ ହୋଇଛି। ଲାଞ୍ଜିଗଡ଼ରୋଡ଼, କଦମ୍ବଗୁଡା, କମର୍ଦ୍ଦା, ଭୁର୍ଟିଗଡ଼, ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ତଥା ନର୍ଲା ବ୍ଲକ କିଛି ଗାଁ ଓ ସୀମାନ୍ତ କନ୍ଧମାଳ ଜିଲାର ଅନେକ ଗାଁର ଲୋକଙ୍କୁ ନିରବଚ୍ଛିନ୍ନ ଭାବେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ଲାଞ୍ଜିଗଡ଼ରୋଡ଼ ସ୍ୱାସ୍ଥ୍ୟକେନ୍ଦ୍ର ଜିଲାରେ ଏକ ଉଦାହରଣ ସୃଷ୍ଟି କରିଛି। ରାଜ୍ୟରେ ୫-ଟି ଲାଗୁ ହେବା ପୂର୍ବରୁ ହିଁ ଏଠାକାର ସମସ୍ତ କର୍ମଚାରୀ ସମୟାନୁବର୍ତ୍ତିତା ସହ ଦାୟିତ୍ୱ ସହ ରୋଗୀ ସେବା କରି ସମଗ୍ର ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ନିରାମୟ ଯୋଜନାରୁ ଅଧିକାଂଶ ଔଷଧ ମିଳୁଥିବାବେଳେ ପରିଷ୍କାର ପରିଚ୍ଛନ୍ନତା ସହ ସଂକ୍ରମଣ ରହିତ ଉପକରଣ ବ୍ୟବହାରରେ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଉଦାହରଣ ସୃଷ୍ଟି କରିଛି। ଏସବୁକୁ ଭିତ୍ତି କରି ଲାଞ୍ଜିଗଡରୋଡ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇବାର ସମ୍ଭାବନା ରହିଛି ବୋଲି ରୋଗୀ କଲ୍ୟାଣ ସମିତି ସଦସ୍ୟ ଟଙ୍କଧର ମାଝି, କେଶବଚନ୍ଦ୍ର ବାରିକ, ସୁଶୀଲ କୁମାର ବାଗ ପ୍ରମୁଖ ଆଶା ପ୍ରକାଶ କରିଛନ୍ତି।

## ■ ଇନ୍ଦ୍ରାବତୀ ଜଳଭଣ୍ଡାରରେ ପୋଲ ନିର୍ମାଣ ଲାଗି

# ବିରୋଧୀ ଦଳ ନେତାଙ୍କ ବିଭାଗୀୟ ମନ୍ତ୍ରୀଙ୍କୁ ପତ୍ର

ଭବାନୀପାଟଣା,୧୨।୧୧(ଡି.ଏନ.ଏ.)

ଇନ୍ଦ୍ରାବତୀ ଜଳଭଣ୍ଡାରରେ ବହୁମୁଖି ପ୍ରକଳ୍ପ କଳାହାଣ୍ଡିର ଜୀବନରେଖା ସାଜିଛି। ଇନ୍ଦ୍ରାବତୀରେ ୧୯୯୯ରୁ ଜଳସେଚନ ସୁବିଧା ଉପଲବ୍ଧ ହେବା ପରେ କଳାହାଣ୍ଡିର ଚିତ୍ର ବଦଳିଯାଇଛି। ଏକଦା ମରୁଡି ଅଞ୍ଚଳ ରୂପେ ଖାତି ଅର୍ଜନ କରିଥିବା କଳାହାଣ୍ଡି ଜିଲା ଏବେ ଗତ ୫ ବର୍ଷ ଧରି ରାଜ୍ୟର ୨ୟ ବୃହତ୍ତମ ଧାନ ଉତ୍ପାଦନକାରୀ ଜିଲାର ମାନ୍ୟତା ପାଇଛି। ଏହି ବୃହତ୍ତ ଯୋଜନା ପାଇଁ ନିଜର ସର୍ବସ୍ୱ ହରାଇଥିବା ବୁଡି ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇବାରେ ଲାଗିଲା। ଜଳଭଣ୍ଡାର ମଧ୍ୟରେ କିଛି ଗାଁ ଲିନ ହୋଇଯାଇଥିବା ବେଳେ ଆଉ କେତେକ ଅଞ୍ଚଳ ଇନ୍ଦ୍ରାବତୀ ଜଳଭଣ୍ଡାର ଅପରପାର୍ଶ୍ୱରେ ରହି ଜଳବନ୍ଦି ଜୀବନଯାପନ କରୁଛନ୍ତି। ଏହି ଜଳବନ୍ଦୀ ଅଞ୍ଚଳର ଜନସାଧାରଣଙ୍କ ଗମନାଗମନ ସୁବିଧା ପାଇଁ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ଏକ ସେତୁ ନିର୍ମାଣ କରିବା ପାଇଁ ଦୀର୍ଘ ଦିନରୁ ଜଳବନ୍ଦୀ ଅଞ୍ଚଳର ଗ୍ରାମବାସୀ ଦାବି କରି ଆସୁଛନ୍ତି। ସରକାର ଇନ୍ଦ୍ରାବତୀରେ ଏକ ସେତୁ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିନିମନ୍ତେ ବ୍ୟୟବରାଦ ମଧ୍ୟ କରିଛନ୍ତି। ଏହି ସେତୁ ନିର୍ମାଣ ପାଇଁ ୪ ଥର ଟେଣ୍ଡର ଆହ୍ୱାନ କରାଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ସେତୁ ନିର୍ମାଣ ପାଇଁ କୌଣସି ଠିକ ସଂସ୍ଥା ଟେଣ୍ଡର ପ୍ରକାଉ ନାହାନ୍ତି। ଫଳରେ ଇନ୍ଦ୍ରାବତୀ ଜଳଭଣ୍ଡାର କେନ୍ଦୁଗୁଡା ଘାଟରେ ହାଇ ଲେଭୁଲ ବ୍ରିଜ ନିର୍ମାଣ ପାଇଁ ୪୬ କୋଟି ଟଙ୍କା ମଞ୍ଜୁର ହୋଇ ପଡି ରହିଥିଲେ ହେଁ ଆଜି ପର୍ଯ୍ୟନ୍ତ ସେତୁ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇପାରି ନାହିଁ। ରାଜ୍ୟ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ତୁରନ୍ତ ଏହି ହାଇଲେଭୁଲ ବ୍ରିଜ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳର ଜନସାଧାରଣଙ୍କ ଗମନା ଗମନ ସୁବିଧା ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାରୁ ବିରୋଧୀ ଦଳ ନେତା ଦାବି କରିଛନ୍ତି।




ଲାଞ୍ଜିଗଡ ବାଲିଘର ନିକଟରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମ ।

## କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଶିବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼

ଲାଞ୍ଜିଗଡ଼,୧୨।୧୧(ଡି.ଏନ.ଏ.)

ଓଡ଼ିଆ ପୁଅର ବୈଦେଶିକ ବାଣିଜ୍ୟ, ବୋଇତରେ ଜାଭା, ବାଲି, ସୁମାତ୍ରା, ବୋର୍ଣ୍ଣିଓ ଆଦି ଯିବାର ସ୍ମୃତିରେ ଆଜି ବି ପାଳିତ ହେଉଛି ବାଲିଯାତ୍ରା। ଏଥିପାଇଁ କାର୍ତ୍ତିକ ପୂର୍ଣ୍ଣିମା ଭଳି ଦିନକୁ ବଛାଯାଇଥିବାବେଳେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ଲୋକେ ସକାଳ ବଡିଭୋରରୁ ଉଠି ଗାଧୁଆପାଧୁଆ ସାରି ବିଭିନ୍ନ ପୋଖରୀ ଓ ନଦୀରେ କଦଳୀ ପଟୁଆର ଡଙ୍ଗା ଭସାଇଛନ୍ତି । କାର୍ତ୍ତିକ ଧର୍ମ ମାସରେ ନିଇତି ବୁଡ ଦେବା ସହ ହବିଷାନ୍ନ ଭକ୍ଷଣ କରି ଧର୍ମ ଅର୍ଜନ କରିବାର ଆଜି ଅନ୍ତ ହୋଇଛି। ଏହିକ୍ରମରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଭିନ୍ନ ଗାଁ ମୁଖରିତ ହୋଇଉଠିଥିବାବେଳେ ସ୍ଥାନେ ସ୍ଥାନେ ପୁରାଣ ପାରାୟଣ ପୂର୍ବକ ଧର୍ମ ଅର୍ଜନ ପରେ ସକାଳୁ ବିଭିନ୍ନ ଦେବାଳୟଗୁଡିକରେ ଦେବ ଦର୍ଶନ ପାଇଁ ଭିଡ ଜମିଥିଲା। ଲାଞ୍ଜିଗଡସ୍ଥିତ ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର, ହନୁମାନ ମନ୍ଦିର, ରାଧାକୃଷ୍ଣ ମନ୍ଦିର ସମେତ ଭାଟଗୁଡା ଶିବମନ୍ଦିର,ବିଶ୍ୱନାଥପୁର ଶିବମନ୍ଦିର, କୁତ୍ରୁପାଲି ଶିବ ମନ୍ଦିର, ନଙ୍ଗଲବେଡା ଶିବ ମନ୍ଦିର, ଲାଞ୍ଜିଗଡରୋଡ ଶିବମନ୍ଦିର, କାକଭଟା ଜଗନ୍ନାଥ ମନ୍ଦିର, କିଡିଙ୍ଗ ଶିବମନ୍ଦିର, ରାମଚନ୍ଦ୍ରପୁର ଜଗନ୍ନାଥ ମନ୍ଦିର, କେଶପଲା ଶିବମନ୍ଦିର ଆଦିରେ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଲାଞ୍ଜିଗଡ଼ ରାଧାକୃଷ୍ଣ ମନ୍ଦିର ପରିସରରେ ମିଲନ କୁମାର ନାୟକ, ଉମାକାନ୍ତ ରଣା, ମହେନ୍ଦ୍ର ସିଂ, ରମାକାନ୍ତ ସିଂ, ହିମାଂଶୁ ଗଉଡଙ୍କ ନେତୃତ୍ୱରେ ସାଧାରଣ ଲୋକଙ୍କୁ ଖେଚୁଡି ଓ ଅନ୍ନଭୋଗ ପ୍ରଦାନ କରାଯାଇଥିଲା। ଏଥିରେ ପାଞ୍ଚଶହରୁ ଅଧିକ ଶ୍ରଦ୍ଧାଳୁ ଭୋଗ ଗ୍ରହଣ କରିଥିଲେ। ସେହିପରି ବ୍ଲକର ବିଭିନ୍ନ ସ୍ଥାନରେ ମଧ ଲୋକଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା। ଲାଞ୍ଜିଗଡ ବାଲିଘର ନିକଟରେ ୮ ଦିନ ବ୍ୟାପି ପ୍ରବଚନ ଚାଲିଥିବା ବେଳେ ସମଗ୍ର ଲାଞ୍ଜିଗଡକୁ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ବୃନ୍ଦବନର ଶ୍ୟାମାନନ୍ଦ ଦାଶ ମହାରାଜଙ୍କ ପ୍ରବଚନ ଶୁଣିବା ପାଇଁ ଦୁରଦୁରାନ୍ତରୁ ଅନେକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଏହି ପ୍ରବଚନ କାର୍ଯ୍ୟକ୍ରମକୁ ଲାଞ୍ଜିଗଡ ସତ୍ସଙ୍ଗ କମିଟି ନଳିନି ରଞ୍ଜନ ହୋତା, କ୍ଷିରାବ୍ଧୀ ମହାକୁଡ, ଟିକେରାମ ମହାକୁଡ, ସୁବାଷ ଅଗ୍ରୱାଲ, ଚନ୍ଦ୍ରଧ୍ୱଜ ପେସନିଆ, ହିମାଦ୍ରୀ ପେସନିଆ ପ୍ରମୁଖ ସହଯୋଗ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଜୁନାଗଡ,୧୨।୧୧ (ଡି.ଏନ.ଏ./ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ମଣ୍ଡି ନିକଟ ୨୬ ନଂ. ଜାତୀୟ ରାଜପଥରେ ମଙ୍ଗଳବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ଜୟପାଟଣା ବ୍ଲକ ପାବଲି ଗାଁର ଗିରିଧାରୀ ଦାସକାଠିଆ (୪୨) ବୋଲି ଜଣାପଡିଛି। ମଙ୍ଗଳବାର ମଧ୍ୟାହ୍ନରେ ଗିରିଧାରୀ ଜୁନାଗଡରୁ ନିଜ ଗ୍ରାମକୁ ଫେରୁଥିଲେ। ମହିଚଲା ମଣ୍ଡି ନିକଟ ବୁଲାଣି ନିକଟରେ ଭାରସମ୍ୟ ହରାଇ ପଡିଯାଇଥିଲେ। ତାଙ୍କ ବେକ ରାସ୍ତା କଡରେ ଲଗିଥିବା ଟିଣରେ ଲାଗି କଟିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଜୁନାଗଡ ପୋଲିସ ଘଟଣାକୁସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ପ୍ରକାଶ ଯେ, ଏହି ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ହେଲା ବାରମ୍ବାର ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହି ଦୁର୍ଘଟଣାରେ ଅନେକ ଲୋକ ମୃତ୍ୟୁବରଣ କରିଥିବା ବେଳେ ଅନେକ ଗୁରୁତର ଆହତ ମଧ ହୋଇଛନ୍ତି। ତଥାପି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାକୁ ଦୁର୍ଘଟଣା ସ୍ଥାନ ଚିହ୍ନଟ କରି ନ ଥିବାବେଳେ ହମ୍ପସ୍ ବ୍ୟବସ୍ଥା ମଧ କରାଯାଇ ପାରିନାହିଁ। ଫଳରେ ଏଠାରେ ଦିନକୁ ଦିନ ଦୁର୍ଘଟଣା ବଢିଚାଲିଛି। ଦୁର୍ଘଟଣାକୁ ରୋକିବା ପାଇଁ ଏଠାରେ ହମ୍ପସ୍ ବ୍ୟବସ୍ଥା କରାଯିବା ସହ ଦୁର୍ଘଟଣା ସ୍ଥାନ ଭାବେ ସୂଚନା ଦିଆଯିବାକୁ ସାଧାରଣରେ ଦାବି ହେଉଛି।

## ■ ରିଷିଡ଼ାରେ ବୋଇତବନ୍ଦାଣ ଉତ୍ସବ

# ଐତିହାସିକ ନୌବାଣିଜ୍ୟକୁ ସ୍ମୃତିଚାରଣ

ରିଷିଡା,୧୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଶ୍ରୀ ଶ୍ରୀ ରାମଚନ୍ଦ୍ର ସ୍ୱାମୀ ଗ୍ରାମ୍ୟ ସମିତିର ୬ଷ୍ଠ ବୋଇତ ବନ୍ଦାଣ ଉତ୍ସବ ସମାରୋହରେ ସୋମବାର ଓ ମଙ୍ଗଳବାର ୨ଦିନ ଧରି ପାଳିତ ହୋଇଯାଇଛି। ଏଥିରେ ଉତ୍କଳୀୟ ନୌବାଣିଜ୍ୟକୁ ସ୍ମୃତିଚାରଣ କରାଯାଇଛି। ତୈଳିକ ବୈଶ୍ୟ ସମାଜ ହେଉଛନ୍ତି ଅତିତର ସାଧବଙ୍କ ବଂଶଧର। ତେଣୁ ବୋଇତ ବନ୍ଦାଣ ଉତ୍ସବ ନିଜର ଜାତୀୟ ପର୍ବ ବୋଲି ସୋମବାର ରାତିରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ତୈଳିକ ବୈଶ୍ୟ ସମାଜର କେନ୍ଦ୍ର ଉପସଭାପତି ଭାଗିରଥି ସାହୁ, ମୁଖ୍ୟବକ୍ତା ଭାବେ ପୂର୍ବତନ କେନ୍ଦ୍ର ବାଚସ୍ପତି ଖଗେଶ୍ୱର ସାହୁ, କେନ୍ଦ୍ର ବାଚସ୍ପତି ରାଜେନ୍ଦ୍ର କୁମାର ସାହୁ, ଫୁଲବାଣୀ ସମିତିର ସଭାପତି ନକୁଳ ସାହୁ, ରିଷିଡା ସମିତିର ବେହେରା ଡୋଳାମଣି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ। ସମିତି ସଭାପତି ଅନ୍ତର୍ଯ୍ୟାମୀ ସାହୁଙ୍କ ଅଧ୍ୟକ୍ଷତା ହୋଇଥିବା ଉକ୍ତ କାର୍ଯ୍ୟକ୍ରମକୁ ବନ୍ଦିଶ କୁମାର ସାହୁ ଓ ସିଦ୍ଧେଶ୍ୱର ସାହୁ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରିଥିବା ବେଳେ ମାଟ୍ରିକ ଓ ଯୁକ୍ତ ୨ରେ ସର୍ବାଧିକ ନମ୍ବର ରଖିଥିବା ବନ୍ଦିଶ କୁମାର ସାହୁ, ବନ୍ଦିତାରାଣୀ ସାହୁଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ମଙ୍ଗଳବାର ବୋଇତକୁ ସଜ୍ଜିତ କରି ଏକ ଶୋଭାଯାତ୍ରାରେ ସ୍ଥାନୀୟ ବଡପୋଖରୀ ନିକଟକୁ ନିଆଯାଇଥିଲା। ସେଥିରେ ସାମୂହିକ ଦୀପ ପ୍ରଜ୍ୱଳନ ପରେ ବୋଇତ ଭସାଣି କରାଯାଇଥିଲା। ସମିତି ସମ୍ପାଦକ ପଦ୍ମକିଶୋର ସାହୁ, ଦଳବେହେରା ପ୍ରମୋଦ କୁମାର ସାହୁ, ଅଭିମନ୍ୟୁ ସାହୁ, ଭୋଳାନାଥ ସାହୁ (କ), ଦୁଃଖୀମଣୀ ସାହୁ, ଭୋଳାନାଥ ସାହୁ (ଖ), ବସୁଦେବ ସାହୁ, ସହଦେବ ସାହୁ, ପୀତବାସ ସାହୁ, ଦୁର୍ଯ୍ୟୋଧନ ସାହୁ, କେଦାର ସାହୁ, ପଞ୍ଚାନନ ସାହୁ, କୈଳାଶ ଚନ୍ଦ୍ର ସାହୁ, ବିମଳ କୁମାର ସାହୁ ଓ ଅଜିତ କୁମାର ସାହୁ, ନିରଞ୍ଜନ ସାହୁ ପ୍ରମୁଖ ସହାୟତା କରିଥିଲେ।



ରିଷିଡା ବଡପୋଖରୀରେ ତୈଳିକ ବୈଶ୍ୟ ସମାଜ ତରଫରୁ ବୋଇତ ଭସାଣ କରାଯାଉଛି ।

# କୁଟୁରୁଖମାରରେ ରକ୍ଷକ କାର୍ଯ୍ୟକ୍ରମ



ବିଜୁ ଯୁବ ବାହିନୀର ରକ୍ଷକ କାର୍ଯ୍ୟକ୍ରମରେ ଆୟୋଜିତ ସଚେତନତା ଶୋଭାଯାତ୍ରା ।

ଭବାନୀପାଟଣା,୧୨।୧୧(ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ କୁଟୁରୁଖମାର ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ବାହିନୀ ସଭାପତି ମୋହନ ଗହିରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭବାନୀପାଟଣା ବ୍ଲକ ଉପାଧ୍ୟକ୍ଷ ସଚିଦାନନ୍ଦ ମହାକୁଡ ମୁଖ୍ୟଅତିଥି, ଆରଟିଓ ଦୀନବନ୍ଧୁ ଶୁଣ୍ଢି, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଗନ୍ଧର୍ବ ଗଉଡ, ସେନାପତି ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମୋଟରଯାନ ଆଇନ ୨୦୧୯ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଧ୍ରୁବ ସିଂ, ଲକ୍ଷ୍ମୀଧର କର, ସଞ୍ଜୟ ନାଏକ, କେଶବ ମଲ୍ଲିକ, ରିଙ୍କୁ ଅଲ୍ଲୀ ପ୍ରମୁଖ ସହଯୋଗ କରିଥିଲେ।

## କାୟାକଳ୍ପ ଯୋଜନାରେ ସ୍ୱଚ୍ଛ ଭାରତ ମିଶନ

ପଲମ,୧୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନସ୍ଥ ରୁପ୍ରାରୋଡ ପଞ୍ଚାୟତସ୍ଥିତ ରୁପ୍ରାରୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛ ଭାରତ ମିଶନ କାୟାକଳ୍ପ ଯୋଜନାରେ ୧୧ ତାରିଖରେ ମୂଲ୍ୟାଙ୍କନ କରାଯାଇଛି। ଜିଲା କାୟାକଳ୍ପ କମିଟି ଓ ଡାକ୍ତର ସୁନିଲ ରଥଙ୍କ ତତ୍ତ୍ୱାବଧାନରେ ପରିଦର୍ଶନ କରାଯାଇଥିଲା। ଏହି ମୂଲ୍ୟାଙ୍କନ ସମୟରେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନକ ଶତପଥୀ, ରୁପ୍ରାରୋଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ମାନସ ରଞ୍ଜନ ସାମଲ, ଫର୍ମାସିଷ୍ଟ କେଟିଆର ପାତ୍ର, ଆୟୁଷ ଡାକ୍ତର ସଙ୍ଗୀତ ସାହୁ, ମହିଳା ସ୍ୱାସ୍ଥ୍ୟ କର୍ମୀ ଦିପ୍ତିମୟୀ ଧଙ୍ଗଡାମାଝି, ରମେଶ ବିଶୋଇ, ଗଣେଷ ଖୋଡୋଗ, ଯୋଗ ଶିକ୍ଷକ ଧନୟ ସା ପ୍ରମୁଖ ସହଯୋଗ କରିଥିଲେ।

## ■ ଭତା, ଆବାସ ଯୋଜନାରୁ ବଁଚିତ

# ଭିଖ୍ ମାଗି ପେଟ୍ ପାଲୁଛନ୍ ସୂର୍ଯ୍ୟକାନ୍ତି

ପର୍ଲା,୧୨।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଦଣ୍ଡପାଟ ଅଂଚଳର ଅନେକ ଗରିବ୍ ଦୁଖି ଭଲ ଘରଖେଁ ଅଭାବୁ ବଡ଼ା ଗୁଲଗୁଲା ହେଇ ଜୀବନ ବିତଉଛନ୍। କିଏ ଝାଟି ମାଟି ଘରେ ତ କିଏ ଦଦରା କୁରିଆରେ ପଲିଥିନ ଡାପି ଜୀବନ୍ ବିତଉଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ଧର୍ମଗଡ଼ ବ୍ଲକ ଛଞ୍ଚାଣବାହାଲି ପଁଚେତ୍ ଅଧୀନ ବେହେରାଗୁଡ଼ା ଗାଁରେ।



ନିଜର ଦଦ୍ରା କୁରିଆ ଆଗେ ସୂର୍ଯ୍ୟକାନ୍ତି।

ସୂଚନା ହିସାବେ ବେହେରାଗୁଡ଼ାର ସୂର୍ଯ୍ୟକାନ୍ତି ଧରୁଆ(୪୫)। ଝନେ ନିସାହା ଛାର୍‌ରି ମହିଲା। ଅନେକ ବଛର ତଲେ ଆପ୍ନେ ତାହାକୁ ଛାଡ଼ି କେନ୍ଆଡ଼େ ପଲେଇ ଗଲେ, ଆଏଜ୍ ତକ୍ ତାକର ଖୋଜଖବର ନାଁଇଁନ। ଏନ୍ତାଥି ସୂର୍ଯ୍ୟକାନ୍ତି ଗୁଟେ ଭଂଗା ଦଦ୍ରା କୁରିଆରେ ୧୫ ବଛର ହେଲା ପଲିଥିନ ଡାପି ଜୀବନ୍ ବିତଉଛନ୍। ସଖାଲ ପାଏଲେ ପେଟ ପାଲବାର ଲାଗି ଆସର ପାସର ଗାଁମାନକେ ଭିଖ୍ ମାଗିଯାଉଛନ୍। ଗଲା ଲଘୁଚାପ ବରଷାରେ ତାକର ଘରଟା ଭାଂଗି ଯାଇ ଆଁଠେ ପାଏନ୍ ହେଇଥିଲା। ହେଲେ ପରଶାସନ ତରଫୁ ତାହାକୁ ପଲିଥିନ ଖଁଡ଼େ ବି ନାଇଁ ମିଲିଥିବାର ସେ ଅଭିଯୋଗ କରିଛନ୍। ତାକର ଗୁଲଗୁଲା ଦେଖି ଝନେ ସହୃଦ୍ ଲୋକ୍ ତାହାକୁ ପଲିଥିନ ଖଁଡ଼େ ଦେଇଥିଲେ। ଇଆଡ଼େ ସରକାରୀ ସାହାଯ୍ କହେଲେ ସୂର୍ଯ୍ୟକାନ୍ତି ମାସିକ ୫ କେ.ଜି. ଚାଉଲ ପାଉଛନ୍। ହେଲେ ମାସିକ ୫ କେ.ଜି. ଚାଉଲ ନିଅଁଟ ହେଉଛେ। ଯେନ୍ଥିରଲାଗି ସେ ସଖାଲ ପାଏଲେ ଗାଁ ଗାଁ ଭିଖ୍ ମାଗି ଯାଉଛନ୍। ସରକାରୀ ଯୋଜନାରେ ସମକୁ ଘର ମିଲୁଛେ, ଭଲ ଚଲୁଥିଲା ଲୋକ୍ ମାସିକ ୩୫ କେ.ଜି. ଚାଉଲ ପାଉଥିଲାବେଳେ ମୋତେ ୫ କେ.ଜି. ମିଲୁଛେ। ହେଲେ ମୋର କେହି ନାଇଁ ବଲି ମୋତେ ଘର, ଭତା, ୩୫ କେ.ଜି. ଚାଉଲ ନାଇଁ ମିଲବାର ବଲି ସେ କହିଥିଲେ। ଘରଖଁଡ଼େର ଲାଗି ୱାର୍ଡ ମେମରନୁ ସରପଁଚ୍ ଆର ଧର୍ମଗଡ଼ ବିଡିଓ ତକ୍ ଗୁହାରି କରିଛେଁ। ହେଲେ କେହି ମୋର କଥା ନାଇଁ ଶୁନବାର ବଲି ସେ ଅଭିଯୋଗ କରିଛନ୍। ଇ ବାବ୍‌ଦେ ପଁଚେତ୍ କାର୍ଯ୍ୟ ନିର୍ବାହୀ ଅଧିକାରୀକୁଁ ପଚ୍‌ରାଲାରୁ ଚଲତି ବଛର ତାକର ନାଁ ଆବାସ ଯୋଜନାରେ ସାମିଲ କରି ମଂଜୁରି ଲାଗି ପଠାଯାଇଛେ ବଲି ସେ କହିଛନ୍। ସେନ୍ତା ସରପଁଚ୍ ବଳରାମ ପୂଝାରୀକୁଁ ପଚରାଲାରୁ ବିଡିଓକୁଁ କହି ସୂର୍ଯ୍ୟକାନ୍ତିକଁର ଲାଗି ଯେତେ ଜଲଦି ହେବା ଗୁଟେ ଘରର ବେବସ୍ତା କରାଯିବା ବଲି ସେ କହିଛନ୍।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୩ ନଭେମ୍ବର, ୨୦୧୯



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### କାର୍ତ୍ତିକ ବ୍ରତ ସମ୍ପନ୍ନ

**ଟିକ୍ରାପଡା,୧୨।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡାର ସାନ ଗୌନ୍ତିଆ ପଡାଠାରେ ଭକ୍ତ ସମାଜ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ତ୍ତିକ ବ୍ରତ ସମ୍ପନ୍ନ ହୋଇଛି । ଅକ୍ଷୟ ସୁଆର ପୂଜକ ଦାୟିତ୍ୱ ତୁଲାଇଥିଲେ । ପଙ୍କଜିନୀ ରାଜପଲିଆ, ସନ୍ୟାସୀ ରାଜପଲିଆ କର୍ତ୍ତା ରହିଥିଲେ। ବିକ୍ରମ ବାଗ, ସୁଧିର ପୁଟେଲ, ପଦ୍ମିନୀ ବାଗ ପୂରାଣ ପାଠ କରିଥିଲେ । ବ୍ରଜରାଜ ରାଜପଲିଆ, ବିବେକା ରାଜପଲିଆ, ଦୁଃଖନାଶନ ପୁଟେଲ ତଥା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### କାର୍ତ୍ତିକ ପୂର୍ଣ୍ଣିମା ପାଇଁ ବିଭିନ୍ନ ପୀଠରେ ଭକ୍ତଙ୍କ ଭିଡ଼

**ଗୁଡଭେଲା,୧୨।୧୧(ଡି.ଏନ.ଏ.):** କାର୍ତ୍ତିକ ପୂର୍ଣ୍ଣିମା ପାଇଁ ମଙ୍ଗଳବାର ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଓ ତୁଷୁରା ସହରର ବିଭିନ୍ନ ଅଞ୍ଚଳରେ ଥିବା ବିଭିନ୍ନ ଦେବଦେବୀ ପୀଠରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସକାଳୁ ଭକ୍ତମାନେ ବିଭିନ୍ନ ନଦୀ ଓ ଜଳାଶୟରେ ସ୍ନାନ ସାରି ବୋଇତ ବନ୍ଦାଣ କରିଥିଲେ । ଏହାପରେ ମନ୍ଦିର ଦର୍ଶନ କରିବା ସହ ଠାକୁରଙ୍କ ଆଶୀର୍ବାଦ ନେଇଥିଲେ। ତୁଷୁରା ହାଟପଦାଠାରେ ପଞ୍ଚୁକ ଉପଲକ୍ଷେ ଅସ୍ଥାୟୀ ମଣ୍ଡପ କରାଯାଇ କାର୍ତ୍ତିକ ପୂଜା ପାଞ୍ଚ ଦିନ ଧରି ଚାଲିଥିଲା। ତୁଳାମଣୀ ଜାନୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳବାର ପୂର୍ଣ୍ଣାହୁତି ସହ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ଶ୍ରୀ ଗୁଣ୍ଡିଚା ଭଜନ ମଣ୍ଡଳୀ ଦ୍ୱାରା ଆଧାତ୍ମିକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ଦୀନବନ୍ଧୁ ବେହେରା, ମୁନା ମହାପାତ୍ର, ହରିହର ସାହୁ, ସରୋଜ ପୁଷ୍ଟି, ରବୀନ୍ଦ୍ର ମହାପତ୍ର, ସଞ୍ଜୀବ ସାହୁ, ସୁବାସ ସାହୁ, ଦେବାଶିଷ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ସେହିପରି କାର୍ତ୍ତିକ ପୂଜା ଉପଲକ୍ଷେ ତୁଷରା ଜଗନ୍ନାଥ ମନ୍ଦିର ପରିସରରେ ଷୋହଳ ପହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଶମ୍ଭୁ ତିରିଆ କର୍ତ୍ତା କାର୍ଯ୍ୟ ତୁଲାଉଛନ୍ତି । ବୁଧବାର ନାମଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ ।

### କାର୍ତ୍ତିକ ପୂର୍ଣ୍ଣମୀରେ ଡ୍ୟାନ୍ସ ପ୍ରତିଯୋଗିତା

**ମୁରିବାହାଲ, ୧୨।୧୧ (ଡି.ଏନ.ଏ.):** ମୁରିବାହାଲ ବସ୍ତି ଗଣେଷ ପୂଜା କମିଟି ତରଫରୁ କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ଡ୍ୟାନ୍ସ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ମୁରିବାହାଲ ସାମ୍ବାଦିକ ସଂଘର ଉପସଭାପତି ନିମାଇଁଚରଣ ବଘାର ଓ ସମ୍ମାନୀତ ଅତିଥି ଶ୍ରୀପତି ଷାଣ୍ଡ, ସାମାଜିକ କର୍ମୀ ସୁଦାମଚରଣ ବଘାର ଯୋଗଦେଇଥିଲେ। ବିଚାରକଭାବେ ପ୍ରକାଶ କୁମାର ରାଉତ, ସୁଦର୍ଶନ ଦୀପ ଓ ଲିଲୁ ମୋହନ ପଧାନ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗୀତାରେ ୨୦ଜଣ ଅଂଶଗ୍ରହଣ କରିଥିଲେ। ବଙ୍ଗୋମୁଣ୍ଡାର ଡିଏମଏକ୍ସ ଡ୍ୟାନ୍ସ ଗ୍ରୁପ ପ୍ରଥମ, ୫୪୩୨୧ ଗ୍ରୁପ ମୁରିବାହାଲ ଦ୍ୱିତୀୟ ଓ ଗମ୍ଭେରଖୋଲା ଡ୍ୟାନ୍ସ ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମକୁ କମିଟିର ସଭାପତି ସୁବାଷ ଚନ୍ଦ୍ର ବଘାର, ସମ୍ପାଦକ ବିଶ୍ୱବିହାରୀ ଯୋଶୀ, କୋଷାଧକ୍ଷ ଭୀମ ପ୍ରଧାନୀ, ପିକୁନ ପଧାନ, ସୁଶାନ୍ତ ଭୋଇ, ଅର୍ଜୁନ ପଧାନୀ, ନିଲୁ କର୍ମ, ରାଜେଶ ପଧାନ ପ୍ରମୁଖ ସହଯୋଗ କରିଥିଲେ। ଲିଲୁ ମୋହନ ପଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

### ଯାତ୍ରୀ ପ୍ରତୀକ୍ଷାଳୟ ପାଇଁ କ୍ଷେତ୍ର ପରିଦର୍ଶନ

**ଲୋଇସିଂହା,୧୨।୧୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ସାଲେଭଟା ବସ୍ଷ୍ଟାଣ୍ଡ ନିକଟରେ ୨ଟି ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯିବ । ଏଥିପାଇଁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମଙ୍ଗଳବାର କ୍ଷେତ୍ର ପରିଦର୍ଶନ କରିଥିଲେ । ସେ ଦୁଇଟି ସ୍ଥାନ ଚିହ୍ନଟ କରିଥିବା ଜଣାପଡିଛି। ସୂଚନାମତେ, ସାଲେଭଟାରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ପାଇଁ ଏନ୍ଏଚ୍ ଡିଭିଜନ ପକ୍ଷରୁ ଚୂଡ଼ାନ୍ତ ହୋଇଯାଇଛି। ଏଥିପାଇଁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଶ୍ରୀପତି ଧରୁଆ ଉପଯୁକ୍ତ ଜାଗା ଚିହ୍ନଟ ପାଇଁ ଏନଏଚ ଡିଭିଜନ ପକ୍ଷରୁ ଅନୁରୋଧ ପତ୍ର ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗ୍ରାମବାସୀଙ୍କ ସହ ରାଜସ୍ୱ ନିରୀକ୍ଷକ ବସ୍ଷ୍ଟାଣ୍ଡସ୍ଥିତ ପଞ୍ଚାୟତର ଏକ ଜାଗା ଓ ଅନ୍ୟଟି ସର୍ବସାଧାରଣ ରାସ୍ତା ପ୍ରାଥମିକ ଭାବେ ଚିହ୍ନଟ କରାଯାଇଛି । ଏହାକୁ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ସ୍ୱଷ୍ଟୀକରଣ ଦେଲା ପରେ ଉକ୍ତ ଜମିର ନକ୍ସା କରି ଏନ୍ଏଚ୍ ଡିଭିଜନକୁ ହସ୍ତାନ୍ତର କରାଯିବ । ଏନଏଚ ଡିଭିଜନ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଚିହ୍ନଟ ସ୍ଥାନ ଉପଯୁକ୍ତ ମନେ କଲେ ସେଠାରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯିବ ବୋଲି ରାଜସ୍ୱ ନିରୀକ୍ଷକ ଧରୁଆ କହିଛନ୍ତି।

■ ଲୋଇସିଂହା ବ୍ଲକରେ ମଣ୍ଡି ଖୋଲିନି

# ଖଳାରେ ପହଞ୍ଚିଲେଣି ବେପାରୀ

**ଲୋଇସିଂହା, ୧୨।୧୧(ଡି.ଏନ.ଏ.)**



ଲୋଇସିଂହା-ସମେଲମୁଣ୍ଡା ରାସ୍ତା ପାର୍ଶ୍ୱରେ ଥିବା ଜଣେ ଚାଷୀଙ୍କ ଜମିରୁ ଅମଳ ଧାନକୁ ବେପାରୀ ଗାଡି ଲଗାଇ ଧାନ ଉଠାଉଛନ୍ତି।

ବଲାଙ୍ଗୀର ଜିଲାରେ ୨୦୧୯-୨୦ ଖରିଫ ଧାନକ୍ରୟ ଆସନ୍ତା ୧୫ତାରିଖରୁ ଆରମ୍ଭ କରାଯିବ । ଏହାପୂର୍ବରୁ ଅମଳ ଧାନକୁ ଚାଷୀମାନେ ବେପାରୀ ହାତରେ ଅଣ୍ଡରରେଟରେ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଏହାର ସୁଯୋଗ ନେଇ ବେପାରୀମାନେ ଚାଷୀଙ୍କ ଖେତରେ ପହଞ୍ଚି ଯାଉଥିବା ଦେଖିବାକୁ ମିଳୁଛି । ଅଣ ଜଳସେଚିତ ଲୋଇସିଂହା ବ୍ଲକରେ ୨୧ ହଜାର ୨୧୫ ହେକ୍ଟର ମୋଟ ଚାଷ ଜମି ରହିଛି । ତନ୍ମଧ୍ୟରୁ ୧୦ ହଜାର ୬୫୦ ହେକ୍ଟର ଚାଷ ଜମିରେ ଖରିଫ ଧାନ ଫସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ସର୍ବମୋଟ ଜମିରେ ଖରିଫ ଧାନ ଫସଲ ହୋଇଛି । ବିଳମ୍ବିତ ଚାଷ ହୋଇଥିଲେ ମଧ୍ୟ ଚଳିତ ବର୍ଷ ଭଲ ଧାନ ଫସଲ ହୋଇଛି । ଅମଳ ସମୟରେ ବର୍ଷା ବାଧକ ନ ସାଜିଲେ ହେକ୍ଟର ପିଛା ଚାଷୀ ୪୦କୁଇଣ୍ଟାଲ ଧାନ ଉତ୍ପାଦନ କରିବ ବୋଲି କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏବେ ସଅଳ କିସମ ଧାନ ପ୍ରାୟ ଅମଳ ଆରମ୍ଭ ହୋଇଗଲାଣି । ନଭେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା ୫୬୧୦ ହେକ୍ଟର ଜମିରେ ଅମଳ ସରିଯିବ । ଅବଶିଷ୍ଟ ଜମିରେ ଡିସେମ୍ବର ସୁଦ୍ଧା ସରିଯିବ ବୋଲି କୃଷି ବିଭାଗ ପକ୍ଷରୁ ତଥ୍ୟ ହସ୍ତଗତ ହୋଇଛି।

କୃଷି ବିଭାଗ ତଥ୍ୟ ମୁତାବକ ସଅଳ କିସମ ଧାନ ଅମଳ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ହେଲେ ଆସନ୍ତା ୧୫ରୁ ଧାନ କ୍ରୟ ପାଇଁ ମଣ୍ଡି ଖୋଲିବା ପାଇଁ ପ୍ରଶାସନ ନିଷ୍ପତ୍ତି ଗ୍ରହଣ କରିଛି । ହେଲେ ଲୋଇସିଂହା ବ୍ଲକର ଧାନକ୍ରୟ କରିବାକୁ ଥିବା ମଣ୍ଡି, ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଏଯାଏ ପ୍ରସ୍ତୁତି ବୈଠକ ଡକାଯାଇ ନ ଥିବା ବୋର୍ଡ ଡାରେକ୍ଟରମାନଙ୍କ ସୂତ୍ରରୁ ପ୍ରକାଶ। ଧାନକ୍ରୟ କମିଟି ମଧ୍ୟ ଗଠନ ହୋଇ ନ ଥିବାରୁ ପ୍ୟାକ୍ସଗୁଡିକର ପ୍ରସ୍ତୁତି ଏକ ପ୍ରକାର ଶୂନ କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରତିକୂଳ ପରିସ୍ଥିତି ଦେଇ ଚାଷ କରିଥିବା ଚାଷୀ ଏବେ ଶ୍ରମିକ ମଜୁରି ଓ ଚାଷ ପାଇଁ କରିଥିବା ଧାରକରଜ ଟଙ୍କା ଶୁଝିବା ପାଇଁ ବେପାରୀ ଉପରେ ଭରସା କରୁଛି । ଏହାର ସୁଯୋଗ ନେଇ ବେପାରୀମାନେ ଚାଷୀ ଅମଳ କରୁଥିବା ଧାନ ଖଳାରୁ ସିଧାସଳଖ ଗାଡି ଲଗାଇ କ୍ରୟ କରୁଥିବା ଦେଖିବାକୁ ମିଳିଛି । ଚାଷୀ କୁଇଣ୍ଟାଲ ପିଛା ୧୨ଶହ ଟଙ୍କାରେ ଧାନ ବିକ୍ରି କରି ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଢେର କମ୍ ଦରରେ ବିକ୍ରି କରି କ୍ଷତିର ସମ୍ମୁଖୀନ ହେଉଛି। ଏ ସଂକ୍ରାନ୍ତରେ ବ୍ଲକ ସହକାରୀ ଯୋଗାଣ ଅଧିକାରୀ ସୌମ୍ୟ ମହାନନ୍ଦଙ୍କୁ ଯୋଗାଯୋଗ କରାଯାଇଥିଲା । ଫୋନ ରିଙ୍ଗ ହେଉଥିଲେ ମଧ୍ୟ ସେ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ । ଏଦିଗରେ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।



ବନବିଭାଗ ଦ୍ୱାରା ଜବତ କାଠ ବୋଝେଇ ଟ୍ରାକ୍ଟର ।

## କାଠ ବୋଝେଇ ଟ୍ରାକ୍ଟର ଜବତ : ୨ ଗିରଫ

**ଲାଠୋର, ୧୨।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବନବିଭାଗ ସୋମବାର ରାତିରେ ଚାନ୍ଦଲି ସଂରକ୍ଷିତ ଜଙ୍ଗଲ ନିକଟ ସୁନାମୁଦି ଗ୍ରାମ ପାଖରୁ ଏକ କାଠ(କରଲା ରୁଇ) ବୋଝେଇ ଟ୍ରାକ୍ଟର ଜବତ କରିଛି । ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଚଢାଉ ବେଳେ ଅନ୍ୟ କେତେଜଣ ଟ୍ରାକ୍ଟରରୁ ଡେଇଁ ଖସି ପଳାଇ ଯାଇଛନ୍ତି । ଲାଠୋର ରେଞ୍ଜର ପ୍ରଭାତୀ ସେଠ କୌଣସି ସୂତ୍ରରୁ ଖବର ପାଇ ସୋମବାର ରାତି ୮ଟାରେ ସଦଳବଳେ ସୁନାମୁଦି ଗାଁ ନିକଟରେ ପହଞ୍ଚିଥିଲେ । ଏହି ସମୟରେ କରଲା ରୁଇ ବୋଝେଇ ହୋଇ ଆସୁଥିବା ଟ୍ରାକ୍ଟର ନଂ ଓଡି-୨୬-ବି-୩୭୬୬କୁ ଅଟକାଇ ଥିଲେ । ଡ୍ରାଇଭର ଡିଙ୍ଗର ବେମାଲ(୨୫) ଏବଂ ଶ୍ରମିକ ଜିତ ବାଗ(୪୦)ଙ୍କୁ ବନ କର୍ମଚାରୀମାନେ ଧରିଥିଲେ । ପରେ ଜବତ ଟ୍ରାକ୍ଟର ଏବଂ ଗିରଫ ବ୍ୟକ୍ତିମାନଙ୍କୁ ଲାଠୋର ବନକାର୍ଯ୍ୟାଳୟକୁ ଅଣାଯାଇଥିଲା । ମଙ୍ଗଳବାର ଲାଠୋର ଓଆର କେସ ନଂ ୧୬୩/୨୦୧୯-୨୦ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

କୁଡାସିଂହାରେ ବୋଇତ ବନ୍ଦାଣ ଉତ୍ସବ, ନାମଯଜ୍ଞ

## ପଥପ୍ରାନ୍ତ ଗୀତିନାଟ୍ୟ ସାଧବପୁଅ ପରିବେଷିତ



କୁଡାସିଂହାରେ ବୋଇତ ବନ୍ଦାଣ ଉତ୍ସବରେ ଡଙ୍ଗାକୁ ଭସାଯାଉଛି ।

**ଦେଓଗାଁ,୧୨।୧୧(ଡି.ଏନ.ଏ.)**

ବଲାଙ୍ଗୀର ସଦର ବ୍ଲକ କୁଡାସିଂହାରେ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସ୍ଥାନୀୟ ସାର୍ବଜନୀନ ସାଂସ୍କୃତିକ କଳା ପରିଷଦ ଓ କୁବେର ଯୁବାମଞ୍ଚ ତରଫରୁ ମିଳିତଭାବେ ବୋଇତ ବନ୍ଦାଣ ଉତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସୋମବାର ସନ୍ଧ୍ୟାରେ ସାଂସ୍କୃତିକ କଳାପରିଷଦର ବିଜୟ ସାହୁଙ୍କ ରଚନା ତଥା ହରେକୃଷ୍ଣ ସାହୁ ଓ ସଞ୍ଜୟ ମାଝୀଙ୍କ ନିର୍ଦ୍ଦେଶନାରେ ପଥପ୍ରାନ୍ତ ନାଟକ ସାଧବ ପୁଅ ପରିବେଷିତ ହୋଇଥିଲା । ଚଳିତବର୍ଷ ମଧ ୧୬ଫୁଟ ଲମ୍ବ ଓ ୭ଫୁଟ ଉଚ୍ଚଥିବା ଶୋଲରେ ନିର୍ମିତ ଡଙ୍ଗାକୁ ପ୍ରାତଃରେ ନିକଟସ୍ଥ ଅର୍ଏଁଲାସାଗରରେ ପୂଜାର୍ଚ୍ଚନା ପରେ ଭସାଯାଇଥିଲା । ଡା. ଲଳିତ କୁମାର ସାହୁ ଉତ୍ସବରେ ଯୋଗଦେଇ ବୋଇତ ବନ୍ଦାଣ ପରମ୍ପରାକୁ ଉଜ୍ଜିବିତ କରି ରଖିଥିବାରୁ କମିଟି ସଦସ୍ୟଙ୍କୁ ସ୍ୱାଗତ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରଦୀପ ସାହୁ, ହରେକୃଷ୍ଣ ସାହୁ, ଭକ୍ତ ପୁଟେଲ, ମନୋଜ ଝାଙ୍କର, ପରେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ କାର୍ତ୍ତିକେଶ୍ୱର ପୂଜା କମିଟି ତରଫରୁ ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞରେ କର୍ତ୍ତାଭାବେ ଉମାକାନ୍ତ ଝାଙ୍କର ଦାୟିତ୍ୱ ନିର୍ବାହ କରିଥିଲେ। ସଭାପତି କୁବେର ସାହୁ, ସମ୍ପାଦକ ମନୋଜ ଝାଙ୍କର, ମ୍ୟାନେଜର ନରେଶ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଭତ୍ତା ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

**ଟିଟିଲାଗଡ, ୧୨।୧୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ଗତ ସୋମବାର ଟିଟିଲାଗଡ଼ ଉପଜିଲାପାଳଙ୍କ ସଭାଗୃହରେ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗ ଗୁଡିକୁ ଶୁଣିଥିଲେ । ତନ୍ମଧ୍ୟରୁ ଟିଟିଲାଗଡ ସରପଞ୍ଚ ସଂଘ ତରଫରୁ ଭିନ୍ନକ୍ଷମ, ବିଧବା, ବୃଦ୍ଧାବୃଦ୍ଧଙ୍କ ଭତ୍ତା ପାଇଁ ଦାବି ହୋଇଥିଲା । ଏହି ପରିପ୍ରେକ୍ଷୀରେ ଜିଲାପାଳ ଡାକୁଆ ଟିଟିଲାଗଡ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ୫ଟି ବ୍ଲକରେ ସାମାଜିକ ସୁରକ୍ଷା ଭତ୍ତା ପାଇଁ ଯୋଗ୍ୟ ହିତାଧିକାରୀ ଅଛନ୍ତି ତାହା ଆକଳନ କରି ଆସନ୍ତା ୨୫ ତାରିଖ ସୁଦ୍ଧା ରିପୋର୍ଟପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାବାଦ ଟିଟିଲାଗଡ ଉପଖଣ୍ଡର ସମସ୍ତ ୫ଟି ବ୍ଲକର ଏହି ସ୍କିମ୍ ମାଧ୍ୟମରେ ଭତ୍ତା ପାଉଥିବା ସମସ୍ତ ହିତାଧିକାରୀଙ୍କୁ ଆସନ୍ତା ୨୧ ତାରିଖ ମଧ୍ୟରେ ଆଧାର ସଂଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶନାମା ଜାରି ହେବା ପରେ ସରପଞ୍ଚ ସଂଘ ତରଫରୁ ଜିଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## କ୍ଷତିପୂରଣ ଟଙ୍କା ଠକି ନେଇଥିବା ଅଭିଯୋଗ

**ବଲାଙ୍ଗୀର ଅଫିସ, ୧୨।୧୧**

ବଲାଙ୍ଗୀର ଟାଉନ୍ ଥାନାରେ ଜଣେ ବ୍ୟକ୍ତି ମାମଲା ପରିଚାଳନା କରୁଥିବା ତାଙ୍କ ଓକିଲଙ୍କ ବିରୋଧରେ କ୍ଷତିପୂରଣ ଟଙ୍କା ଠକି ନେଇଥିବା ଅଭିଯୋଗ କରିଛନ୍ତି । ଏ ନେଇ ଟାଉନ୍ ଥାନାରେ ମଙ୍ଗଳବାର ବିଧିବଦ୍ଧ ଅଭିଯୋଗ ପରେ ମାମଲା (ନଂ.୬୨୫/୧୯) ରୁଜୁ କରି ପୋଲିସ ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି । ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଡିଆଟନ୍ ଗାଁର ଅଭି ଚନ୍ଦନ ଟାଉନ୍ ଥାନାରେ ଜଣେ ଓକିଲଙ୍କ ବିରୋଧରେ ଏହି ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ୨୦୦୫ ମସିହାରେ ବଲାଙ୍ଗୀର ସ୍ୱତନ୍ତ୍ର ଭୂ-ଅର୍ଜନ କାର୍ଯ୍ୟାଳୟରୁ ନୋଟିସ୍ (୩୧୭୩୪/୮।୮।୨୦୦୫) ପାଇବା ପରେ ଉକ୍ତ ମାମଲାକୁ ପରିଚାଳନା କରିବା ପାଇଁ ସମ୍ପୃକ୍ତ ଓକିଲଙ୍କୁ ନିଯୁକ୍ତ କରିଥିଲେ । ଟିଟିଲାଗଡ ବାଙ୍କେଲ ପ୍ରକଳ୍ପରୁ କ୍ଷତିପୂରଣ ଟଙ୍କା ପାଇବା ବାବଦକୁ ନେଇ ଉକ୍ତ ମାମଲା ରହିଥିଲା । ଉକ୍ତ ମାମଲାରେ ଅଭି ଚନ୍ଦନଙ୍କୁ ସ୍ୱତନ୍ତ୍ର ଭୂ-ଅର୍ଜନ କାର୍ଯ୍ୟାଳୟରୁ ୭ଲକ୍ଷ ୪୧ହଜାର ୨ଶହ ଟଙ୍କାର ଏକ ଚେକ୍ ଦିଆଯାଇଥିଲା। ଉକ୍ତ ଚେକ୍କୁ ସ୍ଥାନୀୟ କର୍ପୋରେଶନ୍ ବ୍ୟାଙ୍କ ଆକାଉଣ୍ଟରେ ସେ ଜମା କରିଥିଲେ । ଗତ ୧୮ ଅଗଷ୍ଟ ୨୦୧୮ରେ ଓକିଲ ଜଣକ ଅଭିଯୋଗକାରୀ ଚନ୍ଦନ ଓ ତାଙ୍କ ସ୍ତ୍ରୀଙ୍କୁ କର୍ପୋରେସନ୍ ବ୍ୟାଙ୍କକୁ ଡାକି ଏକ ଫର୍ମ ପୂରଣ କରି ଟଙ୍କା ଉଠାଇଥିଲେ । କାଢ଼ିଥିବା ଟଙ୍କାକୁ ଏକ ବ୍ୟାଗରେ ପୂରାଇ

**ଓକିଲଙ୍କ ବିରୋଧରେ ଥାନାରେ ମାମଲା**

ସେ କୁଆଡେ ତାଙ୍କ ଘରକୁ ଯାଇଥିଲେ । ଅନେକ ଥର ଫୋନ୍ କରିବାରେ ସେ ରିସିଭ କରି ନ ଥିଲେ। ପରେ ତାଙ୍କ ଘରକୁ ଯିବା ପରେ ଓକିଲ ନନ୍ଦ ଅଭିଯୋଗକାରୀ ଚନ୍ଦନଙ୍କୁ ୧ଲକ୍ଷ ଟଙ୍କା ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି । ତେବେ ଅନେକ ଥର ପାସ୍ବୁକ୍ ମାଗିବାରୁ ଓକିଲ ଜଣକ ଏହାକୁ ଦେଇ ନ ଥିବାରୁ ଅଭିଯୋଗକାରୀ ଚନ୍ଦନ କିଛିଦିନ ତଳେ କର୍ପୋରେଶନ୍ ବ୍ୟାଙ୍କକୁ ଯାଇ ତାଙ୍କ କ୍ଷତିପୂରଣ ଜମା ଟଙ୍କା ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପଚାରି ବୁଝିଥିଲେ । ଏହାପରେ ୨୦୧୮ ମସିହା ଅଗଷ୍ଟ ୧୮ ତାରିଖ ଦିନ ଉକ୍ତ ଜମାଖାତାରୁ ୭ ଲକ୍ଷ ୩୦ହଜାର ଟଙ୍କା କଢ଼ା ଯାଇଥିବା ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ । ଏହି ଘଟଣା ପରେ ଅଭିଯୋଗକାରୀ ଚନ୍ଦନ ତାଙ୍କୁ ଓକିଲ ଜଣକ ଠକି ଦେଇଥିବା ଜାଣିପାରିଥିଲେ । ସେ ଉକ୍ତ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଓକିଲ ତାଙ୍କ ଭଳି ଅନ୍ୟ କେତେକଙ୍କ ମାମଲା ପରିଚାଳାନ କରୁଥିଲେ ଓ ସେମାନଙ୍କଠାରୁ ମଧ ଏହିପରି ଭାବେ ଟଙ୍କା ଠକି ନେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି । ଏ ନେଇ ମଙ୍ଗଳବାର ଟାଉନ ଥାନାରେ ଅଭିଯୋଗ କରିବା ପରେ ସମ୍ପୃକ୍ତ ଓକିଲଙ୍କ ବିରୋଧରେ ବିଧିବଦ୍ଧ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ଟାଉନ୍ ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ଦେଓଗାଁ ବ୍ଲକ: ହୋଇପାରୁନି ସାମୂହିକ ଖଳା ନିର୍ମାଣ

**ଦେଓଗାଁ,୧୨।୧୧(ଡି.ଏନ.ଏ.)**

ଦେଓଗାଁ ବ୍ଲକରେ ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ସାମୂହିକ ଖଳା ନିର୍ମାଣ କାମ ଆରମ୍ଭ ହୋଇପାରୁନାହିଁ । ନିର୍ମାଣ ପାଇଁ ଆସିଥିବା ଟଙ୍କା ବ୍ଲକରେ ପଡି ରହିଥିଲେ ବି ପ୍ରଶାସନ ଏ ଦିଗରେ ଠୋସ ପଦକ୍ଷେପ ନେଉ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ତେବେ ଖଳା ନିର୍ମାଣ କିଏ କରିବ ତାକୁ ନେଇ ଟଣାଓଟରା ଲାଗି ରହିଥିବାରୁ ପ୍ରକ୍ରିୟା ଆଗେଇ ପାରୁ ନ ଥିବା ବ୍ଲକର ଜନୈକ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି। ପରିସ୍ଥିତି ଏହିପରି ଥିବା ବେଳେ ବର୍ତ୍ତମାନ ଉକ୍ତ ଖଳା ବାବଦକୁ ଆସିଥିବା ଅର୍ଥରାଶି ଫେରିଯିବା ଆଶଙ୍କା ପ୍ରକାଶ ପାଇଲାଣି। ବିଭାଗୀୟ ସୂଚନାନୁସାରେ ତା୧୦।୭।୨୦୧୮ରିଖରେ ପିଡି ଡିଆରଡିଏ ପତ୍ର ସଂଖ୍ୟା ୨୩/୪୯ ମାଧମରେ ଦେଓଗାଁ ବ୍ଲକ ସିକୁଆଁ, ଗାଇବାହାଲ ପଞ୍ଚାୟତର ସାଗରପାଲି, ସିଂହାମୁଣ୍ଡା, ବଡବାହାଲ ଓ ବ୍ରାହ୍ମଣୀଯୋରର ସିଆଲଯୋର ଆଦି ସ୍ଥାନରେ ସାମୂହିକ ଖଳା ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରିଥିଲେ। ପ୍ରତିଖଳା ନିର୍ମାଣ ବାବଦକୁ ୭ଲକ୍ଷ ୩୨ ହଜାର ହିସାବରେ ୩୬ଲକ୍ଷ ୬୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ସେ ସମୟରେ ବ୍ଲକ ପ୍ରଶାସନ ତରଫରୁ ତୁରନ୍ତ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିବା କଥା । ହେଲେ ଉକ୍ତ ଟଙ୍କାକୁ ପକାଇ ରଖି ଖଳା ନିର୍ମାଣ ଦିଗରେ କୌଣସୀ ପ୍ରକାର ପଦକ୍ଷେପ ନିଆଗଲା ନାହିଁ। ଏ ସମ୍ପର୍କରେ ଡିଆରଡିଏ ପିଡି ମହେଶ୍ୱର ସ୍ୱାଇଁଙ୍କୁ ପଚାରିବାରୁ ଖଳା ନିର୍ମାଣ ଟଙ୍କା ଫେରସ୍ତ ହେବନାହିଁ। ୧୦ଲକ୍ଷ ଟଙ୍କ ଭିତରେ ଟେଣ୍ଡର ହୋଇପାରିବ ନାହିଁ ବୋଲି କହିବା ସହ କେଉଁ କାରଣରୁ ଏ ପର୍ଯ୍ୟନ୍ତ ନିର୍ମାଣ ବନ୍ଦ ରହିଛି ତାହାର ଅନୁଧାନ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## କାର୍ତ୍ତିକ ପୂର୍ଣ୍ଣମୀରେ ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଖପ୍ରାଖୋଲ, ୧୨।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର କ୍ଷେତ୍ରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏହି ଅବସରରେ ଶ୍ରଦ୍ଧାଳୁମାନେ ପବିତ୍ର ପାପନାଶିନୀ ଝରଣାରେ ସ୍ନାନ କରିବା ସହ କଦଳୀ ପଟୁଆରେ ଦୀପ ଭସାଇ ଥିଲେ। ପରେ ପ୍ରଭୁ ହରିଶଙ୍କର ବାବାଙ୍କ ଦର୍ଶନ କରିଥିଲେ । ଶୃଙ୍ଖଳିତ ଦର୍ଶନ ପାଇଁ ଲମ୍ବା ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପାଟଣାଗଡ ଏସଡିପିଓ ସୁରେଶ ନାଏକ, ଖପ୍ରାଖୋଲ ଆଇଆଇସି ଜ୍ୟୋତିରଞ୍ଜନ ପତି, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେର୍କେଟାଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ୍ ମୁତୟନ ହୋଇଥିଲେ ।



କାର୍ତ୍ତିକ ପୂର୍ଣ୍ଣମୀରେ ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡି ।

ଭାଗୀରଥି ମିର୍ଦ୍ଧା ସମାଜର ବାର୍ଷିକ ସଭା

## ଆଦିବାସୀ ମାନ୍ୟତା ଦାବି ଉଠିଲା

**ଟିକ୍ରାପଡା,୧୨।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡାର ଲାନ୍ଥ ନଦୀ ପଠାରେ ଭାଗିରଥୀ ମିର୍ଦ୍ଧା ସମାଜର ସର୍କଲସ୍ତରୀୟ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏହା ସୋମବାର ରାତି ଆଠଟାରୁ ଆରମ୍ଭ ହୋଇ ମଙ୍ଗଳବାର ପାହାନ୍ତିଆ ଯାଏ ଚାଲିଥିଲା । ଏଥିରେ ବେଲପଡା, ମୁରିବାହାଲ, ସଇଁତଳା ବ୍ଲକ ଅଞ୍ଚଳରୁ ଶତାଧିକ ମିର୍ଦ୍ଧା ସମାଜ ପ୍ରତିନିଧି ସାମିଲ ହୋଇଥିଲେ । ସଭା ପ୍ରାରମ୍ଭରେ ପୂଜକ ବନମାଳୀ ମିର୍ଦ୍ଧା ସମାଜର ଇଷ୍ଟ ଦେବତା ବୁଢାରଜାଙ୍କ ପୂଜା କରିଥିଲେ । ସର୍କଲ ସଭାପତି ନୀଳକଣ୍ଠ ମିର୍ଦ୍ଧା ସଭାରେ ଅଧକ୍ଷତା କରିଥିଲେ । ବନବିହାରୀ ମିର୍ଦ୍ଧା ସଭା ସଂଯୋଜନା କରିଥିଲେ । ଉପସଭାପତି ବ୍ରହ୍ମାନନ୍ଦ ମିର୍ଦ୍ଧା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ । ସମ୍ପାଦକ ରମେଶ ମିର୍ଦ୍ଧା ବାର୍ଷିକ ବିବରଣୀ ପାଠ କରିଥିଲେ। ସମାଜ ମଧ୍ୟରେ ସଂସ୍କୃତି ରକ୍ଷା, ନାରୀ ଶିକ୍ଷା, ଅର୍ଥନୈତିକ ଉନ୍ନତି ଇତ୍ୟାଦି ବିଷୟରେ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ପୁରୁଷୋତ୍ତମ ପଧାନ, କୁନୁ



ଲାନ୍ଥ ନଦୀ ପଠାରେ ଭାଗୀରଥି ମିର୍ଦ୍ଧା ସମାଜର ବାର୍ଷିକ ସଭାରେ ଉପସ୍ଥିତ ସଦସ୍ୟ ଓ କର୍ମକର୍ତ୍ତା ।

ମିର୍ଦ୍ଧା, ବନମାଳି ମିର୍ଦ୍ଧା, ସିଦ୍ଧ ମିର୍ଦ୍ଧା, ଯଜ୍ଞ ମିର୍ଦ୍ଧା, ବସନ୍ତ ମିର୍ଦ୍ଧା, ମାଧବ ମିର୍ଦ୍ଧା, ଭକ୍ତବନ୍ଧୁ ମିର୍ଦ୍ଧା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବହୁ ବର୍ଷ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ମିର୍ଦ୍ଧା ସମ୍ପ୍ରଦାୟକୁ ସରକାର ଆଦିବାସୀ ମାନ୍ୟତା ଦେଉ ନ ଥିବା ଯୋଗୁଁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା । ଏଥିଯୋଗୁଁ ଛାତ୍ରୀଛାତ୍ରଙ୍କ ସମେତ ସାଧାରଣ ଲୋକେ ଆଦିବାସୀଙ୍କୁ ଦିଆଯାଉଥିବା ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ବକ୍ତାମାନେ ପ୍ରକାଶ କରିଥିଲେ । ଜଗନ୍ନାଥ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। ପରମ୍ପରା ଅନୁଯାୟୀ ବିଭିନ୍ନ ଘରୋଇ ଓ ସାମାଜିକ ବିବାଦର ସମାଧାନ କରାଯାଇଥିଲା । ମିର୍ଦ୍ଧା ସମାଜର ପରମ୍ପରା ଅନୁସାରେ ଲୋକେ ମୃତ ଆତ୍ମୀୟ ସ୍ୱଜନଙ୍କ ଅସ୍ଥିକୁ ଲାନ୍ଥ ନଦୀଜଳରେ ବିସର୍ଜିତ କରିଥିଲେ। ଆବହମାନ କାଳରୁ ଲାନ୍ଥ ନଦୀକୁ ହିଁ ଏହି ଆଦିବାସୀ ସମାଜର ଲୋକେ ଗଙ୍ଗା ନଦୀର ମାନ୍ୟତା ଦେଇ ଆସୁଛନ୍ତି।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା



## ସଂକ୍ଷେପରେ



### ଟେନ୍ସାରେ ଅଷ୍ଟପ୍ରହର ନାମଯଜ୍ଞ

**ଟେନସା, ୧୨।୧୧ (ଡି.ଏନ.ଏ.):** ସୁନ୍ଦରଗଡ ଜିଲା ଟେନସା ଜଗନ୍ନାଥ ମନ୍ଦିର ପରିସରରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଏହା ଦୁଇ ଦିନ ଧରି ଚାଲିବ। ଏହି ନାମଯଜ୍ଞରେ ବଣାଇ ଉପଖଣ୍ଡର ୫ରୁ ଅଧିକ କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଛନ୍ତି। ମଙ୍ଗଳବାର ସକାଳ ୬ଟାଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବୁଧବାର ପର୍ଯ୍ୟନ୍ତ ଚାଲିବ । ପୂଜକ ଭାବେ ଜଗନ୍ନାଥ ମନ୍ଦିର ପରିଚାଳକ ରବିନାରାୟଣ ମିଶ୍ର ଓ କର୍ତ୍ତା ଭାବେ ଆର.କେ. ଷଡଙ୍ଗୀ ଦାୟିତ୍ୱ ତୁଲାଉଛନ୍ତି। ଦିନ ତମାମ ଭକ୍ତଙ୍କ ଭିଡ ଲାଗି ରହିଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ମନ୍ଦିର କମିଟିର ସମ୍ପାଦକ ବାମଦେବ ଭୂୟାଁଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୁଧବାର ନଗର ପରିକ୍ରମା ପରେ ଅଷ୍ଟପ୍ରହର ନାମଯଜ୍ଞ ଶେଷ ହେବ।

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ବ୍ରଜରାଜନଗର, ୧୨।୧୧ (ଡି.ଏନ.ଏ):** ଓରିଏଣ୍ଟ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ୯ ନମ୍ବର ଖଣି ଗେଟ୍ ସମ୍ମୁଖରେ ସୋମବାର ଏକ ଅଜଣା ଗାଡ଼ି ଧକ୍କାରେ ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ସା' ପଡ଼ାର ମନୋଜ ଖଟୁଆ(୨୫)ଙ୍କ ମୃତ୍ୟୁ ଘଟିଛି। ମନୋଜ ନିଜ ବାଇକ ଓଡି ୨୩ ଏଫ- ୧୬୭୪ରେ ରାତ୍ରି ସାଢ଼େ ୧୦ଟା ସମୟରେ ବେଲପାହାଡ଼ ପଟୁ ନିଜ ଘର ଅଭିମୁଖେ ଆସୁଥିଲେ। ଏହି ସମୟରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଓରିଏଣ୍ଟ ଥାନାକୁ ଖବର ଦେଇଥିଲେ। ଏଏସ୍‌ଆଇ ବି.ବି.ସାହୁ ଘଟଣା ସ୍ଥଳରୁ ମନୋଜଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ଝାରସୁଗୁଡ଼ା ଡାକ୍ତରଖାନା ନେଇଥିଲେ। ହେଲେ ମନୋଜଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ନେବା ବେଳେ ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ନାମଯଜ୍ଞ

**କୋଲାବିରା, ୧୨।୧୧(ଡି.ଏନ୍.ଏ.):** କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ କୋଲାବିରାସ୍ଥିତ ମିଳନ ଛକ ଯାତ୍ରା ମଣ୍ଡପରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ କୋଲାବିରା ଗୌରଭକ୍ତ ବୃନ୍ଦ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ରବିବାର ସନ୍ଧ୍ୟାରେ ଏକ କଳସ ଶୋଭାଯାତ୍ରାର ଆୟୋଜନ ହୋଇଥିଲା। ଗୌରଭକ୍ତ ବୃନ୍ଦଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କଳସ ଶୋଭାଯାତ୍ରାରେ ଆଖପାଖ ଅଞ୍ଚଳର ଶତାଧିକ ମହିଳା ଓ ଯୁବତୀ ସ୍ଥାନୀୟ ତେଲେନ୍ ନଦୀରୁ ଏକ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା ପୂର୍ବକ ନାମଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ସୋମବାର ନାମଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଭରତ ଚନ୍ଦ୍ର ସାହୁ ଓ ପତ୍ନୀ ଗୋଲାପୀ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେହିପରି କ୍ଷୀରୋଦ ପୂଝାରୀ ଓ ଲଳିତ ସାହୁଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। କୋଲାବିରା, ବାଉରିଗୁଡ଼ା, କେଲଡ଼ା, ଛତିଶଗଡ଼ କିଷନପୁର, ସମାସିଂହା କଲୋନୀ ପଡ଼ା, ତରେଇକେଲା, ଭୁଗରାପାଲି ଆଦି ଗ୍ରାମର ସଂକୀର୍ତ୍ତନ ଦଳ ଏଥିରେ ଭାଗ ନେଇଥିଲେ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲା ଜେଜେଟିଏ

**ସୁନ୍ଦରଗଡ,୧୨।୧୧(ଡି.ଏନ୍.ଏ)**

ସୁନ୍ଦରଗଡର କୋଇଲା ପରିବହନରେ ଉପୁଜୁଥିବା ସମସ୍ୟା ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ମଙ୍ଗଳବାର ସୁନ୍ଦରଗଡର ନବଗଠିତ ଜୟ ଜଗନ୍ନାଥ ଟ୍ରକ୍ ମାଲିକ ସଂଘ(ଜେଜେଟିଏ)ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କୁ ସାକ୍ଷାତ କରିଛି। ଜେଜେଟିଏ ଅଧ୍ୟକ୍ଷ ସଂଜୟ ନନ୍ଦଙ୍କ ନେତୃତ୍ୱରେ ଝାରସୁଗୁଡା ସର୍କିଟ ହାଉସରେ ଜେଜେଟିଏର ପରିଚାଳନା କମିଟି ସହ ଶତାଧିକ ଟ୍ରକମାଲିକ ମନ୍ତ୍ରୀ ଦାସଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ସୁନ୍ଦରଗଡ ଜିଲା ମୁଖ୍ୟ ସରକାରୀ ଚିକିତ୍ସାଳୟରେ ଡାକ୍ତର ଅଭାବ, ବ୍ଲଡ୍ ବ୍ୟାଙ୍କର ରକ୍ତ ସଂରକ୍ଷଣ ପରିମାଣ ବୃଦ୍ଧି, ଡାଏଲିସିସ ସେଣ୍ଟରରେ ଅବ୍ୟବସ୍ଥା, ଏନ୍‌ଟିପିସି ମେଡିକାଲ କଲେଜର ଆରମ୍ଭ ଆଦି ବିଷୟରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିବା ସହ ସୁନ୍ଦରଗଡ ସରକାରୀ ଚିକିତ୍ସାଳୟ ପରିଦର୍ଶନରେ ଆସିବା ନିମନ୍ତେ ଅନୁରୋଧ ଜଣାଇଥିଲେ। ଝାରସୁଗୁଡାରେ ଥିବା ବିଭିନ୍ନ କଳ



ସୁନ୍ଦରଗଡ ଜେଜେଟିଏର ଏକ ପ୍ରତିନିଧି ମଣ୍ଡଳୀ ଝାରସୁଗୁଡା ସର୍କିଟ ହାଉସଠାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସଙ୍କୁ ସାକ୍ଷାତ କରୁଛନ୍ତି।

କାରଖାନାକୁ କିପରି ସୁରୁଖୁରୁରେ ସୁନ୍ଦରଗଡରୁ କୋଇଲା ପରିବହନ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ଜେଜେଟିଏର କିଛି କର୍ମକର୍ତ୍ତା ଅନୁରୋଧ ଜଣାଇବାରୁ ମନ୍ତ୍ରୀ ଦାସ ଉତ୍ତର ଦେଇଥିଲେ ଯେ, କୋଇଲା ପରିବହନରେ ଝାରସୁଗୁଡା ଯୋଗୁ କୌଣସି ସମସ୍ୟା ହୋଇନାହିଁ। କୋଇଲା ଖଣି ସୁନ୍ଦରଗଡରେ ଅବସ୍ଥିତ। ତେଣୁ ସୁନ୍ଦରଗଡବାସୀ ଯେମିତି ଚାହିଁବେ ସେମିତି କୋଇଲା ପରିବହନ ହେବ। ସୁନ୍ଦରଗଡର ଟ୍ରକ ମାଲିକମାନେ ଟ୍ରକ ନ ଥିବା ବ୍ୟକ୍ତିମାନଙ୍କୁ ଅଯଥାରେ ପ୍ରଶ୍ରୟ ଦେବାରୁ ନାନା ସମସ୍ୟା ଉପୁଜୁଛି। ସୁନ୍ଦରଗଡବାସୀ ଏହି ବ୍ୟକ୍ତିମାନଙ୍କଠାରୁ ଦୂରରେ ରହିଲେ କୋଇଲା ପରିବହନ ଠିକ୍‌ରେ ଚାଲିବ ବୋଲି ପରାମର୍ଶ ଦେଇଥିଲେ। ଏହାଛଡା ମନ୍ତ୍ରୀ ଦାସ କହିଥିଲେ ସେ କେବେହେଲେ କୋଇଲା ପରିବହନ କାର୍ଯ୍ୟରେ ଦଖଲ ଦେଇ ନାହାନ୍ତି। ଝାରସୁଗୁଡାର କୌଣସି ଗାଡି ସୁନ୍ଦରଗଡରେ କୋଇଲା ପରିବହନ କରୁ ବୋଲି ସେ କେବେବି ଚେଷ୍ଟା କରି ନାହାନ୍ତି। ସୁନ୍ଦରଗଡବାସୀ ପଡୋଶୀ ଜିଲାରେ ଥାଇ ମଧ୍ୟ କୋଇଲା ଖଣି ଆରମ୍ଭ ହେବା ଦିନଠାରୁ କୋଇଲା ପରିବହନରେ ସୁନ୍ଦରଗଡବାସୀଙ୍କ ହକ ରହିଛି ଏବଂ ଏହି ହକ ପାଇଁ ନବ ଦସ ସର୍ବଦା ସୁନ୍ଦରଗଡର ଟ୍ରକ୍ ମାଲିକଙ୍କ ସହ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାଛଡା ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ଓ ସ୍ୱାସ୍ଥ୍ୟସେବାରେ ଅନ୍ୟାନ୍ୟ ଅସୁବିଧା ଖୁବଶୀଘ୍ର ଦୂର ହେବ ବୋଲି ସେ ଆଶ୍ୱାସନା ଦେଇଥିଲେ। ଜେଜେଟିଏ ଅଧ୍ୟକ୍ଷ ନନ୍ଦ ଏହି ଅବସରରେ ଜେଜେଟିଏକୁ ୨ଟି ଆମ୍ବୁଲାନ୍ସ ଦିଆଯିବା ପାଇଁ ଅନୁରୋଧ ପତ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି ସାକ୍ଷାତକାରରେ ଜେଜେଟିଏ ପରିଚାଳନା କମିଟିର ସଭାପତି ସଂଜୟ ପୋଦ୍ଦ, କାର୍ଯ୍ୟକାରୀ ସଭାପତି ସଂଜୟ ଚୌଧୁରୀ, ଉପସଭାପତି ଜୟନ୍ତ ଧଳ, ସଂପାଦକ ନରେଶ ଆଚାର୍ଯ୍ୟ, ସହ ସଂପାଦକ ଶ୍ରୀମନ୍ତ ଧର ଓ ସୁରଜ ଟପ୍ପୋ, କୋଷାଧ୍ୟକ୍ଷ ଅବଦୁଲ ସାଜିଦ, ସମୀକ୍ଷକ ବୀର କିଶୋର ସାମଲ, ଟ୍ରକ୍ ମାଲିକ ନେତା ଲଲାଟ ପରିଡା, ମନ ବହିଦାର, ବିଶ୍ୱରଂଜନ ଦାସ, ପବନ ଅଗ୍ରୱାଲ, ଦିନେଶ ଠାକୁର, ଶହବାଜ ହୁସେନ, ବାବୁ ପଣ୍ଡା, ଭୀମ ରଚୱାନୀ, ମହମ୍ମଦ ଜମାଲ, ମାନସ ଚାନ୍ଦ, ବାଲଗୋପାଲ ମିଶ୍ର, ଅମର ପଟେଲ, ଅଶିଷ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ।

## ଜନସେବା କେନ୍ଦ୍ର ସମେତ ୪ ଦୋକାନରୁ ଚୋରି

**କୁଆଁରମୁଣ୍ଡା,୧୨/୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କଚାରୁ ଓ ଝାରବେଡା ପଞ୍ଚାୟତର ୨ଟି ଲେଖାଏଁ ସ୍ଥାନରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି । ଚୋରମାନେ ରାତିରେ ଦୋକାନ ଗୃହର ଶର୍ଟର ତାଡି ଚୋରି କରିଥିବା ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, କଚାରୁ ପଞ୍ଚାୟତର ଟାଙ୍ଗରାଣୀ ବଜାରରେ ଥିବା ବୁଦ୍ଧୁ ଲାକ୍ରା(୪୫)ଙ୍କ ତେଜରାତି ଦୋକାନରୁ ୪୦ହଜାର ଟଙ୍କା ଓ ବୁଦ୍ଧୁ ଲାକ୍ର(୪୦)ଙ୍କ ତେଜରାତି ଦୋକାନରୁ ୫୦ ହଜାର ଟଙ୍କା ଚୋରି ହୋଇଛି। ସେହିପରି ଝାରବେଡ଼ା ପଞ୍ଚାୟତର ଝାରବେଡ଼ାଠାରେ ନବୀନ କୁମାର ସାହୁଙ୍କ ଜନସେବା କେନ୍ଦ୍ରରୁ ଏକ ମନିଟର ସହ ଦେଢ ହଜାର ଟଙ୍କା ଓ ଅମ୍ରିତ ଲୋମଗାଙ୍କ ତେଜରାତିଦୋକାନରୁ ୨୦ ହଜାର ଟଙ୍କା ସହ ଦୋକାନରେ ଥିବା ରାହିଲ ଲୋମଗାଙ୍କ ବ୍ୟାଙ୍କ ଅଫ ବରୋଦା ପାସ୍‌ବୁକ୍ ଚୋରି ହୋଇଯାଇଛି। ଏ ନେଇ ବୀରମିତ୍ରପୁର ଥାନାରେ ଚୋରି ମାମଲା ରୁଜୁ କରି ପୋଲିସ ଚୋରମାନଙ୍କୁ ଧରିବା ପାଇଁ ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ ହୃଷୀକେଶ ବେହେରା ସୂଚନା ଦେଇଛନ୍ତି।

### ପଟୁଆଡିହିରେ କାର୍ତ୍ତିକ ପଞ୍ଚୁକ

## କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଆହ୍ୱାନ

**ଲେଫ୍ରିପଡା,୧୨।୧୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ପଟୁଆଡିହି ଗ୍ରାମରେ ୩୩ତମ ପଞ୍ଚକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗ୍ରାମର ଯୋଗେନ୍ଦ୍ର ଗୁର୍ଲିହା ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଲେଫ୍ରିପଡା ଲ୍ୟାମ୍ପସ୍ ସଭାପତି ସୁନିଲ କୁମାର କାଲୋ, ପ୍ରଶାନ୍ତ ପୃଷେଠ୍, ଗଣମାଧ୍ୟମ ପ୍ରତିନିଧି ଦେଶରଞ୍ଜନ ପଟେଲ ପ୍ରମୁଖ ଯୋଗ ଦେଇ କଳା ସଂସ୍କୃତିକୁ ବଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଗ୍ରାମର ଲିପ୍‌ସାରାଣୀ ରାଉତ, ପାୟଲ ଦାଶ, ପୂଜା ଭୋଇ ଏବଂ ଅନ୍ୟମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ନୃତ୍ୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଯଶୋଦାବିଷ୍ଣୁ ଡିଗ୍ରୀ ମହାବିଦ୍ୟାଳୟର





ପଟୁଆଡିହି ଗ୍ରାମରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଅଧ୍ୟାପକ ତଥା ସମ୍ବଲପୁରୀ ହାସ୍ୟ ଅଭିନେତା କେଦାରନାଥ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଅମରେଶ ନାଏକ, ନିର୍ମଳ କୁମାର ବରିହା, ସମ୍ବଲପୁରୀ ହାସ୍ୟ କଳାକାର ମନୋରଂଜନ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଜଗନ୍ନାଥ ଠାକୁର ମଞ୍ଚ ପରିଚାଳନା କରିଥିଲେ। ରାଜେଶ ପଟେଲ, ବିଭୁତି ପଟେଲ, ପ୍ରଶାନ୍ତ କମାର, ନାରାୟଣ ଗୁର୍ଲିହା, ଦୁଷ୍ମନ୍ତ ପ୍ରଧାନ, ଟିକେଶ୍ୱର ପ୍ରଧାନ, ବାସୁଦେବ ଧୃଆ, ଜେନାମଣି ଧୃଆ, ଦେବାଙ୍ଗ ମେହେର, ସୁଶୀଲ ନାଏକ, ଟଙ୍କଧର ପଟେଲ, ଡେଭିଡ୍ ପାଣ୍ଡେ, କୁଶ ସେଠ୍ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଇନ୍ଦ୍ରାଣୀ ପଟେଲ ପାଲା ପରିବେଷଣ କରିଥିଲେ।

### ଜଙ୍ଗଲରେ ବୃଦ୍ଧାଙ୍କୁ ହାତୀ ଠେଲି ଦେଲା

**ହେମଗିର,୧୨।୧୧ (ଡି.ଏନ.ଏ.)**

ହେମଗିର ରେଞ୍ଜ ଅଧୀନରେ ଥିବା କନିକା ପଞ୍ଚାୟତର ଖଜୁରବନିଆ ଗ୍ରାମରେ ମଙ୍ଗଳବାର ସକାଳ ୭ଟାରେ ଜଣେ ବୃଦ୍ଧାଙ୍କୁ ଗୋଟିଏ ହାତୀ ଶୁଣ୍ଢରେ ଠେଲି ଦେଇଛି। ଫଳରେ ସମ୍ପୃକ୍ତ ବୃଦ୍ଧା ଜଣକ ଆହତ ହୋଇଛନ୍ତି । ସେ ହେଲେ ଖଜୁରବନିଆ ଗ୍ରାମର ଉପାସୀ ମାଝି (୬୫)। ସେ ଘର ପାଖ ଜଙ୍ଗଲକୁ ଶାଳପତ୍ର ଗୋଟାଇବା ପାଇଁ ଯାଇଥିଲାବେଳେ ହାତୀ ହାବୁଡରେ ପଡିଥିଲେ। ବୃଦ୍ଧା ଜଣକ ହାତୀ ସହ ସାମନା ସାମନି ହେବା ଫଳରେ ହାତୀଟି ଶୁଣ୍ଢରେ ଠେଲିଦେଇଥିଲା । ଫଳରେ ସେ ଅଚେତ ହୋଇ ତଳେ ପଡି ଯାଇଥିଲେ। ହାତୀଟି ଗର୍ଜନ କରି ଜଙ୍ଗଲ ଆଡକୁ ଚାଲି ଯିବା ପରେ ସେହି ଅଞ୍ଚଳରେ ଶାଳପତ୍ର ତୋଳୁଥିବା ଅନ୍ୟମାନେ ବୃଦ୍ଧାଙ୍କୁ ଘରକୁ ଆଣିବା ସହ ବନ ବିଭାଗକୁ ଖବର ଦେଇଥିଲେ। ତୁରନ୍ତ ବନ ବିଭାଗ ବୃଦ୍ଧାଙ୍କୁ ସୁନ୍ଦରଗଡ ଡାକ୍ତରଖାନାକୁ ନେଇ ଚିକିତ୍ସା ବ୍ୟବସ୍ଥା କରାଇଛି।

## ରାସ୍ତା ପାର୍ଶ୍ୱ ବୃକ୍ଷରୋପଣ କାର୍ଯ୍ୟରେ ଲାଗିଲା ସୂଚନା ଫଳକ





ରାସ୍ତା ପାର୍ଶ୍ୱ ବୃକ୍ଷରୋପଣ କାର୍ଯ୍ୟରେ ସୂଚନା ଫଳକ ଲାଗିଛି।

**ଲେଫ୍ରିପଡା,୧୨।୧୧(ଡି.ଏନ.ଏ.)**

**ଧରିତ୍ରୀ ପ୍ରଭାବ**

ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ଉଜ୍ୱଳପୁର ରେଞ୍ଜରେ ଉଜ୍ୱଳପୁରଠାରୁ ସର୍ଗିପାଲି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ପାର୍ଶ୍ୱରେ ୨୦୧୮–୧୯ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବନ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଇଛି। ଏଥିରେ ୬ ଲକ୍ଷ ୧୩ ହଜାର ୨୩୪ ଟଙ୍କା ମଞ୍ଜୁର ହୋଇଥିବା ବେଳେ ୪ଲକ୍ଷ ୬୮ହଜାର ଟଙ୍କା ଖର୍ଚ୍ଚ ବିନିମୟରେ ବୃକ୍ଷରୋପଣ କରାଯାଇ ଖର୍ଚ୍ଚ ହୋଇଛି। ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ଏବଂ କାର୍ଯ୍ୟ ଆରମ୍ଭରୁ ଜନସାଧାରଣଙ୍କ ସୂଚନା ନିମନ୍ତେ ସୂଚନା ଫଳକ ଦିଆଯାଇ ନ ଥିବା ସମ୍ପର୍କରେ 'ଧରିତ୍ରୀ'ରେ ଗତ ନଭେମ୍ବର ୯ ତାରିଖ ଖବର ପ୍ରକାଶ ପାଇଥିଲା। ଏହାପରେ ବିଭାଗ ପକ୍ଷରୁ ତରବରିଆ ଭାବେ ସୂଚନା ଫଳକ ତିଆରି କରି କାର୍ଯ୍ୟର ସୂଚନା ପ୍ରଦାନ କରାଯାଇଛି।

## ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କୁ ଭେଟିଲେ ସରକାରୀ କଲେଜ ପ୍ରତିନିଧି

**ସୁନ୍ଦରଗଡ,୧୨।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ୨୦୧୭ରେ ପଶ୍ଚିମ ଓଡିଶା ବିକାଶ ପରିଷଦର ତତ୍କାଳୀନ ଅଧ୍ୟକ୍ଷ କିଶୋର ମହାନ୍ତି ୫୦୦ ଆସନ ବିଶିଷ୍ଟ ଅଡିଟୋରିୟମ ନିର୍ମାଣ ସକାଶେ ୨କୋଟି ୩୩ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଉକ୍ତ ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇ ନାହିଁ। ଏଣୁ ଟଙ୍କା ଫେରାଇ ଦେବାକୁ ପତ୍ର ମିଳିଛି। ଏହାକୁ ନେଇ କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିରାଶା ଭାବ ସୃଷ୍ଟି ହୋଇଛି। ଏହି କାର୍ଯ୍ୟର ପୁନଃ ସଫଳ ରୂପାୟନ ପାଇଁ ସୁନ୍ଦରଗଡ ଗସ୍ତରେ ଆସିଥିବା ବର୍ତ୍ତମାନର ନବନିଯୁକ୍ତ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ସୁବାସ ଚୌହାନଙ୍କୁ ସ୍ଥାନୀୟ ସର୍କିଟ ହାଉସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶ, କର୍ମଚାରୀ ପ୍ରଦୀପ ବହିଦାର, ପୂର୍ବତନ ଛାତ୍ର ଜୟନାରାୟଣ ତ୍ରିପାଠୀ ପ୍ରମୁଖ ସାକ୍ଷାତ କରି ଦୃଷ୍ଟି ଆକର୍ଷଣ କରିଥିଲେ। ଅଧ୍ୟକ୍ଷ ଚୌହାନ ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରି ଯଥା ଶୀଘ୍ର ଏହି କାର୍ଯ୍ୟର ସଫଳ ରୂପାୟନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।



ସର୍କିଟ ହାଉସରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ସୁବାସ ଚୌହାନଙ୍କୁ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ, କର୍ମଚାରୀ, ପୁରାତନ ଛାତ୍ର ପ୍ରତିନିଧି ମଣ୍ଡଳୀ ସାକ୍ଷାତ ଆଲୋଚନା କରୁଛନ୍ତି।

## ଦୁଦୁରା ମଞ୍ଜି ଖାଇ ଯୁବତୀ ମୃତ

**କୁଆଁରମୁଣ୍ଡା,୧୨।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ କୁମଝରିଆ ପଞ୍ଚାୟତର ଲାସେ ଗ୍ରାମର ଶୁକରମଣୀ ମିଂଜ(୧୮) ନାମ୍ନୀ ଜଣେ ଯୁବତୀଙ୍କର ରାଉରକେଲା ସରକାରୀ ଡାକ୍ତରଖାନାରେ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶୁକରମଣୀ କୌଣସି କାରଣକୁ ନେଇ ସୋମବାର ଦୁଦୁରା ମଞ୍ଜି ଖାଇ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ଜାଣିବା ପରେ ତାଙ୍କୁ ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସା ଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ସମ୍ପର୍କରେ ବୀରମିତ୍ରପୁର ଥାନାଧିକାରୀ ଆନନ୍ଦ ଚନ୍ଦ୍ର ମାଝିଙ୍କୁ ପଚରାଯିବାରୁ ତାଙ୍କ ପାଖରେ ଏ ନେଇ କୌଣସି ସୂଚନା ନ ଥିବା କହିଛନ୍ତି।

## ୧୨୫ ଦିନର ପଦଯାତ୍ରା ପରେ ବଡ଼ଗାଁରେ ପହଞ୍ଚିଲେ ସତ୍ୟବ୍ରତ

**ବଡଗାଁ, ୧୨।୧୧ (ଡି.ଏନ.ଏ.)**

ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟ, ମହାନଦୀ ଜଳ ସମସ୍ୟାର ସମାଧାନ ଓ ପୋଲାଭରମ ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବା ଦାବିରେ ଜୁଲାଇ ୧୦ ତାରିଖଠାରୁ ଯାଜପୁର ଜିଲା ବଡଚଣା ବ୍ଲକରୁ ପଦଯାତ୍ରା ଆରମ୍ଭ କରିଥିବା ଜନ ସଚେତନତା ମଞ୍ଚର ଆବାହକ ସତ୍ୟବ୍ରତ ଦାସ ବଡଗାଁରେ ପହଞ୍ଚିଛନ୍ତି। ଏଠାରେ ପହଞ୍ଚିବା ପରେ ବ୍ଲକ ଅଫିସ ସମ୍ମୁଖରେ ତାଙ୍କୁ ବଡଗାଁର ପୂର୍ବତନ ସମିତି ସଭ୍ୟ ସୁରେନ ବାଗେ, ଶହୀଦ ଜୟହୀନ୍ଦ କ୍ଲବ ଓ ଷ୍ଟାଡିୟମ ଟିମ୍‌ର ଖେଳାଳି ଦୀପକ ବାଗେ, ବିଜୟ ଖଡିଆ, ସଞ୍ଜୀବ ସାମାଦ, ଜିତେନ ଖଡିଆ, ସାଗର ସାମାଦ ପ୍ରମୁଖ ଫଳତୋଡା ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ସେ ବିଡିଓ କ୍ଷେମାନିଧି ଭୋଇଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ସୁଚନାଯୋଗ୍ୟ, ସତ୍ୟବ୍ରତ ବର୍ତ୍ତମାନ ସୁଦ୍ଧା ୨୪୫୦ କିଲୋମିଟର ଅତିକ୍ରମ କରି ବଡଗାଁରେ ପହଞ୍ଚିଛନ୍ତି। ସେହିଭଳି ୮୮ ଜଣ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ୫୦୦ ଦିନରେ ରାଜ୍ୟର ସମସ୍ତ ବ୍ଲକରେ ସେ ପହଞ୍ଚିବେ ବୋଲି କହିଛନ୍ତି।



ବଡ଼ଗାଁରେ ସତ୍ୟବ୍ରତଙ୍କୁ ଖେଳାଳିମାନେ ସ୍ୱାଗତ କରୁଛନ୍ତି।

## ରାଉରକେଲା ଚାମ୍ପିୟନ, ନୂଆଡିହି ଜୟହିନ୍ଦ୍ ଯୁଥ୍ କ୍ଲବ୍ ରନର୍ସ ଅପ୍

**ଲେଫ୍ରିପଡା,୧୨।୧୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ନୂଆଡିହି ଜୟହିନ୍ଦ୍ ଯୁଥ୍ କ୍ଲବ୍ ଆନୁକୂଲ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ୫୬ତମ ଏକ ଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜେ. ରାଏବଗା ପଞ୍ଚାୟତର ସରପଞ୍ଚ ପ୍ରତିମା କୁଜୁର ଯୋଗ ଦେଇଲେ। ଏଥିରେ ନୂଆଡିହି ଜୟହିନ୍ଦ୍ ଯୁଥ୍ କ୍ଲବ୍ ସମେତ ବୌଦ୍ଧ କନ୍ଧମାଳ, ଭୁବନେଶ୍ୱର, ରାଉରକେଲା, ବଲାଙ୍ଗୀର ଏବଂ ଛତିଶଗଡ କୋର୍ବାର ୬ଟି ଫୁଟ୍‌ବଲ ଦଳ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ନୂଆଡିହି ଜୟହିନ୍ଦ ଯୁଥ୍ କ୍ଲବ ସହ ବୌଦ୍ଧ କନ୍ଧମାଳ ଫୁଟ୍‌ବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ଖେଳ ରାଉରକେଲା ଏବଂ ନୂଆଡିହି ଜୟହିନ୍ଦ୍ ଯୁଥ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ରାଉରକେଲା ଫୁଟ୍‌ବଲ ଦଳ ଚମ୍ପିୟନ ଏବଂ ନୂଆଡିହି ଜୟହିନ୍ଦ୍ ଯୁଥ୍ କ୍ଲବ୍ ରନର୍ସଅ ପ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ୍, ସୁନ୍ଦରଗଡ ସଦର ବିଧାୟିକା କୁସୁମ ଟେଟେ ଏବଂ ଭବାନୀଶଙ୍କର ଭୋଇ, ସୁନ୍ଦରଗଡ ସାଂଗଠନିକ ଜିଲା ଭାଜପା ସଭାପତି ବଟକିଶୋର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଚମ୍ପିୟନ ଦଳକୁ ଦ୧୦ ହଜାର ଟଙ୍କା ଏବଂ ଟ୍ରଫି ଦିଆଯାଇଥିବା ବେଳେ ରନର୍ସଅପ୍ ଦଳକୁ ୭ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ସର୍ବଶେଷ୍ଠ ଖେଳାଳି ଭାବେ ରାଉରକେଲା ଫୁଟ୍‌ବଲ ଦଳର ରାହୁଲ ମୁଖୀ ଏବଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ସେହି ରାଉରକେଲା ଦଳର ଭରତ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଶୃଙ୍ଖଳିତ ଖେଳାଳି ଭାବେ ନୂଆଡିହି ଫୁଟ୍‌ବଲ ଦଳର କିଶୋର ଖଡିଆଙ୍କୁ ପୁରସ୍କୃତ କରାଯାଇଥିଲା। ସୁଶାନ୍ତ ଷଣ୍ଢ, ଅଶୋକ ପାଣ୍ଡବ, ହେମନ୍ତ ଦାଶ, ସୁଶୀଲ ପଟେଲ, ନିତ୍ୟାନନ୍ଦ ମେହେର, କମର ପ୍ରଧାନ, ପ୍ରଦୀପ ଛତ୍ରିଆ ପ୍ରମୁଖ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମରେ ନୂଆଡିହି ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଆୟୋଜିତ କମିଟି ପକ୍ଷରୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।



ଅତିଥି ଓ ଆୟୋଜକଙ୍କ ସହ ଖେଳାଳି।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ବ୍ରଜରାଜନଗର, ୧୨।୧୧ (ଡି.ଏନ.ଏ):** ଓରିଏଣ୍ଟ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ୯ ନମ୍ବର ଖଣି ଗେଟ୍ ସମ୍ମୁଖରେ ସୋମବାର ଏକ ଅଜଣା ଗାଡ଼ି ଧକ୍କାରେ ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ଅନ୍ତର୍ଗତ ସା' ପଡ଼ାର ମନୋଜ ଖଟୁଆ(୨୫)ଙ୍କ ମୃତ୍ୟୁ ଘଟିଛି। ମନୋଜ ନିଜ ବାଇକ ଓଡି ୨୩ ଏଫ- ୧୬୭୪ରେ ରାତ୍ରି ସାଢ଼େ ୧୦ଟା ସମୟରେ ବେଲପାହାଡ଼ ପଟୁ ନିଜ ଘର ଅଭିମୁଖେ ଆସୁଥିଲେ। ଏହି ସମୟରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଓରିଏଣ୍ଟ ଥାନାକୁ ଖବର ଦେଇଥିଲେ। ଏଏସ୍‌ଆଇ ବି.ବି.ସାହୁ ଘଟଣା ସ୍ଥଳରୁ ମନୋଜଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ଝାରସୁଗୁଡ଼ା ଡାକ୍ତରଖାନା ନେଇଥିଲେ। ହେଲେ ମନୋଜଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ନେବା ବେଳେ ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ନାମଯଜ୍ଞ

**କୋଲାବିରା, ୧୨।୧୧(ଡି.ଏନ୍.ଏ.):** କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ କୋଲାବିରାସ୍ଥିତ ମିଳନ ଛକ ଯାତ୍ରା ମଣ୍ଡପରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ କୋଲାବିରା ଗୌରଭକ୍ତ ବୃନ୍ଦ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ରବିବାର ସନ୍ଧ୍ୟାରେ ଏକ କଳସ ଶୋଭାଯାତ୍ରାର ଆୟୋଜନ ହୋଇଥିଲା। ଗୌରଭକ୍ତ ବୃନ୍ଦଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କଳସ ଶୋଭାଯାତ୍ରାରେ ଆଖପାଖ ଅଞ୍ଚଳର ଶତାଧିକା ମହିଳା ଓ ଯୁବତୀ ସ୍ଥାନୀୟ ତେଲେନ୍ ନଦୀରୁ ଏକ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା ପୂର୍ବକ ନାମଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ସୋମବାର ନାମଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଭରତ ଚନ୍ଦ୍ର ସାହୁ ଓ ପତ୍ନୀ ଗୋଲାପୀ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେହିପରି କ୍ଷୀରୋଦ ପୂଝାରୀ ଓ ଲଳିତ ସାହୁଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। କୋଲାବିରା, ବାଉରିଗୁଡ଼ା, କେଲଡ଼ା, ଛତିଶଗଡ଼ କିଷନପୁର, ସମାସିଂହା କଲୋନୀ ପଡ଼ା, ତରେଇକେଲା, ଭୁଗରାପାଲି ଆଦି ଗ୍ରାମର ସଂକୀର୍ତ୍ତନ ଦଳ ଏଥିରେ ଭାଗ ନେଇଥିଲେ।

■ ସଚେତନତା ରଥକୁ ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

# ଝାରସୁଗୁଡ଼ା ଜିଲା ହେବ ଫାଇଲେରିଆ ମୁକ୍ତ

**ଝାରସୁଗୁଡ଼ା ଅଫିସ୍/ ଲଖନପୁର, ୧୨।୧୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲାକୁ ଫାଇଲେରିଆ ମୁକ୍ତ କରିବା ପାଇଁ ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ବିଭାଗ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଫାଇଲେରିଆ ନିୟନ୍ତ୍ରଣ ସଚେତନତା ରଥକୁ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏହି ସଚେତନତା ରଥ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ବେଦାନ୍ତ କମ୍ପାନୀର ମିଳିତ ଆନୁକୂଲ୍ୟରେ ବାହାରିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଜନସ୍ୱାସ୍ଥ୍ୟ ସଚିବ ଡା.ହରପ୍ରସାଦ ପଟ୍ଟନାୟକ, ସ୍ୱତନ୍ତ୍ର ସଚିବ ଡା.ମାନସରଞ୍ଜନ





ସଚେତନତା ରଥକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

ସାମନ୍ତରାୟ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଅଜିତ ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସକ ଡା.ଜଗଦୀଶ ଚନ୍ଦ୍ର ବାରିକ, ଜିଲା ଅତିରିକ୍ତ ଚିକିତ୍ସକ ଡା.ଡୋଲାମଣି ପଟେଲ, ଡା.ସୁପ୍ରଭା ବାରିକ, ଡା.ରବୀନ୍ଦ୍ରନାଥ ମାଝି, ଜିଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ବିଭାଗର ପରାମର୍ଶଦାତା ବିରାଟରାଜା ପ୍ରଧାନ ପ୍ରମୁଖ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ରଥ ଜିଲାର ସମସ୍ତ ବ୍ଲକରେ ପରିକ୍ରମା କରିବା ସହ ଜନସାଧାରଣଙ୍କୁ ଫାଇଲେରିଆ ରୋଗ ନିୟନ୍ତ୍ରଣ ଜନିତ ଔଷଧ ବଣ୍ଟନ କରିବ। ଗର୍ଭବତୀ ମା', ୨ବର୍ଷରୁ ଛୋଟ ଶିଶୁ ଓ ଗୁରୁତର ଅସୁସ୍ଥ ରୋଗୀଙ୍କୁ ଏହି ଔଷଧ ନ ଖାଇବା ପାଇଁ ବାରଣ କରାଯାଇଛି। ଏହାକୁ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀ ଓ ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ବୁଲି ବଣ୍ଟନ କରିବା ସହ କିଭଳି ଖାଇବେ ଏ ସମ୍ପର୍କରେ ଲୋକଙ୍କୁ ସୂଚନା ଦେବେ। ଏ ସମ୍ପର୍କରେ ପ୍ରତିଗାଁ କଲ୍ୟାଣ ସମିତି ତରଫରୁ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏହିପରି ମହିଳା ଆରୋଗ୍ୟ ସମିତି ତରଫରୁ ସହରାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି ବୋଲି କୁହାଯାଇଛି।

# ୧୪ରୁ ଶିଶୁ ନାଟକ ମହୋତ୍ସବ ଇନ୍ଦ୍ରଧନୁ

**ବେଲପାହାଡ଼, ୧୨।୧୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ରେ ଆସନ୍ତା ୧୪ରୁ ୧୬ ତାରିଖ ତିନିଦିନ ଧରି ମିରର୍ ଥିଏଟର ପକ୍ଷରୁ ପ୍ରଥମ ଥର ପାଇଁ ଶିଶୁ ନାଟକ ମହୋତ୍ସବ 'ଇନ୍ଦ୍ରଧନୁ' ଆୟୋଜିତ ହେବ। ଏଥିରେ ସହରର ମୋଟ ୭ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ନାଟ୍ୟଦଳ ଅଂଶଗ୍ରହଣ କରିବେ। ନାଟ୍ୟକଳା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ବିକଶିତ ତଥା ଉଜ୍ଜୀବିତ କରିବା କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମିରର୍ ଥିଏଟରର ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ଇନ୍ଦ୍ରଧନୁ ନାଟ୍ୟ ମହୋତ୍ସବ ଗୁମାଡ଼େରା ବଡ଼କଟା ନିକଟସ୍ଥ ମିରର୍ ଥିଏଟର କାର୍ଯ୍ୟାଳୟରେ ଆୟୋଜିତ ହେବ। ଉକ୍ତ ମହୋତ୍ସବରେ ବେଲପାହାଡ଼ ଇଂଲିଶ୍ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ନାଟକ 'ଧୂସର ପୃଥିବୀ', ଛୁଆଳିବେର୍ଣା ନରସିଂହ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ନାଟକ 'ଚିଠି', ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ନାଟକ 'ଗାନ୍ଧିଜୀଙ୍କ ସ୍ୱପ୍ନ-ରାମରାଜ୍ୟ', ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ନାଟକ 'ସ୍ୱାମୀ ବିବେକାନନ୍ଦ', ବିବେକାନନ୍ଦ ଇଣ୍ଟରନ୍ୟାଶନାଲ ବିଦ୍ୟାଳୟ ଛାତ୍ରୀଛାତ୍ର ନାଟକ 'ଜୁଏ କୁହୁଳୁଛେ', ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ନାଟକ 'କଁଚା ମାଏଟ୍', ଗରିଧାରୀଲାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ନାଟକ 'ସାବଧାନ' ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ଅବସରରେ ଆୟୋଜକ ମିରର୍ ଥିଏଟର ପକ୍ଷରୁ ମଧ୍ୟ ଏକ ନାଟକ 'ପାଚେନ୍' ପ୍ରଦର୍ଶିତ ହେବ।

### ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ

# ଅତୀତର ନୌବାଣିଜ୍ୟ ଓଡ଼ିଶାର ଗର୍ବ ଓ ଗୌରବ

**ଲଖନପୁର, ୧୨।୧୧(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ବନ୍ଧବାହାଲସ୍ଥିତ ସମଲେଇ ମନ୍ଦିର ପରିସରରେ ସ୍ଥାନୀୟ ତୈଳିକ ବୈଶ୍ୟ ସମାଜ ତରଫରୁ ୧୩ତମ ବାର୍ଷିକ ବନ୍ଧୁ ମିଳନ ଓ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ସିଏଲ୍ ଲଖନପୁର କୋଇଲାକ୍ଷେତ୍ର ପ୍ରବନ୍ଧକ ଅନିଲ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାଧବ ପତ୍ରିକା ସମ୍ପାଦକ ରାଜନ କୁମାର ସାହୁ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ମହାସଂଘର ଅଡିଟର୍ କୁଶଧ୍ୱଜ ସାହୁ ଯୋଗଦେଇଥିଲେ। ଏହି ଅବସରରେ ସମାଜର ସଭାପତି ଅନିରୁଦ୍ଧ ସାହୁଙ୍କ



ବୋଇତ ବନ୍ଦାଣ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଓ ଅନ୍ୟ ଅତିଥିମାନେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତୈଳିକ ବୈଶ୍ୟ ସମାଜର ସମ୍ପାଦକ ଦେବରାଜ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ପ୍ରବନ୍ଧକ ସିଂ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ସାଧବମାନଙ୍କ ନୌବାଣିଜ୍ୟ ଅତୀତ ଗୌରବକୁ ମନେପକାଉଛି। ଏଥିପାଇଁ ଓଡ଼ିଆ ଜାତି ଗର୍ବିତ। ବ୍ୟବସାୟ କ୍ଷେତ୍ରରେ ଓଡ଼ିଶାର ଇତିହାସ ରହିଛି। ସେହିପରି ମୁଖ୍ୟବକ୍ତା ରାଜନ କହିଥିଲେ ଯେ, ପରମ୍ପରା ଇତିହାସକୁ ଉଜ୍ଜୀବିତ କରିବା ପାଇଁ ବୋଇତ ବନ୍ଦାଣ କରାଯାଉଛି। ଏହି ବୋଇତ ବନ୍ଦାଣ ଉତ୍ସବ ଖାଲି ତୈଳିକ ବୈଶ୍ୟ ସମାଜରେ ସୀମିତ ହୋଇ ରହିନାହିଁ ଏହାକୁ ଏବେ କଟକ, ଭୁବନେଶ୍ୱର, ଯାଜପୁର, ଚିଲିକା ଆଦି ଅଞ୍ଚଳରେ ପାରମ୍ପରିକ ରୀତିନୀତିରେ ପାଳନ କରାଯାଉଛି। ଏହି ଅବସରରେ ଆୟୋଜକଙ୍କ ତରଫରୁ ମଞ୍ଚାସୀନ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦର୍ଶକଙ୍କ ମନୋରଞ୍ଜନ ପାଇଁ ମଞ୍ଚରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତୈଳିକ ବୈଶ୍ୟ ସମାଜର ସଦସ୍ୟ ଲକ୍ଷ୍ମୀକାନ୍ତ ସାହୁ, ରବୀନ୍ଦ୍ର ସାହୁ, ତ୍ରିଲୋଚନ ସାହୁ, ବସନ୍ତ ସାହୁ, ସୁଶୀଲ ସାହୁ, ରବୀନ୍ଦ୍ର ସା, ଶ୍ରୀପତି ସାହୁ, ଗୋପୀନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଦୁଦୁରା ମଞ୍ଜି ଖାଇ ଯୁବତୀ ମୃତ

**କୁଆଁରମୁଣ୍ଡା, ୧୨।୧୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ କୁମଝରିଆ ପଞ୍ଚାୟତର ଲାସେ ଗ୍ରାମର ଶୁକରମଣୀ ମିଞ୍ଜ(୧୮)ଙ୍କ ରାଉରକେଲା ସରକାରୀ ଡାକ୍ତରଖାନାରେ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶୁକରମଣୀ ସୋମବାର ଦୁଦୁରା ମଞ୍ଜି ଖାଇ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ଜାଣିବା ପରେ ତାଙ୍କୁ ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସା ଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ସମ୍ପର୍କରେ ବୀରମିତ୍ରପୁର ଥାନାଧିକାରୀ ଆନନ୍ଦ ଚନ୍ଦ୍ର ମାଝିଙ୍କୁ ପଚରାଯିବାରୁ ତାଙ୍କ ପାଖରେ ଏ ନେଇ କୌଣସି ସୂଚନା ନ ଥିବା କହିଛନ୍ତି।

# ଖଡ଼ାମ ଗ୍ରାମରେ ପଞ୍ଚୁକ ମହୋତ୍ସବ ଉଦ୍‌ଯାପିତ



ପୂଜା ମଣ୍ଡପରେ ଶ୍ରଦ୍ଧାଳୁମାନେ।

**ଲଖନପୁର, ୧୨।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଖଡ଼ାମ ଗ୍ରାମରେ ଚଳିତବର୍ଷ ୯ମ ତମ ପଞ୍ଚୁକ ମହୋତ୍ସବ ଧୂମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଏହି ମହୋତ୍ସବ ଗତ ଗୁରୁବାରରୁ ଆରମ୍ଭ ହୋଇଥିଲା। ଏହି ଅବସରରେ ଗ୍ରାମର ଶତାଧିକ ମହିଳା ଏକ କଳସ ଶୋଭାଯାତ୍ରାରେ ଗାଁ ପୋଖରୀରୁ ଜଳ ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ। ପରେ କାର୍ତ୍ତିକେଶ୍ୱରଙ୍କ ନିକଟରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ଫଣିନ୍ଦ୍ର ପ୍ରଧାନ ଓ ତାଙ୍କ ସ୍ତ୍ରୀ ତପସ୍ୱିନୀ ପ୍ରଧାନ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲାବେଳେ ପୂଜକ ନରେନ୍ଦ୍ର ପୂଜାରୀ ପୂଜାକାର୍ଯ୍ୟ ତୁଲାଇଥିଲେ। ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ନାମସଂକୀର୍ତ୍ତନ ସହ ପୁରାଣ ପାଠ ହେଉଥିଲା। ପୁରାଣ କଥାବସ୍ତୁ ଶୁଣିବା ପାଇଁ ଗ୍ରାମର ଶତାଧିକ ମହିଳା, ପୁରୁଷ ପ୍ରତିଦିନ ପୂଜାମଣ୍ଡପରେ ଉପସ୍ଥିତ ରହୁଥିଲେ। କାର୍ତ୍ତିକ ପୂର୍ଣ୍ଣମା ଅବସରରେ ପୂଜାଅର୍ଚ୍ଚନା ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିମଧ୍ୟରେ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ସରିଆ ସଂକୀର୍ତ୍ତନ ମଣ୍ଡଳୀ ଓ ବରଗଡ଼ ଜିଲା ପାଟକୁଲଣ୍ଡା ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀଙ୍କୁ ନେଇ ବୈଠକୀ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ପଞ୍ଚୁକ ମହୋତ୍ସବ କମିଟି ସଦସ୍ୟ ସୁବ୍ରତ ପ୍ରଧାନ, ଅମରେନ୍ଦ୍ର ପ୍ରଧାନ, ରଣଜିତ ପ୍ରଧାନ, ଦେବାନନ୍ଦ ପ୍ରଧାନ, ଅରୁଣ ପାତ୍ର, ଅମିତ ପ୍ରଧାନ, ମଳୟ ପଣ୍ଡା, ବାବୁଲ ପ୍ରଧାନ, ରାଜୀବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

■ ଚତୁର୍ଥ ଦିନରେ ଝାରସୁଗୁଡ଼ା ଜିଲା କ୍ରିକେଟ ଲିଗ୍

# ପ୍ରୋଗ୍ରେସିଭ, ଲିଓ ୟୁଥ ବିଜୟୀ

**ବେଲପାହାଡ଼, ୧୨।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କ୍ରିକେଟ ଲିଗର ଚତୁର୍ଥ ଦିନ ଅର୍ଥାତ୍ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଝାରସୁଗୁଡ଼ାର ପ୍ରୋଗ୍ରେସିଭ ଦଳ ୯ ଉଇକେଟରେ ବେଲପାହାଡ଼ର ଡାଏନାମିକ ଦଳକୁ ପରାସ୍ତ କରି ମ୍ୟାଚ୍ ଜିତିଛି। ଉକ୍ତ ମ୍ୟାଚ୍‌ରେ ଡାଏନାମିକ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୮ ଓଭରରେ ୧୦ ଉଇକେଟ ହରାଇ ମୋଟ ୯୪ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ପ୍ରୋଗ୍ରେସିଭ ଦଳ ୧୧.୧ ଓଭରରେ ମାତ୍ର ଗୋଟିଏ ଉଇକେଟ ବିନିମୟରେ ୯୫ ରନ୍ କରି ନିଜର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିଥିଲା। ଡାଏନାମିକ ଦଳର ବ୍ୟାଟ୍ସମ୍ୟାନ ଦୀପକ ଶର୍ମା ସର୍ବାଧିକ ୩୧ ବଲରେ ୩୪ ରନ୍ ଏବଂ ପ୍ରୋଗ୍ରେସିଭ ଦଳର ରଞ୍ଜିତ ଯାଦବ ୩୯ ବଲରେ ୫୦ ରନ୍ ସଂଗ୍ରହ କରିଥିଲେ। ଅମ୍ପାୟର ମନୋଜ ଜୟପୁରିଆ





ଲିଓ ଓ ଫ୍ରଣ୍ଟଫୁଟ ଦଳର ଖେଳାଳି।

ଓ ମନୋଜ ସିଂ ମ୍ୟାଚ୍ ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ପୂର୍ବ ବିଜୟୀ ଦଳ ବେଲପାହାଡ଼ର ଲିଓ ୟୁଥ ଆସୋସିଏଶନ ଏବଂ ଝାରସୁଗୁଡ଼ାର ଫ୍ରଣ୍ଟଫୁଟ ଦଳ ପରସ୍ପରକୁ ଭେଟିଥିଲେ। ଉକ୍ତ ମ୍ୟାଚ୍‌ରେ ଲିଓ ୟୁଥ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୧୯୧ ରନ୍ ସଂଗ୍ରହ କରିଥିଲା। ଲିଓ ୟୁଥର ବ୍ୟାଟ୍ସମ୍ୟାନ ସୌରଭ ଓରାମ ସର୍ବାଧିକ ୪୯ ବଲରେ ୯୧ ରନ୍ ଏବଂ କିରଣ ସାହୁ ୬୪ ବଲରେ ୬୬ ରନ୍ ସଂଗ୍ରହ କରିଥିଲେ। ଦ୍ୱିତୀୟ ଇନିଂଶରେ ଫ୍ରଣ୍ଟଫୁଟ ଦଳ ବିଜୟ ପାଇଁ ଆବଶ୍ୟକ ୧୯୨ ରନ୍‌ର ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିଲା। ମାତ୍ର ୧୮.୨ ଓଭରରେ ସମସ୍ତ ୧୦ ଉଇକେଟ ହରାଇ ମାତ୍ର ୮୮ ରନ ସଂଗ୍ରହ କରିଥିଲା। ଦଳର ବ୍ୟାଟ୍‌ସମ୍ୟାନ ହର୍ଷବର୍ଦ୍ଧନ ଲାଠ୍ ଦଳ ପାଇଁ ସର୍ବାଧିକ ୨୦ ବଲରେ ୨୨ ରନ୍ ସଂଗ୍ରହ କରିଥିଲେ ଏବଂ ବୋଲର ହେମନ୍ତ ଛୁରିଆ ୪ ଓଭରରେ ୩୧ ରନ୍ ଦେଇ ଲିଓ ୟୁଥର ଗୋଟିଏ ଉଇକେଟ ନେଇଥିଲେ। ଅମ୍ପାୟର କମଲେଶ ଶର୍ମା ଓ ଆଦିତ୍ୟ ରାୟ ମ୍ୟାଚ୍ ପରିଚାଳନା କରିଥିଲେ।

### ରାସ୍ତା ପାର୍ଶ୍ୱ ବୃକ୍ଷରୋପଣ କାର୍ଯ୍ୟରେ ଲାଗିଲା ସୂଚନା ଫଳକ





ରାସ୍ତା ପାର୍ଶ୍ୱ ବୃକ୍ଷରୋପଣ କାର୍ଯ୍ୟରେ ସୂଚନା ଫଳକ ଲାଗିଛି।

**ଲେଫ୍ରିପଡା, ୧୨।୧୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ଉଜ୍ଜଳପୁର ରେଞ୍ଜରେ ଉଜ୍ଜଳପୁରଠାରୁ ସର୍ଗିପାଲି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ପାର୍ଶ୍ୱରେ ୨୦୧୮-୧୯ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବନ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଇଛି। ଏଥିରେ ୬ ଲକ୍ଷ ୧୩ ହଜାର ୨୩୪ ଟଙ୍କା ମଞ୍ଜୁର ହୋଇଥିବା ବେଳେ ୪ଲକ୍ଷ ୬୮ହଜାର ଟଙ୍କା

**ଧରିତ୍ରୀ ପ୍ରଭାବ**

ଖର୍ଚ୍ଚ ବିନିମୟରେ ବୃକ୍ଷରୋପଣ କରାଯାଇ ଖର୍ଚ୍ଚ ହୋଇଛି। ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ଏବଂ କାର୍ଯ୍ୟ ଆରମ୍ଭରୁ ଜନସାଧାରଣଙ୍କ ସୂଚନା ନିମନ୍ତେ ସୂଚନା ଫଳକ ଦିଆଯାଇ ନ ଥିବା ସମ୍ପର୍କରେ 'ଧରିତ୍ରୀ'ରେ ଗତ ନଭେମ୍ବର ୯ ତାରିଖ ଖବର ପ୍ରକାଶ ପାଇଥିଲା। ଏହାପରେ ବିଭାଗ ପକ୍ଷରୁ ତରବରିଆ ଭାବେ ସୂଚନା ଫଳକ ତିଆରି କରି କାର୍ଯ୍ୟର ସୂଚନା ପ୍ରଦାନ କରାଯାଇଛି।

# ମହାସମାରୋହରେ କାର୍ତ୍ତିକ ପୂର୍ଣ୍ଣମୀ ପାଳିତ

**ବ୍ରଜରାଜନଗର, ୧୨।୧୧ (ଡି.ଏନ.ଏ.)**

ବ୍ରଜରାଜନଗର ବିଭିନ୍ନ ଶୈବପୀଠ, ଜଗନ୍ନାଥ ମନ୍ଦିର, ଚଣ୍ଡୀ ମନ୍ଦିର, ଲକ୍ଷ୍ମୀ ମନ୍ଦିର ଓ ଶିରିଡି ସାଇ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣମୀ ପାଳିତ ହୋଇଯାଇଛି। ବାବାଙ୍କର କାକଡ ଆଳତି ଓ ପୂଜା ପରେ ଭକ୍ତଙ୍କ ଲାଗି ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ସୋମବାର ରାତ୍ରିରୁ ବାଜା, ବାଣ ଫୁଟାଇ ଶ୍ରଦ୍ଧାଳୁମାନେ ଇବ୍ ନଦୀ କୂଳକୁ ଯାଇ ଡଙ୍ଗା ଭସାଇଥିଲେ। ପ୍ରତ୍ୟେକ ଜଳାଶୟ ନିକଟରେ ପୋଲିସ ପ୍ରଶାସନ ତରଫରୁ ପ୍ରହରା ଦିଆଯାଇଥିଲା।

**କୋଲାବିରା, (ଡି.ଏନ୍.ଏ.)**

କୋଲାବିରା ଅଞ୍ଚଳରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣମା ଅବସରରେ ଶ୍ରଦ୍ଧାଳୁମାନେ ବଡ଼ିଭୋରରୁ ସ୍ଥାନୀୟ ତେଲେନ ନଦୀ ତଥା ଆଖପାଖ ପୋଖରୀମାନଙ୍କରେ ବୋଇତ ଭସାଇଥିଲେ। ଅନେକ ଲୋକ



କୁନି କୁନି ଛୁଆମାନେ ବୋଇତ ଭସାଉଛନ୍ତି।

କଦଳି ବାହୁଙ୍ଗା ତିଆରି ଡଙ୍ଗାରେ ପାନ ଓ ଗୁଆ ଥୋଇ, ଦୀପ ଜାଳି ଆ.କା.ମା.ବୈ ଉଚ୍ଚାରଣ ପୂର୍ବକ ହରିବୋଲ ହୁଳହୁଳି ଦେଇ ବୋଇତ ଭସାଇଥିଲେ ଏବଂ ପ୍ରାଚୀନ ପରମ୍ପରାର ସ୍ମୃତିଚାରଣ କରିଥିଲେ। ଏ ଅବସରରେ ଅନେକ ଲୋକ ରଙ୍ଗିନ କାଗଜ, ସୁସଜ୍ଜିତ କଦଳୀ ବାହୁଙ୍ଗା ଓ ସୋଲ ଡଙ୍ଗା ଆଦିରେ ବୋଇତ ବନ୍ଦାଣ କରିଥିଲେ। ପ୍ରାଚୀନ ଓଡ଼ିଶାର ଗୌରବମୟ ଅତୀତ ସହ ଯୋଡ଼ି ହୋଇରହିଛି ଏହି ପବିତ୍ର ପର୍ବ। ଓଡ଼ିଆ ସାଧବ ପୁଅ ସୁଦୂର ଜାଭା, ସୁମାତ୍ରା ଆଦି ଦୀପକୁ ବୋଇତରେ ଯାଇ ବେପାର ବଣିଜ କରୁଥିଲେ। ସାଧବ ପୁଅ ବଣିଜରୁ ଫେରିଲା ପରେ ସେମାନଙ୍କୁ ଓ ବୋଇତକୁ କୁଳବଧୂମାନେ ନଦୀ ତଟରେ ବନ୍ଦାଣ କରୁଥିଲେ। ଏହି ପ୍ରାଚୀନ ପରମ୍ପରା ଏବେ ମଧ୍ୟ କାର୍ତ୍ତିକ ପୂର୍ଣ୍ଣମାରେ ପାଳିତ ହୋଇଆସୁଛି। ସେହିପରି ପବିତ୍ର ମାସ କାର୍ତ୍ତିକ ତଥା ପୂର୍ଣ୍ଣମୀ ଅବସରରେ ଅନେକ ସ୍ଥାନରେ ପୂଜାର୍ଚ୍ଚନା, ଭଜନ, ସଂକୀର୍ତ୍ତନ, ଅଷ୍ଟପ୍ରହରୀ ନାମଯଜ୍ଞ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣମୀ ତିଥିରେ ବିଭିନ୍ନ ଦେବଦେବୀ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

### ଜଙ୍ଗଲରେ ବୃଦ୍ଧାଙ୍କୁ ହାତୀ ଠେଲି ଦେଲା

**ହେମଗିର, ୧୨।୧୧ (ଡି.ଏନ.ଏ.)**

ହେମଗିର ରେଞ୍ଜ ଅଧୀନରେ ଥିବା କନିକା ପଞ୍ଚାୟତର ଖଜୁରବନିଆ ଗ୍ରାମରେ ମଙ୍ଗଳବାର ସକାଳ ୭ଟାରେ ଜଣେ ବୃଦ୍ଧାଙ୍କୁ ଗୋଟିଏ ହାତୀ ଶୁଣ୍ଢରେ ଠେଲି ଦେଇଛି। ଫଳରେ ସମ୍ପୃକ୍ତ ବୃଦ୍ଧା ଜଣକ ଆହତ ହୋଇଛନ୍ତି । ସେ ହେଲେ ଖଜୁରବନିଆ ଗ୍ରାମର ଉପାସୀ ମାଝି (୬୫)। ସେ ଘର ପାଖ ଜଙ୍ଗଲକୁ ଶାଳପତ୍ର ଗୋଟାଇବା ପାଇଁ ଯାଇଥିଲାବେଳେ ହାତୀ ହାବୁଡରେ ପଡିଥିଲେ। ବୃଦ୍ଧା ଜଣକ ହାତୀ ସହ ସାମନା ସାମନି ହେବା ଫଳରେ ହାତୀଟି ଶୁଣ୍ଢରେ ଠେଲିଦେଇଥିଲା। ଫଳରେ ସେ ଅଚେତ ହୋଇ ତଳେ ପଡି ଯାଇଥିଲେ। ହାତୀଟି ଗର୍ଜନ କରି ଜଙ୍ଗଲ ଆଡକୁ ଚାଲି ଯିବା ପରେ ସେହି ଅଞ୍ଚଳରେ ଶାଳପତ୍ର ତୋଳୁଥିବା ଅନ୍ୟମାନେ ବୃଦ୍ଧାଙ୍କୁ ଘରକୁ ଆଣିବା ସହ ବନ ବିଭାଗକୁ ଖବର ଦେଇଥିଲେ। ତୁରନ୍ତ ବନ ବିଭାଗ ବୃଦ୍ଧାଙ୍କୁ ସୁନ୍ଦରଗଡ ଡାକ୍ତରଖାନାକୁ ନେଇ ଚିକିତ୍ସା ବ୍ୟବସ୍ଥା କରାଇଛି।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ



### ୯୦ ଲିଟର ଦେଶୀମଦ ଜବତ, ବାଇକ ସମେତ ୨ ଗିରଫ

**ରାଉରକେଲା ଅଫିସ, ୧୨।୧୧**
ଅବକାରୀ ବିଭାଗ ପକ୍ଷରୁ ସୋମବାର ରାଉରାକେଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହାସହ ବେଆଇନ ଭାବେ ମହୁଲି ମଦ ବିକ୍ରି କରିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ଠାରୁ ୯୦ ଲିଟର ଦେଶୀ ମହୁଲି ମଦ ଓ ଗୋଟିଏ ବାଇକ ଜବତ ହୋଇଛି। ଗିରଫ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଅଙ୍କୁରପାଲିରେ ରହୁଥିବା ଦୁର୍ଯ୍ୟୋଧନ ସାହୁ ବାଇକ( ଓଡି୧୪ବି-୬୮୦୩) ଯୋଗେ ୯୦ ଲିଟର ମଦ ନେଇ ଅଙ୍କୁରପାଲିରୁ ଝିରପାଣି ପଟକୁ ଯାଉଥିବା ବେଳେ ଧରାପଡ଼ିଥିଲେ। ସେହିପରି କୋଏଲନଗର ଅଞ୍ଚଳର ଜୁଲି ତିର୍କୀଙ୍କ ପାଖରୁ ୧୦ଲିଟର ମହୁଲି ମଦ ଜବତ କରାଯାଇଥିଲା। ଏହି ଚଢ଼ାଉରେ ଇନ୍ସପେକ୍ଟର ମିହିର ସେଠୀ ଓ ଯୁଗଳ କିଶୋର ନାଏକ ପ୍ରମୁଖ ସାମିଲ ଥିଲେ।

# ମୂଲ୍ୟବାନ୍ ଜମିକୁ ଜବରଦଖଲ କରି ବେପାର

## ■ ଲାଭକ୍ଷତି ନେଇ ପ୍ରଶ୍ନ ଉଠାଇଲେ ପୂର୍ବତନ ନଗରପାଳ

**ରାଉରକେଲା ଅଫିସ,୧୨। ୧୧**
ସହରର ଜବରଦଖଲ ମୂଲ୍ୟବାନ ଜମି ଉପରେ ଗଢି ଉଠିଛି ଏକାଧିକ ସାମାଜିକ ଅନୁଷ୍ଠାନ। ଏସବୁ କଲ୍ୟାଣ ମଣ୍ଡପ ତଥା ସାମାଜିକ ସାଂସ୍କୃତିକ ସଂଗଠନ ଦ୍ୱାରା ସାଧାରଣ ଲୋକେ କେତେ ଉପକାର ପାଉଛନ୍ତି ଓ ସରକାର ଏଥିରୁ କି ଲାଭ ପାଉଛନ୍ତି ସେ ନେଇ ପୂର୍ବତନ ନଗରପାଳ ରଶ୍ମିବାଳା ମିଶ୍ର ପ୍ରଶ୍ନ ଉଠାଇଛନ୍ତି। ଏନେଇ ମିଶ୍ର ରାଉରକେଲା ଅତିରିକ୍ତ ଜିଲାପାଳ ଡଃ ୟେଦୁଲା ବିଜୟଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ଖୋଲା ଚିଠିରେ ଏଭଳି ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି। ସହରରେ ଗଢି ଉଠିଥିବା ଏକାଧିକ ସଂଗଠନର ଜମିକୁ ଯଦି ମୂଲ୍ୟାୟନ କରାଯାଏ ତାହା ହେଲେ ଏହା ୧୦୦କୋଟି ଛୁଇଁବ। ଏସବୁ ସରକାରୀ ଜାଗା ଓ ଅନୁଦାନ ବଳରେ ମୁଣ୍ଡ ଟେକିଛି। ଗୃହ ନିର୍ମାଣ ବେଳେ ନିର୍ଦ୍ଧାରିତ ମାଷ୍ଟର ପ୍ଲାନକୁ ଗୁରୁତ୍ୱ ଦିଆଯାଇନି। ଏହାର ୨୦ ଫୁଟ ବ୍ୟବଧାନରେ ରହୁଥିବା ଗୃହ ମାଲିକମାନେ ଏବେ ନାହିଁନଥିବା ସମସ୍ୟାରେ ପଡୁଛନ୍ତି। ଏସବୁ ସାମାଜିକ ସଂଗଠନ ନିର୍ମାଣ ପଛରେ ସାଧାରଣ ଲୋକଙ୍କ ସ୍ୱାର୍ଥ ଜଡିତ ଥିବା କୁହାଯାଏ। ଅଞ୍ଚଳରେ ପାଳନ କରାଯାଉଥିବା ସାମାଜିକ କାର୍ଯ୍ୟ, ପର୍ବପର୍ବାଣି ନେଇ ବ୍ୟକ୍ତି ବା ଅନୁଷ୍ଠାନ ଏହାକୁ ଯେମିତି ସୁରୁଖୁରୁରେ ଉପଯୋଗ କରିପାରିବେ ସେନେଇ ବ୍ୟବସ୍ଥାକୁ ମୁକ୍ତ ରଖାଯାଉଥିଲା। ପରିବର୍ତ୍ତିତ ପରିସ୍ଥିତିରେ ଏହି ଘର ଗୁଡିକ ବ୍ୟବହାର ନେଇ ଚାନ୍ଦା ବା ଫି ଲାଗୁ କରିଦେଲେ ସମ୍ପୃକ୍ତ ଅନୁଷ୍ଠାନ ଚଳାଉଥିବା କର୍ମକର୍ତ୍ତା। ସଂସ୍ଥା ଆୟ କରୁଥିବା ଅର୍ଥରୁ ସରକାର ବା ବିଭାଗକୁ ଫୁଟି କଉଡିଟିଏ ଦେଇ ନ ଥାଏ। ଏସବୁ ସଂସ୍ଥା ବା ଅନୁଷ୍ଠାନର ଆୟ ବ୍ୟୟ ନେଇ ସରକାର କି ବିଭାଗ ପାଖରେ ହିସାବ ରହେନି। ମିଶ୍ରଙ୍କ କହିବାନୁସାରେ ତାଙ୍କ କାର୍ଯ୍ୟକାଳ ସମୟରେ ଏସବୁ ସଂସ୍ଥାକୁ ପୌରପାଳିକା ଅଧୀନକୁ ଆଣି ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ ପାଇଁ ନିଷ୍ପତ୍ତି ହୋଇଥିଲା। ଯାହା ପରବର୍ତ୍ତୀ ସମୟରେ ଅଣଦେଖା ହୋଇଗଲା। ଏହା ଉପରେ ରାଉରକେଲା ମହାନଗର ନିଗମ କର୍ତ୍ତୃପକ୍ଷ କିମ୍ବା ଉନ୍ନୟନ କର୍ତ୍ତୃପକ୍ଷ(ଆରଡିଏ)ର ଦୃଷ୍ଟି ରହିଲା ନାହିଁ। ଯାହା ଆଜି ପର୍ଯ୍ୟନ୍ତ ବେଲଗାମ ଭାବେ ଚାଲିଛି। ଫଳରେ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହେବାରେ ଲାଗିଛି ବୋଲି ମିଶ୍ର ମତ ପ୍ରକାଶ କରିଛନ୍ତି। ସହରବାସୀଙ୍କ ପାଇଁ ନୂତନ ହୋଲ୍ଡିଂ ଟ୍ୟାକ୍ସ ଲାଗୁ କରାଗଲା। ପୂର୍ବାପେକ୍ଷା ବହୁ ଗୁଣ ଟ୍ୟାକ୍ସ ଗଣିଲେ ଲୋକେ। ଘରକୁ ଘର ବୁଲି ବର୍ଜ୍ୟ ବସ୍ତୁ ସଂଗ୍ରହ ପାଇଁ ବ୍ୟବସ୍ଥା କରାଗଲା। ଏଣେ ସରକାରୀ ଜାଗା ଓ ଧନରେ ଗଢି ଉଠିଥିବା ତଥାକଥିତ ସାମାଜିକ ସଂସ୍ଥା ଉପରେ ଦୃଷ୍ଟି ଦିଆଗଲାନି। ଏମାନେ ଟନ୍ ଟନ୍ ବର୍ଜ୍ୟ ବସ୍ତୁ କେଉଁ ଉପାୟରେ ପରିଚାଳନା କରୁଛନ୍ତି ତାହାକୁ ଅନ୍ଧାରରେ ରଖି ଦିଆଗଲା। ଏମାନଙ୍କ ଉପରେ ସେଭଳି କିଛି ଟ୍ୟାକ୍ସ ଲାଗୁ କରିବାକୁ କର୍ତ୍ତୃପକ୍ଷ ଚିନ୍ତା କଲେନି। ଏ ନେଇ ଉଭୟ ଆରଏମସି ଓ ଆରଡିଏ ଆଖିରେ ଅନ୍ଧପୁଟୁଳି ବାନ୍ଧି ବସିଛି। ଏହା କାହା ସ୍ୱାର୍ଥ ସାଧନ କରିବ ବୋଲି ମିଶ୍ର ତାଙ୍କ ଖୋଲା ଚିଠିରେ ଆକ୍ଷେପ କରିଛନ୍ତି। କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତି ବା ନୀରବତା ମୁଖ୍ୟମନ୍ତ୍ରୀଙ୍କ ୫ ସୂତ୍ରୀ ବା ୫-ଟି କାର୍ଯ୍ୟକ୍ରମର ବିରୁଦ୍ଧାଚରଣ କରୁଛି ବୋଲି ସେ ମତ ପ୍ରକାଶ କରିଛନ୍ତି। ସାଧାରଣ ଜନତାଙ୍କ ଦ୍ୱାହି ଦେଇ ହାତ ଗଣତି ମୁଷ୍ଟିମେୟ ବ୍ୟକ୍ତି ମୂଲ୍ୟବାନ ସରକାରୀ ଜମି ଜବର ଦଖଲ କରି ଏଭଳି ସଂସ୍ଥା ଗଢିଛନ୍ତି। କିଛି ଲୋକ ଏହାକୁ ରିତିମତ ରୋଜଗାରର ମାଧ୍ୟମ କରିଛନ୍ତି। ଏଥିରେ କିଛି ଜନ ପ୍ରତିନିଧି ଓ ସରକାରୀ ଅଫିସର ସହଯୋଗ କରୁଛନ୍ତି। ଏହା କିପରି ସମାଜ ସେବା ଓ ସ୍ୱଚ୍ଛତା ସେ ନେଇ ମିଶ୍ର ପ୍ରଶ୍ନ ଉଠାଇଛନ୍ତି। ଏଥିରୁ ସାଧାରଣ ଲୋକେ କେତେ ଉପକୃତ ହେଉଛନ୍ତି ଓ ବିଭାଗ କି ଲାଭ ପାଉଛି ତାହାର ମୂଲ୍ୟାୟନ ଉପରେ ମିଶ୍ର ଗୁରୁତ୍ୱାରୋପ କରିଛନ୍ତି। ଏ ଦିଗରେ ଆରଏମସି, ଆରଡିଏ ଏବଂ ଜନ ପ୍ରତିନିଧି ପଛଘୁଞ୍ଚା ଦେବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ବିଭାଗୀୟ କର୍ତ୍ତୃପକ୍ଷ ଓ ୫-ଟି ସଚିବ ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦେବାକୁ ମିଶ୍ର ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗର ନକଲ ସେ ମୁଖ୍ୟମନ୍ତ୍ରୀ, ଗୃହ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା, ୫-ଟି ସଚିବ ଭି କାର୍ତ୍ତିକେୟନ ପାଣ୍ଡିଆନଙ୍କ ସମେତ ସୁନ୍ଦରଗଡ ଜିଲାପାଳ ନିଖିଲ ପଓନ କଲ୍ୟାଣଙ୍କୁ ପ୍ରଦାନ କରିଛନ୍ତି।



ନିର୍ଦ୍ଦେଶିକା ସୋମା ମଣ୍ଡଳ ପ୍ଲାଣ୍ଟ ପରିସର ବୁଲି ଦେଖୁଛନ୍ତି।

## ସେଲ୍ ନିର୍ଦ୍ଦେଶିକାଙ୍କ ଆର୍‌ଏସ୍‌ପି ପରିଦର୍ଶନ

**ରାଉରକେଲା ଅଫିସ, ୧୨।୧୧ :** ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡର ନିର୍ଦ୍ଦେଶିକା (ବାଣିଜ୍ୟିକ) ସୁଶ୍ରୀ ସୋମା ମଣ୍ଡଳ ରାଉରକେଲା ଇସ୍ପାତ କାରଖାନା ପରିଦର୍ଶନ କରିଛନ୍ତି। ବିକ୍ରୟ କାର୍ଯ୍ୟାଳୟ (ବିଏସ୍‌ଓ) ଠାରେ ସିଏମଓର ବରିଷ୍ଠ ଅଧିକାରୀଙ୍କ ସହିତ ଏକ ବୈଠକରେ ସେ ଯୋଗ ଦେଇଥିଲେ। ସିଏମଓ କୋଲକାତାର ନିର୍ବାହୀ ନିର୍ଦ୍ଦେଶକ ଗୌତମ ଘୋଷ ଏବଂ ବିଏସଓ ତଥା ସିଏମଓର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ପରେ ସିଇଓଙ୍କ ସମ୍ମେଳନ କକ୍ଷରେ ଆୟୋଜିତ ଏକ ବୈଠକରେ ମଣ୍ଡଳ ଯୋଗ ଦେଇଥିଲେ। ଅନୁଷ୍ଠିତ ବୈଠକରେ ସିଇଓ ଦୀପକ ଚଟ୍ଟରାଜ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ରାଜବୀର ସିଂ, କାର୍ଯ୍ୟ ବିଭାଗର ଗୌତମ ବାନାର୍ଜୀ, ସାମଗ୍ରୀ ପ୍ରବନ୍ଧନ ବିଭାଗର ଦିଲିପ ମହାପାତ୍ର, ପ୍ରକଳ୍ପ ବିଭାଗର ପଙ୍କଜ କୁମାର, ସିଏମଓ ମାର୍କେଟିଂ ବିଭାଗର ଗୌତମ ଘୋଷ, ମୁଖ୍ୟ ମହାପ୍ରବନ୍ଧକ (ବିକ୍ରୟ) ମହମ୍ମଦ ରାଜି ଅନୱାର, ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଭାଗର ଭାରପ୍ରାପ୍ତ ନିର୍ଦ୍ଦେଶକ ଏସ.ଏସ.ପତି, ବିତ୍ତ ଓ ଲେଖା ବିଭାଗର ମୁଖ୍ୟ ପି. ନିଗମ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପିସିସି ବିଭାଗର ଜିଏମ୍ ସୁନିତା ସିଂ ଆର୍‌ଏସ୍‌ପିର ଉତ୍ପାଦ ସମୂହ, ସେଗୁଡ଼ିକର ଗୁଣବତ୍ତା, ଲାବୋରେଟୋରୀ ପରୀକ୍ଷା ସୁବିଧା, ଉତ୍ପାଦ ବିକ୍ରି, ଅନୁସନ୍ଧାନ ପ୍ରବନ୍ଧନ, ଗ୍ରାହକଙ୍କ ମତାମତ ଏବଂ ଆର୍‌ଏସ୍‌ପିର ଆକାଂକ୍ଷା ସନ୍ଦର୍ଭରେ ଏକ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଅପରାହ୍ନରେ ନିର୍ଦ୍ଦେଶିକା ମଣ୍ଡଳ ବିଭିନ୍ନ ବାଣିଜ୍ୟ ପ୍ରତିଷ୍ଠାନ ଯଥା ରାଉରକେଲା ଶିଳ୍ପ ବଣିକ ସଂଘ, ଜିଲା କ୍ଷୁଦ୍ର ଶିଳ୍ପ ସଂଘ, ଓଡିଶା ଯୁବ ଉଦ୍ୟୋଗୀ ସଂଘ ଏବଂ ଓଡିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଆସେମ୍ବ୍ଲି, ସ୍ଥାନୀୟ ଉଦ୍ୟୋଗର ପ୍ରତିନିଧିଙ୍କ ସହିତ ଅନୁଷ୍ଠିତ ଏକ ବୈଠକରେ ମତ ବିନିମୟ କରିଥିଲେ।

### ■ ଆର୍‌ଏସ୍‌ପି କ୍ୱାର୍ଟର୍ସରୁ ଚୋରି
### ଆଲ୍ମିରା, ସୁନାଗହଣା ଲୁଟି ନେଲେ

**ରାଉରକେଲା ଅଫିସ, ୧୨।୧୧**
ଘରେ କେହି ନ ଥିବାରୁ ସୁଯୋଗ ନେଇ ଦୁର୍ବୃତ୍ତମାନେ ସେକ୍ଟର-୫ ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରେ କଳା କନା ବୁଲାଇଛନ୍ତି। ଘରୁ ଏକ ଆଲ୍ମିରା ସହିତ ନଗଦ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି ହୋଇଥିବା ନେଇ ସେକ୍ଟର-୭ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଘଟଣା ସ୍ଥଳରେ ପୋଲିସ ଓ ଫରେନସିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ପୋଲିସ କାହାରିକୁ ଗିରଫ କରିବାରେ ସକ୍ଷମ ହୋଇପାରିନାହିଁ। ସୂଚନା ଅନୁସାରେ ସେକ୍ଟର-୫ କ୍ୱାଟର ନଂ- ଏ/୪୬ରେ ଚୈତନ୍ୟ ଚରଣ ସାମଲ ସପରିବାର ରହୁଛନ୍ତି। ତେବେ ଗତ କିଛିଦିନ ହେଲା କୌଣସି କାର୍ଯ୍ୟରେ ପରିବାର ଲୋକେ ଭୁବନେଶ୍ୱର ଯାଇଥିଲେ। ଏହାର ସୁଯୋଗ ନେଇ ଚୋରମାନେ ରବିବାର ରାତିରେ ଘରର କବାଟ ତାଲା ଭାଙ୍ଗି ଆଲ୍ମିରା ସହ ନଗଦ ୨୫ ହଜାର ଟଙ୍କା ଏବଂ ପ୍ରାୟ ୨ଲକ୍ଷ ଟଙ୍କାର ସୁନାଗହଣା ଚୋରି କରି ନେଇଛନ୍ତି। ସୋମବାର ସକାଳୁ ପାଖ ପଡୋଶୀ ଘରର ମୁଖ୍ୟ ଗେଟ୍ ଓ କବାଟ ତାଲା ଭଙ୍ଗା ଯାଇଥିବା ଦେଖି ଚୋରି ହୋଇଥିବା ସନ୍ଦେହ କରିଥିଲେ। ଏହାସହ ଚୈତନ୍ୟ ସାମଲଙ୍କ ପୁଅ ସୁଦୀପଙ୍କୁ ଜଣାଇଥିଲେ। ସୁଦୀପ ମଙ୍ଗଳବାର ସକାଳେ ରାଉରକେଲାରେ ପହଞ୍ଚି ସେକ୍ଟର-୭ ଥାନାରେ ଚୋରି ହୋଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ସେକ୍ଟର-୭ ଥାନା ପୋଲିସ ଏକ ମାମଲା ନଂ(୧୫୧/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ଅପରାହ୍ନରେ ଫରେନସିକ ଦଳ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ ଆରମ୍ଭ କରିଥିଲେ।

## ଶେଷ ହେଲା କାର୍ତ୍ତିକ ବ୍ରତ, ବୋଇତ ବନ୍ଦାଣ

**ରାଉରକେଲା ଅଫିସ,୧୨।୧୧**
ଷ୍ଟିଲ ସିଟି ରାଉରକେଲାରେ ମଙ୍ଗଳବାର ଉତ୍ସାହ ଉଦ୍ଦୀପନାରେ କାର୍ତ୍ତିକ ବ୍ରତ, ଡଙ୍ଗା ଭସା ଓ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି। ପାରମ୍ପରିକ ଡଙ୍ଗା ଭସା ନେଇ ସକାଳେ ବ୍ରାହ୍ମଣୀ ନଦୀର ବିଭିନ୍ନ ଘାଟରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। କୋଏଲନଗର ନିକଟ ବୈକୁଣ୍ଠ ଘାଟ, ସେକ୍ଟର-୨୦, ବେଦବ୍ୟାସ, ପାନପୋଷ, ଡିଏଭି ପୋଖରୀ, ତର୍କରା ଓ ବନ୍ଧମୁଣ୍ଡା ଆଦି ଅଞ୍ଚଳରେ ରହିଥିବା ବିଭିନ୍ନ ଜଳାଶୟ, ପୁଷ୍କରିଣୀରେ ପ୍ରବଳ ସମାଗମ ଦେଖା ଯାଇଥିଲା। ଶ୍ରଦ୍ଧାଳୁଙ୍କ ହାତରେ ସୋଲ ଓ କଦଳୀପାଟୁଆରେ ନିର୍ମିତ ଡଙ୍ଗା ସାଙ୍ଗକୁ ପାନ ଗୁଆ, ମହମ ବତୀ, ଦୀପ ଆଦି ବନ୍ଦାଣ ସାମଗ୍ରୀ ରହିଥିଲା। ସମସ୍ତଙ୍କ ମୁହଁରେ ଶୁଣା ଯାଇଥିଲା ଆ କା ମା ବୈ ପାନ ଗୁଆ ଥୋଇ ଭଳି ପାରମ୍ପରିକ ସ୍ତୁତିବହନ କରୁଥିବା ଭକ୍ତି ବାକ୍ୟ। ଡଙ୍ଗାଭସା ସାଙ୍ଗକୁ ଦେବଦେବୀଙ୍କ ମନ୍ଦିରରେ ଭିଡ ଜମିଥିଲା। ମାସେ ଧରି କାର୍ତ୍ତିକ ବ୍ରତ ପାଳନ କରୁଥିବା ଶ୍ରଦ୍ଧାଳୁ ଦେବ ଦର୍ଶନ କରି ପୁଣ୍ୟ ଅର୍ଜନ କରିବାକୁ ଶୃଙ୍ଖଳିତ ଭାବେ ଧାଡିରେ ଛିଡା ହୋଇ ରହିଥିଲେ। ପ୍ରଭୁଙ୍କ ଦର୍ଶନ ନେଇ ସମସ୍ତଙ୍କ ମନରେ ବ୍ୟଗ୍ରତା ତଥା ଉତ୍କଣ୍ଠା ଲାଗି ରହିଥିଲା। ଅନେକ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇ ଥିଲା। ବିଶେଷ କରି ହବିଷିଆଳିଙ୍କ ପାଇଁ ମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ବିଶେଷ ପଦକ୍ଷେପ ନେଇଥିଲେ। ସନ୍ଧ୍ୟାରେ ଅନେକ ସ୍ଥାନରେ ଭଜନ କୀର୍ତ୍ତନ ପରିବେଷଣ କରାଯାଇ ଥିଲା। କାର୍ତ୍ତିକ ବ୍ରତଧାରୀଙ୍କୁ ନେଇ ଷ୍ଟିଲ ସିଟିର ପ୍ରାୟ ଅନେକ ଦେବାଳୟ ଚଳଚଞ୍ଚଳ ରହିବା ଦେଖାଯାଇ ଥିଲା। ସେକ୍ଟର- ୨, ଛେଣ୍ଡ, ସେକ୍ଟର- ୫ ଗୋଲଘର. ସେକ୍ଟର-୨୨ ଓ ସେକ୍ଟର- ୧୪ ଭଳି ଏକାଧିକ ସ୍ଥାନରେ ମଧ୍ୟ ବୋଇତ ବନ୍ଦାଣ ସମାରୋହ ଧୁମଧାମରେ ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ସ୍ଥାନରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା।



ଜଳାଶୟରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଛନ୍ତି।

## ସମ୍ବଲପୁରରେ ଖାଦ୍ୟ ଏଟିଏମ୍ ସ୍ଥାପିତ

**ସମ୍ବଲପୁର,୧୨।୧୧(ବ୍ୟୁରୋ)**
ସମ୍ବଲପୁର ସଦର ଡାକ୍ତରଖାନା ନିକଟରେ ମଙ୍ଗଳବାର ଏକ ଖାଦ୍ୟ ଏଟିଏମ୍ ସ୍ଥାପିତ ହୋଇଛି। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ଏକ ବଡ ଫ୍ରିଜର ରହିଛି । ଯେ କେହି ମଧ୍ୟ ଏହି ଫ୍ରିଜରରେ ଖାଦ୍ୟ ରଖି ପାରିବେ। ଆହାର ଯୋଜନା ହେଉ କି ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟରେ କେହି ବଳକା ଖାଦ୍ୟ ଆଣି ଏଠାରେ ରଖି ପାରିବେ। ହଲେ ଏବେ ପ୍ରଥମ କରି ପ୍ୟାକେଟ ଖାଦ୍ୟ ସଂଗ୍ରହ କରାଯିବ। ଗଚ୍ଛିତ ଥିବା ଖାଦ୍ୟ ମାଗଣାରେ ଭୋକିଲା ଲୋକଙ୍କୁ ଦିଆଯିବ । ଆଗାମି ଦିନରେ ଜନଗହଳିପୂର୍ଣ୍ଣ ସ୍ଥାନରେ ଆଉ ୨ଟି କାଉଣ୍ଟର ଖୋଲାଯିବ । ମହାନଗର ନିଗମ ପକ୍ଷରୁ ନିୟମତି ଖାଦ୍ୟର ମାନ ଯାଞ୍ଚ କରାଯିବ ବୋଲି ମହାନଗର ନିଗମ ଅଫିସର ଶୁଭଙ୍କର ମହାନ୍ତି କହିଛନ୍ତି ।

## ବୋଇତ ବନ୍ଦାଣ ଉତ୍ସବ: ସେତେବେଳେ ବଣିଜ, ଏବେ ଦାଦନ

**ରାଉରକେଲା ଅଫିସ, ୧୨।୧୧**
ରାଉରକେଲା ଡେଲି ମାର୍କେଟ ଯୁବକ ସଂଘ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କଂଗ୍ରେସ ନେତା ଜର୍ଜ ତିର୍କୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାଚୀନ ଉତ୍କଳର ସାଧବ ପୁଅମାନେ ଜାଭା, ସୁମାତ୍ରା, ବାଲି ଇତ୍ୟାଦି ଦ୍ୱୀପକୁ ନୌବାଣିଜ୍ୟ କରିବାକୁ ଯାଉଥିଲେ। ରାଜ୍ୟରେ ଉତ୍ପାଦିତ ସାମଗ୍ରୀକୁ ସେଠାରେ ବିକ୍ରି କରି ଆମର ଆବଶ୍ୟକୀୟ ଜିନିଷ ଆଣି ଉତ୍କଳକୁ ସମୃଦ୍ଧ କରୁଥିଲେ। ନୌବାଣିଜ୍ୟର ସେହି ସ୍ୱର୍ଣ୍ଣିମ ଇତିହାସକୁ ମନେ ପକାଇବା ପାଇଁ ପବିତ୍ର ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଉଥିଲା। ତେବେ ଆଜିର ଦିନରେ ସମୟ ବଦଳି ଯାଇଛି। ଓଡିଆ ପୁଅ ଆଉ ବାଣିଜ୍ୟ କରିବାକୁ ଯାଉନି, ବରଂ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଥିବା ବିଡମ୍ବନାର ବିଷୟ ବୋଲି ଜର୍ଜ ତିର୍କୀ କହିଛନ୍ତି। ଏହାସହ ବର୍ତ୍ତମାନ ସମୟରେ ବେକାରୀ ସମସ୍ୟା ଏକ ଚିନ୍ତାଜନକ ସ୍ଥିତିରେ ରହିଛି ବୋଲି ସେ କହିଥିଲେ। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଧାୟକ ସାରଦା ପ୍ରସାଦ ନାୟକ, ପୂର୍ବତନ ଜିଲା କଂଗ୍ରେସ ସଭାପତି ବିରେନ ସେନାପତି, ପୂର୍ବତନ ନଗରପାଳ କାଳିନ୍ଦୀ ବଡଜେନା, ନିହାର ରାୟ, ପୂର୍ବତନ କାଉନସିଲର ରାମାନନ୍ଦ ଶ୍ରୀଚନ୍ଦନ, ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସୂର୍ଯ୍ୟକାନ୍ତ ବାରିକ ଅଧ୍ୟକ୍ଷତା କରିଥିବା ବେଳେ ଅଭୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ସଂଘ ସଦସ୍ୟମାନେ ପାନପୋଷ ଘାଟରେ ବୋଇତ ଭସାଇଥିଲେ। ଏହି କାର୍ଯ୍ୟକ୍ରମରେ ଆର୍ତ୍ତତ୍ରାଣ ଜେନା, ଦୁର୍ଯ୍ୟ ସେଠୀ, ବିଷ୍ଣୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟବାନ ସାମଲ, ବିଜୟ ରାଉତ, ଚନ୍ଦ୍ରକାନ୍ତ ବାରିକ, ଗଣେଶ ସାମଲ, ବିକାଶ ଠାକୁର, ଦେବାଶିଷ ସାହୁ, ସଦାବ ଅହମଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥି ଜର୍ଜ ତିର୍କୀ ଓ ଅନ୍ୟମାନେ।

## ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ନେଇ ଜାତୀୟ ସ୍ତରରେ ପୁରସ୍କୃତ

**ରାଉରକେଲା ଅଫିସ,୧୨।୧୧**
ହାଇଟେକ ମେଡିକାଲ କଲେଜର କୁଳସଚିବ ଡ. ଲଲାଟେନ୍ଦୁ ଆଚାର୍ଯ୍ୟ ଓ ତାଙ୍କ ପତ୍ନୀ ଗୀତାଞ୍ଜଳି ଜାତୀୟ ସ୍ତରରେ ସମ୍ମାନୀତ ହୋଇଛନ୍ତି। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ନିମନ୍ତେ ଚଣ୍ଡିଗଡଠାରେ ଆୟୋଜିତ ଜାତୀୟ ମହାବିଦ୍ୟାଳୟସ୍ତରୀୟ ଶିକ୍ଷା ସମ୍ମିଳନୀରେ ଏହି ଦମ୍ପତିଙ୍କୁ ଯୁଗ୍ମ ଭାବେ ଭୀଷ୍ମ



ପୁରସ୍କାରରେ ସମ୍ମାନିତ କରାଯାଇଛି। ଗତ ୧୦ ନଭେମ୍ବରରେ ଚଣ୍ଡିଗଡଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଦେଶର ୨୫ଟି ରାଜ୍ୟରୁ ଯୋଗ ଦେଇଥିବା ଅଧ୍ୟକ୍ଷ ସମ୍ମିଳନୀରେ ଚଣ୍ଡିଗଡ କଲେଜ ସମୂହର ଶିକ୍ଷା ନିର୍ଦ୍ଦେଶକ ଡ. ଜିଡି ବନସଲ ଆଚାର୍ଯ୍ୟଙ୍କୁ ସମ୍ମାନିତ କରିଥିଲେ। ରାଉରକେଲାରେ ଜନ୍ମିତ ଓ ଶିକ୍ଷାଲାଭ କରିଥିବା ଆଚାର୍ଯ୍ୟ ଭାରତୀୟ ବାୟୁ ସେନାରୁ ଅବସର ଗ୍ରହଣ ପରେ ସୈନିକ ସ୍କୁଲ ଇମ୍ଫାଲ, ଜିଡି ଗୋଏଙ୍କା ପବ୍ଲିକ ସ୍କୁଲ ସିଲିଗୁଡି, ଏସଆରପି ସ୍କୁଲ ପୂର୍ନିଆ ସମେତ ଦେଶର ବିଭିନ୍ନ ବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଓ ଅଧ୍ୟକ୍ଷ ଭାବେ ନିଜ ଦକ୍ଷତା ପ୍ରତିପାଦନ କରିଥିଲେ। ଏହା ବ୍ୟତୀତ ଚଣ୍ଡିଗଡଠାରେ କିଛି ଦିନ ଶିକ୍ଷା ନିର୍ଦ୍ଦେଶକ ପଦରେ ରହି ନିଜ ପାରଦର୍ଶିତା ଦେଖାଇଥିଲେ। ପତ୍ନୀ ଗୀତାଞ୍ଜଳି ମଧ୍ୟ ସମ୍ପୃକ୍ତ ବିଦ୍ୟାଳୟମାନଙ୍କରେ ସହକାରୀ ଅଧ୍ୟକ୍ଷା ଭାବେ କାର୍ଯ୍ୟ କରିବା ସହ ଅନେକ ଆର୍ଥିକ ଅନଗ୍ରସର ପିଲାଙ୍କ ଶିକ୍ଷା ଗ୍ରହଣ ନେଇ ଗୁରୁଦାୟିତ୍ୱ ବହନ କରିଥିଲେ।

### ■ ଏସ୍‌ପିଙ୍କୁ ଭେଟିଲେ ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ କର୍ମକର୍ତ୍ତା

## ଅଭିଯୁକ୍ତଙ୍କୁ ଅନୁକମ୍ପା ଦେଖାଉଛି ପୋଲିସ

**ରାଉରକେଲା ଅଫିସ,୧୨। ୧୧**
ଅଭିଯୁକ୍ତଙ୍କୁ ଗୁରୁଣ୍ଡିଆ ପୋଲିସ ଘଣ୍ଟ ଘୋଡାଇବା ନେଇ ମଙ୍ଗଳବାର ଭାରତୀୟ ମଜଦୁର ସଂଘ ସହବନ୍ଧିତ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ଜିଲା ଶାଖା ପକ୍ଷରୁ ରାଉରକେଲା ଏସ୍‌ପି କେ. ଶିବା ସୁବ୍ରମଣିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ ଗତ ୧୪।୭।୨୦୧୯ରେ ଗୁରୁଣ୍ଡିଆ ବ୍ଲକର ଜଣେ ଅଙ୍ଗନୱାଡି କର୍ମୀଙ୍କୁ ବଳାତ୍କାର ଉଦ୍ୟମ ହୋଇଥିଲା। ତା ପର ଦିନ ଏ ନେଇ ସମ୍ପୃକ୍ତ ଥାନାରେ ଏକ ମାମଲା (ନଂ ୨୫/ ୨୦୧୯) ରୁଜୁ କରାଯାଇ ଥିଲା। ଘଟଣାକୁ ଇତି ମଧ୍ୟରେ ୪ମାସ ହେଲାଣି। ଏହା ସତ୍ତ୍ୱେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁନି। ଏ ନେଇ ଗୁରୁଣ୍ଡିଆ ବ୍ଲକ ଅଙ୍ଗନୱାଡି ଆସୋସିଏଶନ ପକ୍ଷରୁ ଗତ ୨୧। ୧୦।୨୦୧୯ରେ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇ ପ୍ରତିବାଦ କରାଯାଇ ଥିଲା। ସେତେବେଳେ ବଣାଇଁ ଉପଜିଲାପାଳ ଘଟଣାରେ ହସ୍ତକ୍ଷେପ କରି ଅଭିଯୁକ୍ତଙ୍କୁ ୧୫ ଦିନ ମଧ୍ୟରେ ନିଶ୍ଚିତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏହା କାର୍ଯ୍ୟକାରୀ ନ ହେବାରୁ ପୁନଶ୍ଚ ଗତ ୫ରେ ଜିଲାର ସମସ୍ତ ଅଙ୍ଗନୱାଡି କର୍ମୀ ଏହାର ପ୍ରତିବାଦ କରିଥିଲେ। ଅଭିଯୁକ୍ତଙ୍କ ଫଟୋ ସହ ସଂପୂର୍ଣ୍ଣ ବିବରଣୀ ଥାନା ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଏହା ସତ୍ତ୍ୱେ ଥାନାଧିକାରୀ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଆଉ ୭ ଦିନ ମହଲତ ନେଇଥିଲେ। କିନ୍ତୁ ଗତ ୧୧ ସୁଦ୍ଧା ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ନେଇ କୌଣସି ପଦକ୍ଷେପ ନିଆଗଲା ନାହିଁ। ଏଣୁ ଅଙ୍ଗନୱାଡି ଆସୋସିଏସନ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ଗାଁ ଗହଳରେ କାମ କରୁଥିବା କର୍ମୀଙ୍କ ସୁରକ୍ଷା ନେଇ ଯଦି ଏଭଳି ଅବହେଳା କରାଯାଏ ତାହା ହେଲେ ଏମାନଙ୍କ ଭବିଷ୍ୟତ ପ୍ରତି କିଏ ଦୃଷ୍ଟି ଦେବ ବୋଲି ସଂଗଠନ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହି ପ୍ରସଙ୍ଗ ନେଇ ରାଉରକେଲା ଏସପିଙ୍କୁ ଜିଲା ଶାଖା ସଂପାଦିକା ବିମଳା ଲାକ୍ରାଙ୍କ ନେତୃତ୍ୱରେ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ବାସନ୍ତୀ ବାଗ, ଅଞ୍ଜଳି ପଟେଲ, ଅଜୟ ଜୟସ୍ୱାଲ, ସୁରେଶ ତନୱାର, ପ୍ରବାଳ ବାରିକ ଓ ବିଜୟ ରାୟ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଅଙ୍ଗନୱାଡି କର୍ମୀମାନେ ଧାରଣାରେ ବସିଛନ୍ତି।

### ■ ଇଣ୍ଟରସିଟି ଗୋଲ୍ଡ କପ୍ ହକି ଟୁର୍ନାମେଣ୍ଟର ୪ର୍ଥ ଦିନ

## ଗ୍ରାମାଞ୍ଚଳ କ୍ୱାର୍ଟର ଫାଇନାଲ ମ୍ୟାଚ ଆରମ୍ଭ

**ରାଉରକେଲା ଅଫିସ, ୧୨।୧୧**
ସ୍ଥାନୀୟ ପାନପୋଷ ହକି ଷ୍ଟାଡିୟମରେ ଚାଲିଥିବା ଇଣ୍ଟରସିଟି ଗୋଲ୍ଡ କପ୍ ହକି ଟୁର୍ନାମେଣ୍ଟର ମଙ୍ଗଳବାର ଚତୁର୍ଥ ଦିନରେ ମୋଟ ୮ଟି ମ୍ୟାଚ ଖେଳ ହୋଇଛି। ଏଥିମଧ୍ୟରୁ ୪ଟି ମ୍ୟାଚ ଗ୍ରାମଞ୍ଚଳ କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିବା ବେଳେ ପ୍ରଫେସନାଲ କ୍ୟାଟାଗୋରୀର ୪ଟି ଲିଗ୍ ମ୍ୟାଚ ଖେଳା ଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ଖେଳା ଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଦୁଲୁଟୋଲି ଦହିଜିରା ଓ ବିଡି କ୍ଲବ ଦୁକାଟୋଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଦୁଲୁଟୋଲି ଦହିଜିରା ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା। ସେହିପରି ନେହେରୁ କ୍ଲବ କରଡାପାଳ ଦେବଗଡ ଓ ହମିରପୁର ସରନାଟୋଲି ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ନେହେରୁ କ୍ଲବ ୩-୨ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ଭୋଗ୍ରା ଗିରିଜାଟୋଲି ଓ ଝୁନମୁର ଗଞ୍ଜୁଟୋଲି ମଧ୍ୟରେ ହୋଇଥିଲା। ଗିରିଜାଟୋଲି ୩-୧ ଗୋଲରେ ବିଜୟୀ ହୋଇଥିଲା। ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଶାସ୍ତ୍ରୀ କ୍ଲବ ସମଲେଇମୁଣ୍ଡା ଓ ଏନ୍‌ୱାଇସି କୁକୁଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ ଶାସ୍ତ୍ରୀ କ୍ଲବ ୧-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଭାବେ ପ୍ରଫେସନାଲ କ୍ୟାଟାଗୋରୀ ଲିଗର ପ୍ରଥମ ମ୍ୟାଚ୍ ଇଷ୍ଟ କୋଷ୍ଟ ରେଲୱେ ଓ ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲା(ବି) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଷ୍ଟକୋଷ୍ଟ ରେଲୱେ ୭-୨ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସେଲ୍ ହକି ଏକାଡେମୀ ଓ ସ୍ପୋର୍ଟ୍ସ ହଷ୍ଟେସଲ ସୁନ୍ଦରଗଡ ମଧ୍ୟରେ ହୋଇଥିବା ବେଳେ ସେଲ ହକି ଏକାଡେମୀ ୩-୨ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ସ୍ପୋର୍ଟ୍ସ ହଷ୍ଟେଲ ଭୁବନେଶ୍ୱର ଓ ଓଡିଶା ପୋଲିସ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସ୍ପୋର୍ଟ୍ସ ହଷ୍ଟେଲ ଭୁବନେଶ୍ୱର ୫-୩ ଗୋଲରେ ବିଜୟୀ ହୋଇଛି। ଚତୁର୍ଥ ମ୍ୟାଚ ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲା ଓ ଦକ୍ଷିଣପୂର୍ବ ରେଳପଥ ବନ୍ଦମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲା ୩-୧ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ ଅମ୍ପାୟାର ରାଜେନ ଏକ୍କା, ଫ୍ଲୋରେନସିଆ ଏକ୍କା, ବର୍ଣ୍ଣାଡ ଲାକ୍ରା, ସଞ୍ଜୀବନ କେରକେଟା, ଅନିଲ କୁଲୁ, ରଞ୍ଜନ ଦାସ, ସଞ୍ଜୀବ ଖାଲକୋ ଓ ଜୟନ୍ତ କେରକେଟା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଟେକ୍ନିକାଲ ଅଫିସର ଭାବେ କୋଚ ଅମୂଲ୍ୟ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ।



ଅତିଥି ଓ ଆୟୋଜକଙ୍କ ସହ ହକୀ ଖେଳାଳି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୩ ନଭେମ୍ବର, ୨୦୧୯



ବେଇମାନି ହେଉଛି ସମସ୍ତ ପାପର ଜନନୀ।
-ଶିରିଡ଼ି ସାଇବାବା



**ସଂକ୍ଷେପରେ**

## ପିଲାଙ୍କ ସହ ଡଙ୍ଗାରେ ବୁଲିଲେ କେନ୍ଦ୍ରମନ୍ତ୍ରୀ



ସଜନାଗଡ଼, ୧୨।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ମହାସମାରୋହରେ ପାଳିତ ହୋଇଛି। ଭୋର୍ ସମୟରେ ମହିଳାମାନେ ସ୍ନାନ କରି ବିଭିନ୍ନ ଜଳାଶୟରେ ବୋଇତ ଭସାଇଥିଲେ। କାଠପାଳ ଅଞ୍ଚଳର ସୋନ ନଦୀରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଆରା ଢଙ୍ଗରେ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରିଛନ୍ତି। ସେ କୁନି କୁନି ପିଲାଙ୍କ ସହ ନଦୀ ବାଲିରେ ଖେଳକୁଦ କରିବା ସହ ଡଙ୍ଗାରେ ବୁଲିବାର ମଜା ନେଇଥିଲେ। ଏହାସହ ନୀଳଗିରିର ବାଲିଗୋହିରି କଦମସାହି, ଘାଟଘରସାହି, ଶଙ୍କରାଖୁଣ୍ଟା, ସିମୁଳିଆ ଆଦି ସ୍ଥାନରେ ବଡ଼ ବଡ଼ ବୋଇତ ନିର୍ମାଣ କରାଯାଇ ଭସାଯାଇଛି। ବିଭିନ୍ନ ସ୍ଥାନରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟିକା

ସୁନ୍ଦରଗଡ, ୧୨।୧୧ (ଡି.ଏନ୍.ଏ.)

ସୁନ୍ଦରଗଡର ବିଧାୟିକା କୁସୁମ ଟେଟେ ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ଉପସ୍ଥିତିରେ ଏହି ସମୀକ୍ଷା ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ପ୍ରଥମେ କୃଷି ବିଭାଗର ଆଲୋଚନାରେ ବିଧାୟିକା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ସୁବିଧା, ସୁଯୋଗ ଯେଉଁଳି ଚାଷୀମାନେ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ। ସୁନ୍ଦରଗଡ ସହରର ସମସ୍ତ ଗଳିକନ୍ଦିରେ ରାସ୍ତାଘାଟ ଠିକ୍ କରାଯିବା ଓ ଆଲୋକୀକରଣ, ଡ୍ରେନେଜ୍ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ସହର ବାହାରେ ପକାଇବା, ବେଆଇନ ପାର୍କିଂ, ରାସ୍ତା ଉପରେ ଗୋରୁ ଗାଈଙ୍କ ଯୋଗୁ ହେଉଥିବା ଦୁର୍ଘଟଣାକୁ ରୋକିବା ପାଇଁ ପଦକ୍ଷେପ ନେବା ସହ ନୂତନ ମାଷ୍ଟର



ସୁନ୍ଦରଗଡ଼ ପ୍ରଗତି ମଣ୍ଡପଠାରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ସରକାରୀ ଅଧିକାରୀମାନେ।

ପ୍ଲାନ ତିଆରି କରି ସ୍ୱେରେଜ ବ୍ୟବସ୍ଥା ମାଧ୍ୟମରେ ବର୍ଷାଜଳ ନିଷ୍କାସନ ପାଇଁ ପୌରପାଳିକା ଓ ପୂର୍ତ୍ତ ବିଭାଗକୁ ଅନୁରୋଧ କରିଥିଲେ। ସେହିପରି ପୂର୍ତ୍ତ ବିଭାଗ ସୁନ୍ଦରଗଡ ସହରର ୪ଟି ମୁଖ୍ୟ ରାସ୍ତାର ପ୍ରଶସ୍ତୀକରଣ ସହ ରକ୍ଷାଣବେକ୍ଷଣ ଏବଂ ରାଜ୍ୟ ରାଜପଥ ନଂ୧୦ରୁ ଡାଇରି ଫାର୍ମକୁ ଆସିଥିବା ରାସ୍ତାର ପ୍ରଶସ୍ତୀକରଣ ମହେଶଡିହିରୁ ସରକାରୀ ମହାବିଦ୍ୟାଳୟ ବାଇପାସକୁ ଏକ ନୂତନ ରାସ୍ତା ନିର୍ମାଣ କରାଯିବା ପାଇଁ ବିଧାୟିକା ଅନୁରୋଧ କରିବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରତ୍ୟେକ ପଞ୍ଚାୟତରୁ ବ୍ଲକ, ସଦର ମହକୁମାକୁ ସଂଯୋଗ ପାଇଁ ସଭାରେ ଆଲୋଚନା କରିଥିଲେ । ସେହିପରି ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବେଆଇନ୍ ମଦ କାରବାର ବନ୍ଦ କରିବା ସହ ଲୋକଙ୍କୁ ଏନେଇ ସଚେତନ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ ଡାକ୍ତରଖାନାରେ ଡାଇଲିସିସ ୱାର୍ଡ ଓ ରୋଗୀଙ୍କୁ ସୂଚନା ପାଇଁ ଡିଜିଟାଲ ବୋର୍ଡ ବ୍ୟବସ୍ଥା ପାଇଁ ଦାବି କରିଥିଲେ । ଏତଦ ବ୍ୟତୀତ ଶିଳ୍ପ ଓ ଖଣି ଯୋଗୁ ବିସ୍ଥାପିତ ହୋଇଥିବା ଲୋକମାନଙ୍କୁ ମୌଳିକ ସୁବିଧା ପ୍ରଦାନ ସହ ବିସ୍ଥାପିତ ଆଗରୁ ଜମି ଅଧିଗ୍ରହଣ ପୂର୍ବରୁ ସମସ୍ତ ବ୍ୟବସ୍ଥା ପ୍ରଦାନ କରାଯିବାକୁ ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ଶିଳ୍ପସଂସ୍ଥା ଓ କମ୍ପାନୀର ମୁଖ୍ୟମାନଙ୍କୁ ଅନୁରୋଧ କରିଥିଲେ । ଏପରିକି ଶିଳ୍ପସଂସ୍ଥା ଓ କମ୍ପାନୀମାନେ ଗୋଟିଏ ଲେଖାଏଁ ପଞ୍ଚାୟତକୁ ପୌଷ୍ୟ ପଞ୍ଚାୟତ ଭାବେ ଗ୍ରହଣ କରି ଆଦର୍ଶ ପଞ୍ଚାୟତ ଗଠନ କରିବାକୁ କହିଥିଲେ। ସୁନ୍ଦରଗଡ ଜିଲା ତୁମୁଲିଆ ଓ ଦର୍ଲିପାଲି ବିଦ୍ୟାଳୟ ଯେଭଳି କ୍ଷତିଗ୍ରସ୍ତ ହୋଇଛି ତାହାର ଉନ୍ନତୀକରଣ କରାଯିବା,କମ୍ପାନୀମାନେ ତାଙ୍କର ପାରିପାର୍ଶ୍ୱିକ ପାଣ୍ଠିରେ ଶିକ୍ଷାବ୍ୟବସ୍ଥାକୁ ଗୁରୁତ୍ୱ ଦେବା, ଖରାଦିନେ ଉପୁଜିଥିବା ଜଳସଙ୍କଟର ସମାଧାନ ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବା, ବିସ୍ଥାପିତ ଯୋଗୁ ଜୀବିକା ହରାଇଥିବା ସ୍ଥାନୀୟ ବେକାର ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ ପାଇଁ ବିଧାୟିକା ଦାବି କରିଥିଲେ। ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଦିଲ୍ଲୀପ ପଟେଲ, ଅସୀମ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷି, ଆଇନଶୃଙ୍ଖଳା ପ୍ରସଙ୍ଗ ନେଇ ସରକାରଙ୍କୁ ଘେରିବ କଂଗ୍ରେସ

ଭୁବନେଶ୍ୱର, ୧୨।୧୧ (ବ୍ୟୁରୋ)

କୃଷି, କୃଷକ ସମସ୍ୟା, ବେକାରି, ଆଇନଶୃଙ୍ଖଳା, ନାରୀ ସୁରକ୍ଷା, ଦୁର୍ନୀତି ଆଦି ପ୍ରସଙ୍ଗକୁ ନେଇ କଂଗ୍ରେସ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛି। ମଙ୍ଗଳବାର ଅପରାହ୍ନରେ ବିଧାନସଭା ପରିସରରେ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧକ୍ଷତାରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଶେଷରେ ଗଣମାଧମକୁ ସୂଚନା ଦେଇ ନରସିଂହ କହିଛନ୍ତି, ରାଜ୍ୟରେ କୃଷି ଓ କୃଷକର ଅବସ୍ଥା ଭଲ ନାହିଁ। ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି। ୫-ଟି ପ୍ରହସନ ପାଲଟିଛି। ମୁଖ୍ୟମନ୍ତ୍ରୀଙ୍କୁ ଆହ୍ୱାନ କରିବୁ। କେଉଁଠି ପିସି କାରବାର ହେଉଛି ତାହା ଆମେ ପ୍ରମାଣ ଦେବୁ ବୋଲି ସେ କହିଛନ୍ତି। ରାଜ୍ୟରେ ନାବାଳିକା ନିର୍ଯାତନା ସୀମା ଟପିଲାଣି। ସ୍କୁଲରେ ଶିକ୍ଷକ, ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ବେକାରି ସମସ୍ୟା ଚରମ ସୀମାରେ ପହଞ୍ଚିଲାଣି। ନିଯୁକ୍ତି ନ ପାଇ ବେକାର ଯୁବକମାନେ ନିଶାଗ୍ରସ୍ତ ହେଉଛନ୍ତି। କାମଧନ୍ଦା ନ ପାଇ ଗରିବ ଲୋକମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏଥିସହିତ ଯାଜପୁର ଜିଲାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ଆତ୍ମହତ୍ୟା ପ୍ରସଙ୍ଗକୁ ନେଇ ସରକାରଙ୍କ ଠାରୁ କୈଫିୟତ ତଲବ କରାଯିବ ବୋଲି ନରସିଂହ କହିଛନ୍ତି। ବଲାଙ୍ଗୀର ଜିଲାରେ ଗୋଟିଏ ଦିନରେ ୫୯୦ ମିଲିମିଟର ବର୍ଷା ହେଲା। ବନ୍ୟା ପରିସ୍ଥିତି ସୃଷ୍ଟି ହେଲା।

# ଜାଲ୍ ସାର୍ଟିଫିକେଟ୍‌ରେ ଡାକ୍ତର

ସୁନ୍ଦରଗଡ,୧୨।୧୧ (ଡି.ଏନ୍.ଏ.)

■ ୩ବର୍ଷ ହେଲା ସରକାରୀ ଡାକ୍ତରଖାନାରେ ନିଯୁକ୍ତି ପାଇଥିଲେ

■ ଧରିତ୍ରୀରେ ଖବର ପ୍ରକାଶ ପରେ ତତ୍ପରତା



ଜାଲ ସାର୍ଟିଫିକେଟ ଦେଇ ଜଣେ ବ୍ୟକ୍ତି ଗତ ୩ବର୍ଷ ଧରି ସରକାରୀ ଡାକ୍ତର ଭାବେ ଚାକିରି ପାଇ ରୋଗୀସେବା କରୁଥିଲେ । ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ଧରିତ୍ରୀରେ ଏକ ରିପୋର୍ଟ ସେପ୍ଟେମ୍ବର ୨୭ ତାରିଖରେ ପ୍ରକାଶ ପାଇଥିଲା। ଏବେ ସୂଚନା ଅଧିକାର ଆଇନ ବଳରେ ସେହି ଡାକ୍ତରଙ୍କ ଜାଲ୍ ସାର୍ଟିଫିକେଟ୍ ତଥ୍ୟ ପଦାକୁ ଆସିଛି। ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ଡା.ପଦ୍ମନାଭ ମୁଖୀ ବାରୁଆ ନାମକ ଏହି ନକଲି ଡାକ୍ତରଙ୍କୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି।

ଜାଲ ସାର୍ଟିଫିକେଟରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ନୂଆଗାଁ ଅଞ୍ଚଳବାସୀଙ୍କ ତରଫରୁ ସୁନ୍ଦରଗଡ଼ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ଡାକ୍ତରୀ ସାର୍ଟିଫିକେଟ ଜାଲ୍ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି । ୨୦୧୬ ରେ ଏହି ଡାକ୍ତରଙ୍କୁ ନିଯୁକ୍ତି ପ୍ରଦାନ ବେଳେ ସାର୍ଟିଫିକେଟଗୁଡିକୁ ଠିକ ଭାବେ ଯାଞ୍ଚ କରା ନ ଯାଇ କିଭଳି ତାଙ୍କୁ ନିଯୁକ୍ତି ଦିଆ ଯାଇଥିଲା ସେ ନେଇ ସ୍ୱାସ୍ଥ୍ୟ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଭିଯୋଗ ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତରଫରୁ ସମ୍ପୃକ୍ତ ଡାକ୍ତରଙ୍କ ଡାକ୍ତରୀ ଶିକ୍ଷା ସାର୍ଟିଫିକେଟର ବୈଧତା ସମ୍ପର୍କରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖାଯାଇଛି । ଏଥିସହିତ ସମ୍ପୃକ୍ତ ଡାକ୍ତର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜରୁ ଡାକ୍ତରୀ ପାସ୍ ପରେ ଓଡ଼ିଶା ମେଡିକାଲ କାଉନସିଲରେ ନାମ ପଞ୍ଜୀକରଣ ନ କରି କିଭଳି ବିହାର ମେଡିକାଲ କାଉନସିଲରେ ନାମ ପଞ୍ଜୀକରଣ କଲେ ତାହା ସନ୍ଦେହ ଘେରରେ ରହିଛି। ଏଥିସହିତ ଅଲ ଇଣ୍ଡିଆ ମେଡିକାଲ କାଉନସିଲରେ ତାଙ୍କ ନାମ ପଞ୍ଜୀକରଣ ହୋଇଛି କି ନାହିଁ ସେ ସମ୍ପର୍କରେ ଜାଣିବା ପାଇଁ ଚିଠି ଲେଖା ଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର ପ୍ରକାଶ କରିଛନ୍ତି। ଡା. ପଦ୍ମନାଭ ମୁଖୀ ବାରୁଆ ନାମଧାରୀ କୌଣସି ଛାତ୍ର ୨୦୦୨ ମସିହା ଫାଇନାଲ କିମ୍ବା ସପ୍ଲିମେଣ୍ଟାରୀ ଏମ୍‌ବିବିଏସ୍ ପରୀକ୍ଷା ଦେଇ ନ ଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡିଛି । ଏହି ଘଟଣା ଜଣାପଡିବା ପରେ ସମ୍ପୃକ୍ତ ଡାକ୍ତର ଛୁଟିରେ ଥିବାରୁ ତାଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କୁ ଭେଟିଲେ ସରକାରୀ କଲେଜ ପ୍ରତିନିଧି

ସୁନ୍ଦରଗଡ,୧୧।୧୧(ଡି.ଏନ୍.ଏ.)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ୨୦୧୭ରେ ପଶ୍ଚିମ ଓଡିଶା ବିକାଶ ପରିଷଦର ତତ୍କାଳୀନ ଅଧ୍ୟକ୍ଷ କିଶୋର ମହାନ୍ତି ୫୦୦ ଆସନ ବିଶିଷ୍ଟ ଅଡିଟୋରିୟମ ନିର୍ମାଣ ସକାଶେ ୨କୋଟି ୩୩ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଉକ୍ତ ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇ ନାହିଁ। ଏଣୁ ଟଙ୍କା ଫେରାଇ ଦେବାକୁ ପତ୍ର ମିଳିଛି। ଏହାକୁ ନେଇ କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିରାଶା ଭାବ ସୃଷ୍ଟି ହୋଇଛି। ଏହି କାର୍ଯ୍ୟର ପୁନଃ ସଫଳ ରୂପାୟନ ପାଇଁ ସୁନ୍ଦରଗଡ ଗସ୍ତରେ ଆସିଥିବା ବର୍ତ୍ତମାନର ନବନିଯୁକ୍ତ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ସୁବାସ ଚୌହାନଙ୍କୁ ସ୍ଥାନୀୟ ସର୍କିଟ ହାଉସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶ, କର୍ମଚାରୀ ପ୍ରଦୀପ ବହିଦାର, ପୂର୍ବତନ ଛାତ୍ର ଜୟନାରାୟଣ ତ୍ରିପାଠୀ ପ୍ରମୁଖ ସାକ୍ଷାତ କରି ଦୃଷ୍ଟି ଆକର୍ଷଣ କରିଥିଲେ। ଅଧ୍ୟକ୍ଷ ଚୌହାନ ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରି ଯଥା ଶୀଘ୍ର ଏହି କାର୍ଯ୍ୟର ସଫଳ ରୂପାୟନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।



ସର୍କିଟ ହାଉସରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ସୁବାସ ଚୌହାନଙ୍କୁ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ, କର୍ମଚାରୀ, ପୁରାତନ ଛାତ୍ର ପ୍ରତିନିଧି ମଣ୍ଡଳୀ ସାକ୍ଷାତ ଆଲୋଚନା କରୁଛନ୍ତି।

ଆ କା ମା ବୈ ଧ୍ୱନିରେ ମୁଖରିତ ଇବ୍ ନଦୀ ପଠା

# ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼

ସୁନ୍ଦରଗଡ, ୧୨।୧୧ (ଡି.ଏନ୍.ଏ.)

ମଙ୍ଗଳବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅତୀତର ଉତ୍କଳୀୟ ସମୃଦ୍ଧି ନୌବାଣିଜ୍ୟ ପରମ୍ପରାର ସ୍ମୃତିକୁ ମନେ ପକାଇ ସୁନ୍ଦରଗଡ ସମେତ ଜିଲାର ବିଭିନ୍ନ ନଦୀ, ପୁଷ୍କରିଣୀ, ଜଳାଶୟ ଗୁଡିକରେ ଶ୍ରଦ୍ଧାଳୁ ଭୋରରୁ ଉଦିତ ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରି ଡଙ୍ଗା ଭସାଇଥିଲେ । ସୁନ୍ଦରଗଡ ସହର ଦେଇ ପ୍ରବାହିତ ଇବ୍ ନଦୀ କୂଳରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇ ଓଡିଶାର ଏହି ପ୍ରାଚୀନ ପରମ୍ପରାକୁ ଉଜ୍ଜୀବୀତ କରିଛନ୍ତି। କଦଳୀ ପାଟୁଆ ଓ ସୋଲରେ ନିର୍ମିତ ବିଭିନ୍ନ ରଙ୍ଗବେରଙ୍ଗର ଡଙ୍ଗାରେ ପାନ, ଗୁଆ,ଦୀପ, ଫୁଲ ଦେଇ ଆ– କା– ମା – ବୈ ଧ୍ୱନୀ ଓ ହୁଳହୁଳି ଦେଇ ଶ୍ରଦ୍ଧାଳୁମାନେ ଇବ୍ ନଦୀ ଜଳରେ ଡଙ୍ଗା ଭସାଇଥିଲେ। କାର୍ତ୍ତିକବ୍ରତଧାରୀ ଶ୍ରଦ୍ଧାଳୁମାନଙ୍କ ମଙ୍ଗଳବାର ଥିଲା ବ୍ରତର ଶେଷଦିନ। ନଦୀ ପୋଖରୀ ତୁଠରେ ବାଲୁକା ଲିଙ୍ଗ ସ୍ଥାପନ କରି ପୂଜାର୍ଚ୍ଚନା କରି ବ୍ରତକୁ ଉଦ୍‌ଯାପିତ କରିଥିଲେ। ଘଣ୍ଟ, ଶଙ୍ଖ, ହୁଳହୁଳି ଓ ଆ କା ମା ବୈ ଧ୍ୱନୀରେ ମୁଖରିତ ହୋଇଉଠିଥିଲା ଇବ୍ ନଦୀ ପଠା । ଏହାପରେ ଶ୍ରଦ୍ଧାଳୁମାନେ ବିଭିନ୍ନ ଦେବାଳୟରେ ପୂଜାର୍ଚ୍ଚନା କରି ଘରକୁ ଫେରିଥିଲେ। ଏଥିପାଇଁ ବିଭିନ୍ନ ମନ୍ଦିର ଗୁଡିକରେ ସ୍ୱତନ୍ତ୍ର ମେଳା ବସି ଥିବାବେଳେ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା ।



ଇବ୍ ନଦୀ ପଠାରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଡଙ୍ଗା ଭସାଯାଉଛି ।

■ ଗୁରୁନାନକଙ୍କ ଜୟନ୍ତୀ ଅବସରରେ ଶୋଭାଯାତ୍ରା

# ଭାଇଚାରାର ବାର୍ତ୍ତା ଦେଲା ଶିଖ୍, ମୁସଲିମଙ୍କ ସମ୍ପର୍କ

ସମ୍ବଲପୁର, ୧୨।୧୧ (ବ୍ୟୁରୋ)

ଗୁରୁନାନକଙ୍କ ୫୫୦ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଛି । ପରମ୍ପରା ଓ ରୀତିନୀତି ଅନୁସାରେ ବିଭିନ୍ନ ଗୁରୁଦ୍ୱାରାରେ ପ୍ରାର୍ଥନା ଏବଂ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ଲଙ୍ଗର ସେବା କରାଯାଇଥିଲା । ଅପରାହ୍ନରେ ଶିଖ୍ ଧର୍ମାବଲମ୍ବୀମାନେ ପାଞ୍ଚଗୋଛିଆ ନିକଟସ୍ଥ ଗୁରୁଦ୍ୱାରାଠାରୁ ଶୋଭାଯାତ୍ରାରେ ବାହାରି ଥିଲେ। ଅଇଁଠାପାଲି ଛକ, ଅଇଁଠାପାଲି ତଳିଛକ, ଏସଆରଆଇଟି କଲୋନୀ ଛକ, ଜଗନ୍ନାଥ କଲୋନୀ ଛକ, ବୁଢ଼ାରଜା, ଫାଟକ, ଗଙ୍ଗାଧର ମେହେର କଲେଜ ଛକ, ମୁଦିପଡା ପାଣିଟାଙ୍କି ଛକ ପରିକ୍ରମା କରି ଗୁରୁଦ୍ୱାରାଠାରେ ପହଞ୍ଚିଥିଲା । ଶିଖ୍ ଧର୍ମର ଗ୍ରନ୍ଥ ସାହେବକୁ ସୁସଜ୍ଜିତ ରଥରେ ଆରୁଢ଼ କରାଯାଇଥିଲା। ରଥ ସମ୍ମୁଖରେ ପଞ୍ଚପ୍ୟାରା ସାମିଲ ଥିଲେ। ପଞ୍ଚପ୍ୟାରା ସମ୍ମୁଖରେ ଭକ୍ତମାନେ ପାଣି ସିଞ୍ଚନ କରି ରାସ୍ତା ସଫା କରିଥିଲେ । ମହିଳା ଓ ପୁରୁଷ ଭକ୍ତମାନେ ଭଜନ ଗାନ କରି ଶୋଭାଯାତ୍ରାରେ ସାମିଲ ଥିଲେ । ରଙ୍ଗୀନ ଆତସବାଜିରେ ଶୋଭାଯାତ୍ରା ପଥ ପ୍ରକମ୍ପିତ ହୋଇଥିଲା। ଇସଲାମ ଧର୍ମାବଲମ୍ବୀମାନେ ବିଭିନ୍ନ ଛକଠାରେ ଶୋଭାଯାତ୍ରାକୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରସ୍ପର ମଧ୍ୟରେ ଗୁରୁନାନକ ଜୟନ୍ତୀ ଶୁଭେଚ୍ଛା ଜଣାଇଥିଲେ । ଏଥିସହ ସମସ୍ତ ଭକ୍ତମାନଙ୍କୁ ଚା, ସରବତ, ପାଣି ବଣ୍ଟନ କରାଯାଇଥିଲା। ଏହି ପରମ୍ପରା ସମ୍ବଲପୁରରେ ଭାଇଚାରାର ପ୍ରତୀକ ସୃଷ୍ଟି କରିବା ସହ ପ୍ରେମର ବାର୍ତ୍ତା ଦେଇଛି।

# ତୈଳିକ ବୈଶ୍ୟ, ମଧୁବୈଶ୍ୟ ସମାଜର ବୋଇତବନ୍ଦାଣ ଉତ୍ସବ

ବଡଗାଁ, ୧୨।୧୧ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ଓ ମଧୁବୈଶ୍ୟ ସମାଜର ମିଳିତ ଆନୁକୂଲ୍ୟରେ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ବଡଗାଁ ଦେବ ମଣ୍ଡପଠାରେ ବୋଇତ ପୂଜା ଓ ଉତ୍କଳର ନୌ ବାଣିଜ୍ୟ ପରମ୍ପରା ସ୍ମୃତିରେ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଶଙ୍କର ପ୍ରସାଦ ତ୍ରିପାଠୀ, ତୈଳିକ ସମାଜର ସଭାପତି ମାୟାଧର ବେହେରା, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ନିତ୍ୟାନନ୍ଦ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଛବିଳ ସେଠ, ଅଧ୍ୟାପକ ହେମନ୍ତ ପଣ୍ଡା, ଅବସରପ୍ରାପ୍ତ ଅଧ୍ୟାପକ ହରିଶ୍ଚନ୍ଦ୍ର ପୃଷ୍ଟି ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚକ୍ରଧର ପୃଷେଟ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାତଃରେ ନବନିର୍ମିତ ଡଙ୍ଗାକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଭଦ୍ରି ବିଶାଳ ପୋଖରୀରେ ସାମୂହିକ ବନ୍ଦାପନା କରି ଭସା ଯାଇଥିଲା। କହ୍ନେଇଚରଣ ସା, ରେଣୁକାନ୍ତ ସା, ଗୌରାଙ୍ଗଚରଣ ନାଏକ, ଅଚ୍ୟୁତାନନ୍ଦ ସାହୁ, ଲୋଚନାଥ ପୃଷେଟ, ଗୌରାଙ୍ଗ ପୃଷେଟ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।



ବଡ଼ଗାଁ ତୈଳିକ ବୈଶ୍ୟ, ମଧୁବୈଶ୍ୟ ସମାଜର ବୋଇତବନ୍ଦାଣ ଉତ୍ସବରେ ସାମିଲ ହୋଇଥିବା ସମାଜର ଲୋକମାନେ।

ବେକାର ଯୁବତୀ ଯୁବକଙ୍କୁ ଶିକ୍ଷା, ନିଯୁକ୍ତି ଦାବି

# ଡିୱାଇଏଫଆଇର ଆନ୍ଦୋଳନ ନିଷ୍ପତ୍ତି

ରାଉରକେଲା ଅଫିସ, ୧୨।୧୧

ସମସ୍ତଙ୍କୁ ଶିକ୍ଷା ଓ ଶିକ୍ଷା ଶେଷରେ ନିଯୁକ୍ତି ଦାବିରେ ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୁବ ବିରୋଧୀ ନୀତି ବିରୋଧରେ ଯୁବ ସମାଜକୁ ସଙ୍ଗଠିତ ଓ ସଚେତନ କରିବା ପାଇଁ ସୁନ୍ଦରଗଡ ଜିଲାରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ହୋଇଛି। ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନର ମଙ୍ଗଳବାର ସାରନଗରୀ ପାଣିଟାଙ୍କି ଛକରେ ଅନୁଷ୍ଠିତ ବୈଠକରେ ରଘୁନାଥପାଲି ଆଞ୍ଚଳିକ ସମ୍ମିଳନୀରେ ଏପରି ଆହ୍ୱାନ ଦିଆଯାଇଛି। ଏହି ସମ୍ମିଳନୀକୁ ସଙ୍ଗଠନର ଜିଲା ସଭାପତି ତଥା ରାଜ୍ୟ କମିଟି ଉପସଭାପତି ରାଜକିଶୋର ପ୍ରଧାନ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରରେ କ୍ଷମତାସୀନ ମୋଦି ସରକାର ବର୍ଷକୁ ୨ କୋଟି ନିଯୁକ୍ତ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସରକାରଙ୍କ ଭୁଲ୍ ନୀତି ଯୋଗୁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ପରିବର୍ତ୍ତେ ଛଟେଇ ହେଉଛି। ଜିଲାରେ ଥିବା କଳକାରଖାନା ବନ୍ଦ ହେବାକୁ ବସିଲାଣି। ଫଳରେ ବେକାରୀ ସମସ୍ୟ ଉତ୍କଟ ରୂପ ଧାରଣ କରୁଛି। ଫଳସ୍ୱରୂପ ଯୁବ ସମାଜ ଭୁଲ୍ ବାଟରେ ଯାଉଛନ୍ତି। ଧର୍ମ ଓ ଜାତି ନାମରେ ଯୁବ ସମାଜ ମଧ୍ୟରେ ବିଦ୍ୱେଷ ଭରି ଦିଆଯାଉଛି ବୋଲି ପ୍ରଧାନ କହିଥିଲେ। ଅନ୍ୟ ପକ୍ଷେ ରାଜ୍ୟର ବିଜେଡି ସରକାର ମଧ୍ୟ ବେକାରୀ ସମସ୍ୟା ଦୂର ପାଇଁ କୌଣସି ଯାଜନା କାର୍ଯ୍ୟକାରୀ କରୁନି। କେବଳ ଭୋଟବ୍ୟାଙ୍କ ପାଇଁ ଶସ୍ତା ଯୋଜନା ପ୍ରଣୟନ କରୁଥିବା ସେ ଅଭିଯୋଗ କରିଥିଲେ। ଏହା ବିରୋଧରେ ଯୁବ ସମାଜକୁ ସଙ୍ଗଠିତ କରିବା ସହ ଆଗାମୀ ୧୩ ତାରିଖରେ ଜିଲା ସମ୍ମିଳନୀ ଓ ଡିସେମ୍ବର ୭, ୮ ତାରିଖରେ ପାରଳାଖେମୁଣ୍ଡିରେ ହେବାକୁ ଥିବା ରାଜ୍ୟ ସମ୍ମିଳନୀରେ ଯୋଗଦେବା ପାଇଁ ଆହ୍ୱାନ ଜଣାଇଥିଲେ। ଜିଲା ସଭାପତି ବିନୟ ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଉରକେଲା ସଭାପତି ଶେଖର ଶର୍ମା, ହୃଦୟାନନ୍ଦ ଯାଦବ, ଶ୍ରମିକନେତା ବି.ପି. ମହାପାତ୍ର, ଅରୁ ଦାସ, କିଶୋର ତନ୍ତୀ, ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଗାମୀ ୩ ବର୍ଷ ପାଇଁ ଏକ ୧୩ ଜଣିଆ ସାଙ୍ଗଠାନିକ କମିଟି ଗଠନ କରାଯାଇଥିଲା।



ମଙ୍ଗଳବାର ସାରନଗରୀ ପାଣିଟାଙ୍କି ଛକରେ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନର ବୈଠକ ବସିଛି।